ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୩୦/୨୦୧୮ (୨୦ ପୃଷ୍ଠା) Sambalpur, Tuesday, October 30/ 2018 | ★★

୧୪ଶ ଭାଗ ୩୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ରୋହିତ୍ ରାଜ୍: ଭାରତର ବୃହତ୍ ବିଜୟ

ରୋହିତ ଶର୍ମା ଓ ଅମ୍ବାତି ରାୟୁଡୁଙ୍କ ଶତକ ସହାୟତାରେ ଭାରତ ସୋମବାର ଅନୁଷ୍ଠିତ ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୨୨୪ ରନରେ ପରାସ୍ତ କରିଛି।

୧୩୦୭

ପ୍ରାକ୍-ପରିଣୟ ଉତ୍ସବ ପାଳିଲେ ପ୍ରିୟଙ୍କା।

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନ୍ୟୁୟର୍କଠାରେ ରବିବାର ପ୍ରାକ୍-ପରିଣୟ ଉତ୍ସବ ପାଳନ କରିଛନ୍ତି।

DSPL-223

ODISHA INDIA'S BEST KEPT SECRET | BEATS FOR HOCKEY | ODISHA HOCKEY MEN'S WORLD CUP BHUBANESWAR 2018 | OMC | HOCKEY INDIA | nSWIS

#HWC2018 #Odisha2018

29001/13/0051/1819

ଓଡିଶା - ନିୟୁ ସାଉଥ୍ ୱେଲ୍ସ୍ ହକି ସିରିଜ୍

ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍ସ୍ ଏକାଦଶ

ନିଃଶୁଳ୍କ ପ୍ରବେଶ
ସୀମିତ ଉପଲବ୍ଧ

କଳିଙ୍ଗ ହକି ଷ୍ଟାଡିୟମ
୧ ନଭେମ୍ବର ୨୦୧୮, ସନ୍ଧ୍ୟା ଘ ୬ ଟିକା

ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:
୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା । ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ

Sports_odisha | sports.odisha | www.hockey.sportsodisha.gov.in

ଜାଭା ସମୁଦ୍ରରେ ଖସିଲା ଲାୟନ୍ ଏୟାର: ୧୮୯ ମୃତ

ଜାକର୍ତ୍ତା/ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଇଣ୍ଡୋନେସିଆରେ ପୁଣି ଏକ ବିପତ୍ତି ସଭିଙ୍କୁ ସ୍ତବ୍ଧ କରିଛି। ଯାତ୍ରୀବାହୀ ଲାୟନ୍ ଏୟାର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜାଭା ସମୁଦ୍ରରେ ଖସିପଡ଼ିବା ଯୋଗୁ ୧୮୯ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ଜଣେ ଭାରତୀୟ ପାଇଲଟ ଅଛନ୍ତି। ସେ ହେଉଛନ୍ତି ଦିଲ୍ଲୀ ନିବାସୀ ଭବ୍ୟେ ସୁନେଜା (୩୧)। ସେ ଜେଟ୍୭୧୦ ବିମାନର ଉଡ଼ାଣ କରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ସମୁଦ୍ରର ଅଥଳ ଜଳରେ ବିମାନ ଖସିପଡ଼ିବା ପରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଯାଇଥିଲା। ଅନେକ ମାନବ ଦେହାବଶେଷ ମିଳିଥିବା ସୋମବାର ଉଦ୍ଧାରକାରୀ ଦଳ କହିଛନ୍ତି। ରାତି ତମାମ୍ ସନ୍ଧାନକାର୍ଯ୍ୟ ଜାରି ରହିବ।

ସୋମବାର ସକାଳେ ବୋଇଂ ୭୩୭ ମାକ୍ସ ୮ ବିମାନ ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରୁ ପାଙ୍ଗକଲ୍ ପିନାଙ୍ଗ୍ ସିଟି ଅଭିମୁଖେ ଉଡ଼ାଣ କରୁଥିଲା। ଉଡ଼ାଣ ଆରମ୍ଭ କରିବାର ୧୩ ମିନିଟ୍ ପରେ ଅର୍ଥାତ୍ ପାଖାପାଖି ୬ଟା ୩୦ରେ ତାହା ରାଡାର ବାହାରକୁ ଚାଲିଯାଇଥିଲା। ଅଚାନକ ବିମାନଟି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯିବାରୁ ତାହାର ସନ୍ଧାନ ଲାଗି ଅଭିଯାନ ଆରମ୍ଭ ହୋଇଗଲା। କେରାଓ୍ୱାଙ୍ଗ୍ ନିକଟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଜାଭା ସମୁଦ୍ରରେ ଖସିପଡ଼ିଥିବା ଜଣାପଡ଼ିଲା। ତେବେ ବିପଦ ଆଶଙ୍କା କରି ଉକ୍ତ ☞ପୃଷ୍ଠା–୪

ଇଣ୍ଡୋନେସିଆରେ ବିମାନ ଦୁର୍ଘଟଣା

- ଜାକର୍ତ୍ତାରୁ ପାଙ୍ଗକଲ୍ ପିନାଙ୍ଗ୍ ସିଟିକୁ ଉଡ଼ାଣ କରୁଥିଲା ବୋଇଂ ୭୩୭ ମାକ୍ସ ୮
- ୧୩ ମିନିଟ ପରେ ହେଲା ଅନ୍ତର୍ଦ୍ଧାନ
- ସମୁଦ୍ରରେ ଖସିପଡ଼ିଥିବା ଜଣାପଡ଼ିବା ପରେ ଚାଲିଛି ସନ୍ଧାନକାର୍ଯ୍ୟ
- ମିଳିଛି ଅନେକ ଦେହାବଶେଷ ଓ ବିମାନର ଭଗ୍ନାଂଶ
- ମୃତକଙ୍କ ମଧ୍ୟରେ ଅଛନ୍ତି ଭାରତୀୟ ପାଇଲଟ ସୁନେଜା

■ ହାଇକୋର୍ଟ ପରିସର ଅଶାନ୍ତ

ଆଇନଜୀବୀ ହାତାହାତି

କଟକରେ ଆଇନଜୀବୀଙ୍କ ବିବାଦ ଚରମ ସୀମାରେ ପହଞ୍ଚିଛି। ହାଇକୋର୍ଟ ଇତିହାସରେ ଯାହା କେବେ ଘଟି ନ ଥିଲା କିମ୍ବା ଘଟିବ ବୋଲି ଆଶା କରାଯାଉ ନ ଥିଲା ତାହା ସୋମବାର ଘଟିଛି। ଅଶାନ୍ତ ହୋଇପଡିଥିଲା ଏହି ସମ୍ବେଦଳଶୀଳ ତଥା ଜିରୋ ଟଲେରାନ୍ସ ଜୋନ୍। ସକାଳ ୧୦ଟାରେ ହାଇକୋର୍ଟ ପରିସରର ଦୃଶ୍ୟ କୌଣସି ରଣକ୍ଷେତ୍ରର ଦୃଶ୍ୟଠାରୁ କମ୍ ନ ଥିଲା। ଦୁଇପାର୍ଶ୍ୱରେ ବିଭକ୍ତ ଥିବା ଓକିଲମାନେ ପରସ୍ପରକୁ ମୁକାବିଲା କରିବା ମୁଦ୍ରାରେ ପ୍ରସ୍ତୁତ ଥିଲେ। ଗୋଟିଏ ପକ୍ଷ ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟ ଗୋଟିଏ ପକ୍ଷ ବିରୋଧ କରୁଥାନ୍ତି। ଆରମ୍ଭ ହେଲା ଧସ୍ତାଧସ୍ତି, ମୁଥ ମରାମରି। ଏଥିରେ ବିଜେଡି ଆଇନଜୀବୀ ସାଙ୍ଗୁଖ୍ୟର ଆବାହକ ତଥା ଆଡଭୋକେଟ ମିଲନ କାନୁନ୍‌ଗୋ, ମୁଖ୍ୟ ଉପଦେଷ୍ଟା ଆଡଭୋକେଟ ଅସିମ ଅମିତାଭ ଦାସ, ସଦସ୍ୟ ଆଡଭୋକେଟ ଅନନ୍ତ ପଟ୍ଟନାୟକ ଓ ସରୋଜ ସାମଲଙ୍କ ସମେତ ୭ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ପୋଲିସ କନଷ୍ଟେବଳ ରହିଛନ୍ତି। ଆହତ କନଷ୍ଟେବଳ ହେଉଛନ୍ତି ସତ୍ୟନାରାୟଣ ଛୁଆଲସିଂ। ଚିକିତ୍ସା ନିମନ୍ତେ ତାଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିପରି ଆନ୍ଦୋଳନକାରୀଙ୍କ ପକ୍ଷରୁ ମହିଳା ଆଡଭୋକେଟ ବିଷ୍ଣୁପ୍ରିୟା ବେହେରା ଆହତ ହୋଇଥିବା ଖବର ମିଳିଛି। ଅନ୍ୟପକ୍ଷରେ ଏହି ଆନ୍ଦୋଳନରେ ମଙ୍ଗଳାବାଗ ଅଞ୍ଚଳର ସନ୍ତୋଷ ନିମାଇଁ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସନ୍ତୋଷ ଶିଶୁଭବନ ଯାଉଥିବା ସମୟରେ ତାଙ୍କୁ କେତେଜଣ

୭ରୁ ଊର୍ଦ୍ଧ୍ୱ ଆହତ

ଆଇନଜୀବୀ ନିସ୍ତୁକ ମାଡ଼ ମାରିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଏହାକୁ ନେଇ ଲାଲବାଗ ଥାନାରେ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ ହୋଇଛି। ଝିମିଟି ଖେଳରୁ ମହାଭାରତ ଭଳି ଏହି ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ମଧ୍ୟ ଗରମ ହୋଇଉଠିଛି।

ଏହି ଘଟଣା ଘଟୁଥିବାବେଳେ ଅନେକ ଆଇନଜୀବୀ ନିଷ୍ଠ୍ରିୟ ହୋଇ ଦେଖଣାହାରୀ ପାଲଟିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏହି ଆନ୍ଦୋଳନ ଯୋଗୁ ସାଧାରଣ ଲୋକ ହନ୍ତସନ୍ତ ହେବା ସହିତ ଅଧିକାଂଶ ଆଇନଜୀବୀ ନିଜର ରୋଜଗାର ହରାଇଛନ୍ତି। ସେମାନଙ୍କ ମତରେ, ଏହି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ହେଲେ କେବଳ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ସମାଧାନ କରିପାରିବେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ପକ୍ଷ ଯଥା ସରକାର, ପୋଲିସ କିମ୍ବା ତଦନ୍ତ କମିଶନ କିଛି କରିପାରିବେ ନାହିଁ। ସେଥିପାଇଁ ଅଧିକାଂଶ ଆଇନଜୀବୀ ଏବେ ମୁଖ୍ୟ ବିଚାରପତି କେଉଁଭଳି ପଦକ୍ଷେପ ନେବେ ତାହା ଦେଖିବାକୁ ଅପେକ୍ଷା କରିଛନ୍ତି। ☞ପୃଷ୍ଠା–୪

ହାଇକୋର୍ଟ ପରିସରରେ ସୋମବାର ମୁହାଁମୁହିଁ ହୋଇଥିବା ଦୁଇ ଆଇନଜୀବୀ ଗୋଷ୍ଠୀ।

ଆଜିର ସମ୍ପାଦକୀୟ

ବିରଳ ବିଚାର

ଆଜିର ମନ୍ତବ୍ୟ

ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗରେ ହିନ୍ଦୁମାନେ ଅଧୈର୍ଯ୍ୟ ହୋଇପଡ଼ିଲେଣି ।

–ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ

କିଛି ତଥ୍ୟ

୨୦୧୭–୧୮ ମାର୍କେଟିଂ ବର୍ଷରେ ଦେଶରେ ଚିନି ଉତ୍ପାଦନ ସର୍ବୋଚ୍ଚ ସ୍ତରରେ ରହିବା ସହ ୩୨.୫ ନିୟୁତ ଟନ୍ ଛୁଇଁଛି।

– ଇଣ୍ଡିଆନ୍ ସୁଗାର ମିଲ୍ସ ଆସୋସିଏଶନ

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE — 29.10.2018 — Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	77	128	138
CTC	77	128	138
DKL	76	127	137
BDK	76	127	137
BLS	76	127	137
ANG	77	128	138

*Conditions Apply

Eggs Retail Price- 49/-Dozen
Issued in the Interest of Consumers

■ବରଗଡ଼ରେ ବାଘ ମୃତ୍ୟୁ ଘଟଣା।

ମନ୍ତ୍ରୀ କହିଲେ କଲରାପତରିଆ।

ବରଗଡ଼ ଅଫିସ୍, ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ବରଗଡ଼ ଜିଲା ଭଟ୍ଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ରବିବାର ଏକ ବାଘର ଗଳିତ ମୃତଦେହ ମାଟି ତଳୁ ଉଦ୍ଧାର କରାଯାଇଥିଲା। ତାହା ମହାବଳ ବାଘ ବୋଲି ସନ୍ଦେହ କରାଯାଉଥିବା ବେଳେ ସୋମବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କଲରାପତରିଆ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପିସିସିଏଫ୍ (ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ କହିଛନ୍ତି, ବ୍ୟବଚ୍ଛେଦର ପ୍ରାଥମିକ ପରୀକ୍ଷାରୁ ତାହା କଲରାପତରିଆ ବାଘ ବୋଲି ଜଣାପଡ଼ିଛି। ଅଧିକ ଜାଣିବା ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ତ୍ରିପାଠୀ କହିଛନ୍ତି।

ତେବେ ଏହାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ନିନ୍ଦା କରିବା ସହ ଘଟଣାକୁ ଚପାଇ ଦେବାକୁ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିବା ଅଭିଯୋଗ ଉଠାଇଛନ୍ତି। ଏଥିସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କୁହନ୍ତି, ସୋମବାର ଉକ୍ତ ବାଘର ମୁଣ୍ଡକୁ ଘଟଣାସ୍ଥଳରୁ ଅଣାଯିବା ପରେ ବନ ବିଭାଗ ପକ୍ଷରୁ ବିଭିନ୍ନ ପାର୍ଶ୍ୱରୁ ଏକାଧିକ ଫଟୋ ଉଠାଯାଇଥିଲା। ସେଥିରୁ ଉକ୍ତ ମୁଣ୍ଡଟି ମହାବଳ ବାଘ ବୋଲି ଜଣାପଡୁଛି। କାରଣ ମହାବଳ ବାଘର ଆଖି ଉପରେ ଓ ତଳେ ଧଳା ଚିହ୍ନ ରହୁଥିବାବେଳେ କଲରାପତରିଆ ବାଘର ଏହା ନ ଥାଏ। ମିଳିଥିବା ମୁଣ୍ଡଟିରେ ମହାବଳ ବାଘର ସମସ୍ତ ଚିହ୍ନ ରହିଥିବା ଉକ୍ତ ଫଟୋରୁ ଜଣାପଡୁଛି। କିନ୍ତୁ ବନ ବିଭାଗ ଡେରଡୁନ୍ ରିପୋର୍ଟକୁ ଅପେକ୍ଷା କରିଛି। ପୁଣି ଘଟଣା ବହୁଦିନ ତଳୁ ଘଟିଥିଲେ ମଧ୍ୟ ସ୍ଥାନୀୟ ବନ ବିଭାଗ କିପରି ଜାଣିପାରିଲାନି। ଏଥିରୁ ଠିକ୍ ଭାବେ ପାଟ୍ରୋଲିଂ ହେଉ ନ ଥିବା, ଅଧିକାରୀ ଓ କର୍ମଚାରୀମାନେ କର୍ତ୍ତବ୍ୟରେ ଢେର୍ ଅବହେଳା କରୁଥିବାରୁ ଏଭଳି ବହୁ ବନ୍ୟପ୍ରାଣୀଙ୍କ ଜୀବନ ଯାଉଛି। ପୂର୍ବତନ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କେତନ ପଟ୍ଟନାୟକ କୁହନ୍ତି, କଲରାପତରିଆ ହେଉ କିମ୍ବା ମହାବଳ ବାଘ ହେଉ ଦଣ୍ଡବିଧାନ ସମାନ ରହିଛି। ବଡ଼ କଥା ହେଲା ଏଭଳି ଅନେକ ଘଟଣା ଘଟୁଛି, କାର୍ଯ୍ୟାନୁଷ୍ଠାନ ଭୟରେ ଘଟଣାକୁ ଚପାଇ ଦିଆଯାଉଛି ବୋଲି ପଟ୍ଟନାୟକ କହିଛନ୍ତି।

- ଡେରାଡୁନ ପଠାଗଲା ନମୁନା
- କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ ବିଶେଷଜ୍ଞ
- ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ

ବାଘ ମୃତଦେହକୁ ଘଟଣାସ୍ଥଳରେ ପୋଡ଼ି ଦିଆଯାଇଛି ।

ଆଜି ବି ଉଡ଼ିଲାନି ବିମାନ

ଝାରସୁଗୁଡ଼ା ଅଫିସ,୨୯।୧୦

ଆନ୍ଦୋଳନ ହେଲା, ବିମାନବନ୍ଦର ଆଗରେ ଧାରଣା ଦିଆଗଲା, ନେତା ଅନଶନରେ ବସିଲେ, ବିଜେଡି ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ, ବିଧାୟକ ନବ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଗଲା, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍ ଜାରି କରିବା ସତ୍ତ୍ୱେ ଫଳ ଶୂନ୍ୟ ଦେଖିବାକୁ ମିଳୁଛି। ପୂର୍ବ ସୂଚନା ମୁତାବକ ସୋମବାରଠାରୁ ବିମାନ ଚଳାଚଳ ହେବ ବୋଲି କୁହାଯାଉଥିଲା। କିନ୍ତୁ ସୋମବାର ମଧ୍ୟ ଏୟାର ଓଡ଼ିଶାର ଦେଖା ମିଳିଲାନି। ବାସ୍ତବରେ ଝାରସୁଗୁଡ଼ାରୁ ଆଉ ବିମାନ ଉଡିବ କି ନାହିଁ ସେ ବାବଦରେ କେହି ବି କହିପାରୁନାହାନ୍ତି। କାରଣ ବିମାନ ସେବା ବନ୍ଦ ନେଇ ଏୟାର ଓଡ଼ିଶା କର୍ତ୍ତୃପକ୍ଷ ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦେଇନାହାନ୍ତି। କେବଳ ବୈଷୟିକ ସମସ୍ୟା ରହିଥିବା ଦର୍ଶାଇ ବିମାନ ସେବା ବନ୍ଦ ରଖିଛନ୍ତି। ଅନ୍ୟପକ୍ଷେ ଏୟାର ଓଡ଼ିଶାର ଟିକେଟ୍ କାଉଣ୍ଟର ବନ୍ଦ ହୋଇଯାଇଛି, ସମସ୍ତ କର୍ମଚାରୀ ଝାରସୁଗୁଡ଼ାରୁ ଉଭାନ ହୋଇଯାଇଛନ୍ତି । ଏଯାଏ ଟିକେଟ୍ ବୁକିଂ ପାଇଁ ଅନଲାଇନ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକ କେବଳ ଆଶା ଓ ଆଶଙ୍କାରେ ରହିଛନ୍ତି।

ମିଳିଥିବା ତଥ୍ୟ ମୁତାବକ ୨୭ ଏପ୍ରିଲ ୨୦୧୭ରେ ଆରସିଏସ୍ ଅନ୍ତର୍ଗତ ଉଡାନ୍ ଯୋଜନା ଆରମ୍ଭ ହୋଇଥିଲା । ସେଦିନଠାରୁ ୨୩ ସେପ୍ଟେମ୍ବର ୨୦୧୮ ମଧ୍ୟରେ ଉଡାନ୍ ଯୋଜନାରେ ଦେଶର ୪.୫ ଲକ୍ଷ ଯାତ୍ରୀ ବିମାନସେବାର ଲାଭ ଉଠାଇଥିବା ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ତଥ୍ୟରୁ ସ୍ପଷ୍ଟ ହୋଇଛି । ଲାଭବାନ ଯାତ୍ରୀଙ୍କ ସଂଖ୍ୟା ଅଧିକ ହୋଇପାରିଥାନ୍ତା । କିନ୍ତୁ ଏୟାର ଡେକାନ୍ ଏବଂ ଏୟାର ଓଡ଼ିଶା ଭଳି ବିମାନ କମ୍ପାନୀର ଅନିୟମିତ ସେବା ଏହି ଯୋଜନାକୁ ପ୍ରଭାବିତ କରିଛି । ଦେଶର ☞ପୃଷ୍ଠା–୪

ଝାରସୁଗୁଡ଼ା ବିମାନବନ୍ଦର

- ଲୋକଙ୍କ ଉଡ଼ିବା ଆଶା ମଉଳୁଛି
- ଟିକେଟ୍ କାଉଣ୍ଟର ବନ୍ଦ, ସମସ୍ତ କର୍ମଚାରୀ ଉଭାନ
- ଏୟାର ଓଡ଼ିଶାକୁ ଫରକ ପଡିଲାନି ଆନ୍ଦୋଳନ
- ଜାତୀୟସ୍ତରରେ ବି ପ୍ରଦର୍ଶନ ଖରାପ

ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ

ସଂକ୍ଷେପରେ

ଆତ୍ମସମର୍ପଣ କଲେ ୨୦ ମାଓବାଦୀ

ମାଲକାନଗିରି,୨୯।୧୦(ଡି.ଏନ.ଏ.): ମାଲକାନଗିରି ଜିଲା ପୋଡଶୀ ଛତିଶଗଡ ରାଜ୍ୟ ଆରକ୍ଷୀ ଅଧୀକ୍ଷକ ଅଭିଷେକ ମିନାଙ୍କ ନିକଟରେ ସୋମବାର ଜଣେ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ସମେତ ୨୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ନାମରେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନେ ବିଭିନ୍ନ ହିଂସାରେ ଜଡିତ ଥିବା ଆରକ୍ଷୀ ଅଧୀକ୍ଷକ ମିନା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଘର ସୁକୁମା ଜିଲାର କାରିଗୁଣ୍ଡମ ଅଞ୍ଚଳରେ ବୋଲି ଜଣାପଡିଛି।

ନଭେମ୍ବର ୧୧ରୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

ଖୋଲିଲା ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଆସନ୍ତା ନଭେମ୍ବର ୧୧ରୁ ୧୫ ତାରିଖ ମଧ୍ୟରେ ଭୁବନେଶ୍ୱରଠାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ମଧ୍ୟ ଚାଲିଛି। କନ୍‌କ୍ଲେଭ ସମ୍ପର୍କିତ ବିଭିନ୍ନ ସମସ୍ୟା ସହିତ ଯୋଗଦେଉଥିବା ପ୍ରତିନିଧିମାନଙ୍କୁ ବିଭିନ୍ନ ସୂଚନା ଦେବା ପାଇଁ ସୋମବାର ଠାରୁ ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ ହୋଇଛି। ଟେଲିଫୋନ ନମ୍ବର ୧୮୦୦୩୪୫୬୧୧୧ ଜରିଆରେ ଏବଂ mio2018@investodisha.org ମାଧ୍ୟମରେ ଯୋଗାଯୋଗ କରି ପାରିବେ । ଏହା ଏବେ ଆସ୍ଥାୟୀ ଭାବେ ସଚିବାଳୟଠାରେ କାର୍ଯ୍ୟକ୍ଷମ ହୋଇଛି। ନଭେମ୍ବର ୯ ତାରିଖରୁ ଜନତା ମଇଦାନରେ କାର୍ଯ୍ୟକ୍ଷମ ହେବ। ସେ ସମୟରେ ୯୫୫୬୩୪୪୮୦୦ ଜରିଆରେ ଫୋନ କରି ସମସ୍ୟାର ସମାଧାନ ତଥା ବିଭିନ୍ନ ସୂଚନା ପାଇ ପାରିବେ। ମେକ୍ ଇନ୍ କନ୍‌କ୍ଲେଭ ପ୍ରସ୍ତୁତି ନେଇ ସୋମବାର ସଚିବାଳୟଠାରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି। କନ୍‌କ୍ଲେଭରେ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ୩୬ ଘଣ୍ଟିଆ ସ୍କାର୍ଟ ହକଥନ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ବିଭିନ୍ନ ବୈଷୟିକ କଲେଜ ଓ ବିଶ୍ୱବିଦ୍ୟାଳୟରୁ ୪ ହଜାର ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୯୩ ଜଣଙ୍କୁ ୯୩ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଏହି ହକଥନ ନଭେମ୍ବର ୧୩ ତାରିଖ ସକାଳ ୯ଟାରୁ ଆରମ୍ଭ ହୋଇ ୧୪ ତାରିଖ ସକାଳ ୧୦ଟା ଯାଏ ଚାଲିବ। ହକଥନରୁ ଯେଉଁ ନିର୍ଯ୍ୟାସ ବାହାରିବ ନଭେମ୍ବର ୧୫ତାରିଖ କନ୍‌କ୍ଲେଭରେ ଉପସ୍ଥାପନ କରାଯିବ। ନଭେମ୍ବର ୯ ତାରିଖ ସୁଦ୍ଧା ଏଥିରେ ଯୋଗ ଦେଉଥିବା ପ୍ରତିନିଧିଙ୍କର ଅନଲାଇନ ଅନୁମୋଦନ କାର୍ଯ୍ୟ ଶେଷ କରିବାକୁ ଶିଳ୍ପମନ୍ତ୍ରୀ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନୋଡାଲ ଅଫିସରମାନଙ୍କର ନାମ ଶିଳ୍ପ ବିଭାଗକୁ ତୁରନ୍ତ ପ୍ରଦାନ କରିବାକୁ ବିଭିନ୍ନ ବିଭାଗକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ଏହି କନ୍‌କ୍ଲେଭ ୫ ଦିନ ଧରି ଚାଲିବ। ଏଥିରେ ଦେଶ ବିଦେଶରୁ ବହୁ ପୁଞ୍ଜିନିବେଶକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

■ଚାକିରି ଦେବାକୁ କହି ମହିଳା ଚାଲାଣ

୫ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

୫୫ହଜାର ଟଙ୍କାରେ ମଧ୍ୟପ୍ରଦେଶରେ ବିକିଥିଲେ

କଟକ ଅଫିସ୍, ୨୯।୧୦

ପୁରୀ ଜିଲାର ଜଣେ ମହିଳାଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ମଧ୍ୟପ୍ରଦେଶରେ ବିକ୍ରି କରିବା ଘଟଣାର ପର୍ଦାଫାଶ କରିଛି କ୍ରାଇମବ୍ରାଞ୍ଚ। ଯୁବତୀ ଚାଲାଣ କରୁଥିବା ଏକ ଗ୍ୟାଙ୍ଗକୁ ଠାବ କରିବା ସହ ସୋମବାର ୫ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେମାନେ ହେଲେ ପୁରୀ ଜିଲାର ରାମ କ୍ରିଷ୍ଣା(୩୮), ମିନା ଦାସ, ମନୋରମା ବାରିକ୍ ଓରଫ ଜତି, ବିଦୁ ବେହେରା ଓରଫ୍ ଖତି, ପ୍ରଭାତୀ ସାହୁ। ଅଭିଯୁକ୍ତମାନଙ୍କ ଆଉ କେତେକ ଘଟଣାରେ ସମ୍ପୃକ୍ତି ଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରି ପଚରାଉଚରା ଜାରିରଖିଛି।

ବିକ୍ରି ହୋଇଥିବା ମହିଳା ଜଣକ ପୁରୀ ସଦର ଥାନା ଅଞ୍ଚଳରେ ରହୁଥିଲେ। ତାଙ୍କ ଘର ନିକଟସ୍ଥ ଏକ ଗାଁରେ ରହୁଥିଲେ ମଧ୍ୟପ୍ରଦେଶ ଅଞ୍ଚଳର ରାମ କ୍ରିଷ୍ଣା। ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ୍ ହୋଇଥିଲା। ମହିଳାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଚାକିରି ଖୋଜୁଥିବା ରାମ ଜାଣିବାକୁ ପାଇଥିଲେ। ଫଳରେ ରାମ ମହିଳାଙ୍କୁ ହାଇଦ୍ରାବାଦରେ ଏକ କମ୍ପାନୀରେ ଭଲ ଦରମାରେ ଚାକିରି ଦେବାକୁ କହିଥିଲେ। ଏଥିରେ ରାଜି ହେବା ପରେ ରାମ ମହିଳାଙ୍କୁ ହାଇଦ୍ରାବାଦ ନେବାକୁ କହି ମଧ୍ୟପ୍ରଦେଶର ଗୁନା ଜିଲା ଅଶୋକନଗର ଥାନା ଅନ୍ତର୍ଗତ ଜନତା ଗାଁକୁ ନେଇ ଯାଇଥିଲେ। ସେଠାରେ ମହିଳା ଜଣକ ବିବାହ କରି ନ ଥିବା କହି ଦଶରଥ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ୫୫ ହଜାର ଟଙ୍କାରେ ବିକି ଦେଇଥିଲେ। ପରେ ରାମ ଟଙ୍କା ନେଇ ଓଡ଼ିଶା ପଳାଇ ଆସିଥିଲେ। ଦଶରଥ ଉକ୍ତ ମହିଳାଙ୍କୁ ବିବାହ କରିବାକୁ କହିବାରୁ ସେ ବିବାହ କରିଥିବା ଏବଂ ତାଙ୍କର ୪ଟି ସନ୍ତାନ ଥିବା କହିଥିଲେ। ହେଲେ ଦଶରଥ ତାଙ୍କ କଥା ନ ଶୁଣି ତାଙ୍କୁ ଜବରଦସ୍ତି ବିବାହ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛି ଦିନ ପରେ ମହିଳା ଜଣକ ଫୋନରେ ତାଙ୍କ ପରିବାର ଲୋକ ସବୁକଥା ଜଣାଇଥିଲେ। ପରିବାର ଲୋକ ମଧ୍ୟପ୍ରଦେଶ ଯାଇ ମହିଳାଙ୍କୁ ଛାଡିବା ପାଇଁ କହିଥିଲେ ମଧ୍ୟ ଦଶରଥ ତାଙ୍କୁ ଛାଡି ନ ଥିଲେ। ଫଳରେ ମହିଳାଙ୍କ ପରିବାର ଲୋକେ ପୁରୀ ସଦର ଥାନାରେ ଅଭିଯୋଗ କରିଥିଲେ। ପୁରୀ ସଦର ପୋଲିସର ହସ୍ତକ୍ଷେପ ଫଳରେ ଦଶରଥ ମହିଳାଙ୍କୁ ଛାଡିଥିଲେ। ମହିଳା ଜଣକ ଘରକୁ ଫେରିବା ପରେ ଅକ୍ଟୋବର ୨୮ରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଆଇପିସି ଦଫା ୩୬୫, ୩୬୬, ୩୭୦, ୧୨୦-ବି ଅନୁଯାୟୀ ଏକ ମାମଲା(୨୨/୧୮)ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚର ଡିଏସ୍‌ପି ନିଳିମା ପଣ୍ଡା ଘଟଣାର ତଦନ୍ତ କରିବା ସହ ମୁଖ୍ୟ ଅଭିଯୁକ୍ତ ରାମଙ୍କ ସହ ଅନ୍ୟ ୪ ଜଣଙ୍କୁ ଗିରଫ କରିଥିଲା।

ଓର୍ସ ଇସ୍ପାତକୁ ସିଲ୍ କଲା ରାଜ୍ୟ ପ୍ରଦୂଷଣ ବୋର୍ଡ

ବଣାଇଁ,୨୯।୧୦(ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇଁ ସଦର ମହକୁମା ସଂଲଗ୍ନ ଗୁରୁଣ୍ଡୁପାଲିଠାରେ ଥିବା ୫୦ ଟିପିଡି (ଟନ ପର୍ ଡେ) ସ୍ପଞ୍ଜ ଆଇରନ୍ କାରଖାନା ଓର୍ସ ଇସ୍ପାତକୁ ସୋମବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସିଲ୍ କରିଛି। ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନ୍‌ଲାଇନ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବା ବେଳେ ଏଥିରେ ବ୍ୟାପକ ବ୍ୟତିକ୍ରମ କରାଯାଇଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶକ୍ରମେ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟର ସହ ଅଧିକାରୀ ବବିତା ସିଂ, ବଣାଇଁ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ, ୱେସ୍ଟୋ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ବେହେରା, ବଣାଇଁ ପୋଲିସ ଏବଂ ମାଜିଷ୍ଟ୍ରେଟ ତଥା ବଣାଇଁ ଅତିରିକ୍ତ ତହସିଲଦାର ବିରାଜ ଲାକ୍ରା ଉପସ୍ଥିତ ରହି କାରଖାନାକୁ ସିଲ୍ କରିଥିଲେ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

ସଂକ୍ଷେପରେ

ଲଘୁଚାପ: ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା

ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)-ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା୨୪ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଜଗତ୍‌ସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଆକାଶ ମେଘାଚ୍ଛନ୍ନ ରହିଛି। ଉପକୂଳରେ ବାୟୁ ପ୍ରବାହ ବେଗ ବୃଦ୍ଧି ପାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ୨୯ ଓ ୩୦ ତାରିଖ ଦୁଇଦିନ ସମୁଦ୍ର ମଧକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ତେବେ ଲଘୁଚାପ ପ୍ରଭାବ କମ୍ ରହୁଥିବାରୁ କେବଳ ଉପକୂଳ ଓଡିଶାର କେତେକ ଜିଲାରେ ଏହାର ପ୍ରଭାବ କମ୍ ରହିବ। ଅକ୍ଟୋବର ୩୧ ତାରିଖ ପରେ ପାଗରେ ପରିବର୍ତ୍ତନ ହେବ। ଶୀତ ପ୍ରକୋପ ବଢିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଗତ କିଛିଦିନ ହେବ ଶୀତ ଆରମ୍ଭ ହୋଇଛି। ଦିନର ତାପମାତ୍ରା ବଢୁଥିଲେ ମଧ ରାତିରେ ପାଗ ଥଣ୍ଡା ରହୁଛି।

■ ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣା

ହେଙ୍ଗର ଖୋଲିଲା, ହେଲିକପ୍ଟର ସିଲ୍

ପୁରୀ ଅଫିସ, ୨୯।୧୦

ଚିଲିକା ଉପରେ ବିପଜ୍ଜନକ ଭାବେ ହେଲିକପ୍ଟର ଉଡ଼ାଣ ଘଟଣାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କ୍ଲିନଚିଟ୍ ଦେବା ପରେ ସୋମବାର ପୁରୀ ପୋଲିସ ହେଙ୍ଗରରୁ ସିଲ୍ ଖୋଲିଛି। ପୁରୀ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଯାଇ ଇମ୍ପାର ସିଲ୍ ହୋଇଥିବା ହେଙ୍ଗରକୁ ଖୋଲିଛନ୍ତି। କିନ୍ତୁ ଚିଲିକା ଉପରେ ଉଡିଥିବା ରବିନ୍‌ସନ୍ ଆର-୪୪ ହେଲିକପ୍ଟରକୁ ସିଲ୍ କରିଛନ୍ତି। ଏହି ଘଟଣାର ତଦନ୍ତ ଚାଲିଥିବାରୁ ଉକ୍ତ ହେଲିକପ୍ଟରକୁ ସିଲ୍ କରାଯାଇଥିବା ଭୁବନେଶ୍ୱରଠାରେ ଏସ୍‌ଡିପିଓ ଗଣମାଧ୍ୟମକୁ କହିଛନ୍ତି।

ସୂଚନା ଯୋଗ୍ୟ, ଚିଲିକାର ଅରଖକୁଦା ତଥା ନୂଆମୁହାଣ ଇଲାକାରେ ସେପ୍ଟେମ୍ବର ୧୫ରେ ସି ପ୍ଲେନ ଉଡିଥିବା ଚର୍ଚ୍ଚା ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ଏତଲାକୁ ଭିତ୍ତିକରି ଅରଖକୁଦା ସାମୁଦ୍ରିକ ଥାନା ପୋଲିସ ଗତ ସେପ୍ଟେମ୍ବର ୧୭ରେ ୨୭୭, ୨୭୮, ୩୩୬, ୪୩୧ଦଫା, ୧୧ ଏୟାରକ୍ରାଫ୍ଟ ଆକ୍ଟ ୧୯୩୪ ବଳରେ ଏକ କେସ (ନଂ. ୧୬/୧୮) ରୁଜୁ କରିଥିଲା। ତଦନ୍ତରୁ ଇମ୍ପାର ହେଲିକପ୍ଟର ରବିନ୍‌ସନ୍ ଆର-୪୪ ଉଡିଥିବା ଜଣାପଡିଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଉକ୍ତ ହେଲିକପ୍ଟର ଉଡାଣ କରିଥିବା ବେଳେ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ଯାତ୍ରୀ ରହିଥିଲେ। ପୁରୀ ପୋଲିସ ଏହି ଘଟଣାର ତଦନ୍ତ କରି ସେପ୍ଟେମ୍ବର ୧୭ ରାତିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଥିବା ଇମ୍ପାର ହେଙ୍ଗରକୁ ସିଲ୍ କରିଥିଲା। ଅନ୍ୟପକ୍ଷରେ ପୁରୀ ପୋଲିସ ଡିଜିସିଏକୁ ଚିଠି ଲେଖିଥିଲା। ଡିଜିସିଏ ଏହି ଘଟଣାର ତଦନ୍ତ କରି ଗତ ୨୫ତାରିଖରେ ବୈଜୟନ୍ତଙ୍କୁ କ୍ଲିନଚିଟ୍ ଦେଇଥିଲା। ଡିଜିସିଏର କ୍ଲିନଚିଟ୍ ପରେ ୪୨ ଦିନ ଧରି ସିଲ୍ ହୋଇ ରହିଥିବା ଇମ୍ପା ହେଙ୍ଗରକୁ ପୋଲିସ ଖୋଲିଛି। ସେଥିରେ ଥିବା ୨ ହେଲିକପ୍ଟରକୁ ପୋଲିସ ମୁକ୍ତ କରିଥିବା ବେଳେ ଉଡିଥିବା ହେଲିକପ୍ଟରକୁ ସିଲ୍ କରିଛି। ଚିଲିକାରେ କେତେ ଉଚ୍ଚତାରେ ଉକ୍ତ ହେଲିକପ୍ଟର ଉଡିଛି ସେ ସଂକ୍ରାନ୍ତରେ ପୁରୀ ପୋଲିସ ଡିଜିସିଏଙ୍କୁ ତଥ୍ୟ ମାଗିଛି।

ପ୍ରାକ୍ ବିପର୍ଯ୍ୟୟ ସୂଚନା ବ୍ୟବସ୍ଥାର ଶୁଭାରମ୍ଭ

■ ସର୍ବାଧିକ ଦୁର୍ବିପାକ ସତ୍ତ୍ୱେ ଓଡ଼ିଶାର ବିକାଶ ହାର ଅଧିକ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ଦେଶରେ ଓଡ଼ିଶା ହେଉଛି ସର୍ବାଧିକ ପ୍ରାକୃତିକ ଦୁର୍ବିପାକ ପ୍ରପୀଡିତ ରାଜ୍ୟ। ପ୍ରାୟ ପ୍ରତିବର୍ଷ ଆମକୁ ବିଭିନ୍ନ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି। ତଥାପି ଦେଶ ତଥା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିକାଶ ହାର ଅଧିକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିବା ସହ ପ୍ରାକ୍ ବିପର୍ଯ୍ୟୟ ସତର୍କ ସୂଚନା ଓ ମୋବାଇଲ୍ ମେସେଜ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।

ଚଳିତବର୍ଷର ବିଷୟବସ୍ତୁ ଥିଲା 'ସାମାଜିକ ଗଣମାଧ୍ୟମ ଓ ବିପର୍ଯ୍ୟୟ ମୁକାବିଲା'। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ କହିଲେ, ଆମର ଏହି ପ୍ରାକ୍ ବିପର୍ଯ୍ୟୟ ସୂଚନା ବ୍ୟବସ୍ଥା ସମଗ୍ର ଭାରତ ବର୍ଷରେ ପ୍ରଥମ। ଓଡ଼ିଶାର ସାଧାରଣ ଜନତାଙ୍କ ଧନଜୀବନର ସୁରକ୍ଷା ପାଇଁ ଏହା ଏକ ପ୍ରତିଶ୍ରୁତି ବଦ୍ଧତାର ନିଦର୍ଶନ ବୋଲି ସେ ମତବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ କହିଲେ, ରାଜ୍ୟର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବା ସମୁଦ୍ରରେ ମତ୍ସ୍ୟଜିବୀ ଓ ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏଥିପାଇଁ ୪୮୦ କିଲୋମିଟର ଓଡ଼ିଶା ଉପକୂଳ ଅଞ୍ଚଳରେ ୧୨୨ଟି ଆଲର୍ଟ ସାଇରନ୍ ଟାୱାର ପ୍ରତିଷ୍ଠା କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ସୁନାମି ସମ୍ପର୍କରେ ରାଜ୍ୟ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷରୁ ଏହି ସମସ୍ତ ଟାୱାର ଦ୍ୱାରା ଏକ ସମୟରେ ଜନସାଧାରଣଙ୍କୁ ତତ୍‌କ୍ଷଣାତ୍ ପ୍ରାକ୍ ସୂଚନା ପ୍ରଦାନ କରାଯାଇପାରିବ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ସ୍ଥାପନ ହୋଇଥିବା ଏହି ଟାୱାରଗୁଡିକ ସାଇରନ୍ ବଜାଇ ସତର୍କ କରାଇବ। ଗୋଟିଏ ଟାୱାରର ସାଇରନ୍ ପ୍ରାୟ ଦେଢ଼ କିଲୋମିଟର ରାଡିୟସ୍ ଭିତରେ ରହିବ। ଏହି ପ୍ରକଳ୍ପଟି ରାଜ୍ୟର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଆଦି ୬ ଜିଲାର ୨୨ ବ୍ଲକ, ୧୪ ମତ୍ସ୍ୟ ଅବତରଣ କେନ୍ଦ୍ର, ୧୧୩ ବହୁମୁଖୀ ଆଶ୍ରୟସ୍ଥଳୀରେ ସ୍ଥାପନ କରାଯାଇଛି। ସେହିଭଳି ମୋବାଇଲ ଏସ୍‌ଏମ୍‌ଏସ୍ ମାଧ୍ୟମରେ ବିପର୍ଯ୍ୟୟ ସଂକ୍ରାନ୍ତରେ ପ୍ରାକ୍ ସତର୍କ ସୂଚନା ପ୍ରଦାନ କରାଯିବ। ଏହି ପ୍ରକଳ୍ପ ପାଇଁ ୭୫.୦୯ କୋଟି ଖର୍ଚ୍ଚ ହୋଇଛି।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତିତ୍‌ଲି ବାତ୍ୟାଜନିତ ବର୍ଷା ଓ ପାହାଡ଼ ଧସିବା ଯୋଗୁ ମୃତକଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଫାୟାର ସର୍ଭିସ, ଓଏଫ୍‌ଡିସି ଓ ସାମାଜିକ ଅନୁଷ୍ଠାନଗୁଡିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ମୁକାବିଲା ସଂକ୍ରାନ୍ତ ଏକ ପ୍ରଦର୍ଶନୀକୁ ସେ ଉଦ୍‌ଘାଟନ କରିଥିଲେ। ଏଥିସହ ବାତ୍ୟା ପୀଡ଼ାତଙ୍କୁ ସହାୟତାର ହାତ ବଢ଼ାଇଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

■ ସତର୍କ କରିବ ୧୨୨ଟି ଆଲର୍ଟ ସାଇରନ୍ ଟାୱାର

■ ଏସ୍‌ଏମ୍‌ଏସ୍ ଜରିଆରେ ମିଳିବ ସୂଚନା

ବୈଙ୍କ ऑफ़ बड़ौदा
Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ

ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିବା ଆବଶ୍ୟକ।

ଭିଏସ୍‌ଏସ୍ ନଗର, ଭୁବନେଶ୍ୱର ୧୭୦୦ ରୁ ୨୦୦୦
ଜିଲ୍ଲା: ଖୋର୍ଦ୍ଧା ବର୍ଗଫୁଟ

ସବିଶେଷ ବିବରଣୀ ନିମନ୍ତେ ଆମର ୱେବସାଇଟ **www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୦.୧୧.୨୦୧୮ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।
ଉପ-ମହାପ୍ରବନ୍ଧକ

■ ୩୪ ଜେଲରେ ଖୋଲିଲା କ୍ୟାମ୍ପ

୨୭୯ଙ୍କୁ ମିଳିଲା ଜାମିନ

କଟକ ଅଫିସ,୨୯।୧୦: ଆଇନଜୀବୀଙ୍କୁ ପୋଲିସ ମାଡ ମାରିବା ଘଟଣାକୁ ନେଇ ହାଇକୋର୍ଟର ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଦୁଇ ମାସ ଧରି ଆନ୍ଦୋଳନ ଚାଲୁ ରହିଥିବା ବେଳେ ଏହାକୁ ସମର୍ଥନ ଜଣାଇ ସାରା ରାଜ୍ୟର ଅନ୍ୟ କୋର୍ଟଗୁଡିକରେ ଆଇନଜୀବୀମାନେ ମଧ କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଜାମିନ ମିଳି ପାରୁ ନ ଥିବା ବେଳେ ଜେଲରେ କଏଦୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାର ୩୪ ଜେଲରେ ସୋମବାର କ୍ୟାମ୍ପ କୋର୍ଟ ଖୋଲାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି କ୍ୟାମ୍ପ କୋର୍ଟ ଗୁଡିକରେ ୫୦୦ ମାମଲାରେ ବିଚାର ହୋଇଥିବା ବେଳେ ୨୭୯ ଜଣଙ୍କୁ ଜାମିନ୍ ପ୍ରଦାନ କରାଯାଇଛି। ସେଥିମଧ୍ୟରେ କେନ୍ଦ୍ରାପଡା ଜେଲରୁ ସର୍ବାଧିକ ୧୫୭ ଜଣ ଅଭିଯୁକ୍ତଙ୍କୁ ଜାମିନ ମିଳିଥିବା ବେଳେ ଚୌଦ୍ୱାର ଜେଲରୁ ୫୬, କରଞ୍ଜିଆରୁ ୨୯, ବଡବିଲରୁ ୯, ଜଗତ୍‌ସିଂହପୁରରୁ ୮, ରାଇରଙ୍ଗପୁରରୁ ୭, ସୋର, ଚମ୍ପୁଆ, ଆନନ୍ଦପୁର ଜେଲରୁ ୪ ଜଣ ଲେଖାଏ, ଭୁବନେଶ୍ୱର ଝାରପଡ଼ାରୁ ଜଣେ ଅଭିଯୁକ୍ତ ଜାମିନ୍ ମିଳିଛି।

पंजाब नैशनल बैंक ...भरोसे का प्रतीक !
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !

୧୧୧-ଏ, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର-୭୫୧୦୦୧, ଫୋନ: ୦୬୭୪-୨୫୩୧୭୯୪

ଦଖଲ ନୋଟିସ୍ (ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା,** ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ବକେୟା ଦେୟ ପୈଠ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା,** ଭୁବନେଶ୍ୱରଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

କ୍ର. ନଂ	ଆକାଉଣ୍ଟ ନଂ. / ଋଣଗ୍ରହୀତାଙ୍କ ନାମ ଓ ଠିକଣା	ଡ଼ିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ	ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ	ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ
୧.	ଆକାଉଣ୍ଟ ନଂ.: ୦୫୫୩୦୦ଏନ୍‌ଏଫ୍୦୦୦୦୧୧୭୨ /ଋଣଗ୍ରହୀତା: ମେସର୍ସ ଅଙ୍କିତ ହୋଟେଲ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ କଳ୍ପନା ଦାସ, ପ୍ଲଟ୍ ନଂ.: ୭୪(ଅଂଶ), ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା	୨୭.୦୭.୨୦୧୮ / ୨୬.୧୦.୨୦୧୮	ତା.୩୦.୦୬.୨୦୧୮ ସୁଦ୍ଧା ଟ.୨୦,୬୫,୧୫୨.୦୫ + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ	ବନ୍ଧକ ଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି, ଗଚ୍ଛିତ ଥିବା କଞ୍ଚା ମାଲ୍ ଏବଂ ବୁକ୍ ଡେବ୍ଟ୍ସ

ତାରିଖ: ୨୯.୧୦.୨୦୧୮, ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:....................................
ଜନ୍ମ ତାରିଖ: ....

ଗୁଗୁଲି ପରିବାରବର୍ଗ

ଶିବାଂଶ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138

SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

ଭୁବନେଶ୍ୱର ଓ ପୁରୀରେ ପ୍ଲଟ୍, ଘର ବା ଆପାର୍ଟମେଣ୍ଟ ବିକ୍ରୟ ବା କ୍ରୟ ପାଇଁ ଯୋଗାଯୋଗ କରନ୍ତୁ। 8917452354, 9776404801. D-9142

Sunderpada Hitech-Plaza ପାଖରେ ଘରବାରି well developed plot @870/-ରେ ମିଳୁଅଛି। 8328930985. D-65137

First time in Bhubaneswar a new mega plotting project at Mouza Barimunda. Psqft- 400/- with gharabari having 30' project road (boundary wall free) puja offer. 9937542232. D-64358

ଭୁବନେଶ୍ୱର ତହସିଲ ଅଧୀନ ଧଉଳିଛକରୁ ମାତ୍ର ୫ କିଲୋମିଟର ଦୂରରେ ଅତିଶୀଘ୍ର ଘରକରିବା ଯୋଗ୍ୟ ଘରବାଡି ପ୍ଲଟ୍ ବର୍ଗଫୁଟକୁ ମାତ୍ର 340 ଟଙ୍କା। 9438109040, 8917452354. D-9143

Construct your building in finished house contact: 9937064680. D-27282

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

GENERAL

SALE

All machineries working, lathes, shapping, drillings, slottings, powerhacksaw, weldings, benchgrinders, handgrinders etc. Contact: 9437385951. Pragati Engineering works, BBSR. D-9042

5000 sqft. for new godown at Bhagwanpur Industrial Estate, Patrapada near Hotel South City. 9437026351. D-9137

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036



Schools interested in activity based online school/ student exchange program may contact ceo@thedigitalteacher.in or calling: 8985288290. D-9133

୫ମ ସ୍ୱନକ୍ଷତ୍ର ଉତ୍ସବ

(ଗୁଗୁଲି)

ଆଶ୍ୱସ୍ତି ପଣ୍ଡା

ପିତା- ଦ୍ୟୁତିକୃଷ୍ଣ ପଣ୍ଡା
ମାତା- ସୁସ୍ମିତା ନନ୍ଦ
ନୀଳାଦ୍ରି ବିହାର, ଭୁବନେଶ୍ୱର
ଶୁଭେଚ୍ଛା ସହ: ନନ୍ଦ ପରିବାର ଓ ବନ୍ଧୁବାନ୍ଧବ। ଧ-୬୧୫୦୨

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

Arnab

At- Radhadeipur, Po- Kharinga, Dist.- Jajpur

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମକୁ ଦୀର୍ଘାୟୁ କରିବା ସହିତ ତୁମ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଶୁଭେଚ୍ଛା ସହ: ବାପା- ଅମର କୁମାର ଗନ୍ତାୟତ, ମା- ଗୁଣଲତା ଗନ୍ତାୟତ, ବନ୍ଧୁ ଓ ପରିବାରବର୍ଗ। ଧ-୯୧୪୧

1st Birthday Wish



Shivansh Baral
E.B- 774, Badagada, Brit Colony, BBSR

ଶୁଭେଚ୍ଛା ସହ: ବଡପାପା, ମାମା, ଅଜା, ମାମୁ, ମାଇଁ, ଜେଜେବାପା, ଜେଜେମା ଓ ପରିବାରବର୍ଗ। ଧ-୯୧୪୫

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ

ଅଷ୍ଟମ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଷନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୬୩୭୩୪

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅମରେନ୍ଦ୍ର ପତି(ଅଖୁ)
ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ : ୧୨.୦୬.୧୯୬୪
ତିରୋଧାନ: ୨୧.୧୦.୨୦୧୬
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ, ଝିଅ ଓ ପରିବାରବର୍ଗ
ଧ-୯୧୪୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ପଣ୍ଡିତ ସୋମନାଥ ଭଟ୍ଟମିଶ୍ର ଶର୍ମା
ଆବିର୍ଭାବ: ୧୫।୦୭।୧୯୩୩
(ଭାଦ୍ରବ ଶୁକ୍ଳ ଷଷ୍ଠୀ)
ତିରୋଧାନ: ୩୦।୧୦।୨୦୧୭
(କାର୍ତ୍ତିକ ଶୁକ୍ଳ ଦଶମୀ)
ଖୁଣ୍ଟିଆ ସାହି, ପୁରୀ

ଆପଣ ଜଣେ ଶିକ୍ଷାବିତ୍, ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସଦସ୍ୟ ଥିଲେ। ଆପଣଙ୍କ ନିଷ୍ଠା, ତ୍ୟାଗ ଆମପାଇଁ ପ୍ରେରଣାର ଉତ୍ସ। ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ। ଧ-୬୩୭୩୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବୈକୁଣ୍ଠ ନାଥ ତ୍ରିପାଠୀ
ଅବସରପ୍ରାପ୍ତ ଓ.ଏ.ଏସ୍. (ଆର)
ଆବିର୍ଭାବ: ୦୧।୦୪।୧୯୪୯
ତିରୋଧାନ: ୧୯।୧୦।୨୦୧୮
(ବିଜୟା ଦଶମୀ)
ପୂର୍ତ୍ତ ବିଭାଗ ଲେନ୍, ନୟାଗଡ଼
ଶୋକାକୁଳ ତ୍ରିପାଠୀ ପରିବାରବର୍ଗ।
ଧ-୯୧୪୪

ବନ୍ଧୁକ ଦେଖାଇ ଲୁଟିନେଲେ ଗଞ୍ଜେଇ

ଫୁଲବାଣୀ ଅଫିସ, ୨୯।୧୦

ଫୁଲବାଣୀ ଜିଲ୍ଲା କୋର୍ଟ ପରିସରରୁ ଚୋରି ହୋଇଛି। ରାତ୍ର ଜଗୁଆଳିଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ମାଡ଼ ମାରି ବସ୍ତା ବସ୍ତା ଜବତ ଗଞ୍ଜେଇ ଲୁଟି ନେଇଛନ୍ତି। ଏହି ଘଟଣାକୁ ନେଇ ପୋଲିସ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ସହରରେ ଚର୍ଚ୍ଚା ଜୋର ଧରିଛି। ପୋଲିସ ଏ ପର୍ଯ୍ୟନ୍ତ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ। କୋର୍ଟର ରେଜିଷ୍ଟ୍ରାର ଅଭିଜିତ ପଲେଇଙ୍କ ଅଭିଯୋଗକ୍ରମେ ଟାଉନ ଥାନା ପୋଲିସ ନଂ.୧୯୪/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଜିଲ୍ଲା କୋର୍ଟ ରାତ୍ରି ଜଗୁଆଳି କୃଷ୍ଣଚନ୍ଦ୍ର ପ୍ରଧାନ ଓ କାହ୍ନୁଚରଣ ନାୟକ ରବିବାର କୋର୍ଟ ପରିସରରେ ଡ୍ୟୁଟିରେ ଥିଲେ। ରାତି ପ୍ରାୟ ୨ଟାରେ ଏକ ଶବ୍ଦ ଶୁଣି କୋର୍ଟ ପଛ ପାଖକୁ ଯାଇଥିଲେ। ଏହି ସମୟରେ ୬/୭ ଜଣ ବ୍ୟକ୍ତି କୋର୍ଟ ମାଲଖାନା ଝରକା ଭାଙ୍ଗି ଗଞ୍ଜେଇ ବସ୍ତା ସବୁ ବାହାର କରି ପଛ ପାଖରେ ଥିବା ପଡିଆରେ ରଖୁଥିବା ଦେଖିବାକୁ ପାଇଥିଲେ। କୃଷ୍ଣ ଓ କାହ୍ନୁ ପାଟି କରିବାରୁ ସେମାନେ ଆକ୍ରମଣ କରିବାକୁ ଗୋଡାଇ ଥିଲେ। ଗୁଳି କର ବୋଲି ଜଣେ ଦୁର୍ବୃତ୍ତ କହିବାରୁ କାହ୍ନୁ ଓ କୃଷ୍ଣ କୋର୍ଟ ପରିସରକୁ ଚାଲିଆସି ଥାନାକୁ ଫୋନ କରିଥିଲେ। ହେଲେ ଫୋନ ଲାଗି ନ ଥିଲା। ପରେ ସେମାନେ କୌଶଳ କ୍ରମେ ସେଠାରୁ ଥାନାକୁ ଯାଇ ଖବର କରିଥିଲେ। ଥାନାରେ ଖବରଦେବା ପରେ ଉଭୟେ ପୁଣି କୋର୍ଟକୁ ଆସିଥିଲେ ଓ କୋର୍ଟ ପଛପଟ ପଡିଆରେ ୬ ବସ୍ତା ଗଞ୍ଜେଇ ରଖାଯାଇଥିବା ଦେଖିଥିଲେ। ପୋଲିସକୁ ଅପେକ୍ଷା କରିଥିବା ସମୟରେ ୩ଟି ବାଇକରେ କିଛି ଲୋକ ଆସି ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। କୃଷ୍ଣ ସେଠାରୁ ଦୌଡି ଆସି ଅଫିସ ଛାତ ଉପରକୁ ଚଢି ଯାଇଥିବା ବେଳେ ଦୁର୍ବୃତ୍ତମାନେ କାହ୍ନୁଙ୍କୁ ଆକ୍ରମଣ କରିବା ପାଇଁ ପଡିଆ ଭିତରେ ଗୋଡାଇଥିଲେ। ଫଳରେ ସେ ଦୌଡି ପଳାଇ ଆସିଥିଲେ। ଏହି ସମୟରେ ଦୁର୍ବୃତ୍ତ ଗଞ୍ଜେଇ ବସ୍ତା ନେଇ ଚାଲିଯାଇଥିଲେ ବୋଲି ଛାତ ଉପରେ ଥାଇ ଦେଖିଥିବା ପୋଲିସ ଆଗରେ ଉଭୟେ ପ୍ରକାଶ କରିଛନ୍ତି। ଏସବୁ ଭିତରେ ପ୍ରାୟ ୧୫ ମିନିଟ ପରେ ପୋଲିସ ଆସିଥିଲା।

ପ୍ରଥମ ପୃଷ୍ଠାରୁ...

ଆଇନଜୀବୀ...

ସୋମବାର ସକାଳ ୧୦ଟା। କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ମାର୍ଚ୍ଚ କରି ହାଇକୋର୍ଟ ଅଭିମୁଖେ ଯାଇଥିଲେ। ହାଇକୋର୍ଟ ମୁଖ୍ୟ ଫାଟକ ନିକଟରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ଭୟଙ୍କର ପରିସ୍ଥିତି। ଆନ୍ଦୋଳନକୁ ସମର୍ଥନ କରୁଥିବା ହାଇକୋର୍ଟ ବାର୍ ଆସୋସିଏଶନର ସଦସ୍ୟମାନେ ଆନ୍ଦୋଳନରୁ ଓହରିଥିବା ଆଇନଜୀବୀମାନଙ୍କୁ ବିରୋଧ କରିଥିଲେ। ମୁଖ୍ୟ ଫାଟକ ପାଖରେ ଦୁଇ ପକ୍ଷର ଆଇନଜୀବୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା ଆରମ୍ଭ ହୋଇଥିଲା। ୪୦ରୁ ୪୫ ମିନିଟ୍ ଧରି ଉଭୟ ପକ୍ଷ ମଧ୍ୟରେ ନାରାବାଜି ଓ ଧସ୍ତାଧସ୍ତି ଚାଲିଥିଲା। ଘଟଣାସ୍ଥଳରେ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ ମଧ୍ୟ ସେମାନେ ନାଚାର ଥିଲେ। ଏହି ସମୟରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆବାହକ କାନୁନଗୋ କୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ଆନ୍ଦୋଳନକୁ ସମର୍ଥନ କରୁଥିବା ଆଇନଜୀବୀମାନେ କାନୁନଗୋଙ୍କୁ ଆକ୍ରମଣ କରିଥିଲେ। ମୁଥ ମାଡ଼ ଓ ଧକ୍କାରେ କାନୁନଗୋ ତଳେ ପଡ଼ିଯାଇଥିଲେ।

ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଅସିମ ଅମିତାଭ ଦାସ କହିଛନ୍ତି ଯେ, ଘଟଣାକୁ ନେଇ ଆମେ ଲୋକଙ୍କ ପାଖକୁ ଯିବୁ। ଲୋକଙ୍କୁ ଆଇନସେବାରୁ ବଞ୍ଚିତ କରିବା ପାଇଁ କିଭଳି ଚକ୍ରାନ୍ତ କରାଯାଉଛି ସେ ସମ୍ପର୍କରେ ଅବଗତ କରାଇବୁ। ଏହି ଘଟଣା ପଛରେ ବିରୋଧୀ ରାଜନୈତିକ ଦଳର ନେତାମାନଙ୍କ ପ୍ରଚ୍ଛନ୍ନ ଭୂମିକା ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି ଯେ, ଗଣତାନ୍ତ୍ରିକ ପଦ୍ଧତିରେ ଆମେ ଓକିଲଙ୍କ ପାଇଁ ନ୍ୟାୟ ମାଗିଛୁ। ମାତ୍ର ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ବିଜୁ ଯୁବ ବାହିନୀ ଜରିଆରେ ଗଣ୍ଡଗୋଳ କରିବାକୁ ଉଦ୍ୟମ କରିଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଆମେ କୌଣସି ରାଜନୈତିକ ଦଳ ସହିତ ନାହୁଁ। ଓକିଲଙ୍କ ସହିତ ଥିଲୁ ଏବଂ ରହିବୁ। ମଙ୍ଗଳବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିବ। ସେଥିରେ ଯାହା ନିଷ୍ପତ୍ତି କରାଯିବ ସେହି ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ମହାନ୍ତି କହିଛନ୍ତି।

ସୂଚନାଥାଉ କି, ଅଗଷ୍ଟ ୨୮ ତାରିଖରେ ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଚାଉଳିଆଗଞ୍ଜ ଥାନା ଅଧୀନ ନୂଆବଜାର ନିକଟରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦୋଷୀ ପୋଲିସମାନଙ୍କୁ ୩୦୭ ଦଫାରେ ଗିରଫ କରିବା ଦାବିରେ ଓକିଲମାନେ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଏହାକୁ ନେଇ ଗତ ୨ ମାସ ମଧ୍ୟରେ ଅନେକ ଘଟଣା ଘଟିଛି। ତେବେ ଗତ ଶନିବାର ହଠାତ୍ ଏହି ଆନ୍ଦୋଳନ ଭିନ୍ନ ମୋଡ ନେଇଥିଲା। ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ସୋମବାରଠାରୁ ସେମାନେ କୋର୍ଟ କାର୍ଯ୍ୟରେ ଯୋଗଦେବେ ବୋଲି ଘୋଷଣା କରିଥିଲେ। ଫଳରେ ବିବାଦ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ନ ରହି ସିଧା ଆଇନଜୀବୀ-ଆଇନଜୀବୀଙ୍କ ମଧ୍ୟରେ କେନ୍ଦ୍ରୀଭୂତ ହୋଇଥିଲା।

ଅନ୍ୟପକ୍ଷରେ ଆଇନଜୀବୀ-ପୋଲିସଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ସୋମବାର ହୋଇପାରିନାହିଁ। ମାତ୍ର ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କ ପକ୍ଷରୁ ରୁଜୁ କରାଯାଇଥିବା ମାମଲାର ଶୁଣାଣି ଜଷ୍ଟିସ ସି.ଆର୍. ଦାସଙ୍କ କୋର୍ଟରେ ହୋଇଥିଲା। ମାମଲାର ଶୁଣାଣି କରି ଚାର୍ଜଶିଟ ଦାଖଲ ସମ୍ପର୍କରେ ପୋଲିସକୁ କୋର୍ଟ ତଥ୍ୟ ମାଗିଛନ୍ତି।

ଆଜି ବି ଉଡ଼ିଲାନି...

୧୨୮ଟି ରୁଟ୍‌ରେ ଉଡାନ୍ ଯୋଜନାରେ ସେବା ଯୋଗାଇବା ପାଇଁ ଗତବର୍ଷ ମାର୍ଚ୍ଚ ମାସରେ ବିମାନ କମ୍ପାନୀ ଚୟନ ହୋଇଥିଲା। ଏହି ଚୟନରେ ଏୟାର ଓଡ଼ିଶାକୁ ସର୍ବାଧିକ ୫୦ଟି ରୁଟ୍ ଏବଂ ଏୟାର ଡେକାନକୁ ୩୪ଟି ରୁଟ୍ ମିଳିଥିଲା। ଏୟାର ଓଡ଼ିଶା ମାତ୍ରାଧିକ ରୁଟ୍ ପାଇଥିଲେ ମଧ୍ୟ ବିମାନ ଚଳାଚଳ କରିବାରେ ବିଫଳ ହୋଇଥିଲା। ସେହିପରି ମିଳିଥିବା ତଥ୍ୟ ମୁତାବକ ଏହି ଦୁଇ କମ୍ପାନୀର ମିଳିତ ପ୍ରଦର୍ଶନ ଅତ୍ୟନ୍ତ ଖରାପ ବୋଲି ଜଣାପଡିଛି। ମିଳିଥିବା ରୁଟ୍‌ରେ ଏହି ଦୁଇ କମ୍ପାନୀ ମୋଟ ୬୯୩୫ ଜଣ ଯାତ୍ରୀଙ୍କୁ ସେବା ପ୍ରଦାନ କରିଛନ୍ତି, ଯାହା ପ୍ରଦର୍ଶନ ଭିତ୍ତିରେ ୧%ରୁ ମଧ୍ୟ କମ୍ ବୋଲି ଏଏଆଇ ତଥ୍ୟରୁ ଜଣାଯାଇଛି। ଦେଶର ଅନ୍ୟ ବିମାନବନ୍ଦର ଭଳି ଝାରସୁଗୁଡ଼ାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଉଦ୍‌ଘାଟନ ପରେ ମାତ୍ର ୬ ଦିନ ବିମାନ ଉଡିଥିବା ବେଳେ ୨୫ ଦିନ ବନ୍ଦ ରହିଛି। ଯେଉଁଥିପାଇଁ ସାଧାରଣ ଲୋକ ଉଡାନ୍ ଭଳି ଏକ ଜାତୀୟ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିମାନ ଚଳାଚଳ ନେଇ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କହିଲେ, ଏୟାର ଓଡ଼ିଶା ପକ୍ଷରୁ ବିମାନ ଚଳାଚଳ ନେଇ କୌଣସି ସୂଚନା ମିଳିନାହିଁ। ସୋମବାର ଠାରୁ ଆରମ୍ଭ ହେବ ବୋଲି ପୂର୍ବରୁ ସୂଚନା ମିଳିଥିଲା। କିନ୍ତୁ ସୋମବାର ବିମାନ ଆସିନାହିଁ।

ଜାଭା ସମୁଦ୍ରରେ...

ବିମାନକୁ ଜାକର୍ତ୍ତା ଫେରିଆସିବା ଲାଗି ସତର୍କ ସୂଚନା ଦିଆଯାଇଥିଲା। ବିଭିନ୍ନ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ବିମାନଟି ଦ୍ରୁତବେଗରେ ଉଡ଼ାଣ କରିବାବେଳେ ହଠାତ୍ ଅଦୃଶ୍ୟ ହୋଇଯାଇଥିଲା। ତାହା ସମୁଦ୍ର ଜଳରେ ପଡ଼ିଥିବା ଅନେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କୁ ମିଶାଇ ୧୮୯ ଜଣଙ୍କ ମଧ୍ୟରୁ ଜଣେ ବି ବଞ୍ଚିବା ସମ୍ଭାବନା ନାହିଁ ବୋଲି ଉଦ୍ଧାର ସଂସ୍ଥାର ନିର୍ଦ୍ଦେଶକ ବାମ୍ବାଙ୍ଗ ସୂର୍ଯ୍ୟୋ କହିଛନ୍ତି। ବିମାନ ଉଡ଼ାଣ କରୁଥିବା କ୍ୟାପ୍‌ଟେନ ସୁନେଜା ଏବଂ ସହ-ପାଇଲଟ ହାର୍ଭେନୋଙ୍କ ମୃତ୍ୟୁ ଘଟିଛି ବୋଲି ଇଣ୍ଡୋନେସିଆର ପରିବହନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଉକ୍ତ ବିମାନରେ ଜଣେ ଇଟାଲୀୟ ନାଗରିକ ମଧ୍ୟ ଥିଲେ।

ବେଲିତୁଙ୍ଗ୍ ଦ୍ୱୀପ ନିକଟରେ ଥିବା ପାଙ୍ଗ୍‌କଲ ପିନାଙ୍ଗ୍ ସିଟି ହେଉଛି ପର୍ଯ୍ୟଟନର ଏକ ଗନ୍ତବ୍ୟ ସ୍ଥଳୀ। ଏଠାକୁ ଦେଶ ବିଦେଶରୁ ପର୍ଯ୍ୟଟକ ଛୁଟି ଆସନ୍ତି। ସୋମବାର ମଧ୍ୟ ସେଠାକୁ ଅନେକ ପର୍ଯ୍ୟଟକ ବିମାନରେ ଯାତ୍ରା କରୁଥିଲେ। କିନ୍ତୁ ଏହା ସେମାନଙ୍କ ପାଇଁ ଶେଷ ଯାତ୍ରା ହୋଇଯାଇଛି। ଦୁର୍ଘଟଣା ପରେ ଜାଭା ସମୁଦ୍ରରେ ଉଦ୍ଧାର କାର୍ଯ୍ୟ ଜୋରଦାର ଚାଲିଛି। ୪୦ ସମୁଦ୍ର ବୁଡ଼ାଳିଙ୍କ ସମେତ ପାଖାପାଖି ୧୫୦ ଜଣ ଉଦ୍ଧାରକାରୀ ଏହି ଅପରେଶନରେ ସାମିଲ ହୋଇଛନ୍ତି। ବିମାନ ଖସିପଡ଼ିଥିବା ସମୁଦ୍ର ଭାଗରେ ଇନ୍ଧନ ଭାସୁଥିବା ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସେହିପରି ବିମାନର ଭଗ୍ନାବଶେଷ ମଧ୍ୟ ମିଳିଥିବା କୁହାଯାଉଛି। ସେଥିରେ ଲାୟନ ଏୟାରର ଲୋଗୋ ରହିଛି।

ଦୁର୍ଘଟଣା ପରେ ପାଙ୍ଗ୍‌କଲ ପିନାଙ୍ଗ୍‌ର ମୁଖ୍ୟ ବିମାନବନ୍ଦର କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା। ସମ୍ପର୍କୀୟଙ୍କୁ ନେବା ଲାଗି ଏଠାରେ ଅପେକ୍ଷାରତ ଲୋକେ ହଠାତ ବିମାନ ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ପରସ୍ପରକୁ ଧରି କାନ୍ଦୁଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ଥିଲା। ଇଣ୍ଡୋନେସିଆର ଜାତୀୟ ପରିବହନ ନିରାପତ୍ତା କମିଟି (ଏନ୍‌ଟିଏସ୍‌ସି) ସୂଚନା ଅନୁଯାୟୀ ଉକ୍ତ ବିମାନରେ ୧୭୮ ବୟସ୍କ ଯାତ୍ରୀଙ୍କ ସମେତ ୩ ପିଲା, ୨ ପାଇଲଟ ଏବଂ ୬ କ୍ୟାବିନ କ୍ରିଉ ସଦସ୍ୟ ଥିଲେ।

କମ୍ ମୂଲ୍ୟରେ ନିର୍ମିତ ବୋଇଂ ୭୩୭ ମାକ୍ସ ବିମାନର ଯନ୍ତ୍ରାଂଶ ମଜଭୁତ ନ ଥିବାରୁ ଏଭଳି ବିପତ୍ତି ଦେଖିବାକୁ ମିଳିଛି ବୋଲି ଅଭିଯୋଗ ହୋଇଛି। କିନ୍ତୁ ଏହାକୁ ଏୟାରଲାଇନ୍ ପକ୍ଷରୁ ଖଣ୍ଡନ କରାଯାଇଛି। ଲାୟନ ଏୟାର ମୁଖ୍ୟ ଏଡୱାର୍ଡ ସିରେଟ୍ କହିଛନ୍ତି ଯେ, ଗତ ଅଗଷ୍ଟରେ ଉକ୍ତ ବିମାନ ସର୍ଭିସ୍ ପାଇଁ ଯାଇଥିଲା। ଏଥିରେ ଥିବା କେତେକ ଯାନ୍ତ୍ରିକ ସମସ୍ୟାର ସମାଧାନ ହୋଇଥିଲା। ତା'ଛଡ଼ା ପାଇଲଟ ସୁନେଜା ଏବଂ ସହ-ପାଇଲଟ ହାର୍ଭେନୋ ଯଥାକ୍ରମେ ୬୦୦୦ ଏବଂ ୫୦୦୦ ଘଣ୍ଟା ବିମାନ ଉଡ଼ାଣ କରିସାରିଛନ୍ତି। ନିକଟରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ହୋଇଥିଲା। ଏଡୱାର୍ଡ ଆହୁରି କହିଛନ୍ତି, ବାଲିରେ ଅବତରଣ କରିବା ପରେ ଉକ୍ତ ବିମାନରେ କେତେକ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା। ଇଞ୍ଜିନିୟରମାନେ ତାହାକୁ ସଜାଡ଼ିବା ପରେ ବିମାନଟି ଜାକର୍ତ୍ତା ଫେରିଥିଲା ଏବଂ ଏହାପରେ ପାଙ୍ଗ୍‌କଲ ପିନାଙ୍ଗ୍ ଅଭିମୁଖେ ଉଡ଼ାଣ କରିଥିଲା। ପ୍ରକାଶ ଯେ, ୨୦୧୫ ଅଗଷ୍ଟରେ ଇଣ୍ଡୋନେସିଆର ତ୍ରିଗାନା ବିମାନ ପପୁଆଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୫୪ ଜଣଙ୍କ ପ୍ରାଣହାନି ହୋଇଥିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ ବିଭିନ୍ନ ପ୍ରକାରର ସମସ୍ୟା ବିଜଡ଼ିତ ରହି କାର୍ଯ୍ୟହାନି, ମନସ୍ତାପ ଓ ବିବାଦରେ ଲିପ୍ତ ରହିପାରନ୍ତି। ପାରିବେଶିକ କୁପ୍ରଭାବରେ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କିତ ଚିନ୍ତା କରିବେ। ଅବଶ୍ୟ ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ତଥାପି ଭ୍ରାତୃ ସମ୍ପର୍କ, ଅର୍ଥପ୍ରାପ୍ତି, ଯାତ୍ରା ଓ ଆଲୋଚନା ଫଳପ୍ରଦ ହୋଇପାରେ।

ବୃଷ ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଚେଷ୍ଟାକରି ସଫଳ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ।

ମିଥୁନ କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ବହୁତ ଭଲ। ଅପରାହ୍ନେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ କେତେକାଂଶରେ ଉପକୃତ ହେବେ।

କର୍କଟ ରାହୁଙ୍କ କୁପ୍ରଭାବରେ ଅଶାନ୍ତ ମନ ନେଇ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କଲେ ପାରିବାରିକ ସମସ୍ୟା ବଢ଼ିଯିବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

ସିଂହ ପୂର୍ବର କଳହକୁ ନେଇ ନିଜର ଆତ୍ମୀୟ ଓ ପାଖ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନହେବାରୁ ମନସ୍ତାପ କରିପାରନ୍ତି। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସୂଚନା ରହିଛି।

କନ୍ୟା ପୂର୍ବ ବିବାଦକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

ତୁଳା ପାରିବାରିକ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମ ଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟହାସଲ ପରିପ୍ରେକ୍ଷୀରେ ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହୋଇପାରନ୍ତି।

ବିଛା କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ ଏବଂ ପରୋକ୍ଷ ଶତ୍ରୁତା କାମକୁ ବିଶୃଙ୍ଖଳିତ କରିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ।

ଧନୁ ପରିବାର ସହ ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଅଫିସରେ କିମ୍ବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳିପାରିବ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ।

ମକର ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତି ସାହାଯ୍ୟ ଦ୍ୱାରା କାମ ହାସଲ କରିବାର ମଉକା ପାଇପାରିବେ। ଆଲୋଚନା ପରିସରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

କୁମ୍ଭ ବନ୍ଧୁ,ସହକର୍ମୀ, ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ, ସମ୍ପର୍କିତ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ। ଆକସ୍ମିକ ଭାବେ ବସ୍ତ୍ରଭୂଷଣ, ଅର୍ଥ ଓ ସମ୍ମାନ ଲାଭ କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବେ।

ମୀନ ଆଜି କର୍ମକ୍ଷେତ୍ରରେ ସହଜ ଓ ସୁବିଧାରେ କାମ ହାସଲ କରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ। ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ମନକୁ ବିଚଳିତ କରିପାରେ।

ଆଜି କାର୍ତ୍ତିକ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ, ଅକ୍ଟୋବର ୩୦ ତାରିଖ, ମଙ୍ଗଳବାର, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ। ଦିବା ଘ୮।୦୭ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧୧।୫୫ମି. ଗତେ ଘ୧।୩୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୫୩ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୨୦ମି. ଗତେ ଘ୩।୪୫ମି. ମଧ୍ୟେ ରାହୁକାଳ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'

ସଂକ୍ଷେପରେ

ବିଲ୍ଟୁ ପେପର ମିଲ୍ ଖୋଲିଲା

ଜୟପୁର,୨୯।୧୦(ନି. ପ୍ର.):

ଦୀର୍ଘ ୪ ମାସ ହେବ ବନ୍ଦ ହୋଇ ରହିଥିବା ବିଲ୍ଟୁ ପେପର ମିଲ ସୋମବାରଠାରୁ ପୁଣି ଖୋଲା ହୋଇଛି। ଫଳରେ ୫ ହଜାର କର୍ମଚାରୀ ଉପକୃତ ହୋଇଛନ୍ତି। ଗେଟ୍ ଖୋଲା ହୋଇଥିଲେ ବି ପେପର ଉତ୍ପାଦନ ହୋଇନାହିଁ। ଉତ୍ପାଦନ ପାଇଁ ଆଉ ୧୫ ଦିନ ଲାଗିବା ନେଇ ସୂଚନା ଦିଆଯାଇଛି। ସୋମବାର କର୍ମଚାରୀମାନେ ମିଲ୍କୁ ଯାଇ ନିଜ ନିଜ ବିଭାଗର ଦେଖାଶୁଣା କରିଛନ୍ତି। ମିଲ ଖୋଲିବା ନେଇ ବିଲ୍ଟୁ ପେପର ମିଲ୍ର ସିଜିଏମ୍ ଏବଂ ୟୁନିଟ୍ ମୁଖ୍ୟଙ୍କ ତରଫରୁ ନୋଟିସ୍ ଜାରି କରାଯାଇଛି। ମିଲ୍ର ୩ଟି ସଂଘ କମ୍ପାନୀର ସମସ୍ତ ନିୟମକୁ ମାନିବାକୁ ପ୍ରସ୍ତୁତ ଥିବାବେଳେ ବିଏମ୍ଏସ୍ ନିୟମ ନ ମାନି ଆନ୍ଦୋଳନ କରିବାରୁ ମିଲ ଖୋଲିବା ସନ୍ଦେହ ପ୍ରକାଶ ପାଇଥିଲା। କିନ୍ତୁ ମିଲ୍କୁ ୩ଟି ସଂଘ ସମର୍ଥନ ଦେଉଥିବାରୁ ମିଲ ସ୍ୱାର୍ଥ ଓ କର୍ମଚାରୀ ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଏମଏସ୍ ମଧ୍ୟ ମିଲ କର୍ତ୍ତୃପକ୍ଷଙ୍କୁ ଗତ ୨୧ ତାରିଖରେ ସମର୍ଥନ ପତ୍ର ଦେଇଥିଲେ। ମିଲ ଚାଲୁଁଥିବା ୪ଟି ସଂଘର ସମର୍ଥନ ପତ୍ର ପାଇବା ପରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ କମ୍ପାନୀ ନିଷ୍ପତ୍ତି ନେଇ ମିଲ ଖୋଲିଛି।

ପାରଳା ଗଣମୃତ୍ୟୁ ମାମଲାର ଶୁଣାଣି ଘୁଞ୍ଚିଲା

ପାରଳାଖେମୁଣ୍ଡି,୨୯।୧୦(ସ୍ୱ.ପ୍ର.):

ପାରଳା ଗଣମୃତ୍ୟୁ ମାମଲାର ଶୁଣାଣି ସୋମବାର ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ହେବାର ଥିଲା। ଏହି ଶୁଣାଣିକୁ ଆସନ୍ତା ଡିସେମ୍ବର ୨୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ମାନବାଧିକାର କମିଶନର ବାଗଜିଗୋର ମିଶ୍ରଙ୍କ ଅବସର ପରେ ସେହିସ୍ଥାନ ଖାଲି ପଡ଼ିଛି। ତେଣୁ ଶୁଣାଣି ଘୁଞ୍ଚାଇ ଦିଆଯାଇଥିବା ରାଜପ୍ରାସାଦର ତତ୍କାଳୀନ ମ୍ୟାନେଜର ମୃତା ଅନଙ୍ଗମଞ୍ଜରୀ ପାତ୍ରଙ୍କ ଭାଇ ଅମୂଲ୍ୟ ପାତ୍ର କହିଛନ୍ତି।

■ ଅର୍ଥମନ୍ତ୍ରୀଙ୍କ ବାତ୍ୟା ପ୍ରଭାବିତ ରାୟଗଡ଼ ବ୍ଲକ ଗସ୍ତ

'୩ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହେବ'

ମନ୍ତ୍ରୀ ଶଶିଭୂଷଣ ବେହେରା ଜଣେ ମହିଳାଙ୍କୁ କମ୍ବଳ ପ୍ରଦାନ କରୁଛନ୍ତି।

- କେନ୍ଦ୍ର ସରକାରଙ୍କଠାରୁ ଟଙ୍କାଟିଏ ମିଳି ନ ଥିବା ଦୁଃଖଦାୟକ
- କ୍ଷୟକ୍ଷତି ଅନୁଧ୍ୟାନ ସହ ବିପନ୍ନଙ୍କୁ କମ୍ବଳ ବାଣ୍ଟିଲେ ମନ୍ତ୍ରୀ

ପାରଳାଖେମୁଣ୍ଡି/ ରାୟଗଡ଼ (ଗଜପତି), ୨୯।୧୦(ସ୍ୱ.ପ୍ର./ ଡି.ଏନ.ଏ.)

ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ସୋମବାର ବାତ୍ୟା ପ୍ରଭାବିତ ଗଜପତି ଜିଲା ଗସ୍ତରେ ଆସି ସର୍ବାଧିକ କ୍ଷତିଗ୍ରସ୍ତ ରାୟଗଡ ବ୍ଲକ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାୟଗଡ ବ୍ଲକରେ ୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ୨୫୦ କୋଟି ଟଙ୍କା ଖର୍ଚ୍ଚ କରିସାରିଥିବାବେଳେ କେନ୍ଦ୍ର ସରକାରଙ୍କଠାରୁ ଟଙ୍କାଟିଏ ବି ମିଳି ନ ଥିବା ଦୁଃଖଦାୟକ ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀ ବେହେରା ରାୟଗଡ ବ୍ଲକ ଗଣ୍ଡାହାତୀ ପଞ୍ଚାୟତର ପଦ୍ମପୁର, ଅଡାଗାଁ ସମେତ କଇଁପୁର ପଞ୍ଚାୟତ କାର୍ଯ୍ୟାଳୟ ଓ ଆଶ୍ରମ ସ୍କୁଲ ପରିଦର୍ଶନ କରିଥିଲେ। ପଦ୍ମପୁର ଓ ଅଡାଗାଁରେ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ସେଠାରେ ଶତାଧିକ ଲୋକଙ୍କୁ କମ୍ବଳ ବାଣ୍ଟିଥିଲେ। କଇଁପୁର ଗ୍ରାମ ବୁଲି କ୍ଷୟକ୍ଷତି ଦେଖି ଥିଲେ। ପରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ରିଲିଫ ସାମଗ୍ରୀ ବିଷୟରେ ପଚାରି ବୁଝିଥିଲେ। ଆଶ୍ରମ ସ୍କୁଲ ଯାଇ ଛାତ ଓ ଅନ୍ୟାନ୍ୟ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ସେଠାରୁ ପାରଳାଖେମୁଣ୍ଡି ଫେରି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏଥିରେ ଜିଲାପାଳ ଅନୁପମ ଶାହା ପୁନରୁଦ୍ଧାର, ଥଇଥାନ, ରିଲିଫ ବଣ୍ଟନ ସଂକ୍ରାନ୍ତ ବିବରଣୀ ଉପସ୍ଥାପନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଡି.କେ.ସିଂ, ଶକ୍ତି ସଚିବ ହେମନ୍ତ ଶର୍ମା, ସ୍ୱତନ୍ତ୍ର ରିଲିଫ ଯୁଗ୍ମ କମିଶନର ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଖବରଦାତାମାନଙ୍କୁ ଅର୍ଥମନ୍ତ୍ରୀ କହିଥିଲେ ଯେ, ବାତ୍ୟାରେ ଗଜପତି ଜିଲାରେ ବ୍ୟାପକ କ୍ଷୟକ୍ଷତି ଓ ଜୀବନହାନୀ ଘଟିଛି। ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ଏହି ଅବସରରେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଯୁବ ସଭାପତି ପି.କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

ଦିନିକିଆ ଢେଙ୍କାନାଳ ଜିଲା ଗସ୍ତ ଅବସରରେ ଯୋରନ୍ଦା ମହିମାଗାଦିରେ ସାଧୁ ସନ୍ନ୍ୟାସୀଙ୍କ ଗହଣରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍।

ପଲିଥିନ କଟକଣା: ଆଜିଠୁ ଚଢ଼ାଉ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ପଲିଥିନ ଓ ପ୍ଲାଷ୍ଟିକ ତିଆରି ଜିନିଷ ରଖିଥିବା ବ୍ୟବସାୟୀ ଓ ଉତ୍ପାଦନକାରୀ ସାବଧାନ। ପଲିଥିନକୁ ନଷ୍ଟ କରିବା କିମ୍ବା ଏହାର ବିକଳ୍ପ କରିବାକୁ ରାଜ୍ୟ ସରକାର ମାସେ ସମୟ ଦେଇଥିଲେ। ଅକ୍ଟୋବର ୨୯ ତାରିଖରେ ଏହି ସମୟ ସୀମା ଶେଷ ହୋଇଯାଇଛି। ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ମଙ୍ଗଳବାର ଠାରୁ ଚଢାଉ ଆରମ୍ଭ ହେବ। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ୬ ଜିଲାପାଳ ଓ ୫ ମହାନଗର ନିଗମ କମିଶନରଙ୍କୁ ଚିଲି ଲେଖି ଜଣାଇ ଦେଇଛି। ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉ ଥିବାରୁ ରାଜ୍ୟ ସରକାର ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ସହରରାଞ୍ଚଳରୁ ଏହି ପଦକ୍ଷେପ ଆରମ୍ଭ ହୋଇଛି।

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମ ସହିତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଛି। ସେପ୍ଟେମ୍ବର ୨୮ ତାରିଖରେ ପଲିଥିନ ବ୍ୟବହାର ଉପରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ଏହି କଟକଣା ଲାଗୁ କରାଯାଇଛି।

୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। କଟକଣା ଉଲ୍ଲଂଘନକାରୀଙ୍କୁ ୧୦ ହଜାର ଟଙ୍କା ଜରିମାନା ସହ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଚଢାଉ କଡାକଡି କରାଯିବ ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗୁସେନ କହିଛନ୍ତି।

ସୀମାନ୍ତରେ ମାଓବାଦୀ ପୋଷ୍ଟର

ଟାର୍ଗେଟରେ ୫ ବିଧାୟକ

ମାଲକାନଗିରି, ୨୯।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲାରେ ପୁଣି ଲାଲବାହିନୀର ପୋଷ୍ଟର ଦେଖିବାକୁ ମିଳିଛି। ଏଥିରେ ମାଓବାଦୀମାନେ ପୁନର୍ବାର ଲୋକ ପ୍ରତିନିଧି ଓ ବିଧାୟକଙ୍କୁ ହତ୍ୟା ଧମକ ଓ ଚେତାବନୀ ଦେଇଛନ୍ତି। ଗାଲିକୋଣ୍ଡା ଦଳ ପକ୍ଷରୁ ଏହି ପୋଷ୍ଟର ଲଗାଯାଇଥିବା ଜଣାପଡିଛି। ଗତମାସରେ ଆରୁକୁ ବିଧାୟକ, ଓ ଅନ୍ୟ ଜଣେ ପୂର୍ବତନ ବିଧାୟକଙ୍କୁ ମାଓବାଦୀମାନେ ସ୍ୱଷ୍ଟ ଦିବାଲୋକରେ କୋରାପୁଟ ଜିଲା ପାଡୁଆଠାରେ ମାତ୍ର ୧୫ ମିଟର ଦୂରରୁ ହତ୍ୟା କରିଥିଲେ। ବକ୍ସାଇଟ୍ ଖଣି ଖନନ ଓ ଅବାଧରେ କ୍ୱାରି ଲିଜ୍ ନେଇ ଆଦିବାସୀଙ୍କୁ ବିସ୍ଥାପିତ କରୁଥିବାରୁ ସେମାନଙ୍କୁ ଏପରି ହତ୍ୟା କରାଯାଇଥିବା ମାଓବାଦୀମାନେ ସଫେଇ ଦେଇଥିଲେ। ତେବେ ପୁନର୍ବାର ଲାଲବାହିନୀ ପକ୍ଷରୁ ମନ୍ତ୍ରୀ ଓ ବିଧାୟକଙ୍କୁ ଟାର୍ଗେଟ୍ କରି ପୋଷ୍ଟର ମରାଯାଇଛି। ମନ୍ତ୍ରୀ ଆଇ.ଏନ୍. ପାତ୍ର, ଆନାକାପାଲି ବିଧାୟକ ପିଲା ଗୋବିନ୍ଦ, ଚୋଡବରମ୍ ବିଧାୟକ କେ.ଏସ୍.ଏନ୍. ରାଜୁ, ପର୍ବତନ ମନ୍ତ୍ରୀ ଗେଡା ଈଶ୍ୱରୀ ଏବଂ ମଣିକୁମାରୀଙ୍କ ନାମ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ନେତାମାନେ ବକ୍ସାଇଟ୍ ଖଣି ଖନନକୁ ସମର୍ଥନ କରି କମ୍ପାନୀଙ୍କ ସହ ଚୁକ୍ତି କରିବା ସହ ଏହି ଅଞ୍ଚଳରେ ଆଦିବାସୀମାନଙ୍କ ଜଙ୍ଗଲ ଜମିଗୁଡିକ ହାତେଇ ଖଣି ଖନନ ନାମରେ ଲୋକଙ୍କୁ ବସ୍ଥାପିତ କରିବା ପାଇଁ ଯୋଜନା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ଏହି ବିଧାୟକମାନେ ନିଜେ ଆଦିବାସୀ ହୋଇ କିଭଳି ଆଦିବାସୀଙ୍କ କ୍ଷତି କରିବାକୁ ଯୋଜନା କରୁଛନ୍ତି ସେନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ଅଞ୍ଚଳରେ କଫି ଚାଷକୁ ଆଦିବାସୀଙ୍କୁ ହସ୍ତାନ୍ତର କରିବାକୁ ମଧ୍ୟ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ପାଇବା ପରେ ବିଶାଖାପାଟଣା ଗ୍ରାମାଞ୍ଚଳ ଏସ୍.ପି. ରାହୁଲଦେବ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ, ବିଧାୟକଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏସ୍ଓପି ପାଳନ ପାଇଁ ମଧ୍ୟ କୁହାଯାଇଛି।

ଗ୍ରାମୀଣ ମହିଳାଙ୍କୁ ମହୁବାକ୍ସ ବଣ୍ଟନ

ଭଦରୱା (ଜମ୍ମୁ-କଶ୍ମୀର), ୨୯।୧୦

ଏକ 'ସଦ୍ଦିଚ୍ଛାମୂଳକ କାର୍ଯ୍ୟକ୍ରମ'ର ଅଂଶସ୍ୱରୂପ ସ୍ଥଳସେନା ପକ୍ଷରୁ ଜମ୍ମୁ-କଶ୍ମୀରର ଡୋଡା ଜିଲାର ୨୮ଜଣ ମହିଳାଙ୍କୁ ମହୁଚାଷ ପାଇଁ ବାକ୍ସ ବଣ୍ଟନ କରାଯାଇଛି। ଇତିପୂର୍ବରୁ ମହିଳାମାନଙ୍କୁ ମହୁଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ଜମ୍ମୁସ୍ଥିତ ଶେର-ଇ-କଶ୍ମୀର ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମିଳିତ ଉଦ୍ୟମରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସ୍କିଲ୍ ଇଣ୍ଡିଆ ଇନିସିଏଟିଭ୍ ଅଧୀନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗ୍ରାମୀଣ ମହିଳାମାନେ କିପରି ମହୁମାଛି ପାଳନ କରି ତାହାକୁ ପରିଚାଳନା କରିବା ସହିତ ଲାଭଜନକ ବ୍ୟବସାୟରେ ପରିଣତ କରିପାରିବେ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ତାଲିମ କାର୍ଯ୍ୟକ୍ରମରେ ଡୋଡା ଜିଲାର ଗ୍ରାମାଞ୍ଚଳରୁ ୨୮ ମହିଳା ଅଂଶଗ୍ରହଣ କରିଥିଲେ।

ସବୁକିଛି ଲାଗି- ଏପରି କି ସବୁଠାରୁ ବସ୍ତୁଗତ ଉଦ୍ଦେଶ୍ୟ ପୂରଣ ଲାଗି-ଭଗବାନଙ୍କ ଉପରେ ଦୃଢ଼ବିଶ୍ୱାସ ଓ ଆସ୍ଥା ରଖ। ତା'ହେଲେ ସବୁ ଠିକ୍ ହୋଇଯିବ।
-ଶ୍ରୀମା

ବିରଳ ବିଚାର

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଡେପୁଟୀ ଗଭର୍ନର ବିରଳ ଆଚାର୍ଯ୍ୟ ଅକ୍ଟୋବର ୨୭ରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ କହିଥିଲେ ଯେ, କେନ୍ଦ୍ର ସରକାର କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତାରେ ହସ୍ତକ୍ଷେପ ବନ୍ଦ କରିବା ଦରକାର। ତାହା ନ ହେଲେ ଦେଶ ଦୀର୍ଘମିଆଦୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବ। ଆର୍‌ବିଆଇର ଜଣେ ବରିଷ୍ଠ ଅଧିକାରୀ ଏଭଳି ମତ ଦେବା ପରେ ଅର୍ଥନୀତି ସହ ଜଡ଼ିତ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅକ୍ଟୋବର ୨୯ରେ ବିରଳଙ୍କ କଥାରୁ ଖିଅ ଟାଣି ଆର୍‌ବିଆଇ କର୍ମଚାରୀ ସଂଘ ମଧ୍ୟ ସଂସ୍ଥାର ସ୍ୱାୟତ୍ତତା ଦାବି କରିଛି।

ଆଶା କରାଯାଏ, ଆର୍‌ବିଆଇ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ମୁଖ୍ୟ ଭିଜିଲାନ୍ସ କମିଶନ (ସିଭିସି), ନିର୍ବାଚନ କମିଶନ (ଇସି) ଭଳି ଗଣତନ୍ତ୍ରକୁ ଜୀବିତ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକ ସ୍ୱାଧୀନତା ପାଇବା ଦରକାର । ହେଲେ କିଛି ବର୍ଷ ହେବ କୌଣସି କାରଣ ଯୋଗୁ ସଂସ୍ଥାଗୁଡ଼ିକର ସ୍ୱାୟତ୍ତତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସିବିଆଇର ୧ ଓ ୨ ନମ୍ବର ସ୍ଥାନରେ ଥିବା ଅଧିକାରୀଙ୍କ ମଧ୍ୟରେ ବାଦବିବାଦ ଦେଖାଦେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏବେ ବିରଳ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ସମାନ ଧରଣର ଅଭିଯୋଗ ଆର୍‌ବିଆଇର ତତ୍କାଳୀନ ଗଭର୍ନର ରଘୁରାମ ରାଜନ ଉଠାଇଥିଲେ। ସରକାରୀ ଚାପରୁ ଆର୍‌ବିଆଇ ମୁକ୍ତ ହେବା ନେଇ ସେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ବହୁ ହିନସ୍ତା ହେବାକୁ ପଡ଼ିଥିଲା। ତଥାପି ସେ ଭାରତୀୟ ଅର୍ଥନୀତିକୁ ଏକ ନୂଆ ଦିଗ ଦେଖାଇଥିଲେ। ବର୍ତ୍ତମାନ ବିରଳ କହିଛନ୍ତି ଯେ, କେନ୍ଦ୍ର ସରକାର ଟି-୨୦ ମ୍ୟାଚ ଭଳି ସ୍ୱଳ୍ପଦୃଷ୍ଟି ନେଇ ଆର୍ଥିକ ନୀତି ପ୍ରଣୟନ କରୁଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପ ଅର୍ଥନୀତିକୁ ଧ୍ୱଂସ କରିଦେବ। ଅନ୍ୟପକ୍ଷରେ ଆର୍‌ବିଆଇ ଦୀର୍ଘକାଳୀନ ପଦକ୍ଷେପ ନେଇ ନୀତି ଘୋଷଣା କରେ ଓ ଟେଷ୍ଟ ମ୍ୟାଚ ଭଳି ନିଷ୍ପତ୍ତି ନେଇଥାଏ ବୋଲି ସେ କହିଛନ୍ତି। ବିରଳଙ୍କ କଥାରୁ ବୁଝିବାକୁ ହେବ ଯେ, ନିଶ୍ଚିତ ଭାବେ ଆର୍‌ବିଆଇ ସରକାରଙ୍କଠାରୁ ଚାପର ସମ୍ମୁଖୀନ ହେଉଛି। ବିରଳ କ୍ରିକେଟ ସମ୍ପର୍କିତ ଉଦାହରଣ ଦେବା ପଛରେ କୌତୂହଳ ନୁହେଁ, ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ରହିଛି। ଅର୍ଥନୀତି ସମ୍ପର୍କରେ ବୁଝିବାର କ୍ଷମତା ସାଧାରଣ ନାଗରିକଙ୍କର ନାହିଁ। ବିଶେଷକରି ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଭାରତୀୟ ଅର୍ଥନୀତିରେ ଯେଉଁ ଅଭୂତପୂର୍ବ ସଙ୍କଟ ଦେଖାଦେଇଛି, ତାହାର ପ୍ରତିଫଳନ ନିତିଦିନ ତୈଳ ଦର ବୃଦ୍ଧି ସହ ପ୍ରତ୍ୟେକ ଦିନ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ସ୍ଥିତି ସଚେତନ ଅର୍ଥନୀତିଜ୍ଞଙ୍କୁ ମଧ୍ୟ ବିଚଳିତ କରିଦେଲାଣି। ଏବେ ଯେଉଁ ସ୍ୱଳ୍ପ ପରିମାଣର ତୈଳ ଦର ହ୍ରାସ ପାଇଛି, ତାହା ଅତ୍ୟନ୍ତ ଅସ୍ଥାୟୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଆର୍‌ବିଆଇ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ହୋଇଥିବାରୁ ମୁଦ୍ରା ନୀତି ପ୍ରଣୟନଠାରୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ପରିଚାଳନା କରିଥାଏ। ସରକାର ନିଜର ରାଜନୈତିକ ଲକ୍ଷ୍ୟ ପୂରଣ କରିବା ସକାଶେ ଲୋକପ୍ରିୟ ଯୋଜନା କରିଥାଆନ୍ତି। ତାହା ଦ୍ୱାରା ସ୍ୱଳ୍ପ ସମୟ ପାଇଁ ହୁଏତ ଲୋକେ ଖୁସି ହୋଇପାରନ୍ତି। କିନ୍ତୁ ବାସ୍ତବ ସତ୍ୟକୁ ସାମ୍ନା କରାଯିବା ଦରକାର। କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ ସ୍ୱାୟତ୍ତତା ଦିଆଗଲେ ଦେଶବାସୀ ଦୀର୍ଘମିଆଦୀ ସୁଫଳ ପାଇପାରନ୍ତେ। ଏହାଦ୍ୱାରା ବିଶେଷକରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ନିୟନ୍ତ୍ରଣ ରହିପାରିବ। ଏଥିସହିତ ହୀରା ବ୍ୟବସାୟୀ ନୀରବ ମୋଦି, ମେହୁଲ ଚୋକ୍ସି ଓ ରୋଟୋମାକ୍ ପେନ୍ ପ୍ରମୋଟର ବିକ୍ରମ କୋଠାରୀଙ୍କ ଭଳି ଠକ ଲୋକ ସୃଷ୍ଟି ହୋଇପାରିବେ ନାହିଁ। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମୋଟ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ଦେଖିଲେ ୧୦ ଲକ୍ଷ କୋଟିଟଙ୍କାରୁ ଊର୍ଦ୍ଧ୍ୱକୁ ଚାଲିଯାଇଛି। ଫଳରେ ମଦ ବ୍ୟବସାୟୀ ବିଜୟ ମାଲ୍ୟା, ଷ୍ଟର୍ଲିଂ ବାୟୋଟେକ୍ ନିର୍ଦ୍ଦେଶକ ନିତୀନ ସନ୍ଦେଶରାଙ୍କ ଭଳି ବ୍ୟକ୍ତି ବ୍ୟାଙ୍କ ଅର୍ଥ ନେଇ ବିଦେଶରେ ଅୟସ କରିବାର ସୁଯୋଗ ପାଉଛନ୍ତି। ଆର୍‌ବିଆଇକୁ ସେଭଳି ସ୍ୱାୟତ୍ତତା ମିଳିଲେ ବ୍ୟାଙ୍କଗୁଡ଼ିକର ଋଣଭାର କମିବା ସହ ଅନ୍ତର୍ଜାତୀୟ ନିବେଶକମାନେ ଏଠାକୁ ଆସି କାର୍ଯ୍ୟ କରିବାକୁ ସାହସ ପାଇପାରନ୍ତେ।

୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିବା ପରେ ଆଶା କରାଯାଉଥିଲା ଦେଶର କଳାଧନ ହଟିବା ସହ ଭାରତୀୟ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆସିବ। କିନ୍ତୁ ଦେଖାଗଲା ଯେ, ନିଷିଦ୍ଧ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ୯୯.୩ ପ୍ରତିଶତ ଟଙ୍କା ଆର୍‌ବିଆଇକୁ ଫେରିଆସିଥିଲା। ଅର୍ଥାତ୍ ଏଥିରୁ ବୁଝିବାକୁ ହେବ ଯେ ଏହି ବିପୁଳ ପରିମାଣର ଅର୍ଥ କଳାଧନ ଭାବେ ଗଚ୍ଛିତ ନ ଥିଲା। ବାକି ଯେଉଁ ୦.୭ ପ୍ରତିଶତ ରହିଲା ତାହା ବିଭିନ୍ନ କାରଣ ଯଥା, ଚିରା ନୋଟ୍ ବା ଅନ୍ୟ ଭାବେ ନଷ୍ଟ ହୋଇଯାଇଥିବା କିମ୍ବା ଜନସାଧାରଣ ଫେରାଇପାରି ନ ଥିବା ଭାବେ ପରିଗଣିତ ହୋଇପାରେ। ବିଶେଷଜ୍ଞମାନେ ମତ ଦେଇଛନ୍ତି, ସରକାରଙ୍କ ଏଭଳି ଅଚାନକ ନିଷ୍ପତ୍ତି ଅର୍ଥନୀତିରେ ଅସ୍ୱାଭାବିକତା ସୃଷ୍ଟି କଲା। ଆର୍‌ବିଆଇ ଏସବୁ ଦେଖି କିଛି ନ କରିପାରିବା ଦର୍ଶାଉଛି ଯେ, ଏହା ଉପରେ ସରକାରଙ୍କ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଭାବେ ରହିଛି। ଗଭର୍ନର ଉର୍ଜିତ ପଟେଲ ଏନ୍‌ପିଏ ଓ ନୀରବ ମୋଦି ପ୍ରସଙ୍ଗରେ ଅଧିକ କ୍ଷମତା ସପକ୍ଷରେ ମତ ଦେଇଥିଲେ। ଏବେ ପାର୍ଲାମେଣ୍ଟର ଫାଇନାନ୍ସ କମିଟି ସମ୍ମୁଖରେ ତୃତୀୟ ଥର ପାଇଁ ଉର୍ଜିତ ହାଜର ହୋଇ ବିମୁଦ୍ରୀକରଣ ଉପରେ ମତ ଦେବାର ଅଛି। କିନ୍ତୁ ସେହି ବିମୁଦ୍ରୀକରଣ ସମୟରେ ସେ କେବଳ ଜଣେ ସାଧାରଣ କର୍ମଚାରୀ ହୋଇ ରହିବାକୁ ପସନ୍ଦ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୋପକୁ ଭୟ କରି ଦେଶର ଅର୍ଥନୀତିକୁ ତଳିତଳାନ୍ତ କରିବାରେ ନୀରବ ସହଯୋଗ କରିଥିଲେ।

ଏଭଳି ପରିସ୍ଥିତିର ପୁନରାବୃତ୍ତିକୁ ରୋକିବା ପାଇଁ ଏବେ ଅର୍ଥନୀତିର ମଙ୍ଗଳ ଦୃଷ୍ଟିରୁ ଡେପୁଟୀ ଗଭର୍ନର ବିରଳ ଆଚାର୍ଯ୍ୟ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି, ତାହାକୁ ଗମ୍ଭୀରତାର ସହ ବିଚାର କରାଯିବା ଦରକାର।

ଚିରନ୍ତନୀ

ଶୁଖାଇ ଦେଇ ନୟନ-ଜଳ ମରମ ତଳେ ଜାଳି ଅନଳ
ଭୁଲିଛି ସବୁ ବେଦନା ସୁଖ ଲୁହାରେ କିଳି ଛାତି
ନ ମାନି ଖରା ବରଷା ଦିନ ରାତି। (କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

su|do|ku ସୁ-ଡୋ-କୁ

0	D					B	C			4			8	9
2				B	0			4	7		D	5		1
					2		8	6		B			4	7
1									9					A
	E	6			5							D		
D	C			6	1			3				B		
				0	8			D						
	A	7										8	C	
B					7	1			2			9		
			D			9	0	A	C		B	3	7	5
E		9	8			5			4		6			
	1	8			A	C								D
			2							9			0	
					D		E	7				C	1	
	6						D	0		A	8			

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

2	C	3	4	0	6	8	5	9	7	A	E	1	B	D
D	1	B	E	A	5	6	2	3	C	9	4	7	8	0
0	4	6	C	D	8	7	B	E	5	2	1	A	3	9
A	7	8	9	2	3	1	0	4	6	D	B	C	E	5
E	9	5	1	7	B	C	D	A	0	3	8	6	4	2
7	D	0	2	8	E	5	1	C	3	B	A	4	9	6
5	8	E	7	B	9	3	6	0	4	1	D	2	C	A
6	3	1	D	5	A	9	4	8	2	7	C	B	0	E
C	2	9	6	4	1	B	A	D	E	5	0	8	7	3
4	B	A	0	3	C	E	7	2	8	6	9	5	D	1
8	0	D	A	6	2	4	9	1	B	C	3	E	5	7
3	5	C	B	1	0	2	8	7	9	E	6	D	A	4
B	6	4	3	E	7	D	C	5	A	0	2	9	1	8
1	E	2	5	9	4	A	3	B	D	8	7	0	6	C
9	A	7	8	C	D	0	E	6	1	4	5	3	2	B

ଗତକାଲିର ଉତ୍ତର

ବୈଦେଶିକ ଗୋଇନ୍ଦା ସଂସ୍ଥା

ଶରତ ଚନ୍ଦ୍ର ମିଶ୍ର

ନିଜ ଦେଶର ବୈଦେଶିକ ନୀତି ପ୍ରଣୟନ, ଦେଶରକ୍ଷା ପ୍ରସ୍ତୁତି, ବୈଦେଶିକ ବାଣିଜ୍ୟ ନୀତି ଓ ସର୍ବୋପରି ଜାତୀୟ ସୁରକ୍ଷା ନିମନ୍ତେ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଦେଶ ଅନ୍ୟ ଦେଶଗୁଡ଼ିକର ଘଟଣା ପ୍ରବାହ, ସାମରିକ ସ୍ଥିତି, ନିଜ ଦେଶ ପ୍ରତି ଆଭିମୁଖ୍ୟ ଆଦି ପ୍ରତି ନଜର ରଖିବା ଆବଶ୍ୟକ। ଅନ୍ୟ ଦେଶଗୁଡ଼ିକରେ ଦୂତାବାସ ଥାଏ ଓ କୌଣସି ଦେଶ ସହିତ କୂଟନୈତିକ ସମ୍ପର୍କ ନ ଥିଲେ ଅବା ଛିନ୍ନ ହୋଇଯାଇଥିଲେ ପଡ଼ୋଶୀ ଦେଶର ଦୂତାବାସ ମାଧ୍ୟମରେ ଏସବୁ ସମ୍ବନ୍ଧରେ ଖବର ସଂଗ୍ରହ କରାଯାଏ। ଗୋପନ ଖବର ସଂଗ୍ରହ ଓ ଅନ୍ୟ ଦେଶର ଘଟଣା ପ୍ରବାହକୁ ପ୍ରଭାବିତ କରିବା ନିମନ୍ତେ କୂଟନୀତିଜ୍ଞ ବ୍ୟତୀତ ଗୋଇନ୍ଦା ଅଧିକାରୀଙ୍କ ଆବଶ୍ୟକତା ଅନୁଭୂତ ହୁଏ। ସେଥିଯୋଗୁ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଦେଶର ବୈଦେଶିକ ଗୋଇନ୍ଦା ସଂସ୍ଥା ରହିଛି। ଦ୍ୱିତୀୟ ମହାଯୁଦ୍ଧ ପରେ ଆମେରିକା ସରକାର ଏଫ୍‌ବିଆଇ ହାତରୁ ବୈଦେଶିକ ଗୋଇନ୍ଦା କାର୍ଯ୍ୟ ନବଗଠିତ ସିଆଇଏ ଉପରେ ନ୍ୟସ୍ତ କଲେ। ବ୍ରିଟିଶ ସରକାରଙ୍କ M15 ଓ M16 ନାମରେ ଦୁଇଟି ସଂସ୍ଥା ଅଛି। ଗୋଟିଏ ଆଭ୍ୟନ୍ତରୀଣ ଓ ଅନ୍ୟଟି ବୈଦେଶିକ ଗୋଇନ୍ଦା ଦାୟିତ୍ୱ ସମାପନ କରେ।

ଆମ ଦେଶରେ ସ୍ୱାଧୀନତା ପରେ ଇଣ୍ଟେଲିଜେନ୍ସ ବ୍ୟୁରୋ-ଆଇବି ଉଭୟ ଆଭ୍ୟନ୍ତରୀଣ ଓ ବୈଦେଶିକ ଗୋଇନ୍ଦା କାର୍ଯ୍ୟ ଦାୟିତ୍ୱରେ ଥିଲା। ଚାଇନା ସହିତ (୧୯୬୨) ଯୁଦ୍ଧ ସମୟରେ ଆଇବି ଚାଇନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହରେ ସଫଳ ହୋଇପାରିନାହିଁ ବୋଲି ଅନୁଭବ ହେବାରୁ ୧୯୬୮ରେ ଏକ ବୈଦେଶିକ ଗୋଇନ୍ଦା ସଂସ୍ଥା ସୃଷ୍ଟି ହେଲା। ସେ ସମୟରେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଓ ମୋରାରଜୀ ଦେଶାଇ ଉପପ୍ରଧାନମନ୍ତ୍ରୀ ଥିଲେ। ସଂସ୍ଥା ଗଠନର ଦାୟିତ୍ୱ ଆଇବିର ଯୁଗ୍ମ ନିର୍ଦ୍ଦେଶକ ରାମେଶ୍ୱର ନାଥ କାଓଙ୍କ ଉପରେ ନ୍ୟସ୍ତ ହେଲା। ସଂସ୍ଥାର ନାମକରଣ ହେଲା 'ଗବେଷଣା ଓ ବିଶ୍ଳେଷଣ ଶାଖା (R&AW)'। ଏହି ନୂତନ ସଂସ୍ଥାକୁ ନିଜ ଅଧୀନ କରିବାକୁ ଉଭୟ ବୈଦେଶିକ ଓ ଦେଶରକ୍ଷା ମନ୍ତ୍ରଣାଳୟ ଆଗ୍ରହ ପ୍ରକାଶ କରିଥିଲେ ହେଁ ଏହା କ୍ୟାବିନେଟ ସେକ୍ରେଟାରିଏଟ୍‌ର ଅଂଶବିଶେଷ ହୋଇ ପ୍ରଧାନମନ୍ତ୍ରୀଙ୍କ ଖୋଦ୍ ନିୟନ୍ତ୍ରଣାଧୀନ ହୋଇ ରହିଲା। ଏହି ସଂସ୍ଥାକୁ ବର୍ତ୍ତମାନ ୫୦ ବର୍ଷ ପୂର୍ଣ୍ଣ ହୋଇଛି। ଏହି ସଂସ୍ଥାର କାର୍ଯ୍ୟକଳାପକୁ ଗୋପନୀୟ ରଖାଯାଏ। ସଂସ୍ଥାର ଜଣେ ପୂର୍ବତନ ମୁଖ୍ୟ ଏ.ଏସ୍. ସୁଦ, ଦୁଇଜଣ ପୂର୍ବତନ ବରିଷ୍ଠ ଅଧିକାରୀ ବି. ରମଣ, ମେଜର ଜେନେରାଲ ଭି.କେ. ସିଂହ ଏହାମଧ୍ୟରେ ସଂସ୍ଥାରେ ନିଜର ଅଭିଜ୍ଞତା ଓ କାର୍ଯ୍ୟକାଳ ସମ୍ବନ୍ଧରେ ପୁସ୍ତକ ରଚନା କରିଛନ୍ତି ଓ ଆମେରିକାର ଭାରତ-ପାକିସ୍ତାନ ବିଶେଷଜ୍ଞ ଷ୍ଟିଫେନ କୋହେନ ମଧ୍ୟ କିଛି ଲେଖା ପ୍ରକାଶ କରିବା ଫଳରେ କେତେକ ତଥ୍ୟ ଲୋକଲୋଚନକୁ ଆସିଛି। ଏ ଲେଖକ ଏହି ସଂସ୍ଥାରେ ୧୨ ବର୍ଷ କାଳ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲା ଓ ତତ୍‌ସମ୍ବନ୍ଧୀୟ ଗୋପନୀୟତାର ଶପଥ ମଧ୍ୟ ନେଇଥିଲା। ତେଣୁ ଏ ପ୍ରବନ୍ଧ କେବଳ ପ୍ରକାଶିତ ତଥ୍ୟ ଆଲୋଚନା କରିବାରେ ସୀମିତ ରହିବ।

ଏ ସଂସ୍ଥା ଗଠନ ସମୟରେ ଇନ୍ଦିରା ଗାନ୍ଧୀ ସଂସ୍ଥାମୁଖ୍ୟ ଆର.ଏନ୍. କାଓଙ୍କୁ କ୍ୟାବିନେଟ ସେକ୍ରେଟାରିଏଟ୍‌ରେ ଅତିରିକ୍ତ ସଚିବ ପଦବୀ ପ୍ରଦାନ କରି ଏହାକୁ ଏକ ନିଛକ ପୋଲିସ ସଂସ୍ଥା ନ କରିବାକୁ ପରାମର୍ଶ ଦେଇଥିଲେ। କାଓ ପ୍ରଥମେ ଆଇବିର ବୈଦେଶିକ ଗୋଇନ୍ଦା ବିଭାଗର ଅଧିକାରୀ, କେତେଜଣ ମିଲିଟାରୀ ଅଫିସର, ଅଳ୍ପ କେତେଜଣ ଆଇଏଏସ୍ ଓ ଆଇଏଫ୍‌ଏସ୍ ଅଫିସର, କେତେଜଣ ବୈଜ୍ଞାନିକ, ଜଣେ ଫରେଷ୍ଟ ଅଫିସର, ଟେଲି କମ୍ୟୁନିକେଶନ ଅଧିକାରୀ, ଜଣେ ପୋଷ୍ଟାଲ ସର୍ଭିସ୍ ଅଫିସର ଓ ଅଳ୍ପ କେତେଜଣ ଅର୍ଥନୀତିଜ୍ଞଙ୍କୁ ନେଇ ସଂସ୍ଥା ଆରମ୍ଭ କରିଥିଲେ। କେତେକ ଯୁବ ଅଧିକାରୀଙ୍କୁ ସିଧାସଳଖ ନିଯୁକ୍ତି ଦିଆହୋଇଥିଲା।

ସଂସ୍ଥା ଗଠନର ପ୍ରଥମ ଦଶନ୍ଧିରେ ବାଂଲାଦେଶ ଯୁଦ୍ଧ, ସିକ୍କିମର ଭାରତ ସହିତ ମିଶ୍ରଣ, ଦେଶର ଆଣବିକ କାର୍ଯ୍ୟକ୍ରମରେ ଗୋପନୀୟତା ରକ୍ଷା, ଆଫଗାନିସ୍ତାନରେ ଆମର ପ୍ରଭାବ ବୃଦ୍ଧି ଓ ଦକ୍ଷିଣ ଆଫ୍ରିକାର ତତ୍କାଳୀନ ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ସେ ଦେଶରେ ଓ ପାର୍ଶ୍ୱବର୍ତ୍ତୀ ଦେଶଗୁଡ଼ିକରେ ଆନ୍ଦୋଳନକୁ ପ୍ରୋତ୍ସାହନ ପ୍ରଦାନରେ 'ର' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସଂସ୍ଥାର ଏହି କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ପ୍ରତି ବୈଦେଶିକ ମନ୍ତ୍ରଣାଳୟ ଓ ଆଇବି ବିମୁଖ ଥିଲେ ଏବଂ ୧୯୭୭ ମସିହାରେ ଜନତା ସରକାର ଗଠନ ପରେ ଏହାର ପକ୍ଷଚ୍ଛେଦ ଆରମ୍ଭ ହେଲା। ଏହା ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଛି ଓ ଇନ୍ଦିରା ଗାନ୍ଧୀଙ୍କୁ ରାଜନୈତିକ ସମର୍ଥନ ପ୍ରଦାନ କରୁଛି ବୋଲି ଜନତା ଦଳର ନେତାମାନେ ଅଭିଯୋଗ କରୁଥିଲେ। କାଓ ପଦଚ୍ୟୁତ ହେଲେ ଓ ତାଙ୍କର ଉତ୍ତରାଧିକାରୀ ଶଙ୍କରନ ନାୟାରଙ୍କ ପଦବୀକୁ ସଚିବରୁ ଡାଇରେକ୍ଟର କରିଦିଆଯିବାରୁ ସେ ସଂସ୍ଥା ଛାଡ଼ିଲେ। ସଂସ୍ଥାର ବଜେଟ ଓ କର୍ମଚାରୀ ସଂଖ୍ୟା ୨୦% ହ୍ରାସ କରିଦିଆଗଲା ଓ ପାକିସ୍ତାନରେ ଚାପ ସୃଷ୍ଟି କରୁଥିବା କେତେକ 'ର' କାର୍ଯ୍ୟକ୍ରମକୁ ଅନୈତିକ କହି ବନ୍ଦ କରିଦିଆଗଲା। 'ର'ରେ ନୂତନ ରକ୍ତର ସଞ୍ଚାର ହେଲାନାହିଁ। ୧୯୭୭ ମସିହାର କର୍ମଚାରୀ ହ୍ରାସ ନୀତି ପରେ ପ୍ରଥମ କରି ୧୯୭୯ ଜାନୁୟାରୀରେ ମୁଁ ଯୋଗଦେଲି। ଅନେକ ଅଭିଜ୍ଞ ଅଧିକାରୀ ନିଜ ରାଜ୍ୟ ଓ ମନ୍ତ୍ରଣାଳୟକୁ ଫେରିଗଲେ। ମୋରାରଜୀ ଦେଶାଇଙ୍କ ପ୍ରତି କୃତଜ୍ଞ ପାକିସ୍ତାନ ପରବର୍ତ୍ତୀ କାଳରେ ତାଙ୍କୁ ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନରେ ଭୂଷିତ କରିଥିଲା।

ଚାଇନା ଓ ପାକିସ୍ତାନର ଗତିବିଧି ଲକ୍ଷ୍ୟ 'ର'ର ମୁଖ୍ୟ କାର୍ଯ୍ୟ। କେଉଁ ଦେଶରୁ ଓ କିପରି ପାକିସ୍ତାନ ଅସ୍ତ୍ରଶସ୍ତ୍ର ଓ ଆଣବିକ ଉପାଦାନ ପ୍ରାପ୍ତ ହୁଏ, ତାହା କିପରି ବନ୍ଦ, ହ୍ରାସ ବା ବିଳମ୍ବ କରାଯାଇପାରିବ ସେଥିପ୍ରତି 'ର' ନଜର ରଖିଥାଏ। ବିଶେଷଜ୍ଞମାନଙ୍କ ମତରେ ନିଜର ଦକ୍ଷତା ଓ ଜ୍ଞାନ ବୃଦ୍ଧି ନିମନ୍ତେ 'ର' ଆମେରିକାର ସିଆଇଏ ଓ ଇସ୍ରାଏଲ୍‌ର ଗୋଇନ୍ଦା ସଂସ୍ଥା ମୋସାଦ୍ ସହିତ ସମ୍ପର୍କ ରକ୍ଷା କରେ।

ଖଲିସ୍ତାନ ଆନ୍ଦୋଳନ ତୀବ୍ରରୂପ ଦେବା ନିମନ୍ତେ ପାକିସ୍ତାନ ଖଲିସ୍ତାନୀମାନଙ୍କୁ ସାହାଯ୍ୟ କରୁଥିଲା। 'ର' ପାକିସ୍ତାନରେ ନିଜର କାର୍ଯ୍ୟକ୍ରମ ବଳରେ ପାକିସ୍ତାନୀ ଶାସକ ଗୋଷ୍ଠୀ ଉପରେ ଚାପ ସୃଷ୍ଟିକରି ସେମାନଙ୍କୁ ଖଲିସ୍ତାନୀଙ୍କୁ ସାହାଯ୍ୟ କରିବାରୁ ନିବୃତ୍ତ କରାଇପାରିଥିଲା। ଏହି ଚାପ ସୃଷ୍ଟିକାରୀ କାର୍ଯ୍ୟକ୍ରମଗୁଡ଼ିକୁ ୧୯୯୭ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ ଅନୈତିକ ବିବେଚନା କରି ବନ୍ଦ କରିଦେଲେ। ପାକିସ୍ତାନ ଚାପମୁକ୍ତ ହୋଇଗଲା ଓ କଶ୍ମୀର ଅଞ୍ଚଳରେ ଆତଙ୍କବାଦ ବୃଦ୍ଧି ପାଇଲା।

କାର୍‌ଗିଲ ଯୁଦ୍ଧ ସମୟରେ 'ର' ସମସ୍ତ ତଥ୍ୟ ପ୍ରଦାନ କରିନାହିଁ ବୋଲି ଦେଶରକ୍ଷା ବାହିନୀ ଅଭିଯୋଗ କରେ ଓ 'ର' ଏହାକୁ ଖଣ୍ଡନ କରି ତଥ୍ୟ ଯୋଗାଇଛି ବୋଲି ପ୍ରମାଣ ପ୍ରଦାନ କରେ। ସରକାର ଏହାର ସବିଶେଷ ତଦନ୍ତ ନିମନ୍ତେ କାର୍‌ଗିଲ ସମୀକ୍ଷା କମିଟି ଗଠନ କଲେ। କମିଟି ଦେଶର ଗୋଇନ୍ଦା ସଂସ୍ଥାଗୁଡ଼ିକ ପରସ୍ପର ସହିତ ସହଯୋଗିତା ରକ୍ଷା କରୁନାହାନ୍ତି ବୋଲି ମତ ଦେଇ ଏକ ଆମେରିକାର ଜାତୀୟ ସୁରକ୍ଷା ସଂସ୍ଥା ଅନୁକରଣରେ ସମସ୍ତ ପ୍ରକାର ବୈଷୟିକ ଗୋଇନ୍ଦା ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ ନିମନ୍ତେ NTRO ସଂସ୍ଥା ଗଠନ ଲାଗି ସୁପାରିସ କଲେ। ଦେଶରକ୍ଷା ବାହିନୀ ନିମନ୍ତେ Defence Intelligence Agency ସୃଷ୍ଟି ହେଲା।

ଦେଶରେ ଅନେକ ଗୋଇନ୍ଦା ସଂସ୍ଥା ଅଛି। ତନ୍ମଧ୍ୟରୁ ଆଇବି ଓ 'ର' ସବୁଠାରୁ ପ୍ରଭାବଶାଳୀ। ସବୁ ଗୋଇନ୍ଦା ସଂସ୍ଥା ପରସ୍ପର ମଧ୍ୟରେ ସହଯୋଗିତା ରଖି କାର୍ଯ୍ୟ କରିବା ଆବଶ୍ୟକ। 'ର' ନିମନ୍ତେ ଏକ Research and Analysis Service ସୃଷ୍ଟି ହୋଇଥିଲେ ମଧ୍ୟ ଏହା UPSC ମାଧ୍ୟମରେ ନିଯୁକ୍ତ ହେଉ ନ ଥିବାରୁ, ଏହାର ଗୁଣାତ୍ମକ ମାନ ପ୍ରତି ଧ୍ୟାନ ଦିଆଯିବା ଦରକାର। ଅନ୍ୟ ସମସ୍ତ ବିଭାଗରୁ ପ୍ରତିନିଯୁକ୍ତି ଦେବା ଆବଶ୍ୟକ। ଫଳରେ 'ର' ବିଭାଗର ବିଶ୍ଳେଷଣାତ୍ମକ ମାନ ବୃଦ୍ଧି ପାଇବ। 'ର' ଏଜେଣ୍ଟମାନଙ୍କର ବିଦେଶୀ ଭାଷା ଶିକ୍ଷା କରିବା ଓ ଆଞ୍ଚଳିକ ବିଶେଷଜ୍ଞ ସୃଷ୍ଟି କରିବାରେ ଉଦ୍ୟମ ହେବା ଆବଶ୍ୟକ। ପୋଲିସ ଅଫିସରଙ୍କ ସଂଖ୍ୟା ବିଭାଗରେ ଏକ ତୃତୀୟାଂଶରୁ ଅଧିକ ହେବା ଅନୁଚିତ। କାରଣ ପୋଲିସ ଅଫିସରଙ୍କର ଆତ୍ମପ୍ରକ୍ଷେପ ବ୍ୟକ୍ତିତ୍ୱ ଓ ଗୋଇନ୍ଦା ଅଧିକାରୀଙ୍କର ଆତ୍ମବିଲୋପ ବ୍ୟକ୍ତିତ୍ୱଠାରୁ ଭିନ୍ନ। ଯେଉଁ ପୋଲିସ ଅଫିସରମାନେ ସେଠାକୁ ଯିବେ ତାଙ୍କର ଗୋଇନ୍ଦା କାର୍ଯ୍ୟର ଅଭିଜ୍ଞତା ଓ ସେ ପ୍ରକାର ବ୍ୟକ୍ତିତ୍ୱ ଥିବା ଆବଶ୍ୟକ। ଶେଷରେ ଦେଶର କୂଟନୈତିକ ସେବା ଓ ବିଦେଶରେ ଗୋଇନ୍ଦା କାର୍ଯ୍ୟର ଆବଶ୍ୟକତାର ବାସ୍ତବତାକୁ ଉପଲବ୍ଧି କରିବା ଆବଶ୍ୟକ।

ମୋ-୯୯୩୭୪୨୨୫୨୧

ନିଃସଙ୍ଗତା ଓ ଜୀବନ

ଅଲେଖ ଚନ୍ଦ୍ର ମିଶ୍ର

ପ୍ରଖ୍ୟାତ ଇଂରାଜୀ କବି ଆଲେକଜାଣ୍ଡାର ପୋପ୍‌ଙ୍କର ଲୋକପ୍ରିୟ କବିତା 'ଓଡ୍ ଅନ୍ ସଲିଟ୍ୟୁଡ'ର ପଂକ୍ତିଟିଏ ହେଲା ''ଦସ୍ ଲେଟ୍ ମିଲର ଅନ୍‌ସିନ୍ ଅନ୍‌ନୋନ୍ ଦସ୍ ଅନ୍‌ଲାମେଣ୍ଟେଡ ଲେଟ୍ ମି ଡାଏ, ଷ୍ଟିଲ ଫ୍ରମ୍ ଦ ଓ୍ୱାର୍ଲଡ ନଟ୍ ଏ ଷ୍ଟୋନ୍ ଟେଲ୍ ହୋୟାର ଆଇ ଲାଏ।'' (ଏହିପରି ଅଦୃଷ୍ଟ, ଅଜ୍ଞାତ ଭାବରେ ମତେ ବଞ୍ଚିବାକୁ ଦିଅ। ଏହିପରି ମରିଯାଏ ଯେପରି ମୋ ପାଇଁ କେହି ଶୋକ କରିବେନି। ମୃତ୍ୟୁ ପରେ ବି ମୋର ସମାଧି ବନେଇବନି କାରଣ ତାହା ମୋର ଅବସ୍ଥିତିକୁ ସୂଚେଇଦେବ।) କେତେ ନୈରାଶ୍ୟର ଅଭିବ୍ୟକ୍ତି, କେତେ ଅଭିମାନଭରା ଅଭିଳାଷର ସଙ୍କେତ ଦିଏ ଏହି ପଦ୍ୟାଂଶଟି। ମଣିଷ କେଉଁ ସ୍ତରରେ ପହଞ୍ଚିଲେ ଏହିଭଳି ଭାବାବେଗର ବାଣୀ ମୁଖରୁ ତା'ର ନିଃସୃତ ହୁଏ, ସେ କଥା ଚିନ୍ତାକଲେ ଆଖିଆଗରେ ଭାସିଯାଏ ଏକ ନିଃସଙ୍ଗ ଜୀବନର ଅଲୋଡ଼ା ପ୍ରତିଚ୍ଛବି। ଏହାର କେତେକ କାରଣ ହେଲା ଦେଶ ବା ଗୃହତ୍ୟାଗ, ବାସସ୍ଥାନ ପରିବର୍ତ୍ତନ, କ୍ରୋଧବଶତଃ ପ୍ରିୟଜନକୁ ହରେଇବା, ଯୌଥ ପରିବାର ଭାଙ୍ଗିବା, ପ୍ରଭୂତ ଧନସମ୍ପତ୍ତିର ଅଧିକାରୀ ହୋଇ ଆତ୍ମୀୟଙ୍କଠାରୁ ଦୂରେଇଯିବା ଇତ୍ୟାଦି। ଏହାଛଡା ପରିତ୍ୟକ୍ତ, ପ୍ରତ୍ୟାଖ୍ୟାତ, ଅବିବାହିତ, ମୃତଦାର, ବିଧବା, ନିଃସନ୍ତାନ, କିନ୍ନର ପ୍ରମୁଖ ଏକୁଟିଆ ଜୀବନ ବିତେଇବାକୁ ବାଧ୍ୟ ହୋଇଥାନ୍ତି। ଏହାର ଅନ୍ୟ ଏକ ହେତୁ ହେଲା ସ୍ୱାର୍ଥ। ସ୍ୱାର୍ଥାନ୍ଧ ଲୋକ କେବଳ ନିଜ ଛଡା ଆଉ କିଛି ଭାବେନା ଏବଂ ଶେଷରେ ଅବହେଳାର ଶିକାର ହୋଇ ଅକଥନୀୟ ଯାତନା ଭୋଗ କରେ। ପ୍ରିୟଜନଙ୍କର ଅକାଳ ବିୟୋଗ ବେଳେ ବେଳେ ବି ଲୋକକୁ ଏକା କରିଦିଏ।

ଜୀବନର ପ୍ରଥମ ତିନି ସୋପାନ (ଶୈଶବ, ଯୌବନ, ପ୍ରୌଢ଼ାବସ୍ଥା)ରେ ଦୃଢ଼ ମାନସିକ ଶକ୍ତି ଓ ଶାରୀରିକ ସାମର୍ଥ୍ୟ ଯୋଗୁ ହୁଏ ତ ଏକଲାପଣକୁ ମଣିଷ ହେୟଜ୍ଞାନ କରେ। ମାତ୍ର ଅଲକ୍ଷ୍ୟରେ ଏକ ଅଭାବବୋଧର ଗ୍ଲାନି ମନ ଭିତରେ ତା'ର ଦାନା ବାନ୍ଧୁଥାଏ, ଯାହାର ପୁଞ୍ଜିଭୂତ ପ୍ରଭାବ ତା'ର ଚତୁର୍ଥ ସୋପାନ (ବାର୍ଦ୍ଧକ୍ୟ)କୁ ବିପର୍ଯ୍ୟସ୍ତ କରିଦିଏ। କାରଣ ସେତେବେଳେ ତା'ର ଅନ୍ୟର ସାହାରା ଆବଶ୍ୟକ ହୁଏ। ନିଃସଙ୍ଗତା ହେତୁ ଘୋର ମାନସିକ ଅସନ୍ତୁଳନର ଶିକାର ହୋଇ ପୃଥିବୀର ଅନେକ ସେଲିବ୍ରିଟି ଚରମ ପଦକ୍ଷେପକୁ ଆପଣେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୧୭ରେ ପ୍ରକାଶିତ ରିପୋର୍ଟ ଅନୁସାରେ ସାରା ପୃଥିବୀରେ ଆତ୍ମହତ୍ୟା କରୁଥିବା (ବାର୍ଷିକ ହାରାହାରି ୮ ଲକ୍ଷ) ଲୋକଙ୍କ ମଧ୍ୟରୁ ଶତକଡା ୫୦ ଏକାକୀ ରହୁଥିବା ଲୋକ।

ନିଃସଙ୍ଗ ଜୀବନ ଏକ ଦାରୁଣ ଅଭିଶାପ ସଦୃଶ। ପାରିବାରିକ ବନ୍ଧନ ବା ସାମାଜିକ ସମ୍ପର୍କରୁ ବଞ୍ଚିତ ହେବା ଏକ କଠୋର ଶାସ୍ତି। ସେଥିପାଇଁ କେଉଁ ଅନାଦିକାଳରୁ କାରାବାସ, ନିର୍ବାସନ, ଦେଶାନ୍ତର, ଏକଘରିଆ, ନିଆଁପାଣି ବନ୍ଦ, ବାସନ୍ଦ ଇତ୍ୟାଦି ଦଣ୍ଡବିଧିର ଅଂଶବିଶେଷ ହୋଇ ରହିଆସିଛି। ନିର୍ଜନତାର ଭୟାବହତା ଉପରେ ଆଧାରିତ ଦୁଇଟି ମହାକାବ୍ୟ ଏବେ ବି ପାଠକ ହୃଦୟରେ ଶିହରଣ ସୃଷ୍ଟିକରେ। ସେଥିରୁ ଗୋଟିଏ ହେଲା କାଳିଦାସଙ୍କର ଅମର କୃତି 'ମେଘଦୂତମ୍', ଯେଉଁଥିରେ କୁବେରଙ୍କ ଦ୍ୱାରା ଶାପଗ୍ରସ୍ତ ଯକ୍ଷ କିପରି ନିଜ ବାସସ୍ଥାନ ଅଳକାପୁରୀରୁ ବିଚ୍ୟୁତ ହୋଇ ମର୍ତ୍ତ୍ୟ (ରାମଗିରି)ରେ ଏକାକୀ ଅବସ୍ଥାନ କରୁଥିଲା ବେଳେ ନିଜ ପ୍ରିୟଜନଙ୍କର ସ୍ମୃତିରେ ଲୋତକ ଢାଳୁଥିଲା, ତାହାର ଦୁଃଖଦ ବର୍ଣ୍ଣନା କରାଯାଇଛି। ଅନ୍ୟଟି ହେଲା ସାରା ପୃଥିବୀରେ ଚହଳ ସୃଷ୍ଟି କରିଥିବା ପ୍ରଖ୍ୟାତ ଇଂରେଜ କବି ଉଇଲିୟମ୍ କାଓପରଙ୍କ ରଚିତ 'ଦ ସଲିଟ୍ୟୁଡ୍ ଅଫ୍ ଆଲେକଜାଣ୍ଡାର ସେଲକାର୍କ', ଯେଉଁଥିରେ ନିଜର ସାଙ୍ଗସାଥୀଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ଏକ ଭୟଙ୍କର ନିର୍ଜନ ଦ୍ୱୀପରେ (ଜୁଆନ ଫର୍ନାଡେଜ) ମୃତ୍ୟୁ ସହ ସଂଗ୍ରାମ କରୁଥିବା ସ୍କଟିସ୍ ନାବିକ ସେଲକାର୍କ ନିଜର ପରିଜନଙ୍କୁ ମନେପକେଇ ନିତି ଲୁହ ଢାଳୁଥିଲେ। ଯେଉଁ ପ୍ରିୟଲୋକ ବଞ୍ଚିଥିବା ବେଳେ ମଣିଷ ତାଙ୍କୁ ଅବହେଳା କରିବାର ପରିଣାମ ବୁଝେନା, ତା'ର ଦେହାନ୍ତ ପରେ ଆଜୀବନ ତାଙ୍କୁ ଝୁରି ହେଉଥାଏ।

କୌଣସି କାରଣରୁ ଏକା ହୋଇଯାଇଥିବା ଲୋକ ନିମ୍ନୋକ୍ତ କେତୋଟି କଥା ପ୍ରତି ଦୃଷ୍ଟିଦେଲେ ତାଙ୍କର ଦୁଃଖଭାର ଲାଘବ ହୋଇପାରେ। ଯାହାର ନିଜର କେହି ନାହିଁ, ସେ ପରକୁ ଆପଣାର କରିବାକୁ ଚେଷ୍ଟା କରିବା ଉଚିତ। କାରଣ ପରଲୋକ ଅନେକ ସମୟରେ ଆପଣାଠୁ ଅଧିକ ହୋଇଥାନ୍ତି। ଧାର୍ମିକ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୂଜାପାର୍ବଣ ଇତ୍ୟାଦି ସାମୂହିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ହେଲେ ଭଲ। ଲେଖିବା, ପଢ଼ିବାରେ ସମୟ କଟେଇଲେ ଅଯଥା ଚିନ୍ତାରୁ ମୁକ୍ତି ମିଳେ। କୌଣସି ଆଶ୍ରମ ବା ଜରାନିବାସରେ ରହୁଥିଲେ ସେଠାକାର ଅନ୍ତେବାସୀଙ୍କ ସହିତ ସୁସମ୍ପର୍କ ରଖିଲେ ସମୟ ସହଜରେ କଟିଯାଏ। ଅତୀତର କୌଣସି ଦୁଃଖଦ ଘଟଣା ମନେପଡିଲେ, ମନକୁ ଅନ୍ୟ ପ୍ରସଙ୍ଗ ଆଡକୁ ଟାଣିନେବା ବିଧେୟ। ଭଗବତ୍ ଚିନ୍ତା ଏକ ଉତ୍କୃଷ୍ଟ ଉପାୟ। କ୍ରୋଧ ସମ୍ବରଣ କଲେ ଅନେକ ସମସ୍ୟା ଦୂରେଇଯାଏ। ଏ କ୍ଷେତ୍ରରେ ଶାସ୍ତ୍ରବାଣୀ ହେଲା- 'ଏକଃ ସ୍ୱାଦୁ ନ ଭୁଞ୍ଜୀତ ଏକଶ୍ଚାର୍ଥାନ୍ ନ ଚିନ୍ତୟେତ୍। ଏକୋ ନ ଗଚ୍ଛେଦଧ୍ୱାନଂ ନୈକ ଶୁପ୍ତେସୁ ଜାଗୃୟାତ୍।' ଅର୍ଥାତ୍, ସ୍ୱାଦୁ ପଦାର୍ଥଟିଏ ଏକା ଖାଇବନି, ଏକା ଅର୍ଥଚିନ୍ତା କରିବନି, ଏକାକୀ ବାଟ ଚାଲିବନି, ସମସ୍ତେ ଶୋଇଥିବା ବେଳେ ଏକାକୀ ଜାଗ୍ରତ ରହିବନି।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

ଏଇ ଭାରତରେ

ନବଜାତ ଶିଶୁ ସନ୍ତାନକୁ ପାଖରେ ରଖି ଦାୟିତ୍ୱ ସମ୍ପାଦନ କରିବା କଷ୍ଟକର ହେଲେ ବି ତାହାକୁ କାର୍ଯ୍ୟରେ ପରିଣତ କରିଛନ୍ତି ଝାନ୍‌ସୀର କଟଓ୍ୱାଲି ଥାନାର କନଷ୍ଟେବଳ ଅର୍ଚ୍ଚନା ଜୟନ୍ତ(୩୦)। ସେ ରିସେପ୍‌ଶନ ଡେସ୍କ ପାର୍ଶ୍ୱରେ ଶିଶୁକନ୍ୟାକୁ ଶୁଆଇ କାର୍ଯ୍ୟ କରୁଥିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାପରେ ଚର୍ଚ୍ଚାର ବିଷୟ ହୋଇଛି। ଉତ୍ତରପ୍ରଦେଶର ଡିଜିପି ତାଙ୍କୁ ନିଜ ଜିଲା ଆଗ୍ରାକୁ ବଦଳି କରିଦେଇ ମହାନତାର ପରିଚୟ ଦେଇଛନ୍ତି। କାରଣ ସେ ଶିଶୁ ସନ୍ତାନକୁ ପରିବାର ଯତ୍ନରେ ଛାଡିପାରିବେ। ଏଥିସହିତ ପୋଲିସ ଆଇଜି ତାଙ୍କୁ ୧,୦୦୦ଟଙ୍କା ପୁରସ୍କାର ଦେଇଛନ୍ତି। ଡିଜିପି ଜାଣିବାକୁ ପାଇଲେ, ଅର୍ଚ୍ଚନା କଠିନ ପରିଶ୍ରମୀ। ତାଙ୍କର ଶିଶୁକନ୍ୟା ଜନ୍ମ ହୋଇଥିଲେ ବି ସେ ଶିଶୁଯତ୍ନକାଳୀନ ଛୁଟି ନେଇନାହାନ୍ତି। କାରଣ ସେ କର୍ତ୍ତବ୍ୟ କରିବାକୁ ପସନ୍ଦ କରନ୍ତି। ଅର୍ଚ୍ଚନା ୨୦୧୬ରୁ ଝାନ୍‌ସୀରେ ପୋଷ୍ଟିଂ ହେଲେଣି। ତାଙ୍କ ୧୦ବର୍ଷର ବଡଝିଅ କାନପୁରରେ ଶାଶୁଶ୍ୱଶୁରଙ୍କ ସହିତ ରହୁଛି। ତାଙ୍କ ସ୍ୱାମୀ ଗୁରଗାଓଁରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ତେଣୁ ତାଙ୍କୁ ଆଗ୍ରା ବଦଳି କଲେ ସେ କୃତଜ୍ଞ ହେବେ ବୋଲି ଡିଜିପିଙ୍କୁ ଜଣାଇବା ପରେ ବଦଳି ଆଦେଶ ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା। ଦୀର୍ଘଦିନରୁ ମାତାପିତା ଏବଂ ସ୍ୱାମୀଙ୍କୁ ଦେଖା କରିପାରି ନ ଥିବା ଅର୍ଚ୍ଚନା ଏବେ ଖୁସି, କାରଣ ସେମାନଙ୍କ ସହିତ ସେ ଦୀପାବଳି ପାଳନ କରିପାରିବେ। ତାଙ୍କ ୧୦ବର୍ଷର ଝିଅକୁ ମଧ୍ୟ ସେ ଆଗ୍ରାକୁ ନେଇଆସିଛନ୍ତି। ସବୁ ସଦସ୍ୟଙ୍କ ଗହଣରେ ତାଙ୍କ ପରିବାର ଏବେ ହସିଲା ପୁରିଲା ପରି ଲାଗିବ ବୋଲି ଅର୍ଚ୍ଚନା ପ୍ରକାଶ କରିଛନ୍ତି।

୨୫ ବର୍ଷ ତଳର ଧରିତ୍ରୀ

୩୦ ଅକ୍ଟୋବର ୧୯୯୩

- ତୁର୍କୀ ଓ ଇରାନ ସୀମାନ୍ତରେ କୁର୍ଦ୍ଦିଶ ବିଦ୍ରୋହୀ ଓ ତୁର୍କୀ ସରକାରୀ ସେନାଙ୍କ ମଧ୍ୟରେ ଲାଗିଥିବା ଘମାଘୋଟ ସଂଘର୍ଷରେ ୬୭ଜଣ ପ୍ରାଣ ହରାଇଥିବାର ସରକାରୀ ଭାବେ ପ୍ରକାଶ କରାଯାଇଛି।
- ଦ୍ୱିପାକ୍ଷିକ ବାଣିଜ୍ୟ ଓ ପାରସ୍ପରିକ ସହଯୋଗକୁ ବୃଦ୍ଧି କରିବା ନିମନ୍ତେ ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

ପାଠକ ଶ୍ରେଷ୍ଠ ବିଚାରକ

ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ମହାଶୟ,

ଓଡ଼ିଶା ସରକାର କେନ୍ଦୁଝର ଜିଲାରେ ଏକ ୫୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ସାଙ୍ଗକୁ ଏକଶତ ଆସନ ବିଶିଷ୍ଟ ଏକ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି। ନିର୍ମାଣାଧୀନ ଭେଷଜ ମହାବିଦ୍ୟାଳୟକୁ କେନ୍ଦୁଝର ରାଜ୍ୟର ପ୍ରତିଷ୍ଠାତା ରାଜା ଜ୍ୟୋତି ଭଞ୍ଜଦେଓଙ୍କ ନାମରେ ନାମିତ କରିବା ପାଇଁ ଅନୁରୋଧ କରୁଛି। ଏହା ସହିତ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆଗାମୀ ଶିକ୍ଷାବର୍ଷରେ ଯେପରି ଡାକ୍ତରୀ ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ, ସେଥିପାଇଁ ଗୁରୁତ୍ୱ ଦେବାକୁ ପ୍ରଶାସନକୁ ଅନୁରୋଧ।

ଡମ୍ବରୁଧର ଘଣା, କେନ୍ଦୁଝର

ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାରେ ସୁଧାର ଆସୁ

ବିଭିନ୍ନ ସମୟରେ ଆମ୍ବୁଲାନ୍ସ ନ ଯିବା ଯୋଗୁ ଓ ରାସ୍ତାଘାଟର ଅସୁବିଧା ହେତୁ ଆସନ୍ନପ୍ରସବା ମହିଳାମାନଙ୍କୁ ଖଟିଆରେ ବୁହାଇ ନଈନାଳ ପାର ହୋଇ ମେଡିକାଲ ଆଣିବା ଘଟଣା ଦେଖିବାକୁ ମିଳୁଛି। ଶବକୁ ସାଇକେଲରେ ବା ଟ୍ରଲିରେ ବୁହାଇ ଅଣାହେବା ଘଟଣା ଆମକୁ ଲଜ୍ଜା ଲାଗୁଛି। ଡାକ୍ତରମାନେ ଗ୍ରାମାଞ୍ଚଳରେ ରହି ରୋଗୀସେବାକୁ ନିଜର ନୈତିକ ଦାୟିତ୍ୱ ବୋଲି ଭାବୁନାହାନ୍ତି। ତେଣୁ ରୋଗୀର ମୃତ୍ୟୁକୁ ନେଇ କେଉଁଠି ନା କେଉଁଠି ବିବାଦ ମୁଣ୍ଡ ଟେକୁଛି। ଏଣୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଦିଗରେ ସରକାର ଯତ୍ନବାନ୍ ହୁଅନ୍ତୁ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ଜନମଙ୍ଗଳ ରାଷ୍ଟ୍ରରେ ଶୋଷଣ

ଭାରତ ପରି ଜନମଙ୍ଗଳ ରାଷ୍ଟ୍ରରେ ନିର୍ବାଚିତ ପ୍ରତିନିଧିମାନେ ନିଜ ନିଜର ଦରମା, ଭତ୍ତା, ପେନ୍‌ସନକୁ ନିଜେ ସ୍ଥିର କରିଚାଲିଛନ୍ତି। ଯେଉଁ ନାଗରିକ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ଚେଷ୍ଟା କରୁଛି, ସରକାର ତା' ଉପରେ ଜିଜିଆ କର ଭଳି ଗୋଟିଏ ପରେ ଗୋଟିଏ ଅମାନବୀୟ ଟିକସ ବସାଇ ଚାଲିଛନ୍ତି। ପେଟ୍ରୋଲ ଡିଜେଲ ଉପରେ ଟିକସ ବୃଦ୍ଧି କରି ଦରବୃଦ୍ଧି କରାଯାଉଛି ଏବଂ କୁହାଯାଉଛି ଏଥିରୁ ମିଳୁଥିବା ପାଣ୍ଠିରେ ଜନସାଧାରଣଙ୍କ ପାଇଁ ଜନମଙ୍ଗଳ କାର୍ଯ୍ୟ କରାଯାଉଛି। ଅଥଚ ଲୋକପ୍ରତିନିଧିମାନଙ୍କର ଦରମା ଭତ୍ତା, ଗସ୍ତଖର୍ଚ୍ଚ ବୃଦ୍ଧି କରାଯାଉଛି। କିନ୍ତୁ ଗରିବ ଓ ମଧ୍ୟବିତ୍ତ ଲୋକଙ୍କୁ ଶୋଷଣ କରାଯାଉଛି।

ଦେବେନ୍ଦ୍ର କୁମାର ପରିଡ଼ା, ନନ୍ଦିଗ୍ରାମ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

“ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମିତ୍ତ ଅଧିକ ସଂଖ୍ୟକ ଭଲ ଡାକ୍ତର ଏବଂ ମେଡିକାଲ କଲେଜର ଆବଶ୍ୟକତା ରହିଛି ।

- ରାମନାଥ କୋବିନ୍ଦ, ରାଷ୍ଟ୍ରପତି

‘ମୋଦିଙ୍କ ଭୁଲ ପାଇଁ କଶ୍ମୀରରେ ନିଆଁ ଜଳୁଛି’

ମହାକାଳେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କଲେ ରାହୁଲ

ଉଜ୍ଜୟିନୀ,୨୯ା୧୦(ପି.ଟି.)-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୁଲ ପାଇଁ ଜମ୍ମୁ-କଶ୍ମୀରରେ ନିଆଁ ଜଳୁଛି। ମୋଦି ସରକାର ଆତଙ୍କବାଦୀଙ୍କ ପ୍ରବେଶ ପାଇଁ ବାଟ ଖୋଲିଛନ୍ତି। କଶ୍ମୀରରେ କୌଣସି ନେତା ଶହୀଦ ହୋଇନାହାନ୍ତି କେବଳ ସେନାର ଯବାନ ପ୍ରାଣବଳି ଦେଉଛନ୍ତି। ଏସବୁ କେବଳ ମୋଦିଙ୍କ ଭୁଲ ପାଇଁ ହୋଇଛି ବୋଲି

କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ମଧ୍ୟପ୍ରଦେଶକୁ ଦୁଇ ଦିନିଆ ନିର୍ବାଚନୀ ଗସ୍ତରେ ଯାଇଥିବା ବେଳେ କହିଛନ୍ତି। ଏହି ସମୟରେ ରାହୁଲ ପ୍ରସିଦ୍ଧ ମହାକାଳେଶ୍ୱର ମନ୍ଦିର ଯାଇଥିଲେ। ତାଙ୍କୁ ଧୋତି ପିନ୍ଧି ମନ୍ଦିର ଭିତରେ ପୂଜା କରୁଥିବାର ଦେଖିବାକୁ ମିଳିଥିଲା। ତାଙ୍କ ସହିତ ରାଜ୍ୟ କଂଗ୍ରେସର ଦୁଇ ବରିଷ୍ଠ ନେତା କମଲ ନାଥ ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆ ରହିଥିଲେ। ପୂର୍ବରୁ ରାହୁଲ ୨୦୧୦ରେ ମନ୍ଦିରକୁ ଆସିଥିଲେ ବୋଲି ଦଳୀୟ ନେତା କହିଛନ୍ତି। ରାହୁଲଙ୍କ ପୂର୍ବରୁ ଏହି ମନ୍ଦିରକୁ ତାଙ୍କ ଜେଜେ ମା’ ଇନ୍ଦିରା ଗାନ୍ଧୀ, ବାପା ରାଜୀବ ଗାନ୍ଧୀ ଏବଂ ମା’ ସୋନିଆ ଗାନ୍ଧୀ ମଧ ଆସିସାରିଛନ୍ତି। ମଧ୍ୟପ୍ରଦେଶ ଗସ୍ତ ଅବସରରେ ରାହୁଲ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର ‘ୱାନ୍ ର୍ୟାଙ୍କ, ୱାନ୍ ପେନସନ୍’ କଥା କହୁଛନ୍ତି। ପ୍ରକୃତରେ ଏହି ଯୋଜନା ଲାଗୁ କରାଯାଇନି। ପ୍ରଧାନମନ୍ତ୍ରୀ ମିଛ କଥା କହୁଛନ୍ତି। ୨୦୧୬ରେ ସେନା ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ କରିଥିବା କଥା ମୋଦି କହୁଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ସେହି ସୈନିକଙ୍କ ପାଇଁ କ’ଣ କରିଛନ୍ତି ତାହା କେବେ କହିନାହାନ୍ତି। ଏହାପରେ ସେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ଟାର୍ଗେଟ କରି କହିଥିଲେ, ବିଜୟ ମାଲ୍ୟା ଦେଶ ଛାଡିବାର ୪୦ ମିନିଟ୍ ପୂର୍ବରୁ ଜେଟଲୀଙ୍କୁ ଭେଟିଥିଲେ। ସେଭଳି, ନୀରବ ମୋଦି ଏବଂ ମେହୁଲ ଚୋକସିଙ୍କ ଭଳି ଉଦ୍ୟୋଗପତି କୋଟି କୋଟି ଟଙ୍କା ନେଇ ଫେରାର ହେବା ଘଟଣା ଅର୍ଥମନ୍ତ୍ରୀ ଜାଣିଛନ୍ତି ବୋଲି ସେ କହିଛନ୍ତି।

ପୁଣି ଗଡ଼ିଲା ଅଯୋଧ୍ୟା ମାମଲା

ନୂଆଦିଲ୍ଲୀ,୨୯ା୧୦(ପି.ଟି.)

ମହନ୍ତ ଧରମ ଦାସ



ଜାଫରୟାବ୍ ଜିଲାନି

ସୁପ୍ରିମକୋର୍ଟଙ୍କ ରାୟ

- ଜମି ବିବାଦର ତ୍ୱରିତ ଶୁଣାଣି ହେବ ନାହିଁ
- ଜାନୁୟାରୀରେ ଶୁଣାଣି ନିଷ୍ପତ୍ତି
- ଅଧାଦେଶ ଆଣିବାକୁ ଭାଜପା, ଆର୍‌ଏସ୍‌ଏସ୍‌ର ଦାବି
- ରାୟ ଆସିବା ଯାଏ ସମସ୍ତେ ଅପେକ୍ଷା କରନ୍ତୁ: କଂଗ୍ରେସ

ଅଯୋଧ୍ୟା ଜମି ବିବାଦକୁ ନେଇ ସୋମବାର ପୁଣି ବାତାବରଣ ଉଷ୍ମ ହୋଇଛି। ମାମଲାର ତ୍ୱରିତ୍ ଶୁଣାଣି କରିବାକୁ ସୋମବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ବିବାଦୀୟ ଜମିକୁ ନେଇ ଚାଲିଥିବା ଟଣାଓଟରାର ସମାଧାନ ଲାଗି ଏକ ‘ନିର୍ଦ୍ଦିଷ୍ଟ ଖଣ୍ଡପୀଠ’ ଗଠନ ହେବ। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଥିବା ଏହି ମାମଲାର ଶୁଣାଣି କେବେ ହେବ, ତାହା ଉକ୍ତ ଖଣ୍ଡପୀଠ ସ୍ଥିର କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ସଦ୍ୟ ରାୟ ପରେ ହିନ୍ଦୁ ଗୋଷ୍ଠୀଗୁଡ଼ିକ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରିଛନ୍ତି। ଏନେଇ ଏକ ଅଧ୍ୟାଦେଶ ଜାରି କରାଯାଉ ବୋଲି ଭାଜପା ଓ ସଂଘ ପରିବାରରେ ସ୍ୱର ଉଠୁଥିବାବେଳେ ଅଦାଲତଙ୍କ ଚୂଡ଼ାନ୍ତ ରାୟ ପ୍ରକାଶ ହେବା ଯାଏ ଅପେକ୍ଷା କରିବାକୁ କଂଗ୍ରେସ ଓ ମୁସଲମାନ ଗୋଷ୍ଠୀ କହିଛନ୍ତି।

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦାବି ଦୀର୍ଘବର୍ଷ ହେଲା ଜୋର୍ ଧରିଛି। ୧୯୯୪ ଡିସେମ୍ବର ୬ରେ ଏଠାରେ ଥିବା ବାବ୍ରୀ ମସ୍‌ଜିଦ ଭଙ୍ଗ ହେବା ପରେ ବିବାଦ ଘନୀଭୂତ ହୋଇଛି ଏବଂ ମାମଲା ଅଦାଲତରେ ଗଡୁଛି। ଖୁବ୍‌ଶୀଘ୍ର ସମାଧାନର ବାଟ ବାହାର କରିବା ଲାଗି ବହୁ ଚର୍ଚ୍ଚିତ ଅଯୋଧ୍ୟା ମାମଲାର ନିତିଦିନିଆ ଶୁଣାଣି ସୋମବାରରୁ ଆରମ୍ଭ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଭଳି ଘଟିଲା ନାହିଁ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା ତିନି ଜଣିଆ ଖଣ୍ଡପୀଠ ମାମଲାର ତ୍ୱରିତ୍ ଶୁଣାଣି କରିବାକୁ ଅମଙ୍ଗ ହେବାରୁ ରାମ ଭକ୍ତଙ୍କ ଅପେକ୍ଷାର ଘଡ଼ି ପୁଣି ବଢ଼ିଯାଇଛି। ଜଷ୍ଟିସ୍ ଏସ୍.କେ. କୌଲ୍ ଏବଂ କେ.ଏମ୍. ଯୋଶେଫ୍ ସଦସ୍ୟ ଥିବା ଖଣ୍ଡପୀଠ କହିଛନ୍ତି ଯେ, କେଉଁ ମାମଲାକୁ ପ୍ରାଥମିକତା ଦିଆଯିବ ସୁପ୍ରିମକୋର୍ଟ ସେ ନିଷ୍ପତ୍ତି ନେବେ। ତଦନୁଯାୟୀ ଅଯୋଧ୍ୟା ମାମଲାର ଶୁଣାଣି ଜାନୁୟାରୀ, ଫେବୃୟାରୀ କିମ୍ବା ମାର୍ଚ୍ଚରେ ହେବ ନିଷ୍ପତ୍ତି କୋର୍ଟ ନେବେ। ତେବେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ସଂକ୍ରାନ୍ତରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଏକାଧିକ ଆବେଦନ ଉପରେ ନିର୍ଦ୍ଦିଷ୍ଟ ଖଣ୍ଡପୀଠ ବିଚାର କରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ଅଯୋଧ୍ୟାର ୨.୭୭ ଏକର ବିଶିଷ୍ଟ ବିବାଦୀୟ ଜମିକୁ ନେଇ ଲାଗିରହିଛି ବିବାଦ। ଏହି ଜମିକୁ ତିନି ପକ୍ଷ ଅର୍ଥାତ୍ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲଲ୍ଲା ମଧ୍ୟରେ ସମାନ ଭାବେ ବଣ୍ଟନ କରାଯାଉ ବୋଲି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ ଆବେଦନ ହୋଇଛି। ଉତ୍ତରପ୍ରଦେଶ ସରକାର ଏବଂ ରାମଲଲା ସଙ୍ଗଠନ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି ସଲିସିଟର ଜେନେରାଲ ତୁଷାର ମେହଟା ଏବଂ ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ୍। ଦୀର୍ଘଦିନ ହେଲା ଅଯୋଧ୍ୟା ମାମଲା ପଡ଼ିରହିବା ଯୋଗୁ ବିବାଦ ଲାଗିରହୁଛି। ତେଣୁ ଏହାର ସମାଧାନ ଲାଗି ତୁରନ୍ତ କୋର୍ଟ ବିଚାର ଆରମ୍ଭ କରିବା ଉଚିତ ବୋଲି ମେହଟା ଏବଂ ବୈଦ୍ୟନାଥନ୍ ଯୁକ୍ତି ଦର୍ଶାଇଥିଲେ।

ଅଦାଲତଙ୍କ ଶୁଣାଣି ଶେଷ ହେବା କ୍ଷଣି ଜାତୀୟ ରାଜନୀତି ଜୋର୍ ଧରିଛି। ଆଗାମୀ ପାର୍ଲାମେଣ୍ଟ ଶୀତ ଅଧିବେଶନରେ କେନ୍ଦ୍ର ସରକାର ଅଯୋଧ୍ୟା ମାମଲାକୁ ନେଇ ଅଧ୍ୟାଦେଶ ଆଣନ୍ତୁ ବୋଲି ଭାଜପା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଦାବି କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା ନ କରି ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଭଗବାନ ରାମଙ୍କ ଜନ୍ମଭୂମିରେ ରାମ ମନ୍ଦିର ନିର୍ମାଣ କରାଯିବା ଉଚିତ। ଏହାଦ୍ୱାରା ଏକତା ଏବଂ ସଂହତିର ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଆର୍‌ଏସ୍‌ଏସ୍ ମୁଖପାତ୍ର ଅରୁଣ କୁମାର କହିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ମଧ୍ୟ କୋର୍ଟଙ୍କ ରାୟ ଆସିବା ଯାଏ ଅପେକ୍ଷା କରିପାରିବ ନାହିଁ ବୋଲି କହିଛି। କଂଗ୍ରେସର ଚାପ ଯୋଗୁ ଏହି ମାମଲା ପଡ଼ିରହିଛି ବୋଲି ଭାଜପା ନେତା ବିନୟ କଟିୟାର ଏବଂ ସଞ୍ଜୀବ ବାଲିୟାନ କହିଛନ୍ତି। ତେବେ ନ୍ୟାୟପାଳିକା ଉପରେ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି। ତଥାପି ଦେଶର ଅଗଣିତ ଜନତାଙ୍କ ଇଚ୍ଛାକୁ ଅଗ୍ରାଧିକାର ଦେଇ ଅଯୋଧ୍ୟା ମାମଲାର ତୁରନ୍ତ ଫଇସଲା ହେଉ ବୋଲି ସରକାର ଚାହୁଁଥିବା କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଶିବସେନା କହିଛି ଯେ, ରାମ ମନ୍ଦିର ପ୍ରସଙ୍ଗ ଏକ ବିଶ୍ୱାସର କଥା। ସରକାର ଯଥାଶୀଘ୍ର ଏକ ଅଧାଦେଶ ଆଣନ୍ତୁ।

ଅନ୍ୟପକ୍ଷେ ଅଯୋଧ୍ୟା ପ୍ରସଙ୍ଗକୁ ନେଇ ଭାଜପା ଭୋଟବ୍ୟାଙ୍କ ରାଜନୀତି ବନ୍ଦ କରୁ ବୋଲି କଂଗ୍ରେସ କହିଛି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି ଯେ, ପ୍ରତି ପାଞ୍ଚ ବର୍ଷରେ ସାଧାରଣ ନିର୍ବାଚନ ପାଖେଇ ଆସିଲେ ଭାଜପା ଅଯୋଧ୍ୟା ବିବାଦକୁ ମୁଖ୍ୟ ପ୍ରସଙ୍ଗ ଭାବେ ଉତ୍ଥାପନ କରେ। କଂଗ୍ରେସର ପକ୍ଷ ସୁପ୍ରିମକୋର୍ଟରେ ଉପସ୍ଥାପନ କରାଯାଇଛି। ତେବେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ଯାଏ ସମସ୍ତେ ଅପେକ୍ଷା କରିବା ଭଲ ହେବ। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ କଂଗ୍ରେସ ସ୍ୱାଗତ କରିବ ବୋଲି ଦଳର ଅନ୍ୟତମ ନେତା ଆନନ୍ଦ ଶର୍ମା କହିଛନ୍ତି। ସେହିପରି ଏଆଇଏମ୍ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି କେନ୍ଦ୍ରକୁ ଚେତାବନୀ ଦେଇଛନ୍ତି। ସରକାର ଅଧ୍ୟାଦେଶ ଆଣି ଦେଖାନ୍ତୁ। ଏହାର ପରିଣାମ ମଧ ସାମ୍ନା କରିବେ। ଭାଜପା ବାରମ୍ବାର ରାମ ମନ୍ଦିର ପ୍ରସଙ୍ଗକୁ ଅସ୍ତ୍ର କରୁଛି ବୋଲି ଓୱାଇସି କହିଛନ୍ତି।

ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଆବେଦନକାରୀ ତଥା ସୁନ୍ନି ୱାକଫ୍ ବୋର୍ଡ ସଦସ୍ୟ ଇକ୍‌ବାଲ ଅନ୍‌ସାରୀ ସ୍ୱାଗତ ଜଣାଇଛନ୍ତି। ରାୟ ଆସିବା ଯାଏ ବୋର୍ଡ ଅପେକ୍ଷା କରିବ ବୋଲି ସେ କହିଛନ୍ତି। ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ମଧ କହିଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ କରିବା ଉଚିତ।

ଖାଲେଦା ଜିଆଙ୍କୁ ଆଉ ୭ ବର୍ଷ ଜେଲ୍

ଢାକା,୨୯ା୧୦(ପି.ଟି.)

ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଦଣ୍ଡାଦେଶ ଭୋଗୁଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କୁ ଲାଗିଛି ଶକ୍ତ ଝଟକା। ଆଉ ଏକ ଦୁର୍ନୀତି ମାମଲାରେ ସୋମବାର ଢାକାର ଏକ କୋର୍ଟ ତାଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟ ଦୋଷୀମାନଙ୍କୁ ମଧ ୧୦ ଲକ୍ଷ ଟାକା ଲେଖାଏ ଜରିମାନା ହୋଇଛି।

ସ୍ୱାମୀ ତଥା ବାଂଲାଦେଶର ଦିବଂଗତ ରାଷ୍ଟ୍ରପତି ଜଇଉର୍ ରହମନଙ୍କ ନାଁରେ ପରିଚାଳିତ ଦାତବ୍ୟ ସଂସ୍ଥାରୁ ୩,୭୫,୦୦୦ ଡଲାର ହଡ଼ପ କରିବା ଅଭିଯୋଗରେ ଖାଲେଦାଙ୍କ ବିରୋଧରେ ମାମଲା ହୋଇଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ଅଦାଲତ ତାଙ୍କୁ ଉପରୋକ୍ତ ସଜା ଶୁଣାଇଛନ୍ତି। ଢାକାର ନଜିମୁଦ୍ଦିନ୍ ରୋଡ୍‌ସ୍ଥିତ ପୁରୁଣା ସେଣ୍ଟ୍ରାଲ ଜେଲ୍‌ରେ ଏକ ଅସ୍ଥାୟୀ କୋର୍ଟରେ ବିଚାରପତି ମହମ୍ମଦ ଅଖତାରୁଜ୍ଜାମନ୍ ଏହି ଦଣ୍ଡବିଧାନ କରିଛନ୍ତି। ଡିସେମ୍ବରରେ ଦେଶରେ ସାଧାରଣ ନିର୍ବାଚନ ଥିବାରୁ ୭୩ ବର୍ଷୀୟା ଖାଲେଦାଙ୍କୁ ମିଳିଥିବା ଦଣ୍ଡାଦେଶ ତାଙ୍କ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ପ୍ରଦର୍ଶନକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଖାଲେଦା ଏବେ ଅସୁସ୍ଥ ଅଛନ୍ତି। ପ୍ରକାଶ ଯେ, ପରଲୋକ ଗତ ସ୍ୱାମୀଙ୍କ ନାଁ ନେଇ ଅନାଥ ଆଶ୍ରମର ବହୁ ଅର୍ଥ ହଡ଼ପ କରିଥିଲେ ଖାଲେଦା। ଏହି ମାମଲାରେ ଗତ ଫେବୃୟାରୀରେ ଦୋଷୀ ପ୍ରମାଣିତ ହେବା ପରେ ତାଙ୍କୁ ୫ ବର୍ଷ କାରାଦଣ୍ଡ ମିଳିଥିଲା।

ଦାୟିତ୍ୱ ଗ୍ରହଣ କଲେ ରାଜପାକ୍ସେ

କଲମ୍ବୋ,୨୯ା୧୦(ପି.ଟି.)

ଶ୍ରୀଲଙ୍କାର ବାହୁବଳୀ ନେତା ମହିନ୍ଦା ରାଜପାକ୍ସେ ସୋମବାର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ପଦରୁ ରାନିଲ ୱିକ୍ରମ୍‌ସିଂହେ ବିଦା ହେବା ପରେ ଦେଶରେ ରାଜନୈତିକ ସଙ୍କଟ ଲାଗିରହିଥିବାବେଳେ ରାଜପାକ୍ସେ ଏଥିରେ ଆସୀନ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସଚିବାଳୟରେ ବିଧିବ୍ୟବସ୍ଥା ଅନୁଯାୟୀ ସେ କାର୍ଯ୍ୟଭାର ଗ୍ରହଣ କରିଥିବା ଶ୍ରୀଲଙ୍କା ପିପୁଲ୍ସ ପାର୍ଟି ପକ୍ଷରୁ କୁହାଯାଇଛି।

ଦ୍ୱୀପରାଷ୍ଟ୍ରରେ ଶୁକ୍ରବାର ରାତିରେ ରାଜନୈତିକ ପାଣିପାଗ ହଠାତ୍ ବଦଳିଯାଇଥିଲା। ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା ଅଚାନକ୍ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ପଦରୁ ୱିକ୍ରମ୍‌ସିଂହେଙ୍କୁ ବହିଷ୍କାର କରିଥିଲେ। ତାଙ୍କ ସ୍ଥାନରେ ରାଜପାକ୍ସେଙ୍କୁ ସେ ପ୍ରଧାନମନ୍ତ୍ରୀ କରିଥିଲେ। ୱିକ୍ରମ୍‌ସିଂହେ ଶକ୍ତି ପରୀକ୍ଷାର ସାମ୍ନା କରିବାକୁ ପ୍ରସ୍ତୁତ ଥିବା କହିବା ସହ ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ଦାବି ଜଣାଇବାରୁ ସିରିସେନା ପାର୍ଲାମେଣ୍ଟଙ୍କୁ ନଭେମ୍ବର ୧୬ ଯାଏ ମୁଲତବୀ ଘୋଷଣା କରିଥିଲେ। ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଅସାମ୍ବିଧାନିକ ବୋଲି ୱିକ୍ରମ୍‌ସିଂହେଙ୍କ ସମେତ ଦେଶ ଓ ବିଦେଶର ଅନେକ ନେତା ମତବ୍ୟକ୍ତ କରିବା ସତ୍ତ୍ୱେ ସିରିସେନା ନଛୋଡ଼ବନ୍ଧା। ଏବେ ଶ୍ରୀଲଙ୍କାରେ ସାମ୍ବିଧାନିକ ବିଦ୍ରୋହ ଚାଲିଥିବା ସାଧାରଣରେ କୁହାଯାଉଛି। ସିରିସେନାଙ୍କୁ ନିଷ୍ପତ୍ତି ବଦଳାଇବା ଲାଗି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏବଂ ଆମେରିକା ପରରାଷ୍ଟ୍ର ସଚିବ ପ୍ରମୁଖ ମଧ ଚାପ ପକାଉଛନ୍ତି।

ଫୁର୍‌ସତ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ।

ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ।। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୨୯.୦	୨୦.୮
ଚାନ୍ଦବାଲି	୨୬.୭	୨୧.୮
କଟକ	୨୮.୬	୧୯.୫
ପାରାଦ୍ୱୀପ	୨୬.୦	୨୨.୮
ଭୁବନେଶ୍ୱର	୩୦.୨	୨୦.୯
ଗୋପାଳପୁର	୩୧.୪	୨୨.୪
ପୁରୀ	୩୦.୬	୨୨.୪
ଅନୁଗୋଳ	୩୦.୭	୧୭.୬
ବାରିପଦା	୨୭.୬	୨୨.୪
ଝାରସୁଗୁଡ଼ା	୩୧.୫	୧୮.୦
କେନ୍ଦୁଝର	୨୭.୭	୧୮.୦
ସମ୍ବଲପୁର	୩୧.୬	୧୮.୮
ସୁନ୍ଦରଗଡ଼	---	---
ହୀରାକୁଦ	୩୩.୧	୧୯.୬
ତାଲଚେର	୩୨.୫	୧୯.୩
ଭବାନୀପାଟଣା	୨୯.୦	୧୬.୫
ବଲାଙ୍ଗୀର	୩୧.୬	୧୬.୭
କୋରାପୁଟ	୨୯.୨	୧୪.୦
ଫୁଲବାଣୀ	୨୭.୨	୧୫.୮
ଟିଟିଲାଗଡ଼	୩୦.୫	୧୬.୫
ମାଲକାନଗିରି	୩୩.୮	---
ସୋନପୁର	୩୨.୨	୧୮.୦
ଦାରିଙ୍ଗିବାଡ଼ି	---	୧୪.୦
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ପ୍ରାକ୍-ପରିଣୟ ଉତ୍ସବ ପାଳିଲେ ପ୍ରିୟଙ୍କା

ନ୍ୟୁୟର୍କ: ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ସହିତ ଶୁଭ ପରିଣୟ ଅନୁଷ୍ଠିତ ହେବାକୁ ଯାଉଛି। କିନ୍ତୁ ତା ପୂର୍ବରୁ ପ୍ରିୟଙ୍କା ଏଠାରେ ରବିବାର ଏକ ପ୍ରାକ୍ ଉତ୍ସବ ପାଳନ କରିଛନ୍ତି। ନ୍ୟୁୟର୍କ ନଗରୀର ଟିଫାନିସ୍ ବ୍ଲୁ ବକ୍ସ କାଫେରେ ୩୬ବର୍ଷ ବୟସ୍କା ପ୍ରିୟଙ୍କା ଷ୍ଟାରପ୍ଲେସ୍ ମାର୍କିସା ବସ୍ତ୍ର ପରିଧାନ କରି ନିଜର ଘନିଷ୍ଠ ବନ୍ଧୁଙ୍କ ଗହଣରେ ଅତ୍ୟନ୍ତ ଚିତ୍ତାକର୍ଷକ ଦେଖାଯାଉଥିଲେ। ପ୍ରିୟଙ୍କାଙ୍କ ଘନିଷ୍ଠ ବାନ୍ଧବୀ ମୁବିନା ରାଟନ୍‌ସେ ଏବଂ ଅଞ୍ଜୁଲା ଆଚାରିୟାଙ୍କ ଦ୍ୱାରା ଏହି ପାର୍ଟି ଆୟୋଜନ କରାଯାଇଥିଲା। ପ୍ରିୟଙ୍କାଙ୍କ ଭାବି ଦେଢ଼ଶୁର କେଭିନ ଜୋନ୍‌ଶ, ତାଙ୍କ ପତ୍ନୀ ଡାନିଏଲେ ଜୋନ୍‌ସ ଏବଂ ସେମାନଙ୍କ କନ୍ୟା ଆଲେନା ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ। ପାର୍ଟିରେ ପ୍ରିୟଙ୍କା ଅତ୍ୟନ୍ତ ଉତ୍ସାହିତ ଜଣାପଡୁଥିଲେ। ପ୍ରିୟଙ୍କା ସଜେଇ ହୋଇଥିବାର ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ବଲିଉଡ୍ ସଙ୍ଗୀତ ତାନରେ ଡିଜେ ବାଜିଥିଲା ଏବଂ ଅନେକ ଅତିଥି ତାଳେ ତାଳେ ନୃତ୍ୟ କରିଥିଲେ। ପ୍ରିୟଙ୍କାଙ୍କ ସମ୍ମାନାର୍ଥେ ତାଙ୍କ ବାନ୍ଧବୀମାନେ ମଧ ବକ୍ତୃତା ଦେଇଥିଲେ। ସୂଚନା ଥାଉ କି ଭାରତରେ ଆସନ୍ତା ଡିସେମ୍ବରରେ ପ୍ରିୟଙ୍କା ଏବଂ ଜୋନ୍‌ସଙ୍କ ମଧ୍ୟରେ ହାତଗଣ୍ଠି ପଡିବାକୁ ଯାଉଛି। ଉକ୍ତ ଦମ୍ପତି କିଛିଦିନ ହେଲା ନ୍ୟୁୟର୍କରେ ଅୟସ କରୁଛନ୍ତି। ମୁମ୍ବାଇରେ ଚଳିତବର୍ଷ ଜୁଲାଇରେ ପ୍ରିୟଙ୍କାଙ୍କ ବାସଭବନରେ ପାରମ୍ପରିକ ରୋକା (ନିର୍ବନ୍ଧ) ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଇତିହାସର ଆଇନାରେ

ଅକ୍ଟୋବର ୩୦ର ପ୍ରମୁଖ ଘଟଣା

୧୯୮୩ ଅକ୍ଟୋବର ୩୦ରେ ଆର୍ଜେଣ୍ଟିନାରେ ସାଧାରଣ ନିର୍ବାଚନ ହୋଇଥିଲା। ୭ ବର୍ଷର ସାମରିକ ଶାସନ ଶେଷ ହୋଇ ସାମ୍ବିଧାନିକ ନୀତି ସ୍ଥାପନ କରାଯାଇଥିଲା। ୧୯୭୬ରେ ସେଠାରେ ସାମରିକ ଶାସନ ଲାଗୁ କରାଯାଇଥିଲା।

୨୦୧୫ ଅକ୍ଟୋବର ୩୦ରେ ରୋମାନିଆର ରାଜଧାନୀ ବୁଚାରେଷ୍ଟର ଏକ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ହୋଇଥିଲା। ସେଥିରେ ୬୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୪୭ ଆହତ ହୋଇଥିଲେ। ଏହା ଦେଶରେ ସବୁଠାରୁ ବଡ ଦୁର୍ଘଟଣା ଥିଲା।

ବ୍ରାଜିଲର ନୂଆ ରାଷ୍ଟ୍ରପତି ବୋଲ୍‌ସୋନାରୋ

ସାଓ ପାଉଲୋ,୨୯ା୧୦(ପି.ଟି.)



ଲାଟିନ୍ ଆମେରିକାର ସର୍ବବୃହତ୍ ଦେଶ ବ୍ରାଜିଲର ନୂଆ ରାଷ୍ଟ୍ରପତି ଭାବେ କଂଗ୍ରେସର ଏହି ଟାଣୁଆ ନେତା ଜେିର ବୋଲ୍‌ସୋନାରୋ ନିର୍ବାଚିତ ହୋଇଛନ୍ତି। ଏହି କଠୋରପନ୍ଥୀ ନେତା ଗଣତନ୍ତ୍ରକୁ ଧୂଳିସାତ୍ କରିଦେବେ ବୋଲି ନିର୍ବାଚନ ପୂର୍ବରୁ ଶୁଣିବାକୁ ମିଳୁଥିଲା। ଏସବୁ ଚେତାବନୀକୁ ବେଖାତିର କରି ବ୍ରାଜିଲର ଭୋଟରମାନେ ପୂର୍ବତନ ସେନା କ୍ୟାପ୍‌ଟେନ ବୋଲ୍‌ସୋନାରୋଙ୍କୁ ବିପୁଳ ଭୋଟ ଦେଇ ବିଜୟୀ କରିଛନ୍ତି। କଂଗ୍ରେସ ୨୭ ବର୍ଷ କ୍ୟାରିୟର କରିବା ସତ୍ତ୍ୱେ ନିଜକୁ ସେ ରାଜନୀତି ବାହାରେ ଥିବା ବ୍ୟକ୍ତି ଭାବେ କହିଆସୁଛନ୍ତି। ନିର୍ବାଚନୀ ବାତାବରଣରେ ତାଙ୍କୁ ବିରୋଧ କରିବା ଭଳି ସ୍ୱର ଉଠିଥିଲେ ସୁଦ୍ଧା ସବୁ ଚ୍ୟାଲେଞ୍ଜକୁ ପ୍ରତିହତ କରି ବୋଲ୍‌ସୋନାରୋ ବିଶ୍ୱର ଶକ୍ତିଶାଳୀ ନେତା ଭାବେ ଉଭା ହୋଇଛନ୍ତି। ଦୀର୍ଘବର୍ଷ ହେଲା ଦେଖିବାକୁ ମିଳୁଥିବା ଦୁର୍ନୀତି, ଅର୍ଥନୈତିକ ସ୍ଥାଣୁତା ଏବଂ ହିଂସା ଆଦି ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ତାଙ୍କର ବିଜୟ ଏକ ପରିବର୍ତ୍ତନର ସ୍ୱର କହିଲେ ଅତ୍ୟୁକ୍ତି ହେବ ନାହିଁ। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବ୍ରାଜିଲର ସର୍ବବୃହତ୍ ସହର ସାଓ ପାଓଲୋରେ ଉତ୍ସବର ବାତାବରଣ ଦେଖିବାକୁ ମିଳିଛି।

District Rural Development Agency, Sambalpur

DRDA, SAMBALPUR

Ph.: 0663 - 2410992, 2410970, 2410721, Fax: 0663 - 2411843
e-mail: drdasbp@rediffmail.com, drdasbp@sancharnet.in

Letter No. 332 / DSMS — Dated: 27.10.2018

TENDER CALL NOTICE

Sealed quotations are invited from the Tent house / Decorators / Firms / Agencies / organization for the following works of the National Level **“Pallishree Mela 2018”** to be organised by District Administration, Sambalpur in association with **ORMAS at PHED Ground, Ainthapali, Sambalpur** from **18th** to **26th Nov. 2018**. The details of the required works are given below:-

Sl. No.	Nature of works	Eligible organizations / firms / agencies	Cost of EMD	Cost of tender paper in shape of Demand Draft / Pay order / Cash
1	Tentage and allied works	Firms / Tent House / Decorators	1. EMD of Rs. 50,000 (Rupees Fifty Thousand only) in shape of damand draft / pay order in favour of DSMS payable at Sambalpur. 2. The bidders are requested to submit the cost of tender paper during the submission of tender document if downloaded. The EMD and cost of tender shall be furnished separately.	Rs. 4,000/- (Rupees Four Thousands only) (non refundable)
2	Printing works	Printing Firms	1. EMD of Rs. 2,000/- in shape of demand draft / pay order in favour of DSMS payable at Sambalpur.	Rs.500/- (Rupees Five Hundred only) (non refundable)
3	Security Sevices	Registered Security Guard Agencies	1. EMD of Rs. 4,000/- in shape of demand draft / pay order in favour of DSMS payable at Sambalpur.	Rs.500/- (Rupees Five Hundred only) (non refundable)
4	Documentation	Studios, documentation firms, media and video shooting firms	1. EMD of Rs. 2,000/- in shape of demand draft / pay order in favour of DSMS payable at Sambalpur.	Rs.500/- (Rupees Five Hundred only) (non refundable)

The tender paper along with details specifications and eligibility criteria of the above works will be available in DSMS office at DRDA Building, Sambalpur from **23rd Oct.** to **2nd Nov. 2018** upto **4.00 PM** on payment of above amount in shape of demand draft / pay order in favour of DSMS payable at Sambalpur or tender paper can be downloaded from website- **www.ormas.org** or **www.sambalpur.nic.in** during the same period. The bidders who will download the tender paper are required to submit the cost of the tender paper in shape of Demand draft / Pay order along with bid documents.

The sealed tenders will be sent to the following address by Registered Post / Courier only. Any other mode of submission of tender paper will not be accepted.

Address: Chief Executive, DSMS, O/O DRDA, Kacheri Road, Post/Dist:- Sambalpur

The tender completed in all respect should reach on or before **2nd Nov. 2018 by 4.00 PM**. The tenders will be opened in the office chamber of Project Director, DRDA, Sambalpur on the **2nd Nov. 2018 at 4.30 PM** in the presence of the tenderers or their authorized representatives. All the bidders are requested to specify the nature of works as mentioned above on the top of the envelope containing the bid documents. The undersigned reserves the right to accept or reject any or all the tenders without assigning any reason thereof.

Sd./- Collector, Sambalpur

"ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ

ବେଦାନ୍ତକୁ ରିହାତି ଦରରେ ବକ୍ସାଇଟ୍ ଦେଉଛି ଓଏମ୍‌ସି: ଦାମ

■ ଗଣମାଧ୍ୟମରେ ନିଜକୁ ବଞ୍ଚାଇବାର ପ୍ରୟାସ: ପ୍ରତାପ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କୁ ପୁଣି ଟାର୍ଗେଟ କରିଛନ୍ତି ବିଜେଡିରୁ ବହିଷ୍କୃତ ନେତା ଦାମୋଦର ରାଉତ। ବେଦାନ୍ତକୁ ରିହାତି ଦରରେ ଓଏମ୍‌ସି(ଓଡିଶା ମାଇନିଂ କର୍ପୋରେଶନ) ବକ୍ସାଇଟ୍ ଯୋଗାଉଛି। କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ଦରଠାରୁ ବେଦାନ୍ତକୁ ଢେର୍ କମ୍ ଦରରେ ବକ୍ସାଇଟ୍ ଦିଆଯାଉଛି। ସରକାର ବେଦାନ୍ତ କମ୍ପାନୀ ମାଲିକ ଅନିଲ ଅଗ୍ରୱାଲଙ୍କୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି, ଯାହାଦ୍ୱାରା ରାଜ୍ୟର ପ୍ରାକୃତିକ ସମ୍ପଦକୁ ଶାଗ, ମାଛ ଦରରେ ବେଦାନ୍ତ ଲୁଟୁଛି ବୋଲି ରାଉତ ରବିବାର ଅଭିଯୋଗ କରିଛନ୍ତି। ବିଭିନ୍ନ ତଥ୍ୟ ଦେଇ ଖଣିଲୁଟ୍ ସମ୍ପର୍କରେ ଦାମ ସରକାରଙ୍କ ଉପରେ ଗଣମାଧ୍ୟମ ଆଗରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଟନ୍‌କୁ ୩ଶହ ଟଙ୍କା ହିସାବରେ ପ୍ରତ୍ୟେକ ଦିନ ହଜାର ହଜାର ଟନ୍ ବେଦାନ୍ତ ବକ୍ସାଇଟ୍ ନେଉଛି। ବେଆଇନ ଭାବେ ରାତି ଗୋଟାଏ ବେଳେ ମାଇନିଂ ଚାଲିଛି। ଏହି ଘଟଣାରେ ସିବିଆଇ ତଦନ୍ତ ହେବା କଥା। ମାତ୍ର ରାଜ୍ୟ ସରକାର ଏହିସବୁ କାର୍ଯ୍ୟକ୍ରମ ପ୍ରଶାସନିକ ଅଧିକାରୀ ମନୋଜ ଗୁଆଁରା ସେଠୀଙ୍କ ଦ୍ୱାରା କରାଉଛନ୍ତି।

ରାଉତଙ୍କ ଏଭଳି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଏଭଳି ଅଭିଯୋଗର କୌଣସି ଭିତ୍ତିନାହିଁ। କେବଳ ଗଣମାଧ୍ୟମରେ ନିଜକୁ ବଞ୍ଚାଇ ରଖିବା ପାଇଁ ସେ ଏଭଳି ପ୍ରତିକ୍ରିୟା ଦେଉଛନ୍ତି। ଯିଏ ଚାହିଁବ ଆର୍‌ଟିଆଇ ମାଧ୍ୟମରେ ସମସ୍ତ ତଥ୍ୟ ପାଇପାରିବ। ସବୁ କଥା ଅନ୍ ଲାଇନ୍‌ରେ ରହୁଥିବାରୁ ଏଥିରେ କିଛି ଲୁଚା ଛପା ନାହିଁ ବୋଲି ପ୍ରତାପ କହିଛନ୍ତି। ଅନ୍ୟପଟେ ରାଉତ ଅଭିଯୋଗ ଆଣିଥିବା ଅଫିସରଙ୍କ ମତାମତ ମିଳିପାରି ନାହିଁ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ବାପ ଥିଲା ପୁଅ ସଭାରେ ଜିଣେ
ବୁଦ୍ଧି ଥିବା ପୁଅ ପୋଷଇ ପଣେ।

ବାପାର ସାହାଯ୍ୟ ସମର୍ଥନ ପାଇଲେ ପୁଅର ସାହସ ଦ୍ୱିଗୁଣିତ ହୋଇଯାଏ। ଉତ୍ସାହ ପ୍ରେରଣା ପାଇଲେ ନିଜକୁ ହେୟ ମନେ ନ କରି ଆଗକୁ ବଢ଼ି ଚାଲିଥାଏ ଓ ତା'ର ଆତ୍ମବଳ, ଆତ୍ମବିଶ୍ୱାସ ବଢ଼ିଯିବା ସହ ସବୁ କ୍ଷେତ୍ରରେ ବିଜୟ ଲାଭ କରିବାର ସମ୍ଭାବନା ବଢ଼ିଯାଇଥାଏ। ସେହିପରି ବୁଦ୍ଧିମନ୍ତ ପୁଅ ଯେକୌଣସି ଉପାୟରେ ମଧ୍ୟ ନିଜ ପରିବାର ପ୍ରତିପୋଷଣ କରିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ବଣ ନାଶ କଲା ବାଉଁଶ
ବାଟ ନାଶ କଲା ଟୁପୁରୁ ପାଣି
ଘର ନାଶ କଲା ପୁରୁଷ।

ବାଉଁଶ ମୂଳରେ ଅନ୍ୟ କିଛି ଗଛ ଉଧାଏ ନାହିଁ। ଝିପି ଝିପି ବରଷାରେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଜାର ପୁରୁଷ ଯୋଗୁ ଘରର ପତନ ଘଟିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଆନ୍ତଃଜିଲା ଡକାୟତି ଘଟଣା

ପୋଲିସ କବ୍‌ଜାରେ କୁଛି ରାଓ ସମେତ ୬ ଅଭିଯୁକ୍ତ

ସିନ୍ଧେକେଲା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତ କୁଛିରାଓଙ୍କୁ ହାଜର କରିଛି (ବାମ)। କଣ୍ଟାବାଞ୍ଜି ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗିରଫ ୫ ଅଭିଯୁକ୍ତଙ୍କୁ ହାଜାର କରାଯାଇଛି।

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି/ଟିଟିଲାଗଡ, ୨୯।୧୦(ଡି.ଏନ୍.ଏ.)

ଆନ୍ତଃ ଜିଲା ଡକାୟତି ଘଟଣାରେ ସମ୍ପୃକ୍ତ ୬ ଦୁର୍ଦ୍ଧାନ୍ତ ଡକାୟତଙ୍କୁ ବଲାଙ୍ଗୀର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ଭୁର୍ସାଗୁଡା ଡକାୟତି ଘଟଣାରେ ଫେରାର ଥିବା କୁଛି ରାଓ ଓରଫ୍ ଲୋକନାଥ କୁମ୍ଭାର ଏବଂ କଣ୍ଟାବାଞ୍ଜି ସିଙ୍ଗଲପଡା ଡକାୟତି ଘଟଣାରେ ସମ୍ପୃକ୍ତ ବଲାଙ୍ଗୀର ସାଲେପାଲିର ବିଷ୍ଣୁ ପ୍ରତିମା ପଣ୍ଡା, କଣ୍ଟାବାଞ୍ଜି ଧୋବାପଡାର ଅର୍ଜୁନ ଓରଫ୍ ଟିନୁ ମଛଖଣ୍ଡ, କଣ୍ଟାବାଞ୍ଜି ଗୋପବନ୍ଧୁନଗର କରଣ ମଛଖଣ୍ଡ ଓ ଟିଟିଲାଗଡ଼ ଶ୍ରୀଭଟାପଡାର ଜାଭେଦ ଅଲି ଓରଫ ଏମଡି ଜାଭେଦ ଓ ଏମଡି ଅଜୁ । ଉଭୟ ଡକାୟତି ଘଟଣା ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିପିଓ ସରୋଜ ମହାପାତ୍ର ସିନ୍ଧେକେଲାରେ ଏବଂ କଣ୍ଟାବାଞ୍ଜି ଏସ୍‌ଡିପିଓ ପ୍ରଫୁଲ୍ଲ ମିଶ୍ର କଣ୍ଟାବାଞ୍ଜିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ମେ'୧୦ତାରିଖରେ ସିନ୍ଧେକେଲା ଥାନାରେ ୬ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା । ଖରିଆରସ୍ଥିତ ଏଲ ଆଣ୍ଡ ଟି ଫାଇନାନ୍ସ ଶାଖାର ସିନିୟର ଫ୍ରଣ୍ଟଲାଇନ୍ ଅଫିସର ପୁରନ୍ଦର ସାହୁ ଓ ଫ୍ରଣ୍ଟଲାଇନ୍ ଅଫିସର ରାଜେନ୍ଦ୍ର ବଗର୍ତ୍ତୀ ଏକ ବାଇକରେ ଗ୍ରାହକମାନଙ୍କଠାରୁ କିସ୍ତି ଟଙ୍କା ସଂଗ୍ରହ କରିବା ପାଇଁ ଯାଇଥିଲେ । କେନ୍ଦୁମୁଣ୍ଡି, ମାକ୍ରାଗୁଡା, ଲିଟର, ମହାଲିଙ୍ଗ ଓ ବୁର୍ଡି ଗାଁରୁ ୬ଲକ୍ଷ ଟଙ୍କା ସଂଗ୍ରହ କରି ସେମାନେ ଖରିଆର ଫେରୁଥିବାସମୟରେ ସିନ୍ଧେକେଲା ଥାନା ଅନ୍ତର୍ଗତ ଭୁର୍ସାଗୁଡା ଗାଁ ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା ୬ଜଣ ଯୁବକ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରି ୬ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଲୁଟି ନେଇ ଫେରାର ହୋଇଯାଇଥିଲେ । ଘଟଣା ସମ୍ପର୍କରେ ପୁରନ୍ଦର ସାହୁ ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ । ସିନ୍ଧେକେଲା ଥାନାରେ ଏକ ମାମଲା (୪୫/୨୦୧୮)ରୁଜୁ ହୋଇ ତଦନ୍ତ ଚାଲିଥିଲା । ଗତ ଜୁନ୍ ମାସରେ ସଇଁତଲା ଥାନାରେ ଏକ ଲୁଟ୍ ମାମଲା(୩୨/୨୦୧୮)ରେ ସଇଁତଲା ପୋଲିସ ସଞ୍ଜୟ ସୁନା ଓ ବବଲୁ ବାରିକ ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଜେରା କଲା ପରେ ଏହି ଦୁଇ ଅଭିଯୁକ୍ତ ସିନ୍ଧେକେଲା ଭୁର୍ସାଗୁଡା ୬ଲକ୍ଷ ଟଙ୍କା ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ଉକ୍ତ ଡକାୟତି ଘଟଣାରେ ସେମାନଙ୍କ ସହ ଟୁନା ମହାନନ୍ଦ, ବୋମା ଓରଫ୍ ଓମ୍ ପ୍ରକାଶ ରଣା, କୁଛିରାଓ ଓରଫ୍ ଲୋକନାଥ କୁମ୍ଭାର ଓ ମନ ଆଡକୁଆଡ ସମ୍ପୃକ୍ତ ଥିବା ପୋଲିସକୁ ସୂଚନା ଦେଇଥିଲେ । ସେଦିନରୁ ପୋଲିସ ଫେରାର ଅଭିଯୁକ୍ତମାନଙ୍କୁ ଖୋଜୁଥିଲା । ଗତ ୨ତାରିଖରେ ଟୁନା ମହାନନ୍ଦ ଓ ବୋମା ଓରଫ୍ ଓମ୍ ପ୍ରକାଶ ରଣାଙ୍କୁ ମୁରିବାହାଲରୁ ପୋଲିସ ଗିରଫ କରିଥିଲା । ତେବେ ଫେରାର ଅଭିଯୁକ୍ତ କୁଛି ରାଓଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇ ନ ଥିଲା । ଗତ ୨୪ତାରିଖ ଜାମିନ୍ ବିହୀନ ଗିରଫ ପରୱାନା ବଳରେ ପୋଲିସ ଟିଟିଲାଗଡ଼ ହାଇସ୍କୁଲପଡା କୁଛି ରାଓଙ୍କ ଘରେ ଚଢ଼ାଉ କରିଥିଲା । ହେଲେ କୁଛି ରାଓ ଫେରାର ହେବାରେ ସକ୍ଷମ ହୋଇଥିଲେ । ହେଲେ ତାଙ୍କ ଘରୁ ୩୭ ଲକ୍ଷ ୩୨ ହଜାର ୧୭୦ ନଗଦ ଟଙ୍କା, ୫୯୨.୭ ଗ୍ରାମର ସୁନା ଅଳଙ୍କାର, ୩୦୪.୯ ଗ୍ରାମର ରୁପା ଅଳଙ୍କାର ଜବତ କରିବାରେ ପୋଲିସ ସକ୍ଷମ ହୋଇଥିଲା । ଏହି ଘଟଣାରେ ପୋଲିସ କୁଛି ରାଓଙ୍କ ବାପା ନଶର କୁମ୍ଭାରଙ୍କୁ ମଧ୍ୟ ଗିରଫ କରିଥିଲା । ଫେରାର ଅଭିଯୁକ୍ତ କୁଛି ରାଓଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ରବିବାର ଟିଟିଲାଗଡ ସହରରୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି ।

ସେହିପରି ଗତ ୨୭ତାରିଖ ରାତି ପ୍ରାୟ ସାଢ଼େ ୩ଟା ସମୟରେ ବଙ୍ଗୋମୁଣ୍ଡା ଥାନା ବିରିପାଲି ଗ୍ରାମର ବୀର ରଣା, ଭୂମେନ୍ଦ୍ର ରଣା ଓ ଡୁଲାମଣି କୈବର୍ତ୍ତ ବିଷମକଟକ ହସ୍ପିଟାଲରୁ ଟ୍ରେନ୍ ଯୋଗେ କଣ୍ଟାବାଞ୍ଜି ରେଲୱେ ଷ୍ଟେଶନ୍‌ରେ ପହଞ୍ଚିଥିଲେ । ସେଠାରୁ ସେମାନେ ବାଇକରେ ନିଜ ଘରକୁ ଫେରୁଥିବାବେଳେ ସିଙ୍ଗଲପଡାସ୍ଥିତ ରେଲୱେ ଅଣ୍ଡର ବ୍ରିଜରେ ପୂର୍ବରୁ ଛପି ଥିବା ୫ଜଣ ଡକାୟତ ସେମାନଙ୍କୁ ଅଟକାଇ ଖଣ୍ଡା, ଗୁପ୍ତି ଓ ମାରଣାସ୍ତ୍ର ଦେଖାଇ ୫ ହଜାର ଟଙ୍କା, ଗୋଟିଏ ଭିଭୋ ମୋବାଇଲ, ଏକ ହୋଣ୍ଡା ସାଇନ ଓ ଏକ ସିଡି ଡିଲକ୍ସ ବାଇକ୍ ଲୁଟି ନେଇଥିଲେ । ଏ ନେଇ କଣ୍ଟାବାଞ୍ଜି ଥାନାରେ ବୀର ରଣାଙ୍କ ଲିଖିତ ଅଭିଯୋଗକ୍ରମେ ଏହି ମାମଲା (୧୬୩/୨୦୧୮) ରୁଜୁ ହୋଇଥିଲା । ଏହି ଘଟଣାର ତଦନ୍ତ କରି କଣ୍ଟାବାଞ୍ଜି ପୋଲିସ ବିଭିନ୍ନ ସ୍ଥାନରୁ ୫ଜଣଙ୍କୁ ଗିରଫ କରିଥିଲା । ସୋମବାର ଗିରଫ ୫ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ହଜାର କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ।

ପଦଯାତ୍ରାରେ ବାହାରିଲେ ଚାଷୀ, ଅଟକାଇ ପାରିନି ପୋଲିସ୍

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ମାସ ୫ତାରିଖରେ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନଠାରେ ହେବାକୁ ଥିବା ସମାବେଶ ପାଇଁ ଅନୁମତି ମିଳିନାହିଁ। ଏପରି କି ସୋମବାରଠାରୁ ବାଲୁଗାଁ ଏବଂ ଯାଜପୁର ଜିଲାରୁ ପଦଯାତ୍ରାରେ ଆସିବାକୁ ଥିବା ଚାଷୀଙ୍କୁ ମଧ୍ୟ ରାଜ୍ୟ ସରକାର ଅନୁମତି ଦେଇ ନାହାନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶକୁ ଖାତିର ନ କରି ଚାଷୀମାନେ ବିଭିନ୍ନ ଅଞ୍ଚଳରୁ ଚାଲିକରି ଆସିବା ସମୟରେ ପୋଲିସ୍ ସେମାନଙ୍କୁ ରାସ୍ତାରେ ଅଟକାଇବାକୁ ଚେଷ୍ଟା କରି ସଫଳ ହୋଇ ନ ଥିବା ଜଣାପଡିଛି।

ସୂଚନା ମୁତାବକ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରସଲପୁର ବ୍ଲକର କୁଆଖିଆ ବଜାରରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ଆରମ୍ଭ ହୋଇଛି। ଏହାକୁ ଭଣ୍ଡୁର କରିବା ଲାଗି ପୋଲିସ ପ୍ରଶାସନ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟାନ୍ୟ ଜିଲାରୁ ଆସୁଥିବା ଚାଷୀଙ୍କୁ ପୋଲିସ ରାସ୍ତାରେ ଅଟକାଇ ରଖିଥିବା ସୂଚନା ମିଳିଛି। ଚାଷୀମାନେ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଜାଣିବାପରେ ସୋମବାର ପୂର୍ବାହ୍ଣ ୧୧ଟାରେ ବାରବାଟୀ ବଜାରରେ ଏକଜୁଟ ହୋଇଥିଲେ। ସବୁ ଜାଗାରେ ପୋଲିସ୍‌କୁ ଜଗାଇ ଦିଆଯାଇଥିବା ବେଳେ ଚାଷୀମାନେ ରାସ୍ତା ବଦଳାଇ ବାରବାଟୀ ବଜାରଠାରେ ପହଞ୍ଚିଥିଲେ। ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କରଞ୍ଜିଆ, ନୀଳଗିରି, ବାରିପଦା ଆଦି ସ୍ଥାନରୁ ଚାଷୀମାନେ ଆଗୁଆ ଆସି ଗୋପନୀୟ ସ୍ଥାନରେ ଲୁଚି ରହିଥିଲେ। ଟ୍ରକରେ ଚାଷୀମାନଙ୍କୁ ଅଣାଯାଇ ଏକ ଗୋପନୀୟ ସ୍ଥାନରେ ରଖାଯାଇଥିଲା। ପ୍ରାୟ ୨୦ହଜାର ଚାଷୀ ଏକାଠି ହୋଇଥିବା ଦେଖିବାପରେ ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଚାଷୀମାନେ ସେଠାରୁ ପଦଯାତ୍ରାରେ ବାହାରି ଆସିଥିବା ଜଣାପଡିଛି।

ସେହିପରି ପୂର୍ବ ସୂଚନା ମୁତାବକ ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ନୟାଗଡ ଜିଲାରୁ ଚାଷୀମାନେ ଆସି ବାଲୁଗାଁ ରେଳ ଷ୍ଟେସନଠାରେ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରିଛନ୍ତି। ପ୍ରାୟ ୫ହଜାର ଚାଷୀ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ଏମାନଙ୍କୁ ରୋକିବାରେ ପୋଲିସ ପ୍ରଶାସନ ବିଫଳ ହୋଇଛି। ଏହି ପଦଯାତ୍ରା ବର୍ତ୍ତମାନ ନାଟୁଣୀଠାରେ ପହଞ୍ଚିଛି। ରାସ୍ତାରେ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିବା ଜଣାପଡିଛି। ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନର ମୁଖ୍ୟ ଅକ୍ଷୟ କୁମାର କହିଛନ୍ତି ଯେ, ଚାଷୀଭାଇମାନେ ସ୍ୱତଃସ୍ଫୁର୍ତ୍ତଭାବେ ଆସି ଆମ ପୂର୍ବ ସୂଚନା ମୁତାବକ ଏକତ୍ରିତ ହୋଇଛନ୍ତି। ସେମାନଙ୍କୁ ରାସ୍ତାରେ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନାହିଁ। ଏହି ପଦଯାତ୍ରା ଚାଲିବ, ଯେଉଁଠାରେ ପୋଲିସ ଅଟକାଇବ ସେଠାରେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

For Single Day		For 7 Days		For 15 Days		For 30Days	
6 × 4	12 × 4	6 × 4	12 × 4	6 × 4	12 × 4	6 × 4	12 × 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାଇଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, ବିଭା କରାଇବା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

SMS JOB
Send SMS. Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିଆ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ଯେଉଁ ଲୋକ ଦୁଃଖ କଷ୍ଟ ନ ସହିଛି, ତା'
ହୃଦୟରେ ଶକ୍ତିର ସଞ୍ଚାର ହୋଇନାହିଁ।
- ହେମାନସ୍

ସଂକ୍ଷେପରେ

ତଅାଁଲାପଡ଼ାରେ ସଫେଇ ଅଭିଯାନ

ସମ୍ବଲପୁର, ୨୯।୧୦ (ବ୍ୟୁରୋ): ଭାଜପା ସମଲେଶ୍ୱରୀ ମଣ୍ଡଳ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୧୫ ଅନ୍ତର୍ଗତ ତଅାଁଲାପଡାରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ ଯୋଗଦେଇ ଥିଲେ । ସମଲେଶ୍ୱରୀ ମଣ୍ଡଳ ଉପସଭାପତି ମୁନା ତିୱାରୀଙ୍କ ତତ୍ତ୍ୱାବଧାନରେ ତଲଭଙ୍ଗାପଡା, ଚନ୍ଦନନଗର ଅଞ୍ଚଳର ସମସ୍ତ ରାସ୍ତା, ଡ୍ରେନ ସଫେଇ କରାଯାଇଥିଲା । ଏଥିସହ ଅଞ୍ଚଳବାସୀଙ୍କୁ ସଫେଇ ବିଷୟରେ ସଚେତନ କରାଯାଇଥିଲା । ଭୋଲା କଲେତ, ଶମ୍ଭୁ ବରେଲିଆ, ସଞ୍ଜୟ ଷଡଙ୍ଗୀ, ରିଙ୍କି ବେହେରା ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ସର୍ବେଶ୍ୱର ସାଗର, ଟିଙ୍ଗୁଲି ଛତ୍ରପାଲ, ସତିଶ ସାଗର, ସାନୁଜ କୁମ୍ଭାର, ନିତ୍ୟା ବାଗ, ଚୁନିଲାଲ ବିଭାର, ଜଗନ୍ନାଥ ବିଭାର, ଶ୍ୟାମ ନାଗ, ଗରିବ ଲୁହା ପ୍ରମୁଖ ସଫେଇରେ ସହଯୋଗ କରିଥିଲେ ।

କର୍ଡୋଲା ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବୁର୍ଲା, ୨୯।୧୦ (ଡି.ଏନ.ଏ): ବୁର୍ଲା ଥାନା ଚିପିଲିମା ନିକଟସ୍ଥ କର୍ଡୋଲା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଭଜନ, କୀର୍ତ୍ତନ, କୃଷ୍ଣଗୁରୁ, ନାଟକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ତୋଷ ବିଶି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମୋତିଲାଲ ତନ୍ତୀ, ବୁଲୁ ଦେବତା, ଦିଗାମ୍ବର ସିଂ, ଇଂ. ଦିଲୀପ ଦୁରିଆ, ଇଂ. ଗାନ୍ଧୀ ବେହେରା, କୁଚିଣ୍ଡା ବିଧାୟକ ରବି ନାୟକ, ବରିଷ୍ଠ ନେତା ନାଉରୀ ନାଏକ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ସରପଞ୍ଚ ବିଶ୍ୱବନ୍ଧ୍ୟା ବଢ଼େଇ, ପୂର୍ବତନ ସରପଞ୍ଚ ମୁରଲୀ ଛୁରିଆ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାଥମିକ ଶିକ୍ଷକ ସଂଘ ସମନ୍ୱୟ ସମିତି ବୈଠକ

ସମ୍ବଲପୁର, ୨୯।୧୦ (ବ୍ୟୁରୋ): ଧନକଉଡା ବ୍ଲକ ଓ ସମ୍ବଲପୁର ମହାନଗର ନିଗମ ପ୍ରାଥମିକ ଶିକ୍ଷକ ସଂଘ ସମନ୍ୱୟ ସମିତି ବୈଠକ କ୍ଷେତରାଜପୁର ହିନ୍ଦୀ ୟୁପି ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ ସମିତି ଆବାହକ ନବୀନ କୁମାର ନନ୍ଦ ଓ ଧନକଉଡା ୟୁପି ସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲର ୩୦ଜଣ ଶିକ୍ଷକ ଯୋଗ ଦେଇଥିଲେ । ଏଥିସହ ସମନ୍ୱୟ ସମିତି କର୍ମକର୍ତ୍ତା ଚୟନ ହୋଇଥିଲେ। ସୁରେନ୍ଦ୍ର ସାହୁ ସଭାପତି, କୁନ୍ଦନ ଭୋଇ ସମ୍ପାଦକ, ପବିତ୍ର ସ୍ୱାଇଁ, ମନୋଜ ଦୋରା, ଅମ୍ଭୋଜା ପ୍ରସାଦ ମାଝୀ, ଜଗନ୍ନାଥ କଠାର, ଉପେନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ, ବିକ୍ରମ ମାଝୀ, ପବିତ୍ର ସାହୁ, ସରୋଜ ପଣ୍ଡା, ମୌସମ ପଟେଲ, ପ୍ରସନ୍ନ କର, ଶିବ ଛତ୍ରପାଲ କାର୍ଯ୍ୟକର୍ତ୍ତା ରହିଛନ୍ତି । ସେହିପରି ପ୍ରଫୁଲ୍ଲ ପ୍ରଧାନ, ଭାବଗ୍ରାହି ସାହୁ, ବଭ୍ରୁବାହାନ ଭୋଇ, ରମେଶ ମିଶ୍ର, ମଜୁର୍ଦ୍ଦିନ ଖାନ୍ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି । ସେହିପରି ଚେରୁ ପାତ୍ର ସହଆବାହକ ଭାବେ ଚୟନ ହୋଇଛନ୍ତି ।

ସମସ୍ତେ ସମ୍ବିଧାନ ବିଷୟରେ ଜାଣିବା ଜରୁରୀ

ସମ୍ବଲପୁର,୨୯।୧୦(ବ୍ୟୁରୋ): ସମ୍ବଲପୁର ଜିଲାରେ ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ କରାଯାଇଛି । ଜିଲାସ୍କୁଲ ଛକଠାରେ ରଥକୁ ସ୍ୱାଗତ କଲାପରେ ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ସମ୍ବିଧାନ ପ୍ରତି ଜନସାଧାରଣଙ୍କର ସମ୍ମାନ ଓ ବିଶ୍ୱାସ ରହିବା ଆବଶ୍ୟକ । ସମସ୍ତଙ୍କୁ ସମ୍ବିଧାନ ବିଷୟର ଜାଣିବା ଜରୁରୀ ରହିଛି ବୋଲି ସଚେତନତା କରାଯାଇଥିଲା । ପରେ ସହରର ବିଭିନ୍ନ ସ୍ଥାନରେ ରାଲି କରାଯାଇଥିଲା । ହିମାଂଶୁ ବିଭାର, ବଳଦେବ କୁମ୍ଭାର, ସୁଶାନ୍ତ କୁମାର ଜଗଦଲା, ହେମନ୍ତ ଗର୍ଡିଆ, ନେପାଳେଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

ଟ୍ରକ୍ ଲୁଟ୍ ଘଟଣାରେ ୬ ଗିରଫ

ସମ୍ବଲପୁର,୨୯।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ସାଲେପଡା ଛକରେ ହୋଇଥିବା ଟ୍ରକ୍ ଲଟ୍ ଘଟଣାର ପୋଲିସ ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାରସୁଗୁଡା ଜିଲା କାପୁମାଲର ଅଶୋକ କୁମାର ନାଏକ, ଲମଟିବାହାଲର ମନିଲ କୁମାର ସିଂ, କରନ ସିଂ, ମନଜିତ ସିଂ, ସୁନ୍ଦରଗଡ ଜିଲା ରାଉରକେଲାର ମହମ୍ମଦ ଇସରାତ ଆଲମ, ଆରଆରଆଇଟି କଲୋନୀ ମୁକେଶ ଶର୍ମା। ଏମାନଙ୍କ ବରଦ୍ ଅନ୍ୟ ଜଣେ ନାବାଳକ ରହିଛନ୍ତି। ଲୁଟ ହୋଇଥିବା ଟ୍ରକ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ୯୦ ହଜାର ଟଙ୍କା ପୋଲିସ ଉଦ୍ଧାର କରିଛି। ଏମାନଙ୍କ ପାଖରୁ ୨ଟି ବାଇକ ଓ ୯ଟି ମୋବାଇଲ ମଧ୍ୟ ଜବତ ହୋଇଛି।

ଟ୍ରକ୍ ଲୁଟ୍ ଲାଗି ଅଭିଯୁକ୍ତ ଅଶୋକ ହିଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ସେ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପୁଅ । ପୂର୍ବରୁ ତାଙ୍କ ନାମରେ ମାମଲା ରହିଛି । ୧୪ ତାରିଖରେ ଏକ ଟ୍ରକ (ୟୁପି-୬୭-୪୩୨୯) ଲୁହା ଛଡ ନେଇ ଝାରସୁଗୁଡା ପଟୁକୁ ଯାଇଥିଲା। ଏହି ସମୟରେ ୨ଟି ବାଇକରେ ୪ ଜଣ ଆସି ଟ୍ରକକୁ ଅଟକାଇ ମାଲିକ ତଥା ଡ୍ରାଇଭର ରାମ ନାରାୟଣ ଗିରିଙ୍କୁ ମାଡପିଟ କରିଥିଲେ । ପରେ ଟ୍ରକ ସହ ଗାଡିରେ ଥିବା ଟଙ୍କା ନେଇ ୨ ଜଣ ଫେରାର ହୋଇଯାଇଥିଲେ । ଅନ୍ୟ ୨ଜଣ ଅଭିଯୁକ୍ତ ରାମ ନାରାୟଣଙ୍କୁ ବାଇକରେ ନେଇ ଠେଲକୋଲି ନିକଟରେ ଥିବା ଜଙ୍ଗଲରେ ଛାଡି ଦେଇଥିଲେ। ପରଦିନ ସକାଳେ ରାମନାରାୟଣ ରେଙ୍ଗାଲି ଥାନାରେ ଆସି ଅଭିଯୋଗ କରିଥିଲେ। ଏହାପରେ ପୋଲିସ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅଶୋକଙ୍କ ନିକଟରୁ ଟଙ୍କା ମିଳିଥିବା ବେଳେ କବାଡି ମାଲିକ ମହମ୍ମଦ ଇସରାତଙ୍କ ନିକଟରୁ ଟ୍ରକ୍ ଉଦ୍ଧାର ହୋଇଥିଲା। ଅଇଁଠାପାଲି ଏସ୍‌ଡିପିଓ ଅଫିସ ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା ଏହି ସୂଚନା ଦେଇଛନ୍ତି।

ପୋଲସ ଜବତ କରିଥିବା ଟ୍ରକ, ସ୍କୁଟି ଓ ବାଇକ୍।

ପୋଲିସ ଫାଶରେ ଲୁଟେରା

- ଟ୍ରକ୍, ଦୁଇ ଚକିଆ ଯାନ ଜବତ
- ୯୦ ହଜାର ଟଙ୍କା ଉଦ୍ଧାର
- ୯ଟି ମୋବାଇଲ ମଧ୍ୟ ଜବତ
- ଅଭିଯୁକ୍ତଙ୍କ ଭିତରେ ଜଣେ ନାବାଳକ

■ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଶପଥ ନେଲେ ସରକାରୀ ଅଧିକାରୀ, କର୍ମଚାରୀ

ସମ୍ବଲପୁର, ୨୯।୧୦ (ବ୍ୟୁରୋ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଡିଆରଡିଏ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ପୂର୍ବାହ୍ନ ୧୧ଟାରେ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ଶପଥ ପାଠ ଉତ୍ସବ ହୋଇଥିଲା । ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ହାଇସ୍କୁଲ ଓ କଲେଜସ୍ତରୀୟ ଓଡିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହାଇସ୍କୁଲସ୍ତରୀୟ ଓଡିଆ ବକ୍ତୃତାରେ ବୁଢ଼ାରଜା ନୋଡାଲ ହାଇସ୍କୁଲର ଶ୍ରେୟା ନନ୍ଦ ପ୍ରଥମ, ଶ୍ରୀଗଣେଶ ବାଳିକା ହାଇସ୍କୁଲର ସ୍ୱିପ୍ନାରାଣୀ ମିଶ୍ର ଦ୍ୱିତୀୟ, ଲେଡିଲୁଇସ୍ ଗର୍ଲ୍ସ ହାଇସ୍କୁଲର ରୋଜା ଆଚାରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଇଂରାଜୀ ବକ୍ତୃତାରେ ଗୁରୁନାନକ ପବ୍ଲିକ ସ୍କୁଲର ସିର୍ଦ୍ଧାଥ କୁମାର ପଣ୍ଡା ପ୍ରଥମ, ସେଣ୍ଟଜୋନ୍ ସ୍କୁଲର ଆମ୍ବାଥି ଏମ୍ ଦ୍ୱିତୀୟ ଓ ସେଣ୍ଟଜୋସେଫ୍ କନଭେଣ୍ଟ ସ୍କୁଲର ରିଷିକା ପଣ୍ଡା ତୃତୀୟ ହୋଇଛନ୍ତି। କଲେଜ ସ୍ତରୀୟ ଓଡିଆ ବକ୍ତୃତାରେ ସରକାରୀ ମହିଳା କଲେଜର ଲିସା ମହାନ୍ତି, ଗଙ୍ଗାଧର ମେହେର କନିଷ୍ଠ କଲେଜର ସୁପ୍ରୀତି ସାହୁ ଓ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଗ୍ରୀଷ୍ମା ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିସହ ଇଂରାଜୀ ବକ୍ତୃତାରେ ସରକାରୀ ମହିଳା କଲେଜରେ ପଲ୍ଲବି ରାୟ ପ୍ରଥମ ହୋଇଛନ୍ତି । ଚଳିତ ମାସ ୩୧ ତାରିଖ ୧୧ଟାରେ ତପସ୍ୱିନୀ ପ୍ରେକ୍ଷାଳୟରେ ହେବାକୁ ଥିବା ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲା ସୂଚନା ଓ ଅଧିକାରୀ ସୂଚନା ଦେଇଛନ୍ତି ।

ଭାରତ ଯଦି ଦେହ ହୁଏ, ହିନ୍ଦୁତ୍ୱ ଏହାର ଆତ୍ମା

ସମ୍ବଲପୁର, ୨୯।୧୦ (ବ୍ୟୁରୋ)

ଭାରତ ବିକାଶ ପରିଷଦ ପକ୍ଷରୁ ଆନିବେସନ୍ତ ଓ ଭାରତୀୟ ଜାତୀୟବାଦ ଶୀର୍ଷକ ଆଲୋଚନାଚକ୍ର ସମ୍ବଲପୁର ଲାଇବ୍ରେରି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପରିଷଦ ସଭାପତି ଡା. ବିନୋଦ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡ. ଉମ୍ମରୁଧର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟତା ବାଦ, ରାଷ୍ଟ୍ରୀୟବାଦ ଓ ହିନ୍ଦୁତ୍ୱ ଉପରେ ଆଲୋଚନା କରିଥିଲେ । ଭାରତ ଯଦି ଶରୀର ତେବେ ହିନ୍ଦୁତ୍ୱ ଏହାର ଆତ୍ମା। ଏହା ଥିଲା ଆନିବେସନ୍ତଙ୍କ ଭାବନା । ହିନ୍ଦୁତ୍ୱ ଭାବନାକୁ ସାର୍ବଜନୀନ କରିବାକୁ ତାଙ୍କର ନିରନ୍ତର ପ୍ରୟାସକୁ ଇତିହାସ ସବୁଦିନ ମନେ ରଖିବ ବୋଲି ସେ କହିଥିଲେ । ଶାଖା ସମ୍ପାଦକ ସତ୍ୟବ୍ରତ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ୟାମସୁନ୍ଦର ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭା କକ୍ଷରେ ଡା. ବିନୋଦ ବିହାରୀ ନାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

■ ଜିଲା ଶିକ୍ଷା ଅଫିସରେ 'ଆମ ସ୍ୱର' କାର୍ଯ୍ୟକ୍ରମ

ସାମାଜିକ ସୁରକ୍ଷା ଉପରେ ମତ ରଖିଲେ ଛାତ୍ରୀଛାତ୍ର

ସମ୍ବଲପୁର, ୨୯।୧୦ (ବ୍ୟୁରୋ)

ଓଡିଆ ମଧ୍ୟମ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଚିନ୍ତନ ବୃଦ୍ଧି ପାଇବା ଓ ସମାଜର ସମସ୍ୟା ସମ୍ପର୍କରେ ସେମାନେ ଲେଖିବା ଓ କହିବା ଆବଶ୍ୟକତା ରହିଛି। ଏହାକୁ ନେଇ ଜିଲା ଶିକ୍ଷା ଅଫିସ ସଭା କକ୍ଷରେ ଆମ ସ୍ୱର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମା କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସାମାଜିକ ସୁରକ୍ଷା ଉପରେ ଛାତ୍ରୀଛାତ୍ରଙ୍କ ବିଚାର କାର୍ଯ୍ୟକ୍ରମ ପ୍ରତି ସ୍କୁଲରେ ହେଲେ ପିଲାମାନଙ୍କ ସୂକ୍ଷ୍ମ ଚିନ୍ତନ ବଢ଼ିବ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା କହିଲେ ଯେ, ପିଲାମାନେ କହିଲେ ନିର୍ଭୟରେ କହିବେ। ସେମାନଙ୍କ କଥା ଶୁଣିଲେ ବୟସ୍କମାନେ ଚେତିବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବୁଢ଼ାରଜା ନୋଡାଲ ହାଇସ୍କୁଲ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହାପରେ ନୈତିକତାର ଅବକ୍ଷୟ ବିକାଶର ପ୍ରଧାନ ଅନ୍ତରାୟ ପ୍ରସଙ୍ଗରେ ବାଲିବନ୍ଧା ସରକାରୀ ଗର୍ଲ୍ସ ହାଇସ୍କୁଲର ବର୍ଷାରାଣୀ ଶତପଥୀ, କେଜିଏମଏନ ସରକାରୀ ହାଇସ୍କୁଲର ଦେବେଶ କୁମାର ସାହୁ, ମହୁଲପାଲି ହାଇସ୍କୁଲର ଗୁଞ୍ଜନ ଦାଶ, ଗଡପୋଷ ସରକାରୀ ଏସଏସଡି ଗର୍ଲ୍ସ ହାଇସ୍କୁଲର ଚନ୍ଦ୍ରିକା ଲାକ୍ରା, ବାମରା ହାଇସ୍କୁଲର ବୋଧାୟନ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲାର ବିଭିନ୍ନ ହାଇସ୍କୁଲର ୩୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣଙ୍କ ଉପସ୍ଥାପନ କରିବାକୁ ଚୟନ କରାଯାଇଥିଲା । ଡ. ଗୌରିଦାସ ପ୍ରଧାନ, ସୁମିତ୍ରା ପତ୍ରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡ. ପ୍ରେମଚାନ୍ଦ ମହାନ୍ତି, ଗୀତାଞ୍ଜଳି ଭୋଇ, ବିଷ୍ଣୁପ୍ରିୟା ନନ୍ଦ, ଶିବ ନନ୍ଦ ବିଚାରକ ଥିଲେ । ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଶିକ୍ଷକ ରାମକୃଷ୍ଣ ରଥ ଖୋଲା ଆଲୋଚନାରେ ଭାଗ ନେଇଥିଲେ । ସେହିପରି ବୁଢ଼ାରଜା ନୋଡାଲ ହାଇସ୍କୁଲର ଦୁଷ୍ମନ୍ତ ସାହୁ, ଜିଲା ସ୍କୁଲର ମହମ୍ମଦ ଆୟନ ଅଲ୍ଲି, ବୁର୍ଲା ହାଇସ୍କୁଲର ସୌମ୍ୟରଞ୍ଜନ ବାରିକ, ସରକାରୀ ଗର୍ଲ୍ସ ହାଇସ୍କୁଲର କିରଣ ବିଶ୍ୱାଳ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଓଡିଶା ସାଂସ୍କୃତିକ ସମାଜ, ଉତ୍ସଗ, ଜ୍ୟୋତି, ହୀରାଖଣ୍ଡ ନାଗରିକ ପରିଷଦ, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ, କୁସୁମା ଫାଉଣ୍ଡେସନର କର୍ମକର୍ତ୍ତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଗିରିଧାରୀ ହୋତା, ରାଜେନ୍ଦ୍ର ପ୍ରସାଦ ହୋତା, ସେଫାଲିରାଣୀ ଦାସ, ବୋଧରାମ ଦାଶ, ସୁଧୀର ପୂଜାରୀ, ଡ. ପରେଶ ଦାନୀ, ଆଲୋକ ପାଣ୍ଡେ ନିମନ୍ତ୍ରିତ ଅତିଥି ଥିଲେ । ବକ୍ତବ୍ୟ ପ୍ରଦାନ କରିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ ମହାତ୍ମା ଗାନ୍ଧୀଙ୍କ ଆତ୍ମଜୀବନ ସତ୍ୟର ପ୍ରୟୋଗ ପୁସ୍ତକ ପ୍ରଦାନ କରାଯାଇଥିଲା ।

ସମ୍ବଲପୁର ଜିଲା ଶିକ୍ଷା ଅଫିସ ସମ୍ମିଳନୀ କକ୍ଷରେ ଆୟୋଜିତ ଆମ ସ୍ୱର କାର୍ଯ୍ୟକ୍ରମରେ ବିଚାରକ ଓ ବକ୍ତବ୍ୟ ପ୍ରଦାନ କରିଥିବା ଛାତ୍ରୀଛାତ୍ର ।

ସମ୍ବଲପୁର ଚଷା ସମାଜର ନୂତନ କର୍ମକର୍ତ୍ତା ଚୟନ

ସମ୍ବଲପୁର, ୨୯।୧୦ (ବ୍ୟୁରୋ)

ସମ୍ବଲପୁର ଚଷା ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଡା. ଗିରିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଭୀମଭୋଇ ସାହିତ୍ୟ ସଂସଦ ପରିସରରେ ସାଧାରଣ ସଭା ହୋଇଥିଲା। ଏହାପରେ ଉପଦେଷ୍ଟା ଡା. ରାମଚନ୍ଦ୍ର ପ୍ରଧାନଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଡା. ଉତ୍ତମ କୁମାର ପ୍ରଧାନ ସଭାପତି, ବସନ୍ତ କୁମାର ସ୍ୱାଇଁ ଉପସଭାପତି, କିଶୋର କୁମାର ପ୍ରଧାନ ସାଧାରଣ ସମ୍ପାଦକ, ପ୍ରହଲ୍ଲାଦ କୁମାର ସାହୁ ସହ ସମ୍ପାଦକ, କରୁଣାକର ବିଶ୍ୱାଳ କୋଷାଧ୍ୟକ୍ଷ, ସୁଶିଲ କୁମାର ସାହୁ ସହ କୋଷାଧ୍ୟକ୍ଷ, ସୁଭେନ୍ଦୁ କୁମାର ସାହୁ ସଂଗଠନ ସମ୍ପାଦକ, ପ୍ରଶାନ୍ତ କୁମାର ସ୍ୱାଇଁ ସହସଂଗଠନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଚୟନ ପରେ ସମସ୍ତେ ଶପଥ ପାଠ କରିଥିଲେ। ନୂତନ କର୍ମକର୍ତ୍ତାମାନେ ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟ କରିବେ। ଏହି ବୈଠକରେ ରାମଚନ୍ଦ୍ର ବିଶ୍ୱାଳ, ସରୋଜ କୁମାର ପ୍ରଧାନ, ସୁବ୍ରତ କୁମାର ବିଶି, ଲଳିତ କୁମାର ପ୍ରଧାନ, ସନାତନ ବେହେର, ଅଜିତ କୁମାର ଗଡନାୟକ, ଦୁଷ୍ମନ୍ତ କୁମାର ବେହେରା, ବଶିଷ୍ଠ କୁମାର ପ୍ରଧାନ, ମୁରଲୀଧର ପ୍ରଧାନ, ନାରାୟଣ ଦେହୁରୀ, ରାଜେନ୍ଦ୍ର କୁମାର ସାହୁ ଆଲୋଚନାରେ ଭାଗ ନେଇଥିଲେ । ଅପରପକ୍ଷେ ୨୦୧୯ ମସିହା ଜାନୁୟାରୀ ୨୦ ତାରିଖରେ ତ୍ରୟୋଦଶ ତମ ବନ୍ଧୁମିଳନ ଉତ୍ସବ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି ।

ଆଜି କ'ଣ କେଉଁଠି

ସମ୍ବଲପୁର

- ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ଶୋଭାଯାତ୍ରା
- ସ୍ଥାନ: ଜିଲାପାଳଙ୍କ ଅଫିସ ପରିସର
- ସମୟ- ସକାଳ ୮ଟା

କମିଶନରଙ୍କ ବଦଳି ପରେ ମହାନଗର ନିଗମ ଅଚଳ

ସମ୍ବଲପୁର,୨୯।୧୦(ବ୍ୟୁରୋ)

ସମ୍ବଲପୁର ମହାନଗର କମଶନର ବିମଳେନ୍ଦୁ ରାୟଙ୍କ ବଦଳି ହୋଇଯାଇଛି। ଏଣୁ ମାସେ ହେବ କାର୍ଯ୍ୟାଳୟ ଅଚଳ। ଠିକାଦାରଙ୍କୁ ବିଲ୍ ପଇଠ କରା ଯାଇପାରୁନାହିଁ। ତେଣୁ ଉନ୍ନୟନମୂଳକ କାମ ଗୁଡିକ ସେମାନେ ଆଉ କରବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଚାଲିଥିବା କାମ ବି ବନ୍ଦ ହେବାକୁ ବସିଲାଣି। ମୁରବି ବିହିନ ହେବାରୁ ଅନେକ କାମ ହୋଇ ପରୁନାହିଁ । ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇ ପାରୁନାହିଁ। ଅବଶ୍ୟ ଅତିରିକ୍ତ କମିଶନର ଅଛନ୍ତି। ହେଲେ ସେ ସୀମାବଦ୍ଧ। ତେବେ ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରୁ ନୂଆ କମିଶନର ନିଯୁକ୍ତି ପାଇଁ ବାରମ୍ବାର ପ୍ରୟାସ କରାଯାଉଛି। ସପ୍ତାହେ ଭିତରେ ଏହି ସମସ୍ୟା ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

■ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସମ୍ବଲପୁର ମଣ୍ଡଳ କାରାଗାରରେ କ୍ୟାମ୍ପ କୋର୍ଟ

୬୭ ଜଣଙ୍କୁ ମିଳିଲା ଜାମିନ

ସମ୍ବଲପୁର,୨୯।୧୦(ବ୍ୟୁରୋ)

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସୋମବାର ସମ୍ବଲପୁର ମଣ୍ଡଳ କାରାଗରରେ କ୍ୟାମ୍ପ କୋର୍ଟ କରାଯାଇଛି। ବିଭିନ୍ନ ଛୋଟ ବଡ ଅପରାଧରେ ମଣ୍ଡଳ କାରାଗାରରେ ଥିବା ୧୧୧ ଜଣ ଜାମିନ ପାଇଁ ଆବେଦନ କରିଥିଲେ। ଏଥିରୁ ୬୭ ଜଣ କଏଦୀଙ୍କୁ ଜାମିନ ମଞ୍ଜୁର କରାଯାଇଛି। ମଙ୍ଗଳବାର ସେମାନଙ୍କୁ ଜେଲରୁ ଛଡାଯିବ। ତେବେ ଜେଲରେ କ୍ୟାମ୍ପକୋର୍ଟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ବନ୍ଦୀମାନଙ୍କ ଘର ଲୋକଙ୍କ ଭିତରେ ଆଶା ସଞ୍ଚାର ହୋଇଛି। ସୋମବାର ବନ୍ଦୀଥିବା କଏଦୀଙ୍କ ପରିବାର ତଥା ଆତ୍ମୀୟମାନେ ସକାଳୁ ସକାଳୁ ଗାଁରୁ ସମ୍ବଲପୁର ସହରକୁ ଧାଇଁଥିଲେ। ଜେଲ ଆଗରେ ସକାଳୁ ରାତି ୯ଟା ପର୍ଯ୍ୟନ୍ତ ଏମାନଙ୍କ ଭିଡ ଲାଗି ରହିଥିଲା। ଜାମିନ ମିଳିବ କି ନାହିଁ ସେହି ଆଶା ଆଶଙ୍କାରେ ଜଗି ରହିଥିଲେ ପ୍ରତି ବନ୍ଦୀଙ୍କର ଘର ଲୋକେ। ଶେଷରେ କେତେକଙ୍କୁ ଜାମିନ ମିଳିଛି। କେତେକଙ୍କୁ ମିଳି ପାରି ନାହିଁ। ଯେଉଁମାନଙ୍କ ଜାମିନ ମିଳିପାରିନି ସେମାନଙ୍କ ଘର ଲୋକେ ନିରାଶ ହୋଇଛନ୍ତି। ମୁହଁ ଶୁଖି ଯାଇଛି। ରାତି ରାତି ଯେଉଁମାନେ ଘରକୁ ଫେରିବା ସମ୍ଭବ ସେମାନେ ଘରକୁ ଫେରିଛନ୍ତି। ଯେଉଁମାନଙ୍କ ଯିବାକୁ ଗାଡିମୋଟର ସୁବିଧା ନାହିଁ ସେମାନେ କେଉଁ ବନ୍ଧୁ ଘରେ ଆଶ୍ରୟ ନେଇଛନ୍ତି। କେତେକଙ୍କୁ ଷ୍ଟେଶନ ପ୍ଲାଟଫର୍ମରେ ରାତି ବିତାଇବାକୁ ପଡିଛି। ଜାମିନ ତ ମିଳିଲାନି ହେଲେ ଏ ଶୀତ ରାତିରେ ଭୋକ ଉପାସରେ ଖୋଲା ଆକାଶ ତଳେ ପଡିବା ସେମାନଙ୍କ ଦୁଃଖ ବଳି ଯାଇଛି। ସେହିପରି କୁଚିଣ୍ଡା ସବ୍ ଜେଲରେ ମଧ୍ୟ ୮ଜଣଙ୍କୁ ଜାମିନ ମିଳିଛି। ସୂଚନାଯୋଗ୍ୟ, ସମ୍ବଲପୁର ଜେଲରେ ୫୪୧ ଜଣ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଛି। ହେଲେ ଏଠାରେ ଏବେ ୧୦୬୮ ଜଣ କଏଦୀ ଅଛନ୍ତି। ସୋମବାର ୬୭ ଜଣଙ୍କୁ ଜାମିନ ମିଳିବା ପରେ ଆହୁରି ୧୦୦୧ କଏଦୀ ରହିଛନ୍ତି।

ସମ୍ବଲପୁର ମଣ୍ଡଳ କାରାଗାରକୁ ବିଚାରପତି ଯାଉଥିବା ବେଳେ ଜେଲ ବାହାରେ ବନ୍ଦୀମାନଙ୍କ ସମ୍ପର୍କୀୟମାନେ ଭିଡ଼ ହୋଇଛନ୍ତି।

ପୁସ୍ତକ ଉନ୍ମୋଚନ ଉତ୍ସବ

ସମ୍ବଲପୁର, ୨୯।୧୦ (ବ୍ୟୁରୋ)

ପରିବେଶବିତ ଦୁର୍ଗାପ୍ରସାଦ ନାଥଙ୍କ ରଚିତ ତିନୋଟି ପୁସ୍ତକ ଲୋକାର୍ପଣ ଉତ୍ସବ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରିକ୍ରମା, ବିବିଧ ପ୍ରବନ୍ଧ ଏବଂ କବିତା ସମାହାର ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଭାଗବତ ପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତା ଏବଂ ସ୍ତମ୍ଭକାର ଶିବ ପ୍ରସାଦ ତ୍ରିପାଠୀଙ୍କ ସଂଯୋଜନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ମନୋଜ ପଣ୍ଡା, ଡ. ଗୌରିଦାସ ପ୍ରଧାନ ଓ ଡ. ଶ୍ୟାମସୁନ୍ଦର ଧର ପୁସ୍ତକ ଗୁଡିକର ସମୀକ୍ଷା କରିଥିଲେ । ପୁସ୍ତକ ରଚୟିତା ଦୁର୍ଗା ପ୍ରସାଦ ନାଥ ସୂଚନା ପ୍ରଦାନ କରିଥିଲେ।



ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅତିଥି ଓ ସମୀକ୍ଷକମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ ।
- ଚାଣକ୍ୟ

ସଂକ୍ଷେପରେ

ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

ପଦ୍ମପୁର, ୨୯।୧୦ (ଡି.ଏନ.ଏ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍‌ରେ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦୌଲତ ଚନ୍ଦ୍ରକାର ଅଫିସ୍‌ର ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କରାଇଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଏହାର ଆଭିମୁଖ୍ୟ ଉପରେ ମତାମତ ରଖିଥିଲେ ।

ବିପଦସଙ୍କୁଳ ବିଦ୍ୟୁତ୍ ତାର

ଅତାବିରା, ୨୯।୧୦ (ଡି.ଏନ.ଏ): ବିଦ୍ୟୁତ ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହିନତା ପାଇଁ ବିଭିନ୍ନ ସମୟରେ ଧନଜୀବନ ନଷ୍ଟ ହେଉଛି । ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ତାର, ଟ୍ରାନ୍ସଫର୍ମର, ଖମ୍ବ ରହି ଚାରିପଟେ ଅନାବନା ଘାସଲଟାରେ ପରିପୂର୍ଣ୍ଣ ହୋଇଯାଇଥିଲେ ମଧ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ । ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଦେଶଭଟିଲି ଓ ଦେଶପର୍ଥଲା ନିକଟରେ ଥିବା ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାରକୁ ଅନାବନା ଲଟା ମାଡି ଗଲାଣି । ଖମ୍ବର ୨୨ ଫୁଟରୁ ଉର୍ଦ୍ଧ୍ୱକୁ ବିଦ୍ୟୁତ୍ ତାର ପର୍ଯ୍ୟନ୍ତ ଲଟା ମାଡିଗଲାଣି। କିନ୍ତୁ ବିଭାଗୀୟ କର୍ମଚାରୀମାନେ ସଫେଇ କରୁନାହାନ୍ତି। ବିପଦ ଆଶଙ୍କା ଥିବାରୁ ତୁରନ୍ତ ଏହାକୁ ସଫେଇ କରିବାକୁ ଦାବି ହେଉଛି ।

ଭାଗବତ ପାରାୟଣ ସପ୍ତାହ

ପଦ୍ମପୁର, ୨୯।୧୦ (ଡି.ଏନ.ଏ): ପଦ୍ମପୁର ହନୁମାନ ମନ୍ଦିରପଡା ମହିଳା ଭାଗବତ କମିଟିର ଆୟୋଜନରେ ହନୁମାନ ମନ୍ଦିରରେ ଗତ ୨୫ ତାରିଖରୁ ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଛି । ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି ପାରାୟଣ ଚାଲିବ । ଗଙ୍ଗାଧର ଉଦ୍‌ଗାତା ଭାଗବତ ଗାନ କରୁଛନ୍ତି । ପ୍ରତ୍ୟହ ଅନେକ ଶ୍ରଦ୍ଧାଳୁ ପାରାୟଣ ପୀଠରେ ଉପସ୍ଥିତ ହୋଇ ଭାଗବତ ଶୁଣୁଛନ୍ତି । ମହିଳା କମିଟି ସଦସ୍ୟା ସହଯୋଗ କରୁଛନ୍ତି ।

ଜିଲାପାଳ ଅଫିସ ଆଗରେ ଧାରଣା

ବରଗଡ଼ ଅଫିସ୍, ୨୯।୧୦

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବଉଲସିଂହାଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟରେ ନିୟୋଜିତ ଶ୍ରମିକଙ୍କୁ ସମ୍ପୃକ୍ତ ଠିକାସଂସ୍ଥା ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ସୋମବାର ବରଗଡ଼ ଜିଲା ନିର୍ମାଣ ଶ୍ରମିକ ସଂଘ ନେତୃତ୍ୱରେ ଇଥାନଲ ପ୍ଲାଣ୍ଟରେ କାର୍ଯ୍ୟରତ ସ୍ଥାନୀୟ ଶ୍ରମିକମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହିତ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଇଥାନଲ ପ୍ଲାଣ୍ଟ ନିର୍ମାଣ ଦାୟିତ୍ୱରେ ରହିଥିବା ଠିକାସଂସ୍ଥା ଏଠାରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦେବାରେ ପାତରଅନ୍ତର ନୀତି ଅବଲମ୍ବନ କରୁଛି । ରାଜ୍ୟ ବାହାରୁ ଆସି ଏଠାରେ କାମ କରୁଥିବା ଶ୍ରମିକଙ୍କୁ ଦୈନିକ ୩୫୦ ଟଙ୍କା ପାରିଶ୍ରମିକ ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ୨୯୦ ଟଙ୍କା ପ୍ରଦାନ କରୁଛି । ସେହିପରି ମହିଳା ଓ ପୁରୁଷ ଶ୍ରମିକଙ୍କ କ୍ଷେତ୍ରରେ ମଧ୍ୟ ପାରିଶ୍ରମିକ ପ୍ରଦାନରେ ପ୍ରଭେଦ ରଖାଯାଉଛି । ସ୍ଥାନୀୟ ପୁରୁଷ ଶ୍ରମିକଙ୍କୁ ଦୈନିକ ୨୯୦ ଟଙ୍କା ଦେଉଥିବାବେଳେ ମହିଳା ଶ୍ରମିକଙ୍କୁ ୨୫୦ ଟଙ୍କା ପ୍ରଦାନ କରାଯାଉଛି ।

ଶ୍ରମିକଙ୍କୁ ଶୋଷଣ ଅଭିଯୋଗ

ଜିଲା ଶ୍ରମ ଅଧିକାରୀଙ୍କ ସହିତ ଶ୍ରମିକମାନେ ଆଲୋଚନା କରୁଛନ୍ତି ।

- ଚର୍ଚ୍ଚାରେ ବଉଲସିଂହା ଇଥାନଲ ପ୍ଲାଣ୍ଟ
- ନିର୍ମାଣ ଆରମ୍ଭରୁ ଶ୍ରମିକ ଅସନ୍ତୋଷ
- ଠିକାସଂସ୍ଥା ବିରୋଧରେ ସ୍ମାରକପତ୍ର
- ସ୍ଥାନୀୟ ଶ୍ରମିକଙ୍କୁ ଦିଆଯାଉଛି କମ୍ ପାରିଶ୍ରମିକ
- ଶ୍ରମିକଙ୍କୁ ମିଳୁନି ପିଏଫ୍, ଇଏସ୍ଆଇ ସୁବିଧା
- ଜିଲାପାଳ କହିଲେ ସମାଧାନ ହେବ

ଭାରତ ସରକାରଙ୍କ ନିୟମାନୁଯାୟୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଦୈନିକ ୩୭୩ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଉକ୍ତ ଠିକାସଂସ୍ଥା ତାକୁ ଉଲ୍ଲଂଘନ କରୁଛି ବୋଲି ଜିଲା ନିର୍ମାଣ ଶ୍ରମିକ ସଂଘର ଆବାହକ ଇଂ ଦେବବ୍ରତ ମିଶ୍ର ଅଭିଯୋଗ କରିଛନ୍ତି। ସେହିପରି ଶ୍ରମିକଙ୍କ ସୁରକ୍ଷା ପାଇଁ ଠିକାସଂସ୍ଥା ସୁରକ୍ଷା ଉପକରଣ ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଛି । ସେହି ସୁରକ୍ଷା ଉପକରଣ ତଥା ଟୋପି, ଜୋତା ଆଦି ବାବଦକୁ ଠିକାସଂସ୍ଥା କର୍ତ୍ତୃପକ୍ଷ ଶ୍ରମିକଙ୍କ ପାଉଣାରୁ ୬ରୁ ୭ ଶହ ଟଙ୍କା କାଟି ରଖୁଥିବା ଅଭିଯୋଗ ହୋଇଛି । ସେହିପରି କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ପିଏଫ, ଇଏସଆଇ ତଥା ନିୟମାନୁସାରେ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉନାହିଁ ବୋଲି ଜିଲା ନିର୍ମାଣ ଶ୍ରମିକ ସଂଘ ଅଭିଯୋଗ କରିଛି ।

ଉଲ୍ଲେଖନୀୟ, ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ଜିଲାପାଳ ଅଫିସରେ ଆନ୍ଦୋଳନ ଚଳାଇଥିବା ବେଳେ ସ୍ଥାନୀୟ ଶ୍ରମ ଅଧିକାରୀ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ । ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା । ପରେ ଜିଲାପାଳ ତ୍ରିପାଠୀ ସେଠାକୁ ଆସି ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ ଏବଂ ଅଭିଯୋଗ ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହାପରେ ଧାରଣାରୁ ଶ୍ରମିକମାନେ ଓହରିଥିଲେ । ଆସନ୍ତା ୭ଦିନ ମଧ୍ୟରେ ସେମାନଙ୍କ ଅଭିଯୋଗ ଏବଂ ଦାବି ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜିଲା ନିର୍ମାଣ ଶ୍ରମିକ ସଂଘ ନେତୃତ୍ୱରେ ଶ୍ରମିକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଜିଲା ନିର୍ମାଣ ଶ୍ରମିକ ସଂଘର ଆବାହକ ଇଂ ମିଶ୍ରଙ୍କ ନେତୃତ୍ୱରେ ସଂଘର ଅନ୍ୟ କର୍ମକର୍ତ୍ତା, ଶତାଧିକ ଶ୍ରମିକ ଏଥିରେ ସାମିଲ ହୋଇଥିଲେ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଦେବଗଡ, ୨୯।୧୦(ସ୍ୱ.ପ୍ର.)

ଚଳିତ ବର୍ଷ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୩ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଦେବଗଡ ତରଫରୁ ଜିଲାର ତିଲେଇବଣି ବ୍ଲକ ଅଧୀନ ଏକଲବ୍ୟ ପଞ୍ଚାୟତ ସ୍ନାତକ କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ସୁକୁମାର ଗୁପ୍ତା, ଅଧ୍ୟାପକ ଅନିରୁଦ୍ଧ ବିଶ୍ୱାଳ, ସୁଧୀର ପ୍ରତାପ ସାହୁ, ରାଜେନ୍ଦ୍ର କେରକେଟା, ଗଗନ ବିହାରୀ କାଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଦୁର୍ନୀତି ନିବାରଣ ପାଇଁ ସମାଜର ସବୁ ବର୍ଗର ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆଲୋକପାତ କରିବା ସହ ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତ ଅତିଥି ଶପଥ ପାଠ କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତର୍କରେ ପ୍ରଦୀପ ବେହେରା, ଗୁଣନିଧି ପ୍ରଧାନ, ପ୍ରୀତିବାଳା ସାହୁ ଓ ସଙ୍ଗୀତରେ ମନିଶା ନାୟକ, କଲ୍ୟାଣୀ ନାୟକ ଓ ଦୀପା ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

■ ସୁରଭି କାର୍ଯ୍ୟକ୍ରମ କଲେନି

ସିଆରସିସି, ୧୧ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ସୋହେଲା, ୨୯।୧୦(ଡି.ଏନ.ଏ)

ସୋହେଲା ବ୍ଲକରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରିବାରେ ଡୁମେରପାଲି କ୍ଲଷ୍ଟରର ସିଆରସିସି ଓ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ଅବହେଳା କରିଥିବାରୁ ସୋହେଲା ବିଇଓ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସମସ୍ତଙ୍କୁ ତିନି ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ଦେବାକୁ ବିଇଓ ମହାନନ୍ଦ ନିର୍ଦ୍ଦେଶ ଜାରି କରିଛନ୍ତି । କାରଣ ଦର୍ଶାଅ ନୋଟିସ୍‌ର ଜବାବ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଏହାସହ ସିଆରସିସି ପ୍ରଦୀପ କୁମାର ନାୟକଙ୍କ ଅକ୍ଟୋବର ମାସର ଦରମାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଅନୁସାରେ, ଗତ ୨୭ ତାରିଖରେ ସୋହେଲା ବ୍ଲକରେ ଥିବା ୧୬ଟି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେହିଦିନ ଡୁମେରପାଲି କ୍ଲଷ୍ଟର ବ୍ୟତୀତ ଅନ୍ୟ କ୍ଲଷ୍ଟରମାନଙ୍କରେ ସୁରଭି କାର୍ଯ୍ୟକ୍ରମ ହୋଇଥିଲା । କିନ୍ତୁ ଡୁମେରପାଲି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ କରାଯାଇ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହା ଉପରେ ବିଇଓ ହେମସାଗର ମହାନନ୍ଦ ଘଟଣାର ଅନୁଧ୍ୟାନ କରି ପତ୍ର ସଂଖ୍ୟା ୩୧୭୪ ଅନୁସାରେ ଡୁମେରପାଲି କ୍ଲଷ୍ଟରରେ କାର୍ଯ୍ୟରତ ସିଆରସିସି ଓ ସମ୍ପୃକ୍ତ ସ୍କୁଲମାନଙ୍କର ପ୍ରଧାନ ଶିକ୍ଷକମାନଙ୍କୁ ନୋଟିସ୍ ଜାରି କରିଛନ୍ତି ।

ସୋହେଲା ବ୍ଲକର ସମସ୍ତ କ୍ଲଷ୍ଟରରେ ୨୬ ତାରିଖରେ ସୁରଭି କାର୍ଯ୍ୟକ୍ରମ ସୁଚାରୁ ରୂପେ କରିବା ପାଇଁ ଦୁଇଟି ବୈଠକ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମସ୍ତ ସିଆରସିସିଙ୍କ ଆକାଉଣ୍ଟକୁ ୩ହଜାର ଟଙ୍କା ଟ୍ରାନ୍ସଫର କରାଯାଇଥିଲା। କିନ୍ତୁ ଡୁମେରପାଲି ସିଆରସିସି କାର୍ଯ୍ୟକ୍ରମ ଆୟୋଜନ କି ନ ଥିଲା। ଏପରିକି ଏହି କ୍ଲଷ୍ଟର ଅଧୀନରେ ଥିବା ୧୧ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଧ୍ୟ କୌଣସି ଅଭିଯୋଗ କରି ନ ଥିଲେ କି ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇ ନାହାନ୍ତି ।

ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ଦେବଗଡ, ୨୯।୧୦(ସ୍ୱ.ପ୍ର)

ସ୍ଥାନୀୟ ଟାଉନ ହଲଠାରେ ଜିଲା ପ୍ରଶାସନ ପକ୍ଷରୁ ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ ଦିବସ ସୋମବାର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଏହି ଅବସରରେ କହିଥିଲେ କି କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟ ମୁକାବିଲା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ସମେତ ଲୋକପ୍ରତିନିଧି, ସାମଜିକକର୍ମୀ ଏବଂ ସର୍ବୋପରି ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ରିଆମାଳ ପଞ୍ଚାୟତ ସମିତି ଅଧକ୍ଷା ରୀତାଞ୍ଜଳି ହାତୀ, ବିଧାୟକ ପ୍ରତିନିଧି ଅରୁଣ ସାହୁ, ଅତିରିକ୍ତ ଏସ୍‌ପି ରବି ନାରାୟଣ ସି, ଜିଲା କୃଷି ଅଧିକାରୀ ବାବାଜୀ ଚରଣ ବେହେରା, ବେସାମରିକ ଯୋଗାଣ ଅଧିକାରୀ ସୁରେନ୍ଦ୍ର ପାଢୀ, ଏ.ସି.ଏଫ. ପିଟର ଟପ୍ପୋ ପ୍ରମୁଖ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବିଭାଗୀୟ ଅଧିକାରୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କନିଷ୍ଠ ବର୍ଗରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ନିଶା ବାରିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ସାଗରିକା ମହାପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦ୍ୱିତୀୟ, ଆଦ୍ୟାଶା ନାୟକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଦିବ୍ୟ ଜ୍ୟୋତି ପ୍ରକାଶ ସୂତାର, କେନ୍ଦ୍ରୀୟ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବର୍ଗରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଭର୍ତ୍ତୃହରି ପ୍ରଧାନ,ଆଦର୍ଶ କଲେଜ ପ୍ରଥମ, ସମୀକ୍ଷା ନନ୍ଦ, ଦେବଗଡ କଲେଜ ଦ୍ୱିତୀୟ ଏବଂ ପୂଜାରାଣୀ ସୂତାର, ଦେବଗଡ କଲେଜ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଜିଲା ଆପାତକାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଟାଉନ ହଲ ପର୍ଯ୍ୟନ୍ତ ଆୟୋଜିତ ଏକ ରାଲିକୁ ପିଡି ଏକ୍କା ଶୁଭାରମ୍ଭ କରିଥିଲେ । ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଉଦ୍ଧାର କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରାଯାଇ ସେଗୁଡିକର କାର୍ଯ୍ୟକାରୀତା ଉପରେ ସୂଚନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଲୋକପ୍ରତିନିଧିମାନଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

କ୍ଷତିପୂରଣ ଦାବି କଲେ ଚାଷୀ

ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ବରଗଡ଼ ଅଫିସ୍, ୨୯।୧୦

ବରଗଡ଼ ଜିଲା ଅଣଜଳସେଚିତ ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଛିନ୍ଦେଇକେଲାରେ ସ୍ୱଳ୍ପ ବୃଷ୍ଟିପାତ ଏବଂ ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ଫସଲକ୍ଷତିର କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି । ଏହି କ୍ରମରେ ସୋମବାର ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ସମସ୍ତ ଚାଷୋପଯୋଗୀ ଜମିରେ ଧାନ ଫସଲ ହୋଇଥିଲା। ଗତ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରୁ ବର୍ଷା ନ ହେବା ଯୋଗୁ ଫସଲ ନଷ୍ଟ ହୋଇଥିଲା । ଯାହା କିଛି ଫସଲ ରହିଥିଲା, ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ତାହା ମଧ୍ୟ ଧୂଳିସାତ୍ ହୋଇଥିଲା। ଫଳରେ ଋଣ କରଜ ପରିଶୋଧ ସହିତ ପରିବାର ଗୁଜୁରାଣ କରିବା କଷ୍ଟସାଧ୍ୟ ହୋଇ ପଡ଼ିଛି। ଏ ଦିଗରେ ବିହିତ ପଦକ୍ଷେପ ନେଇ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଛିନ୍ଦେଇକେଲ ରାମଜୀ କୃଷକ ମହାସଂଘ ସଭାପତି ନବଘନ ଭୋଇଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କିଥିଲେ । ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଜୟକୃଷ୍ଣ ସାହୁ, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ଅନ୍ୟ କ୍ଷତିଗ୍ରସ୍ତ ଚାଷୀମାନେ ଉପସ୍ଥିତ ଥିଲେ ।

ସୋହେଲା ବ୍ଲକର ୨୭ ପଞ୍ଚାୟତ ପାଇଁ ଓକିଲ ନିଯୁକ୍ତି

ସୋହେଲା, ୨୯।୧୦(ଡି.ଏନ.ଏ)

ଓଡିଶା ସରକାରଙ୍କ ଆଇନ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ବରଗଡ଼ ଜିଲା ସୋହେଲା ବ୍ଲକର ୨୭ଟି ପଞ୍ଚାୟତ ପାଇଁ ସୋମବାର ଓକିଲ ନିଯୁକ୍ତ ହୋଇଛନ୍ତି। ବିଡିଓ ଅଶୋକ କୁମାର ଗଡତିଆଙ୍କ ଅଫିସରେ ଏମାନେ ନିଜ ନିଜ ନିଯୁକ୍ତ ପତ୍ର ପ୍ରଦାନ କରିଥିଲେ । ନିଯୁକ୍ତି ପାଇଥିବା ଓକିଲମାନେ ହେଲେ ଜୟନ୍ତ କୁମାର ଆଚାର୍ଯ୍ୟ (ବାଉଁସେନମୁରା), ଅମର ମହାନନ୍ଦ(ବେହେରାପାଲି), ବିଭୂତିଭୂଷଣ ପ୍ରଧାନ(ବିଜାପାଲି), ରୋହିତ କୁମାର ଦେବତା (ବିର୍ଜିମ), ପ୍ରମୋଦ କୁମାର ସାହୁ (ଛୁରିଆପାଲି), ଜୟନ୍ତ କୁମାର ପାତ୍ର (ଡୁମେରପାଲି), ନୀତିଶ ଆଚାର୍ଯ୍ୟ (ଗର୍ଭଣା), ଗୋକୁଳ ଚନ୍ଦ୍ର ଦାଶ (ଘେଁସ), ବସନ୍ତ ସାହୁ (ଜଟଲା), ବିକ୍ରମ କେଶରୀ ପଧାନ(ଝର), ଚନ୍ଦ୍ରକାନ୍ତ ବାରିକ (କଲଙ୍ଗାପାଲି), ଭୁବନେଶ୍ୱର ବାରିକ (କନାପାଲି), ବିକାଶ ଚନ୍ଦ୍ର ଭୋଇ(କନଗାଁ), ରୋହିତ କୁମାର ଦେବତା (କରଣ୍ଡୋଲା), ବିକାଶ ଚନ୍ଦ୍ର ନାଏକ (ଲେବିଡି), ଉମା ଚରଣ ମେହେର (ପଣ୍ଡକିପାଲି), ବିନାୟକ ମିଶ୍ର (ପାଣିମୋରା), ସୁନୀଲ କୁମାର ଅଗ୍ରୱାଲ (ପେଟୁପାଲି), ଭୁବନେଶ୍ୱର ବାରିକ (ରେଙ୍ଗାଲି), ଶ୍ରୀବଲ୍ଲଭ ପୁରୋହିତ (ସାଲେପାଲି), ସୁଶାନ୍ତ ପାଣିଗ୍ରାହୀ (ସନିମାଲ), ଚୂଡାମଣି ମେହେର (ସରକଣ୍ଡା), ସୁନୀଲ କୁମାର ଅଗ୍ରୱାଲ (ସୋହେଲା), ସୁନୀଲ ପଧାନ (ଶ୍ରୀଗିଡା), ରୁଦ୍ରଦାଶ ମେହେର (ତବଡା) ଏବଂ କ୍ଷମାନିଧି ନାୟକ (ତୁଙ୍ଗିବନ୍ଧଲୀ) । ଏମାନେ ପଞ୍ଚାୟତର ଆଇନ ସହାୟତା ପାଇଁ ଓକିଲ ଭାବେ କାର୍ଯ୍ୟ କରିବେ ।

ଘରୋଇ ସଂସ୍ଥା ଠକିନେଲା ୪୦ଲକ୍ଷ

ବରଗଡ଼ ଅଫିସ୍, ୨୯।୧୦

ବରଗଡ଼ ଜିଲାରେ ଅନେକ ଚାଷୀ ସମ୍ବଲପୁର ଜିଲା ହାତୀବାରିରେ ଥିବା ଏକ ଘରୋଇ ଦୁଗ୍ଧ ଉତ୍ପାଦନ ସଂସ୍ଥାର ଠକାମିରେ ପଡ଼ିଥିବା ଅଭିଯୋଗ ହୋଇଛି। ଏଥିରେ ଜିଲାର ଚାଷୀଙ୍କ ପ୍ରାୟ ୪୦ଲକ୍ଷ ଟଙ୍କା ଠକେଇ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଜୁଜୁମୁରା ଥାନାରେ ଏତଲା ଦେବା ସତ୍ତ୍ୱେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାବେଳେ ସେହି ଘରୋଇ ସଂସ୍ଥା ବନ୍ଦ ହୋଇଯାଇଥିବା ସେମାନେ କହିଛନ୍ତି । ଏ ନେଇ ସୋମବାର କ୍ଷତିଗ୍ରସ୍ତ ଦୁଗ୍ଧ ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜିଲାର ବରପାଲି, ବଇପୁର ଏବଂ ପଦ୍ରାପାଲିରେ ସମ୍ପୃକ୍ତ ଘରୋଇ ସଂସ୍ଥା ଅଧୀନରେ ୩ଟି ଶାଖା ଅର୍ଥାତ୍ ବିଏମସି ଖୋଲିଥିଲା । ଏହି ବିଏମସି ଜରିଆରେ ଦୁଗ୍ଧ ସଂଗ୍ରହ କରାଯାଉଥିଲା ଏବଂ ସଂଗୃହୀତ ଦୁଗ୍ଧକୁ ହାତୀବାରିରେ ରହିଥିବା ସମ୍ପୃକ୍ତ ସଂସ୍ଥାକୁ ପଠାଯାଉଥିଲା । ଏହି ସଂସ୍ଥା ଗତ ମେ ୧୧ରୁ ଜୁଲାଇ ୨୯ତାରିଖ ପର୍ଯ୍ୟନ୍ତ ୮ଟି ବିଲ୍‌ର ପ୍ରାପ୍ୟ ପ୍ରଦାନ କରିନାହିଁ ଏବଂ ସଂସ୍ଥାକୁ ଇତିମଧ୍ୟରେ ବନ୍ଦ କରି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ଅଞ୍ଚଳର ଚାଷୀଙ୍କ ପ୍ରାୟ ୪୦ଲକ୍ଷ କ୍ଷତି ହୋଇଥିବା ସେମାନେ କହିଛନ୍ତି। ଏ ଦିଗରେ ପଦକ୍ଷେପ ନେବା ପାଇଁ ବରପାଲି ବିଏମସିରୁ ମହାଦେବ ସାହୁ, ପରମେଶ୍ୱର ବେହେରା, ବଇପୁର ବିଏମସିରୁ ଡମ୍ବରୁଧର ଡାଙ୍ଗ, ସୁଦାମ ପାତ୍ର, ପଦ୍ରାପାଲି ବିଏମସିରୁ ରାଜେନ୍ଦ୍ର ଖେତି, ଶ୍ରୀପତି ତାଣ୍ଡି ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

ଜିଲାପାଳଙ୍କୁ ଜଣାଇଲେ ଦୁଗ୍ଧଚାଷୀ

ଜିଲାପାଳଙ୍କୁ ଫେରାଦ ହୋଇଥିବା ଦୁଗ୍ଧ ଚାଷୀମାନେ ।

ସଂକ୍ଷେପରେ



ନିଶାମୁକ୍ତ ଜିଲା ଦାବିରେ ଧାରଣା

ସମ୍ବଲପୁର, ୨୯।୧୦ (ବ୍ୟୁରୋ)

ଜିଲାକୁ ନିଶାମୁକ୍ତ କରିବା ଦାବିରେ ସୋମବାର ଜିଲାପାଳ ଅଫିସ ସମ୍ମୁଖରେ ମିଳିତ ପଶ୍ଚିମ ଓଡିଶା ନିଶା ନିବାରଣ ଅଭିଯାନର ଆବାହକ ଜନାର୍ଦ୍ଦନ ସାହୁ ଧାରଣା ଦେଇଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ମଦ ତଥା ନିଶା ଜନିତ ଦ୍ରବ୍ୟର ଚୋରା କାରବାର ରୋକିବାରେ ଅସମର୍ଥ ହୋଇଛନ୍ତି । ଓଡିଶା ସରକାର ରାଜସ୍ୱ ଆଦାୟର ଦୁଶ୍ଚିନ୍ତାରେ ମଦ ଓ ନିଶା ଦ୍ରବ୍ୟର ଅବାଧ ପ୍ରସାରଣ କରୁଛନ୍ତି । ଯଦ୍ୱାରା ସମାଜରେ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ସେ ଧାରଣା ଦେଇଥିବାକହିଛନ୍ତି ।

ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

ନାକଟିଦେଉଳ, ୨୯।୧୦ (ଡି.ଏନ.ଏ)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି ସଞ୍ଜୀବ ଆରୋରା ଯୋଗଦେଇ ଅଭିଯୋଗ ଗୁଡିକର ଫଇସଲା କରିବା ସହ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ସମୁଦାୟ ୬୪ଟି ଅଭିଯୋଗ ଦାଖଲ ହୋଇଥିଲା ।ସେଥି ମଧ୍ୟରୁ ୧୫ଟି ଗୋଷ୍ଠୀଗତ ଏବଂ ୪୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଶିବିରରେ ଗୌଡପଡାଠାରୁ ହିକପାଲି ପର୍ଯ୍ୟନ୍ତ ପ୍ରଧାମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତାକାର୍ଯ୍ୟ ନିର୍ମାଣରେ ବିଳମ୍ବ, କେଲୋ ପିଡବ୍ଲୁଡି ରାସ୍ତାଠାରୁ ରଙ୍ଗା ପର୍ଯ୍ୟନ୍ତ ରାସ୍ତା ମରାମତି ଓ ସଂପ୍ରସାରଣ, ପାଣ୍ଡରିଶିଳା ଗ୍ରାମରେ ନୂତନ ଭାବେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ, ସାହେବୀ ଗ୍ରାମରେ ସରକାରୀ ଜମି ଜବରଦଖଲ, ହିତସରା କିସାନ ପଡାର କେନାଲ ଉନ୍ନତିକରଣ, ପଦ୍ମପୋଖରୀରେ ସୁରକ୍ଷା ପାଚେରୀ, ଗଦାଧରପୁରରେ ଉଠାଜଳସେଚନ ପ୍ରକଳ୍ପ, ବାଟଗାଁ ସେବା ସମବାୟ ସମିତିରେ ଚାଷୀମାନଙ୍କୁ କୃଷି ଋଣ ପ୍ରଦାନରେ ହଇରାଣ କରାଯାଉଥିବା, ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଏବଂ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା । ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ପିଡିଡିଆରଡିଏ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ବିଶିକେସନ ଦେହୁରୀ, ବିଡିଓ ମେଥୋଡିୟସ ଲାକ୍ରା, ଜିଲା ପରିଷଦ ସଭ୍ୟ ପ୍ରମୋଦ ସାହୁ ଓ ପୂର୍ଣ୍ଣଚନ୍ଦ୍ର ଗଡତ୍ୟା ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର ଜିଲା, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ଅଧିକାରୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟା, ସଭ୍ୟମାନେ ଉପସ୍ଥିତ ଥିଲେ ।

ଅପରପକ୍ଷରେ ଅଭିଯୋଗ ଶୁଣାଣି ଶିବିର ପୂର୍ବରୁ ବ୍ଲକ୍ ସଭାଗୃହଠାରେ ଜିଲାପାଳ, ଏସ୍‌ପି ଏବଂ ଅବକାରୀ ବିଭାଗର ଜିଲା ଅଧିକ୍ଷକଙ୍କ ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ବନ୍ଦ କରାଯିବା ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଡକାଯାଇଥିଲା । ଅଞ୍ଚଳରେ ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ ନ ଦେବା ଏବଂ ଏଥିରେ ସଂପୃକ୍ତ ଚାଷୀମାନଙ୍କ ପାଇଁ ଆଇନରେ ରହିଥିବା କଠୋର ଦଣ୍ଡବିଧାନ ସମ୍ପର୍କରେ ଅବଗତ କରାଯାଇଥିଲା । ଏଥି ସହିତ ନିଜ ଅଞ୍ଚଳରେ ଯଦି କୌଣସି ଜାଗାରେ ଗଞ୍ଜେଇ ଚାଷ ହେଉଥିବା ନଜରକୁ ଆସେ ତାହା ହେଲେ ସଂପୃକ୍ତ ଅଞ୍ଚଳର ଜନପ୍ରତିନିଧିମାନେ ପୋଲିସ ଏବଂ ଅବକାରୀ ବିଭାଗକୁ ଖବର ଦେବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀଙ୍କ ସମେତ ଜିଲାପାଳ, ଏସପି ଏବଂ ନାକଟିଦେଉଳ ସାହେବୀ, ବାଟଗାଁ, ସାଲେଭଟା, ଜାମୁଯୋରୀ ଆଦି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ ।

ନାକଟିଦେଉଳରେ ଅନୁଷ୍ଠିତ ଜନଶୁଣାଣି କାର୍ଯକ୍ରମରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ।

ଟ୍ରକ୍‌କୁ ପିଟିଲା ବାଇକ୍, ଆରୋହୀ ମୃତ

ରିଆମାଳ,୨୯।୧୦(ଡି.ଏନ.ଏ.)

ରିଆମାଳ ଥାନା ଅନ୍ତର୍ଗତ ଧରମପୁର ତାରିଣୀ ମନ୍ଦିର ନିକଟରେ ରବିବାର ରାତି ୯ଟା ସମୟରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଠିଆ ହୋଇଥିବା ଟ୍ରକ୍‌ରେ ପିଟି ହୋଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ମେଦିନୀପୁରର କଲ୍ୟାଣ ବେହେରା (୨୭) । ଘଟଣାସ୍ଥଳରେ ବାଇକ୍ ଆରୋହୀ ପିଟି ହୋଇ ପଡ଼ିଥିବାବେଳେ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ସଙ୍ଗେ ସଙ୍ଗେ ତାଙ୍କୁ ଗୁରୁତର ଅବସ୍ଥାରେ ଦେବଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ରିଆମାଳ ପୋଲିସ ଖବରପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକ ଜଂ‌ଓ ଛିଡ଼ା ହୋଇଥିବା ୧୪ଚକିଆ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର ସନ୍ଦିପ୍ ଲାକ୍ରା(୩୮)ଙ୍କୁ ଅଟକ ରଖି କେସ ନଂ. ୧୬୪/୧୮ରେ ଏକ ମାମଲା ରୁଜୁ କରିଛି । ବାଇକ ଆରୋହୀ କଲ୍ୟାଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ।

ଏନଏସସିବି କଲେଜରେ ସତର୍କତା ସଚେତନତା ସପ୍ତାହ

ସମ୍ବଲପୁର,୨୯।୧୦(ବ୍ୟୁରୋ)

ନେତାଜୀ ସୁବାସଚନ୍ଦ୍ର ବୋଷ (ଏନଏସସିବି) କଲେଜରେ ସୋମବାର ସତର୍କତା ସଚେତନତା ସପ୍ତାହ ଓ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଦୁର୍ନୀତିମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଶପଥ ଗ୍ରହଣ କରାଯାଇଥିଲା । ଏଥିରେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଡ. ରଘୁମଣି ନାୟକ ଓ ଡ. ବିଶ୍ୱମୋହନ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା ।

ସୋମବାର ଏନଏସସିବି କଲେଜରେ ସତର୍କତା ସଚେତନତା ସପ୍ତାହ ଶପଥ ପାଠ କରାଯାଉଛି ।

ଶପଥ ନେଲେ ରେଳ ବିଭାଗ ଅଧିକାରୀ, କର୍ମଚାରୀ

ସମ୍ବଲପୁର,୨୯।୧୦(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଯାତ୍ରୀଙ୍କୁ ସତର୍କତା ଓ ସଚେତନ ପାଇଁ ବିଭାଗୀୟ ଅଧବକାରୀ ଓ କର୍ମଚାରୀମାନେ ଶପଥ ଗ୍ରହଣ କରିଛନ୍ତି । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ ଭିଏସ ପାତ୍ରୁଡୁ ସବୁ ଦିଗରେ ପାରଦର୍ଶିତା ଓ ସମନ୍ୱୟ ରଖିବା ଉପରେ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ଗ୍ରହଣ କରାଇଥିଲେ । ଅକ୍ଟୋବର ୨୯ରେ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସଚେତନତା ସପ୍ତାହ ପାଳିତ ହେବ । ମଣ୍ଡଳର ସମସ୍ତ ଷ୍ଟେଶନ ଗୁଡିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ରାସ ବିହାରୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସୂଚନା ଅଧିକାର, ଖାଦ୍ୟ ସୁରକ୍ଷା ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ

ଜମନକିରା, ୨୯। ୧୦ (ଡି.ଏନ୍.ଏ.)

ଜମନକିରା ଆମ୍ବା ଭବନରେ ସୂଚନା ଅଧିକାର ଆଇନ ଓ ଖାଦ୍ୟ ସୁରକ୍ଷା ଆଇନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅଧିକାର ଆଇନ ପରାମର୍ଶଦାତା ସଚିକାନ୍ତ ପଧାନ ଏଥିରେ ଯୋଗ ଦେଇଥିବା ବେଳେ ସିଷ୍ଟର ରଞ୍ଜନା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଦେଶରେ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାକୁ ହେଲେ ସୂଚନା ଅଧିକାର ଆଇନର ବ୍ୟବହାର, ଜନ ଅଧିକାର କ'ଣ ଓ ଏହାକୁ ବ୍ୟବହାର କଲେ ଆମକୁ କ'ଣ ମିଳିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ଉପରେ ଆଲୋଚନା କରାଯାଇଥିଲା । ସୂଚନା ଅଧିକାର ଆଇନ ପାଇଁ ଆବେଦନ କଲା ବେଳେ ଦାୟିତ୍ୱରେ ଥିବା ସୂଚନା ଅଧିକାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରି ଖସିବାକୁ ଉଦ୍ୟମ କରିଥାନ୍ତି । ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ସୂଚନା ଅଧିକାର ଆଇନକୁ କିପରି ସାବସ୍ତ୍ୟ କରାଯିବ ସେ ନେଇ ନିର୍ଦ୍ଦିଷ୍ଟ ଫର୍ମ ଗୁଡ଼ିକୁ ପୁରଣ କରି ଉପସ୍ଥିତ ଜନସାଧାରଣଙ୍କୁ ଦେଖାଇଥିଲେ । ସିଷ୍ଟର କ୍ଲାରା ଟପ୍ପୋ, ପ୍ରଶାନ୍ତ ବେହେରା, ଗୋପବନ୍ଧୁ ସାହୁ, ଭାସ୍କର ବେସନ, ମରିସସ କୁଜୁର, ଅର୍ଜ୍ଜୁନ ସିଂ, ସୁଜାତା ସିଂ ଓ ଅନୁପମା ବାଗ ପ୍ରମୁଖ ସହଯୋଗ କରିଥିଲେ ।

ସୂଚନା ଅଧିକାର ଆଇନ୍ ଓ ଖାଦ୍ୟସୁରକ୍ଷା ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସ୍ଥାନୀୟ ଜନସାଧାରଣ ।

ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୨୯।୧୦(ସ୍ୱ.ପ୍ର.)

ଦେବଗଡ଼ ପୌରପରିଷଦ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଗ୍ରହଣ କରାଯାଇଥିବା ୬୪ଟି ଦରଖାସ୍ତ ଶୁଣାଣି କରି ତତ୍‌କ୍ଷଣାତ୍ ୧୦ଟି ଦରଖାସ୍ତ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଅବଶିଷ୍ଟ ଦରଖାସ୍ତ ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦରଖାସ୍ତ ମଧ୍ୟରୁ ୫୭ଟି ବ୍ୟକ୍ତିଗତ ସମସ୍ୟା ଉପରେ ରହିଥିବାବେଳେ ୭ଟି ସାମୁହିକ ସମସ୍ୟା ରହିଥିଲା । ଜନସାଧାରଣ ମୁଖ୍ୟତଃ ପାନୀୟ ଜଳ ସମସ୍ୟା, ରାସ୍ତା, ଘରଡିହ, ବାର୍ଦ୍ଧକ୍ୟ ବିଧବା ଭତ୍ତା, ଜମି କ୍ଷତିପୂରଣ, ଧାନ ଫସଲରେ ଲାଗିଥିବା ରୋଗ ପୋକର ପ୍ରତିକାର ଏବଂ କ୍ଷତିପୂରଣ, ପ୍ରଧାନମନ୍ତ୍ରୀ ଆବାସ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶିବିରରେ ବାରକୋଟ ବ୍ଲକର ଭକ୍ତବଡକୁଦର ଗ୍ରାମର ଜୟନ୍ତୀ ମହାନ୍ତି, ଶୁକାନ୍ତି ବେହେରା, ଯମୁନା କିଷାନ, ତିଲେଇବଣି ବ୍ଲକ ନୂଆଗାଁର ମୁକେଶ ନାଏକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଏବଂ ଦେବଗଡ଼ ପୌରାଞ୍ଚଳ ଅଧୀନ ବଣିଆ ସାହିର କ୍ଷୀରୋଦିନି ପୃଷ୍ଟିଙ୍କୁ ୧୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଏସ୍‌ପି ଅନୁପମା ଜେମ୍ସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ଭିନସେଣ୍ଟ ପୁନମ କାନ୍ତ ଏକ୍କାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦେବଗଡ,୨୯।୧୦(ସ୍ୱ.ପ୍ର.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ସିଙ୍ଗଶାଳ, ବଳଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜିଲା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି । ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ଗ୍ରାମଗୁଡିକରେ ପଦଯାତ୍ରା ସହିତ ପଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷ ଭୁପେନ୍ଦ୍ର ପ୍ରସାଦ ନାୟକ, ଚିତ୍ତରଞ୍ଜନ ପ୍ରଧାନ, ଶୁକଦେବ ଭଞ୍ଜ, ଆଲୋକ ଅମାନ୍ତଙ୍କ ସହ ଅନ୍ୟ ଦଳୀୟ କର୍ମୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

ଦୁର୍ନୀତି ନିବାରଣ ଶପଥ ପାଠ

ଦେବଗଡ,୨୯।୧୦(ସ୍ୱ.ପ୍ର,)

କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨୯ ତାରିଖଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ପାଳନ କରାଯାଉଛି । ଦୁର୍ନୀତି ଦୂରୀକରଣ ନବ ଭାରତ ନିର୍ମାଣ ଶୀର୍ଷକ ବିଷୟ ବସ୍ତୁ ରହିଛି । ସୋମବାର ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ସଚେତନତା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ ।

ଅଙ୍ଗନୱାଡି କେନ୍ଦ୍ର ପାଇଁ ଜିଲାପାଳଙ୍କୁ ଦାବି

ନାକଟିଦେଉଳ, ୨୯।୧୦ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଡେଉଳ ବ୍ଲକ ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତର ପାଣ୍ଡରିଶିଳା ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସୋମବାର ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲା ପ୍ରଶାସନର ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଜିଲାପାଳ ସମର୍ଥ ବର୍ମାଙ୍କୁ ସାକ୍ଷାତ କରି ଏହି ଦାବି କରିଛନ୍ତି । ଗ୍ରାମବାସୀ ସେମାନଙ୍କ ଦାବିରେ ଜଣାଇଛନ୍ତି ଯେ, ପାଣ୍ଡରିଶୀଳା ଗ୍ରାମରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି । ଦୀର୍ଘ ବର୍ଷ ହେଲା ଏହି ଗ୍ରାମର ଜନସାଧାରଣ ଶିକ୍ଷା ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇ ଆସୁଛନ୍ତି । ଗ୍ରାମରେ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ । ଗ୍ରାମଠାରୁ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରର ଦୂରତା ପ୍ରାୟ ୬ କି.ମି. । ଗ୍ରାମରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଛୋଟ ଛୋଟ ପିଲା ଅଛନ୍ତି । ଏମାନେ ୬ କି.ମି. ଦୂର ଅଙ୍ଗନୱାଡିକୁ ୨ଟି ନାଳା ପାରି ହୋଇଯିବାକୁ ନିରାପଦ ମଣୁନାହାନ୍ତି । ଏଥିପାଇଁ ସେମାନେ ଶୈଶବ ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଆସୁଥିଲେ ସୁଦ୍ଧା ଆଜି ଯାଏ ଏଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଗ୍ରାମର ମୁକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ଆଲଫନ ସା ଏବଂ ମାଆ ଭୋଳାଙ୍କାନୀ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କ ସମେତ ନିର୍ମଳା ମିଞ୍ଜ, ରାହିଲ ଲାକ୍ରା, ବେନାଦେକ ତିର୍କୀ, ଶାନ୍ତି ମିଞ୍ଜ, ଜୁସପିନ କିଣ୍ଡୋ, ବିମଳା ଖାଖା, ଆଶାମନି ଖେସ, ବୁଧୁନି ଖେସ, ଅଗସ୍ତି କିଣ୍ଡୋ, ଅଜିତ ତିର୍କୀ, ଏଲିଜା ବେଥ ଖେସଙ୍କ ସମେତ ପ୍ରାୟ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କଠାରେ ଏହି ଦାବି କରିଛନ୍ତି ।

ଅଙ୍ଗନୱାଡି କେନ୍ଦ୍ର ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଲୋକେ ।

ବଣିଆଁସାହିରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ଦେବଗଡ,୨୯।୧୦ (ସ୍ୱ.ପ୍ର.)

ଦେବଗଡ଼ ପୌରାଞ୍ଚଳ ଅଧୀନ ବଣିଆଁସାହି ଲାଲ ବାହାଦୁର ଶାସ୍ତ୍ରୀ କ୍ଲବ ଗଜଲକ୍ଷ୍ମୀପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ସୋମବାର ସମ୍ପନ୍ନ ହୋଇଯାଇଛି । ସକାଳୁ ଯଥା ରୀତିନୀତି ଅନୁଯାୟୀ ପୂଜକଙ୍କ ମନ୍ତ୍ରପାଠ ମଧ୍ୟରେ ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ଭସାଣି ଉତ୍ସବରେ ସାହିବାସିନ୍ଦାର ଜୁନିୟର ଓ ସିନିୟର ସଦସ୍ୟଙ୍କ ଗହଣରେ ଡିଜେ ସାଉଣ୍ଡ, ମେଲୋଡି, ରଙ୍ଗୀନ ଆଲୋକ ପ୍ରଜ୍ଞାପନ ମେଢ, ଭାଙ୍ଗଡା ଦଳ, ସଂକୀର୍ତ୍ତନ ମଣ୍ଡଳି, ଝାଞ୍ଜ ଓ ମାଦଳ ବାଜା, ଦୁଲଦୁଲି ବାଜା, ଘଣ୍ଟ ବାଦ୍ୟରେ ମା'ଙ୍କ ପ୍ରତିମାକୁ ସହର ପରିକ୍ରମା ପରେ ମା'ଙ୍କ ମଣ୍ମୟୀ ପ୍ରତିମାଙ୍କୁ ସ୍ଥାନୀୟ ଷୋହଳ ବଖରୀ କଟାରେ ବିସର୍ଜନ କରାଯାଇଥିଲା । ସେହିପରି ୬ଦିନ ଧରି ଅନୁଷ୍ଠିତ ପୂଜାରେ କମିଟି ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଆଶୀର୍ବାଦ ଲଡ୍ଡୁ ଲକି କୁପନ, ଦଶହରା ଖେଳ, ରଙ୍ଗାରଙ୍ଗ ନୃତ୍ୟ ମହୋତ୍ସବ ଆଦି ଆୟୋଜିତ ହୋଇ ରବିବାର ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ନୃତ୍ୟରେ ଅର୍ପିତା ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭିତିରିଆ ସାହିର ବିକାଶ ନାୟକ ଆଶୀର୍ବାଦ ଲଡୁର ଭାଗ୍ୟ ବିଜେତା ସ୍ୱରୂପ ସୁନା ଲକେଟ ସହ ଉପହାର ପାଇଥିଲେ । ସେହିପରି ପୂଜା ଆୟୋଜନରେ ସାହି ତଥା କ୍ଲବ ସଭାପତି ସମୀରକାନ୍ତ କପରଦାର ପୂର୍ବତନ ସଭାପତି ଜନ୍ମେଜୟ ନାୟକ, ଉପ ସଭାପତି ବିକାଶ ରଞ୍ଜନ ଖଡିରତ୍ନ, ସମ୍ପାଦକ ଘନଶ୍ୟାମ ସାହୁ, ସୁବ୍ରତ କୁମାର ସାହୁ, ସନ୍ତୋଷ ସେନାପତି, ସତ୍ୟମ ଝାଙ୍କର, ଆଶୁତୋଷ ବେହେରାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ । ସେହିପରି ପୁରୁଣାଗଡର ଚଷା ସାହି, ଗାର୍ଲସ ହାଇସ୍କୁଲ ଛକ ନିଉ କଲୋନୀ ମଣ୍ଡପ, ଓରାମସାହି, ଖଡିଆସାହି, ଜକଡିପାଲିର ପୂଜାକମିଟି ପକ୍ଷରୁ ଭସାଣି ଉତ୍ସବ ହୋଇଯାଇଛି ।

ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି ।

ଜଓ୍ୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ

ସଂକ୍ଷେପରେ

ଚାଷୀଙ୍କୁ ମିଳୁନି ଫସଲ ବୀମା ଟଙ୍କା

ସମବାୟ୍ ବ୍ୟାଙ୍କରେ ତାଲା ମାରିଲେ ଚାଷୀ

ରେଙ୍ଗାଲି, ୨୯।୧୦ (ଡି.ଏନ୍.ଏ)- ରେଙ୍ଗାଲି ବ୍ଲକ ଲଇଡା ପଞ୍ଚାୟତର ଶତାଧିକ ଚାଷୀ ଫସଲ ବୀମାରାଶିରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦ କରି ରେଙ୍ଗାଲି ସମବାୟ୍ ବ୍ୟାଙ୍କରେ ତାଲା ମାରିଛନ୍ତି ଶତାଧିକ ଚାଷୀ । ସରକାର ୨୦୧୭ ଖରିଫ ଋତୁରେ ଲଇଡା ପଞ୍ଚାୟତକୁ ୩୨.୫୪ ପ୍ରତିଶତ ମରୁଡି ଘୋଷଣା କରିଥିଲେ । ଷ୍ଟେଟ ବ୍ୟାଙ୍କ ଓ ୟୁଜିବି ବ୍ୟାଙ୍କ ଫସଲ ବୀମା ରାଶି ପ୍ରଦାନ କରିସାରିଥି ବେଳେ କୃଷକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିର୍ମିତ ସମବାୟ୍ ବ୍ୟାଙ୍କ ଆଜି ପର୍ଯ୍ୟନ୍ତ ଫସଲ ବୀମା ରାଶି ଚାଷୀମାନଙ୍କୁ ଦେଇନାହିଁ । ତେଣୁ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଶେଷରେ ଏହି ଅସନ୍ତୋଷ ସୀମା ଡେଇଁଛି। ଲଇଡାର ପ୍ରାୟ ୪୫୦ ଜଣ ଚାଷୀ ମରୁଡି ଘୋଷଣା ସତ୍ତ୍ୱେ ସମବାୟ୍ ବ୍ୟାଙ୍କର ଅବହେଳା କାରଣରୁ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଖୁବ ଶୀଘ୍ର ଫସଲବୀମା ରାଶି ଯୋଗାଇଦେବା ଦାବିରେ ସମବାୟ୍ ବ୍ୟଙ୍କରେ ତାଲା ମାରିଥିଲେ । ଲଇଡା ପଞ୍ଚାୟତ ମାଁ ସମଲେଶ୍ୱରୀ କୃଷକ ସୁରକ୍ଷା ସଂଗଠନର ଶତାଧିକ ଚାଷୀ ସଂଗଠନର ସଭାପତି ଶଲିଲ ନାଏକଙ୍କ ନେତୃତ୍ୱରେ ରେଙ୍ଗାଲି ମହାବୀର ଛକଠାରୁ ଶୋଭାଯାତ୍ରା ବାହାରିଥିଲା। ସମସ୍ତେ ସମବାୟ୍ ବ୍ୟାଙ୍କକୁ ତାଲା ମାରିଥିଲେ । ଲଇଡା ସମବାୟ୍ ସମିତିର ସଭାପତି ସରୋଜ ପୂଝାରୀ, ସମଲେଶ୍ୱରୀ କୃଷକ ସଂଗଠନର ସଭାପତି ସଲିଲ ନାଏକ, ଉପସଭାପତି ରମେଶ ସାହୁ, ସମ୍ପାଦକ ରାଜେଶ ପୃଷ୍ଟି, ସର୍ବାନନ୍ଦ ସରାଫ, କବିରଶରଣ ନାଏକ, ସନ୍ତୋଷ ଭୋଇ, ସଞ୍ଜୟ ସାହୁ, ପଠାଣି ସତୁଆ, ବନମାଳି ପ୍ରଧାନ, ଅନିଲ ପଟେଲ, ପରକ୍ଷିତ ସିଂହ ପ୍ରମୁଖଙ୍କ ସହ ଶତାଧିକ ଅସନ୍ତୋଷ ଚାଷୀ ଉପସ୍ଥିତ ଥିଲେ ।

ବକ୍ସମା, ଚନ୍ଦନୀମାଲ ପଞ୍ଚାୟତରେ ବିଜେଡିର ପଦଯାତ୍ରା, ଜନସମ୍ପର୍କ ଅଭିଯାନ

କୁଚିଣ୍ଡା,୨୯।୧୦(ଡି.ଏନ୍.ଏ)-କୁଚିଣ୍ଡା ବ୍ଲକର ବକ୍ସମା ଏବଂ ଚନ୍ଦନୀମାଲ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ପଦଯାତ୍ରା ଏବଂ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ବକ୍ସମା ଫୁଟବଲ ଖେଳ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ଠାକୁର ସଭାପତିତ୍ୱ କରିଥିଲେ। ସଭାରେ ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବରିଷ୍ଠ ନେତା ଭୁବନେଶ୍ୱର କିସାନ, ବୃନ୍ଦାବନ ମାଝୀ, କୁନା ଦାସ, ବ୍ଲକ ପର୍ଯ୍ୟବେକ୍ଷକ ବାବୁଲୁ ନାଏକ, ବ୍ଲକ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମିଶ୍ର, ରମେଶ ମେହେର, ବ୍ଲକ ମହିଳା ମୋର୍ଚ୍ଚା ସମ୍ପାଦିକା ହୁମାସିନୀ ଠାକୁର, ଅନୀତା ମାଝୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ ଯୋଜନା ସହିତ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବାବଦରେ ଉପସ୍ଥିତ ଜନସାଧାରଣଙ୍କୁ ଏମାନେ ସୂଚନା ଦେଇଥିଲେ । ଏହା ପରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଜନ ସାଧାରଣଙ୍କୁ ସଚେତନ କରିଥିଲେ । ସେହିପରି ଚନ୍ଦନୀମାଲ ପଞ୍ଚାୟତରେ ସଭାପତି ସରୋଜ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜିଲା ସଭାପତି ପ୍ରମୋଦ ରଥ, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବରିଷ୍ଠ ନେତା ଭୁବନେଶ୍ୱର କିସାନ, କୁନା ଦାସ, ବାବୁଲୁ ନାଏକ, ମିତ୍ର ପ୍ରଧାନ, ମଞ୍ଜରୀ କିସାନ, ସମିତି ସଭ୍ୟା ପ୍ରଶାନ୍ତି ପ୍ରଧାନ, ଅମୂଲ୍ୟ ଜିତ ପ୍ରମୁଖ ଉପସ୍ଥିତ ଥିଲେ ।

ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

ନାକଟିଦେଉଳ, ୨୯।୧୦ (ଡି.ଏନ୍.ଏ)- ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ତଣ୍ଡାବିରା ୟୁଜି ୟୁପି ସ୍କୁଲର ପ୍ରଧାନଶିକ୍ଷକ ତଥା ଡଇଁଚା ଗ୍ରାମର ପବିତ୍ର ମୋହନ ପୁରୋହିତଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଚିକିତ୍ସାଧୀନ ଥିବାବେଳେ ରବିବାର ସେ ଭିମ୍‌ସାରରେ ଆଖି ବୁଜିଥିଲେ। ସୋମବାର ନିଜ ଗ୍ରାମ ଡଇଁଚାରେ ଅନ୍ତିମ ସତ୍କାର କରାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୬ ବର୍ଷ ହୋଇଥିଲା। ଏବିଇଓ ବିଷ୍ଣୁ ପ୍ରସାଦ ଦେହୁରୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଚ୍ୟୁତାନନ୍ଦ ପ୍ରଧାନ, ସମ୍ପାଦକ ସଞ୍ଜୟ ପ୍ରଧାନ, କୋଷାଧ୍ୟକ୍ଷ ଛବିଳ ଧଳ, ଶିକ୍ଷକ ନରେନ୍ଦ୍ର ଜେନା, ପବିତ୍ର ମୋହନ ପ୍ରଧାନ, ହରେକୃଷ୍ଣ ସାହୁ, କ୍ଷମାନିଧି ଧଳ, ଘନେନ୍ଦ୍ର ବେହେରା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

ବ୍ଲକ୍ ଅଫିସ ଆଗରେ କମ୍ପେଇଲେ ଚାଷୀ

ବାମରା, ୨୯।୧୦ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକରେ ଚଳିତ ବର୍ଷ ଉତ୍କଟ ମରୁଡି ପରିସ୍ଥିତି ଦେଖା ଦେଇଛି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁନି। ଏହି ଅଭିଯୋଗରେ ସୋମବାର ସକାଳ ବ୍ଲକର ୧୭ଟି ଯାକ ପଞ୍ଚାୟତରୁ ପ୍ରାୟ ୨ହଜାର ଚାଷୀ ଆସି ୧୦ଟାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ ।

ଚଳିତ ବର୍ଷ ଖରିଫ ଋତୁରେ ବ୍ଲକର ସମସ୍ତ ପଞ୍ଚାୟତରେ ଭୟଙ୍କର ମରୁଡି ପରିସ୍ଥିତି ଦେଖା ଦେଇଛି। ଏଣୁ କ୍ଷତିପୂରଣ ଲାଗି ବାମରା ଜୟ କିସାନ ଆଦିମ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଗତ ୯ ତାରିଖ ଏକ ବିରାଟ ରାଲି ମାଧ୍ୟମରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇ ୯ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଦାବିପତ୍ରରେ ୧୦ ଦିନ ଭିତରେ କ୍ଷୟକ୍ଷତି ଆକଳନ କରି ଇନପୁଟ ସବସିଡି ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା । ହେଲେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ଗଲାନି। ପ୍ରଶାସନ ସମୟ ଗଡାଉଥିବା ଅଭିଯୋଗରେ ସୋମବାର ସଂଗଠନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଏକତ୍ରିତ ହୋଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ନୀତିକୁ ବିରୋଧ କରିଥିଲେ। ଇନପୁଟ ସବସିଡି ନ ମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରଖିବା ପାଇଁ ନିଷ୍ପତ୍ତି ନେଇ ଅଡି ବସିଥିଲେ । ସଂଗଠନ ସଭାପତି ଯୋଗବିହାରୀ ପରିଡାଙ୍କ ନେତୃତ୍ୱରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଜିଲା ପରିଷଦ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ଧୁରୁଆ, ଜିଲାପରିଷଦ ସଭ୍ୟା କୁମୁଦିନୀ ନାଏକ, ଚାଷୀ ନେତା ଖଡୁନାଥ ପିଙ୍ଗ, ପିତବାସ ପଟେଲ, ମିନାକ୍ଷୀ ମାଝୀ, ଲକ୍ଷ୍ମୀ ନାରାୟଣ ଛତ୍ରିଆ, କୃଷ୍ଣ ଚନ୍ଦ୍ର ଟପ୍ପୋ, ଦିଗାମ୍ବର ନାଏକଙ୍କ ସହିତ ପ୍ରାୟ ସମସ୍ତ ପଞ୍ଚାୟତରୁ ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ। ଅପରାହ୍ନ ୪ଟାରେ ବ୍ଲକ ପ୍ରଶାସନ ପକ୍ଷରୁ ତହସିଲଦାର ମନୋଜ କୁମାର ମେହେର ଅନଶନ ସ୍ଥଳରେ ପହଞ୍ଚି ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଉପରସ୍ଥ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଯଥାଶୀଘ୍ର ଇନପୁଟ ସବସିଡି ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ସହିତ ବାମରା ବ୍ଲକ କୃଷି ଅଧିକାରୀ ଦେବାନନ୍ଦ ସାହୁ ମଧ୍ୟ ପହଞ୍ଚି ଥିଲେ। ୧୩୫ଟି ଗାଁରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଞ୍ଚଳ ମରୁଡି ଗ୍ରସ୍ତ ହୋଇଛି। ଏ ନେଇ ଏକ ରିପୋର୍ଟ ଉପରସ୍ଥ ଅଧିକାରୀଙ୍କୁ ପଠାଯାଇଛି। ୨ ଦିନ ଭିତରେ ସଂପୂର୍ଣ୍ଣ କ୍ରପ କଟିଂ ରିପୋର୍ଟ ପ୍ରଦାନ କରାଯିବ। ଚାଷୀଙ୍କ ପାଇଁ ଉପଯୁକ୍ତ ଇନପୁଟ ସବସିଡି ପ୍ରଦାନ ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଥିଲେ । ଏଥି ପାଇଁ ସମସ୍ତ ଗାଁରେ ୧୦ ଜଣିଆ କମିଟି ଗଠନ କରାଯାଇ ରିପୋର୍ଟ ଦେବାକୁ ଉପସ୍ଥିତ ଚାଷୀଙ୍କୁ ମଧ୍ୟ ସେ ଅନୁରୋଧ କରିଥିଲେ। ଏହା ମାଧ୍ୟମରେ ଉପଯୁକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ପାଉଣା ପ୍ରଦାନ କରାଯିବ ବୋଲି କହିଥିଲେ । ବିଡିଓଙ୍କ ପ୍ରତିନିଧି ଭାବରେ ଏଇ ସୁରେଶ ଚନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ। କିରଣ କୁମାର ନାଏକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ସଂଗଠନ ସଭାପତି ଯୋଗବିହାରୀ ପରିଡା ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ଘୋଷଣା କରଥିଲେ। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ନ ହେଲେ ପୁଣି ଆନ୍ଦୋଳନ ହେବ। ସରକାରୀ କାର୍ଯ୍ୟାଳୟ ଅଚଳ କରିବା ପାଇଁ ଚେତାବନୀ ଦେଇଛନ୍ତି । ପୋଲିସ ପକ୍ଷରୁ ଗୋବିନ୍ଦପୁର ଆଇଆଇସି ବିଶ୍ୱପତି ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ବଳ ସୁରକ୍ଷା ଦାୟିତ୍ୱ ତୁଲାଇଥିଲେ ।

ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଚାଷୀ ଓ ଚାଷୀ ନେତାମାନେ ପ୍ରତିବାଦ ସଭାରେ ସାମିଲ ହୋଇଛନ୍ତି।

ବାମରା ବ୍ଲକ ଘେରାଉ
- ଶୀଘ୍ର ଇନପୁଟ ସବ୍‌ସିଡି ପ୍ରଦାନ ଦାବି
- ପ୍ରଶାସନ ପ୍ରତିଶ୍ରୁତି ଦେଲା
- ନରମିଲେ ଆନ୍ଦୋଳନକାରୀ

ଏମ୍‌ସିଏଲ୍‌ରେ ବିଡର୍ସ ମିଟ୍

ସୋମବାର ଏମସିଏଲରେ ବିଡର୍ସ ମିଟ୍‌ରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷ, ଆଇଆଇଏମ୍ ଛାତ୍ରୀଛାତ୍ର ଓ କମ୍ପାନୀ କର୍ତ୍ତୃପକ୍ଷ ।

ସମ୍ବଲପୁର,୨୯।୧୦(ବ୍ୟୁରୋ)

ବୁର୍ଲାସ୍ଥିତ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟର ପ୍ରେକ୍ଷାଳୟରେ ସୋମବାର ବିଡର୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏମସିଏଲ ସତର୍କତା ବିଭାଗ ଦ୍ୱାରା ଆୟୋଜିତ ସଚେତନତା ସପ୍ତାହ ଉପଲକ୍ଷେ ବିଡର୍ସ ମିଟ୍‌ରେ ଏମ୍‌ସିଏଲ ନିର୍ଦ୍ଦେଶକ ଲିଲାନନ୍ଦ ମିଶ୍ର, ବୈଷୟିକ ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଓ.ପି. ସିଂ ଓ ମୁଖ୍ୟ ସତର୍କତା ଅଧିକାରୀ ମୁନୱର ଖୁର୍ସିଦ ଉପସ୍ଥିତ ଥିଲେ । ଏଥିରେ ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ୩୫ ଜଣ ବିଡର୍ସ ଯୋଗ ଦେଇଥିଲେ । ସମ୍ବଲପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟର ଫାକଲ୍ଟି ସଭ୍ୟ ଓ ଛାତ୍ରୀଛାତ୍ରମାନେ ମଧ୍ୟ ଯୋଗ ଦେଇଥିଲେ ।

ନିଜ ପୁଅର ଶଢୁଙ୍କୁ ଆକ୍ରମଣ କଲେ ବାପା

ରେଢ଼ାଖୋଲ,୨୯।୧୦(ଡି.ଏନ୍.ଏ.)

ପୁଅ ନିଜ ଇଚ୍ଛାରେ ବାହା ହେବାରୁ ଏଥିରେ ବାପା ବିଗିଡି ଯାଇ ପୁଅର ଶଢୁଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣା ଘଟିଛି ଚାରମାଳ ଥାନା ବାରବାଙ୍କ ଗ୍ରାମରେ । ପୋଲିସ ଅଭିଯୋଗ ପାଇ ଆକ୍ରମଣକାରୀ ବୀର ଶବର (୫୫)ଙ୍କୁ ସୋମବାର ଗିରଫ କରିଛି। ବାରବାଙ୍କ ଗ୍ରାମର ଦେବେନ୍ଦ୍ର ଶବର (୩୦)ଙ୍କ ଶାଳିଙ୍କୁ ଗତ ମାସରେ ଅଭିଯୁକ୍ତ ବୀର ଶବରଙ୍କ ପୁଅ ଗୌତମ ବିବାହ କରିଥିଲେ। ହେଲେ ଏହି ବିବାହରେ ବୀର ଖୁସି ନ ଥିଲେ। ଏହାକୁ ନେଇ ଦେବେନ୍ଦ୍ରଙ୍କ ସହିତ ତାଙ୍କର ମନାନ୍ତର ହେବା ସହିତ ବିଭିନ୍ନ ସମୟରେ କଳିଗୋଳ ଲାଗି ରହିଥିଲା। ରବିବାର ବାରବାଙ୍କ ଗ୍ରାମରେ ହେଉଥିବା ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବରେ ଉଭୟେ ମୁହାମୁହିଁ ହେବାରୁ ଗଣ୍ଡଗୋଳ ହୋଇଥିଲା। ବୀର ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ଦେବେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଦେବେନ୍ଦ୍ରଙ୍କ ବାମହାତ ବାହୁରେ ଆଘାତ ଲାଗି ସେ ଗୁରୁତର ଆଘାତ ହୋଇଛନ୍ତି। ଏ ନେଇ ଦେବେନ୍ଦ୍ର ଚାରମାଳ ଥାନାରେ ଅଭିଯୋଗଗ କରିବା ପରେ ଦଫା ୩୨୩, ୩୨୪, ୩୦୭, ୫୦୬ରେ ପୋଲିସ ଏକ ମାମଲା (ନଂ.୧୩୮/୧୮) ରୁଜୁ କରି ଅଭିଯୁକ୍ତ ବୀରଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ରେଢ଼ାଖୋଲ ସବ ଜେଲରେ ଏସଡିଜେଏମଙ୍କ କ୍ୟାମ୍ପ କୋର୍ଟରେ ଅଭିଯୁକ୍ତ ବୀର ଜାମିନ ଆବେଦନ କରିଥିଲେ। ହେଲେ ଜାମିନ ଆବେଦନ ଖାରଜ ହୋଇଯାଇଛି।

ବିଡିଓଙ୍କୁ ଦାବିପତ୍ର ଦେଲେ ଚାଷୀ

ରେଙ୍ଗାଲି ବ୍ଲକ ଅଫିସ ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ରେଙ୍ଗାଲି, ୨୯।୧୦ (ଡି.ଏନ୍.ଏ)

ଚାଷୀର ଉନ୍ନତି ହେଲେ ରାଜ୍ୟ ତଥା ଦେଶର ଉନ୍ନତି ହୋଇଥାଏ । ସରକାର ଚାଷ ତଥା ଚାଷୀର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କେତେ ଜଣ ସରକାରୀ କର୍ମଚାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ଚାଷୀର ଉନ୍ନତି ହୋଇ ପାରୁନାହିଁ । ଚାଷୀଙ୍କୁ ସାର, ବିହନ ମିଳନାହିଁ । ସରକାର ମରୁଡି ଘୋଷଣା କରିଥିବା ବେଳେ ଚାଷୀମାନଙ୍କୁ ବୀମା ରାଶି ମିଳୁନି। ୨୦୧୭ ଖରିଫ ଋତୁରେ ଲଇଡା ପଞ୍ଚାୟତରେ ବ୍ୟାପକ ଫସଲ ହାନୀ ହୋଇଥିଲା । ସରକାରଙ୍କ ନିର୍ଦ୍ଦେଶକ୍ରମେ କ୍ରପ କଟିଂ କଲାପରେ ଲଇଡା ପଞ୍ଚାୟତକୁ ୩୨.୫୪ ମରୁଡି ଘୋଷଣା କରାଯାଇଥିଲା । କିନ୍ତୁ ଏବେ ପର୍ଯ୍ୟନ୍ତ ଚାଷୀଙ୍କୁ ବୀମା ରାଶିର ଟଙ୍କା ମିଳିନାହିଁ । ଏଭଳି ଅଭିଯୋଗ କରି ସୋମବାର ଲଇଡା ସମବାୟ ସମିତିର ସଭାପତି ସରୋଜ ପୂଜାରୀ ଏବଂ ମାଁ ସମଲେଶ୍ୱରୀ କୃଷକ ସୁରକ୍ଷା ସଂଗଠନର ସଭାପତି ସଲିଲ ନାଏକଙ୍କ ନେତୃତ୍ୱରେ ଲଇଡା ପଞ୍ଚାୟତର ଶତାଧିକ ଚାଷୀ ରେଙ୍ଗାଲି ବ୍ଲକ ଅଫିସ ଆଗରେ ଏକ ସଭା କରିଛନ୍ତି। ଏକ ଦାବିପତ୍ର ରେଙ୍ଗାଲି ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କୁ ଦିଆ ଯାଇଛି। କୃଷି ଋଣ ସଂପୂର୍ଣ୍ଣ ଛାଡ କରାଯାଉ। ବୀମା କ୍ଷତିପୂରଣ ଶୀଘ୍ର ଦିଆଯାଉ। ସଂପୂର୍ଣ୍ଣ ମରୁଡି ଘୋଷଣା କରାଯାଉ ବୋଲି ଦାବି କରାଯାଇଛି। ଏହି ଅବସରରେ ମାଁ ସମଲେଶ୍ୱରୀ କୃଷକ ସୁରକ୍ଷା ସଂଗଠନର ସମ୍ପାଦକ ରାଜେଶ ପୃଷ୍ଟି, ଉପସଭାପତି ରମେଶ ସାହୁ, ସର୍ବାନନ୍ଦ ସରାଫ, କବିରଶରଣ ନାଏକ, ସନ୍ତୋଷ ଭୋଇ, ସଞ୍ଜୟ ସାହୁ, ପଠାଣି ସୁତୁଆ, ବନମାଳି ପ୍ରଧାନ, ଅନୀଲ ପଟେଲ, ପରକ୍ଷିତ ସିଂ, ନରେଶ କଣ୍ଡିଆ, ଗାନ୍ଧୀ ବେହେରା ଏବଂ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

ରେଢ଼ାଖୋଲ ସବ୍ ଜେଲରେ କ୍ୟାମ୍ପ କୋର୍ଟ

୧୪ ଅଭିଯୁକ୍ତ ଜାମିନ ଲାଗି ଆବେଦନ କଲେ

ରେଢ଼ାଖୋଲ,୨୯।୧୦(ଡି.ଏନ୍.ଏ.)

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ରେଢ଼ାଖୋଲ ସବ୍‌ଜେଲରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୧ଟା ବେଳେ ସବ ଜଜ ବାସୁଦେବ ଆଚାର୍ଯ୍ୟଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏହି କୋର୍ଟରେ ଜେଲରେ ଥିବା କୌଣସି ଅଭିଯୁକ୍ତ ଜାମିନ ଆବେଦନ କରି ନ ଥଲେ। ଅପରାହ୍ନରେ ଏସ୍‌ଡିଜେଏମ ଅପୂର୍ବା ଚୌଧୁରୀଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ମାମଲାରେ ଜେଲରେ ଥିବା ୧୪ ଜଣ ଅଭିଯୁକ୍ତ ସେମାନଙ୍କ ଜାମିନ ପାଇଁ ଆବେଦନ କରିଥିଲେ। ଏହି ଅଭିଯୁକ୍ତମାନେ ଚଳିତ ମାସ ୧୩ ତାରିଖ ପରଠାରୁ ଜେଲ ହାଜତରେ ଅଛନ୍ତି। ଏସଡିଜେଏମ ଜାମିନ ଆବେଦନ ଦରଖାସ୍ତ ଗୁଡିକୁ ଗ୍ରହଣ କରି ମଙ୍ଗଳବାରକୁ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଗତ ୧୩ ତାରିଖଠାରୁ ଜଣେ ମହିଳା ଅବକାରୀ ମାମଲାରେ ଗିରଫ ହୋଇ ଜେଲ ହାଜତରେ ଅଛନ୍ତି। ଫରେଷ୍ଟ ମାମଲାରେ ଜଣେ ଅଭିଯୁକ୍ତ ରହିଛନ୍ତି। ଅନ୍ୟ ଅଭିଯୁକ୍ତମାନେ ବିଭିନ୍ନ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ମାମଲାରେ ଗିରଫ ହୋଇ ଜେଲ ହାଜତରେ ଅଛନ୍ତି।

ସୂଚନାଯୋଗ୍ୟ, ଯେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଗତ ସେପ୍ଟେମ୍ବର ୬ ତାରିଖଠାରୁ ଓକିଲମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଏଥି ଯୋଗୁ ବିଭିନ୍ନ ଥାନାରୁ ଗିରଫ ହୋଇ ଆସୁଥିବା ଅଭିଯୁକ୍ତମାନେ ଜାମିନ ଆବେଦନ କରି ନ ପାରି ଜେଲ ହାଜତରେ ରହିଛନ୍ତି। ଫଳରେ ଜେଲର କ୍ଷମତାଠାରୁ ଅଧିକ ଅଭିଯୁକ୍ତ ରହିଛନ୍ତି। ଏମାନଙ୍କ ଜାମିନ ଶୁଣାଣି ହୋଇପାରୁନି। ଏଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସୋମବାରଠାରୁ ଜେଲରେ କ୍ୟାମ୍ପ କୋର୍ଟ ଆରମ୍ଭ ହୋଇଛି। ଏହି ସବ୍ ଜେଲରେ ୨୯ଜଣ ଅଭିଯୁକ୍ତଙ୍କ ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏବେ ୪୨ ଜଣ ବନ୍ଦୀ ଜେଲରେ ରହିଛନ୍ତି।

ଉପସ୍ଥାନକୁ ନେଇ ଛାତ୍ର ଆନ୍ଦୋଳନ

ସମସ୍ୟା ସମାଧାନ ଲାଗି ୩ ଦିନ ସମୟ ମାଗିଲେ ଜିଏମ୍‌ୟୁ କର୍ତ୍ତୃପକ୍ଷ

ସମ୍ବଲପୁର,୨୯।୧୦ (ବ୍ୟୁରୋ)

ସୋମବାର ସମ୍ବଲପୁର ଜିଏମ୍‌ୟୁ ଉପକୁଳସଚିବ ଉମାଚରଣ ପତିଙ୍କୁ ଆନ୍ଦୋଳନକାରୀ ଛାତ୍ରୀ ଛାତ୍ରମାନେ ଅଟକାଇଛନ୍ତି ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ଛାତ୍ରୀଛାତ୍ର ଉପସ୍ଥାନକୁ ନେଇ ସୋମବାର ଆନ୍ଦୋଳନ କରିଛନ୍ତି। ନଭେମ୍ବର ୧୨ ତାରିଖରୁ ବିଶ୍ୱବିଦ୍ୟାଳୟର ସମସ୍ତ ସେମିଷ୍ଟାର ପରୀକ୍ଷା ହେବ । ଏଥିପାଇଁ ତାରିଖି ଧାର୍ଯ୍ୟ ହୋଇଛି । ସରକାରୀ ନିୟମାନୁସାରେ କଲେଜ କର୍ତ୍ତୃପକ୍ଷ ୭୫ ପ୍ରତିଶତ ଉପସ୍ଥାନ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରିଛନ୍ତି । ଏହାକୁ ନେଇ ଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଫାଟକରେ ତାଲା ମାରି ସ୍ଲୋଗାନ ଦେଇଥିଲେ । ୭୫ ପ୍ରତିଶତ ଉପସ୍ଥାନ କୋହଳ ନ ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କଲେଜ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ କରିଥିଲେ । ଅପରାହ୍ନ ୧ଟାରେ ଜିଏମୟୁ କୁଳସଚିବ ଗିରିଶଚନ୍ଦ୍ର ସିଂ ଓ ଉପକୁଳସଚିବ ଡ. ଉମାଚରଣ ପତିଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । କୁଳପତିପ୍ରଫେସର ଅତନୁ କୁମାର ପତି ରାଜ୍ୟ ବାହାରେ ଅଛନ୍ତି । ତେଣୁ ୩ ଦିନ ପରେ ଉପସ୍ଥାନ ବିଷୟରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଆନ୍ଦୋଳନରୁ ଛାତ୍ରୀଛାତ୍ର ଓହରିଥିଲେ । ଛାତ୍ର ନେତା ସନ୍ଦିପ ମିଶ୍ର, ଦେବଜ୍ୟୋତି ପଟ୍ଟନାୟକ, ଶେଖର ଭୋଇ, ଜିତୁ ଚାନ୍ଦ, ବୈଦ୍ୟନାଥ ପଣ୍ଡା, ମାନସ ପଣ୍ଡାଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ଜିଏମୟୁରେ ଆବଶ୍ୟକୀୟ ଶ୍ରେଣୀ ଗୃହ ନାହିଁ । ଏଥିସହ ଅଧ୍ୟାପକ ପଦବୀ ଖାଲି ରହିଛି । ତେଣୁ ନିୟମିତ ପାଠ ପଢ଼ାରେ ହେଉନାହିଁ । ଯଦ୍ୱାରା ଛାତ୍ରୀଛାତ୍ରଙ୍କ ଉପସ୍ଥାନରେ ବାଧା ଉପୁଜୁଛି ବୋଲି ଛାତ୍ର ନେତାମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ସରକାରଙ୍କ ନିୟମାନୁସାରେ ୭୫ ପ୍ରତିଶତ ଉପସ୍ଥାନ ଥିଲେ ପରୀକ୍ଷା ଦେବା ନିୟମ ରହିଛି । ସେହିପରି ୬୦ ଓ ୬୫ ପ୍ରତିଶତ ଉପସ୍ଥାନ ଥିବା ଛାତ୍ରୀଛାତ୍ରମାନେ ଡାକ୍ତରୀ ସାର୍ଟିଫିକେଟ ଜମା କଲେ ପରୀକ୍ଷା ଦେଇପାରିବେ । ଅପରପକ୍ଷେ ୬୦ ପ୍ରତିଶତରୁ କମ୍ ଉପସ୍ଥାନ ଥିବା ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହେବା ନିୟମ ରହିଥିବା କର୍ତ୍ତୃପକ୍ଷ ସୂଚୀତ କରିଛନ୍ତି ।

ସଂକ୍ଷେପରେ

ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଲେ ଲିସେଷ୍ଟର ସିଟି ମାଲିକ

ଲିସେଷ୍ଟର,୨୯।୧୦(ଏଏଫ୍‌ପି): ଲିସେଷ୍ଟର ସିଟି ଫୁଟ୍‌ବଲ କ୍ଲବ ମାଲିକ ଭିଚାଇ ଶ୍ରୀଭାଦ୍ଧନାପ୍ରଭା ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପ୍ରିମିୟର ଲିଗ୍ ଫୁଟବଲ ଷ୍ଟାଡିୟମରୁ ଉଡାଣ ଆରମ୍ଭ କରିବା ବେଳେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଭିଚାଇଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିବା କ୍ଲବ ପକ୍ଷରୁ ରବିବାର କୁହାଯାଇଛି। ଶନିବାର କିଙ୍ଗ ପାୱାର ଷ୍ଟାଡିୟମ୍‌ରେ ଦୁର୍ଘଟଣା ପରେ ଫୁଟ୍‌ବଲ ପ୍ରଶଂସକମାନେ ଶୋକ ପ୍ରକାଶ କରିଥିଲେ। ''ଫୁଟ୍‌ବଲ ଜଗତ ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଛି। ତାଙ୍କ ନେତୃତ୍ୱରେ ଲିସେଷ୍ଟର ସିଟି ଏକ ପରିବାର ଭଳି ଥିଲା। ତାଙ୍କ ବିୟୋଗରେ ଆମେ ଦୁଃଖିତ ଏବଂ ତାଙ୍କ ଲକ୍ଷ୍ୟ ପୂରଣ କରିବାକୁ ଉଦ୍ୟମ କରିବୁ'' ବୋଲି କୁହାଯାଇଛି। ଷ୍ଟାଡିୟମ୍‌ରେ ମଙ୍ଗଳବାର ଶୋକ ସଭା ଆୟୋଜନ କରାଯିବ। ଏହି କାରଣରୁ ଚଳିତ ପ୍ରିମିୟର ଲିଗ୍‌ର କ୍ଲବର ଆଗାମୀ ମ୍ୟାଚ୍ ସ୍ଥଗିତ କରିଦିଆଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଲିସେଷ୍ଟର ସିଟି ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ସାଉଥମ୍ପଟନ କ୍ଲବକୁ ଭେଟିଥାନ୍ତା।

କ୍ରୀଡ଼ା ଘୋଷକ ଅମିୟ ଚାନ୍ଦଙ୍କୁ ମହାତ୍ମା ଗାନ୍ଧୀ ସମ୍ମାନ

ଭୁବନେଶ୍ୱର, ୨୯।୧୦(ସ୍ପୋର୍ଟ୍ସ ବ୍ୟୁରୋ): ୱେଷ୍ଟ ମିନିଷ୍ଟର ଲଣ୍ଡନର ମେମ୍ବର୍ସ ଓ ଷ୍ଟ୍ରେଞ୍ଜର୍ସ ହଲ୍‌ରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡସିପ୍ ସୋସାଇଟି ତରଫରୁ ଗତ ୨୫ରେ ଆୟୋଜିତ 'ଗ୍ଲୋବାଲ ଅଚିଭର୍ସ କନ୍‌କ୍ଲେଭ'ର ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ବରିଷ୍ଠ କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦଙ୍କୁ ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ଅବଦାନ ଲାଗି ମହାତ୍ମା ଗାନ୍ଧୀ ସମ୍ମାନ ପ୍ରଦାନ କରାଯାଇଛି। ବୀରେନ୍ଦ୍ର ଶର୍ମା (ମେମ୍ବର ଅଫ୍ ପାର୍ଲାମେଣ୍ଟ, ହାଉସ୍ ଅଫ୍ କମନ୍ସ ଲଣ୍ଡନ) ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାରତର ପ୍ରଥମ କ୍ରୀଡ଼ା ଘୋଷକ ଭାବେ ଅମିୟଙ୍କୁ ବିଦେଶରେ ଏହି ଗ୍ଲୋବାଲ ସମ୍ମାନ ମିଳିଛି। ପୂର୍ବରୁ ଗତବର୍ଷ ନୂଆଦିଲ୍ଲୀଠାରେ ତାଙ୍କୁ 'ବେଷ୍ଟ ସିଟିଜେନ ଅଫ୍ ଇଣ୍ଡିଆ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ଗତ ସେପ୍ଟେମ୍ବରରେ ଅମିୟଙ୍କୁ ନୂଆଦିଲ୍ଲୀଠାରେ ଭାରତ ରତ୍ନ ଏ.ପି.ଜେ. ଅବ୍ଦୁଲ କଲାମ ଓ ସମ୍ମାନ ଗ୍ଲୋରି ଇଣ୍ଡିଆ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଚାନ୍ଦ ୧୯୮୭ରୁ ଜିଲା, ରାଜ୍ୟ, ଦେଶ ଓ ବିଦେଶରେ ଉତ୍ତମ କ୍ରୀଡ଼ା ଘୋଷକ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ପ୍ରଶଂସିତ ହୋଇ ସମଗ୍ର ଭାରତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚାନ୍ଦ ଏହି 'ଗ୍ଲୋବାଲ ମହାତ୍ମା ଗାନ୍ଧୀ ସମ୍ମାନ'କୁ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରିଛନ୍ତି।

ଫେଡେରରଙ୍କୁ ୯୯ତମ ଏଟିପି ଟାଇଟଲ

ବାସେଲ (ସୁଇଜରଲାଣ୍ଡ),୨୯।୧୦: କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଟେନିସ୍ ଖେଳାଳି ରୋଜର ଫେଡେରର ଏଠାରେ ଚାଲିଥିବା ସୁଇସ ଇନ୍‌ଡୋର୍ସ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ୯୯ତମ ଏଟିପି ଟାଇଟଲ। ମୋଟ ଉପରେ ସୁଇସ୍ ଖେଳାଳି କ୍ୟାରିୟରରେ ଏପର୍ଯ୍ୟନ୍ତ ୧୫୧ ଟାଇଟଲ ଜିତିଛନ୍ତି। ଏଥିରେ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ମଧ ରହିଛି। ରବିବାର ଖେଳାଯାଇଥିବା ଫାଇନାଲରେ ଫେଡେରର ୭-୬ (୭/୫), ୬-୪ ସେଟ୍‌ରେ ମାରିଅସ କୋପିଲଙ୍କୁ ହରାଇଛନ୍ତି। ଘରୋଇ ସହରରେ ପୂର୍ବତନ ନଂ ୧ ର୍‍ୟାଙ୍କଧାରୀ ଖେଳାଳିଙ୍କ କ୍ରମାଗତ ୯ମ ଟାଇଟଲ। ଏଠାରେ ସେ ୨୦୧୩ ସଂସ୍କରଣଠାରୁ ଅପରାଜେୟ ଧାରା ବଜାୟ ରଖିଛନ୍ତି। ଏହି ଟାଇଟଲ ସହ ସର୍ବକାଳିନ ସର୍ବାଧିକ ସିଙ୍ଗଲ୍ସ ଟାଇଟଲ ଜିତିଥିବା ଜିମି କନର୍ସଙ୍କ ନିକଟତର ହୋଇଛନ୍ତି। ଜିମି ପୁରୁଷ ବିଭାଗରେ ସର୍ବାଧିକ ୧୦୯ ଟାଇଟଲ ଜିତିଛନ୍ତି। ତାଙ୍କ ରେକର୍ଡ ଭଙ୍ଗ କରିବା ଲାଗି ୩୭ ବର୍ଷୀୟ ଖେଳାଳିଙ୍କୁ ଆଉ ୧୧ ଟାଇଟଲ ଦରକାର।

" ୱେଷ୍ଟଇଣ୍ଡିଜ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଆମେ ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କରି ରିଦିମ୍‌କୁ ଫେରିପାରିଛୁ।

–ବିରାଟ କୋହଲି, ଭାରତୀୟ ଅଧିନାୟକ

" କୋଚ୍ ଜୁଲେନ ଲୋପ୍‌ଟେଗୁଇଙ୍କ ଭବିଷ୍ୟତ ନେଇ ଦଳର ଖେଳାଳିମାନଙ୍କୁ ଅନ୍ଧକାରରେ ରଖାଯିବା ଉଚିତ କାର୍ଯ୍ୟ ନୁହେଁ।

–ସର୍ଗିଓ ରାମୋସ, ରିୟଲ ମାଡ୍ରିଡ୍ ଅଧିନାୟକ



ଭାରତର ତୃତୀୟ ବୃହତ୍ ବିଜୟ

ମୁମ୍ବାଇ, ୨୯।୧୦

ଶତକ ହାସଲ ସହ ରୋହିତ ଶର୍ମା ଓ ଅମ୍ବାତି ରାୟୁଡୁଙ୍କ ଦ୍ୱିଶତକୀୟ ଭାଗୀଦାରି ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ସୋମବାର ଏଠାରେ ଅନୁଷ୍ଠିତ ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରିଛି। ୱେଷ୍ଟଇଣ୍ଡିଜକୁ ୨୨୪ ରନ୍‌ରେ ହରାଇ ବିରାଟ କୋହଲିଙ୍କ ଟିମ୍ ଇଣ୍ଡିଆ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨–୧ରେ ଅଗ୍ରଣୀ ଲାଭ କରିଛି। ଦ୍ୱିତୀୟ ଦିନିକିଆ ଟାଇରେ ଶେଷ ହୋଇଥିଲା। ଏଠାରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୭୮ ରନ୍ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ୩୬.୨ ଓଭରରେ ୧୫୩ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ରନ୍ ଦୃଷ୍ଟିରୁ ଏକଦିବସୀୟରେ ଭାରତର ଏହା ତୃତୀୟ ବୃହତ୍ ବିଜୟ। ୨୦୦୭ରେ ପୋର୍ଟ ଅଫ୍ ସ୍ପେନ୍‌ଠାରେ ବର୍ମୁଡ଼ା ବିପକ୍ଷରେ ୨୫୭ ଏବଂ ୨୦୦୮ରେ କରାଚୀଠାରେ ହଂକଂ ବିପକ୍ଷରେ ୨୫୬ ରନ୍‌ର ବିଜୟ ଏହି ତାଲିକାର ଶୀର୍ଷ ଦୁଇସ୍ଥାନରେ ରହିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ପାଇଁ ଏହା ଦ୍ୱିତୀୟ ସର୍ବବୃହତ୍ ପରାଜୟ। ୨୦୧୫ରେ ସିଡ୍‌ନୀଠାରେ ଦକ୍ଷିଣ ଆଫ୍ରିକାଠାରୁ ୨୫୭ ରନ୍‌ରେ ପରାଜୟ ଦଳ ପାଇଁ ସର୍ବବୃହତ୍।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭାରତ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପ୍‌ନର ରୋହିତ ଶର୍ମା ଓ ଶିଖର ଧାୱନ ୭୧ ବଲ୍‌ରୁ ୭୧ ରନ୍ କରି ଦଳର ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଭଲ ଆରମ୍ଭ କରିଥିଲେ ହେଁ ଏହି ମ୍ୟାଚ୍‌ରେ ଧାୱନଙ୍କୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ସେ ୪୦ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୩୮ ରନ୍ କରିଥିବାବେଳେ କେମୋ ପଲଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଚମତ୍କାର ଫର୍ମରେ ଥିବା ଅଧିନାୟକ ବିରାଟ କୋହଲି କିନ୍ତୁ ବ୍ରାବୋର୍ନ ଷ୍ଟାଡିୟମ ଦର୍ଶକଙ୍କୁ ନିରାଶ କରିଥିଲେ। ସେ ଏଠାରେ ୧୭ ବଲ୍‌ରୁ ୧୬(୨ ଚୌକା) ରନ୍ କରି କେମର ରୋଚ୍‌ଙ୍କ ବଲ୍‌ରେ ସାଇ ହୋପ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମାତ୍ର ୱେଷ୍ଟଇଣ୍ଡିଜ ବୋଲରମାନେ ଏହାର ଫାଇଦା ନେଇପାରି ନ ଥିଲେ। ରୋହିତ ଶର୍ମା ଓ ଅମ୍ବାତି ରାୟୁଡୁ ଶତକୀୟ ଇନିଂସ୍ ଖେଳି ଭାରତକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୩ୟ ଉଇକେଟ ଭାଗୀଦାରିରେ ଦୁହେଁ ୨୧୧ ରନ୍ ଯୋଗକରି ଦଳୀୟ ଇନିଂସକୁ ୩୦୦ ଅତିକ୍ରମ କରାଇବା ସହ ୱେଷ୍ଟଇଣ୍ଡିଜ ଆଶାରେ ପାଣି ଭରି ଦେଇଥିଲେ। ରୋହିତ କ୍ୟାରିୟରର ୨୧ତମ ଦିନିକିଆ ଶତକ ହାସଲ କରିବା ସହ ୧୬୨ ରନ୍‌ର ବିଶାଳ ଇନିଂସ୍ ଖେଳିଥିଲେ। ୧୩୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ନିର୍ଭରଯୋଗ୍ୟ ଓପ୍‌ନର ନିଜ ଇନିଂସ୍ ମଧ୍ୟରେ ୨୦ ଚୌକା ଓ ୪ ଛକା ମାରିଥିଲେ। ୪୪ତମ ଓଭରର ୫ମ ବଲ୍‌ରେ ରୋହିତଙ୍କୁ ଆଉଟ୍ କରି ଆଶ୍ଲେ ନର୍ସ ୱେଷ୍ଟଇଣ୍ଡିଜକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ପୂର୍ବ ମ୍ୟାଚ୍‌ଗୁଡ଼ିକରେ ବଡ଼ ସ୍କୋର ହାସଲରୁ ବଞ୍ଚିତ ହୋଇ ଆସୁଥିବା ରାୟୁଡୁ ନିଜ ୪ ନମ୍ବର ସ୍ଥାନର ଯଥାର୍ଥତା ପ୍ରତିପାଦନ କରିଥିଲେ। ସେ ଦ୍ରୁତ ଇନିଂସ୍ ଖେଳିବା ସହ ଜୀବନର ୩ୟ ଏକଦିବସୀୟ ଶତକ ହାସଲ କରିଥିଲେ। ୮୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରାୟୁଡୁ ୮ ଚୌକା ଓ ୪ ଛକା ସହାୟତାରେ ଠିକ୍ ୧୦୦ ରନ୍ କରିଥିବାବେଳେ ଫାବିଆନ ଆଲେନଙ୍କ ଡାଇରେକ୍ଟ ଥ୍ରୋର ଶିକାର ହୋଇ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଯାଇଥିଲେ। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ଏଠାରେ ୧୫ ବଲ୍‌ରୁ ୨୩(୨ ଚୌକା) ରନ୍‌ର ଇନିଂସ୍ ଖେଳିଥିଲେ। ଶେଷଭାଗରେ କେଦାର ଯାଦବ ୧୬(୭ ବଲ, ୩ ଚୌକା) ଓ ରବୀନ୍ଦ୍ର ଜାଡେଜା ୭ ରନ୍‌ରେ ଅପରାଜିତ ରହି ଭାରତର ସ୍କୋରକୁ ୫୦ ଓଭରରେ ୩୭୭/୫ରେ ପହଞ୍ଚାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମର ରୋଚ୍ ୨ଟି ଏବଂ ଆଶ୍ଲେ ନର୍ସ ଓ କେମୋ ପଲ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବିଶାଳ ଟାର୍ଗେଟ୍‌ର ପିଛା କରିଥିବା ୱେଷ୍ଟଇଣ୍ଡିଜ ବିନା ଲଢ଼େଇରେ ଆତ୍ମସମର୍ପଣ କରିଥିଲା। ସତର୍କତାର ସହ ଇନିଂସ୍ ଆରମ୍ଭ କରିଥିଲେ ହେଁ ଏହି ଭ୍ରମଣକାରୀ ଦଳ ୫ମ ଓଭରରେ ୨ଟି ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରି ୧୬ ବଲ୍‌ରୁ ୧୪(୧ ଚୌକା, ୧ ଛକା) ରନ୍ କରିଥିବା ଚନ୍ଦରପଲ ହେମରାଜଙ୍କୁ ଭୁବନେଶ୍ୱର କୁମାର ଆଉଟ କରିଥିବାବେଳେ ସାଇ ହୋପ୍ ରନ୍‌ଆଉଟ ହୋଇଯାଇଥିଲେ। ପରବର୍ତ୍ତୀ ଓଭରରେ କିରନ ପାୱେଲ ମଧ ରନ୍‌ଆଉଟ ହୋଇଥିଲେ। ଭେଟେରାନ ମାର୍ଲୋନ ସାମୁଏଲ୍ସ ୧୮ ଓ ଇନ୍ ଫର୍ମ ବ୍ୟାଟ୍ସମ୍ୟାନ ସିମରନ ହେଟମେର ୧୩ ରନ୍ କରି ଆଉଟ୍ ହେବାରୁ ୱେଷ୍ଟଇଣ୍ଡିଜର ବୃହତ୍ ପରାଜୟ ନିଶ୍ଚିତ ହୋଇଯାଇଥିଲା। ଶେଷଭାଗରେ ଅଧିନାୟକ ଜାସନ ହୋଲ୍ଡର ୭୦ ବଲ୍‌ରୁ ୫୪(୧ ଚୌକା, ୨ ଛକା) ରନ୍‌ରେ ଅପରାଜିତ ରହିବା ଦଳ ପାଇଁ ସାନ୍ତ୍ୱନା ସଦୃଶ ଥିଲା। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜରେ ଅଧିକ ସମୟ ତିଷ୍ଠି ନ ପାରିବାରୁ ୱେଷ୍ଟଇଣ୍ଡିଜ ଇନିଂସ୍ ୩୬.୨ ଓଭରରେ ୧୫୩ ରନ୍‌ରେ ସୀମିତ ହୋଇଯାଇଥିଲା। ଭାରତ ପକ୍ଷରୁ ଖଲିଲ ଅହମ୍ମଦ ଓ କୁଲଦୀପ ଯାଦବ ୩ଟି ଲେଖାଏ ଏବଂ ଭୁବନେଶ୍ୱର ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରୋହିତ ଶର୍ମା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୩୭୭/୫(ରୋହିତ-୧୬୨, ରାୟୁଡୁ-୧୦୦, ଧାୱନ-୩୮, ରୋଚ୍-୨/୭୪, ନର୍ସ-୧/୫୭, ପଲ୍-୧/୮୮)। ୱେଷ୍ଟଇଣ୍ଡିଜ ୩୬.୨ ଓଭରରେ ୧୫୩/ଅଲଆଉଟ (ହୋଲ୍ଡର-୫୪*, ଖଲିଲ-୩/୧୩, କୁଲଦୀପ-୩/୪୨, ଭୁବନେଶ୍ୱର-୧/୩୦, ଜାଡେଜା-୧/୩୯)।

ଟାଟା ଷ୍ଟିଲ୍ ହକି ବିଶ୍ୱକପ୍‌ର ଅଫିସିଆଲ ପାର୍ଟନର

ଭୁବନେଶ୍ୱର, ୨୯।୧୦(ସ୍ପୋର୍ଟ୍ସ ବ୍ୟୁରୋ): ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହେବାକୁ ଥିବା ମର୍ଯ୍ୟାଦାପୂର୍ଣ୍ଣ ପୁରୁଷ ହକି ବିଶ୍ୱକପ୍ ପାଇଁ ସୋମବାର ଟାଟା ଷ୍ଟିଲ୍‌କୁ ଏହାର ଅଫିସିଆଲ ପାର୍ଟନର ଭାବେ ମନୋନୀତ କରାଯାଇଛି। ଟାଟା ଷ୍ଟିଲ୍ ହେଉଛି ବିଶ୍ୱର ୧୦ମ ବୃହତ୍ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ, ଯିଏ ଦେଶରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଟୁର୍ନାମେଣ୍ଟ ପାଇଁ ଟାଟା ଷ୍ଟିଲ୍‌କୁ ଅଫିସିଆଲ ପାର୍ଟନର କରାଯାଇଥିବାରୁ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ ସ୍ୱାଗତ ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି। ଆମେ ଅତି ଆନନ୍ଦର ସହିତ ସମ୍ମାନଜନକ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ୨୦୧୮ ପାଇଁ ଟାଟା ଷ୍ଟିଲ୍‌କୁ ଅନ୍ୟତମ ଅଫିସିଆଲ ପାର୍ଟନର ଭାବେ ଘୋଷଣା କରୁଛୁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ହୋଇଥିବାରୁ ଏଥିରେ ସମସ୍ତଙ୍କ ସମ୍ପୃକ୍ତିର ଆବଶ୍ୟକତା ରହିଛି। ଟାଟା ଷ୍ଟିଲ୍‌ର ସହଯୋଗ ପାଇଁ ମୁଁ ଧନ୍ୟବାଦ ଦେବାକୁ ଚାହିଁବି। ଭବିଷ୍ୟତରେ ଭାରତୀୟ ହକି ପ୍ରତି ଏହିଭଳି ସହଯୋଗ ଜାରି ରହିବ ବୋଲି ମୁଁ ଆଶା କରୁଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସେସ୍‌ର ଭାଇସ୍ ପ୍ରେସିଡେଣ୍ଟ ସୁନୀଲ ଭାସ୍କରନ କହିଛନ୍ତି, 'ଟାଟା ଷ୍ଟିଲ୍ ବର୍ଷ ବର୍ଷ ଧରି ହକି ସମେତ ବିଭିନ୍ନ କ୍ରୀଡ଼ାର ବିକାଶ ତଥା ପ୍ରସାର ଭିତ୍ତିଭୂମି ପ୍ରତିଷ୍ଠା କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ଭାରତରେ ଏକ ହକି ଏକାଡେମୀ ପ୍ରତିଷ୍ଠା କରିବାରେ ଟାଟା ଷ୍ଟିଲ୍ ହେଉଛି ଦେଶର ପ୍ରଥମ ପ୍ରାଇଭେଟ ସେକ୍ଟର କମ୍ପାନୀ। ଭାରତର ପୂର୍ବାଞ୍ଚଳରେ ପ୍ରଥମଥର ଲାଗି ହକି ବିଶ୍ୱକପ୍ ଆୟୋଜିତ ହେଉଛି। ହକିବିଶ୍ୱକପ୍‌ସହିତ ସଂଶ୍ଳିଷ୍ଟ ହୋଇ ଟାଟା ଷ୍ଟିଲ୍ ନିଜକୁ ଗର୍ବିତ ମନେକରୁଛି।'

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବିଜୟୀ

କଟକ ଅଫିସ,୨୯।୧୦: ବିଳାସପୁରର ସି.ଭି ରମଣ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବାଳକ ଦଳ ସୋମବାର ବିଜୟୀ ହୋଇଛି। ଇନ୍ଦିରାଗାନ୍ଧୀ ଟ୍ରାଇବାଲ ବିଶ୍ୱବିଦ୍ୟାଳୟକୁ ୫୩–୩୨ ପଏଣ୍ଟରେ ରେଭେନ୍‌ଶା ହରାଇଛି । ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ଦଳ ରାୟପୁରର ମାଟ୍‌ସ ବିଶ୍ୱବିଦ୍ୟାଳୟକୁ ଭେଟିବ ।

■ ୧୫ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍

ସେମିଫାଇନାଲରେ ଭାରତ

କାଠମାଣ୍ଡୁ, ୨୯।୧୦(ପି.ଟି.)

ଏଠାରେ ଚାଲିଥିବା ୧୫ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଫୁଟ୍‌ବଲ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ୪–୦ ଗୋଲରେ ଭୁଟାନକୁ ପରାସ୍ତ କରି ଅନ୍ତିମ-୪ରେ ପହଞ୍ଚିଛି। ଭାରତ ପକ୍ଷରୁ ଶୁଭୋ ପଲ ଡବଲ ଗୋଲସ୍କୋର କରିଥିବାବେଳେ ଓଡ଼ିଆ ଖେଳାଳି ଅମନ ଖାଲ୍‌କୋ ଓ ସୁବା କୁଶାଙ୍ଗ ଗୋଟିଏ ଲେଖାଏ ବଲ୍ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ନିକଟରୁ ୨–୧ ଗୋଲରେ ହାରି ଅଭିଯାନ ଆରମ୍ଭ କରିଥିଲା। କାଠମାଣ୍ଡୁର ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭାରତ ୧–୦ରେ ଅଗ୍ରଣୀ ଲାଭ କରିଥିଲା। ମ୍ୟାଚ୍‌ର ୪ର୍ଥ ମିନିଟ୍‌ରେ ଶୁଭୋ ପ୍ରତିପକ୍ଷ ଗୋଲକିପର୍ ଗେଲଶେନ ଡୋର୍ଜିଙ୍କୁ ଚକ୍‌ମା ଦେଖାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ ଭାରତ ଆଉ ୩ଟି ଗୋଲ କରିଥିଲା। ମ୍ୟାଚ୍‌ର ୬୬ତମ ମିନିଟ୍‌ରେ ସୁବାଙ୍କ ଚମତ୍କାର ଗୋଲ ବଳରେ ଭାରତ ୨–୦ରେ ଅଗ୍ରଣୀ ଲାଭ କରିଥିଲା। ୮୩ତମ ମିନିଟ୍‌ରେ ଶୁଭୋ ବ୍ୟକ୍ତିଗତ ୨ୟ ତଥା ଦଳ ପାଇଁ ୩ୟ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଶେଷହେବାକୁ ଆଉ ଗୋଟିଏ ମିନିଟ୍ ବାକି ରହିଥିବାବେଳେ ଓଡ଼ିଆ ଖେଳାଳି ଅମନ (୮୯ତମ ମିନିଟ୍) ଅନ୍ତିମ ଗୋଲ କରି ଭାରତକୁ ୪–୦ରେ ଏକପାଖିଆ ବିଜୟୀ କରାଇଥିଲେ।

ହେସନ କିଙ୍ଗ୍ସ ଇଲେଭେନ ମୁଖ୍ୟ କୋଚ୍

ନୂଆଦିଲ୍ଲୀ, ୨୯।୧୦ (ପି.ଟି.): ନ୍ୟୁଜିଲାଣ୍ଡର ପୂର୍ବତନ କୋଚ୍ ମାଇକ୍ ହେସନ ଆଇପିଏଲ ଫ୍ରାଞ୍ଚାଇଜ୍ କିଙ୍ଗ୍ସ ଇଲେଭେନ ପଞ୍ଜାବର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ସେ ଦୁଇ ବର୍ଷ ଧରି ଏହି ପଦବୀରେ ରହିବେ। ଅଷ୍ଟ୍ରେଲିଆର ବ୍ରାଡ୍ ହଜ୍‌ଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଇଂଲଣ୍ଡରେ ୨୦୧୯ ବିଶ୍ୱକପ୍ ହେବାକୁ ଆଉ ଏକ ବର୍ଷ ସମୟ ବାକି ରହିଥିବାବେଳେ ହେସନ ଜୁନ୍‌ରେ ନ୍ୟୁଜିଲାଣ୍ଡ କୋଚ୍ ପଦବୀରୁ ଓହରି ଯାଇଥିଲେ।

■ ଭର୍ଷ୍ଟାପେନ୍ ଜିତିଲେ ମେକ୍ସିକାନ ଗ୍ରାଁ ପ୍ରି

ହାମିଲଟନ ପଞ୍ଚମ ଥର ବିଶ୍ୱ ଚାମ୍ପିୟନ

ମେକ୍ସିକୋ ସିଟି, ୨୯।୧୦(ଏଏଫ୍‌ପି): ମେକ୍ସିକାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ମାକ୍ସ ଭର୍ଷ୍ଟାପେନ ଚାମ୍ପିୟନ ହୋଇଛନ୍ତି। କିନ୍ତୁ ଏଥିରେ ଚତୁର୍ଥ ସ୍ଥାନ ଅଧିକାର ସହ ଲୁଇସ୍ ହାମିଲଟନ ୫ମ ଥର ପାଇଁ ଫର୍ମୁଲା ୱାନ ଡ୍ରାଇଭର୍ସ ବିଶ୍ୱ ଚାମ୍ପିୟନଶିପ୍ ଜିତିଛନ୍ତି। ଏହାଦ୍ୱାରା ସେ ଜୁଆନ ମାନୁଏଲ୍ ଫାଙ୍ଗିଓଙ୍କ ସମକକ୍ଷ ହୋଇପାରିଛନ୍ତି। ରବିବାର ଅନୁଷ୍ଠିତ ମେକ୍ସିକାନ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ଚତୁର୍ଥ ସ୍ଥାନ ଅଧିକାର ସହିତ ସେ ଏହି ସଫଳତା ହାସଲ କରିଛନ୍ତି। ମର୍ସିଡିଜ୍‌ର ହାମିଲଟନ ତୃତୀୟ ଥର ପୋଡିୟମ ଫିନିଶ ବିନା ଡ୍ରାଇଭର୍ସ ଚାମ୍ପିୟନଶିପ୍ ଟାଇଟଲ ଜିତି ପାରିଛନ୍ତି। ଫାଙ୍ଗିଓ ହାମିଲଟନଙ୍କ ଆଗରେ ମାଇକେଲ ସୁମାକର ସର୍ବାଧିକ ୭ ଥର ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ହାମିଲଟନ ଏହା ପୂର୍ବରୁ ୨୦୦୮, ୨୦୧୪, ୨୦୧୫ ଓ ୨୦୧୭ରେ ଚାମ୍ପିୟନଶିପ୍ ଜିତିଥିଲେ। ହାମିଲଟନ୍‌ଙ୍କ ଚାମ୍ପିୟନଶିପ୍ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଫେରାରିର ସେବାଷ୍ଟିଆନ ଭେଟେଲ। ଚାମ୍ପିୟନଶିପ୍ ବିଜୟ ଦୌଡ଼ରେ ଆଶାକୁ ବଳବତ୍ତର ରଖିବା ଲାଗି ତାଙ୍କୁ ଏକ ବିଜୟର ଆବଶ୍ୟକତା ରହିଥିବା ବେଳେ ହାମିଲଟନଙ୍କୁ ଟପ୍ ୭ ବାହାରେ ରହିବା ଆବଶ୍ୟକ ଥିଲା। ରବିବାର ରେସ୍‌ରେ ଭେଟେଲ କିନ୍ତୁ ଦ୍ୱିତୀୟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମି ରାଇକୋନେନ (ଫେରାରି) ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫୋର୍ସ ଇଣ୍ଡିଆର ଏଷ୍ଟିବାନ ଓକନ ୧୧ତମ ସ୍ଥାନରେ ରହିଥିଲେ। ଟିମ୍‌ର ଅନ୍ୟତମ ଡ୍ରାଇଭର ସର୍ଗିଓ ପେରେଜ ରେସ୍‌ଅଧାରୁରିଟାୟର୍ଡନେଇଯାଇଥିଲେ।

ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ ଅଫିସ,୨୯।୧୦

ବିଜୟୱାଡାରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ ପର୍ଯ୍ୟାୟରେ ଓଡ଼ିଶା ସୋମବାର ୩୧ରନ୍‌ରେ ଉତ୍ତରପ୍ରଦେଶଠାରୁ ପରାସ୍ତ ହୋଇଛି । ପ୍ରତିଯୋଗିତାରେ ଏହା ଓଡ଼ିଶାର ଦ୍ୱିତୀୟ ପରାଜୟ । ପ୍ରଥମ ମ୍ୟାଚ୍‌ରେ ଦଳ ୭ ଉଇକେଟରେ ପଞ୍ଜାବଠାରୁ ହାରିଥିଲା । ଏହାଛଡ଼ା ୨ଟି ମ୍ୟାଚ୍‌ରୁ ୨ଟି ପରାଜୟ ସହ ସୁପରଲିଗ ପର୍ଯ୍ୟାୟ ପଏଣ୍ଟ ଟେବୁଲ ଗ୍ରୁପ୍-ଏରେ ଓଡ଼ିଶା ୫ମ ସ୍ଥାନରେ ରହିଛି । ୩୦ ତାରିଖରେ ହିମାଚଳପ୍ରଦେଶ ଓ ୧ ତାରିଖରେ ଆସାମ ବିପକ୍ଷରେ ଅନ୍ୟ ଦୁଇଟି ମ୍ୟାଚ୍ ଓଡ଼ିଶା ଖେଳିବ । ହିମାଚଳପ୍ରଦେଶ ବିପକ୍ଷ ମ୍ୟାଚ ଓଡ଼ିଶା ନିମନ୍ତେ କର ବା ମର ସ୍ଥିତିରେ ରହିଛି । ଉତ୍ତରପ୍ରଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ଦଳ ୧୧୬ରନ୍ କରିଥିଲା । ଅଞ୍ଜଳି ସିଂ ସର୍ବାଧିକ ୪୫ରନ୍ କରିଥିବା ବେଳେ ସିପ୍ରା ଗିରି ୨୯, ମୁସ୍କାନ ମଲ୍ଲିକ ୧୩ରନ୍ କରିଛନ୍ତି । ଓଡ଼ିଶା ପକ୍ଷରୁ ସୋନାଲି ହେମ୍ବ୍ରମ ୨ଟି, ତନ୍ମୟୀ ବେହେରା ଓ କଳ୍ପନା ନାୟକ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଛନ୍ତି । ଜବାବରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଶୁଭ୍ରନିର୍ଝରିଣୀ ସ୍ୱାଇଁ ୪୨ରନ କରିଥିବା ବେଳେ ଅନ୍ୟ କେହି ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରି ନଥିଲେ । ଉତ୍ତରପ୍ରଦେଶ ପକ୍ଷରୁ ଅଞ୍ଜଳି ସିଂ ୩ଟି ଉଇକେଟ ଦଖଲ କରିଥିଲେ ।

ଭାରତ-ପାକିସ୍ତାନ ଯୁଗ୍ମ ବିଜେତା

ମସ୍କଟ, ୨୯।୧୦(ପି.ଟି.)

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଭାରତ ଓ ପାକିସ୍ତାନ ଉଭୟଙ୍କୁ ପଞ୍ଚମ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଯୁଗ୍ମ ବିଜେତା ଘୋଷଣା କରାଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ ମୁକାବିଲାକୁ ଉପଭୋଗ କରିବା ଲାଗି ଖେଳପ୍ରେମୀଙ୍କର ଉତ୍କଣ୍ଠା ରହିଥିଲା। ମାତ୍ର ଏଠାରେ ସନ୍ଧ୍ୟାରେ ପ୍ରବଳ ବର୍ଷା ଲାଗି ରହିବାରୁ ମ୍ୟାଚ ସମ୍ଭବପର ହୋଇ ନ ଥିଲା। ପରେ ଯଦିଓ ବର୍ଷା ଛାଡ଼ିଯାଇଥିଲା ତଥାପି ପଡ଼ିଆ ଖେଳ ଅନୁପଯୋଗୀ ହୋଇପଡ଼ିଥିଲା। ଟର୍ଫରେ ପାଣି ଜମି ରହିଥିଲା। ଭାରତ ଓ ପାକିସ୍ତାନ କୋଚ୍‌ଙ୍କ ମଧ୍ୟରେ ଆଲୋଚନା ପରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ମ୍ୟାଚ ନ ଖେଳାଯିବା ଲାଗି ନିଷ୍ପତ୍ତି ନେବା ସହ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରିଥିଲେ। ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୪ ବିଜୟ ଓ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ଅର୍ଜନ କରି ଟେବୁଲ ଶୀର୍ଷରେ ରହିଥିଲା। ପାକିସ୍ତାନ ୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ପୂର୍ବରୁ ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ୩–୧ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ସିଜନ ଶେଷରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁଥିବା ଏଫଆଇଏଚ୍ ପୁରୁଷ ବିଶ୍ୱକପ୍ ପୂର୍ବରୁ ଉଭୟ ଭାରତ ଓ ପାକିସ୍ତାନର ଏହା ଥିଲା ଶେଷ ଅନ୍ତର୍ଜାତୀୟ ମ୍ୟାଚ। ଚଳିତ ସଂସ୍କରଣ ପୂର୍ବରୁ ଉଭୟ ଭାରତ ଓ ପାକିସ୍ତାନ ଦୁଇଥର ଲେଖାଏଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟାଇଟଲ ବିଜୟୀ ହୋଇପାରିଛନ୍ତି। ଭାରତ ପୂର୍ବରୁ ୨୦୧୬ ଏବଂ ୨୦୧୧ରେ ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ପାକିସ୍ତାନ ୨୦୧୨ ଓ ୨୦୧୩ରେ ଚାମ୍ପିୟନ ହୋଇଥିଲା।

ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ହୋଇଥିବା ମୁକାବିଲାରେ ମାଲେସିଆ ୩–୨ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଜାପାନକୁ ପରାସ୍ତ କରିଥିଲା। ମ୍ୟାଚଟି ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳ ୨–୨ରେ ଅମୀମାଂସିତ ଭାବେ ଶେଷ ହେବାରୁ ଶୁଟ୍‌ଆଉଟରେ ସହାୟତା ନିଆଯାଇଥିଲା।

ଟ୍ରଫି ସହ ଦୁଇ ଦଳର ଅଧିନାୟକ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୩୦/୨୦୧୮

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

@ ପିତାମ୍ବର

@ ରବିଭ୍ରାତା

@ ବିଶ୍ୱାସ

@ ଲଳିତ୍

@ ସରୋଜିନୀ

@ ଅଶୋକ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଓଡ଼ିଶା ପଛୁଆ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

- ଫିଚର୍ ଫିଲ୍ମ ଅବସ୍ଥା ବି ଖରାପ
- ଆଦିବାସୀ ଭାଷାରେ ଫିଲ୍ମ ନିର୍ମାଣ ପାଇଁ ମିଳୁନି ପ୍ରୋତ୍ସାହନ

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ଅବସ୍ଥା ଦିନକୁ ଦିନ ଅବନତି ଆଡ଼କୁ ଗତି କରୁଛି। ଇଣ୍ଡଷ୍ଟ୍ରିରେ ପେସାଦାର ପ୍ରଯୋଜକ ଓ ଫିଲ୍ମ ନିର୍ମାତାଙ୍କ ଅଭାବ ଏକ ପ୍ରମୁଖ ସମସ୍ୟା ସାଜିଥିବା ବେଳେ କପି-ପେଷ୍ଟର ଟ୍ରେଣ୍ଡ ଦର୍ଶକଙ୍କ ମଧ୍ୟରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରିଛି। ଆଗରୁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନେ ବର୍ଷକୁ ହାତଗଣତି ଗୋଟିଏ, ଦୁଇଟି ଚଳଚ୍ଚିତ୍ର ନିର୍ମାଣ କରୁଥିବା ବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇଛି। ପାଖାପାଖି ୪୦ ଫିଲ୍ମ ପ୍ରତିବର୍ଷ ମୁକ୍ତିଲାଭ କରୁଛି। ଏହା ମଧ୍ୟରୁ ଅତିବେଶିରେ ଗୋଟିଏ କିମ୍ବା ଦୁଇଟି ଫିଲ୍ମ ଦର୍ଶକଙ୍କ ମନକୁ ଛୁଇଁପାରୁଛି। ସେପଟେ ଓଡ଼ିଆ ଭାଷାରେ ପ୍ରାମାଣିକ ଚଳଚ୍ଚିତ୍ର ଓ ଭିନ୍ନ ସ୍ୱାଦର ଫିଲ୍ମ ଅବସ୍ଥା ମଧ୍ୟ ଖରାପ। ବ୍ୟବସାୟିକ ସଫଳତା ଓ ରାତାରାତି ପ୍ରଯୋଜକର ଟ୍ୟାଗ୍ ପାଇଁ ଅଧିକାଂଶ ନିର୍ମାତା କମ୍ ଦିନରେ ଶେଷ ହୋଇପାରୁଥିବା ଫିଚର ଫିଲ୍ମ ନିର୍ମାଣ କରୁଛନ୍ତି। ମାତ୍ର ଆନ୍ତରିକତା ଓ ପ୍ରୋତ୍ସାହନ ଅଭାବରୁ ପ୍ରାମାଣିକ ଚଳଚ୍ଚିତ୍ର, ଶିଶୁ ଚଳଚ୍ଚିତ୍ର, ଆଦିବାସୀ ଭାଷାର ଚଳଚ୍ଚିତ୍ର ଓ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଛି।

ଓଡ଼ିଆ ଭାଷାରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ଲାଗି କେତେଜଣ ପ୍ରଯୋଜକ ଆନ୍ତରିକତା ଦେଖାଉଥିଲେ ବି ପ୍ରୋତ୍ସାହନ ଅଭାବ ଓ ଫିଲ୍ମରେ ଲଗାଉଥିବା ଟଙ୍କା ଫେରସ୍ତ ପାଉ ନ ଥିବାରୁ ଆଗକୁ ବଢୁନାହାନ୍ତି। ୧୯୭୩ ମସିହାରୁ ପ୍ରାମାଣିକ ଚଳଚ୍ଚିତ୍ର ଲାଗି ରାଜ୍ୟ ସରକାର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବ୍ୟବସ୍ଥା କରିଛନ୍ତି। ହେଲେ ହାତଗଣତି କିଛି ବର୍ଷକୁ ଛାଡ଼ିଦେଲେ ପ୍ରାମାଣିକ ଚଳଚ୍ଚିତ୍ର ଚୟନ ପ୍ରକ୍ରିୟାକୁ ଆସିନାହିଁ। ୧୯୭୩ ମସିହାରେ ପ୍ରାମାଣିକ ଚଳଚ୍ଚିତ୍ର 'ରାଧୁ ଓ ଶ୍ୟାମ' ପୁରସ୍କାର ହାତେଇଥିବା ବେଳେ ଦୀର୍ଘବର୍ଷ ବ୍ୟବଧାନରେ ୧୯୯୧ରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର 'ପ୍ରଗତି ପଥେ ବିଦ୍ୟୁତ୍ ଶକ୍ତି' ପୁରସ୍କାର ପାଇଥିଲା। ସେହିପରି ୧୯୯୨ରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର 'ଗଣକବି ବୈଷ୍ଣବ ପାଣି' ପୁରସ୍କାର ଲାଗି ମନୋନୀତ ହୋଇଥିଲା। ମାତ୍ର ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାମାଣିକ ଚଳଚ୍ଚିତ୍ର ବିଭାଗ ପ୍ରାୟତଃ ଖାଲିପଡୁଛି, ଯାହାର ପ୍ରମୁଖ କାରଣ ହେଉଛି କୌଣସି ଆଖିଦୃଶିଆ ଚଳଚ୍ଚିତ୍ର ନିର୍ମାଣ ଲାଗି ପ୍ରଯୋଜକ ସଂସ୍ଥା କିମ୍ବା ସରକାର ଆନ୍ତରିକତା ଦେଖାଉନାହାନ୍ତି। ଏପରି କି, ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଲାଗି ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରାଯାଉଥିଲା। ଏଥିପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା ରହୁଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ସୂଚନା ଓ ଲୋକସମ୍ପର୍କ ବିଭାଗ ଆଦି ସରକାରଙ୍କ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରୁଥିଲେ। ଏଥିଲାଗି କେତେଜଣ ନିର୍ଦ୍ଦେଶକ ଓ ନିର୍ମାତା ମଧ୍ୟ ରହୁଥିଲେ। ହେଲେ ଏବେ ଏହା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସେହିଭଳି ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ରହିଥିବା ବେଳେ ସେମାନଙ୍କ ଭାଷା ଭିନ୍ନ ଭିନ୍ନ। ୩୦ ଜିଲା ମଧ୍ୟରୁ ୧୪ ଜିଲାରେ ଏମାନଙ୍କ ସଂଖ୍ୟା ଅଧିକ। ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ କୋଟି ହେଉଛନ୍ତି କେବଳ ଆଦିବାସୀ। କିନ୍ତୁ ସେମାନଙ୍କ ଭାଷାରେ ବି ଫିଲ୍ମ ନିର୍ମାଣ ହେଉନାହିଁ। ରାଜ୍ୟ ସରକାରଙ୍କ ଅଧୀନରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ କାର୍ଯ୍ୟ କରୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ପୂର୍ବରୁ ଏଭଳି ଫିଲ୍ମ ପ୍ରାୟତଃ ନିର୍ମାଣ ହେଉଥିବା ବେଳେ ଗତ ତିନି ଦଶନ୍ଧି ହେଲା ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟିଯାଇଛି।

ଅନ୍ୟପକ୍ଷରେ ଓଡ଼ିଆ ଚଳଚ୍ଚିତ୍ର ଇତିମଧ୍ୟରେ ୮୦ବର୍ଷ ପୂରଣ କରିସାରିଛି। ହେଲେ ଏହା ଦିନକୁ ଦିନ ସମୃଦ୍ଧ ହେବା ପରିବର୍ତ୍ତେ ନିଜର ମାନ ହରାଉଛି। ଏବେ ଯେଉଁ ଚଳଚ୍ଚିତ୍ର ରିଲିଜ୍ ହେଉଛି, ତାହା ଗୋଟିଏ ଦିନ ପରେ ହାଉସ୍‌ଫୁଲ ହେବା ମୁସ୍କିଲ ହୋଇଯାଉଛି। ତେଲୁଗୁ, ତାମିଲ ଚଳଚ୍ଚିତ୍ରକୁ ନକଲ କରାଯାଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ବିଶେଷଜ୍ଞ ଓ ସିନେ ସମୀକ୍ଷକମାନେ ମତ ଦେଇଛନ୍ତି। ଯେତେ ସମାଲୋଚିତ ହେଲେ ବି ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ ନକଲ ପ୍ରକ୍ରିୟା ସେହିଭଳି ଜାରି ରହୁଛି। ୨୦ରୁ ୩୦ ହଜାର ଟଙ୍କାରେ ଚଳଚ୍ଚିତ୍ର ସ୍କ୍ରିପ୍ଟ ପ୍ରସ୍ତୁତ ହେଉଛି ଏବଂ ୧୫ରୁ ୩୦ଦିନ ମଧ୍ୟରେ ଫିଲ୍ମ ନିର୍ମାଣ ସରି ରିଲିଜ୍ ହୋଇଯାଉଛି। ଏ ନେଇ ସିନେ ସମୀକ୍ଷକ ଦିଲୀପ ହାଲି କହିଛନ୍ତି, ବର୍ତ୍ତମାନ ଚଳଚ୍ଚିତ୍ରର ମୌଳିକତାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉନାହାନ୍ତି। କାଁ ଭାଁ କେତେଜଣ ନିର୍ମାତା ନିଜସ୍ୱ ଅର୍ଥରେ ଡକ୍ୟୁମେଣ୍ଟାରୀ ନିର୍ମାଣ କରୁଛନ୍ତି। କିନ୍ତୁ ଆଗରୁ ବିଭିନ୍ନ ବିଭାଗ ଯେପରି ଡକ୍ୟୁମେଣ୍ଟାରୀ କରୁଥିଲେ, ଏବେ ତାହା ଆଉ ହେଉନି। ସଂସ୍କୃତି ବିଭାଗ ବିଭିନ୍ନ ପ୍ରକାର ଭିଜୁଆଲ ଆର୍ଟକୁ ନେଇ ଏକାଧିକ ପ୍ରାମାଣିକ ଚଳଚ୍ଚିତ୍ର କରିପାରନ୍ତା। ସେହିଭଳି କୃଷି ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ କରିପାରନ୍ତା। ମାତ୍ର ସେମାନେ ଡକ୍ୟୁମେଣ୍ଟାରୀ ଅପେକ୍ଷା ଟେଲିଭିଜନ ବିଜ୍ଞାପନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

ସଚିବାଳୟରେ ଟେଲିଫୋନ୍ ସେବା ବ୍ୟାହତ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ସଚିବାଳୟର ବିଭିନ୍ନ ଦପ୍ତରରେ ବିଏସ୍‌ଏନ୍‌ଏଲ୍ ଲ୍ୟାଣ୍ଡଲାଇନ ସଂଯୋଗ ଦିଆଯାଇଛି। ଏହା ବ୍ୟତୀତ ସମସ୍ତ ଶାସନ ସଚିବ, ଅଧିସ୍ତନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରତ୍ୟେକ ଶାଖାରେ ଟେଲିଫୋନ୍ ବ୍ୟବସ୍ଥା ରହିଛି। ହେଲେ ରାଜ୍ୟ ପ୍ରଶାସନର ଏହି ନାଭିକେନ୍ଦ୍ରରେ ଟେଲିଫୋନ୍ ସେବା ଏକରକମ ଠପ୍ ହୋଇଥିବା ବିଭିନ୍ନ ବିଭାଗୀୟ ସୂତ୍ରରୁ ଜଣାପଡିଛି। ପ୍ରତ୍ୟେକ ବିଭାଗରେ କରାଯାଇଥିବା ଅତିରିକ୍ତ ଟେଲିଫୋନ୍ ବ୍ୟବସ୍ଥା ପାଇଁ ସଚିବାଳୟର ୫ନଂ. ଗେଟ୍ ନିକଟରେ ଏକ ଇଲେକ୍‌ଟ୍ରୋନିକ ପ୍ରାଇଭେଟ୍ ଅଟୋମେଟିକ୍ ବ୍ରାଞ୍ଚ ଏକ୍ସଚେଞ୍ଜ(ଇ.ପି.ଏ.ବି.ଇ)ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହି ଏକ୍ସଚେଞ୍ଜକୁ ଭାରତ ସରକାରଙ୍କ ସଂସ୍ଥା ଇଣ୍ଡିଆନ ଟେଲିଫୋନ୍ ଇଣ୍ଡଷ୍ଟ୍ରିଜ୍(ଆଇ.ଟି.ଆଇ)ସ୍ଥାପନ କରିବା ସହ ପରିଚାଳନା ଦାୟିତ୍ୱ ନେଇଥିଲା।

ସଚିବାଳୟରେ ଟେଲିଫୋନ୍ ସେବାରେ ବାରମ୍ବାର ବ୍ୟାଘାତ ହେବା ସାଙ୍ଗକୁ ଧାର୍ଯ୍ୟ ସମୟ ମଧ୍ୟରେ ବିପର୍ଯ୍ୟସ୍ତ ସେବାକୁ ପୁନଃସ୍ଥାପନ ନ କରିବାର ଅଭିଯୋଗ ବାରମ୍ବାର ହେଲା। ତେଣୁ ରାଜ୍ୟ ସରକାର ତାହାକୁ ହଟାଇ ବିଏସ୍‌ଏନ୍‌ଏଲ୍ କମ୍ପାନୀକୁ ଏହାର ସ୍ଥାପନା ଓ ପରିଚାଳନା ଦାୟିତ୍ୱ ଦେଇଛନ୍ତି। ବର୍ତ୍ତମାନ ଉକ୍ତ ଇପିଏବିଇ ଦାୟିତ୍ୱ ବାଣିଜ୍ୟ ବିଭାଗରୁ କଢାଯାଇ ଇଲେକ୍‌ଟ୍ରୋନିକ୍ ଓ ସୂଚନା, ପ୍ରଯୁକ୍ତି ବିଦ୍ୟା(ଇ ଆଣ୍ଡ ଆଇଟି) ବିଭାଗକୁ ଦିଆଯାଇଛି। ଏହି ବିଭାଗ ସଚିବାଳୟ ପରିସରରେ ନ ଥିବାରୁ ଇପିଏବିଇ ସେବା ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା ଏକାଧିକ କର୍ମଚାରୀ ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ଟେଲିଫୋନ୍ ସେଟ୍ ଲାଇନ ସମ୍ପର୍କିତ ସମସ୍ୟା ଦୀର୍ଘଦିନ ଧରି ସଜଡ଼ା ଯାଉନାହିଁ। ଫଳରେ ବିଭିନ୍ନ ବିଭାଗରେ ଅବସ୍ଥାପିତ ଇପିଏବିଇ ଟେଲିଫୋନ୍ ସେବା ଅଚଳ ହୋଇ ପଡିରହିଛି। ନିୟମ ମୁତାବକ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ଟେଲିଫୋନ୍ ସେବା ପୁନଃସ୍ଥାପନ କରିବାର କଥା। ହେଲେ ଉପରୋକ୍ତ ବ୍ୟବସ୍ଥାଗତ ଅସୁବିଧା କାରଣରୁ ଟେଲିଫୋନ୍‌ଜନିତ ଅଭିଯୋଗ ସପ୍ତାହେରୁ ଅଧିକ ସମୟ ପଡିରହୁଛି।

ଏ ସମ୍ପର୍କିତ ଅଭିଯୋଗ ଶୁଣିବାକୁ ପୂର୍ବରୁ ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର କର୍ମଚାରୀ ନିୟୋଜିତ ହେଉଥିଲେ। ଏବେ ସେ ବ୍ୟବସ୍ଥାକୁ କମ୍ପାନୀ ହାତକୁ ଟେକି ଦିଆଯାଇଛି। ନିଜ ନାମକୁ ଗୋପନ ରଖି ଜଣେ ସଚିବାଳୟ କର୍ମଚାରୀ କହିଛନ୍ତି ଯେ, ମାସକୁ ଅନ୍ୟୂନ ଦେଢ଼ଲକ୍ଷ ଟଙ୍କା ଏ ବାବଦରେ ରାଜ୍ୟ ସରକାରଙ୍କ ତହବିଲରୁ ଖର୍ଚ୍ଚ କରାଯାଉଛି। ହେଲେ ସଚିବାଳୟର ବିଭିନ୍ନ ଶାଖାରେ ଟେଲିଫୋନ୍ ସେବା ସୁବ୍ୟବସ୍ଥିତ ହୋଇପାରୁନାହିଁ। ସଚିବାଳୟର ସମସ୍ତ ଶାଖାରେ ଟେଲିଫୋନ୍ ସେବା ପହଞ୍ଚାଇବା ପାଇଁ କମ୍ପାନୀ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଏକ୍ସଚେଞ୍ଜ ସ୍ଥାପନର ୧୦ ବର୍ଷ ବିତିଯାଇଛି। ହେଲେ ଅନେକ ଶାଖାକୁ ଟେଲିଫୋନ୍ ସେବା ସୁବ୍ୟବସ୍ଥିତ ଢଙ୍ଗରେ ପହଞ୍ଚୁନାହିଁ। ଯଦି ରାଜ୍ୟ ପ୍ରଶାସନର ନାଭିକେନ୍ଦ୍ର ସଚିବାଳୟର ଟେଲିଫୋନ୍ ବ୍ୟବସ୍ଥା ଏପରି, ତେବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସରକାରୀ ଅଫିସ କଥା ସହଜରେ ଅନୁମେୟ।

No. XXXV-28

ଓଡ଼ିଶା ସରକାର
ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା

File No. XIV–20/2018 700 Dated : 16.08.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବୁଗୁଡା, ଥାନା- ଦଶପଲ୍ଲା ନଂ-୧୯୬, ତହସିଲ- ଦଶପଲ୍ଲା, ଜିଲ୍ଲା- ନୟାଗଡରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୬୯୩୬, ତା. ୧୮.୦୮.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ବୁଗୁଡା ଥାନା- ଦଶପଲ୍ଲା ନଂ-୧୯୬, ଜିଲ୍ଲା-ନୟାଗଡ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର- ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.nayagarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ବୁଗୁଡା	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	୬୦.୦୩୦	୩୬.୯୯୦	ଏଥି ସହିତ ସଂଲଗ୍ନ

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ବୁଗୁଡା	ଉକ୍ତ ମୌଜାରେ ପ୍ରଯୁଜ୍ୟ ଅଟେ।						

ଅଧିସୂଚନାର ବୈଧ ତାରିଖ :

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୟାଗଡ

ଜମିର ତାଲିକା
ଗ୍ରାମ- ବୁଗୁଡା, ତହସିଲ- ଦଶପଲ୍ଲା, ଥାନା- ଦଶପଲ୍ଲା ନଂ ୧୯୬, ଜିଲ୍ଲା- ନୟାଗଡ

ବ୍ୟକ୍ତିଗତ ଜମି :

କ୍ରମିକ ସଂଖ୍ୟା	ଖତିଆନ ନଂ	ପ୍ଲଟ ନଂ	ମୋଟ ରକବା	ଅର୍ଜିତ ରକବା	କିସମ	ଅଭିଲିଖିତ ରୟତଙ୍କ ନାମ
୧	୨	୩	୪	୫	୬	୭
୧	୧	୨୪୨	୦.୮୦୦	୦.୪୫୦	ଶାରଦ-୩	ଅନାଦି ବିଶି, ବଂଶି ବିଶି ପି- ସଉରିଆ ବିଶି
୨		୨୪୬	୧.୨୩୦	୦.୩୧୦	ଶାରଦ-୩	
୩		୨୫୦	୧.୪୬୦	୧.୦୨୦	ଶାରଦ-୩	
୪		୨୯୦	୦.୨୨୦	୦.୨୨୦	ଘରବାରି	
୫		୨୯୧	୦.୦୬୦	୦.୦୬୦	ଘରବାରି	
୬		୨୯୨	୦.୨୧୦	୦.୨୧୦	ଘରବାରି	
୭		୨୯୩	୦.୦୨୦	୦.୦୨୦	ଘରବାରି	
୮		୨୯୪	୦.୦୪୦	୦.୦୪୦	ଘରବାରି	
୯		୨୯୫	୦.୨୦୦	୦.୨୦୦	ଘରବାରି	
୧୦		୨୯୬	୦.୧୯୦	୦.୧୯୦	ଘରବାରି	
୧୧		୨୯୭	୦.୧୪୦	୦.୧୪୦	ଘରବାରି	
୧୨		୩୩୯	୧.୭୦୦	୦.୯୫୦	ଶାରଦ-୩	
୧୩		୩୪୦	୦.୧୬୦	୦.୧୬୦	ତଇଳା-୨	
୧୪		୩୪୧	୦.୧୫୦	୦.୧୫୦	ଶାରଦ-୩	
୧୫		୨୩୮	୦.୧୮୦	୦.୧୮୦	ଶାରଦ-୩	
୧୬		୨୩୯	୦.୪୩୦	୦.୪୩୦	ଶାରଦ-୧	
୧୭		୨୪୧	୦.୧୧୦	୦.୧୧୦	ଶାରଦ-୩	
୧୮		୨୪୭	୦.୧୫୦	୦.୧୫୦	ତଇଳା-୨	
୧୯	୬	୩୨୭	୦.୧୨୦	୦.୦୬୦	ପଡିତ	ଦୁଷ୍ମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା
୨୦	୭ ୧୬/୧୭ ୧୬/୪୧	୧୯୮	୦.୪୬୦	୦.୩୨୦	ଶାରଦ-୨	ଦୁଷ୍ମନ୍ତ କୁମାର ଜେନା, ସୁକାନ୍ତ କୁମାର ଜେନା, ଶ୍ରୀମନ୍ତ କୁମାର ଜେନା, ସୁଶାନ୍ତ କୁମାର ଜେନା, ହେମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା, ଚିତ୍ତରଞ୍ଜନ କର, ପି- ଲକ୍ଷ୍ମଣ କର, ଦୁର୍ଗାମଣି କର, ସ୍ୱା- ଲକ୍ଷ୍ମଣ କର, ନଳିନୀ କୁମାରୀ ଭଞ୍ଜ, ସ୍ୱା- ଅଶୋକ କୁମାର ଭଞ୍ଜ
୨୧		୨୮୩	୦.୯୨୦	୦.୮୫୦	ବଗାୟତ-୨	
୨୨		୧୯୭	୦.୪୮୦	୦.୨୪୦	ଶାରଦ-୩	
୨୩	୧୦	୨୮୬	୦.୦୪୦	୦.୦୪୦	ଘରବାରି	ଫକିର ଚରଣ ଦାଶ, ପି- ଉଚ୍ଛବ ଦାଶ
୨୪	୧୬/୮୮	୨୮୬/୫୧୬	୦.୧୭୦	୦.୧୭୦	ଘରବାରି	ସନ୍ତୋଷ କୁମାର ଦାଶ, ପି- ବୁଧିଆ ଦାଶ
୨୫	୧୬/୮୭	୨୮୬/୫୧୫	୦.୧୫୦	୦.୧୫୦	ଘରବାରି	ସୁଶାନ୍ତ କୁମାର ଦାଶ, ପି- ଫକିର ଚରଣ ଦାଶ
୨୬	୧୧	୧୯୪	୦.୩୧୦	୦.୨୪୦	ଶାରଦ-୩	ବଂଶି ବିଶି, ପି- ସଉରିଆ ବିଶି
୨୭		୨୮୦	୦.୨୮୦	୦.୦୭୦	ପଡିତ	
୨୮		୨୮୧	୦.୦୮୦	୦.୦୨୦	ପଡିତ	
୨୯	୧୩	୧୯୨	୦.୫୧୦	୦.୫୧୦	ତଇଳା-୨	ମନ୍ଦାକିନି ରାଉଳ, ସ୍ୱା- ଚରଣ ରାଉଳ
୩୦		୬୨/୩୭୮	୩.୫୫୦	୧.୧୦୦	ତଇଳା-୨	
୩୧	୧୪ ୧୬/୧୬ ୧୬/୩୬ ୧୬/୨୪ ୧୬/୧୫	୩୫	୦.୨୨୦	୦.୦୫୦	ଶାରଦ-୩	ମଧୁସୂଦନ ଜେନା, ପି- ଜଗନ୍ନାଥ ଜେନା, ବିଶ୍ୱରଞ୍ଜନ ମିଶ୍ର, ପି- ହାଡିବନ୍ଧୁ ମିଶ୍ର, ପଞ୍ଚାନନ ରାଉଳ, ପି- ବିଦ୍ୟାଧର ରାଉଳ, ମନ୍ଦାକିନି ଦେଇ, ସ୍ୱା- ଚରଣ ରାଉଳ, ପଦ୍ମାବତୀ ବାରିକ, ସ୍ୱା- ସୁରେନ୍ଦ୍ରନାଥ ବାରିକ
୩୨		୧୯୬	୦.୮୦୦	୦.୩୦୦	ଶାରଦ-୩	
୩୩		୩୨୯	୦.୨୪୦	୦.୦୭୦	ଘରବାରି	
୩୪		୩୨୯/୩୮୪	୦.୫୮୦	୦.୨୫୦	ଘରବାରି	
୩୫		୨୮୪	୦.୨୦୦	୦.୨୦୦	ଘରବାରି	
୩୬		୩୨୪/୩୮୯	୦.୦୬୦	୦.୦୬୦	ରାସ୍ତା	
୩୭		୩୫୩	୦.୬୩୦	୦.୦୨୦	ତଇଳା	
୩୮	୧୬	୨୮୫	୦.୨୬୦	୦.୨୬୦	ଘରବାରି	ହାଲୁରୀ ଦାସ, ପି- ଉଚ୍ଛବ ଦାସ
୩୯	୧୬/୬	୩୨୮	୦.୩୬୦	୦.୦୧୦	ତଇଳା-୨	ବୁଧିଆ ନାଏକ, ପି- ନଟିଆ ନାଏକ
୪୦	୧୬/୧୫	୨୮୭	୦.୩୬୦	୦.୩୬୦	ଘରବାରି	ପଦ୍ମାବତୀ ବାରିକ, ସ୍ୱା- ସୁରେନ୍ଦ୍ରନାଥ ବାରିକ
୪୧		୩୨୩	୦.୧୨୦	୦.୧୨୦	ଘରବାରି	
୪୨	୧୬/୧୧୬	୩୨୯/୩୮୭	୦.୫୭୦	୦.୨୦୦	ଘରବାରି	ବିଶ୍ୱରଞ୍ଜନ ମିଶ୍ର, ପି- ହାଡିବନ୍ଧୁ ମିଶ୍ର
୪୩	୧୬/୨୪	୧୯୫	୨.୪୫୦	୧.୩୪୦	ଶାରଦ-୩	ମନ୍ଦାକିନି ଦେଇ, ସ୍ୱା- ଚରଣ ରାଉଳ
୪୪		୧୯୨/୩୮୫	୦.୩୯୦	୦.୩୯୦	ତଇଳା-୨	
୪୫		୧୯୫/୩୯୨	୦.୦୫୦	୦.୦୫୦	ପଡିତ	
୪୬	୧୬/୨୫ ୧୬/୨୮ ୧୬/୨୬	୨୬୬	୧.୮୮୦	୧.୧୦୦		ଦୁଷ୍ମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା, ସୁଶାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା
୪୭		୩୪୯	୦.୦୯୦	୦.୦୯୦	ଶାରଦ-୩	ସୁକାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା
୪୮		୩୪୩	୨.୨୨୦	୧.୮୫୦	ଶାରଦ-୩	
୪୯		୩୪୮	୦.୧୪୦	୦.୧୪୦	ଶାରଦ-୩	
୫୦		୨୪୮	୦.୦୮୦	୦.୦୮୦	ଶାରଦ-୩	
୫୧		୨୪୨/୩୮୮	୦.୨୬୦	୦.୨୬୦	ଶାରଦ-୩	
୫୨		୩୪୭	୦.୨୬୦	୦.୨୬୦	ଶାରଦ-୩	
୫୩		୩୫୦	୦.୬୦୦	୦.୫୦୦	ଶାରଦ-୩	
୫୪		୩୦୩	୦.୫୫୦	୦.୫୫୦	ତଇଳା-୨	
୫୫		୩୦୬	୦.୧୧୦	୦.୧୧୦	ତଇଳା-୨	
୫୬		୩୦୭	୦.୦୭୦	୦.୦୭୦	ତଇଳା-୨	
୫୭		୩୦୪	୦.୬୧୦	୦.୬୧୦	ତଇଳା-୨	
୫୮		୩୦୫	୦.୪୬୦	୦.୪୬୦	ତଇଳା-୨	
୫୯		୨୪୯	୦.୧୫୦	୦.୧୫୦	ତଇଳା-୨	
୬୦		୩୧୯	୧.୪୪୦	୧.୪୪୦	ତଇଳା-୨	
୬୧		୩୨୦	୦.୦୫୦	୦.୦୫୦	ତଇଳା-୨	
୬୨		୨୯୮	୦.୧୪୦	୦.୧୪୦	ତଇଳା-୨	
୬୩		୨୯୯	୦.୨୬୦	୦.୨୬୦	ତଇଳା-୨	
୬୪		୩୦୦	୦.୫୪୦	୦.୫୪୦	ତଇଳା-୨	
୬୫		୩୧୫	୦.୨୧୦	୦.୨୧୦	ଘରବାରି	
୬୬		୩୧୬	୦.୧୧୦	୦.୧୧୦	ଘରବାରି	
୬୭		୩୦୮	୦.୦୮୦	୦.୦୮୦	ଘରବାରି	
୬୮		୩୨୨	୦.୦୩୦	୦.୦୩୦	ଘରବାରି	
୬୯		୨୮୮	୦.୪୦୦	୦.୪୦୦	ଘରବାରି	
୭୦		୨୮୯	୦.୨୮୦	୦.୨୮୦	ଘରବାରି	
୭୧		୩୧୩	୦.୩୨୦	୦.୩୨୦	ଘରବାରି	
୭୨		୩୧୪	୦.୬୭୦	୦.୬୭୦	ଘରବାରି	
୭୩		୩୧୮	୦.୧୪୦	୦.୧୪୦	ବଗାୟତ-୩	
୭୪		୩୪୨	୦.୦୨୦	୦.୦୨୦	ଜଳାଶୟ-୧	
୭୫	୧୬/୨୭	୨୧୬	୦.୬୦୦	୦.୦୧୦	ଶାରଦ-୩	ଶ୍ରୀମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା
୭୬		୧୭୯	୦.୧୮୦	୦.୧୮୦	ତଇଳା-୨	
୭୭		୧୮୩	୦.୧୮୦	୦.୧୮୦	ତଇଳା-୨	
୭୮		୨୧୭	୦.୧୨୦	୦.୦୧୦	ତଇଳା-୨	
୭୯		୧୭୭	୦.୩୫୦	୦.୧୨୦	ତଇଳା-୨	
୮୦		୧୭୬	୦.୦୮୦	୦.୦୮୦	ତଇଳା-୨	
୮୧		୧୭୮	୦.୧୩୦	୦.୧୩୦	ତଇଳା-୨	
୮୨	୧୬/୨୮	୩୫୨	୦.୨୭୦	୦.୨୧୦	ଶାରଦ-୩	ସୁଶାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା
୮୩		୩୫୧	୦.୭୯୦	୦.୧୧୦	ତଇଳା-୨	
୮୪		୩୩୦	୦.୩୭୦	୦.୧୮୦	ଘରବାରି	
୮୫	୧୬/୩୧	୨୩୬	୧.୪୮୦	୦.୧୭୦	ଶାରଦ-୩	ହେମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା
୮୬		୩୩୪	୦.୮୮୦	୦.୭୧୦	ଘରବାରି	
୮୭		୩୩୩	୦.୦୪୦	୦.୦୪୦	ଘରବାରି	
୮୮	୧୬/୭୮	୩୪୫	୦.୫୦୦	୦.୩୬୦	ତଇଳା-୨	ଇଚ୍ଛା କୁମାରୀ ମଲ୍ଲିକ, ସ୍ୱା- ଦଶରଥ ମଲ୍ଲିକ
୮୯	୧୬/୭୯ ୧୬/୩୩ ୧୬/୩୭ ୧୬/୮୦ ୧୬/୮୧	୧୫୬	୦.୮୦୦	୦.୪୫୦	ଶାରଦ-୩	ଜଗନ୍ନାଥ ସାହୁ, ପି- ମହାଦେବ ସାହୁ, ରଘୁନାଥ ବେହେରା, ପି- କୀର୍ତ୍ତନ ବେହେରା, ହରିହର ମୁଦୁଲି, ସଞ୍ଜୁ ମୁଦୁଲି, ପି- ବାସୁ ମୁଦୁଲି
୯୦		୧୬୫	୧.୫୦୦	୧.୩୩୦	ତଇଳା-୨	
୯୧		୧୬୪	୧.୧୪୦	୦.୩୮୦	ତଇଳା-୨	
୯୨		୧୬୮	୦.୫୬୦	୦.୫୬୦	ତଇଳା-୨	
୯୩		୩୧୧	୦.୫୬୦	୦.୫୬୦	ଘରବାରି	
୯୪		୩୧୨	୦.୨୦୦	୦.୨୦୦	ଘରବାରି	
୯୫		୧୭୨	୦.୧୦୦	୦.୧୦୦	ପଡିତ	
୯୬		୧୭୩	୦.୦୪୦	୦.୦୪୦	ପଡିତ	
୯୭		୧୭୦	୦.୨୩୦	୦.୨୩୦	ଶାରଦ-୩	
୯୮		୩୧୦	୦.୦୪୦	୦.୦୪୦	ଘରବାରି	
୯୯		୧୮୪	୦.୩୮୦	୦.୩୮୦	ପଡିତ	
୧୦୦	୧୬/୮୦	୧୮୪/୪୯୬	୦.୨୦୦	୦.୨୦୦	ପଡିତ	
୧୦୧	୧୬/୩୮ ୧୬/୪୦ ୧୬/୮୫ ୧୬/୮୬	୨୮୪	୦.୩୭୦	୦.୩୭୦	ଘରବାରି	ବସନ୍ତ କୁମାର ଷଡଙ୍ଗୀ, ପି- ମୋହନ ଷଡଙ୍ଗୀ, ସୁଦର୍ଶନ ସାହୁ, ପି- ମଧୁସୂଦନ ସାହୁ, ବାସନ୍ତୀ ଷଡଙ୍ଗୀ, ସ୍ୱା- ବସନ୍ତ କୁମାର ଷଡଙ୍ଗୀ
୧୦୨	୧୬/୨୮	୩୪୬	୧.୫୯୦	୦.୨୮୦	ତଇଳା-୨	ସୁଶାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା
୧୦୩	୧୬/୬ ୧୬/୭ ୧୬/୮ ୧୬/୯ ୧୬/୧୦ ୧୬/୧୧ ୧୬/୧୨	୨୬୧	୫.୮୮୦	୦.୩୨୦	ତଇଳା-୨	ବୁଧିଆ ନାଏକ, ପି- ନଟିଆ ନାଏକ, ବାଲୁଙ୍କି କଅଁର, ପି- ଇନ୍ଦ୍ର କଅଁର, ସୁରେନ୍ଦ୍ର କଅଁର, ପି-ପଗର କଅଁର, ପରବାସିଆ ନାଏକ, ପି- ବିଶୁନୁ ନାଏକ, ତ୍ରିନାଥ କଅଁର, ଦେବରାଜ କଅଁର, ପଞ୍ଚୁ କଅଁର, ପି- ବିଶ୍ରାମ କଅଁର
୧୦୪	୧୬/୪୩	୩୬	୦.୧୨୦	୦.୦୮୦	ଶାରଦ-୨	ଭରତ ମଲ୍ଲିକ, ପ୍ରଫୁଲ୍ଲ ଚନ୍ଦ୍ର ମଲ୍ଲିକ, ପି- ହାଡିଚନ୍ଦ୍ର ମଲ୍ଲିକ
		ମୋଟ	୫୩.୬୬୦	୩୧.୩୭୦		

ବ୍ୟକ୍ତିଗତ ଜମିର ଗୋଚର ବଦଳି

କ୍ରମିକ ସଂଖ୍ୟା	ଖତିଆନ ନଂ	ପ୍ଲଟ ନଂ	ମୋଟ ରକବା	ଅର୍ଜିତ ରକବା	କିସମ	ଅଭିଲିଖିତ ରୟତଙ୍କ ନାମ
୧	୭	୨୭୫	୬.୩୭୦	୫.୬୨୦	ତଇଳା-୨	ଦୁଷ୍ମନ୍ତ କୁମାର ଜେନା, ସୁକାନ୍ତ କୁମାର ଜେନା, ଶ୍ରୀମନ୍ତ କୁମାର ଜେନା, ସୁଶାନ୍ତ କୁମାର ଜେନା, ହେମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା, ସୁରସେନ ସାହୁ, ପି- ମଧୁସୂଦନ ସାହୁ, ଅନନ୍ଦ ପ୍ରସାଦ ଡାକୁଆ, ପି- ବିଶ୍ୱନାଥ ଡାକୁଆ, ରଞ୍ଜିତ କୁମାର ମିଶ୍ର, ପି- ନବ କିଶୋର ମିଶ୍ର
		ମୋଟ	୬.୩୭୦	୫.୬୨୦		

ବ୍ୟକ୍ତିଗତ ଜମି	୩୧.୩୭୦
ବ୍ୟକ୍ତିଗତ ଜମିର ଗୋଚର ବଦଳି	୫.୬୨୦
ମୋଟ	୩୬.୯୯୦

ସ୍ୱା./- ଭୂ-ଅର୍ଜନ ମଣ୍ଡଳ ଅଧିକାରୀ,
ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ, ରେଳପଥ ପ୍ରକଳ୍ପ, ନୟାଗଡ

24009/14/0017/1819

ସଂକ୍ଷେପରେ

ହାତୀପଲ ଉଜାଡ଼ିଲେ ଧାନ ଫସଲ

ତେଲକୋଇ, ୨୯।୧୦(ଡି.ଏନ.ଏ.): ତେଲକୋଇ ମୁଖ୍ୟାଳୟ ସମେତ ହାଲପୋଡ, ଜଟ ଗ୍ରାମରେ ରବିବାର ୧୨ରୁ ଉର୍ଦ୍ଧ୍ୱ ହାତୀ ଚାଷୀଙ୍କ ଧାନ କ୍ଷେତକୁ ଉଜାଡି ଦେଇଛନ୍ତି। ଏ ନେଇ ତୁରନ୍ତ କ୍ଷତି ପୂରଣ ଦେବାକୁ ବନାଞ୍ଚଳ ଅଧିକାରୀଙ୍କୁ ଚାଷୀ ଦାବି କରିଛନ୍ତି। ଧାନକ୍ଷେତ ପାଚିବା ଅବସ୍ଥାରେ ହାତୀପଲ କ୍ଷେତକୁ ଉଜାଡୁଥିବା ବେଳେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

ବାଇକ୍-ଟାଟା ସୁମୋ ଧକ୍କା: ୩ ମୃତ

ଗୋଷାଣି/ରାୟଗଡ଼ (ଗଜପତି), ୨୯।୧୦(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ବଡଗାଁ ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଓ ଟାଟା ସୁମୋ ମଧ୍ୟରେ ଧକ୍କା ଘଟିଛି। ଫଳରେ ୩ଜଣଙ୍କ ଜୀବନ ଯାଇଛି। ବାଇକ୍‌ରେ ନିଆଁ ଲାଗି ଜଣେ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ଅନ୍ୟ ୨ଜଣଙ୍କର ଟାଟା ସୁମୋ ଧକ୍କାରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗାରାବନ୍ଧ ଥାନା ଅଧୀନ ଗଣ୍ଡାହାତୀ ଅଞ୍ଚଳ ନିକଟ ତାମତରା ଗ୍ରାମର ବଳରାମ ଶବର (୪୦), ବିକୁ ଶବର (୪୦) ଏବଂ ଲେମ୍ବା ଶବର (୩୦)। ମୃତକମାନଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ପାରଳାଖେମୁଣ୍ଡିରୁ ରାୟଗଡ ଅଭିମୁଖେ ଏକ ଟାଟା ସୁମୋ (ନଂ. ଓଡି ୧୧ଇ ୦୯୦୪) ଆସୁଥିଲା। ଏହି ସମୟରେ ବଳରାମ, ବିକୁ ଓ ଲେମ୍ବା ଗୋଟିଏ ବାଇକ୍‌ରେ ନିଜ ଗ୍ରାମରୁ ପାରଳାଖେମୁଣ୍ଡି ଯାଉଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ବଡଗାଁ ଛକ ନିକଟରେ ଗାଡ଼ି ଦୁଇଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଚଣ୍ଡ ଆଘାତ ଯୋଗୁ ବାଇକ୍‌ରେ ନିଆଁ ଲାଗିଯିବାରୁ ତାହା ହୁତହୁତ ହୋଇ ଜଳିଥିଲା। ଏଥିରେ ବିକୁ ଜଳିଯାଇଥିଲେ। ବଳରାମ ଓ ଲେମ୍ବା ସୁମୋ ଧକ୍କାରେ ରାସ୍ତାକୁ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ରାୟଗଡ- ପାରଳାଖେମୁଣ୍ଡି ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଗୁରାଣ୍ଡି ଥାନା ଆଇଆଇସି ପି.ଏସ୍.ରାଓ ଏବଂ ରାୟଗଡ ଥାନାଧିକାରୀ କରୁଣାକର ମୁର୍ମୁ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ଅନ୍ୟପକ୍ଷେ ବାଇକ୍‌ଟି ପୋଡ଼ିଯାଇଥିବାରୁ ତା'ର ନମ୍ବର ଜଣାପଡ଼ିନାହିଁ। ଅନିଲ କୁମାର ସାହୁଙ୍କ ନାମରେ ଟାଟା ସୁମୋ ଗାଡ଼ିଟି ରହିଥିବା ପୋଲିସ କହିଛି। ଗାଡ଼ିରେ ୬ଜଣ ଯାତ୍ରୀ ଥିଲେ ଓ ସେମାନଙ୍କ ମଧ୍ୟରୁ ୨ଜଣ ଓହ୍ଲାଇ ପାଖ ବିଲ ଦେଇ ଦୌଡ଼ି ପଳାଉଥିବା ବେଳେ ପୋଲିସ ଗୋଡ଼ାଇ ଦୁହିଁଙ୍କୁ କାବୁ କରି ଅଟକ ରଖିଛି।

ପୋଡ଼ିଯାଇଥିବା ବାଇକ୍।

- ନିଆଁ ଲାଗି ଜଳିଗଲା ବାଇକ୍
- ଜଣେ ଜୀବନ୍ତ ଦଗ୍ଧ, ଛିଟିକି ପଡ଼ି ୨ ଜୀବନ ଗଲା
- କ୍ଷତିପୂରଣ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକୋ

ବାରମ୍ବାର ଅଚଳ ହେଉଛି ଇ-ଡେସ୍‌ପାଚ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ସରକାରଙ୍କ ଇ-ଡେସ୍‌ପାଚ ବାରମ୍ବାର ଅଚଳ ହୋଇପଡୁଛି। ଫଳରେ ବିଭିନ୍ନ ବିଭାଗରେ ନିଆଯାଉଥିବା ପଦକ୍ଷେପ ଏବଂ ତଥ୍ୟକୁ ଜନସାଧାରଣ ଆଉ ଜାଣିପାରୁନାହାନ୍ତି। ଏହାକୁ ଜାଣିଶୁଣି ଅଚଳ କରି ଦିଆଯାଉଛି ନା ବିଭାଗର ତଥ୍ୟଗୁଡିକ ଗଣମାଧମ ଦ୍ୱାରା ପ୍ରକାଶିତ ହେଉଥିବା ଜାଣି ଏହାକୁ ଅଚଳ କରି ଦେଉଛନ୍ତି। ବିଭାଗଗୁଡିକ ସେମାନଙ୍କର ଦୈନିକ ଚିଠିକୁ ଆଉ ଅପ୍‌ଲୋଡ୍ କରୁନାହାନ୍ତି। ଏଭଳି ପଦକ୍ଷେପ ଦ୍ୱାରା ବିଭାଗର କ'ଣ ଉଦ୍ଦେଶ୍ୟ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଦକ୍ଷତା ବିକାଶ, ଗୃହ ବିଭାଗ ଏବଂ ରାଜସ୍ୱ ବିଭାଗ ପରି ସମୁଦାୟ ୩୬ ବିଭାଗ ରହିଛି। ଏ ସବୁ ବିଭାଗ ପକ୍ଷରୁ ଦୈନନ୍ଦିନ କିଛିନା କିଛି ପଦକ୍ଷେପ ଗ୍ରହଣ କରାଯାଉଛି। ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଉଛି, ତାହାକୁ ବିଭାଗ ଇ-ଡେସ୍‌ପାଚ୍‌ରେ ଅପ୍‌ଲୋଡ କରିବାର ନିୟମ ରହିଛି, ଯାହାଦ୍ୱାରା ଜନସାଧାରଣଙ୍କ ପାଖରେ ସରକାରଙ୍କ ସମସ୍ତ ତଥ୍ୟ ପହଞ୍ଚି ପାରିବ। ପୂର୍ବରୁ ସାଧାରଣ ଜନତା ୱେବ୍‌ସାଇଟ୍(www.edodisha.gov.in)ମାଧ୍ୟମରେ ବିଭାଗର ସବୁ ତଥ୍ୟ ଜାଣିପାରୁଥିଲେ। ବିଭାଗ ପକ୍ଷରୁ କ'ଣ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ତାହାକୁ ରାଜ୍ୟବାସୀ ଘରେ ବସି ଜାଣୁଥିଲେ। କିନ୍ତୁ ସରକାରଙ୍କ କେତେକ ବିଭାଗ ଇ-ଡେସ୍‌ପାଚ୍‌ରେ ଆଉ ଦୈନିକ ତଥ୍ୟକୁ ଅପ୍‌ଲୋଡ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି।

ଏପରି କି, ଏକ ସପ୍ତାହ ହେବ ଇ-ଡେସ୍‌ପାଚ ସାଇଟ୍‌କୁ ଯାଇ କୌଣସି ନିର୍ଦ୍ଦିଷ୍ଟ ବିଭାଗର ରିସିଭ୍ଡ ଏବଂ ଡେସ୍‌ପାଚ ବଟମ୍‌କୁ କ୍ଲିକ୍ କଲେ ଏରର ଆସୁଛି। ପ୍ରତିଦିନ ଇ-ଡେସ୍‌ପାଚ ଖୋଲୁଥିବା ଜଣେ ସରକାରୀ କର୍ମଚାରୀ ଏସ୍. ଦାଶ କୁହନ୍ତି, ୨ ମାସ ତଳେ ଏହିଭଳି ୧୦ ଦିନ ଧରି ଇ-ଡେସ୍‌ପାଚ ଅଚଳ ହୋଇ ପଡିଥିଲା। ସେତେବେଳେ ସରକାରଙ୍କ ପକ୍ଷରୁ ମେଣ୍ଟେନାନ୍ସ ଚାଲିଥିବା ସଫେଇ ଦିଆଯାଇଥିଲା। ଏବେ ଇ-ଡେସ୍‌ପାଚରେ କୌଣସି ତ୍ରୁଟି ଥିବା ସରକାରଙ୍କ ପକ୍ଷରୁ ଦର୍ଶାଯାଇନାହିଁ। ତେବେ କାହିଁକି ଏକ ସପ୍ତାହ ଧରି ଏହା ଅଚଳ ହୋଇଥିଲା ବୋଲି ଦାଶ ପ୍ରଶ୍ନ କରିଛନ୍ତି। କିନ୍ତୁ ସୋମବାର ସନ୍ଧ୍ୟା ୬ଟାରେ ପରେ ଏହା ଖୋଲୁଥିବା ଦାଶ କୁହନ୍ତି।

୩୬ ବିଭାଗ ମଧ୍ୟରୁ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ବିଏମ୍‌ସି ଏବଂ ବିଡିଏ ନାଁକୁ ୨ ବର୍ଷ ହେଲା ଜାଣିଶୁଣି କାଟି ଦିଆଯାଇଛି। ଫଳରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଏମ୍‌ସି ଏବଂ ବିଡିଏ ପାଇଁ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ସହରବାସୀଙ୍କ ଦୃଷ୍ଟିକୁ ଅଣାଯାଉନାହିଁ। ରାଜ୍ୟରେ ୮ ଉନ୍ନୟନ କର୍ତ୍ତୃପକ୍ଷ ରହିଛି। ୭ ଉନ୍ନୟନ କର୍ତ୍ତୃପକ୍ଷ ନାଁ ନଗର ଉନ୍ନୟନ ବିଭାଗ ଇ-ଡେସ୍‌ପାଚରେ ରହିଛି। କିନ୍ତୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ନାଁକୁ କାଟିଦିଆଯାଇଛି। ସେହିପରି ୫ ମହାନଗର ନିଗମ ମଧ୍ୟରୁ ୪ଟିର ନାଁ ଉନ୍ନୟନ ବିଭାଗ ଇ-ଡେସ୍‌ପାଚରେ ରହିଛି। ଅର୍ଥାତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନାଁକୁ କାଟି ଦିଆଯାଇଛି।

- ଦୈନିକ ଅପ୍‌ଲୋଡ୍ କରୁନାହାନ୍ତି ବିଭାଗ
- ତଥ୍ୟ ଲୁଚାଇବାକୁ ପ୍ରୟାସ
- ୨ ବର୍ଷ ହେଲା ବିଏମ୍‌ସି, ବିଡିଏ ନାଁ କଟିଛି

BHUBANESWAR MUNICIPAL CORPORATION

No. 35815 COMPETITIVE BIDDING THROUGH e-Procurement Dt.27/10/18

NOTICE INVITING TENDER
Bid Reference No. BMC-EED-II/08 (EL)/2018-19,Dt.27.10.2018

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** in conformity with the Detailed Tender Call Notice are invited by the Executive Engineer-II, BMC for execution of the works mentioned in the tender call notice.

Only the Bid Reference **No. (BMC-EED-II/08(EL)/2018-19)** should be written clearly over (superscribed) the envelop containing the bid documents to be submitted by each intending bidder vide Cl.4 below of "Information for the Intending Bidders" of this Notice. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. Such envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. In case of any mis-match or inconsistency or contradict among different clauses/conditions/instructions/information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency and intention of BMC behind this tendering process.

In order to keep pace with the recent developments and simplifications of tendering procedures, BMC Division No-II has been pursuing through various reforms. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. Clarifications required, if any, on any matter related to this tender notice, shall be furnished by an authorized officer, Sri Ajit Kumar Behera AEE (Tel. No.9437292355) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **08** Nos.
2. Place of Execution : Different locations of Bhubaneswar Municipal Corporation
3. Estimated Cost of Individual Work : **Rs. 110635/- to Rs. 481473/-**
4. Eligible Class of Contractors –: Registered Contractors from **ELBO** of H.V & M.V as indicated against each work in DTCN.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 AM on dt.29.10.2018 to 5 P.M on dt.06.11.2018** for online bidding.
7. Bids received online will be opened at **11 A.M on dt.09.11.2018.**
8. The bidder must possess valid Compatible **Digital Signature Certificate (DSC).**
9. The DTCN and the tender call notice for **8** Nos. of work can be seen in the e-procurement portal https://www.tendersodisha.gov.in.

On behalf of Commissioner, BMC, Bhubaneswar
Executive Engineer,BMC Division No.-II

Progress Through Partnership for a Better Bhubaneswar

ODISHA HYDRO POWER CORPORATION LTD.

OHPC
(A Government of Odisha Undertaking)
Regd. Off.: Odisha State Police Housing & Welfare Corporation Building, Vanivihar Chouk, Janpath, Bhoinagar, Bhubaneswar - 751 022, Ph. : (0674) 2542983, 2542802, 2545526, 2542826, Fax: (0674) 2542102.
E-mail: ohpc.co@gmail.com, Website: www.ohpcltd.com CIN: U40101OR1995SGC003963

ADVERTISEMENT NO.OHPC: HQ: HRD: RECTT: 01/2018 **Dated: 29/10/2018**

CAREER OPPORTUNITIES FOR YOUNG PROFESSIONALS

The Corporation intends to recruit young, bright and energetic Professionals as Diploma Engineer Trainees (DETs), Graduate Engineer Trainees (GETs) & Management Trainees (MTs) in various disciplines.

Odisha Hydro Power Corporation Limited (OHPC), an ISO 9001:2008 certified Gold rated state PSU (with installed capacity of 2063.5 MW) is a professionally managed leading profit-making State Power Utility having 6 (six) projects within the state and one inter-State Project. The Corporation offers challenging work environment & invites applications from young and dynamic professionals for the following posts at various Units and Project sites:

Posts	Electrical	Civil	Mechanical	I&C	IT	HRD	Finance	Legal	PR	Secretarial	Environment
DET	16	04	03	-	-	-	-	-	-	-	-
GET / MT	24	10	09	02	06	07	11	01	01	01	01

Important Dates :-
The Commencement of Online registration & payment of application fee - **10.11.2018.**
Last date for payment of application fee (Online/ Offline Challan) - **01.12.2018.**
The last date for submission of Online application in complete shape - **05.12.2018.**
The detailed advertisement including eligibility conditions, online submission of application and other conditions are available in the company's website – **www.ohpcltd.com**

Director (HRD)

GOVERNMENT OF ODISHA
OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA, PHASE-II, 2ND FLOOR, BHUBANESWAR

Mail ID: seccbbsr@gmail.com

E-Procurement Tender Call Notice No. 15 of 2018-19

No. 5268 (Estg.) Bhubaneswar the 23rd Oct'2018

No. 761-B:- The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for two no. road works to be received in online bidding, double cover system for construction works as detailed in https://tendersorissa.gov.in. The details of bid documents will be available in the above website from 4.00PM of 02.11.2018 to 5.00PM of 16.11.2018. The bidders must possess compatible Digital Signature Certificate of Class II or III. Bids received online shall be opened at 11.00AM of 17.11.2018 in the Office of the Superintending Engineer, Central Circle (R&B) Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the website.

Sd./- Er. R.K. Sahu
Superintending Engineer
Central Circle (R&B) Bhubaneswar

34005/11/0029/1819

GOVERNMENT OF ODISHA
SUPERINTENDING ENGINEER
PHULBANI (R&B) CIRCLE, PHULBANI

No.763-B:- E-mail-sernbphulbani@gmail.com
2nd Corrigendum to Tender Call Notice vide
Bid Identification No.SE-(R&B)-PLB-06 /2018-19. No. 1221 Dtd.04.10.2018.

No - 1338 // **Dated- 27 / 10/ 2018**

The following changes are made in respect of the Bid Identification No.SE-(R&B)-PLB-06/2018-19.
1) Date and Time of sale and receipt of Bids: From 10.00 AM of 03.11.2018 to 5.00PM of 17.11.2018.
2) Last Date for Submission of Bid:- 5.00PM of dtd. 17.11.2018.
3) Date of Opening of the Bid ; 11.00 AM of 19.11.2018.

The other terms & conditions stipulated in the Original tender call notice for all other works remain unchanged.

Superintending Engineer
Phulbani (R&B) Circle, Phulbani

34129/11/0013/1819

OFFICE OF THE TAHASILDAR, SADAR, CUTTACK

No. 7217 **Date: 29.10.2018**

The details of corrigendum published vide letter No-7213 Dt. 29.10.2018 against the sealed proposal for Event Management at Baliyatra-2018 published on Dt. 06.10.2018 in Odiya daily "Samaj" and "Dharitri". Please refer website www.cuttack.nic.in.

Sd./-
Tahasildar, Sadar, Cuttack

ପ୍ରଗତି ପଥେ ପଞ୍ଚାୟତ ସମିତି, ରାଜଗାଙ୍ଗପୁର

Letter No. : 1515 , Date : 29.10.2018

MGNREGA

୧. ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନ : ଗ୍ରାମାଞ୍ଚଳରେ ଥିବା ପ୍ରତ୍ୟେକ ପରିବାର ଅଣକୁଶଳୀ ଶ୍ରମ କରିବାକୁ ଇଚ୍ଛୁକ ସମସ୍ତ ସାବାଳକ ସଦସ୍ୟ ମାନଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନର ନିଶ୍ଚିତ କାର୍ଯ୍ୟ ଯୋଜନା।
୨. ସ୍ଥାନାନ୍ତରକୁ ରୋକିବା ପାଇଁ ଗାଁରେ ବ୍ୟବହାର ଉପଯୋଗୀ ଏବଂ ଦୀର୍ଘସ୍ଥାୟୀ ସମ୍ପଦ ସୃଷ୍ଟି ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ୩୨୬୪୭୦ ଶ୍ରମ ଦିବସ ସୃଷ୍ଟି ନିମନ୍ତେ କାର୍ଯ୍ୟ କରାଯାଇ ଅଛି। ତନ୍ମଧ୍ୟରୁ ଅଦ୍ୟାବଧି ୧୯୫୫୫୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି।
୩. ଗ୍ରାମୀଣ ଜୀବନ ଜୀବିକାର ସୁରକ୍ଷାରେ ଉନ୍ନତି ଆଣିବା ପାଇଁ ୨୭୯ ଗୋଟି ସେଚ କୂପ ନିର୍ମାଣ କରିବା ପାଇଁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି। ତନ୍ମଧ୍ୟରୁ ଅଦ୍ୟାବଧି ୧୪୦ଟି ସମ୍ପୂର୍ଣ୍ଣ ହୋଇଅଛି। ପ୍ରତ୍ୟେକ ପଞ୍ଚାୟତରେ ଏକ ବଡ ପୋଖରୀ ଏବଂ ଖେଳ ପଡିଆ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି।

ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ

୪. ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ ଓ ମଧୁବାବୁ ପେନ୍‌ସନ ଯୋଜନାରେ ୯୪୩୫୨ ହିତାଧିକାରୀଙ୍କୁ ଟ. ୩୦୦/୫୦୦ଙ୍କା ଅନୁଦାନ ପ୍ରଦାନ କରାଯାଉଛି।
୫. ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଯୋଜନାରେ ଆର୍ଥିକ ବର୍ଷ ୨୦୧୭-୧୮ରେ ମୋଟ ୬୪୭ ଜଣ ଦିବ୍ୟାଙ୍ଗ ଚିହ୍ନଟ କରାଯାଇ ପ୍ରମାଣ ପତ୍ର ସହିତ ୩୧ ଜଣକୁ ଦିବ୍ୟାଙ୍ଗ ପାଇଁ ଉଦ୍ଦିଷ୍ଟ ଆଶା ବାଡ଼ି, ତିନିଚକିଆ ସାଇକଲେ ଇତ୍ୟାଦି ସୁବିଧା ସୁଯୋଗ ପ୍ରଦାନ କରାଯାଇଛି।
୬. ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୪୩ଜଣଙ୍କୁ ସହାୟତା ରାଶି ଟ. ୨୦,୦୦୦ଙ୍କା ଲେଖାଏଁ ପ୍ରଦାନ କରାଯାଇଛି।
୭. ଚଳିତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାରେ ୧୯୪୭ ଜଣଙ୍କ ଗୃହ ନିର୍ମାଣ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ, ଅଦ୍ୟାବଧି ୧୦୧୭ ଜଣଙ୍କ ଗୃହ ନିର୍ମାଣ କାର୍ଯ୍ୟ ସରିଛି।
୮. ଖାଉଟି ସୁରକ୍ଷା ଯୋଜନାରେ ଅନ୍ତର୍ଗତ ୨୩୪୩୬ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୨୪୭୯ ଜଣକୁ ଖାଉଟି କାର୍ଡ ବଣ୍ଟନ କରାଯାଇଛି। ସର୍ବମୋଟ ଜାତୀୟ ଖାଦ୍ୟ ସୁରକ୍ଷାରେ ୯୧,୧୬୦ ଜଣକୁ ସଂଯୋଗ କରାଯାଇ ଅଛି।

Sd./- Block Development Officer, Rajgangpur

ODISHA INDUSTRIAL INFRASTRUCTURE DEVELOPMENT CORPORATION

idco ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3955/18-19/4847 Dtd: 25.10.2018

TENDER CALL NOTICE

Name of the Work	:	Service connection arrangements for Power supply to Convention Centre of North Odisha University, Baripada
Estimated Cost of the Work	:	Rs. 7,18,802.00
Period of Completion	:	15 (Fifteen) days
EMD Amount	:	Rs. 7,000.00
Cost of Bid Document	:	Rs. 4,000.00 + 720.00 (GST @ 18%)
Date of Availability of Tender	:	01.11.2018 to 05.11.2018 up to 11.00 hrs to 16.00 hrs.
Last Date of Submission of Tender	:	Upto 15.00 Hrs. of 09.11.2018
Date of Opening of Tender	:	At 16.00 Hrs. on 09.11.2018
Procurement Officer	:	Divisional Head (Electrical), IDCO, Bhubaneswar

Further details can be seen from the IDCO website **www.idco.in** or, contact Er. S.C. Sahoo, Manager (Electrical) at Tel. No. (0674) 2541766 during office hours.

Sd/-
D.H. (Electrical), IDCO, Bhubaneswar

OFFICE OF THE HEADMASTER
KASTURABA GANDHI BALIKA VIDYALAYA, SINDHIGUDA

BLOCK- NANDAHANDI, DIST.- NABARANGPUR, PIN- 764063
Cell- 9439085100 (HM), E-mail: kgbvsindhiguda@rediffmail.com

Letter No. 68/2018 Date: 29.10.2018

ଶିକ୍ଷା ଅଧିକାର

TENDER CALL NOTICE

Sealed tenders are invited from the registered / reputed firms who having valid PAN, GST registration for supply of reading writing materials & dress materials to KGBV, Sindhiguda, Block- Nandahandi, Dist- Nabarangpur. Bids should be submitted in the envelope duly marked on the top **"Tender for supply of reading writing materials & dress materials"** to the Headmistress, KGBV, Sindhiguda, Block- Nandahandi, Nabarangpur during office hours by 5.00 PM of Dt.29.11.18. The bid document shall be opened at 10.00 AM on Dt.30.11.18 in the office of the Headmistress, KGBV, Sindhiguda, Nabarangpur in the presence of the bidders or their authorized representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase committee reseves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website **http://www.opepa.in** and **nabarangpur.nic.in**.

Sd./- Headmistress, K.G.B.V., Sindhiguda, Block- Nandahandi

କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 7 ରେ ପ୍ଲଟ ନଂ – G/36 ଟିକୁ ଶ୍ରୀ ବିଷ୍ଣୁ ଚରଣ ମହାରଣା, ପିତା – ୰ କାଶୀନାଥ ମହାରଣା, ସା – ଚାନ୍ଦପୁର, ପୋ – ବଂଶ, ଥା – ନାଉଗାଁ, ଜିଲ୍ଲା – ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିଷ୍ଣୁ ଚରଣ ମହାରଣା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ କନ୍ୟା ଶ୍ରୀମତୀ ନିର୍ମଳା ମହାରଣା, ସ୍ୱା – ଶ୍ରୀ ବ୍ରଜ କିଶୋର ସ୍ୱାଇଁ, ସା – ଖଇରାଙ୍ଗ, ପୋ – ଆଶ୍ରମପାଟଣା, ଥା/ଜିଲ୍ଲା – ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି। ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ । ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

Government of Odisha, e-Procurement Notice
INVITATION FOR BIDS (IFB)

Bid Identification No. S.E.Dkl.(R&B) 07/2018-19
Email Id- sedklpwd@gmail.com
Letter No. / Dt.

No. 759-B:- The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road & Building works as detailed in the table below:

1. Name of the work : Road & Building works
2. No. of works : 5 (Five) Nos.
3. Estimated Cost : Rs.1,15,35,681/- to Rs.3,79,23,857/-
4. Cost of tender paper : Rs 10,000.00
5. Class of contractor : 'B', 'A' & Special Class
6. Period of Completion of work : 05 (Five) to 11 (Eleven) Calendar months
7. Date and time of availability of bid Document in the website : From Dt.31.10.2018 to 16.00 hours of Dt.14.11.2018
8. Date of opening of bid : Dt.15.11.2018 at 15.30 hours

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer
Dhenkanal (R&B) Circle, Dhenkanal

34132/11/0015/1819

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

bda
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ରସଂଖ୍ୟା- 27795/ ଭୁ.ଉ.କ., ଭୁବନେଶ୍ୱର ତା୧୨।୧୦।୨୦୧୮ରିଖ
KNL-419/93

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ପ୍ଲଟେଡ୍ ଡେଭେଲପ୍‌ମେଣ୍ଟ ସ୍କିମ୍ ଅନ୍ତର୍ଗତ LIG Plot No. K4-391କୁ ଶ୍ରୀ ଜଗନ୍ନାଥ ସେଠୀ, ପିତା- ରଣୀ ଚରଣ ସେଠୀ (ମୃତ), ଗ୍ରାମ- ପଦ୍ମପୁର, ପୋ.ଅ.- ପଦ୍ମପୁର, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଅଛି। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଜଗନ୍ନାଥ ସେଠୀ ଉକ୍ତ ଆବଣ୍ଟିତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦିବାକର ବେହେରା, ପିତା- ଦୁର୍ଯ୍ୟୋଧନ ବେହେରା, ଗ୍ରାମ- ସୁମପୁର, ପୋ.ଅ.- ସୁମପୁର, ଥାନା- ବୋଲଗଡ଼, ଜିଲ୍ଲା- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

GOVT. OF ODISHA
OFFICE OF THE SUPERINTENDING ENGINEER
K.B.K.MINOR IRRIGATION CIRCLE-I, BHAWANIPATNA

'e' Procurement Notice

Bid Identification No. SEKBKMIC-I / 03 / 2018-19
sekbkmi@yahoo.co.in

No. 2291 // KBKMIC-I Date – 26.10.2018

No.677-A: Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1	Name of the work	:- Renovation / Improvement work
2	No. of Works	:- 05 (Five) Nos.
3	Estimated cost	:- Approximately from Rs.119.00 lakhs to Rs.189.36 lakhs
4	Period of completion	:- 04(Four) Calendar months
5	Date and Time of availability of bid documents in the portal	:- From 02.11.2018 (10.00 AM) to 17.11.2018 up to (5.00 PM)
6	Last date / time of receipt of bids in the portal	:- 17.11.2018 (5.00 PM)
7	Date of opening of Bid	:- 19.11.2018 at 11.00 A.M. onwards
8	Date of receipt of bid cost and bid security on online payment mode	:- **From dt.02.11.2018 to 17.11.2018 up to (5.00 PM)**
9.	Date of Transparent Lottery (if cases arise)	:- **30.11.2018 at 11.00 A.M. onwards**
10.	Name and address of the OIT	:- Superintending Engineer, K.B.K.M.I. Circle-I, Bhawanipatna

** Further details can be seen from the e-Procurement market place **http://tendersodisha.gov.in**.

Superintending Engineer
K.B.K.M.I.Circle-I, Bhawanipatna

32267/11/0004/1819

OFFICE OF THE UTKAL SANGEET MAHAVIDYALAYA, BHUBANESWAR

No. 1136 / USM., Dated 26.10.2018

WALK-IN-INTERVIEW

No.28-RR:- A Walk-In-Interview for empanelment of Guest Lecturer in the Department of Odissi Dance, Chhow Dance & Hindustani Vocal of Utkal Sangeet Mahavidyalaya, Bhubaneswar one each will be held on Dt. 08.11.2018 at 2 P.M. to onwards in the Principal chamber/ Computer room/ Conference Hall of Utkal Sangeet Mahavidyalaya, BBSR. The engagement shall be purely on temporary basis with a consolidated remuneration of Rs. 400/- per class subject to maximum ceiling of Rs. 15,600/- per month. Those who have secured 55% of marks at the P.G. Level in the subject concerned shall be allowed to appear at the Interview. The interested candidates are required to report with original and photocopies of certificates, mark sheets, publications, experience and other details two hours before the scheduled time of interview.

The engagement through empanelment shall be purely temporary and for the academic session, 2018-19. The engagement can be terminated at any point of time without assigning any reason thereof. The engagement shall not confer, in any way, any right on the selected candidate to have a claim for regularization of his/her engagement.

No T.A./D.A. will be paid for attending the Interview. The undersigned reserves the right to cancel the interview without assigning any reason thereof.

03011/11/0002/1819 **Sd./- Principal**

ଶିଶୁଙ୍କ ମାଲିସ ପାଇଁ ତେଲ...

ଶିଶୁ ପାଇଁ କେଉଁ ତେଲ ଭଲ, ତାହା ବାଛିବା ଲାଗି ମା'ମାନେ ଚିନ୍ତାରେ ପଡ଼ନ୍ତି। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ତା'ଛଡ଼ା ଆପଣ ଚାହିଁଲେ ବହୁଦିନରୁ ଶିଶୁଙ୍କୁ ମାଲିସ କରିବା ଲାଗି ବ୍ୟବହାର କରାଯାଉଥିବା କେତୋଟି ତେଲ ମଧ୍ୟ ବାଛିପାରିବେ...

ନଡ଼ିଆତେଲ: ଖୁବ୍ ସହଜରେ ଏବଂ ସବୁବେଳେ ମିଳିପାରୁଥିବା ନଡ଼ିଆତେଲ ଶିଶୁଙ୍କ ମାଲିସ୍ ପାଇଁ ସବୁଠୁ ଭଲ ଅପ୍ସନ୍। କାରଣ ଏହା ଶିଶୁଙ୍କ ତ୍ୱଚା, କେଶ ଏବଂ ହାଡ଼ ଆଦିର ବିକାଶରେ ସାହାଯ୍ୟ କରିଥାଏ। ତା'ଛଡ଼ା ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି ଭାଇରାଲ୍ ଗୁଣ ଶିଶୁଙ୍କୁ ସଂକ୍ରମଣରୁ ରକ୍ଷା କରିଥାଏ। ସବୁଠୁ ବଡ଼ କଥା ହେଉଛି, ଏହାର ଶିଶୁଙ୍କ ତ୍ୱଚା ଉପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।

ଆଲମଣ୍ଡ ତେଲ: ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଇ' ଭରି ରହିଛି। ତେଣୁ ଏହି ତେଲରେ ଶିଶୁଙ୍କୁ ମାଲିସ୍ କରିବା ଦ୍ୱାରା ନା କେବଳ ତାଙ୍କ ତ୍ୱଚା କୋମଳ ଏବଂ ସୁନ୍ଦର ହେବ ବରଂ ସେମାନଙ୍କ ହାଡ଼ ମଧ୍ୟ ମଜଭୁତ ହେବ।

ଅଲିଭ୍ ତେଲ: ଏହି ତେଲ ଶିଶୁଙ୍କ ପାଇଁ ବେଶ୍ ଉପକାରୀ। ବିଶେଷକରି ଯେଉଁ ଶିଶୁଙ୍କ କେଶ ଭଲ ଭାବେ ଉଠି ନ ଥାଏ ସେମାନଙ୍କ ମୁଣ୍ଡରେ ଏହାକୁ ମାଲିସ୍ କରିବା ଦ୍ୱାରା ଘନ କେଶ ଉଠିଥାଏ ବୋଲି ବିଶ୍ୱାସ କରାଯାଏ। ତା'ଛଡ଼ା ଏହାର ଅନ୍ୟାନ୍ୟ ଉପକାରିତା ଦୃଷ୍ଟିରୁ ଅଧିକାଂଶ ମା' ଏହି ତେଲରେ ଶିଶୁଙ୍କୁ ମାଲିସ୍ କରିବାକୁ ପସନ୍ଦ କରନ୍ତି।

ସୋରିଷତେଲ: ଏହି ତେଲ ସାଧାରଣତଃ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ହେଲେ ଏହା ବେବି ମସାଜ୍ ଅଏଲ୍ ଭାବେ ମଧ୍ୟ ବେଶ୍ ଲୋକପ୍ରିୟ। ଏହା ଶିଶୁଙ୍କ ଶରୀରକୁ ଗରମ ରଖିବା ସହ ଥଣ୍ଡା, କାଶ ଭଳି ସମସ୍ୟାଠୁ ଦୂରେଇ ରଖେ। ବିଶେଷକରି ଶୀତଦିନେ ଏହି ତେଲ ଶିଶୁଙ୍କ ସୁରକ୍ଷା ପାଇଁ ସବୁଠୁ ଭଲ। ଏହା ଶିଶୁଙ୍କୁ ସଂକ୍ରମଣରୁ ବି ଦୂରେଇ ରଖିଥାଏ।

ଆତ୍ମସମୀକ୍ଷା

ସମସ୍ତଙ୍କ ପ୍ରିୟଭାଜନ ହେବାକୁ କିଏ ବା ନ ଚାହେଁ। ସେଥିପାଇଁ ନିଜର ଉତ୍ତମ ବ୍ୟବହାର ଏବଂ କାର୍ଯ୍ୟକଳାପ ପ୍ରତି ସମସ୍ତେ ଗୁରୁତ୍ୱ ଦେଇଥାନ୍ତି। ତଥାପି ବି କିଛି ଗୁଣ କେତେଜଣଙ୍କୁ ଅନ୍ୟମାନଙ୍କ ନିକଟରେ ଅପ୍ରିୟ କରାଇଥାଏ। ତେବେ କେଉଁ ଗୁଣ ବା ଅଭ୍ୟାସ ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣୁଛି କିମ୍ବା ଅନ୍ୟର ମାନସିକତାକୁ ପ୍ରଭାବିତ କରୁଛି ଆତ୍ମସମୀକ୍ଷା କରି ତାକୁ ସୁଧାରିବା ହିଁ ଜଣେ ଭଲ ମଣିଷର ପରିଚୟ...

ଅଧିକାଂଶ ମହିଳା ସାଧାରଣତଃ ସ୍ୱଭାବରେ ଗପୁଡ଼ି। ପଡ଼ୋଶୀ, ସାଙ୍ଗସାଥୀ, ସହକର୍ମୀ ହୁଅନ୍ତୁ କିମ୍ବା ପରିଚିତଙ୍କୁ ଏକାଠି ପାଇଲେ ମେଳିଯାଏ ସେମାନଙ୍କ ଗପସପରା ; ଯାହାକି ସେମାନଙ୍କୁ ଖୁବ୍ ଆନନ୍ଦ ଦେଇଥାଏ ସତ ହେଲେ ଏହି ଗପିବା ଭିତରେ କେତେଜଣଙ୍କର କିଛି ଅଭ୍ୟାସ ହିଁ ସେମାନଙ୍କୁ ଅନ୍ୟମାନଙ୍କ ପ୍ରିୟଭାଜନ ହେବାରୁ ବଞ୍ଚିତ କରିଥାଏ। ତେବେ ଅଜାଣତରେ କରୁଥିବା କେଉଁ ଭୁଲ୍ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ଆତ୍ମସମୀକ୍ଷା କରିବା ସହ ସାମାଜିକ ସମ୍ବନ୍ଧ ଖରାପ ହେବା ତଥା ଅନ୍ୟମାନେ ଆପଣଙ୍କଠାରୁ ଦୂରେଇବା ଆରମ୍ଭ କରିବା ପୂର୍ବରୁ ଏହାକୁ ସୁଧାରିବା ଆବଶ୍ୟକ....

ଅନ୍ୟ କଥାରେ ମୁଣ୍ଡ ଖେଳାଇବା: ଅନ୍ୟର ସୁଖ ଦୁଃଖରେ ଠିଆହେବା ଏବଂ ଯଥା ସମ୍ଭବ ସହଯୋଗ କରିବା ଜଣେ ଉତ୍ତମ ମଣିଷର କର୍ତ୍ତବ୍ୟ। ହେଲେ ଉପରେ ପଡି ଅନ୍ୟ କଥାରେ ମୁଣ୍ଡ ଖେଳାଇବାର ବଦଭ୍ୟାସ କେତେକଙ୍କ ଠାରେ ରହିଛି। ଅନ୍ୟ କେହି ନିଜ ବ୍ୟକ୍ତିଗତ ଜୀବନରେ ମୁଣ୍ଡଖେଳାଇବା ସମସ୍ତଙ୍କୁ ପସନ୍ଦ ନୁହେଁ। ତେଣୁ ଏପରି କରିବା ଦ୍ୱାରା ଅନ୍ୟମାନଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଏବଂ ସେମାନେ ଆପଣଙ୍କଠାରୁ ଦୂରତ୍ୱ ରଖିବାକୁ ଚେଷ୍ଟା କରିପାରନ୍ତି।

ପରଚର୍ଚ୍ଚା କରିବା: କଥା କଥାରେ ସର୍ବଦା ଅନ୍ୟର ଉଦାହରଣ ଦେବା, ଅନ୍ୟର ଦୋଷ ତ୍ରୁଟି ଖୋଜିବୁଲିବା, ପଛରେ ତାଚ୍ଛଲ୍ୟ କରିବା ଏବଂ କିଏ କ'ଣ କରୁଛି ସେ ସମ୍ପର୍କରେ ଆଲୋଚନା କରିବା ମଧ୍ୟ କେତେଜଣଙ୍କ ବଦଭ୍ୟାସ । ହେଲେ ସର୍ବସମ୍ମୁଖରେ ଏହି ପରଚର୍ଚ୍ଚା ଯେ ସେମାନଙ୍କ ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣୁଛି ଏକଥା ସେମାନେ ଭୁଲିଯାଆନ୍ତି। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ନିବୃତ୍ତ ରଖିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

ଅଯଥା ଯୁକ୍ତି: କଥା କଥାରେ ରାଗିବା, ଯୁକ୍ତିକରିବା, ଅନ୍ୟପକ୍ଷ ଶୁଣିବା ପରିବର୍ତ୍ତେ କେବଳ ନିଜ ମତ ରଖିବା ଏମିତିକି ବାକ୍‌ସଂଯମ ହରାଇ ଅନ୍ୟକୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇବା ଭଳି ବଦଗୁଣ ବି ଅନେକଙ୍କଠାରେ ରହିଛି। ହେଲେ ଏପରି କରିବା ଦ୍ୱାରା ସମସ୍ତଙ୍କ ଦୃଷ୍ଟିରେ ଆପଣଙ୍କ ପ୍ରତି ଏକ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଏବଂ ସମସ୍ତେ କଳିକୁଡି ବୋଲି ଘୃଣା ଦୃଷ୍ଟିରେ ଦେଖିଥାନ୍ତି। ତେଣୁ ଯଦି କେବେ ଅନ୍ୟମାନେ ଆପଣଙ୍କଠାରୁ ଦୂରତ୍ୱ ରକ୍ଷା କରୁଥିବା ଅନୁଭବ କରନ୍ତି ତେବେ ଆତ୍ମସମୀକ୍ଷା କରି ଏହାର କାରଣ ବୁଝିନ୍ତୁ ଏବଂ ଯଦି ନିଜର କ୍ରୋଧ ଭାବନା, ଅଯଥା ତର୍କକରିବା ଏବଂ ଆକ୍ରୋଶମୂଳକ ଆଚରଣ ଏଥିପାଇଁ ଦାୟୀ ବୋଲି ମନେହୁଏ ତେବେ ଏହାଠାରୁ ଦୂରେଇ ରୁହନ୍ତୁ।

ଅନାବଶ୍ୟକ ପରାମର୍ଶ ଦେବା: ଆବଶ୍ୟକ ସମୟରେ କାହାକୁ ଉଚିତ ପରାମର୍ଶ ଦେବା କୌଣସି ସହଯୋଗଠୁ କମ୍ ନୁହେଁ। ହେଲେ କେହି ପରାମର୍ଶ ଲୋଡ଼ିବା ପୂର୍ବରୁ ତାଙ୍କ ବ୍ୟକ୍ତିଗତ ଜୀବନରେ ଅଯଥାରେ ହସ୍ତକ୍ଷେପ କରିବା ଓ ଉପରେ ପଡି ପରାମର୍ଶ ଦେବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା କଥାର ଓଜନ କମିବା ସହ ଆପଣଙ୍କ ଉଚିତ ପରାମର୍ଶକୁ ବି ଅନ୍ୟମାନେ ଧୀରେ ଧୀରେ ହେୟଜ୍ଞାନ କରିବା ଆରମ୍ଭ କରିଦେବେ।

ଆତ୍ମପ୍ରଶଂସା: ସମାଜରେ ଏମିତି ଅନେକ ମହିଳା ଅଛନ୍ତି, ଯେଉଁମାନେ ନିଜର ପ୍ରଶଂସା ନିଜ ମୁହଁରେ ଗାଇବୁଲନ୍ତି। ଏଥିରେ ସେମାନେ ଏତେ ମଜ୍ଜିଯାଆନ୍ତି ଯେ, ସାଙ୍ଗରେ ଥିବା ଅନ୍ୟମାନଙ୍କ ସୁଖ, ଦୁଃଖ, ମାନସିକତା ଆଦି ଜାଣିବାକୁ ଚେଷ୍ଟା ମଧ୍ୟ କରନ୍ତି ନାହିଁ। ଏମିତିକି ଆତ୍ମପ୍ରଶଂସାରେ ବିଭୋର ହୋଇ ସେମାନେ ଅନ୍ୟକୁ କିଛି କହିବାର ସୁଯୋଗ ମଧ୍ୟ ଦିଅନ୍ତି ନାହିଁ। ଏଠାରେ ମନେରଖିବା ଆବଶ୍ୟକ ଯେ, କିଛି ଭଲ ଗୁଣ ଥିଲେ କିମ୍ବା କାର୍ଯ୍ୟ କଲେ ଆପେଆପେ ସଭିଙ୍କ ମୁହଁରୁ ପ୍ରଶଂସାର ସୁଅ ଛୁଟିଆସିବ। ହେଲେ ବାରମ୍ବାର ଆତ୍ମପ୍ରଶଂସା କରିବାଦ୍ୱାରା ନା କେବଳ ଆପଣ ପରିହାସର ପାତ୍ରୀ ହେବେ ବରଂ ଇଚ୍ଛା ନ ଥିବା ସତ୍ତ୍ୱେ ଯେଉଁମାନେ ଶିଷ୍ଟାଚାର ଦୃଷ୍ଟିରୁ ଆପଣଙ୍କ କଥା ଶୁଣୁଥିଲେ, ସେମାନେ ମଧ୍ୟ ଆପଣଙ୍କ ଠାରୁ ଦୂରେଇବା କିମ୍ବା ଅଣଦେଖା କରିବା ଆରମ୍ଭ କରିଦେବେ।

ନିନ୍ଦା କରିବା: କାହାର ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସହି ନ ପାରି ନିନ୍ଦା କରିବା, ନିଜର କୌଣସି ଦୋଷତ୍ରୁଟି ଥିଲେ ତାହାକୁ ଅନ୍ୟ ମୁଣ୍ଡରେ ଲଦିଦେବା ଭଳି ମାନସିକତା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିପାରେ। ତେଣୁ ଅନ୍ୟର ପ୍ରଶଂସା କରିବା ଶିଖନ୍ତୁ । ହେଲେ ମନେରଖନ୍ତୁ କାମ ହାସଲ କରିବା ଉଦ୍ଦେଶ୍ୟରେ ମଧ୍ୟ କାହାକୁ ଅଯଥା ପ୍ରଶଂସା କରିବା ବି ଠିକ୍ ନୁହେଁ।

ଥଟ୍ଟା କରିବା: ଥଟ୍ଟା, ମଜା ବା ବ୍ୟଙ୍ଗାତ୍ମକ ଆଚରଣ ନିଶ୍ଚିତ ଭାବେ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। କାରଣ ଏହା ସମସ୍ତଙ୍କ ପାଇଁ କିଛି ସମୟ ଖୁସିର ମାହୋଲ ସୃଷ୍ଟି କରିଥାଏ। ହେଲେ ଏହି ଥଟ୍ଟାମଜା ବି ସୀମା ଲଙ୍ଘିଲେ ସମ୍ପର୍କରେ ଫାଟ ସୃଷ୍ଟିହେବାର କାରଣ ସାଜିଥାଏ। ଏଣୁ ଥଟ୍ଟା ଆଳରେ କାହାକୁ ସର୍ବସମ୍ମୁଖରେ ପରିହାସ କରିବା, ଅପମାନିତ କରିବା, କଷ୍ଟ ଦେବା କିମ୍ବା ଅସୁବିଧାରେ ପକାଇବା ଭଳି କାର୍ଯ୍ୟ ଆଦୌ କରନ୍ତୁ ନାହିଁ।

କ'ଣ କୁହନ୍ତି ଏମାନେ...

ରୋଜାଲିନ୍

ରୋଜାଲିନ୍ ଶତପଥୀ(ଶିକ୍ଷୟିତ୍ରୀ, ଭୀମପୁର, ପାହାଳ, ଖୋର୍ଦ୍ଧା)– ପ୍ରତ୍ୟେକ ମଣିଷ ପାଖରେ ଭଲ ସହ କିଛି ଖରାପ ଗୁଣ ଥାଏ। ହେଲେ ଯଦି ଜଣେ ଆତ୍ମସମୀକ୍ଷା କରି ନିଜ ଖରାପ ଗୁଣକୁ ଯଥା ସମୟରେ ସୁଧାରିପାରେ ସେ ସମସ୍ତଙ୍କର ପ୍ରିୟ ହୋଇପାରେ। ନିଜ କଥା କହିବି ଜାଣତରେ ଏଭଳି କିଛି କଥା କହେନାହିଁ ଯାହା କାହାର ମାନସିକତାକୁ ଆଘାତ କରିବ। ସେହିପରି କାହା ପଛରେ ଗପିବା, ପରିହାସ କରିବା କିମ୍ବା ଅନାବଶ୍ୟକ ପରାମର୍ଶ ଦେବାଠୁ ନିଜକୁ ଦୂରେଇ ରଖେ।

ସୁଜାତା

ସୁଜାତା ନାୟକ(ଗୃହିଣୀ, ଛତିଆ, ଯାଜପୁର)– ସମସ୍ତଙ୍କ ନିକଟରେ ଜଣେ ଭଲ ମଣିଷର ପରିଚୟ ସୃଷ୍ଟି କରିବା ଏବଂ ନିଜ ଆତ୍ମସମ୍ମାନ ବଜାୟ ରଖିବା ଏତେ ସହଜ ନୁହେଁ। ସେଥିପାଇଁ ନିଜ କାର୍ଯ୍ୟକଳାପ, ଆଚରଣ ଏବଂ ବିଶେଷକରି ବାକ୍‌ସଂଯମତା ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ମୁଁ ଭାବିଥାଏ। ତେଣୁ ଆତ୍ମପ୍ରଶଂସା କରିବା, ଅନ୍ୟମାନଙ୍କ କଥାରେ ମୁଣ୍ଡଖେଳେଇବା, ଅଯଥା ଯୁକ୍ତି କରିବା ଆଦି କାର୍ଯ୍ୟଠୁ ନିବୃତ୍ତ ରହିଥାଏ।

ଘରୋଇ ଟିପ୍ସ

★ ବଦହଜମୀ ସମସ୍ୟା ଦୂର କରିବା ଲାଗି ଜିରା ସବୁଠୁ ଭଲ ପ୍ରାକୃତିକ ଔଷଧ। ଏହା ଖାଦ୍ୟ ହଜମରେ ସାହାଯ୍ୟ କରୁଥିବା ଏନ୍‌ଜାଇମ୍ ବୃଦ୍ଧି କରିଥାଏ।

★ ଜିରାରେ ପ୍ରଚୁର ପରିମାଣରେ ଆଇରନ୍ ରହିଛି। ତେଣୁ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିବା ଦ୍ୱାରା ରତୁସ୍ରାବ ସମୟରେ ଅଧିକ ରକ୍ତସ୍ରାବ ଯୋଗୁ ଶରୀରରୁ ହେଉଥିବା ଆଇରନ୍ କ୍ଷୟ ଏବଂ ଏଥିନେଇ ହେଉଥିବା ଦୁର୍ବଳତା ଦୂର ହୋଇଥାଏ। ଏହା ହିମୋଗ୍ଲୋବିନ୍ ମାତ୍ରା ବଢାଇବାରେ ମଧ୍ୟ ସାହାଯ୍ୟ କରଥାଏ।

★ ଝାଡାବାନ୍ତି ହେଉଥିଲେ ତାହା ଦହି ସହ ୫ଗ୍ରାମ ଜିରା ପାଉଡର ମିଶାଇ ଖଶଇବା ଦ୍ୱାରା ସଙ୍ଗେ ସଙ୍ଗେ ଉପଶମ ମିଳିଥାଏ।

★ କେଶ ଝଡିବା କିମ୍ବା ନିର୍ଦ୍ଦିଷ୍ଟ କୌଣସି ଭାଗରୁ କେଶ କ୍ଷୟ ହୋଇ ଚନ୍ଦା ଦେଖାଯାଉଛି ତେବେ ଉକ୍ତ ସ୍ଥାନରେ କଳା ଜିରା ତେଲ ଲଗାନ୍ତୁ। କିଛି ଥର ଏପରି କରିବା ଦ୍ୱାରା କେଶ ଝଡିବା ବା ବନ୍ଦ ହୋଇଯିବ। ତା' ଛଡା ଏହା କେଶକୁ ଲମ୍ବା ଏବଂ ଘନ କରିବାରେ ସାହାଯ୍ୟ କରିଥାଏ।

★ ରତୁସ୍ରାବରେ ଅନିୟମିତତା ଦେଖା ଦେଉଥିଲେ ଏକ ଗ୍ଲାସ୍ ପାଣିରେ ଏକ ଚାମ ଜିରା ମିଶାଇ ଫୁଟାନ୍ତୁ ଏବଂ ଥଣ୍ଡା କରି ଉକ୍ତ ପାଣିକୁ ପିଅନ୍ତୁ। ପ୍ରତିଦିନ ଏପରି କରବା ଦ୍ୱାରା ସମସ୍ୟା ଦୂର ହୋଇପାରିବ।

ଖାଦ୍ୟଗୁଡି

ଆଳୁ ଟିକ୍କି

ଆବଶ୍ୟକ ସାମଗ୍ରୀ: ସିଝା ଆଳୁ ୪ଟା, କଟା ଧନିଆପତ୍ର, କଞ୍ଚାଲଙ୍କା ୨ଟା, ଚାଟ୍ ମସଲା ଅଧା ଚାମଚ, ଗରମ ମସଲା ଅଧା ଚାମଚ, ଜିରା ଗୁଣ୍ଡ ଅଧାଚମଚ, ମଇଦା ଦୁଇ ବଡ଼ ଚାମଚ, ତେଲ, ପାଣି, ବ୍ରେଡ୍ ଗୁଣ୍ଡ, ଲୁଣ ସ୍ୱାଦାନୁସାରେ ।

ପ୍ରସ୍ତୁତି ପ୍ରଣାଳୀ: ସିଝା ଆଳୁରୁ ଚୋପା ଛଡାଇ ସେଥିରେ ଲୁଣ, ଲଙ୍କା, ଧନିଆପତ୍ର ଏବଂ ସମସ୍ତ ମସଲାଗୁଣ୍ଡ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ ଛୋଟ ଛୋଟ ଗୋଲ କରି ହାତରେ ଅଳ୍ପ ଚାପି ଟିକ୍କି ପ୍ରସ୍ତୁତ କରି ରଖନ୍ତୁ। ଏକ ପାତ୍ରରେ ମଇଦାରେ ପାଣି ଗୋଳାନ୍ତୁ। ଚୁଲାରେ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ଗୋଲ କରି ରଖିଥିବା ଆଳୁ ଚକଟାକୁ ଗୋଳା ମଇଦାରେ ବୁଡାନ୍ତୁ ଏବଂ ବ୍ରେଡ୍ ଗୁଣ୍ଡରେ ଲଗାଇ ଛାଣନ୍ତୁ। ପ୍ରସ୍ତୁତ ହୋଗଲା ଆଳୁ ଟିକ୍କି। ଏହାକୁ ଚଟଣି କିମ୍ବା ସସ୍ ସହିତ ଗରମ ଗରମ ପରଷନ୍ତୁ।

ସୌନ୍ଦର୍ଯ୍ୟ



ଗ୍ଲିଟର ଆଇଶ୍ୟାଡୋ

ଆଇ ମେକ୍‌ଅପ୍ ମୁହଁକୁ ଅଧିକ ଆକର୍ଷଣୀୟ କରିଥାଏ ; ଯେଉଁଥିପାଇଁ ଅଧିକାଂଶଙ୍କୁ ବିଭିନ୍ନ ପ୍ରକାର ଆଇ ବ୍ୟୁଟିପ୍ରଡକ୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯାହା ମଧ୍ୟରେ ବର୍ତ୍ତମାନ ଗ୍ଲିଟର ଆଇଶ୍ୟାଡୋ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଯଦି ଆପଣ ବି ଏହାଦ୍ୱାରା ନିଜ ଆଖିର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଚାହୁଁଛନ୍ତି ତେବେ ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର କେତୋଟି ଉପାୟ...

❖ ଏହାକୁ ପ୍ରଥମଥର ଲଗାଉଥିଲେ କୌଣସି ବ୍ୟୁଟି ଏକ୍ସପର୍ଟଙ୍କଠାରୁ ଆପଣଙ୍କୁ କେଉଁ ଶ୍ୟାଡୋ ସୁଟ୍ କରିବ ପରାମର୍ଶ ନିଅନ୍ତୁ। ଠିକ୍ ବ୍ରାଣ୍ଡ୍ ତଥା କ୍ୱାଲିଟି ସମ୍ପର୍କରେ ଜାଣିବା ଦ୍ୱାରା ନା କେବଳ ଆପଣଙ୍କ ଆଖି ଆକର୍ଷଣୀୟ ଲାଗିବ ବରଂ ସୁରକ୍ଷିତ ମଧ୍ୟ ରହିବ।

❖ ଗ୍ଲିଟର୍ ଆଇଶ୍ୟାଡୋ ସାଧାରଣତଃ ଅଧିକ ସାଇନିଂ ହୋଇଥିବାରୁ ଏହାକୁ ପାର୍ଟି, ଫଙ୍କଶନ୍ ଆଦି ସମୟରେ ଲଗାଇଲେ ଭଲ ଲାଗିଥାଏ। ତେଣୁ ଏଭଳି କୌଣସି ବିଶେଷ ଅବସର ଥିଲେ ନିଜ ଡ୍ରେସ୍ କଲର ସହ ମ୍ୟାଚ୍ କରୁଥିବା ଆଇଶ୍ୟାଡୋ ବାଛନ୍ତୁ। ଯଦି ତାହା ଉପଲବ୍ଧ ନାହିଁ ତେବେ ସବୁ ପୋଷାକର ରଙ୍ଗ ସହ ମ୍ୟାଚ୍ କରୁଥିବା ଭଳି ୟୁନିଭର୍ସାଲ ରଙ୍ଗ ଯଥା– ହ୍ୱାଇଟ୍, ସିଲଭର୍, ଗୋଲ୍ଡେନ୍ ଆଦି ବାଛନ୍ତୁ।

❖ ଆଇଶ୍ୟାଡୋ ଲଗାଇବା ପୂର୍ବରୁ ପ୍ରିମିୟର ଲଗାଇବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଗ୍ଲିଟରର ସୁନ୍ଦରତା ଆହୁରି ଅଧିକ ବଢ଼ିଯାଇଥାଏ ଏବଂ ଏହା ଦୀର୍ଘ ସମୟ ପାଇଁ ମଧ୍ୟ ରହିଥାଏ।

❖ ସେହିପରି ଯଦି ଆପଣ ବେସ୍ କଲର ଲଗାଇବା ପରେ ଏହାକୁ ବ୍ୟବହାର କରୁଛନ୍ତି ତେବେ ମେକ୍‌ଅପ୍ ଅପେକ୍ଷାକୃତ ଅଧିକ ଆକର୍ଷଣୀୟ ଲାଗିବ।

❖ ଗ୍ଲିଟର ଆଇଶ୍ୟାଡୋ କ୍ରିମ୍ ବେସ୍‌ଡ୍ ବାଛିଲେ ଭଲ। ଯଦି ନ ମିଳୁଛି ତେବେ ଭେସ୍‌ଲିନ୍ କିମ୍ବା ଜେଲ୍ ଲଗାଇବା ପରେ ଏହାକୁ ଲଗାନ୍ତୁ। ଏପରି କରିବା ଦ୍ୱାରା ଗ୍ଲିଟର ବୋଳିହୋଇ କିମ୍ବା ଛାଡ଼ିଯାଇ ମେକ୍‌ଅପ୍ ଖରାପ ହୋଇ ନ ଥାଏ ଏବଂ ଅପେକ୍ଷାକୃତ ଅଧିକ ସମୟ ମଧ୍ୟ ରହିଥାଏ।

❖ ଏହାକୁ ଲଗାଇବା ଲାଗି କ୍ୟୁ ଟିପ୍ କିମ୍ବା ଗ୍ଲିଟର ଆପ୍ଲିକେଟର ବ୍ୟବହାର କରନ୍ତୁ। ପ୍ରଥମେ ସିଙ୍ଗଲ କୋଟ୍ ଲଗାଇ ଦେଖନ୍ତୁ। ଠିକ୍ ଭାବେ ଲାଗିଲେ ଧୀରେ ଧୀରେ ଡବଲ କୋଟ୍ ଲଗାନ୍ତୁ।

❖ ମନେରଖନ୍ତୁ ଏହି ମେକ୍‌ଅପ୍ ଛଡ଼ାଇବା ସମୟରେ କେବଳ ମୁହଁ ଧୋଇବା ପରିବର୍ତ୍ତେ କଟନ୍‌ରେ ବେବି ଅଏଲ୍ କିମ୍ବା ମେକ୍‌ଅପ୍ ରିମୁଭରରେ ଧୀରେ ଧୀରେ ପୋଛନ୍ତୁ।



"ବଜାର ଟ୍ରେଣ୍ଡକୁ ଧ୍ୟାନରେ ରଖି ଗ୍ରାହକଙ୍କୁ ସୁଲଭ ମୂଲ୍ୟଯୁକ୍ତ ଉତ୍ପାଦ ଯୋଗାଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ।
– ଲିଓ ଜୋସେଫ, ବରିଷ୍ଠ ନିର୍ଦ୍ଦେଶକ, ଏଚ୍‌ପି ଇଣ୍ଡିଆ

"ଦିଲ୍ଲୀ-ମୁମ୍ବାଇ ଶିଳ୍ପ କରିଡର ସହ ଅନ୍ୟ କ୍ଷେତ୍ରରେ ନିବେଶ ନେଇ ରୁଷିଆ ସହ ଆଲୋଚନା ଜାରି ରହିଛି।
– ସୁରେଶ ପ୍ରଭୁ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ

ସଂକ୍ଷେପରେ

ପିଏନ୍‌ବି ମହାଦୁର୍ନୀତି ନୀରବ ମୋଦି ପଳାତକ ମାମଲାକୁ ବିରୋଧ କଲେ

ନୂଆଦିଲ୍ଲୀ,୨୯-୧୦: ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ପଳାତକ ଅପରାଧୀ ଘୋଷଣା କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପିଏମ୍‌ଏଲ୍‌ଏ ଅଦାଲତରେ ଆବେଦନ କରିଛି। ତେବେ ନୀରବ ଏହାକୁ ବିରୋଧ କରିଛନ୍ତି। ସେ ଏହି ମାମଲାକୁ ଖାରଜ କରିବା ଲାଗି ସ୍ୱତନ୍ତ୍ର ଅଦାଲତରେ ଏକ ଆବେଦନ ଦାଖଲ କରିଛନ୍ତି। ବିଚାରପତି ଏମ.ଏସ୍ ଆଜମୀଙ୍କ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ଅଦାଲତରେ ସୋମବାର ନୀରବ ମୋଦି ୧୦ଟି ଆବେଦନ କରିଛନ୍ତି। ଇଡି ପକ୍ଷରୁ ଦାଖଲ ଆବେଦନ ଆଇନସମ୍ମତ ନୁହେଁ ବୋଲି ମୋଦି ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ଆଇନାନୁଯାୟୀ ଏଭଳି ଆବେଦନ କେବଳ ଡାଇରେକ୍ଟର କିମ୍ବା ଡାଇରେକ୍ଟରଙ୍କ ଦ୍ୱାରା ଅଧିକୃତ ଡେପୁଟି ଡାଇରେକ୍ଟର ହିଁ କରିପାରିବେ। କିନ୍ତୁ ନୀରବ ମୋଦିଙ୍କ ବିରୋଧରେ ଡେପୁଟି ଡାଇରେକ୍ଟର ଟି.ମହେଶ ଚନ୍ଦ୍ର ରେଡ୍ଡୀ ଆବେଦନ କରିଛନ୍ତି। ତାଙ୍କୁ ଏଥିପାଇଁ ଡାଇରେକ୍ଟର ଅଧିକୃତ କରିନାହାନ୍ତି। ଏହାଛଡା ଏ ସଂକ୍ରାନ୍ତରେ ଏକ ଅର୍ଡିନାନ୍ସ ବଳବତ୍ତର ଥିବା ବେଳେ ଉକ୍ତ ଆଇନ ଚଳିତ ବର୍ଷ ଜୁଲାଇ ୨୫ରେ ସଂସଦର ଅନୁମୋଦନ ଲାଭ କରିଛି। ଏଣୁ ଅର୍ଡିନାନ୍ସ ବେଳେ ହୋଇଥିବା ଆବେଦନ ଗ୍ରହଣୀୟ ହେବନି।

୭୫ ବିଲିୟନ ମୁଦ୍ରା ବିନିମୟ ଲାଗି ଭାରତ-ଜାପାନ ଚୁକ୍ତି

ନୂଆଦିଲ୍ଲୀ,୨୯-୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରତିପକ୍ଷ ସିଞ୍ଜୋ ଆବେଙ୍କ ଉପସ୍ଥିତିରେ ସୋମବାର ଭାରତ ଓ ଜାପାନ ମଧ୍ୟରେ ୭୫ ବିଲିୟନ ଡଲାର ମୁଦ୍ରା ବିନିମୟ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ବୈଦେଶିକ ମୁଦ୍ରାରେ ସ୍ଥିରତା ଆସିବା ସହିତ ଭାରତୀୟ ଆର୍ଥିକ ବଜାର ପ୍ରତି ନିବେଶକଙ୍କ ଭରସା ବୃଦ୍ଧି ପାଇବ। ମୁଦ୍ରା ବିନିମୟ ଚୁକ୍ତି ସ୍ୱାକ୍ଷର ଦ୍ୱାରା ଦୁଇ ଦେଶ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ସହଯୋଗିତା ବୃଦ୍ଧି ପାଇବା ସହିତ ସମ୍ପର୍କ ଅଧିକ ଦୃଢ଼ିଭୂତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଆମେରିକାରେ ଡଲାର ଶକ୍ତିଶାଳୀ ହେବା କାରଣରୁ ନିବେଶକମାନେ ଭାରତ ସମେତ ବିକାଶଶୀଳ ଦେଶରୁ ସେମାନଙ୍କ ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଟଙ୍କାର ମୂଲ୍ୟ ହ୍ରାସ କାରଣରୁ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ଏପ୍ରିଲ-ଜୁନ ତ୍ରୈମାସିକରେ ଜିଡିପିର ୨.୪%ରେ ପହଞ୍ଚିଛି।

ଚାଇନାରୁ ଆମଦାନୀ ଲାଗି ୟୁଆନ ହେବ ମାଧ୍ୟମ

ନୂଆଦିଲ୍ଲୀ,୨୯-୧୦: ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଏହି କାରଣରୁ ଡଲାର ବଦଳରେ ୟୁଆନ ଜରିଆରେ ପଡୋଶୀ ଦେଶ ଚାଇନାରୁ ସାମଗ୍ରୀ ଆମଦାନୀ ଲାଗି ଭାରତ ଏବେ ବିଚାର କରୁଛି। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ କାରବାର ଅଧିକ ସୁଗମ ହେବ ଏବଂ ଟଙ୍କା ମୂଲ୍ୟ ହ୍ରାସ ଜନିତ ବିପଦରୁ ଭାରତ ବେଶ୍ ସୁରକ୍ଷିତ ରହିପାରିବ। ଚାଇନାକୁ ରପ୍ତାନି ହେବାକୁ ଥିବା ଔଷଧ, ତୈଳବୀଜ ଏବଂ ଚିନିକୁ ଟଙ୍କା ମାଧ୍ୟମରେ କାରବାର କରିବାକୁ ଭାରତ ଏବେ ଚିନ୍ତା କରୁଛି। ଦୁଇ ଦେଶ ମଧ୍ୟରେ ମୁଦ୍ରା ବିନିମୟ ହୋଇପାରୁ ନ ଥିବାରୁ ଭାରତ ଓ ଚାଇନା ମଧ୍ୟରେ ଡଲାର ମାଧ୍ୟମରେ କାରବାର ହୋଇଥାଏ।

ସେନସେକ୍ସ ୭୧୮ ପଏଣ୍ଟ ବୃଦ୍ଧି

ମୁମ୍ବାଇ,୨୯-୧୦: ଦୀପାବଳି ପୂର୍ବରୁ ସୋମବାର ଶେୟାର ବଜାରରେ ଜବରଦସ୍ତ ବୃଦ୍ଧି ପରିଲକ୍ଷିତ ହୋଇଛି। ସେନସେକ୍ସ ୭୧୮.୦୯ ପଏଣ୍ଟ(୨.୧୫%)ର ବୃଦ୍ଧି ସହିତ ୩୪,୦୬୭.୪୦ରେ ଏବଂ ନିଫ୍ଟି ୨୨୧.୩୦ ପଏଣ୍ଟ(୨.୨୧%) ମଜଭୁତ ସହିତ ୧୦,୨୫୧.୩୦ରେ ବନ୍ଦ ହୋଇଛି। ସକାଳେ ସେନସେକ୍ସ ବୃଦ୍ଧି ସହିତ ଖୋଲିଥିଲା। କିଛି ସମୟ ପରେ ଏଥିରେ ହ୍ରାସ ପରିଲକ୍ଷିତ ହୋଇଥିଲା। ଦ୍ୱିପ୍ରହର ପରେ ଅପରାହ୍ନ ୩ଟା ୧୮ ପରେ ସେନସେକ୍ସ ୭୩୨.୬୪ ଅର୍ଥାତ ୨.୨୦% ବୃଦ୍ଧି ସହିତ ୩୪,୦୪୪.୪୫ପଏଣ୍ଟରେ ପହଞ୍ଚି ଯାଇଥିଲା। ସେହିପରି ନିଫ୍ଟି ମଧ୍ୟ ୨୨୭.୬୫ ପଏଣ୍ଟ ଅର୍ଥାତ ୨.୨୭% ମଜଭୁତ ହୋଇ ୧୦,୨୫୭.୬୫ ପଏଣ୍ଟରେ ଟ୍ରେଡ ହୋଇଥିଲା। ଏହାର କିଛି ସମୟ ପରେ ଏକ ସମୟରେ ସେନସେକ୍ସରେ ୭୯୬ ପଏଣ୍ଟ ବୃଦ୍ଧି ଦେଖାଯାଇଥିଲା। ଘରୋଇ କ୍ଷେତ୍ରରେ ଅଗ୍ରଣୀ ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କ ଲାଭ କରିଥିବା ସୂଚନା ସେନସେକ୍ସ ବୃଦ୍ଧିର କାରଣ ହୋଇଥିଲା। ଫଳରେ ବ୍ୟାଙ୍କିଙ୍ଗ ସେକ୍ଟରର ପ୍ରାୟ ସମସ୍ତ ଶେୟାର ବୃଦ୍ଧି ପାଇଥିଲା।

ଘନଉଛି ସରକାର-ଆର୍‌ବିଆଇ ମତଭେଦ

ନୂଆଦିଲ୍ଲୀ,୨୯-୧୦

କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟରେ ମତଭେଦ ଚରମସୀମାରେ ପହଞ୍ଚିଗଲାଣି। ବିମୁଦ୍ରୀକରଣ ସମେତ ବିଭିନ୍ନ ପ୍ରସଙ୍ଗରେ ସୃଷ୍ଟି ହୋଇଥିବା ମତଭେଦର ପରିଣାମସ୍ୱରୂପ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇଛି। ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ଆର୍‌ବିଆଇର କାର୍ଯ୍ୟ ଉପରେ ହସ୍ତକ୍ଷେପ କରୁଥିବାରୁ ଏହାର ସ୍ୱାଧୀନତା କ୍ଷୁଣ୍ଣ ହେଉଛି। ଏହାଛଡ଼ା ଏନ୍‌ଡିଏ ସରକାର ରିଜର୍ଭ ବ୍ୟାଙ୍କର କ୍ଷମତା ସଙ୍କୁଚିତ କରିବା ଲାଗି ଉଦ୍ୟମ ଆରମ୍ଭ କରିବା ପରେ ଉର୍ଜିତ ପଟେଲ ଓ ଅନ୍ୟ ଅଧିକାରୀଙ୍କୁ ଏହା ଅସନ୍ତୁଷ୍ଟ କରିଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ତାଙ୍କ ପୂର୍ବସୂରୀ ରଘୁରାମ ରାଜନଙ୍କ ଭଳି ଭୁଲ୍ ନ କରି ବରଂ ବିରଲ ଆଚାର୍ଯ୍ୟଙ୍କୁ ମୋହରା କରିଛନ୍ତି। ନିକଟରେ ଭିରାଲ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଆର୍‌ବିଆଇକୁ ଅଧିକ ସ୍ୱାୟତ୍ତତା ମିଳିବା ଉଚିତ ବୋଲି ଯୁକ୍ତି ବାଢ଼ିଛନ୍ତି। ତାଙ୍କର ଏହି ବକ୍ତବ୍ୟ ନିଆଁରେ ଘିଅ ଢାଳିବା ଭଳି ହୋଇଛି। ଉର୍ଜିତଙ୍କ ପରୋକ୍ଷ ଗୋଟିଚାଳନାରେ ଏନ୍‌ଡିଏ ସରକାର ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି।

କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତିକୁ ରିଜର୍ଭ ବ୍ୟାଙ୍କ ବିରୋଧ କରୁଥିବାରୁ ଉର୍ଜିତ ଏବେ ସରକାରଙ୍କ କଣ୍ଟା ହେଲେଣି। ଏପରି ସ୍ଥିତିରେ ଆର୍‌ବିଆଇ ଗଭର୍ନରଙ୍କୁ ଆଉ ଦ୍ୱିତୀୟ ପାଳି ମିଳିବନି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ରାଜନ କେନ୍ଦ୍ର ସରକାରଙ୍କୁ ଖୋଲାଖୋଲି ସମାଲୋଚନା କରିବା ଆରମ୍ଭ କରି ଦେଇଥିଲେ। ଫଳରେ ସରକାର ତାଙ୍କର କାର୍ଯ୍ୟକାଳ ଦ୍ୱିତୀୟ ଥର ପାଇଁ ବଢ଼ାଇ ନ ଥିଲେ। ଅନ୍ୟପକ୍ଷରେ ମତଭେଦ ଏପରି ଚରମସୀମାରେ ପହଞ୍ଚିଗଲାଣି ଯେ, ତାଙ୍କୁ ଦ୍ୱିତୀୟ ପାଳି ମିଳିବନି ବୋଲି ଗଭର୍ନର ଉର୍ଜିତ ମଧ୍ୟ ଜାଣିସାରିଲେଣି। ଏହି କାରଣରୁ ସେ କେନ୍ଦ୍ର ସରକାରଙ୍କୁ ଆଉ ଖାତିର କରୁନାହାନ୍ତି। ପହଞ୍ଚିଯାଇଛି। ଏହା ପରେ ପରେ ନୀରବ ମୋଦି ମହାଦୁର୍ନୀତି ସାମନାକୁ ଆସିଲା। ରିଜର୍ଭ ବ୍ୟାଙ୍କର ଅଣଦେଖା ଯୋଗୁ ଏଭଳି ଦୁର୍ନୀତି ହୋଇପାରିଲା ବୋଲି କେନ୍ଦ୍ର ସରକାର କେନ୍ଦ୍ରୀୟ ବ୍ୟାଙ୍କ ଉପରେ ଦୋଷ ଲଦି ଦେଲେ। ଏଥିରେ କ୍ଷୁବ୍ଧ ଉର୍ଜିତ ସରକାରଙ୍କ ବିରୋଧରେ ଖୋଲାଖୋଲି ବିଦ୍ରୋହ ଘୋଷଣା କଲେ। ଏଭଳି ଘଟଣାକୁ ରୋକିବାକୁ ହେଲେ ଆର୍‌ବିଆଇକୁ ଏଥିପାଇଁ ଅଧିକ କ୍ଷମତା ମିଳିବା ଦରକାର ବୋଲି କହି କେନ୍ଦ୍ରକୁ ସେ ନ୍ୟୂନ କରିଦେଲେ। ଏହାପରେ ଏନ୍‌ବିଏଫସି ସଙ୍କଟକୁ ନେଇ ସରକାର ଓ ଆର୍‌ବିଆଇ ମଧ୍ୟରେ ଫାଟ ବଢ଼ିଛି। ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍ କମ୍ପାନୀ ସୁଧ ପ୍ରଦାନରେ ବିଫଳ ହେବା ପରେ ନଗଦ ସଙ୍କଟ ଦୂର କରିବା ଲାଗି ସରକାର କେନ୍ଦ୍ରୀୟ ବ୍ୟାଙ୍କ ଉପରେ କ୍ରମାଗତ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ଆର୍‌ବିଆଇ ଶୁଣୁନି।

ଲାଭାଂଶ ପ୍ରଦାନ ମତଭେଦର ଅନ୍ୟତମ କାରଣ ହୋଇଛି। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ହ୍ରାସ କରିବା ଲକ୍ଷ୍ୟରେ ସରକାର ଆର୍‌ବିଆଇଠାରୁ ଅଧିକ ଲାଭାଂଶ ମାଗିଲେ, ଯାହାକୁ ବୋର୍ଡ ସଦସ୍ୟ ନଚିକେତା ମୋର୍ ଖୋଲାଖୋଲି ବିରୋଧ କଲେ। ଫଳସ୍ୱରୂପ ସରକାର ତାଙ୍କୁ ବଦଳାଇ ଦେଲେ। ତାଙ୍କ ସ୍ଥାନରେ ଏସ୍ ଗୁରୁମୂର୍ତ୍ତି ଓ ଏସ୍ ମାରାଠେଙ୍କୁ ସରକାର ନିଯୁକ୍ତି ଦେଲେ। ଏହା ଉର୍ଜିତଙ୍କୁ କ୍ଷୁବ୍ଧ କରିଛି।

ଅନ୍ୟପକ୍ଷରେ ବିରଲ ଆଚାର୍ଯ୍ୟଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ଆର୍‌ବିଆଇ ସମସ୍ତଙ୍କ କଥା ଶୁଣିବା ଉଚିତ। ଆର୍ଥିକ ପରିଚାଳନା ପାଇଁ କେନ୍ଦ୍ର ସରକାର ଆଉ ଏକ ସମାନ୍ତରାଳ ନିୟନ୍ତ୍ରକ ଗଠନ ଉଦ୍ୟମକୁ ମଧ୍ୟ ଆର୍‌ବିଆଇ ବିରୋଧ କରିଥିବା ଭିରାଲଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ତେବେ ସରକାରୀ ନେତୃତ୍ୱ ପକ୍ଷରୁ କୁହାଯାଉଛି ଯେ, ମତଭେଦକୁ କେନ୍ଦ୍ର ସରକାର ବନାମ କେନ୍ଦ୍ରୀୟ ବ୍ୟାଙ୍କ ଭାବେ ଗ୍ରହଣ କରିବା ଅନୁଚିତ୍ ହେବ।

ମତଭେଦର ପ୍ରମୁଖ କାରଣ

- **ମାର୍ଚ୍ଚ-ଏପ୍ରିଲ ୨୦୧୭:** ସୁଧହାରକୁ ନେଇ ଆର୍‌ବିଆଇ, ସରକାରଙ୍କ ମତଭେଦ
- **ଫେବୃୟାରୀ ୧୨, ୨୦୧୮:** ଏନ୍‌ପିଏ ନେଇ ଆର୍‌ବିଆଇ ସର୍କୁଲାର ଜାରି କଲେ
- **ଫେବୃୟାରୀ:** ନୀରବ ମୋଦି ଘଟଣା ପାଇଁ ଆର୍‌ବିଆଇକୁ ଦୋଷ ଦେଲେ କେନ୍ଦ୍ର
- **ଏପ୍ରିଲ:** ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ନିୟନ୍ତ୍ରଣ ଲାଗି ଆର୍‌ବିଆଇ ଅଧିକ କ୍ଷମତା ଲୋଡିଲା, ସରକାର କହିଲେ ଯଥେଷ୍ଟ କ୍ଷମତା ମିଳିଛି
- **ଜୁଲାଇ:** ଦୁର୍ବଳ ବ୍ୟାଙ୍କ ପାଇଁ ସରକାର ନିୟମ କୋହଳ କରିବାକୁ ଚାହୁଁଥିଲେ
- **ଅଗଷ୍ଟ-ସେପ୍ଟେମ୍ବର:** ଏସ୍ ଗୁରୁମୂର୍ତ୍ତି, ଏସ୍ ମାରାଠେଙ୍କୁ ଆର୍‌ବିଆଇ ବୋର୍ଡରେ ନିଯୁକ୍ତ କରାଗଲା,ନଚିକେତା ମୋର୍ ବିଦା ହେଲେ
- **ସେପ୍ଟେମ୍ବର-ଅକ୍ଟୋବର:** ତୈଳ କମ୍ପାନୀଙ୍କୁ ସିଧାସଳଖ ଡଲାର ଦେବା, ଏନ୍‌ବିଏଫସିକୁ ଅଧିକ ପାଣ୍ଠି ଯୋଗାଣକୁ ନେଇ ଦ୍ୱନ୍ଦ୍ୱ

ସ୍ୱାୟତ୍ତତାକୁ କର୍ମଚାରୀ ସଂଘର ସମର୍ଥନ

ନୂଆଦିଲ୍ଲୀ,୨୯-୧୦: ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ଭିରାଲ ଆଚାର୍ଯ୍ୟଙ୍କ ବୟାନକୁ ନେଇ କର୍ମଚାରୀ ସଂଘ(ଏଆଇଆର୍‌ବିଇଏ) ସୋମବାର ଚିନ୍ତାବ୍ୟକ୍ତ କରିବା ସହିତ ଶୀର୍ଷ ବ୍ୟାଙ୍କର ସ୍ୱାୟତ୍ତତା ବଜାୟ ରହୁ ବୋଲି ଦାବି କରିଛନ୍ତି। ଅଲ୍ ଇଣ୍ଡିଆ ରିଜର୍ଭ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏସନ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, କେନ୍ଦ୍ରୀୟ ବ୍ୟାଙ୍କକୁ ନ୍ୟୁନ ଦୃଷ୍ଟିରେ ଦେଖିବା ବିପଦକୁ ବରଣ କରିବା ସଙ୍ଗେ ସମାନ ହେବ। କେନ୍ଦ୍ର ସରକାର ଏଥିରୁ ନିବୃତ ହେବା ଆବଶ୍ୟକ। କେନ୍ଦ୍ରୀୟ ବ୍ୟାଙ୍କ ଉପରେ ଚାପ ପ୍ରୟୋଗ କରିବା ଅପେକ୍ଷା ଉଭୟ ପକ୍ଷ ବୈଠକରେ ବସି ବିବାଦର ସମାଧାନ କରିବା ଆବଶ୍ୟକ। ଆର୍‌ବିଆଇ ଯାହା କିଛି କରୁଛି ଦେଶର ହିତକୁ ଦେଖି କରୁଛି ବୋଲି ବିବୃତିରେ କୁହାଯାଇଛି।

ଚଳିତ ବର୍ଷ ଆରମ୍ଭରୁ ଆଜି ଯାଏ ପ୍ରାୟ ୬ଟି ଆର୍ଥିକ ପ୍ରସଙ୍ଗରେ ଆର୍‌ବିଆଇ ଏବଂ କେନ୍ଦ୍ର ସରକାର ଭିନ୍ନ ମତପୋଷଣ କରିଛନ୍ତି। ସୁଧ ହାର ହ୍ରାସ କରିବାକୁ କେନ୍ଦ୍ର ଚାହୁଁଥିବା ବେଳେ ଆର୍‌ବିଆଇ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହିତ ଓଲଟା ଦୁଇଥର ବଢ଼ାଇ ଦେଲେ। ଏହାଦ୍ୱାରା ସରକାରଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ବିମୁଦ୍ରୀକରଣ ଯୋଗୁ ଦେଶରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଉର୍ଜିତଙ୍କ ନିଷ୍ପତ୍ତି ପରିସ୍ଥିତିକୁ ଆହୁରି ଭୟାବହ କରିଛି। ଏହାକୁ ନେଇ କେନ୍ଦ୍ର ସରକାର ଏବେ ଗଭର୍ନରଙ୍କ ଉପରେ ଖପ୍ପା। ଏହାପରେ ଫେବୃୟାରୀ ୧୨ରେ ଆର୍‌ବିଆଇ ଏନ୍‌ପିଏ ଏବଂ ଋଣ ପୁନର୍ଗଠନ ନେଇ ନୂଆ ନିୟମ ସମ୍ପର୍କରେ ଏକ ସର୍କୁଲାର ଜାରି କଲେ। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପ ଯୋଗୁ କେନ୍ଦ୍ର ସରକାରଙ୍କ ରାଗ ଚରମସୀମାରେ

ଟିଭିଏସ୍ ସ୍ପୋର୍ଟସର ସ୍ୱତନ୍ତ୍ର ଏଡିଶନ

ଭୁବନେଶ୍ୱର,୨୯-୧୦

ପାର୍ବଣ ଉପଲକ୍ଷେ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଅନ୍ୟତମ ପ୍ରମୁଖ ମଡେଲ ସ୍ପୋର୍ଟସର ସ୍ୱତନ୍ତ୍ର ଏଡିଶନ ବଜାରକୁ ଆସିଛି। ଏହା ଇଲେକଟ୍ରିକ୍ ଓ କିଟ୍ ଷ୍ଟାର୍ଟ ଆଲଏ ହ୍ୱିଲ୍ ଭାରିଆଣ୍ଟରେ ଉପଲବ୍ଧ ହେଉଛି। ମଡେଲଟିରେ ଗ୍ରାହକମାନେ ଲମ୍ବା ସିଟ୍ ଓ ଚଉଡା ପିଲିୟନ ହ୍ୟାଣ୍ଡେଲ ଲାଭ କରିପାରିବେ। ଏଥିରେ ଥିବା ଷ୍ଟାଇଲିସ ଡେକାଲ, ପ୍ରିମିୟମ ୩ଡି ଲୋଗୋ ଗାଡିକୁ ଆକର୍ଷଣୀୟ କରିପାରିଛି। ପ୍ରଥମ ଶ୍ରେଣୀର ନିରାପତ୍ତା ବୈଶିଷ୍ଟ୍ୟ ସିଙ୍କ୍ରୋନାଇଜଡ ବ୍ରେକିଂ ଟେକ୍ନୋଲୋଜି(ଏସ୍‌ବିଟି) ଏଥିରେ ରହିଛି। ଏହା ହେଉଛି ପ୍ରଥମ ୧୦୦ ସିସି ମୋଟର ସାଇକେଲ ଯେଉଁଥିରେ ଏଭଳି ଟେକ୍ନୋଲୋଜିକୁ ବ୍ୟବହାର କରାଯାଇଛି। ଉତ୍ସବ ସିଜନ୍‌ରେ ଟିଭିଏସ୍ ସ୍ପୋର୍ଟର ସ୍ୱତନ୍ତ୍ର ସଂସ୍କରଣକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ମାର୍କେଟିଂ ଉପସଭାପତି ଅନିରୁଦ୍ଧ ହାଲ୍‌ଦାର ସୂଚନା ଦେଇଛନ୍ତି।

ଟାଟା ମୋଟର୍ସର ହେକ୍ସା ଏକ୍ସଏମ୍ ପ୍ଲସ୍

ଭୁବନେଶ୍ୱର,୨୯-୧୦

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ବଜାରକୁ ଆସିଛି ନୂଆ ହେକ୍ସା ଏକ୍ସଏମ୍ ପ୍ଲସ୍। ଲାଇଫ୍ ଷ୍ଟାଇଲ ଏସ୍‌ୟୁଭି ବର୍ଗରେ ଉକ୍ତ ମଡେଲକୁ କମ୍ପାନୀ ବଜାରକୁ ଆଣିଛି। ମଡେଲଟିର ଏକ୍ସ ଶୋ'ରୁମ ଦିଲ୍ଲୀ ମୂଲ୍ୟ ୧୫.୨୭ ଲକ୍ଷ ଟଙ୍କା ରହିଛି। ପାର୍ବଣ ଉପଲକ୍ଷେ ଏହା ବଜାରକୁ ଆସିଥିବା ବେଳେ ଏଥିରେ ଗ୍ରାହକମାନେ ପ୍ରମୁଖ ଲକଜ୍ୟୁରି ଫିଚର ଲାଭ କରିପାରିବେ। ସହରୀ ଗ୍ରାହକଙ୍କୁ ନଜରରେ ରଖି କମ୍ପାନୀ ମଡେଲରେ ଷ୍ଟ୍ରାଇକିଂ ଏକ୍ସଟେରିୟର, ବିଳାସପୂର୍ଣ୍ଣ ଇଣ୍ଟେରିୟର, ଫ୍ରଣ୍ଟ ଫଗ୍ ଲ୍ୟାମ୍ପ, ରିଭର୍ସ ପାର୍କିଂ ସେନସର, କ୍ରୁଜ୍ କଣ୍ଟ୍ରୋଲ, ଅଟୋମେଟିକ୍ ହେଡ୍ ଲ୍ୟାମ୍ପ, ରେନ ସେନସିଂ ୱିପର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ପ୍ରଦାନ କରିଛି। ନୂଆ ମଡେଲ ଦ୍ୱାରା ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ କାର୍ଯ୍ୟ କରୁଛୁ ବୋଲି କମ୍ପାନୀର ପାସେଞ୍ଜର ଭେହିକିଲ୍ ୟୁନିଟ୍ ସେଲ୍‌ସ ସର୍ଭିସ ଉପସଭାପତି ଏସ୍.ଏନ୍ ବର୍ମନ ସୂଚନା ଦେଇଛନ୍ତି।

ଜୟପୁରରେ ନୂଆ ହ୍ୟୁଣ୍ଡାଇ ସାଣ୍ଟ୍ରୋର ବଜାର ପ୍ରବେଶ

ଜୟପୁର ୨୯।୧୦(ନି .ପ୍ର)

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ହ୍ୟୁଣ୍ଡାଇ ସାଣ୍ଟ୍ରୋ ଜୟପୁର ଏଚ୍‌ଏସ୍‌ପିଏଲ ପକ୍ଷରୁ ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ଭାବେ କୋରାପୁଟ ଆର୍‌ଟିଓ ପ୍ରଭାତ ଚନ୍ଦ୍ର ପ୍ରଧାନ, ଶୋ'ରୁମର ସ୍ୱତ୍ୱାଧିକାରୀ ଆଶିଷ ଅଗ୍ରଓାଲ, ରଜନିଶ ଅଗ୍ରଓାଲ ଉପସ୍ଥିତ ରହି ଏହି ମଡେଲକୁ ବଜାର ପ୍ରବେଶ କରାଇଥିଲେ। ୧୬ ବର୍ଷ ଧରି କମ୍ପାନି ଏହି କାରକୁ ସଫଳତା ସହ ବିକ୍ରି କରିବା ପରେ ୨୦୧୪ରୁ ପ୍ରତ୍ୟାହାର କରି ନେଇଥିଲା। ଏହା ପରେ ନିକଟରେ ଏହାକୁ ନୂଆ ରୂପରେ ବଜାରକୁ ଛଡାଯାଇଛି। ଦାମନଯୋଡି ଏସ୍‌ବିଆଇ ଶାଖାର ଡେପୁଟି ବ୍ରାଞ୍ଚ ମ୍ୟାନେଜର ନୁପୁର ମୌଳିକଙ୍କୁ ପ୍ରଥମ ଗ୍ରାହକଭାବେ ଏହି ମଡେଲର ଚାବି ପ୍ରଦାନ କରାଯାଇଥିଲା। ଏହି କାରର ବୁକିଂ ଚଳିତ ମାସ ଠାରୁ ଆରମ୍ଭ ହୋଇଛି।

ପ୍ରିଆପ୍ରୁଭ କାର ଋଣରେ ଆଇସିଆଇସିଆଇର ୧୦୦% ଫାଇନାନ୍ସ ସୁବିଧା

ଭୁବନେଶ୍ୱର,୨୯-୧୦

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ପ୍ରିଆପ୍ରୁଭ କାର ଋଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଫାଇନାନ୍ସ ସୁବିଧା ପ୍ରଦାନ କରାଯାଉଛି। ଏହା କାରର ଅନରୋଡ ମୂଲ୍ୟର ୧୦୦% ଫାଇନାନ୍ସ କରୁଛି। ଏହି ପଦକ୍ଷେପ ଅନ୍ତର୍ଗତ ଗ୍ରାହକମାନେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ହାସଲ କରିପାରିବେ। ବ୍ୟାଙ୍କ ୪ ଘଣ୍ଟା ମଧ୍ୟରେ ଋଣ ମଞ୍ଜୁରୀ କରୁଛି। ପାର୍ବଣରେ ମନ ପସନ୍ଦର କାର କିଣିବାରେ ଏହା ସହାୟତା ପ୍ରଦାନ କରୁଛି। ଗ୍ରାହକଙ୍କୁ ଅଭିନବ ଉତ୍ପାଦ ତଥା ସେବା ଯୋଗାଣ ଲାଗି ଆଇସିଆଇସିଆଇ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ବୋଲି ବ୍ୟାଙ୍କର ବରିଷ୍ଠ ମହାପ୍ରବନ୍ଧକ ରବି ନାରାୟଣନ ସୂଚନା ଦେଇଛନ୍ତି।

ଟ୍ରେନ ଟ୍ରାକ୍‌ରେ ଅନଧିକାର ପ୍ରବେଶ ରୋକିବାକୁ ରେଲ୍‌ୱେର ପଦକ୍ଷେପ

ଭୁବନେଶ୍ୱର,୨୯-୧୦

ପୂର୍ବତଟ ରେଳପଥ ପରିସୀମା ଅଧୀନରେ ଥିବା ଟ୍ରେନ ଲାଇନ୍‌ରେ ଅନଧିକାର ପ୍ରବେଶ ଏବଂ ବେଆଇନ ଭାବେ ରେଳ ଧାରଣା ଅତିକ୍ରମକୁ ରୋକିବା ଲାଗି ରେଲ୍‌ୱେ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିଲାଗି ରେଲୱେ ପକ୍ଷରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଏହାକୁ ରୋକିବା ଲାଗି ରେଲୱେ ଏହାର ଅଧିକାରୀଙ୍କୁ ସଜାଗ ରଖିଥିବା ପ୍ରକାଶ କରିଛି। ରେଲୱେ ଅଧିନିୟମ ୧୯୮୯ ମୁତାବକ ଅତ୍ୟାବଶ୍ୟକ ପଦକ୍ଷେପ ନେବାକୁ ଆର୍‌ପିଏଫ୍‌କୁ ପରାମର୍ଶ ଦିଆଯାଇଛି। ରେଲୱେ ଅଧିନିୟମ ୧୯୮୯ର ଧାରା ୧୪୭ ଅନୁସାରେ ରେଳ ଧାରଣାରେ ଅନଧିକାର ପ୍ରବେଶ ଏକ ଦଣ୍ଡନୀୟ ଅପରାଧ। ଏଥିଲାଗି ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ ହେବ।

ରେଳଧାରଣାରେ ଯେକୌଣସି ପ୍ରକାରର ଅନଧିକାର ପ୍ରବେଶ ରୋକିବା ଲାଗି କିଛି ମାସ ତଳେ ସମସ୍ତ ଛୋଟ ଷ୍ଟେଶନ ଏବଂ ପାସେଞ୍ଜର ହଲ୍ଟଗୁଡିକରେ ଫୁଟ୍ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ ପୂର୍ବତଟ ରେଳପଥ ପକ୍ଷରୁ ପ୍ରସ୍ତାବ ସମ୍ପର୍କରେ ଘୋଷଣା କରାଯାଇଛି। ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ଏକ ପ୍ଲାଟ୍‌ଫର୍ମ କିମ୍ବା ଷ୍ଟେଶନର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଯିବା ଆସିବା ଲାଗି ଏହି ଫୁଟ୍ ଓଭରବ୍ରିଜଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଜଗୁଆଳି ବିହୀନ ଲେଭଲ କ୍ରସିଂଗୁଡିକୁ ହଟାଇବା ଦିଗରେ ରେଲୱେର ଭୂମିକା ପ୍ରଶଂସାଯୋଗ୍ୟ। ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ, ଲେଭଲ୍ କ୍ରସିଂଗୁଡିକରେ କର୍ମଚାରୀ ନିଯୁକ୍ତି ମାଧ୍ୟମରେ ସମସ୍ତ ଜଗୁଆଳି ବିହୀନ ଲେଭେଲ୍ କ୍ରସିଂଗୁଡିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି।

ବାର୍ କାଉନସିଲ ଦ୍ୱାରା ଓକିଲଙ୍କୁ ଜାରି ଆଇଡି ଗ୍ରହଣୀୟ

ନୂଆଦିଲ୍ଲୀ,୨୯-୧୦



ସମ୍ପୃକ୍ତ ବାର୍ କାଉନସିଲ୍ ଦ୍ୱାରା ଓକିଲଙ୍କୁ ଜାରି କରାଯାଉଥିବା ଆଇଡି କାର୍ଡ ଟ୍ରେନ ଯାତ୍ରା ବେଳେ ଗ୍ରହଣୀୟ ହେବ ବୋଲି ଭାରତୀୟ ରେଲୱେ ବୋର୍ଡ ସୋମବାର ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ରେଲୱେ ପକ୍ଷରୁ ୧୧ ପ୍ରକାର ପରିଚୟ ପତ୍ର ଯଥା ଆଧାର କାର୍ଡ, ସ୍କୁଲ ଓ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ଆଇ-କାର୍ଡ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟୋଗ ଦ୍ୱାରା ଜାରି ଫଟୋ ଆଇଡେଣ୍ଟି କାର୍ଡ ଏବଂ ଅନ୍ୟାନ୍ୟ କାର୍ଡକୁ ଗ୍ରହଣ କରାଯାଉଛି। ଅନ୍‌ଲାଇନରେ ଟିକେଟ ବୁକିଂ କରିବା ତଥା ଟ୍ରେନରେ ଯାତ୍ରା କରିବା ବେଳେ ଯାତ୍ରୀଙ୍କ ନିକଟରେ ପରିଚୟପତ୍ର ରହିବା ବାଧ୍ୟତାମୂଳକ। କେରଳ ହାଇକୋର୍ଟ ଏ ସଂକ୍ରାନ୍ତରେ ଏକ ରାୟ ଦେଇଥିଲେ। ଓକିଲଙ୍କୁ ବାର୍ କାଉନସିଲ୍ ପକ୍ଷରୁ ଦିଆଯାଉଥିବା କାର୍ଡ ଗ୍ରହଣୀୟ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିବା ପରେ ରେଲୱେ ବୋର୍ଡ ଉକ୍ତ ନିଷ୍ପତ୍ତି ଘୋଷଣା କରିଛନ୍ତି।

ଦୀପାବଳିରେ ମହାଶୁଭ ମାଳବ୍ୟ ଯୋଗ

ଭୁବନେଶ୍ୱର,୨୯-୧୦

୫୯ ବର୍ଷ ପରେ ଚଳିତ ବର୍ଷ ଦୀପାବଳିରେ ମାଳବ୍ୟ ଯୋଗର ବିଶେଷ ସଂଯୋଗ ପଡିଛି। ସୂର୍ଯ୍ୟ, ଚନ୍ଦ୍ର ଏବଂ ଶୁକ୍ର ଗ୍ରହର ଏକ ବିଶେଷ ସଂଯୋଗରେ ଏହା ପଡିଥାଏ। ଏହା ପୂର୍ବରୁ ଏଭଳି ଘଟଣା ୧୯୫୯ ନଭେମ୍ବର ପହିଲାରେ ଦିପାବଳି ଦିନ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଦୀପାବଳି ନଭେମ୍ବର ୭ ବୁଧବାର ଦିନ ପଡୁଛି। ଏହା ପୂର୍ବରୁ ୨୦୦୧, ୨୦୧୧ ଏବଂ ୨୦୧୫ରେ ବୁଧବାର ଦିନ ଦୀପାବଳି ପଡିଥିଲା। ଜ୍ୟୋତିଷ ବିଶାରଦଙ୍କ ମୁତାବକ ମାଳବ୍ୟ ଯୋଗର ସଂଯୋଗ ଏବଂ ବୁଧବାର ଦିନ ସବୁ ବର୍ଗର ବ୍ୟବସାୟ ଏବଂ ନିଯୁକ୍ତି ଲାଗି ଏହା ଶୁଭ ଏବଂ ଲାଭଦାୟକ ହେବ।

ସପ୍ତଯୋଗରେ ସାମଗ୍ରୀ କିଣିଲେ ଶୁଭ

ପଣ୍ଡିତ ଦିନେଶ ମିଶ୍ରାଙ୍କ ମୁତାବକ, ଦୀପାବଳି ଦିନ ସୂର୍ଯ୍ୟ ଏବଂ ଚନ୍ଦ୍ର ତୁଳା ରାଶିରେ ରହିବେ। ତୁଳା ରାଶିର ସ୍ୱାମୀ ଶୁକ୍ର। ଶୁକ୍ର ଐଶ୍ୱର୍ଯ୍ୟ କାରକ ଅଟନ୍ତି। ସେହିଭଳି ଦୀପାବଳିର ସମ୍ବନ୍ଧ ଧନ ଏବଂ ଐଶ୍ୱର୍ଯ୍ୟକାରକ। ୧୭ ଅକ୍ଟୋବର ବୁଧବାରରେ ସୂର୍ଯ୍ୟ ତୁଳା ରାଶିରେ ପ୍ରବେଶ କରିଥିବା ବେଳେ ଦୀପାବଳି ମଧ୍ୟ ବୁଧବାର ଦିନ ପଡୁଛି। ଏହି ଦିନ ଉତ୍ତମ ଯୋଗର ସଂଯୋଗ ପଡୁଥିବା ଜଣା ପଡିଛି। ସେହିଭଳି ଶାସ୍ତ୍ର ମୁତାବକ ଶୁକ୍ରଙ୍କୁ ଭୌତିକ ସୁଖର ସ୍ୱାମୀ ବୋଲି ବିଚାର କରାଯାଇଥାଏ। ସୂର୍ଯ୍ୟ, ଚନ୍ଦ୍ର ଏବଂ ଶୁକ୍ରର ତ୍ରିକୋଣୀୟ ସ୍ଥିତି ଯୋଗୁ ଏହି ତିନି ଗ୍ରହ ଉନ୍ନତ ଆଲୋକ ପ୍ରଦାୟକ ଅଟନ୍ତି। ଏଭଳି ସ୍ଥିତି ଯୋଗୁ ବ୍ୟବସାୟୀଙ୍କୁ କ୍ରୟ ବିକ୍ରୟ କ୍ଷେତ୍ରରେ ବିଶେଷ ଲାଭ ହେବ ବୋଲି ମିଶ୍ରା କହିଛନ୍ତି। ଅପରପକ୍ଷରେ ଲୋକଙ୍କ କ୍ରୟ ଶକ୍ତି ଏହି ସମୟରେ ବଢିବ।

ଯାନବାହନ, ଆଭୂଷଣ, ଆସବାବପତ୍ର, ବାସନ, ଇଲେକଟ୍ରୋନିକ୍ସ ସାମଗ୍ରୀ, ମୋବାଇଲ, ଘର ସାଜସଜ୍ଜା ସାମଗ୍ରୀ ଏବଂ ପୋଷାକପତ୍ର ଆଦି ବ୍ୟବସାୟରେ ଉନ୍ନତି ଦେଖାଯିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ବିଜ୍ଞାନ କ୍ଷେତ୍ରରେ ଦେଶକୁ ସଫଳତା, ଲୋକଙ୍କ ଜୀବନ ସ୍ତରରେ ଉନ୍ନତି ହେବ। ୨୭ ଅକ୍ଟୋବରରେ ସର୍ବାର୍ଥ ସିଦ୍ଧି ଯୋଗ ପଡିଥିଲା। ୩୦ ଅକ୍ଟୋବରରେ ରବିଯୋଗ ସାରା ଦିନ ସହ ମଧ୍ୟ ରାତ୍ରି ୩ଟା ୫୨ ମିନିଟ ଯାଏ ରହିବ। ତ୍ରିପୁଷ୍କର ଯୋଗ ଦିନ ୧ଟା ପରଠାରୁ ମଧ୍ୟରାତ୍ର ୩ଟା ୫୨ ଯାଏ ରହିବ। ଜମି,ଘର,ବାହାନ କ୍ରୟ ଲାଗି ଏହା ବିଶେଷ ଭାବେ ଲାଭକାରୀ। ୨ ଏବଂ ୩ ତାରିଖରେ କୁମାର ଯୋଗ ପଡୁଛି। ଏହି ସମୟରେ ପୋଷାକ, ବେଡଶିଟ, ଚାନ୍ଦି, ବାସନ କିଣିବା ଭଲ ହେବ। ୩ ଏବଂ ୪ ନଭେମ୍ବର ତ୍ରିପୁଷ୍କର ଯୋଗ ୪ ତାରିଖ ରାତି ୯ଟା ୩୫ ମିନିଟ ଯାଏ ରହିବ। ସେହିଭଳି ୫ ନଭେମ୍ବରରେ ଧନତେରାଶ ପଡୁଛି ଯାହା ସୋମ ପ୍ରଦୋଷ ସହ ପ୍ରତ୍ୟେକ କ୍ରୟକୁ ଶୁଭ ବୋଲି ବିବେଚନା କରାଯାଏ।

ମହେଶ, ଲିଆଣ୍ଡର ଓ ରୋହନଙ୍କ ଭଳି ଖେଳାଳି ରହିଥିବା ବେଳେ ଦେଶର ନମ୍ବର ୱାନ ଡବଲ୍ସ ଖେଳାଳି ହେବା ମୋ ପାଇଁ ସୌଭାଗ୍ୟର ବିଷୟ ।

–ଡିଭିଜ ଶରନ, ଭାରତୀୟ ଟେନିସ୍ ଖେଳାଳି

ଇଣ୍ଡିଆନ ସୁପର ଲିଗ୍‌ରେ ଆମେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଜିତିପାରି ନାହୁଁ। ମଙ୍ଗଳବାର ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଆମ ଭାଗ୍ୟ ବଦଳିବ ବୋଲି ଆଶା ।

–ଯୋସେଫ ଗୋମ୍ବାଉ, ଦିଲ୍ଲୀ ଡାଇନାମୋସ କୋଚ୍

ପ୍ରେରଣାର ଉତ୍ସ ଦୀପା କର୍ମକାର

ଭୁବନେଶ୍ୱର,୨୯।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

କ୍ରୀଡ଼ା ଓ ସାହିତ୍ୟପ୍ରେମୀଙ୍କ ପାଇଁ ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ରାଜଧାନୀ ଭୁବନେଶ୍ୱରରେ ଆଉ ମାତ୍ର କେତୋଟି ଦିନ ପରେ ଆୟୋଜନ ହେବାକୁ ଯାଉଛି । ଏକ ବିରଳ ଘଟଣାକ୍ରମରେ ନଭେମ୍ବର ୨ ଓ ୩ ତାରିଖରେ ଆୟୋଜିତ ହେବ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ । ଇମର୍ଜିଂ ସ୍ପୋର୍ଟ୍ସ

EKAMRA SPORTS LITERARY FESTIVAL 2018

ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହୋଟେଲ ମେଫେୟାରରେ ପ୍ରଥମଥର ପାଇଁ ଏଭଳି କ୍ରୀଡ଼ା ସମ୍ପର୍କିତ ସାହିତ୍ୟ ଉତ୍ସବ ଆୟୋଜନ ହେବ। ଭାରତ ସମେତ ଏସିଆ ମହାଦେଶ ପାଇଁ ଏଭଳି ଇଭେଣ୍ଟ ପ୍ରଥମଥର ଲାଗି ଭିନ୍ନ ପ୍ରକାରର ଅଭିଜ୍ଞତା ଆଣିଦେବ। କ୍ରୀଡ଼ା ଓ ସାହିତ୍ୟ ପାଇଁ ଏହି ଇଭେଣ୍ଟ ଏକ ବୃହତ୍ ପ୍ଲାଟଫର୍ମ ବା ରଙ୍ଗମଞ୍ଚ ସଦୃଶ ହେବ। ସାରା ବିଶ୍ୱର ମାନ୍ୟଗଣ୍ୟ କ୍ରୀଡ଼ାବିତ୍, କୋଚ୍, ଲେଖକ, ଖବରଦାତା, କ୍ରୀଡ଼ା ପ୍ରଶଂସକ ଏହି ଉତ୍ସବରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ପାଇଁ ସୁଯୋଗ ପାଇବେ। କ୍ରୀଡ଼ା ପ୍ରତି ଭଲପାଇବା ଓ ରୁଚି ରଖୁଥିବା ବ୍ୟକ୍ତିବିଶେଷ ଏହି ଉତ୍ସବରେ ସାରସ୍ୱତ ଜ୍ଞାନ ହାସଲର ସୁଯୋଗ ପାଇବେ। ଏହି ଫେଷ୍ଟିଭାଲରେ ୩୦ ଜଣ ଶୀର୍ଷସ୍ତରୀୟ ସେଲିବ୍ରିଟି ସେମାନଙ୍କର ବହୁମୂଲ୍ୟ ବକ୍ତୃତା ପ୍ରଦାନ କରିବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ଭାରତର ଅଲିମ୍ପିଆନମହିଳାଜିମ୍ନାଷ୍ଟଦୀପାକର୍ମକାର। ସେହିପରି ଖୁବ୍ କମ୍ ବୟସରେ ଦୀପା କର୍ମକାର ଭାରତୀୟ ଜିମ୍ନାଷ୍ଟିକ୍ସରେ ବିପ୍ଳବ ଆଣିବାରେ ସକ୍ଷମ ହୋଇଛନ୍ତି। ତ୍ରିପୁରା ରାଜଧାନୀ ଅଗରତାଲାରେ ଜନ୍ମଗ୍ରହଣ କରିଥିବା ଦୀପା ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ କ୍ୟାରିୟର ବାଛିଥିଲେ। ମାତ୍ର ୬ ବର୍ଷ ବୟସରୁ ସେ ଜିମ୍ନାଷ୍ଟିକ୍ସରେ ଅଭ୍ୟାସ କରିବା ଆରମ୍ଭ କରିଥିଲେ। ୨୫ ବର୍ଷରେ ପଦାର୍ପଣ କରିଥିବା ଦୀପାଙ୍କ ପାଖରେ ଭରପୂର ପ୍ରତିଭା ରହିଛି। ସେ ବିଭିନ୍ନ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୬୭ଟି ସ୍ୱର୍ଣ୍ଣ ସହ ମୋଟ ୭୭ଟି ପଦକ ହାସଲ କରିଛନ୍ତି। ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୨୦୧୫ ହିରୋସିମା ଏସିଆନ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ପ୍ରଥମ ଭାରତୀୟ ମହିଳାଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। କୋଚ୍ ବିଶ୍ୱେଶ୍ୱର ନନ୍ଦୀଙ୍କ ତତ୍ତ୍ୱାବଧାନରେ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଚତୁର୍ଥ ସ୍ଥାନରେ ରହିବା ସହ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଦୀର୍ଘ ୫୨ ବର୍ଷ ପରେ ସେ ପ୍ରଥମ ଭାରତୀୟ ଜିମ୍ନାଷ୍ଟ ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ। ସେ ମହିଳା ଭୋଲ୍ଟ ଇଭେଣ୍ଟରେ ୧୫.୦୬୬ ସ୍କୋର କରିଥିଲେ। ୨୦୧୮ରେ ସେ ପ୍ରଥମ ଭାରତୀୟ ଭାବେ କୌଣସି ଗ୍ଲୋବାଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲେ। ତୁର୍କୀରେ ଅନୁଷ୍ଠିତ ଏଫ୍‌ଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ୱାର୍ଲ୍ଡ ଚ୍ୟାଲେଞ୍ଜ୍ କପ୍‌ରେ ସେ ଏହି ସଫଳତା ପାଇଥିଲେ। ମହିଳା ଜିମ୍ନାଷ୍ଟିକ୍ସରେ ସବୁଠାରୁ କଷ୍ଟସାଧ୍ୟ ଭୋଲ୍ଟ ରୂପେ ପରିଗଣିତ ହେଉଥିବା 'ପ୍ରୋଡୁନୋଭା'ରେ ଅନ୍ୟତମ ପଞ୍ଚମ ପ୍ରତିଯୋଗୀ ଭାବେ ପଦାର୍ପଣ କରିଥିଲେ। କ୍ରୀଡ଼ାରେ ଅସାଧାରଣ ଅବଦାନ ପାଇଁ ତାଙ୍କୁ ଭାରତ ସରକାରଙ୍କ ତରଫରୁ ୨୦୧୬ରେ ରାଜୀବ ଗାନ୍ଧୀ ଖେଳରତ୍ନ ଓ ୨୦୧୭ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୭ରେ ଦୀପାଙ୍କୁ ଏସିଆର ୩୦ ବର୍ଷରୁ କମ୍ ସୁପର ଆଡିଭର ହିସାବରେ ଫୋର୍ବ୍ସ ତାଲିକାରେ ମଧ୍ୟ ସାମିଲ କରାଯାଇଥିଲା। ଦୀପାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହ ପ୍ରେରଣାଦାୟୀ ହୋଇପାରିଛି।

ଆୟର୍ଲାଣ୍ଡ ଦଳ ଘୋଷିତ

ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଗୋଟିଏ ମାସରୁ କମ୍ ସମୟ ବାକି ରହିଥିବାବେଳେ ପ୍ରଥମ ଦଳ ଭାବେ ଆୟର୍ଲାଣ୍ଡ ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଖେଳାଳି ତାଲିକା ଘୋଷଣା କରିଛି। ଆୟର୍ଲାଣ୍ଡ ତା'ର ପ୍ରଥମ ମ୍ୟାଚରେ ନଭେମ୍ବର ୩୦ରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ଦୀର୍ଘ ୨୮ ବର୍ଷ ପରେ ଆୟର୍ଲାଣ୍ଡ ହକି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଘୋଷିତ ୨୦ ଜଣିଆ ଆୟର୍ଲାଣ୍ଡ ଦଳର ୧୪ ଖେଳାଳି ୟୁରୋପର ଟପ୍ ଲିଗ୍‌ରେ ଖେଳି ଆସୁଛନ୍ତି ବୋଲି ମୁଖ୍ୟ କୋଚ୍ ଆଲେକ୍ସାଣ୍ଡର କକ୍ସ ସୂଚନା ଦେଇଛନ୍ତି। ଦୀର୍ଘଦିନଧରି ଆୟର୍ଲାଣ୍ଡର କୋଚ୍ ରହି ଆସିଥିବା କ୍ରେଗ୍ ଫୁଲଟନଙ୍କଠାରୁ ଗତ ଗ୍ରୀଷ୍ମଋତୁରେ ଦାୟିତ୍ୱ ଗ୍ରହଣ କରିଥିଲେ ଡଚ୍ ମ୍ୟାନ କକ୍ସ। ଆୟର୍ଲାଣ୍ଡ ଶେଷଥରପାଇଁ ୧୯୯୦ରେ ବିଶ୍ୱକପ ଖେଳିଥିଲା। ଗତ କିଛି ସପ୍ତାହଧରି ଘରୋଇ ପରିବେଶ ଏବଂ ନେଦରଲାଣ୍ଡରେ ଟ୍ରେନିଂ କ୍ୟାମ୍ପ ପରେ କକ୍ସ ୨୬ ଜଣିଆ ଦଳକୁ ୨୦ରେ ପରିଣତ କରିଛନ୍ତି। ଟୁର୍ନାମେଣ୍ଟ ନିକଟ ହୋଇଆସିଲେ କେଉଁ ୧୮ ଜଣ ବୃତ୍ତାନ୍ତ ଦଳରେ ସ୍ଥାନ ପାଇବେ ଏବଂ କେଉଁ ୨ ଜଣ ଷ୍ଟାଣ୍ଡବାଇ ରହିବେ ତାହା ସ୍ପଷ୍ଟ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ରିଓ ଅଲିମ୍ପିକ୍ସରେ ଖେଳିଥିବା ୧୦ ଖେଳାଳିଙ୍କୁ ଏଥିରେ ଅପରିବର୍ତ୍ତିତ ରଖା ଯାଇଛି। ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୧୮ ଦିନ ବ୍ୟାପୀ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ଆସନ୍ତା ନଭେମ୍ବର ୨୮ରୁ ଆରମ୍ଭ ହେବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ଲାଗି ମନ୍ଦିରମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବିଶ୍ୱକପ୍ ଲାଗି ଅନ୍‌ଲାଇନରେ ଟିକେଟ୍ ବିକ୍ରି ଆରମ୍ଭ ହୋଇସାରିଥିବାବେଳେ ନକ୍‌ଆଉଟ୍ ମ୍ୟାଚ୍‌ର ସମସ୍ତ ଟିକେଟ୍ ବିକ୍ରି ହୋଇସାରିଥିବା ଜଣାପଡ଼ିଛି।

ଆର୍ୟଲାଣ୍ଡ ଦଳ: ଡେଭିଡ୍ ହାର୍ଟେ, ଡେଭିଡ୍ ଫଜରାଲ୍ଡ (ଉଭୟ ଗୋଲକିପର), ଜୋନାଥନ ବେଲ୍, ପଲ୍ ଗ୍ଲେହୋର୍ନ, ଲ୍ୟୁକ୍ ମେଡିଲେ, କର୍ନର ହାର୍ଟେ, ଷ୍ଟୁଆର୍ଟ ଲୋଫ୍ରେ, ମାଥ୍ୟୁ ବେଲ୍, ଲି କୋଲ୍ (ସମସ୍ତେ ଡିଫେଣ୍ଡର), ଶେନ ଓ'ଡୋନୋହୁଏ, ମାଇକେଲ ରବସନ୍, କିର୍କ ମିମ୍ପ୍ସ, ସିନ୍ ମୁରେ, କ୍ରିସ୍ କାର୍ଗୋ, ଡାରା ଓ୍ୱାଲ୍ସ, ମାଥ୍ୟୁ ନେଲସନ (ସମସ୍ତେ ମିଡ୍‌ଫିଲ୍ଡର), ମିଚ୍ ଡାର୍ଲିଂ, ଏଗୁଏନ ମାଗି, ଆଲାନ ସୋଥେମ ଓ ଜର୍ମି ତନ୍‌କାନ (ସମସ୍ତେ ଫରୱାର୍ଡ), କୋଚ୍– ଆଲେକ୍ସାଣ୍ଡର କକ୍ସ।

DSPL-228

ଓଡ଼ିଶା ଶାସନ ସତ୍ୟମେବ ଜୟତେ ଓଡ଼ିଶା ଶାସନ

ସୌରଜଳନିଧି

କୃଷି କ୍ଷେତ୍ରରେ ଅକ୍ଷୟ ଶକ୍ତି ଉପଯୋଗ ପାଇଁ ଓଡ଼ିଶା ସରକାରଙ୍କର ନିଜସ୍ୱ ଯୋଜନା

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା

'ସୌରଜଳନିଧି' ଯୋଜନା ସହିତ ଏହାର ୱେବ୍ ପୋର୍ଟାଲ୍‌ର ଲୋକାର୍ପଣ

୩୦ ଅକ୍ଟୋବର ୨୦୧୮

ପୂର୍ବାହ୍ନ ୧୧:୪୫ ମିନିଟ୍

ତୃତୀୟ ମହଲା ସମ୍ମିଳନୀ କକ୍ଷ, ଓଡ଼ିଶା ସଚିବାଳୟ

ଯୋଜନାର ବିଶେଷତ୍ୱ

- ବିଦ୍ୟୁତ୍ ଉପଲବ୍ଧ ନଥିବା କ୍ଷେତ୍ରରେ ଜଳସେଚନ ନିମନ୍ତେ ବିଶେଷ ଉପଯୋଗୀ ।
- ଅତିରିକ୍ତ ୨,୫୦୦ ଏକର ଅଣ ଜଳସେଚିତ ଜମିକୁ ନିଶ୍ଚିତ ଜଳସେଚନ ସୁବିଧା ।
- ୫,୦୦୦ ଗୋଟି ସୌରଚାଳିତ ପାଣିପମ୍ପ ସେଟ୍ (୦.୫ ଏଚ୍.ପି.) ସରକାରୀ ରିହାତିରେ କୃଷକମାନଙ୍କୁ ଯୋଗାଇ ଦିଆଯିବ ।

01034/13/0067/1819

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

ହାଇକୋର୍ଟ ପରିସରରେ ଆଇନଜୀବୀ ମୁହାଁମୁହିଁ ହେବା ସମୟର ଦୃଶ୍ୟ

ଆହତ ହୋଇଥିବା ଜଣେ ଯୁବକଙ୍କୁ ପୋଲିସ ଘଟଣାସ୍ଥଳରୁ ନେଉଛି।

ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ ହେବା ସମୟରେ ନୀରବଦ୍ରଷ୍ଟା ସାଜିଥିବା ପୋଲିସ।

ଅସହାୟ ଦିବ୍ୟାଙ୍ଗ ବୃଦ୍ଧ ଡାକ୍ତରଖାନାରେ ଭର୍ତ୍ତି

ଜୁନାଗଡ,୨୯।୧୦(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରାର ଏକ ଗଛମୂଳେ ଆଶ୍ରୟ ନେଉଥିବା ଅସହାୟ ଦିବ୍ୟାଙ୍ଗ ବୃଦ୍ଧ ତହସିଲ ଶବରଙ୍କୁ ସୋମବାର ଉଦ୍ଧାର କରାଯାଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗତ କିଛି ଦିନ ତଳେ ରାସ୍ତାରେ ଯାଉଥିବା ବେଳେ ଏକ ଚାରିଚକିଆ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଗୋଡରେ ଆଘାତ ଲାଗିବାରୁ ସେ ଚଲାବୁଲା କରିଯାରୁ ନ ଥିଲେ। ତେବେ ଅର୍ଥଭାବରୁ ସେ ଚିକିତ୍ସିତ ହେବା

ଧରିତ୍ରୀର ପ୍ରଭାବ

ପାଇଁ ଡାକ୍ତରଖାନା ଯାଇ ପାରୁ ନ ଥିଲେ। ଫଳରେ ସେହି ଗଛମୂଳେ ବେସାହାରା ଭାବେ ସେ ଆଶ୍ରୟ ନେଉଥିଲେ। ତାଙ୍କର ଏହି ଘଟଣା ସମ୍ପର୍କରେ ସୋମବାର 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ଦିନ ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକଙ୍କ ନେତୃତ୍ୱରେ ବୃଦ୍ଧ ତହସିଲଙ୍କୁ ୧୦୮ଜରିଆରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

ଅସହାୟ ଦିବ୍ୟାଙ୍ଗ ବୃଦ୍ଧଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସେଠାରେ ତାଙ୍କ ଗୋଡର ଏକ୍ସରେ କରାଯାଇ ଚିକିତ୍ସା କରାଯାଉଛି। ଚିକିତ୍ସା ପରେ ତାଙ୍କୁ ବୃଦ୍ଧାଶ୍ରମରେ ଛଡାଯିବ ବୋଲି ଜଣାପଡିଛି। ଜିଲା ସଭାନେତ୍ରୀଙ୍କ ସହ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ସାମାଜିକ କର୍ମୀ ଅମିତ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

CLASSIFIED DISPLAY

DSPL-216

ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ବାର୍ତ୍ତା

ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦର ବିଷୟ ଏହି କି ଦେଶର ଅନ୍ୟାନ୍ୟ ରାଜ୍ୟଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡ଼ିକ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ବେଶ୍ ସରଳ ଏବଂ ସୁରକ୍ଷିତ ବୋଲି ପ୍ରମାଣିତ । ଏହି ଜମା ଯୋଜନାରେ ପୁଞ୍ଜି ନିବେଶ କରି ଜନସାଧାରଣ ନିଜର ଭବିଷ୍ୟତ ଆର୍ଥିକସ୍ଥିତି ସୁଦୃଢ଼ କରିବାର ସୁଯୋଗ ନିଅନ୍ତୁ । ନିୟମିତ ସଞ୍ଚୟ ଭବିଷ୍ୟତ ପାଇଁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହିତ ଯେକୌଣସି ଜରୁରୀ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସ୍ୱଳ୍ପ ସଞ୍ଚୟକୁ ଲୋକପ୍ରିୟ କରାଇବା ଦିଗରେ ବିଶେଷ ସହାୟକ ହୋଇପାରିଛି ।

ମିତବ୍ୟୟିତା ଆଚରଣ ପୂର୍ବକ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ସମସ୍ତଙ୍କର ସଂକଳ୍ପ ହେଉ ।

ଆମ ସମସ୍ତଙ୍କର ମିଳିତ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା କରୁଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆନନ୍ଦର କଥା ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ମାସ ୩୦ ତାରିଖ ଦିନ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଉଛି ।

ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଏକାନ୍ତ ଅପରିହାର୍ଯ୍ୟ । ଅନାବଶ୍ୟକ ଖର୍ଚ୍ଚକୁ ଯଥାସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତ ସଞ୍ଚୟ ଯୋଜନାରେ ବିନିଯୋଗ କରି ରଖିଲେ ତାହା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସୁରକ୍ଷା ସହ ଦେଶର ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଏ ଦୃଷ୍ଟିରୁ ଡାକଘର ତଥା ବ୍ୟାଙ୍କ ମାଧ୍ୟମରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ଅଗ୍ରଣୀ ଭୂମିକା ବହନ କରିଛି । ଏଠାରେ ସଞ୍ଚିତ ଜମାରାଶି ସମ୍ପୂର୍ଣ୍ଣ ସୁରକ୍ଷିତ ତଥା ନିରାପଦ ଅଟେ । ଏହି ଯୋଜନା ବ୍ୟକ୍ତି ବିଶେଷକୁ ମିତବ୍ୟୟି କରିବା ସଙ୍ଗେ ସଙ୍ଗେ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ପ୍ରଦାନ କରିଥାଏ । ରାଷ୍ଟ୍ର ନିର୍ମାଣରେ ମଧ୍ୟ ଏହା ବିଶେଷ ସହାୟକ ହୋଇଥାଏ ।

ରାଜ୍ୟ ସରକାରଙ୍କ ତରଫରୁ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଅଛି। ଏହି ଅବସରରେ ରାଜ୍ୟବାସୀଙ୍କୁ ମୋର ନିବେଦନ ଯେ, ସେମାନେ ବିଭିନ୍ନ ସ୍ୱଳ୍ପ ଯୋଜନାରେ ଅର୍ଥ ବିନିଯୋଗ କରି ନିଜର ଆର୍ଥିକ ଉନ୍ନତିକୁ ସୁନିଶ୍ଚିତ କରନ୍ତୁ ।

ବିଶ୍ୱ ମିତବ୍ୟୟିତା ଦିବସର ମୁଁ ସଫଳତା କାମନା କରୁଅଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

ମାନ୍ୟବର ଅର୍ଥ ମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୩୦ ତାରିଖରେ ଆମ ଦେଶର ସବୁ ରାଜ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଅଛି । ଏହି ଉପଲକ୍ଷେ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଆର୍ଥିକ ବିକାଶ କ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅନନ୍ୟ । ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନା ପ୍ରତ୍ୟେକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ଆଜିର ସଙ୍କଳ୍ପ ହେଉ । ଏହି ଅଭ୍ୟାସ ବ୍ୟକ୍ତିର ଭବିଷ୍ୟତ ଜୀବନକୁ ସୁଖମୟ ଏବଂ ସହଜ କରିବାରେ ବିଶେଷ ସହାୟକ ହୋଇଥାଏ ।

ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିଛନ୍ତି । ଏଥିରେ ବର୍ଷକୁ ୨୪୨୮ ଗୋଟି ଆକର୍ଷଣୀୟ ଆର୍ଥିକ ପୁରସ୍କାରର ବ୍ୟବସ୍ଥା କରାଯାଇଅଛି । ପ୍ରଥମ ପୁରସ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ରହିଥିବାବେଳେ, ସର୍ବନିମ୍ନ ପୁରସ୍କାର ମୂଲ୍ୟ ୨୦୦୦ ଟଙ୍କା ରହିଅଛି ।

ଏଣୁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଅନୁରୋଧ, ସେମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବା ସଂଗେ ସଂଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

ଏହି ଅବସରରେ ମୁଁ ବିଶ୍ୱ ମିତବ୍ୟୟିତା ଦିବସର ସଫଳତା କାମନା କରୁଅଛି ।

ଶଶିଭୂଷଣ ବେହେରା
(ଶଶିଭୂଷଣ ବେହେରା)

05001/13/0022/1819

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୩୦/୨୦୧୮ Sambalpur, Tuesday, October 30/ 2018

ସଂକ୍ଷେପରେ

ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଜୁନାଗଡ, ୨୯।୧୦ (ଡି.ଏନ.ଏ./ସ୍ୱ.ପ୍ର.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଟିଗାଁ ନିକଟରେ ସୋମବାର ଅପରାହ୍ନରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ନିତ୍ୟାନନ୍ଦ ମେହେର (୭୫) ଓ ତାଙ୍କ ଘର ବ୍ଲକର ବୁଡିପଦର ଗ୍ରାମରେ । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ନିତ୍ୟାନନ୍ଦ ନିଜ ବେପାର ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ମାଟିଗାଁ ନିକଟରେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କାଦେଇଥିଲା। ନିତ୍ୟାନନ୍ଦ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ଜୁନାଗଡ ପିସିଆର ଭ୍ୟାନ ଯୋଗେ ତାଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ନିତ୍ୟାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ବାଇକ୍ ଆରୋହୀଙ୍କୁ ମଧ୍ୟ ଗୁରୁତର ଅବସ୍ଥାରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ବାଇକ୍ ଆରୋହୀ ଜଣକ ଜୁନାଗଡ ବ୍ଲକ ପଲାସ ଗ୍ରାମର ଚନ୍ଦ୍ରଶେଖର ସେଠୀ (୫୫) ଏବଂ ସେ କଲମପୁର ଇଲେକ୍ଟ୍ରିଡିଭିଜନରେ କାର୍ଯ୍ୟରତ କର୍ମଚାରୀ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ବାଇକ ପଛ ପଟରେ ବସିଥିବା ଅନ୍ୟ ଜଣେ ଘଟଣା ସ୍ଥଳରୁ ଫେରାର ହୋଇଛନ୍ତି। ମଙ୍ଗଳବାର ସକାଳେ ଶବ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିବେ ବୋଲି ତଦନ୍ତ ଅଧିକାରୀ ସବ ଇନିସପେକ୍ଟର ଉମ୍ବରୁଧର ପ୍ରଧାନ କହିଛନ୍ତି।

ଝାରବନ୍ଧ ପରେ କଳିଆକୁଣ୍ଡଲରେ କିଡ୍‌ନୀ ରୋଗ ଆତଙ୍କ

ଜଣେ ମୃତ, ୯ ଆକ୍ରାନ୍ତ

ଜୁନାଗଡ,୨୯।୧୦(ଡି.ଏନ.ଏ.)

କଳିଆକୁଣ୍ଡଲ ସତନାମୀ ପଡାର କିଡ୍‌ନୀ ଆକ୍ରାନ୍ତମାନେ ରିପୋର୍ଟ ଦେଖାଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ ଝାରବନ୍ଧ ଗ୍ରାମରେ କିଡନୀ ରୋଗ ପରେ ଏବେ ବ୍ଲକର କଳିଆକୁଣ୍ଡଲ ସତନାମିପଡାରେ ମଧ୍ୟ ସେହି ରୋଗର ଆତଙ୍କ ଦେଖିବାକୁ ମିଳିଛି। ଏହି ରୋଗରେ ଗତ ୯ ଦିନ ତଳେ ପଡାର ତିର୍ଥ ସତନାମୀ (୬୦)ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି ପଡାରେ ଏବେ ୯ଜଣ ମହିଳା, ପୁରୁଷ ଏହି ରୋଗରେ ଆକ୍ରାନ୍ତ ଅଛନ୍ତି। ସେମାନେ ହେଲେ ଲକ୍ଷ୍ମୀଧର ସତନାମି (୪୫), ବୃଷଭ ସତନାମି (୪୭), ବନିତା ସତନାମି (୩୫), କୁନ୍ତୁ ସତନାମି (୪୪), ସୌଦାମିନୀ ସତନାମି (୪୦), ଗରୀବ ସତନାମି (୬୦), ଅରୁଣା ସତନାମି (୫୭), ଭାସ୍କର ସତନାମି (୬୦), ରତ୍ନ ସତନାମି (୫୮)। ପ୍ରାୟ ସମସ୍ତେ ବିଶାଖପାଟଣାସ୍ଥିତ ସେଭେନହିଲ ଓ କଟକ ବଡ ମେଡିକାଲକୁ ଚିକିତ୍ସିତ ହେବାକୁ ଯାଇଥିଲେ। ସେଠାରୁ ଅର୍ଥ ଭାବରୁ ଠିକ ଭାବେ ଚିକିତ୍ସିତ ହୋଇ ନ ପାରି ସମସ୍ତେ ଏବେ ଘରକୁ ଫେରିଛନ୍ତି। ପାଣି ଓ ବିଷାକ୍ତ ପନିପରିବା ବ୍ୟବହାର ଯୋଗୁ ସେମାନଙ୍କୁ କିଡ୍‌ନୀ ରୋଗ ହୋଇଥିବା ସେଠାକାର ଡାକ୍ତର କହିଛନ୍ତି। ଅନ୍ୟପକ୍ଷରେ ସମସ୍ତେ ପ୍ରାୟ ଗରୀବ ଶ୍ରେଣୀର ହୋଇଥିବା ବେଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ପରେ ତାଙ୍କ ପରିବାର ଏବେ ଅସହାୟ ହୋଇପଡିଛି। ପ୍ରତିଦିନ ଏହି ପରିବାର ସଦସ୍ୟମାନେ କାମ କରିବାକୁ ଗଲେ ତାଙ୍କ ଘର ଚୁଲି ଜଳିଥାଏ। ଏବେ କିଡ୍‌ନୀ ରୋଗରେ ଆକ୍ରାନ୍ତ ପରେ ସେମାନେ କାମ କରିବାକୁ ଯାଇପାରୁନାହାନ୍ତି। ଫଳରେ ତାଙ୍କ ଚଳିବା କଷ୍ଟକର ହୋଇପଡିଛି। ଏହି ପରିସ୍ଥିତିରେ ସେମାନେ ଭଲ ଭାବେ ଚିକିତ୍ସିତ ମଧ୍ୟ ହୋଇପାରୁ ନାହାନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ସେମାନେ ନିବେଦନ କରିଛନ୍ତି। ଗତ ୨ ବର୍ଷ ତଳେ ଏହି ପଡାର କିଡନୀ ରୋଗରେ ଆକ୍ରାନ୍ତ ହୋଇ ରୋହିତ ସତନାମି ଓ ପୁସ୍ତମ ସତନାମି ମୃତ୍ୟୁବରଣ କରିଥିବା ପଡାବାସୀଙ୍କଠୁ ଜଣାପଡିଛି। ଏ ନେଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ଘଟଣା ସ୍ଥଳକୁ ଅନୁଧ୍ୟାନ କରି ଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

କପଡ଼ା ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଜମନକିରା, ୨୯। ୧୦ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରାର ବିଜୟ କ୍ଲଥ ଷ୍ଟୋରରୁ ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର କପଡ଼ା ଚୋରି କରି ନେଇଯାଇଛନ୍ତି। ପ୍ରତିଦିନ ଭଳି ମାଲିକ ବିଭାସ ଦେବନାଥ ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ସୋମବାର ପୂର୍ବାହ୍ନ ସାଢ଼େ ୮ ଟା ସମୟରେ ଦୋକାନ ଖୋଲି ଦେଖିବା ବେଳକୁ ଦୋକାନ ଭିତରେ ଆଜବେଷ୍ଟସ ତଳେ ପଡ଼ିଥିଲା। ସିଲିଂ ଭଙ୍ଗାଯାଇଥିଲା। ଲକ୍ଷାଧିକ ଟଙ୍କାର ଜିନ୍ସ ପ୍ୟାଣ୍ଟ, ସାର୍ଟ, ନାମି ଦାମି କପଡ଼ା ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜମନକିରା ଥାନାରେ ଏ ନେଇ ଏକ ମାମଲା (ନଂ. ୧୪୯/୧୮) ରୁଜୁ ହୋଇଛି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।

- ଚାଣକ୍ୟ

ସଂକ୍ଷେପରେ

ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

ପଦ୍ମପୁର, ୨୯।୧୦ (ଡି.ଏନ.ଏ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍‌ରେ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦୌଲତ ଚନ୍ଦ୍ରକାର ଅଫିସ୍‌ର ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କରାଇଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଏହାର ଆଭିମୁଖ୍ୟ ଉପରେ ମତାମତ ରଖିଥିଲେ ।

ବିପଦସଙ୍କୁଳ ବିଦ୍ୟୁତ୍ ତାର

ଅତାବିରା, ୨୯।୧୦ (ଡି.ଏନ.ଏ): ବିଦ୍ୟୁତ ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହିନତା ପାଇଁ ବିଭିନ୍ନ ସମୟରେ ଧନଜୀବନ ନଷ୍ଟ ହେଉଛି । ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ତାର, ଟ୍ରାନ୍ସଫର୍ମର, ଖମ୍ବ ରହି ଚାରିପଟେ ଅନାବନା ଘାସଲଟାରେ ପରିପୂର୍ଣ୍ଣ ହୋଇଯାଇଥିଲେ ମଧ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ । ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଦେଶଭଟିଲି ଓ ଦେଶପର୍ଥଲା ନିକଟରେ ଥିବା ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାରକୁ ଅନାବନା ଲଟା ମାଡି ଗଲାଣି । ଖମ୍ବର ୨୨ ଫୁଟରୁ ଉର୍ଦ୍ଧ୍ୱକୁ ବିଦ୍ୟୁତ୍ ତାର ପର୍ଯ୍ୟନ୍ତ ଲଟା ମାଡିଗଲାଣି। କିନ୍ତୁ ବିଭାଗୀୟ କର୍ମଚାରୀମାନେ ସଫେଇ କରୁନାହାନ୍ତି। ବିପଦ ଆଶଙ୍କା ଥିବାରୁ ତୁରନ୍ତ ଏହାକୁ ସଫେଇ କରିବାକୁ ଦାବି ହେଉଛି ।

ଭାଗବତ ପାରାୟଣ ସପ୍ତାହ

ପଦ୍ମପୁର, ୨୯।୧୦ (ଡି.ଏନ.ଏ): ପଦ୍ମପୁର ହନୁମାନ ମନ୍ଦିରପଡା ମହିଳା ଭାଗବତ କମିଟିର ଆୟୋଜନରେ ହନୁମାନ ମନ୍ଦିରରେ ଗତ ୨୫ ତାରିଖରୁ ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଛି । ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି ପାରାୟଣ ଚାଲିବ । ଗଙ୍ଗାଧର ଉଦ୍‌ଗାତା ଭାଗବତ ଗାନ କରୁଛନ୍ତି । ପ୍ରତ୍ୟହ ଅନେକ ଶ୍ରଦ୍ଧାଳୁ ପାରାୟଣ ପୀଠରେ ଉପସ୍ଥିତ ହୋଇ ଭାଗବତ ଶୁଣୁଛନ୍ତି । ମହିଳା କମିଟି ସଦସ୍ୟା ସହଯୋଗ କରୁଛନ୍ତି ।

ଜିଲାପାଳ ଅଫିସ ଆଗରେ ଧାରଣା

ବରଗଡ଼ ଅଫିସ୍,୨୯।୧୦

ଶ୍ରମିକଙ୍କୁ ଶୋଷଣ ଅଭିଯୋଗ

ଜିଲା ଶ୍ରମ ଅଧିକାରୀଙ୍କ ସହିତ ଶ୍ରମିକମାନେ ଆଲୋଚନା କରୁଛନ୍ତି ।

- ଚର୍ଚ୍ଚାରେ ବଉଲସିଂହା ଇଥାନଲ ପ୍ଲାଣ୍ଟ
- ନିର୍ମାଣ ଆରମ୍ଭରୁ ଶ୍ରମିକ ଅସନ୍ତୋଷ
- ଠିକାସଂସ୍ଥା ବିରୋଧରେ ସ୍ମାରକପତ୍ର
- ସ୍ଥାନୀୟ ଶ୍ରମିକଙ୍କୁ ଦିଆଯାଉଛି କମ୍ ପାରିଶ୍ରମିକ
- ଶ୍ରମିକଙ୍କୁ ମିଳୁନି ପିଏଫ୍, ଇଏସ୍‌ଆଇ ସୁବିଧା
- ଜିଲାପାଳ କହିଲେ ସମାଧାନ ହେବ

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବଉଲସିଂହାଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟରେ ନିୟୋଜିତ ଶ୍ରମିକଙ୍କୁ ସମ୍ପୃକ୍ତ ଠିକାସଂସ୍ଥା ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ସୋମବାର ବରଗଡ଼ ଜିଲା ନିର୍ମାଣ ଶ୍ରମିକ ସଂଘ ନେତୃତ୍ୱରେ ଇଥାନଲ ପ୍ଲାଣ୍ଟରେ କାର୍ଯ୍ୟରତ ସ୍ଥାନୀୟ ଶ୍ରମିକମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହିତ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଇଥାନଲ ପ୍ଲାଣ୍ଟ ନିର୍ମାଣ ଦାୟିତ୍ୱରେ ରହିଥିବା ଠିକାସଂସ୍ଥା ଏଠାରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦେବାରେ ପାତରଅନ୍ତର ନୀତି ଅବଲମ୍ବନ କରୁଛି । ରାଜ୍ୟ ବାହାରୁ ଆସି ଏଠାରେ କାମ କରୁଥିବା ଶ୍ରମିକଙ୍କୁ ଦୈନିକ ୩୫୦ ଟଙ୍କା ପାରିଶ୍ରମିକ ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ୨୯୦ ଟଙ୍କା ପ୍ରଦାନ କରୁଛି । ସେହିପରି ମହିଳା ଓ ପୁରୁଷ ଶ୍ରମିକଙ୍କ କ୍ଷେତ୍ରରେ ମଧ୍ୟ ପାରିଶ୍ରମିକ ପ୍ରଦାନରେ ପ୍ରଭେଦ ରଖାଯାଉଛି । ସ୍ଥାନୀୟ ପୁରୁଷ ଶ୍ରମିକଙ୍କୁ ଦୈନିକ ୨୯୦ ଟଙ୍କା ଦେଉଥିବାବେଳେ ମହିଳା ଶ୍ରମିକଙ୍କୁ ୨୫୦ ଟଙ୍କା ପ୍ରଦାନ କରାଯାଉଛି ।

ଭାରତ ସରକାରଙ୍କ ନିୟମାନୁଯାୟୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଦୈନିକ ୩୭୩ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଉକ୍ତ ଠିକାସଂସ୍ଥା ତାକୁ ଉଲ୍ଲଂଘନ କରୁଛି ବୋଲି ଜିଲା ନିର୍ମାଣ ଶ୍ରମିକ ସଂଘର ଆବାହକ ଇଂ ଦେବବ୍ରତ ମିଶ୍ର ଅଭିଯୋଗ କରିଛନ୍ତି। ସେହିପରି ଶ୍ରମିକଙ୍କ ସୁରକ୍ଷା ପାଇଁ ଠିକାସଂସ୍ଥା ସୁରକ୍ଷା ଉପକରଣ ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଛି । ସେହି ସୁରକ୍ଷା ଉପକରଣ ତଥା ଟୋପି, ଜୋତା ଆଦି ବାବଦକୁ ଠିକାସଂସ୍ଥା କର୍ତ୍ତୃପକ୍ଷ ଶ୍ରମିକଙ୍କ ପାଉଣାରୁ ୬ରୁ ୭ ଶହ ଟଙ୍କା କାଟି ରଖୁଥିବା ଅଭିଯୋଗ ହୋଇଛି । ସେହିପରି କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ପିଏଫ, ଇଏସଆଇ ତଥା ନିୟମାନୁସାରେ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉନାହିଁ ବୋଲି ଜିଲା ନିର୍ମାଣ ଶ୍ରମିକ ସଂଘ ଅଭିଯୋଗ କରିଛି ।

ଉଲ୍ଲେଖନୀୟ, ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ଜିଲାପାଳ ଅଫିସରେ ଆନ୍ଦୋଳନ ଚଳାଇଥିବା ବେଳେ ସ୍ଥାନୀୟ ଶ୍ରମ ଅଧିକାରୀ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ । ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା । ପରେ ଜିଲାପାଳ ତ୍ରିପାଠୀ ସେଠାକୁ ଆସି ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ ଏବଂ ଅଭିଯୋଗ ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହାପରେ ଧାରଣାରୁ ଶ୍ରମିକମାନେ ଓହରିଥିଲେ । ଆସନ୍ତା ୭ଦିନ ମଧ୍ୟରେ ସେମାନଙ୍କ ଅଭିଯୋଗ ଏବଂ ଦାବି ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜିଲା ନିର୍ମାଣ ଶ୍ରମିକ ସଂଘ ନେତୃତ୍ୱରେ ଶ୍ରମିକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଜିଲା ନିର୍ମାଣ ଶ୍ରମିକ ସଂଘର ଆବାହକ ଇଂ ମିଶ୍ରଙ୍କ ନେତୃତ୍ୱରେ ସଂଘର ଅନ୍ୟ କର୍ମକର୍ତ୍ତା, ଶତାଧିକ ଶ୍ରମିକ ଏଥିରେ ସାମିଲ ହୋଇଥିଲେ ।

ବାଳିକା ୟୁଜିଏମଇ ସ୍କୁଲରେ ଜିଲାପାଳ ଜଣେ ଯୁବକଙ୍କୁ ଭୋଟର କାର୍ଡ ବଣ୍ଟନ କରୁଛନ୍ତି ।

ନୂତନ ଭୋଟରଙ୍କୁ କାର୍ଡ ବାଣ୍ଟିଲେ ଜିଲାପାଳ

ବିଜେପୁର, ୨୯।୧୦ (ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକର ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟର ତାଲିକା ସଂଶୋଧନ ଓ ନୂତନ ଭୋଟର କାର୍ଡ ବଣ୍ଟନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବିଜେପୁର ବାଳିକା ୟୁଜିଏମ୍‌ଇ ସ୍କୁଲରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ନୂତନ ଭାବେ ନାମ ପଞ୍ଜୀକରଣ କରିଥିବା ଭୋଟର ମାନଙ୍କୁ କାର୍ଡ ବଣ୍ଟନ କରିଥିଲେ । ଜିଲାପାଳ ଭୋଟର ତାଲିକା ସଂଶୋଧନରେ ଶିକ୍ଷକ ତଥା ନାଗରିକମାନଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ବିଜେପୁର ବିଡିଓ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ ।

■ ସୁରଭି କାର୍ଯ୍ୟକ୍ରମ କଲେନି

ସିଆରସିସି, ୧୧ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ସୋହେଲା,୨୯।୧୦(ଡି.ଏନ.ଏ)

ସୋହେଲା ବ୍ଲକରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରିବାରେ ଡୁମେରପାଲି କ୍ଲଷ୍ଟରର ସିଆରସିସି ଓ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ଅବହେଳା କରିଥିବାରୁ ସୋହେଲା ବିଇଓ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସମସ୍ତଙ୍କୁ ତିନି ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ଦେବାକୁ ବିଇଓ ମହାନନ୍ଦ ନିର୍ଦ୍ଦେଶ ଜାରି କରିଛନ୍ତି । କାରଣ ଦର୍ଶାଅ ନୋଟିସ୍‌ର ଜବାବ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଏହାସହ ସିଆରସିସି ପ୍ରଦୀପ କୁମାର ନାୟକଙ୍କ ଅକ୍ଟୋବର ମାସର ଦରମାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଅନୁସାରେ, ଗତ ୨୭ ତାରିଖରେ ସୋହେଲା ବ୍ଲକରେ ଥିବା ୧୬ଟି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେହିଦିନ ଡୁମେରପାଲି କ୍ଲଷ୍ଟର ବ୍ୟତୀତ ଅନ୍ୟ କ୍ଲଷ୍ଟରମାନଙ୍କରେ ସୁରଭି କାର୍ଯ୍ୟକ୍ରମ ହୋଇଥିଲା। କିନ୍ତୁ ଡୁମେରପାଲି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ କରାଯାଇ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହା ଉପରେ ବିଇଓ ହେମସାଗର ମହାନନ୍ଦ ଘଟଣାର ଅନୁଧ୍ୟାନ କରି ପତ୍ର ସଂଖ୍ୟା ୩୧୭୪ ଅନୁସାରେ ଡୁମେରପାଲି କ୍ଲଷ୍ଟରରେ କାର୍ଯ୍ୟରତ ସିଆରସିସି ଓ ସମ୍ପୃକ୍ତ ସ୍କୁଲମାନଙ୍କର ପ୍ରଧାନ ଶିକ୍ଷକମାନଙ୍କୁ ନୋଟିସ୍ ଜାରି କରିଛନ୍ତି ।

ସୋହେଲା ବ୍ଲକର ସମସ୍ତ କ୍ଲଷ୍ଟରରେ ୨୬ ତାରିଖରେ ସୁରଭି କାର୍ଯ୍ୟକ୍ରମ ସୁଚାରୁ ରୂପେ କରିବା ପାଇଁ ଦୁଇଟି ବୈଠକ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମସ୍ତ ସିଆରସିସିଙ୍କ ଆକାଉଣ୍ଟକୁ ୩ହଜାର ଟଙ୍କା ଟ୍ରାନ୍ସଫର କରାଯାଇଥିଲା। କିନ୍ତୁ ଡୁମେରପାଲି ସିଆରସିସି କାର୍ଯ୍ୟକ୍ରମ ଆୟୋଜନ କି ନ ଥିଲା। ଏପରିକି ଏହି କ୍ଲଷ୍ଟର ଅଧୀନରେ ଥିବା ୧୧ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଧ୍ୟ କୌଣସି ଅଭିଯୋଗ କରି ନ ଥିଲେ କି ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇ ନାହାନ୍ତି ।

■ ବିଜେପୁର ସରକାରୀ ବାଳିକା ହାଇସ୍କୁଲରେ ଅବ୍ୟବସ୍ଥା

ଶିକ୍ଷୟିତ୍ରୀଙ୍କୁ ଅଟକ, ଧାରଣାରେ ଅଭିଭାବକ

ବିଜେପୁର, ୨୯।୧୦ (ଡି.ଏନ.ଏ)

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗେଟ୍ ସାମ୍ନାରେ ଅଭିଭାବକମାନେ ଧାରଣାରେ ବସିଛନ୍ତି ।

ବିଜେପୁର ଏନଏସି ସଦର ମହକୁମାରେ ଥିବା ବ୍ଲକର ଏକମାତ୍ର ନୂତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୀର୍ଘଦିନ ଧରି ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ଏହାର ସମାଧାନ ଦିଗରେ ଅଭିଭାବକ ପ୍ରଶାସନକୁ ଜଣାଇଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ତେଣୁ ଅଭିଭାବକମାନେ ଶିକ୍ଷୟିତ୍ରୀମାନଙ୍କୁ ପୂର୍ବାହ୍ନ ୧୦ଟାରେ ଏକ କୋଠରୀରେ ଭର୍ତ୍ତି କରି ତାଲା ପକାଇ ଧାରଣାରେ ବସିଥିଲେ । ଖବର ପାଇ ଥାନାଧିକାରୀ ରାଜେନ୍ଦ୍ର ଶିଆଳ ସେଠାକୁ ପହଞ୍ଚି ଆନ୍ଦୋଳନରତ ଅଭିଭାବକମାନଙ୍କୁ ବୁଝାସୁଝା କରି ଶିକ୍ଷୟିତ୍ରୀମାନଙ୍କୁ ବନ୍ଦ କୋଠରୀରୁ ମୁକ୍ତ କରିଥିଲେ। ବିଦ୍ୟାଳୟର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଶିକ୍ଷୟତ୍ରୀମାନେ ଶିକ୍ଷାଦାନ ନ କରିବାକୁ ସେମାନେ ଅଡି ବସିଥିଲେ । ଫଳରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଖବର ଲେଖାହେବା ସୁଦ୍ଧା (ଅପରାହ୍ନ ୫ଟା ପର୍ଯ୍ୟନ୍ତ) କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ଆସି ନ ଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ମୁତାବକ, ବ୍ଲକର ଏକମାତ୍ର ବାଳିକା ଶିକ୍ଷା ପାଇଁ ରହିଥିବା ଏହି ହାଇସ୍କୁଲରେ ଦୀର୍ଘଦିନରୁ ବିଜ୍ଞାନ ଓ କ୍ଲାସିକାଲ ଶିକ୍ଷକ ପଦବୀ ଖାଲି ରହିଛି । ଉକ୍ତ ସ୍କୁଲର କିରାଣୀ ଏଠାରୁ ଦରମା ପାଉଥିବା ବେଳେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାମ କରୁଛନ୍ତି । ଶିକ୍ଷାର୍ଥୀମାନଙ୍କ ପାଇଁ କୋଠରି ଅଭାବ ରହିଥିବା ବେଳେ ଯେଉଁ କୋଠରି ରହିଛି ସେଥିରୁ ବର୍ଷା ହେଲେ ପାଣି ଗଳୁଥିବା ଅଭିଯୋଗ ହେଉଛି । ପାନୀୟ ଜଳର ସୁବିଧା ନ ଥିବାରୁ ମଧ୍ୟାହ୍ନ ଭୋଜନ ବେଳେ ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ରବୀନ୍ଦ୍ର ପ୍ରଧାନ, ବିଜୟ ବେଶ୍ରା, ସାଧୁ ମେହେର, ଲୋଚନ କୁଦେଇ, ଦିଲୀପ ମାହାଣା ପ୍ରମୁଖ ଅଭିଭାବକ ଚେତାବନୀ ଦେଇଛନ୍ତି । ତେବେ ଏହି ହାଇସ୍କୁଲରେ ବିଜ୍ଞାନ ଓ କ୍ଲାସିକାଲ ଶିକ୍ଷୟିତ୍ରୀ ନିଯୁକ୍ତ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ପତ୍ର ମାଧ୍ୟମରେ ସୋମବାର ଜଣାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଯୋଶୀ ସୂଚନା ଦେଇଛନ୍ତି ।

କ୍ଷତିପୂରଣ ଦାବି କଲେ ଚାଷୀ

ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ବରଗଡ଼ ଅଫିସ୍,୨୯।୧୦

ବରଗଡ଼ ଜିଲା ଅଣଜଳସେଚିତ ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଛିନ୍ଦେଇକେଲାରେ ସ୍ୱଳ୍ପ ବୃଷ୍ଟିପାତ ଏବଂ ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ଫସଲକ୍ଷତିର କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି । ଏହି କ୍ରମରେ ସୋମବାର ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ସମସ୍ତ ଚାଷୋପଯୋଗୀ ଜମିରେ ଧାନ ଫସଲ ହୋଇଥିଲା। ଗତ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରୁ ବର୍ଷା ନ ହେବା ଯୋଗୁ ଫସଲ ନଷ୍ଟ ହୋଇଥିଲା । ଯାହା କିଛି ଫସଲ ରହିଥିଲା, ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ତାହା ମଧ୍ୟ ଧୂଳିସାତ୍ ହୋଇଥିଲା। ଫଳରେ ଋଣ କରଜ ପରିଶୋଧ ସହିତ ପରିବାର ଗୁଜୁରାଣ କରିବା କଷ୍ଟସାଧ୍ୟ ହୋଇ ପଡ଼ିଛି। ଏ ଦିଗରେ ବିହିତ ପଦକ୍ଷେପ ନେଇ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଛିନ୍ଦେଇକେଲ ରାମଜୀ କୃଷକ ମହାସଂଘ ସଭାପତି ନବଘନ ଭୋଇଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କିଥିଲେ । ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଜୟକୃଷ୍ଣ ସାହୁ, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ଅନ୍ୟ କ୍ଷତିଗ୍ରସ୍ତ ଚାଷୀମାନେ ଉପସ୍ଥିତ ଥିଲେ ।

ସୋହେଲା ବ୍ଲକର ୨୭ ପଞ୍ଚାୟତ ପାଇଁ ଓକିଲ ନିଯୁକ୍ତି

ସୋହେଲା, ୨୯।୧୦(ଡି.ଏନ.ଏ)

ଓଡିଶା ସରକାରଙ୍କ ଆଇନ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ବରଗଡ଼ ଜିଲା ସୋହେଲା ବ୍ଲକର ୨୭ଟି ପଞ୍ଚାୟତ ପାଇଁ ସୋମବାର ଓକିଲ ନିଯୁକ୍ତ ହୋଇଛନ୍ତି। ବିଡିଓ ଅଶୋକ କୁମାର ଗଡତିଆଙ୍କ ଅଫିସରେ ଏମାନେ ନିଜ ନିଜ ନିଯୁକ୍ତ ପତ୍ର ପ୍ରଦାନ କରିଥିଲେ । ନିଯୁକ୍ତି ପାଇଥିବା ଓକିଲମାନେ ହେଲେ ଜୟନ୍ତ କୁମାର ଆଚାର୍ଯ୍ୟ (ବାଉଁସେନମୁରା), ଅମର ମହାନନ୍ଦ(ବେହେରାପାଲି), ବିଭୂତିଭୂଷଣ ପ୍ରଧାନ(ବିଜାପାଲି), ରୋହିତ କୁମାର ଦେବତା (ବିର୍ଜାମ), ପ୍ରମୋଦ କୁମାର ସାହୁ (ଛୁରିଆପାଲି), ଜୟନ୍ତ କୁମାର ପାତ୍ର (ଡୁମେରପାଲି), ନୀତିଶ ଆଚାର୍ଯ୍ୟ (ଗର୍ଭଣା), ଗୋକୁଳ ଚନ୍ଦ୍ର ଦାଶ (ଘେଁସ), ବସନ୍ତ ସାହୁ (ଜଟଲା), ବିକ୍ରମ କେଶରୀ ପଧାନ(ଝର), ଚନ୍ଦ୍ରକାନ୍ତ ବାରିକ (କଲଙ୍ଗାପାଲି), ଭୁବନେଶ୍ୱର ବାରିକ (କନାପାଲି), ବିକାଶ ଚନ୍ଦ୍ର ଭୋଇ(କନଗାଁ), ରୋହିତ କୁମାର ଦେବତା (କରଣ୍ଡୋଲା), ବିକାଶ ଚନ୍ଦ୍ର ନାଏକ (ଲେବିଡି), ଉମା ଚରଣ ମେହେର (ପଣ୍ଡକିପାଲି), ବିନାୟକ ମିଶ୍ର (ପାଣିମୋରା), ସୁନୀଲ କୁମାର ଅଗ୍ରୱାଲ (ପେଟୁପାଲି), ଭୁବନେଶ୍ୱର ବାରିକ (ରେଙ୍ଗାଲି), ଶ୍ରୀବଲ୍ଲଭ ପୁରୋହିତ (ସାଲେପାଲି), ସୁଶାନ୍ତ ପାଣିଗ୍ରାହୀ (ସନିମାଲ), ଚୂଡାମଣି ମେହେର (ସରକଣ୍ଡା), ସୁନୀଲ କୁମାର ଅଗ୍ରୱାଲ (ସୋହେଲା), ସୁନୀଲ ପଧାନ (ଶ୍ରୀଗିଡା), ରୁଦ୍ରଦାଶ ମେହେର (ତବଡା) ଏବଂ କ୍ଷମାନିଧି ନାୟକ (ତୁଙ୍ଗିବନ୍ଧଲୀ) । ଏମାନେ ପଞ୍ଚାୟତର ଆଇନ ସହାୟତା ପାଇଁ ଓକିଲ ଭାବେ କାର୍ଯ୍ୟ କରିବେ ।

ଘରୋଇ ସଂସ୍ଥା ଠକିନେଲା ୪୦ଲକ୍ଷ

ବରଗଡ଼ ଅଫିସ୍,୨୯।୧୦

ଜିଲାପାଳଙ୍କୁ ଜଣାଇଲେ ଦୁଗ୍ଧଚାଷୀ

ଜିଲାପାଳଙ୍କୁ ଫେରାଦ ହୋଇଥିବା ଦୁଗ୍ଧ ଚାଷୀମାନେ ।

ବରଗଡ଼ ଜିଲାରେ ଅନେକ ଚାଷୀ ସମ୍ବଲପୁର ଜିଲା ହାତୀବାରିରେ ଥିବା ଏକ ଘରୋଇ ଦୁଗ୍ଧ ଉତ୍ପାଦନ ସଂସ୍ଥାର ଠକାମିରେ ପଡ଼ିଥିବା ଅଭିଯୋଗ ହୋଇଛି। ଏଥିରେ ଜିଲାର ଚାଷୀଙ୍କ ପ୍ରାୟ ୪୦ଲକ୍ଷ ଟଙ୍କା ଠକେଇ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଜୁଜୁମୁରା ଥାନାରେ ଏତଲା ଦେବା ସତ୍ତ୍ୱେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାବେଳେ ସେହି ଘରୋଇ ସଂସ୍ଥା ବନ୍ଦ ହୋଇଯାଇଥିବା ସେମାନେ କହିଛନ୍ତି । ଏ ନେଇ ସୋମବାର କ୍ଷତିଗ୍ରସ୍ତ ଦୁଗ୍ଧ ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜିଲାର ବରପାଲି, ବଇପୁର ଏବଂ ପତ୍ରାପାଲିରେ ସମ୍ପୃକ୍ତ ଘରୋଇ ସଂସ୍ଥା ଅଧୀନରେ ୩ଟି ଶାଖା ଅର୍ଥାତ୍ ବିଏମସି ଖୋଲିଥିଲା । ଏହି ବିଏମସି ଜରିଆରେ ଦୁଗ୍ଧ ସଂଗ୍ରହ କରାଯାଉଥିଲା ଏବଂ ସଂଗୃହୀତ ଦୁଗ୍ଧକୁ ହାତୀବାରିରେ ରହିଥିବା ସମ୍ପୃକ୍ତ ସଂସ୍ଥାକୁ ପଠାଯାଉଥିଲା । ଏହି ସଂସ୍ଥା ଗତ ମେ ୧୧ରୁ ଜୁଲାଇ ୨୯ତାରିଖ ପର୍ଯ୍ୟନ୍ତ ୮ଟି ବିଲ୍‌ର ପ୍ରାପ୍ୟ ପ୍ରଦାନ କରିନାହିଁ ଏବଂ ସଂସ୍ଥାକୁ ଇତିମଧ୍ୟରେ ବନ୍ଦ କରି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ଅଞ୍ଚଳର ଚାଷୀଙ୍କ ପ୍ରାୟ ୪୦ଲକ୍ଷ କ୍ଷତି ହୋଇଥିବା ସେମାନେ କହିଛନ୍ତି। ଏ ଦିଗରେ ପଦକ୍ଷେପ ନେବା ପାଇଁ ବରପାଲି ବିଏମସିରୁ ମହାଦେବ ସାହୁ, ପରମେଶ୍ୱର ବେହେରା, ବଇପୁର ବିଏମସିରୁ ଡମ୍ବରୁଧର ଡାଙ୍ଗ, ସୁଦାମ ପାତ୍ର, ପତ୍ରାପାଲି ବିଏମସିରୁ ରାଜେନ୍ଦ୍ର ଖେତି, ଶ୍ରୀପତି ତାଣ୍ଡି ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ଥ କବୀର ଦାସ**

ସଂକ୍ଷେପରେ

ଆଜି ଭାଜପାର ବ୍ଲକ ଘେରାଉ

ବିଜେପୁର, ୨୯।୧୦ (ଡି.ଏନ.ଏ): ବିଜେପୁର ବ୍ଲକ ସାଇପାଲିରେ ଜିଲା ପରିଷଦ ଜୋନସ୍ତରୀୟ ଭାଜପାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଦିବାକର ଧରୁଆଙ୍କ ଅଧକ୍ଷତାରେ ସୁବାଷ ଚୌହାନ, ସନତ କୁମାର ଗଡତିଆ, ହଳପାଣି ମାଝୀ, ଶକୁନ୍ତଳା ମହାପାତ୍ର, ଡା. ସୁଦାମ ସାହୁ, ଅଚ୍ୟୁତା ଦାଶ, ଗୌରହରି ସେଠ, କୃପାସିନ୍ଧୁ ସାହୁ, ଯୋଗେନ୍ଦ୍ର ପଧାନ, ମହେଶ ଦେବତା, ମଧୁ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକରେ ଚାଲିଥିବା ପିସି କାରବାର ବୃଦ୍ଧି, ଗ୍ରାମାଞ୍ଚଳରେ ଉତ୍କଟ ଜଳାଭାବ, ରାସ୍ତାଘାଟ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ଉପରେ ବିଶଦ ଆଲୋଚନା ହୋଇଥିଲା। ଏହି ସମସ୍ୟାର ନିରାକରଣ ଦିଗରେ ପ୍ରତିବାଦ କରିବା ନିମିତ୍ତ ମଙ୍ଗଳବାର ବ୍ଲକ ଘେରାଉ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି ।

୫ରେ ଦିଲ୍ଲୀରେ ଧାରଣା

ବରଗଡ଼ ଅଫିସ୍,୨୯।୧୦: କୋସଲି ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବି ନେଇ ଆସନ୍ତା ନଭେମ୍ବର ୫ତାରିଖରୁ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ କୋସଲି କ୍ରିୟାନୁଷ୍ଠାନ କମିଟି ତରଫରୁ ଧାରଣା ଦିଆଯିବ । କମିଟିର ଆବାହକ ସାକେତ ଶ୍ରୀଭୂଷଣ ସାହୁ ଏହି ସୂଚନା ଦେଇ କହିଛନ୍ତି, ପଶ୍ଚିମ ଓଡ଼ିଶାର ୨କୋଟି ଲୋକଙ୍କ ମାତୃଭାଷାର ହକ୍ ପାଇଁ ରାଜସ୍ଥାନୀ, ପଞ୍ଜାବୀ, ବଙ୍ଗାଳୀ, ମରାଠୀ, ଭୋଜପୁରୀ, ଅଙ୍ଗିକା, ହିନ୍ଦୀ ଆଦି ବିଭିନ୍ନ ଭାରତୀୟ ଭାଷାର କର୍ମୀମାନେ ସେହି ଧାରଣାରେ ସାମିଲ ହେବାକୁ ସହମତି ପ୍ରକାଶ କରିଛନ୍ତି। ସେହିପରି ଦିଲ୍ଲୀସ୍ଥିତ ବିଭିନ୍ନ ଛାତ୍ର ସଙ୍ଗଠନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟ ସେଥିରେ ଯୋଗ ଦେବେ ବୋଲି ସାହୁ ଏକ ବିବୃତିରେ ଜଣାଇଛନ୍ତି ।

ସମ୍ବଲପୁରକୁ ହରାଇ ବରଗଡ଼ ଚାମ୍ପିୟନ

ବରଗଡ଼ ଅଫିସ୍,୨୯।୧୦: ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ପଞ୍ଚାୟତର ନୂଆଁଗଡ଼ ଗ୍ରାମରେ ରବିବାର ମାଁ ଢୁକେରପାଟ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲକୁ ସମ୍ବଲପୁର ଓ ବରଗଡ଼ ପ୍ରବେଶ କରିଥିଲେ । ଫାଇନାଲରେ ବରଗଡ଼ ପ୍ରତିପକ୍ଷ ସମ୍ବଲପୁରକୁ ହରାଇ ଚାମ୍ପିୟନ ହୋଇଥିଲା । ଯୁବନେତା ଅଶ୍ୱିନୀ ତ୍ରିପାଠୀ ଏବଂ ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳ ସମେତ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ବିଜୁ ଯୁବ ବାହିନୀର କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଦମ୍ପତି ଏକାଠି ହେଲେ

ବରଗଡ଼ ଅଫିସ୍,୨୯।୧୦: ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ସୋମବାର ଏକ ପାରିବାରିକ କଳହ ସମାଧାନ ହୋଇଛି। ଫଳରେ ସ୍ୱାମୀ, ସ୍ତ୍ରୀ ପୁଣି ଏକାଠି ହୋଇଛନ୍ତି । ସୂଚନା ଅନୁଯାୟୀ, ସୋହେଲା ଥାନା କନଗାଁ ଗ୍ରାମର ଡମ୍ବରୁଧର ଦୀପଙ୍କ ସ୍ତ୍ରୀ ପାରିବାରିକ କଳହର ସମାଧାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣରେ ଦରଖାସ୍ତ କରିଥିଲେ । ତାଙ୍କ ଦରଖାସ୍ତ ଗ୍ରହଣ କରାଯାଇ ସୋମବାର ଜିଲା ଆଇନ ସେବା ପ୍ରାଧିକରଣ ସମ୍ମୁଖରେ ହାଜର ହେବା ପାଇଁ ଉକ୍ତ ଦମ୍ପତିଙ୍କୁ ଆଦେଶ କରାଯାଇଥିଲା । ଉଭୟ ପକ୍ଷ ନିଜ ପରିବାର ଲୋକଙ୍କ ସହିତ ଜିଲା ଆଇନ ସେବା ପ୍ରାଧିକରଣ ସମ୍ମୁଖରେ ହାଜର ହୋଇ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ଉଭୟ ପକ୍ଷର ସମସ୍ୟା ଗୁଡ଼ିକୁ ଶୁଣିବା ପରେ ଜିଲା ଆଇନ ସେବା ପ୍ରାଧିକରଣ ବରଗଡ଼ର ସଚିବ ସୁବାଷ ଚନ୍ଦ୍ର ଧଳ, ସମ୍ମୁଖ କାର୍ଯ୍ୟାଳୟର ପାରା ଲିଗାଲ ସ୍ୱେଚ୍ଛାସେବୀ ଶ୍ରୀବତ୍ସ ଛତର, ଆଡ଼ଭୋକେଟ୍ ବିମଳ ଦାଶ ତର୍ଜମା କରି ଉଭୟ ସ୍ୱାମୀ, ସ୍ତ୍ରୀଙ୍କୁ ମିଳାମିଶା ପାଇଁ ବୁଝାଇଥିଲେ । ଏଥିରେ ଉଭୟ ପକ୍ଷ ରାଜି ହୋଇଥିଲେ।

ବରପାଲି ବ୍ଲକ ଘେରାଉ କରିବା ପାଇଁ ଭାଜପା କର୍ମୀ ଓ ନେତାମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଭେଡ଼େନ ଭାଜପାର ବ୍ଲକ ଘେରାଉରେ ଯୋଗ ଦେଇଥିବା ନେତୃବୃନ୍ଦ ।

ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ପିସି କାରବାରକୁ ବିରୋଧ

ବ୍ଲକ ଘେରାଉ କଲା ଭାଜପା

ଭେଡ଼େନ/ବରପାଲି/ଭଟଲି, ୨୯।୧୦(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଭାଜପା ପକ୍ଷରୁ ସୋମବାର ଭେଡ଼େନ ବ୍ଲକ ଘେରାଉ କରାଯାଇଥିଲା। ଦଳର କର୍ମୀମାନେ ସାପ୍ତାହିକ ବଜାର ପ୍ରାଙ୍ଗଣରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ବ୍ଲକ ଅଫିସ୍ ଘେରାଉ କରିଥିଲେ। ବରିଷ୍ଠ ନେତା ଉର୍କୁଲୁ ତାଣ୍ଡିଙ୍କ ସଭାପତିତ୍ୱରେ ହୋଇଥିବା ପ୍ରତିବାଦ ସଭାରେ ଭାଜପା ନେତା ସୁବାଷ ଚୌହାନ, ଜିଲା ପରିଷଦ ସଭାନେତ୍ରୀ ମୁକ୍ତା ସାହୁ, ଅଶୋକ ପଣ୍ଡା, ରବିନାରାୟଣ ଦାଶ, ମିଳନ ସେଠ, ନବ କିଶୋର ପାଣିଗ୍ରାହୀ, ଚିତ୍ତରଞ୍ଜନ ଭୋଇ, କୁମର ବେହେରା, ବିପିନ ଭୋସାଗର, ଭରତ ବେହେରା, ସୁବାଷ ବେହେରା, ଜୋନ ସଭାପତି ଲକ୍ଷ୍ମଣ ପଣ୍ଡା, ଭୀମସେନ ମଲିକ, ଜୟନ୍ତ ହୋତା, ନାରୀ ନେତ୍ରୀ ସୁନନ୍ଦା ମେହେର ପ୍ରମୁଖ ଉଦ୍‌ବୋଧନ ଦେଇ ବିଭିନ୍ନ କାର୍ଯ୍ୟେ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ବିରୋଧ କରିଥିଲେ । ଏହି ସମାବେଶରେ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ । ଆନନ୍ଦ ଅଗ୍ରୱାଲ, ସରୋଜ ମିଶ୍ର, କୃଷ୍ଣଚନ୍ଦ୍ର ମେହେର, ରଶ୍ମିରଞ୍ଜନ ପାଢ଼ୀ, ତୁଳସୀ ରଞ୍ଜନ ମିଶ୍ର, କ୍ରୀଷ୍ଣା ପଟେଲଙ୍କ ସମେତ ବହୁ କର୍ମୀ ସହଯୋଗ କରିଥିଲେ ।

ବରପାଲି, (ଡି.ଏନ.ଏ): ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ପିସି କାରବାର ବିରୋଧରେ ବରପାଲି ବ୍ଲକ ଭାଜପା ପକ୍ଷରୁ ସୋମବାର ବ୍ଲକ ଘେରାଉ କରାଯାଇଥିଲା। ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଭାଜପାର ବରିଷ୍ଠ ଯୁନନେତା ଅଚ୍ୟୁତାନନ୍ଦ ବାରିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଦୁର୍ନୀତି ଓ ବ୍ୟାପକ ପିସି କାରବାର ବିରୋଧରେ ବକ୍ତାମାନେ ଟିପ୍ପଣୀ ଦେଇ ୧୯ ବର୍ଷର ଏକ ଅପାରଗ ସରକାରର ଆଗାମୀ ଦିନରେ ପତନ ସୁନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ବିଜେଡିକୁ ଟାର୍ଗେଟ କରି ଶାସନ ନାଁରେ କୁଶାସନ ଚାଲିଥିବା ବେଳେ ଡାକ୍ତରଖାନାରେ ଡାକ୍ତର ନ ଥିବା, ଶିକ୍ଷକ ଆନ୍ଦୋଳନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ଉପରେ ଅଶୋକ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ଜିଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ, ନାରୀନେତ୍ରୀ ଶକୁନ୍ତଳା ମହାପାତ୍ର, ଧିରୋଜ ପଧାନ, ପ୍ରଭାରୀ ସଞ୍ଜୀବ ମହାପାତ୍ର, ବିଜୟା ମାଝୀ, ଅଚ୍ୟୁତ ବାରିକ, ରବି କିର୍ତ୍ତୀ ଓ ଅଶୋକ ପାଣିଗ୍ରାହୀ ପ୍ରମୁଖ ଭାଜପା କର୍ମୀ ସାମିଲ ଥିଲେ ।

ଭଟଲି,(ଡି.ଏନ.ଏ): ବିଭିନ୍ନ ଦାବି ନେଇ ବରଗଡ଼ ଜିଲା ଭଟଲି ବ୍ଲକ ଭାଜପା ପକ୍ଷରୁ ସୋମବାର ବ୍ଲକ ଅଫିସ ଘେରାଉ କରାଯାଇଥିଲା । ମଣ୍ଡଳ ସଭାପତି ଅକ୍ଷୟ ନାଏକଙ୍କ ନେତୃତ୍ୱରେ ରାଜୀବ ଭବନରୁ ଏକ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ସହିତ ବ୍ଲକ ଅଫିସ୍ ନିକଟରେ ପହଞ୍ଚିଥିଲା । ସେଠାରେ ଦଳୀୟ ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ଅଫିସ୍ ପରିସରକୁ ଧସେଇ ପସିବା ପାଇଁ ଉଦ୍ୟମ କରିଥିଲେ । ମାତ୍ର ପୋଲିସ ସେମାନଙ୍କୁ ପ୍ରତିରୋଧ କରିଥିଲା । ଏହି ସମୟରେ ପର୍ଯ୍ୟବେକ୍ଷକ ଭାବେ ପ୍ରୀତମ ସିଂ ଯୋଗ ଦେଇଥିବା ବେଳେ ଜିଲା ଭାଜପା ସଭାପତି ଅରୂପାନନ୍ଦ ସାହୁ, ଜିଲା ପରିଷଦ ସଭ୍ୟା ସାବିତ୍ରୀ ଆଚାର୍ଯ୍ୟ, ଗିରିଜେଶ ଖାଡ଼ଙ୍ଗା, ସୌରିଚରଣ ବାରିକ, ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ ବ୍ଲକର ଶତାଧିକ କର୍ମୀ ଯୋଗ ଦେଇଥିଲେ ।

ବିପର୍ଯ୍ୟୟ ପ୍ରଶମନ ଦିବସରେ ଶୋଭାଯାତ୍ରା

ବରଗଡ଼ ଅଫିସ୍,୨୯।୧୦

ବରଗଡ଼ ଜିଲାରେ ସୋମବାର ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ-୨୦୧୮ ପାଳନ କରାଯାଇଛି । ଏହି ଅବସରରେ ପୂର୍ବାହ୍ନ ସାଢ଼େ ୮ଟାରେ ଏକ ସଚେତନତା ରାଲି ବରଗଡ଼ ଟାଉନ ଥାନା ସମ୍ମୁଖରୁ ବାହାରି ଜିଲାପାଳ ଅଫିସକୁ ପହଞ୍ଚିଥିଲା। ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କ ତତ୍ତ୍ୱାବଧାନରେ ବାହାରିଥିବା ଏହି ରାଲିରେ ସ୍ଥାନୀୟ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ୍, ସ୍କାଉଟ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ସାମିଲ ଥିଲେ । ଜିଲାପାଳ ଅଫିସକୁ ରାଲି ପହଞ୍ଚିବା ପରେ ସେଠାକାର ସମ୍ମିଳନୀ କକ୍ଷରେ ଏକ ସଭା ହୋଇଥିଲା । ଉକ୍ତ ସଭାରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭୟଭୀତ ନ ହୋଇ ଧୈର୍ଯ୍ୟ ଓ ସାହସ ସହିତ ତାକୁ କିଭଳି ମୁକାବିଲା କରାଯାଇ ପାରିବ, ସେ ନେଇ ଜିଲାପାଳ ବିଭିନ୍ନ ପରାମର୍ଶ ଦେଇଥିଲେ । ଉକ୍ତ ଦିବସ ନେଇ ପୂର୍ବରୁ ବିଭିନ୍ନ ସ୍କୁଲ, କଲେଜରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ସୋମବାର ପୁରସ୍କୃତ କରାଯାଇଥିଲା । ସଭାରେ ଅତିରିକ୍ତ ଜିଲାପାଳ ମାଝି, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା ଜରୁରୀକାଳୀନ ଅଧିକାରୀ ଦଶରଥ ଭୋଇ, ଜିଲା ପ୍ରକଳ୍ପ ଅଧିକାରୀ ରାକେଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଜିଲା ରେଡ଼କ୍ରସ ସଂସ୍ଥାର ସହ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ଶିକ୍ଷକ ଡଃ ଡୋଲାମଣି ଶତପଥୀ ଏବଂ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲା ପ୍ରକଳ୍ପ ଅଧିକାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ବିପର୍ଯ୍ୟୟ ପ୍ରଶମନ ଦିବସରେ ଶୋଭାଯାତ୍ରା ବାହାରିଛି ।

କଟକରେ ଶିଶୁ ଶ୍ରମିକଙ୍କ ହେଲା ପ୍ରାଥମିକ ଚିକିତ୍ସା

ବରଗଡ଼ ଅଫିସ୍,୨୯।୧୦

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ଅଞ୍ଚଳର ଜଣେ ଶିଶୁ ଶ୍ରମିକ ଚିକିତ୍ସା ଅଭାବରୁ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଘଟଣା ଉପରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ମୃତ୍ୟୁ ସଂଗେ ଯୁଝୁଛନ୍ ଶିଶୁ ଶ୍ରମିକ୍ ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ତାଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ସୋମବାର କଟକ ବଡ଼ ଡାକ୍ତରଖାନାରେ ତାଙ୍କ ପ୍ରାଥମିକ ଚିକିତ୍ସା କରାଯାଇଛି। ସପ୍ତାହକ ପରେ ଏହି ଡାକ୍ତରଖାନାରେ ଭର୍ତ୍ତି ହେବା ପାଇଁ ପୁଣି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି । ଅସୁସ୍ଥ ଶିଶୁଙ୍କ ଗୋଡ଼ରେ ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା ଥିବା ଯୋଗୁ ଗୋଡ଼ରେ ହୋଇଥିବା ଘା ଶୁଖିବା ପର୍ଯ୍ୟନ୍ତ ଔଷଧ ସେବନ କରିବା ସହିତ ତାର ଯତ୍ନ ନେବା ପାଇଁ ଡାକ୍ତରମାନେ ଶିଶୁଙ୍କ ପରିବାର ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ରବିବାର ଦୁଲମପୁରରୁ ବାହାରି ସ୍ୱେଚ୍ଛାସେବୀ ବିବେକ ତାଣ୍ଡି ଅସୁସ୍ଥ ଶିଶୁ ଶ୍ରମିକ ଏବଂ ତାଙ୍କ ମାଙ୍କୁ ନେଇ କଟକ ବଡ଼ ଡାକ୍ତରଖାନାକୁ ଯାଇଥିଲେ । ସୋମବାର ସେଠାରେ ଶିଶୁ ଶ୍ରମିକଙ୍କ ପ୍ରାଥମିକ ଚିକିତ୍ସା ପରେ ସେମାନେ ଘର ଅଭିମୁଖେ ବାହାରିଛନ୍ତି । ପୁଣି ସପ୍ତାହକ ପରେ ସେଠାକୁ ଯାଇ ସେଠାରେ ଭର୍ତ୍ତି ହେବା ପାଇଁ କଟକ ବଡ଼ ଡାକ୍ତରଖାନାର ଡାକ୍ତରମାନେ ପରାମର୍ଶ ଦେଇଥିବା ସ୍ୱେଚ୍ଛାସେବୀ ତାଣ୍ଡି କହିଛନ୍ତି ।

ଫୁଟବଲ: ବରପାଲି ବିଜୟୀ

ବରଗଡ଼ ଅଫିସ୍,୨୯।୧୦

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବରପାଲି ପ୍ରତିପକ୍ଷ କାଇଁଶିରକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଟାଇବ୍ରେକରର ସହାୟତାରେ ବରପାଲି ୫-୪ ଗୋଲରେ ବିଜୟୀ ହୋଇଥିଲା । ପଞ୍ଚାନନ ପାତ୍ର, ଚିତ୍ତ ପାଣ୍ଡେ, ଗୋପାଳ ନାୟକ, ଉମେଶ ଭୋଇ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।



ସଡ଼କ ସୁରକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ବୈଠକରେ ସଡ଼କ ସୁରକ୍ଷାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୯।୧୦

ବରଗଡ଼ ଜିଲାପାଳଙ୍କ ଅଫିସ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ସୋମବାର ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଇନ୍ଦ୍ରମଣିତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ର ଯାତାୟାତ କରୁଥିବା ଗାଡ଼ି ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା, ହେଲମେଟ୍ ବ୍ୟବହାର କରିବା ତଥା ଯାତାୟାତ ସମୟରେ ଟ୍ରାଫିକ ନିୟମ କାନୁନ ମାନି ଚଳିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡ଼ିକ ଚିହ୍ନଟ କରାଯାଇ ତାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଗତ ବର୍ଷ ଅପେକ୍ଷା ସଡ଼କ ଦୁର୍ଘଟଣା ବଢ଼ି ଚାଲୁଥିବା ଯୋଗୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏସ୍‌ପି ମୁକେଶ କୁମାର ଭାମୁ ଜିଲାରେ ବଢ଼ି ଚାଲିଥିବା ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ପ୍ରଦର୍ଶନୀ କ୍ରିକେଟ ମ୍ୟାଚ

ପଦ୍ମପୁର, ୨୯।୧୦ (ଡି.ଏନ.ଏ)

ପଦ୍ମପୁର ନିକଟସ୍ଥ ସତୀଭଟା ହାଇସ୍କୁଲ ପଡିଆରେ ଶିକ୍ଷକ ଏକାଦଶ ଓ ପଦ୍ମପୁର ୟଙ୍ଗଷ୍ଟାର ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସତୀଭଟା କ୍ରିକେଟ ସଂଘ ଦ୍ୱାରା ଆୟୋଜିତ ଏହି ମ୍ୟାଚ୍‌ରେ ପଦ୍ମପୁର ୟଙ୍ଗଷ୍ଟାର ଏକାଦଶ ଟସ୍ ଜିତି ୧୦ ଓଭରରେ ୧୨୧ ରନ କରିଥିବା ବେଳେ ଶିକ୍ଷକ ଏକାଦଶ ୧୦ ଓଭରରେ ମାତ୍ର ୧୦୦ ରନ କରି ପରାସ୍ତ ହୋଇଥିଲା । ଶିକ୍ଷକ ଏକାଦଶ ପକ୍ଷରୁ ଝସକେତନ ଭୋଇ ସର୍ବାଧିକ ୩୩ ରନ କରିଥିଲେ । ଶିକ୍ଷକ ଏକାଦଶ ପକ୍ଷରୁ ନରେନ୍ଦ୍ର ପ୍ରଧାନ ୧ ଓଭରରେ ମାତ୍ର ୬ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ମୋହନ ଭୋଇ ଓ ରୂପକ ସାହୁ ଖେଳ ପରିଚାଳନା କରିଥିଲେ । ସାହିଲ ଖାଁନ ଓ ବିକାଶ କୈବର୍ତ୍ତ ସ୍କୋରିଂ କରିଥିଲେ । ଶିକ୍ଷକ ନୃପରାଜ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଶିକ୍ଷକ ଏକାଦଶର ଝସକେତନ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଶିକ୍ଷକ ନରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ବିକ୍ଷୋଭ

ପଦ୍ମପୁର, ୨୯।୧୦ (ଡି.ଏନ.ଏ)

୨୦୧୭ ଖରିଫ ଫସଲ କ୍ଷୟକ୍ଷତି ବାବଦ ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ଦାବିରେ ସୋମବାର ଚାଷୀମାନେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହା ପୂର୍ବରୁ ସେମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପ୍ରଥମେ ପଦ୍ମପୁର ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ଓ ପରେ ପଦ୍ମପୁର ଏଆରସିଏସ ଅଫିସ୍‌କୁ ଯାଇ ତାଲା ପକାଇ ଦେଇଥିଲେ । ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଜୟ କିଶାନ ସଙ୍ଗଠନର ସମ୍ପାଦକ ରମେଶ ମହାପାତ୍ର, କିଶୋର ସାହୁ, ରାଜବୋଡାସମ୍ବର କୃଷକ ସଙ୍ଗଠନର ବାଞ୍ଛାନିଧି ନାୟକ, ଅଶୋକ ସାହୁ, ରୋହିତ ପ୍ରଧାନ, ସନ୍ତୋଷ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇ ବୀମା କମ୍ପାନୀର ମନମୁଖୀ କାର୍ଯ୍ୟକୁ ସମାଲୋଚନା କରିଥିଲେ। ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଏସଆଇ ଆଲୋକ ବେହେରା, ସୌମ୍ୟରଞ୍ଜନ ପାତ୍ର ସେଠାକୁ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ବୀମା କମ୍ପାନୀର ଏକ ପତ୍ର ଚାଷୀ ପ୍ରତିନିଧିଙ୍କୁ ଦେଇ ସମାଧାନ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୈଳାଶ ବାରିକ, ପ୍ରଶାନ୍ତ ପ୍ରଧାନ, ଗଣେଶ ନାଏକ, ପଦ୍ମଲୋଚନ ବେରିଆ, ସୁଦାମ ସାହୁ, ସୁରେଶ ପ୍ରଧାନ, ପ୍ରମୋଦ ରାୟ, ଭୋଜରାଜ ବାଗ, ରାମଚନ୍ଦ୍ର ହାତୀ, ଡୋଲାମଣି ଚୌଧୁରୀ, ବିଦ୍ୟୁତ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଦିବ୍ୟାଙ୍ଗ ଦମ୍ପତିକେ ଦଇବ୍ ସାହା

ଅତାବିରା, ୨୯।୧୦ (ଡି.ଏନ.ଏ)

ଭୁଖେ ଉପାସେ ତାରା ମାହାଦେବ ଗୁଡିନେ ପଡିରହିଛନ୍ ।

ଦିବ୍ୟାଙ୍ଗ ଉତ୍ତରା ଝାଙ୍କର ।

ଗାଁ ଗଁଲିରେ ବାସ କରୁଥିବାର ଗରିବ୍ ଲୋକ୍‌ମାନକର ଲାଗି କେନ୍ଦ୍ର ଆର୍ ରାଏଜ୍ ସରକାର ଭିନେ ଭିନେ ଯୋଜ୍‌ନା କାଯ୍‌କାରି କରି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀ ସରକାରକଁର ଇ ମହତ୍ ଯୋଜ୍‌ନାମାନକର ସୁଫଲ ନାଇଁ ପାଇପାରୁଥିବାର ଦେଖିବାକେ ମିଳୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ ଜିଲା ଭେଡ଼େନ ବ୍ଲକ୍ ଦେଶଭଟିଲି ପଁନ୍‌ଚେତର ଉଦେପୁର ଗାଁରେ। ଗାଁର ବୁରୁଧ୍ ଦିବ୍ୟାଙ୍ଗ ଦମ୍ପତି ହେଲେ ଉତ୍ତରା ଝାଙ୍କର(୭୦) ଆର୍ ତାରା ଝାଙ୍କର(୬୦)। ଉତ୍ତରାକଁର ଗୁଟେ ହାତ୍ ବଁକା ହେଇଯାଇଥିଲା ବେଲେ ବଡ଼ା କଷ୍ଟେ ବାଡିଧରି ସେ ଚଲାବୁଲା କରୁଛନ୍। ମାଏକିନା ତାରା ମାନ୍‌ସିକ୍ ରୋଗ୍‌ରେ ପୀଡ଼ିତ୍ ଥିବାର ଲାଗି କେତେବେଲେ କେନ୍‌ଠାନେ ଖାଉଛନ୍ ଶୁଉଛନ୍ ଯେ ଉତ୍ତରା ବି ତାକର ଖୋଜ୍‌ଖବର ନାଇଁ ପାଏବାର। ଦୁଖର କଥା ଯେ ଉତ୍ତରା ଆର୍ ତାରା ଅଁଟ୍‌କୁରା ଆନ୍। ଏହେଦେ ବୁଢ଼ାବୁଢ଼ୀ ଅବସ୍‌ତାରେ ଦୁଇ ମାଏଝି ମୁନୁଷ୍ ବଡ଼ା ଗୁଲ୍‌ଗୁଲା ହେଇ ଚଲୁଛନ୍। ଦେଖିରେଖ୍ କରବାକେ ପାସେ କେହି ନାଁଇଁ। ୩ ବଛର ଆଗ୍‌ରୁ ଝରି ବର୍ଷାରେ ତାକର ମାଏଟ୍ କୁରିଆଟା ପୂରା ଭାଂଗିଯାଇଛେ। ସେଥିରଲାଗି ଉତ୍ତରା ଭାଇ ଦୁଶାସନ୍ ଝାଁକର ଘରେ ଆଶ୍ରେ ନେଇଇନ୍। ହେଲେ ଆଏଜ୍‌ତକ୍ ତାହାକୁ ବିଜୁ ପକ୍କାଘର କି ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ରେ ଘରଖଁଡେ ନୁହେ ମିଳିପାରେ। ସେନ୍‌ତା ଦୁଇଝନ ଭତା ପାଏବାର ହକ୍‌ଦାର ହେଇଥିଲେ ବି ଆଏଜ୍‌ତକ୍ ତାକର ଉପ୍‌ରେ ପର୍‌ଶାସନ୍‌ର କୁର୍‌ପା ଦୁରୁଷ୍ଟି ନୁହେ ପଡେ। ଉତ୍ତରା ନିଜେ ଅଦର୍‌ବା ହେଇଥିଲା ବେଲେ ଟଁକା ପଏସା ଅଭାବ୍ ଲାଗି ମାଏକିନାର ଚିକିତ୍ସା କରେଇ ନାଇଁପାରବାର କି ନିଜେ ନିଜର ଲାଗି ଉଷୋକସା କରି ନାଇଁପାରବାର। ଏନ୍‌ତାଥି ତାରା ବେଶି ଅଯତନ୍ ହେଇ ଇଆଡେ ସେଆଡେ ବୁଲୁଛନ୍। ଉତ୍ତରା, ପାଖିପଡ଼ିଶା ତାରାକେ ଘରକେ ଡାକ୍‌ଲେ ବି ନିଜର ଘର ନାଇଁଥିବାର ଲାଗି ପଡ଼ିଶା ଘର୍‌ମାନ୍‌କେ ଯିବାକେ ନାଇଁ ମଂଗ୍‌ବାର। ଏହେଦେ ଉଦେପୁର ଗାଁମୁଣ୍ଡ଼ସାନେ ଥିବାର ମାହାଦେବ୍ ଗୁଡି ହେଇଛେ ତାକର ଆଶ୍ରେ ଥଲ୍। କେଭେ ଖାଏଲେ କେଭେ ନାଇଁ, ଏନ୍‌ତା ଅବସ୍‌ତାରେ ମାହାଦେବ ଗୁଡିରେ ପଡ଼ିରହିଛନ୍ ତାରା। ଦିନେ ଦିନେ ଏନ୍‌ତା ବି ହେଉଛେ ଲୋକ୍ ତାହାକୁ ଆହା କରି ଖାଏବାକେ ଦେଉଛନ୍, ହେଲେ ମାନ୍‌ସିକ୍ ବିକୁରତି ଲାଗି ସେ ନାଇଁ ଖାଇପିଇ କରି ଏକୁସକଁଟେ ପଡି ରହୁଛନ୍। ପର୍‌ଶାସନ ଇ ଦୁଇ ଦିବ୍ୟାଙ୍ଗ ଦମ୍ପତିର ଚିକିତ୍ସା ସୁବିଧା କରାବାର ସଂଗେ ସବୁ ପରକାର ସରକାରୀ ସୁବିଧା ସୁଯୋଗ୍ ଯୁଗେଇ ଦେବାକେ ଅଁଚଲର ଜନସାଧାରନ ଦାବି କରିଛନ୍।

ଚିକିତ୍ସା ଲାଗି ଟଁକା ବାଧକ୍
- ମାନ୍‌ସିକ୍ ରୋଗ୍‌ରେ ପୀଡ଼ିତ୍ ତାରା
- ମାହାଦେବ ଗୁଡି ହେଇଛେ ତାରାକଁର ଆଶ୍ରେ ଥଲ୍
- ବୁଢ଼ାବୁଢ଼ୀ ଭତା, ଆବସ ଯୋଜ୍‌ନାରୁ ବଁଚିତ୍ ଦମ୍ପତି

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮

ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍

ସଂକ୍ଷେପରେ

ଯାତ୍ରୀବାହୀ ବସ୍ ଓଲଟିଲା, ୭ଆହତ

ସିଂଘିଯୁବା, ୨୯।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ରାମପୁର-ବରପାଲି ମୁଖ୍ୟରାସ୍ତା ମଧବର୍ତ୍ତୀ ସାରସମାଲ ଛକ୍ ମଧରେ ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଧାନବିଲକୁ ଓଲଟି ପଡିଥିଲା। ଏଥିରେ ୭ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧରେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଖବରପାଇ ରାମପୁର ଥାନା ପୋଲିସ୍ ଦୁର୍ଘଟଣାସ୍ଥଳୀର ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବରପାଲି ମେଡିକାଲରେ ଭର୍ତ୍ତି କରାଯାଇଛି। ବସ୍ ବରପାଲିରୁ ରାମପୁରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

ସୁନ୍ଦରାକାଣ୍ଡ ପାରାୟଣ, ଭଜନ ସମାରୋହ

ଉଲୁଣ୍ଡା, ୨୯।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡ ବ୍ଲକ ଲସ୍ତଲା ପଞ୍ଚାୟତର ଲିମ୍ବପାଲି ଗ୍ରାମରେ ସ୍ଥାନୀୟ ଭକ୍ତମାନଙ୍କ ଦ୍ୱାରା ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ ସୋମବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ସୁଶ୍ରୀ ବନ୍ଦିତା ନାୟକ ପାରାୟଣ ବ୍ୟାସ ଭାବେ ନିଜ ସାଥୀ ଭାଗବତ ସେଠୀ, ଟଙ୍କଧର ଭୋଇ, ଅଶୋକ ବାଘ, ବିଦୁର ଥପାଙ୍କ ସହିତ ପାରାୟଣ କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସେହିପରି ଉଲୁଣ୍ଡା ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ଆଞ୍ଚଳିକ ସତ୍‌ସଙ୍ଗ ସଙ୍ଗୋଷ୍ଠୀ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମାନଭଞ୍ଜନ ପୁରୋହିତଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ କଳାକାର ଭାବରେ କିଶନଲାଲ ଅଗ୍ରୱାଲା, କାହ୍ନୁଚରଣ ନାୟକ, ଭୁଗୋଳ ସାହୁ, ଗୁରୁ ତ୍ରିପୁରାରୀ ମହାକୁର, ଗୌରଚନ୍ଦ୍ର ପରିଛା ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। କୁଶ ଗାଇଗରିଆ, ହରିବୋଲ ବେହେରା, ଲକ୍ଷ୍ମୀକା' ବାରିକ, ସୂର୍ଯ୍ୟନାରାୟଣ ପାଢ଼ୀ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

୨୦୦୪ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ

ଦେଓଗାଁ,୨୯।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା କନ୍ଧକେଲ ଗାଁ ବାପୁଜୀ ହାଇସ୍କୁଲ ୨୦୦୪ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ସମସ୍ତେ ଏକତ୍ରିତ ହୋଇ ଗୁଡଭେଲା ବ୍ଲକ ଜାମୁଟ ପଞ୍ଚାୟତ ଅନ୍ତର୍ଗତ ଗଦଗଦାଠାରେ ସାମୂହିକ ବନ୍ଧୁମିଳନ ଓ ବଣଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ କାର୍ଯ୍ୟକ୍ରମକୁ ରାମ ବରଗର୍ତ୍ତି, ନିହାର ରଞ୍ଜନ କୁମ୍ଭାର, ଶିବଶଙ୍କର ମେହେର, ନିର୍ମଳ ସାମଲ, ଗୋପାଳ ପ୍ରଧାନ, ବୁଲୁ ଭୋଇ, ସୁରେଶ ସାହୁ, ସୁଶାନ୍ତ ମେହେର ପ୍ରମୁଖ ଆୟୋଜନ କରିଥିଲେ।

■ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼

ମୁରାସୁର ଦରବାରରେ ଲୋକନୃତ୍ୟର ଆସର

ଅମରପାଲି, ୨୯।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି। ସକାଳୁ ମା'ଗଜଲକ୍ଷ୍ମୀ ଓ ହନୁମାନଙ୍କ ମଣ୍ଡପରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଉଛି। ଶତାଧିକ ବ୍ରତଧାରୀ ଏକତ୍ରିତ ହୋଇ ପୁଷ୍ପାଞ୍ଜଳି କରୁଥିବା ସହିତ ଶ୍ରଦ୍ଧାଳୁମାନେ ମଧ ଦର୍ଶନ କରୁଛନ୍ତି। ପୂର୍ବାହ୍ନ ୯ଟାରୁ ଆରମ୍ଭ ହେଉଛି ସୁରେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ରାମାୟଣ ପଠନ। ମା' ଲକ୍ଷ୍ମୀଙ୍କଠାରେ ଭୋଗ ଲାଗିହେଲା ପରେ ସମୂହ ପ୍ରସାଦ ସେବନ କରାଯାଉଛି। ସନ୍ଧ୍ୟା ହେବାମାତ୍ରେ ଯାତ୍ରା ପଡିଆରେ ରଙ୍ଗୀନ ଆଲୁଅରେ ସମଗ୍ର ଅଞ୍ଚଳ ଝଲସି ଉଠୁଛି। ସୁଉଚ୍ଚ ମେଢ଼, ତୋରଣ ଓ ମୁରାସୁର ଦରବାରରେ ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବେଷ୍ଟିତ ମୁରାସୁର ରାଜ ଦେଖିବାକୁ ପ୍ରବଳ ଗହଳି ଲାଗୁଛି। ମୁରାସୁର ଭୂମିକାରେ ଅଭିନୟ କରୁଥିବା ଗୋପାଳ ପଣ୍ଡାଙ୍କ ବଳିଷ୍ଠ ଅଭିନୟ ଓ ଆକର୍ଷଣୀୟ ସଂଳାପ ସାଙ୍ଗକୁ ଦରବାରରେ ଲୋକନୃତ୍ୟ, ଆଧୁନିକ ଡ୍ୟାନ୍ସ ମାହୋଲକୁ ରଙ୍ଗୀନ କରୁଛି ବିଳମ୍ବିତ ରାତି ପର୍ଯ୍ୟନ୍ତ। ନାଟ୍ୟାଭିକ୍ରମରେ ସୋମବାର ସନ୍ଧ୍ୟାରେ ପରିବେଷଣ ହୋଇଚି ମୁରାସୁର ରାଜର ଅବଶିଷ୍ଟାଂଶ। ମୁରାସୁରର ପୁତ୍ର ଓ ନାତିକୁ ଶିକ୍ଷା ପ୍ରଦାନ କରିବା ପାଇଁ ଶେଷ ଓ ନୃସିଂହଙ୍କ ପ୍ରବେଶ ହୋଇଛି ରାଜଦରବାରରେ। ହେଲେ ଉଭୟଙ୍କୁ ମାରିବା ପାଇଁ ମୁରାସୁର କରିଛନ୍ତି କୁଟିଳ ଚକ୍ରାନ୍ତ। ମାତ୍ର ମୁରାସୁର ତାଙ୍କ ଯୋଜନାରେ ନିଷ୍ଫଳ ହୋଇଛନ୍ତି। ନାଟ୍ୟାଭିନୟ ପୂର୍ବରୁ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ସଭାରେ ଦରବାରରେ ରାଜ ଅତିଥି ଭାବେ ଯୋଗଦେଇଥିଲେବ୍ଲକ ଅଧକ୍ଷ ସନ୍ତୋଷ ଭୋଇ। ସମ୍ମାନୀତ ଅତିଥିଭାବେ ଉଲୁଣ୍ଡା ବ୍ଲକ ଅଧକ୍ଷା ମିତାଲି ମହାକୁର, ମୁର୍ଷୁଣ୍ଡୀ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ରାଜ ଅତିଥିଭାବେ ସାମାଜିକ କର୍ମୀ ଋଷି ପଟେଲ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଆନନ୍ଦ ବାରିକ ଓ ସାମାଜିକ କର୍ମୀ ବବୁଲ ବିଶି ଯୋଗଦେଇଥିଲେ। ଅତିଥିମାନେ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାକୁ ଭୁରି ପ୍ରଶଂସା କରିବା ସହିତ ହଜିଯାଉଥିବା ପୌରାଣିକ ଘଟଣାକୁ ଲୋକାଲୋଚନକୁ ଆଣିବା ପାଇଁ କରାଯାଉଥିବା ଏହି ପ୍ରୟାସର ଆବଶ୍ୟକତା ରହିଛି ବୋଲି କହିଥିଲେ। ପୂଜା କମିଟି ସମ୍ପାଦକ ତ୍ରୟଞ୍ଜିବ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ସତ୍ୟମୋହନ ବେଦପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବଳରାମ ପଧାନ, ଧନଞ୍ଜୟ ସାହୁ, ସୁନୀଲ ପଧାନ, ଗୋପିନାଥ ପ୍ରଧାନ, ବିଦ୍ୟାଧର ଖୁର୍ଣ୍ଡିଆ ପ୍ରମୁଖ ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ମୁରାସୁର ଦରବାରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ।

ଭାଜପା ମହିଳା ମୋର୍ଚ୍ଚାର ମଣ୍ଡଳଚାଲ ଅଭିଯାନ ନେଇ ପ୍ରସ୍ତୁତି

ଅମରପାଲି, ୨୯।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିଠାରେ ଭାରତୀୟ ଜନତାପାର୍ଟି ମହିଳା ମୋର୍ଚ୍ଚାର ବିଧାନସଭା ସ୍ତରୀୟ ମଣ୍ଡଳଚାଲ ଅଭିଯାନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଜୋନ-୨ ଜିଲା ପରିଷଦ ସଦସ୍ୟ ତଥା ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଉକ୍ତ ସଭାରେ ଆଲୋଚନା ହୋଇଥିଲା। ଭୂମିହୀନ ମାନଙ୍କୁ ଘରଡିହ ପ୍ରଦାନ କରାଯାଇ ନଥିବା, ଚାଷ ପାଇଁ ଜଳ ସେଚନର ବ୍ୟବସ୍ଥା କରିବା, ଗତ ବର୍ଷାରେ ଘରଭଙ୍ଗା ସହାୟତା ପ୍ରଦାନ ନକରିବା, ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣ ହୋଇନଥିବା, ଏପରିକି ବିପିଏଲ ହିତାଧିକାରୀଙ୍କୁ ରାଶନ କାର୍ଡରୁ ବାଦ ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନରେ ପାତରଅନ୍ତର ହେଉଥିବା ନେଇ ଉଭୟ ନେତ୍ରୀ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସବୁ ଦାବି ନେଇ ଭାଜପା ମହିଳା ମୋର୍ଚ୍ଚା ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି। ଦଳର ଅଶୋକ ସାହୁ ଓ ସୁମନ୍ତ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ।

■ ବିଶ୍ୱ ପକ୍ଷାଘାତ ଦିବସ ପାଳିତ

ଉଚ୍ଚ ରକ୍ତଚାପ, ମଧୁମେହ ପକ୍ଷାଘାତ ପାଇଁ ଦାୟୀ

ସୋନପୁର,୨୯।୧୦(ନି.ପ୍ର.)

ମଣିଷର ମସ୍ତିସ୍କକୁ ନିୟମିତ ଏବ ସଠିକ୍ ରକ୍ତ ସଞ୍ଚାଳନ ନିହାତି ଆବଶ୍ୟକ। ଯଦି ରକ୍ତ ସଞ୍ଚାଳନ କମ୍ ହୋଇଯାଏ ତେବେ ମସ୍ତିସ୍କର କୋଷ ଗୁଡିକ ନଷ୍ଟ ହେବାର ସମ୍ଭାବନା ଥାଏ। ଏହାର ଫଳସ୍ୱରୂପ ଷ୍ଟ୍ରୋକ୍ ବା ପକ୍ଷାଘାତ ହେବାର ସମ୍ଭାବନା ବଢିଯାଏ। ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ପକ୍ଷାଘାତ ପାଇଁ ବିଶେଷ ଭାବରେ ଦାୟୀ। ଆହୁରି ମଧ ରକ୍ତ ଶିକୁଳୀ ରୋଗ ପକ୍ଷାଘାତ ପାଇଁ ଦାୟୀ ହୋଇଥାଏ। ତେଣୁ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଦ୍ରୁତ ଚିକିତ୍ସା ଦ୍ୱାରା ପକ୍ଷାଘାତକୁ ଦୂର କରାଯାଇପାରିବ ବୋଲି ସୋମବାର ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ବିଶ୍ୱ ପକ୍ଷାଘାତ ଦିବସ ପାଳନ ଅବସରରେ ଉପସ୍ଥିତ ବିଶେଷଜ୍ଞ ମାନେ ମତବ୍ୟକ୍ତ କରିଛନ୍ତି। ଜିଲାପାଳ ମଧୁସୂଦନ ମିଶ୍ର ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ଶୋଭାଯାତ୍ରା ଏବଂ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁଙ୍କ ଅଧକ୍ଷତାରେ ଜିଲା ତାଲିମ କେନ୍ଦ୍ରଠାରେ ଏକ ସଚେତନତା ସଭାର ଆୟୋଜନ ହୋଇଥିଲା। ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶୋଭାଚନ୍ଦ୍ର ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇ ପକ୍ଷାଘାତର କାରଣ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡାକ୍ତର ଭି.ବସନ୍ତ ଭଞ୍ଜ, ଏଡିପିଏଚଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟନାରାୟଣ ପାଢୀ, ଏପିଡେମିଓଲୋଜିଷ୍ଟ ଡାକ୍ତର ବଟକୃଷ୍ଣ ସେଠୀ, ଡିପିଏମ ଏନଏଚଏମ ମୌସୁମୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

ବିଶ୍ୱ ପକ୍ଷାଘାତ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି, ବିଶେଷଜ୍ଞ।

ଆଦର୍ଶ ସମାଜ ନିର୍ମାଣ ପାଇଁ ସମ୍ବିଧାନ ସଚେତନତା ଜରୁରୀ

ବୀରମହାରାଜପୁରରେ ବୁଲିଲା ସମ୍ବିଧାନ ସଚେତନତା ରଥ

ବୀରମହାରାଜପୁର, ୨୯।୧୦(ଡି.ଏନ.ଏ.)

ଏସସି, ଏସଟି, ଓବିସି ଓ ରିଲିଜିୟସ ମାଇନରିଟି ଏକତା ମଞ୍ଚ ପକ୍ଷରୁ ଚାଲିଥିବା ସମ୍ବିଧାନ ସଚେତନତା ଅଭିଯାନ ପରିପ୍ରେକ୍ଷୀରେ ୧୪ଅକ୍ଟୋବରରୁ ସଚେତନତା ରଥ ପରିକ୍ରମା କରୁଛି। ପ୍ରଥମ ପର୍ଯ୍ୟାୟରେ ଓଡିଶାର ୧୦ଟି ଜିଲାର ପ୍ରମୁଖ ସ୍ଥାନଗୁଡିକ ରଥ ବୁଲିବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବା ବେଳେ ରବିବାର ସନ୍ଧ୍ୟାରେ ବୀରମହାରାଜପୁରରେ ପହଞ୍ଚିଥିଲା। ଉକ୍ତ ସଚେତନତା ରଥକୁ ସ୍ଥାନୀୟ ଆମ୍ବେଦକର ସେବା ସଂଘ ଭବନଠାରେ ସ୍ୱାଗତ କରାଯିବା ପରେ ଏକ ବାଇକ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରାଯାଇଥିଲା। ଏହି ଉପଲକ୍ଷେ ବୀରମହାରାଜପୁର ମୁଖ୍ୟଛକଠାରେ ଅନୁଷ୍ଠିତ ସଚେତନତା ସଭାରେ ଅଭିଯାନର ପ୍ରମୁଖ ପ୍ରଚାରକ ବାସୁଦେବ କୁମ୍ଭାର, ଆମ୍ବେଦକର ସେବା ସଂଘର ସଭାପତି ଆଶ୍ରୟ ମହାନନ୍ଦ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଆଇନଜୀବୀ କାର୍ତ୍ତିକ ପ୍ରସାଦ ତରିଆ ଓ ଦଳିତ ଯୁବନେତା ନାରାୟଣ ଲୁହା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ ମତବ୍ୟକ୍ତ କରିଥିଲେ ଯେ, ସମ୍ବିଧାନ ସମ୍ପର୍କରେ ଅଜ୍ଞତା ଯୋଗୁଁ ସମାଜରେ ଭଣ୍ଡାମୀ ଚାଲିଛି। ଭାରତ ଭଳି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଦର୍ଶ ସମାଜ ନିର୍ମାଣ ପାଇଁ ସମ୍ବିଧାନ ତଥା ଏହାର ବିଧି ବ୍ୟବସ୍ଥା ନେଇ ପ୍ରତ୍ୟକ ନାଗରିକ ସଚେତନ ରହିବା ଜରୁରୀ। ଏହି ଅଭିଯାନରେ ଜ୍ୟୋତି ରଞ୍ଜନ ବାଗ, ଗିରିଧାରୀ ଖୁରା, ଗୁପ୍ତେଶ୍ୱର ଖୁରା, ହିମାଂଶୁ ବିହାର, ଅଭିମନ୍ୟୁ ବରଗର୍ତ୍ତି, ରାଜକୁମାର ବାଦୀ, ସୁରେଶ ବାଘ ଏବଂ ପ୍ରିୟବ୍ରତ ଜଗଦଲା ପ୍ରମୁଖ ସାମିଲ ଥିଲେ।

ବୀରମହାରାଜପୁରରେ ପହଞ୍ଚିବା ଅବସରରେ ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ଦେଢଶୁରଙ୍କ ମାଡ଼ରେ ଭାଇବୋହୂ ଗୁରୁତର

ଲୋଇସିଂହା,୨୯।୧୦(ଡି.ଏନ.ଏ.)

ଲୋଇସିଂହା ଥାନା ଅନ୍ତର୍ଗତ ଘୁଷୁରାମୁଣ୍ଡା ଗ୍ରାମରେ ରବିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ଭାଇବୋହୂଙ୍କୁ ଦେଢଶୁର ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ ହୋଇ ବଲାଙ୍ଗୀର ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ଦେଢଶୁର ଆକ୍ରମଣ କରି ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଘୁଷୁରାମୁଣ୍ଡା ଗ୍ରାମର ସୁଦାମ ଧରୁଆ ତାଙ୍କ ସାନ ଭାଇ ବିକ୍ରମ ଧରୁଆଙ୍କ ପରିବାର ମଧରେ ଅନେକ ସମୟରେ ଝଗଡା ଲାଗି ରହିଥାଏ। ରବିବାର କୌଣସି କଥାକୁ ନେଇ ସୁଦାମ ରାଗି ଯାଇ ଭାଇବୋହୁଙ୍କୁ ଆକ୍ରମଣ କରିଥିଲେ। ସ୍ୱାମୀ ବିକ୍ରମ ନୁରାଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବଲାଙ୍ଗୀର ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଥିଲେ।

ଡିସେମ୍ବର ୨୪ରୁ ଉଲୁଣ୍ଡା ଧନୁଯାତ୍ରା

କଂସ ଭୂମିକା ପାଇଁ ସୁଶୀଲ ମେହେର ମନୋନୀତ

ଉଲୁଣ୍ଡା, ୨୯।୧୦(ଡି.ଏନ.ଏ.)

ଡିସେମ୍ବର ୨୪ତାରିଖରୁ ୧୧ଦିନ ଧରି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡରେ ଦ୍ୱାଦଶତମ ବିରାଟ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ହିମାଂଶୁ ଶେଖର ତ୍ରିପାଠୀଙ୍କ ଆବାହକତ୍ୱ କ୍ରମେ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆୟୋଜକ ଶ୍ରୀକୃଷ୍ଣ କଳା ପରିଷଦ ସଭାପତି ଋଷିକୁମାର ପଟେଲ, ଉପସଭାପତି କୈଳାସ ପୁରୋହିତ ଏବଂ ଗୁନୁରାମ ମହାକୁର, ସମ୍ପାଦକ ବସୁଦେବ ଭୋଇ, କୋଷାଧ୍ୟକ୍ଷ ଦାମୋଦର ମେହେର, ଧର୍ମନିରଞ୍ଜନ ପଣ୍ଡା, ଦିଲିପ କୁମାର ପୁରୋହିତ ପ୍ରମୁଖ ଏକ ବୈଠକରେ ଆୟୋଜନ ଉପରେ ଆଲୋଚନା କରିଥିଲେ। ଏଥର ପଶ୍ଚିମ ଓଡ଼ିଶାର ଅନ୍ୟତମ ବିଶିଷ୍ଟ ମଞ୍ଚ କଳାକାର ସୁଶୀଲ କୁମାର ମେହେରଙ୍କୁ କଂସ ଭାବରେ ମନୋନୀତ କରାଯାଇଥିଲା। ଏଥିସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତଥା ମନୋରଞ୍ଜନ ପାଇଁ ଆନସଙ୍ଗିକ ବିଭାଗ ଉପରେ ଯୋଗାଯୋଗ ପାଇଁ ମତପ୍ରକାଶ ପାଇଥିଲା। ଲକ୍ଷ୍ମଣ ବାରିକ, ଗୋବିନ୍ଦ ଦାସ ତରାଇ, ଗୋପାଳ ଚନ୍ଦ୍ର ପଣ୍ଡା, ସନ୍ତୋଷ ଭୁଲ୍ଲା ପ୍ରମୁଖ ଯୋଗ ଦେଇଥିଲେ। ଏଥର କମିଟିରେ ନିମନ୍ତ୍ରିତ ଅତିଥିଭାବେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ, ଉଲୁଣ୍ଡା ପଞ୍ଚାୟତ ସମିତି ମେମ୍ବର, ଜୋନ-୧ ଜିଲା ପରିଷଦ ସଭ୍ୟ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଗ୍ରହଣ କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ସାଂସ୍କୃତିକ ସମ୍ପାଦକ ରାଧାଚରଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

ଶହୀଦ ବିଭୀଷଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ବୀରମହାରାଜପୁର ସେମିଫାଇନାଲରେ

ଅମରପାଲି/ ବୀରମହାରାଜପୁର, ୨୯।୧୦(ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମରେ ଚାଲିଥିବା ନବମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଥିଲା ଚତୁର୍ଥ ଦିବସ। ଏହିଦିନ ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଗୁଞ୍ଜିପାଲି ଓ ମହଦା ମଧରେ ହୋଇଥିଲା। ଗୁଞ୍ଜିପାଲି ଦଳ ଟସ୍ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୪ ଉଇକେଟ ହରାଇ ୯୫ରନ କରିଥିଲା। ଜବାବରେ ମହଦା ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୬୦ରନ କରି ପରାଜିତ ହୋଇଥିଲା। ଗୁଞ୍ଜିପାଲିର ଦେବାଶିଷ ୩୧ବଲରୁ ୫୫ରନ କରିବା ସହିତ ୩ଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ବୀରମହାରାଜପୁର ଓ ରେଡରୋଜ ସୋନପୁର ମଧରେ ହୋଇଥିଲା। ରେଡରୋଜ ଟସ୍ ଜିଣି ବୀରମହାରାଜପୁରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ବୀରମହାରାଜପୁର ଦଳ ନିର୍ଦ୍ଧାରିତ ୧୦ଓଭରରେ ୫ଉଇକେଟ ହରାଇ ୧୩୩ ରନ କରିଥିଲା। ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୮୪ ରନ କରି ପରାସ୍ତ ହୋଇଥିଲା। ବୀରମହାରାଜପୁରର ଅନୀଲ ୪୮ରନ ସହିତ ଗୋଟିଏ ଉଇକେଟ ନେଇ ଥିବାରୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ସେହିଭଳି ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଗୁଞ୍ଜିପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ବୀରମହାରାଜପୁର ମଧରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୬ଉଇକେଟ ହରାଇ ୧୧୮ ରନ କରିଥିଲା। ଜବାବରେ ଗୁଞ୍ଜିପାଲି ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୯୦ରନ କରି ପରାସ୍ତ ହୋଇଥିଲା। ବୀରମହାରାଜପୁରର ଉମାଶଙ୍କର ହୋତା ୨୪ ରନ ସହିତ ୨ଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଫଳରେ ବୀରମହାରାଜପୁର ଦଳ ସେମିଫାଇନାଲରେ ପ୍ରବେଶ କରିଛି।

ପ୍ରାକ୍ ପ୍ରସ୍ତୁତି ଧନଜୀବନକୁ ରକ୍ଷା କରିପାରିବ

ସୋନପୁର,୨୯।୧୦(ନି.ପ୍ର.)

ପ୍ରାକୃତିକ ବିପର୍ଯ୍ୟୟକୁ ମଣିଷ ଚାହିଁଲେ ରୋକିପାରିବ ନାହିଁ। କେବଳ ପ୍ରାକ୍ ପ୍ରସ୍ତୁତି ଓ ସତର୍କତା ଯୋଗୁଁ ହିଁ ଏଭଳି ବିପର୍ଯ୍ୟୟରୁ ମୂଲ୍ୟବାନ ଧନଜୀବନକୁ ରକ୍ଷା କରାଯାଇପାରିବ। ସୁବର୍ଣ୍ଣପୁରଠାରେ ସୋମବାର ଜିଲାସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ-୧୮ ପାଳନ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଏଭଳି ମତବ୍ୟକ୍ତ କରିଛନ୍ତି। ଜିଲା ଜରୁରୀକାଳୀନ ବିଭାଗ ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନତା ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ୧୯୯୯ ମସିହା ଅକ୍ଟୋବର ୨୯ ତାରିଖରେ ଓଡିଶା ପ୍ରାକୃତିକ ବିପର୍ଯ୍ୟୟର କରାଳ ରୂପ ଦେଖିଥିଲା। ସେତେବେଳେ ରାଜ୍ୟ ସରକାର ବାତ୍ୟା ମୁକାବିଲା କ୍ଷେତ୍ରରେ ଅନଭିଜ୍ଞ ଥିଲେ। ଏଥିପାଇଁ ରାଜ୍ୟ ପୂର୍ବ ପ୍ରସ୍ତୁତି କରି ନ ଥିବାରୁ ବହୁ ଦିନ ଧରି ରାସ୍ତାରେ ଗଛଗୁଡିକ ପଡି ରହିଥିଲା। ଏପରିକି ବହୁ ଧନଜୀବନ ହାନୀ ହୋଇଥିଲା। ସେବେ ଠୁଁ ରାଜ୍ୟ ସରକାର ମୁକାବିଲା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରି ଆସିଛନ୍ତି। ବିଭିନ୍ନ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ସହ ଲୋକଙ୍କୁ ଏ ଦିଗରେ ସଚେତନ କରାଯାଇଛି। ଫଳରେ ଫାଇଲିନ୍ ଓ ହୁଡହୁଡ୍ ବାତ୍ୟା ଯୋଗୁଁ ସେଭଳି ଧନଜୀବନ ହାନୀ ହୋଇନାହିଁ ବୋଲି ଜିଲାପାଳ କହିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଧନ ଜୀବନ ରକ୍ଷା ନିମନ୍ତେ ପ୍ରାକ୍ ସୂଚନା ଓ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ। ଜିଲା ରେଡକ୍ରସ ଶାଖାର ଉପାଧକ୍ଷ ଡ. ସତ୍ୟନାରାୟଣ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବ ସୂଚନା, ପୂର୍ବ ପ୍ରସ୍ତୁତି ଓ ଗୋଷ୍ଠୀଗତ ଉଦ୍ୟମ ବଳରେ ଏଭଳି ବିପର୍ଯ୍ୟୟର ଉଚିତ୍ ମୁକାବିଲା କରାଯାଇପାରିବ ବୋଲି ମତପ୍ରକାଶ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ୍, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିନାରାୟଣ ମିଶ୍ର, ଅଧ୍ୟାପକ ଉମାକାନ୍ତ ନାଗ, ଶ୍ରୀବତ୍ସ ମଲ୍ଲିକ, ବିଦ୍ୟାପତି ପଣ୍ଡା ଓ ବିଦ୍ୟାଳୟର ଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସକାଳେ ସହରର ଆମ୍ବେଡକର ଛକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଜରୁରୀକାଳିନ ପରିସ୍ଥିତିରେ ମୁକାବିଲା ପାଇଁ ପ୍ରାକ୍ ଅଭ୍ୟାସ କରାଯାଇଥିଲା।

ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ମଧୁସୂଦନ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

ବ୍ଲକ ଘେରାଉ: ଶକ୍ତି ପ୍ରଦର୍ଶନ କଲା ଭାଜପା

କନ୍ଧମାଳରେ ଭାଜପା କର୍ମକର୍ତ୍ତା ତଥା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି (ବାମ)। ହରଭଙ୍ଗାରେ ଭାଜପା କର୍ମକର୍ତ୍ତା ତଥା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କନ୍ଧମାଳ/ମନମୁଣ୍ଡା, ୨୯।୧୦ (ଡି.ଏନ୍.ଏ.)

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକରେ ସୋମବାର ପ୍ରଥମଥର ପାଇଁ ଭାଜପା ଶକ୍ତି ପ୍ରଦର୍ଶନ କରିଛି। ବ୍ଲକରେ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଦୂର କରିବା ସହ ୭ଦଫା ଦାବି ପୂରଣ ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗଙ୍କ ନେତୃତ୍ୱରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୁଇ ହଜାରରୁ ଉର୍ଦ୍ଧ୍ୱ କର୍ମୀ ହାତରେ ବିଭିନ୍ନ ଦାବି ସମ୍ବଳିତ ପ୍ଲାକାର୍ଡ ଓ ଦଳୀୟ ପତାକା ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା ଓ ସ୍ଥାନୀୟ ସମସ୍ୟା ସମ୍ପର୍କିତ ସ୍ଲୋଗାନ ଦେଇ ବିରାଟ ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରବୀନ୍ଦ୍ରନାଥ କଅଁରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ କିଶୋର ସାହୁ, କନ୍ଧମାଳ ନିର୍ବାଚନମଣ୍ଡଳୀ ବିସ୍ତାରକ ବାଳକୃଷ୍ଣ ଧରୁଆ, ପ୍ରଭାରୀ ବିପ୍ରଚରଣ ମହାନ୍ତି, ଯୁବନେତା ରାକେଶ ତ୍ରିପାଠୀ, ଡା. ସୁବ୍ରତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଶେଷଦେବ ବଗର୍ତ୍ତି, ମଣ୍ଡଳ ସଭାପତି ଅନୀଲ କୁମାର ପ୍ରଧାନ, ନିରଞ୍ଜନ କର୍ଣ୍ଣ, ପଞ୍ଚମନ ଜଗଦଳା, ରବିଚନ୍ଦ୍ର ଖମାରୀ, ଟିଙ୍କୁ କଅଁର, ଲକ୍ଷବଚ୍ଚ ବାରିକ, ମଣ୍ଡଳ ସାଧାରଣ ସମ୍ପାଦକ ସୂର୍ଯ୍ୟ କୁମାର ଦେହୁରୀ, ସୁରେଶ କୁମାର ମହାପାତ୍ର, ଠାକୁର ଚରଣ ନାଏକ, ବିନାୟକ କ୍ଷେତି, ନେତ୍ରାନନ୍ଦ ମାନସେଠ ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କ ୧୮ବର୍ଷ ଶାସନରେ ରାଜ୍ୟର ବିକାଶ ପରିବର୍ତ୍ତେ ବିନାଶ ହୋଇଛି ବୋଲି ଅଭିଯୋଗ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କନ୍ଧମାଳ ବ୍ଲକକୁ ସବ୍‌ଡିଭିଜନ ମାନ୍ୟତା, ଏଠାରେ ଏନ୍‌ଏସି ଓ ଆଉ ଏକ ବ୍ଲକ ପ୍ରତିଷ୍ଠା, କୃଷିରଣ ଛାଡ଼, ଖଡ଼ଙ୍ଗ ନଦୀର ସାଡ଼େଙ୍ଗଠାରେ ତୁରନ୍ତ ଡ୍ୟାମ୍ ନିର୍ମାଣ, ଜଳସେଚନ ସୁବିଧା ପାଇଁ ମହାନଦୀ ଓ ତେଲ ନଦୀରେ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ, ତେଲନଦୀ ଟିକିରାପଡ଼ା ସେତୁର ଆପ୍ରୋଚ୍ ରୋଡ୍ ଓ ଗବଯୋର ପୋଲ ତୁରନ୍ତ ସମାପ୍ତ କରିବା, ବ୍ଲକର ଜନସଂଖ୍ୟା ଦୃଷ୍ଟିରୁ ଆଉ ୬ଟି ନୂଆ ପଞ୍ଚାୟତ ଗଠନ, ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା, ଡାକ୍ତରଖାନାରେ ଖାଲି ପଦବୀ ପୂରଣ, କନ୍ଧମାଳରେ ନୂଆ ଗ୍ରୀଡ୍ ସ୍ଥାପନ ଆଦି ଦାବି କରାଯାଇଥିଲା। ମାଜିଷ୍ଟ୍ରେଟ୍ ଭାବେ କନ୍ଧମାଳ ତହସିଲଦାର ବନ୍ଦନା ଖଟୁଆ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ନରେଶ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ବିଜେଡି ବିଧାୟକଙ୍କ ବିପକ୍ଷରେ ୧ନଂ ଜୋନ୍‌ରେ ଅନୁଷ୍ଠିତ ସଭାରେ ବିପୁଳ ଜନସମାଗମ ହେବା ପରେ ଆଜିର ସମାବେଶରେ ମଧ୍ୟ ବହୁ ଲୋକଙ୍କ ଉପସ୍ଥିତି ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ସହ ଏହି ସମାବେଶରେ ଅଞ୍ଚଳର ଜଣେ ଜଣାଶୁଣା ଡାକ୍ତରଙ୍କ ଉପସ୍ଥିତି ଭାଜପାର ପତିଆରାକୁ ୨ନଂ ଜୋନ୍‌ରେ ବଳିଷ୍ଠ କରିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ବୌଦ୍ଧ/ତଳଗାଁ/ପୁରୁଣାକଟକ, (ସ୍ୱ.ପ୍ର./ଡି.ଏନ୍.ଏ)

ବୌଦ୍ଧ ଜିଲ୍ଲା ଭାଜପା ପକ୍ଷରୁ ମଙ୍ଗଳବାର ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ଘେରାଇ କରାଯାଇଥିଲା। ଜିଲ୍ଲା ସଭାପତି ସୌମିତ୍ରୀ ନାଏକଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ଚାରିଛକ ବଜାର ନିକଟ କାଠ ଡିପୋଠାରୁ ବିଶାଳ ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବରିଷ୍ଠ ନେତାମାନେ କେନ୍ଦ୍ର ସରାକରଙ୍କ କଲ୍ୟାଣକାରୀ ଯୋଜନା ଓ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହାସହ ହରଭଙ୍ଗା ବ୍ଲକକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ, ଏନ୍‌ଏସି, ଆଉ ଏକ ନୂତନ ବ୍ଲକ ପ୍ରତିଷ୍ଠା, ଜନସଂଖ୍ୟା ଦୃଷ୍ଟିରୁ ବ୍ଲକରେ ଆଉ ୬ ପଞ୍ଚାୟତ ପ୍ରତିଷ୍ଠା, ଗୁରୁଜୀମୁଣ୍ଡା, କିଟାଙ୍ଗପଡ଼ା, ବାଙ୍କାର୍ଜୁନ ଡ୍ୟାମ୍ ତୁରନ୍ତ ନିର୍ମାଣ ସହ ପ୍ରସ୍ତାବିତ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ ତୁରନ୍ତ କରିବାକୁ ଦାବି କରିଥିଲେ। ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ, ମଣ୍ଡଳ ସଭାପତି ପ୍ରସନ୍ନ ପ୍ରଧାନ, ସଚ୍ଚିଦାନନ୍ଦ ଦଲାଲ, ସୂର୍ଯ୍ୟନାରାୟଣ ମହାପାତ୍ର, ସୁଧାଂଶୁ ଡାଙ୍ଗ, ମନୋରଞ୍ଜନ ଦାସ, ନବୀନ କୁମାର ଦାସ, ଦେବାଶିଷ ମହାକୁଳ, ନମିତାରାଣୀ ଦାସ, ସଞ୍ଜୁକ୍ତା ନାଏକ, ସୁଶାନ୍ତ ପ୍ରଧାନ (କାଇଁଚ), ସରୋଜ ପ୍ରଧାନଙ୍କ ସମେତ ଶତାଧିକ ନେତା ତଥା ହଜାର ହଜାର କର୍ମୀ ଯୋଗଦେଇଥିଲେ।

ଜାମପାଲିରେ ପଣ୍ଡରା ପ୍ରମାର ସମାଜର ସମାବେଶ

ସୋହେଲା,୨୯।୧୦(ଡି.ଏନ.ଏ)

ସୋହେଲା ବ୍ଲକ ଅନ୍ତର୍ଗତ ଜାମପାଲି ଗ୍ରାମରେ ସୋମବାର ନିର୍ମାଣାଧୀନ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପଣ୍ଡରା ପ୍ରମାର ସମାଜର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ଷଡାନନ ବାରିକ ସଭାପତିତ୍ୱ କରିଥିଲେ । ଏହି ସଭାରେ ସୋହେଲା କେନ୍ଦ୍ର ଅନ୍ତର୍ଗତ ୩୬ଖଣ୍ଡ ଗ୍ରାମରୁ ଦୁଇ ହଜାର ଜାତି ଭାଇ ଓ ମାଁ ଭଉଣୀ ଯୋଗ ଦେଇଥିଲେ । ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ଏମ୍‌ପି ପ୍ରଭାସ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ରାଜବୋଡାସମ୍ବର କେନ୍ଦ୍ର ପଣ୍ଡରା ପ୍ରମାର ସମାଜ ସଭାପତି ପରମାନନ୍ଦ ସାହା, ସୋହେଲା କେନ୍ଦ୍ର ଉପଦେଷ୍ଟା ପଞ୍ଚାନନ ଦଳପତ, ସମ୍ପାଦକ କେଶବ ବୁଡେକ, ପ୍ରମାର ସମାଜର ପ୍ରଥମ ସଭାପତି ସ୍ୱର୍ଗତ ତ୍ରିଲୋଚନ ସେନାପତିଙ୍କ ପୁତ୍ର ବିକ୍ରମ ସିଂ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ । ପଙ୍କଜ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କଳାକାହ୍ନୁ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ସଞ୍ଚାଳନ କରିଥିଲେ ସହଦେବ ଦ୍ୱାରି । ଏହି ଅବସରରେ ମନ୍ତ୍ରୀ ସୁଶାନ୍ତ ସିଂ ଓ ଏମ୍‌ପି ପ୍ରଭାସ ସିଂ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ସୋଲାର ଲାଇଟ ଲଗାଯିବା ପାଇଁ ୩ ଲକ୍ଷ ଟଙ୍କା ଓ ଏକ ପାର୍କ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିବାକୁ ଏମ୍‌ପି ସିଂ ଘୋଷଣା କରିଥିଲେ । ନିର୍ମାଣାଧୀନ ସମଲେଶ୍ୱରୀ ମନ୍ଦିରକୁ ସମ୍ପୂର୍ଣ୍ଣ କରିବା ଏବଂ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କା ଦେବାକୁ ମନ୍ତ୍ରୀ ସିଂ ଘୋଷଣା କରିଥିଲେ ।

ସଂକ୍ଷେପରେ

ସୁବଳାୟା କଲେଜରେ ବିତ୍ତୀୟ ଶିକ୍ଷା କର୍ମଶାଳା

ବୀରମହାରାଜପୁର, ୨୯।୧୦(ଡି.ଏନ.ଏ.): ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ତରଫରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସୁବଳାୟା କଲେଜରେ ବିତ୍ତୀୟ ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଭୋଲାନାଥ କର୍ମୀ ଉକ୍ତ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ତହିଁରେ ଅଧକ୍ଷତା କରିଥିଲେ। ଏଥିରେ ଲରମ୍ବା କଲେଜର ଅର୍ଥନୀତି ବିଭାଗର ପ୍ରାଧାପକ ଡ. ନରେନ୍ଦ୍ର କୁମାର ବେହେରା, ସମ୍ବଳ ବ୍ୟକ୍ତିତ୍ୱ (ରିସୋର୍ସ ପର୍ସନ) ଭାବେ ଯୋଗଦେଇ ମଧବିତ୍ତ ବର୍ଗଙ୍କ କଷ୍ଟୋପାର୍ଜିତ ଧାନ କିଭଳି ଓ କେଉଁ ଅନୁଷ୍ଠାନମାନଙ୍କରେ ସଞ୍ଚୟ ଓ ବିନିଯୋଗ କରାଯାଇ ସୁରକ୍ଷିତ ରହିପାରିବ ଏବଂ ନିଶ୍ଚିତ ଫେରସ୍ତ ମିଳିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ତଥା ଉପସ୍ଥିତ ଶ୍ରୋତାମାନଙ୍କ ସହ ପ୍ରସଙ୍ଗଭିତ୍ତିକ ମତ ବିନିମୟ କରାଯାଇଥିଲା। କର୍ମଶାଳାରେ ବିଦ୍ୟାର୍ଥୀମାନଙ୍କ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ଶିକ୍ଷୟିତ୍ରୀ, ଶିକ୍ଷକ ଓ ବୁଦ୍ଧିଜୀବୀ ତଥା ଯୁବଛାତ୍ର ସଂସଦର ସଭ୍ୟବୃନ୍ଦ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଅଧାପିକା ଅନ୍ନଦା ମିଶ୍ର, ସଦାନନ୍ଦ ରଥ, କାମପାଳ ମହାପାତ୍ର, ବିଶ୍ୱମିତ୍ର ସାହୁ, ଦିଲୀପ କୁମାର ମେହେର ଓ ସଞ୍ଜିବ କୁମାର ମେହେର ପ୍ରମୁଖ।

୫୬ କୋଟି ଆସିଲା, ୮କୋଟି ପୁଣି ରହିଲା

ବରଗଡ଼ ଅଫିସ୍,୨୯।୧୦: ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତିପୂରଣକୁ ନେଇ ଅସନ୍ତୋଷ ଲାଗି ରହିଛି । ଗତ ୨୦୧୭ ଫସଲକ୍ଷତିର ବୀମା କ୍ଷତିପୂରଣ ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ କରି ଜିଲାରେ ଚାଷୀ ଅସନ୍ତୋଷ ତେଜି ଉଠିଲା । ତେବେ ସୋମବାର ବୀମା କମ୍ପାନୀ ବାକେୟା ବୀମା କ୍ଷତିପୂରଣରୁ ୫୬କୋଟି ଟଙ୍କା ପ୍ରଦାନ କରିଥିବା ସୂଚନା ମିଳିଛି । ଅନ୍ୟପଟେ ବୀମା କମ୍ପାନୀ ପାଖରେ ଆହୁରି ୮କୋଟି ଟଙ୍କା ବାକି ପଡ଼ିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପ୍ରକାଶଥାଉକି, ୨୦୧୭ ଫସଲକ୍ଷତିକୁ ନେଇ ବରଗଡ଼ ଜିଲାର ଚାଷୀମାନେ ୭୩୫ କୋଟି ଟଙ୍କାର ବୀମା କ୍ଷତିପୂରଣ ପାଇବେ ବୋଲି ପ୍ରଥମରୁ ଚର୍ଚ୍ଚା ଚାଲିଥିଲା । ପରେ ଏହା ୬୯୯ କୋଟିକୁ ହ୍ରାସ ପାଇଥିଲା । ସେଥିରୁ ୬୩୫ କୋଟି ପ୍ରଦାନ କରି ବୀମା କମ୍ପାନୀ ବକେୟା ୬୪କୋଟି ପ୍ରଦାନ ଦିଗରେ ପୁଣି ଟାଳଟୁଳ ନୀତି ଅବଲମ୍ବନ କରି ତାହା ଜମା କରୁ ନ ଥିଲା ଏବଂ ଜିଲାରେ ଚାଷୀ ଆନ୍ଦୋଳନ ଜୋର ଧରିଥିଲା ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ବରଗଡ଼ ଅଫିସ୍,୨୯।୧୦: ବରଗଡ଼ ବ୍ଲକ ଅନ୍ତର୍ଗତ ଏସ ଡୁମ୍ବେରପାଲିରେ ସୋମବାର ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ହୋଇଥିବା ଏହି ପଦଯାତ୍ରାରେ ଶତାଧିକ ମହିଳା, ପୁରୁଷ କର୍ମୀ ଯୋଗ ଦେଇଥିଲେ। ପଦଯାତ୍ରାଟି ଛତାପଥର, ପିପିଲିପାଲି, ନୂଆଁପାଲି, ବନବାସପାଲି, ଡୁମ୍ବେରପାଲି ଆଦି ଗ୍ରାମ ପରିକ୍ରମା କରିଥିଲା। ଡୁମ୍ବେରପାଲି ବଜାର ପ୍ରାଙ୍ଗଣରେ ଏକ ସାଧାରଣ ସଭା ହୋଇଥିଲା । ଗଣେଶ ଗୌନ୍ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ସଂଯୋଜନ କରିଥିଲେ। ବିଧାୟକ ଆଚାର୍ଯ୍ୟ ଏହି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ଗଢ଼ି ତୋଳିବା ପାଇଁ ସର୍ବଙ୍କ ସହଯୋଗ କାମନା କରିଥିଲେ ।

ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାର ୪ର୍ଥ ଦିନ

ବୌଦ୍ଧ,୨୯।୧୦(ସ୍ୱ.ପ୍ର.)

ରାଜ୍ୟ ଚେସ୍ ଆସୋସିଏସନ ସହଯୋଗରେ ବୌଦ୍ଧ ଜିଲା ଚେସ୍ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ସିନିୟର ଫିଡେ ରେଟିଂ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଜାରି ରହିଛି। ସୋମବାର ଚତୁର୍ଥ ଦିବସ ସପ୍ତମ ରାଉଣ୍ଡ ଖେଳ ସୁଦ୍ଧା ପୁରୀର ବୈଭବ ମିଶ୍ର, ରାଜେଶ ନାଏକ, କଟକର ରବୀନ୍ଦ୍ର ଓଝା, ଖୋର୍ଦ୍ଧାର ସଞ୍ଜୀବନୀ ନାଏକ ୬ ପଏଣ୍ଟ ଲେଖାଏଁ ହାସଲ କରିଛନ୍ତି। ଢେଙ୍କାନାଳର ବିଶାଳ ପଟ୍ଟନାୟକ, କେନ୍ଦ୍ରାପଡ଼ାର ସ୍ୱାରକୀ ମହାନ୍ତି, ବ୍ରହ୍ମପୁରର ବିନାୟକ ରଥ, ଖୋର୍ଦ୍ଧାର ରାଜେଶ କୁମାର ନାଏକ ୫.୫ ପଏଣ୍ଟ ଲେଖାଏଁ ପାଇଛନ୍ତି। ସେହିପରି କିସ୍‌ର ସଜ୍ଜନ କୁମାର ନାଏକ, ତପନ ବଡ଼ମୁଣ୍ଡି, ପୁରୀର ଜଗଦୀଶ ବାରିକ, କଟକର ହର୍ଷିତ ରଞ୍ଜନ ସାହୁ ୫ ପଏଣ୍ଟ ଲେଖାଏଁ ପାଇଥିବା ବେଳେ ଖୋର୍ଦ୍ଧାର ସ୍ୱପ୍ନିଳ ପ୍ରିୟଦର୍ଶୀ ଓ ନୂଆପଡ଼ାର ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୪.୫ ପଏଣ୍ଟ ଲେଖାଏଁ ପାଇ ରେଟିଂ ଦୌଡ଼ରେ ରହିଛନ୍ତି। ବୌଦ୍ଧ ଜିଲା ଚେସ୍ ଆସୋସିଏସନ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର ଓ ରାଜ୍ୟ ଚେସ୍ ଆସୋସିଏସନ କୋଷାଧକ୍ଷ ଜି.ସି. ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଆନ୍ତର୍ଜାତିକ ଆର୍ବେଟର ନିହାର ରଞ୍ଜନ ସାସମଲ ପରିଚାଳନା କରୁଛନ୍ତି। ଏହି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହେବ।



ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

ବୌଦ୍ଧ,୨୯।୧୦(ସ୍ୱ.ପ୍ର.)

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଛି। ଏହି ଅବସରରେ ରେଡ୍‌କ୍ରସ୍, ସ୍କାଉଟ ଓ ଗାଇଡ୍ ଏବଂ ବିଭିନ୍ନ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିଥିଲା। ସେଠାରେ ଅତିରିକ୍ତ ଜିଲାପାଳ ତରଣୀସେନ ନାଏକଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ, ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରବୀର କୁମାର ଦାସ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଶୋକ ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲା ଜରୁରୀକାଳୀନ ଅଧିକାରୀ ଶାନ୍ତିସୁଧା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଦିବସ ପାଳନର ଆବଶ୍ୟକତା ଓ ପରବର୍ତ୍ତୀ ବିପର୍ଯ୍ୟୟ ସମୟରେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜିଲାପାଳ ରାଉତ ୧୯୯୯ ମହାବାତ୍ୟାକୁ ମନେ ପକାଇବା ସହ ଏହି ବାତ୍ୟା ଓଡ଼ିଶାବାସୀଙ୍କୁ ଉଚିତ ଶିକ୍ଷା ପ୍ରଦାନ କରିଛି ବୋଲି କହିଥିଲେ। ବିପର୍ଯ୍ୟୟ ସମୟରେ ସରକାର ଉଚିତ୍ ପଦକ୍ଷେପ ଗ୍ରହଣ କରିଆସୁଅଛନ୍ତି। ବର୍ତ୍ତମାନ ସରକାର ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ବେଳେ ସଜାଗ ରହିବା ସହ ଆଗୁଆ ପଦକ୍ଷେପ ଗ୍ରହଣ କରୁଥିବା ସେ କହିଥିଲେ। ବର୍ତ୍ତମାନ ସୋସିଆଲ ମିଡିଆ ବ୍ୟବହାର କରି ବିପର୍ଯ୍ୟୟ ସମୟରେ ସଚେତନ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍କୁଲ, କଲେଜଗୁଡ଼ିକରେ ବିପର୍ଯ୍ୟୟ ସମ୍ପର୍କରେ ପ୍ରଶିକ୍ଷଣ ଉପରେ ମୁଖ୍ୟବକ୍ତା ଅଧ୍ୟାପକ ଦାସ ଗୁରୁତ୍ୱାରୋପ କରିଥିଲେ। ଶେଷରେ ସହକାରୀ ଜିଲପାଳ ଖଦାଳ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ପୁରୁଣାକଟକ,୨୯।୧୦(ଡି.ଏନ୍.ଏ.)

ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ସୋମବାର ଗୋଧିପଡ଼ା ଗ୍ରାମରେ ସଭାପତି ବିକ୍ରମ ଭୋକ୍ତାଙ୍କ ନେତୃତ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଛି। ବିଜୁ ଯୁବବାହିନୀ ସଦସ୍ୟମାନେ ଗାଁ ଗାଁ ବୁଲି ପ୍ରାକୃତିକ ବିପର୍ଯ୍ୟୟରୁ କିପରି ନିଜକୁ ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବବାହିନୀ ସମ୍ପାଦକ କୃପାସିନ୍ଧୁ ସାହୁ, କୋଷାଧକ୍ଷ ପ୍ରଦ୍ୟୁମ୍ନ ଦେହୁରୀ, ଜିତେନ୍ଦ୍ର ସାମଲ, ଅମୂଲ୍ୟ କହଁର, ଉମେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ବିଜୁ ଯୁବବାହିନୀ ସଦସ୍ୟମାନେ ସଚେତନତା ସୃଷ୍ଟି କରିବାକୁ ବାହାରିଛନ୍ତି।

ନିଖିଳ ଉତ୍କଳ କ୍ଷତ୍ରିୟ ବଡ଼ସୁଦ ସମାଜର ଜିଲାସ୍ତରୀୟ ପ୍ରଶିକ୍ଷଣ

ପୁରୁଣାକଟକ,୨୯।୧୦(ଡି.ଏନ୍.ଏ.)

ନିଖିଳ ଉତ୍କଳ କ୍ଷତ୍ରିୟ ବଡ଼ସୁଦ ସମାଜର ପୂର୍ବାଞ୍ଚଳ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଯୋରଡ଼ା କେନ୍ଦ୍ର ଅନ୍ତର୍ଗତ ବୀରନରସିଂପୁର ନର୍ସରୀଠାରେ ଅନୁଷ୍ଠିତ ହୋଇଛି। ଶିବିରକୁ ପ୍ରାଦେଶିକ ବୋର୍ଡ ଉପଦେଷ୍ଟା ଅନ୍ତର୍ଯ୍ୟାମୀ ଦଳବେହେରା ଉଦ୍‌ଘାଟନ କରିଥିଲେ। ପୂର୍ବାଞ୍ଚଳ ଜିଲା ବୋର୍ଡ ସଭାପତି ଲୋକନାଥ ଭୋକ୍ତା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାଜରେ ଏକତା, ସେବା ଓ ସମାଜର ପ୍ରଗତି ନେଇ ବକ୍ତାମାନେ ମତ ରଖିଥିଲେ। ଅଗସ୍ତି ବେହେରା, ସୁବାସ ଚନ୍ଦ୍ର ବିଶି, ସରୋଜ ଭୋକ୍ତା, ସଞ୍ଜୟ ଦେହୁରୀ, ସଂସାର ଅମାତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୂର୍ବାଞ୍ଚଳ ଜିଲା ବୋର୍ଡ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ମାଝି ଧନ୍ୟବାଦ ପ୍ରଦାନ କରିଥିଲେ।



ନିଖିଳ ଉତ୍କଳ କ୍ଷତ୍ରିୟ ବଡ଼ସୁଦ ସମାଜର ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅବସରରେ ଅତିଥିବୃନ୍ଦ।

ସ୍କୁଲ ଯାନର ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ

ସୋନପୁର,୨୯।୧୦(ନି.ପ୍ର.)

ସଡକ ସୁରକ୍ଷା କମିଟି ବୈଠକ
- ସୋନପୁର-ସମ୍ବଲପୁର ରାସ୍ତାରେ ଲାଗିବ ସ୍ପିଡ୍ ବ୍ରେକର
- ରାସ୍ତାରେ ସୂଚନା ଫଳକ ଲାଗିବ
- ହ୍ରାସ ପାଇଛି ଦୁର୍ଘଟଣା, ମୃତ୍ୟୁ ସଂଖ୍ୟା

ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ସଡକ ସୁରକ୍ଷା କମିଟିର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାରେ ସଡକ ସୁରକ୍ଷା ସମ୍ପର୍କରେ ଜନସଚେତନତା, ବ୍ଲାକ ସ୍ପଟ୍ ଅଞ୍ଚଳ, ହେଲମେଟ୍ ଚେକିଂ, ଯାନବାହାନ ଚେକିଂ, ବେଆଇନ ପାର୍କିଂ, ସ୍ପିଡ୍ ଲିମିଟ ବୋର୍ଡ, ସ୍ପିଡ୍ ବ୍ରେକର, ସ୍କୁଲ ଯାନର ସୁରକ୍ଷା, ସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ ଘରୋଇ ଯାନର ଫିଟ୍‌ନେସ ଓ ଅନ୍ୟାନ୍ୟ କାଗଜପତ୍ର ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ଜିଲାରେ ଗତ ଫେବୃୟାରୀ ୧ତାରିଖରୁ ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ ଲାଗୁ ହୋଇଛି । ହେଲମେଟ୍ ପିନ୍ଧି ନ ଥିବା ବାଇକ୍ ଆରୋହୀଙ୍କୁ ପମ୍ପରେ ପେଟ୍ରୋଲ ନ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ଏ କ୍ଷେତ୍ରରେ ସଫଳତା ମିଳିଥିଲେ ହେଁ ପେଟ୍ରୋଲ ପମ୍ପ ମାଲିକ ସହଯୋଗ କରୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଡ୍ରାଇଭିଂ ଲାଇସେନ୍ସ ନ ଥାଇ ଅପ୍ରାପ୍ତ ବୟସ୍କ ପିଲାଙ୍କ ବେପରୁଆ ବାଇକ୍ ଚାଳନା, ମୋବାଇଲ ଫୋନ ବ୍ୟବହାର, ମଦ୍ୟପାନ କରି ଯାନବାହାନ ଚଳାଚଳ, ଦ୍ରୁତ ଗତିରେ ଡ୍ରାଇଭିଂ ଓ ସଡକ ଦୁର୍ଘଟଣାକୁ ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସ ବିଭାଗ ପକ୍ଷରୁ ଯାନ ବାହାନ ଯାଞ୍ଚକୁ କଡାକଡି କରାଯାଉଛି । ଫଳରେ ଦୁର୍ଘଟଣା ଅନେକ ପରିମାଣରେ ହ୍ରାସ ପାଇଛି । ଗତବର୍ଷ ୧୨୦ଟି ଦୁର୍ଘଟଣା ଘଟି ୪୬ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲାବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୦୩ଟି ଦୁର୍ଘଟଣା ଘଟିଛି ଓ ୩୭ଜଣଙ୍କ ମୃତ୍ୟୁ ହୋଇଥିବା ଏମଭିଆଇ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ । ଗତ ଅପ୍ରେଲ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ଯାନ ବାହାନ ଚେକିଂ ସମୟରେ ଦ୍ରୁତ ଗତିରେ ଯାନବାହାନ ଚଳାଚଳ କରୁଥିବା ୨୮୧ଟି ମାମଲା, ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ସମୟରେ ୨୨ଟି ମାମଲା, ଡ୍ରାଇଭିଂ ସମୟରେ ମୋବାଇଲ ଫୋନ ବ୍ୟବହାର ନେଇ ୯୨ଟି ମାମଲା, ଓଭରଲୋଡିଂ ସମ୍ପର୍କିତ ୫୯ଟି ମାମଲା, ବିନା ହେଲମେଟ୍‌ରେ ବାଇକ୍ ଚାଳନା ସମ୍ପର୍କିତ ୧୮୪ଟି ମାମଲା ହୋଇଥିବାବେଳେ ୧୨୪ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଥିବା ଜଣାଇଥିଲେ । ଜନସାଧାରଣଙ୍କ ଅବଗତି ପାଇଁ ରାସ୍ତାରେ ସୂଚନା ଫଳକ ଲାଗିବା, ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ପ୍ରମୁଖ ରାସ୍ତା ପାର୍ଶ୍ୱମାନଙ୍କରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା, ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ ଭଳି କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ସୋନପୁର-ସମ୍ବଲପୁର ରାଜ୍ୟ ରାଜପଥର ଚଢେଇପଙ୍କସ୍ଥିତ ବୁଲାଣି ରାସ୍ତାରେ ସୂଚନା ଫଳକ ଓ ସ୍ପିଡ୍ ବ୍ରେକର ଲଗାଇବା ନେଇ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ ବଡପଣ୍ଡା ପ୍ରତିଶ୍ରୁତି ଦେଇଥିଲେ । ବୀରମହାରାଜପୁର ବଜାରରେ ଯାନବାହାନ ରଖିବା ପାଇଁ ପାର୍କିଂ ସ୍ଥାନ ନିର୍ମାଣ ଓ ବୀରମହାରାଜପୁର-ମୁର୍ଷୁଣ୍ଡି ରାସ୍ତାରେ ସ୍ପିଡ୍ ବ୍ରେକର ଲଗାଇବା ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍କୁଲ, କଲେଜ ବସ୍ ଗୁଡିକ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଓ ଅଭିଭାବକ ଦୃଷ୍ଟି ଦେଉ ନାହାନ୍ତି । ଅଟୋ ଓ ଟାଟା ମ୍ୟାଜିକ୍ ଭ୍ୟାନରେ କ୍ଷମତାଠାରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅସୁରକ୍ଷିତ ଭାବେ ଯାତାୟତ କରୁଥିବା ସମ୍ପର୍କରେ ଆଲୋଚନା କରାଯିବା ସହ କର୍ତ୍ତୃପକ୍ଷଙ୍କୁ ନେଇ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟ ସ୍ତରରେ ଓ ଜିଲାସ୍ତରରେ କମିଟି ଗଠନ କରିବା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଓ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରାଙ୍କୁ ଅବଗତ କରା ଯାଇଥିଲା । ଏସ୍‌ପି ଦେବୀପ୍ରସାଦ ଦାଶ, ସୋନପୁର ଉପଜିଲାପାଳ ତଥା ଭାରପ୍ରାପ୍ତ ପରିବହନ ଅଧିକାରୀ ବଳରାମ ମଲ୍ଲିକ, ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ମିହିର ପଣ୍ଡା, ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ ଚୋପଦାର, ଡିଏସପି ହେମସାଗର ନନ୍ଦ, ରୋଡ ସେଫ୍ଟି କମିଟିର ସଭ୍ୟ ଆଶୁତୋଷ ହୋତା, ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ ମେହେର ପ୍ରମୁଖ ବୈଠକରେ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଜୁନିୟର ଏମଭିଆଇ ଜନ ପ୍ରତାପ କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଯେଉଁ ଲୋକ ଦୁଃଖ କଷ୍ଟ ନ ସହିଛି, ତା'
ହୃଦୟରେ ଶକ୍ତିର ସଞ୍ଚାର ହୋଇନାହିଁ।
- ହେମାନସ୍

ସଂକ୍ଷେପରେ

ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଦେଓଗାଁ,୨୯।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଫାଣ୍ଡି ଅନ୍ତର୍ଗତ ରାଏପାଲି ନିକଟସ୍ଥ ୨୬ ନଂ ଜାତୀୟ ରାଜପଥ କଡରୁ ସୋମବାର ଏକ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ସ୍ଥାନୀୟ ପୋଲିସ। ମୃତ ବ୍ୟକ୍ତି ଜଣଙ୍କ ହେଲେ ସଦରବ୍ଲକ ଭୂତିଆରବାହାଲ ନିକଟସ୍ଥ ରଜମୁଣ୍ଡା ଗାଁର କିର୍ତ୍ତିଚନ୍ଦ୍ର ଦୀପ(୪୫)। ଘଟଣାସ୍ଥଳରେ ତୁଷୁରାଥାନାଧିକାରୀ ସଦଳବଳେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଏ ନେଇ ତୁଷୁରା ଥାନାରେ ୟୁଡି କେସ ନଂ୮/୧୮ରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଜାରୀ ରହିଥିବା ତଦନ୍ତାଧିକାରୀ ଗୋପିନାଥ ମାହାକୁଡ କହିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ତରଫରୁ ପୋଲିସ ପାଖକୁ କୌଣସି ଅଭିଯୋଗ ଆସି ନ ଥିବା ବେଳେ ଘଟଣା ରହସ୍ୟାବୃତ ହୋଇ ରହିଥିବା ପୋଲିସ କହିଛି। ରବିବାର ରାତିରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ରାଜପଥ କଡରେ ପଡିଥିବା କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ରାତି ତମାମ ମୃତଦେହକୁ ଜଗିବା ପରେ ସକାଳେ ଖବରପାଇ ମୃତକଙ୍କ ପୁଅ ରବିଚନ୍ଦ୍ର ଦୀପ(୧୯) ଘଟଣାସ୍ଥଳକୁ ଆସି ତାଙ୍କ ବାପା ବୋଲି ଚିହ୍ନଟ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇବା ସହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଦୁର୍ଘଟଣା ହୋଇ ନ ପାରେ ବୋଲି ସାଧାରଣରେ ଆଲୋଚ୍ୟର ବିଷୟ ପାଲିଟିଥିବାବେଳେ ମୃତବ୍ୟକ୍ତିଙ୍କ ହାତରେ ଗାମୁଛା ବନ୍ଧା ହେବା ସହ ଘୋଷାଡି ଆଣିବା ପରି ଚିହ୍ନ ରହିଥିବାରୁ ଏହାରି ମଧ୍ୟରେ କୌଣସି ରହସ୍ୟ ରହିଥାଇ ପାରେ ଏଣୁ ଏହାର ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ଚର୍ଚ୍ଚାର କେନ୍ଦ୍ର ସାଜିଛି। ପରେ ସନ୍ଧ୍ୟାରେ ମୃତକଙ୍କ ପୁଅ ରବିଚନ୍ଦ୍ର ବଲାଙ୍ଗୀର ଏସଡିପିଓଙ୍କଠାରେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛି।

ଗନ୍ଧମାଳୀ ସମାଜର ନୂଆଁଖାଇ ଭେଟ୍‌ଘାଟ

ପାଟଣାଗଡ଼,୨୯।୧୦(ଡି.ଏନ.ଏ.) : ପଶ୍ଚିମ ଓଡିଶା ଗନ୍ଧମାଳି ସମାଜର ଶିବ ପୂଜକ ଜିଲା ସଂଘ ବଲାଙ୍ଗୀର ଆନୁକୂଲ୍ୟରେ ଏବଂ ଉପଖଣ୍ଡ ସଂଘ ପାଟଣାଗଡର ସହଯୋଗକ୍ରମେ ପଶ୍ଚିମ ଓଡିଶାର ସମସ୍ତ ଜିଲାର ଶୈବ ପୂଜକ ପରିବାରକୁ ନେଇ ଏକ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଟଣାଗଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପୁରୁଷୋତ୍ତମ ଥନାପତିଙ୍କ ସଭାପତିତ୍ୱ ଏବଂ ସହ ସମ୍ପାଦକ ଅରୁଣ ଥନାପତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲାର ସାମାଜିକ ଶୃଙ୍ଖଳା ପାଇଁ ଏକ ନିୟମାବଳୀ ଉନ୍ମୋଚନ ସହ ପୂର୍ବରୁ ଜିଲା ସଂଘ ଗଠନ ଦିଗରେ ଚେଷ୍ଟା କରିଥିବା କର୍ମକର୍ତ୍ତାଙ୍କୁ ଉପଢୌକନ ସହ ସମାଜ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚିତ୍ତରଞ୍ଜନ ଥନାପତି, ଅନନ୍ତ ନାରାୟଣ ଥନାପତି, ବଂଶୀଧର ଥନାପତି, ଦୁର୍ଗା ମହାପାତ୍ର, ସୁଶାନ୍ତ ମହାପାତ୍ର, ଉପେନ୍ଦ୍ର ବାରିକ, ହେମନ୍ତ ଥନାପତି, ନାରାୟଣ ଦେହୁରୀ, ଜୟରାମ ଥନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ପାଟଣାଗଡ ଉପଖଣ୍ଡ ସଭାପତି ଦେବବ୍ରତ ଥନାପତି ଉପ ସଭାପତି ଘନଶ୍ୟାମ ଥନାପତି ସାଧାରଣ ସମ୍ପାଦକ ଉପେନ୍ଦ୍ର ଥନାପତି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଲଳିତ ଥନାପତି ମଙ୍ଗଳାଚରଣ ପାଠ କରିଥିଲେ। ଉପେନ୍ଦ୍ରନାଥ ଥନାପତି ପ୍ରାରମ୍ଭିକ ଓ ଶେଷ ସଙ୍ଗୀତ ଗାନ କରିଥିଲେ।

ଖପ୍ରାଖୋଲରେ ବ୍ଲକସ୍ତରୀୟ ଲୋକମହୋତ୍ସବ ଉଦ୍‌ଯାପିତ

ପାରମ୍ପରିକ ନାଚ ଗୀତରେ ଝୁମିଲେ ଦର୍ଶକ

ଖପ୍ରାଖୋଲ,୨୯।୧୦(ଡି.ଏନ.ଏ.)

ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଲୋକମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଲୋକ ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମେହେର, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ଖମାରୀ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଲୋକଗୀତ, ଲୋକ ନୃତ୍ୟ, ଲୋକ ବାଦ୍ୟର ସୁରକ୍ଷା ସହିତ ଲୁକ୍କାୟିତ କଳାକାରଙ୍କୁ ଏହି ଲୋକ ଉତ୍ସବ ମାଧ୍ୟମରେ ଲୋକ ଲୋଚନକୁ ଆଣିବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ନିଜର ମତବ୍ୟକ୍ତ କରିଥିଲେ।

ଖପ୍ରାଖୋଲ ଲୋକମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଏହି କାର୍ଯ୍ୟକ୍ରମ ଆରମ୍ଭରୁ ଅତିଥି ତଥା କଳାକାରମାନେ ସ୍ଥାନୀୟ ଇଷ୍ଟ ଦେବୀ ମା' ଡୁମେରତଲେନଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ଲୋକ ମହୋତ୍ସବ ମଞ୍ଚ ନିକଟରେ ପହଞ୍ଚିଥିଲେ । ଲୋକ ଉତ୍ସବରେ ବ୍ଲକର ବିଭିନ୍ନ ଗ୍ରାମରୁ ଲୋକ ନୃତ୍ୟ, ଲୋକ ସଙ୍ଗୀତ, ଲୋକବାଦ୍ୟ ଆଦି କଳାକାରମାନେ ପରିବେଷଣ କରିଥିଲେ । ଅଂଶ ଗ୍ରହଣ କରିଥିବା ବିଭିନ୍ନ ଦଳ ଏବଂ ଏକକ ନୃତ୍ୟରେ ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଉତ୍ପଳା ସାହୁ, ଦଳୀୟ ଲୋକନୃତ୍ୟରେ କେସିଙ୍ଗା ବଘାର ଓ ସାଥି, କୃଷ୍ଣଗୁରୁଙ୍କ ପାଇଁ ଅଭିମନ୍ୟୁ ବାଗ ଓ ସାଥି ଝାଲବାହାଲ, କରମସାନି ନୃତ୍ୟରେ ସୁବାଷ ବଗର୍ତ୍ତି ଓ ସାଥି କାଦୋପାଣି, ପତ୍ରାପାଲିର କଲଙ୍ଗା ଦଣ୍ଡାନୃତ୍ୟ, ବେନକେରାର ମା' ବାଗଦେବୀ ପାଲାଦଳ ଏବଂ ସୌକିନ କଳାପରିଷଦ ଫୁଲକିମୁଣ୍ଡା ଲୋକନୃତ୍ୟ ଉପଖଣ୍ଡ ସ୍ତରୀୟ ଲୋକମହୋତ୍ସବକୁ ମନୋନୀତ ହୋଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ କଲ୍ୟାଣ ଚରଣ ସାହୁ, ଅଶୋକ ପାଣିଗ୍ରାହୀ, ପ୍ରଦୀପ ଶତପଥି, ପଙ୍କଜିନି ମିଶ୍ର, ଖିରାଧର ବରିହା ବିଚାରକଭାବେ ଯୋଗଦେଇଥିବାବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ, ସିଡିପିଓ ପ୍ରମିଳା ମହାନ୍ତି, ରଘୁନାଥ ସିଂ ବରିହା, ସରପଞ୍ଚ ତ୍ରିନାଥ ବାରିକ, ସବିତା ମେହେର, ସମିତି ସଭ୍ୟ ଟୁନୁ ଜ୍ୟୋତିଷ, ଶୋଭନମୟ ମିଶ୍ର, ଜିପିଇଓ ଶୁଶାନ୍ତ ପାଣି, ଡବ୍ଲୁଇଓ ନନ୍ଦି କିଶୋର ତାଣ୍ଡି, ଇଓ ରାହାସ ବିହାରୀ ମଲ୍ଲିକ, ସ୍ମୃତିରେଖା ସାହୁ, ତ୍ରିଭୁଜ ରଣା, ମିଥୁନ ଗୁପ୍ତା, ସୁଶାନ୍ତ ଛତ୍ରିଆ ପ୍ରମୁଖ ବ୍ଲକ କର୍ମଚାରୀ, ଲୋକପ୍ରତିନିଧି, କଳାକାର, କଳାପ୍ରେମୀ ଉପସ୍ଥିତ ଥିଲେ। ପାରମ୍ପରିକ ଲୋକବାଦ୍ୟର ତାଳେ ତାଳେ ବ୍ଲକ ପରିସର ଉତ୍ସବ ମୁଖର ହୋଇଉଠିଥିବାବେଳେ ଲୋକନୃତ୍ୟର ତାଳେ ତାଳେ ନାଚି ଥିଲେ ଦର୍ଶକ । ଏହି କାର୍ଯ୍ୟକ୍ରମକୁ କବି ପ୍ରଦିପ ଶତପଥୀ, ଏପିଓ ପୁଷ୍ପାଞ୍ଜଳୀ ସ୍ୱାଇଁ ପରିଚାଳନା କରିଥିବାବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନନ୍ଦିକିଶୋର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

ଦେଢଶୁରଙ୍କ ମାଡ଼ରେ ଭାଇବୋହୂ ଗୁରୁତର

ଲୋଇସିଂହା,୨୯।୧୦(ଡି.ଏନ.ଏ.)

ଲୋଇସିଂହା ଥାନା ଅନ୍ତର୍ଗତ ଘୁଷୁରାମୁଣ୍ଡା ଗ୍ରାମରେ ରବିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ଭାଇବୋହୂଙ୍କୁ ଦେଢଶୁର ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ ହୋଇ ବଲାଙ୍ଗୀର ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଅଭିଯୁକ୍ତ ଦେଢଶୁର ଆକ୍ରମଣ କରି ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ଘୁଷୁରାମୁଣ୍ଡା ଗ୍ରାମର ସୁଦାମ ଧରୁଆ ତାଙ୍କ ସାନ ଭାଇ ବିକ୍ରମ ଧରୁଆଙ୍କ ପରିବାର ମଧ୍ୟରେ ଅନେକ ସମୟରେ ଝଗଡା ଲାଗି ରହିଥାଏ । ରବିବାର କୌଣସି କଥାକୁ ନେଇ ସୁଦାମ ରାଗି ଯାଇ ଭାଇବୋହୂଙ୍କୁ ଆକ୍ରମଣ କରିଥିଲେ। ସ୍ୱାମୀ ବିକ୍ରମ ନୁରାଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବଲାଙ୍ଗୀର ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଥିଲେ । ବିକ୍ରମଙ୍କ ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ଥାନାରେ କେସ ନଂ୧୮୦/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ଏଲ.ଏଲ ବାର୍ଲା କହିଛନ୍ତି।

ଧର୍ମ ଜାଗରଣ ପଦଯାତ୍ରାକୁ ସ୍ୱାଗତ

ଦେଓଗାଁ,୨୯।୧୦(ଡି.ଏନ.ଏ.)

ଭାରତକୁ ବିଶ୍ୱ ଗୁରୁ ଭାବେ ପରିଣତ କରିବା ଉଦ୍ଦେଶ୍ୟରେ ଧର୍ମ ଜାଗରଣ ପଦଯାତ୍ରାରେ ବାହାରିଥିବା ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳ ସଦସ୍ୟ ସନ୍ଥ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀମହାରାଜଙ୍କୁ ରବିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକଠାରେ ବ୍ୟାପକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପଦଯାତ୍ରାରେ ହରୀକଥାର ପ୍ରେମା ଦିଦି ଓ ଏକଲ ଅଭିଯାନର ଜୀବନ ଭାଇ ଉପସ୍ଥିତ ଥିଲେ । ଜରାସିଂହା ବଜରଙ୍ଗଦଳର ଆୟୋଜନରେ ସ୍ୱାମୀଜୀଙ୍କୁ ପ୍ରତ୍ୟେକ ଘରେ କଳସ ସ୍ଥାପନ କରି ସ୍ୱାଗତ କରିବା ସହ ସଙ୍କଟ ମୋଚନ ହନୁମାନ ମନ୍ଦିର ପରିସରରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋ ରକ୍ଷା, ଗୋ ସେବା, ପ୍ରତ୍ୟେକ ଘର ଅଗଣାରେ ତୁଳସି ଗଛ ଲଗାଇବା, ଧର୍ମାନ୍ତରୀକରଣ ନ ହେବା, ହିନ୍ଦୁତ୍ୱକୁ ବଜାୟ ରଖିବା, ପାଶ୍ଚାତ୍ୟ ସଭ୍ୟତା ପ୍ରତି ଆକର୍ଷଣ ନ ହେବା ଆଦି ପ୍ରସଙ୍ଗ ଉପରେ ସ୍ୱାମୀଜୀ ଗୁରୁତ୍ୱାରୋପ କରିଥିଲେ । ଏହି ପଦଯାତ୍ରା ଆସନ୍ତା ୨୦୧୯ଜୁନ ୧ତାରିଖରେ ରାଉରକେଲାର ବେଦବ୍ୟାସଠାରେ ସମ୍ପନ୍ନ ହେବ ବୋଲି ସୂଚନା ଦିଆଯାଇଥିଲା। ସୋମବାର ଦେଓଗାଁ ଓ ଗାଇବାହାଲରେ ସ୍ୱାମୀଜୀଙ୍କୁ ସ୍ୱାଗତ କରାଯାଇଥିଲା । ଏଥିରେ ଡା. ଶଶି ଭୂଷଣ ସାହୁ, ବିରଧିଚନ୍ଦ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ଓଡିଶା ପ୍ରାନ୍ତ ସତ୍‌ସଙ୍ଗ ପ୍ରମୁଖ ସତ୍ୟ ନାରାୟଣ ଥନାପତି ସଂଯୋଜନା କରିଥିବାବେଳେ ସୁନ୍ଦରମଣି ଦଣ୍ଡସେନା, ଦୁର୍ଗାପ୍ରସାଦ ସିଂ ଦେଓ, ପୂଜକ ପରମାନନ୍ଦ ଥନାପତି, ଧନେଶ୍ୱର ଥନାପତି, ବବୁଲୁ ମେହେର, ସୁନୀଲ ମେହେର, ସୁଜିତ ମେହେର, ସୁଜ୍ଞାନ ମେହେର, ତାପସ ଦଣ୍ଡସେନା, ଧବଳେଶ୍ୱର ଯୁବ ପରିଷଦ, ମା'ବୁଢ଼ିଆଇ କଳାପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଜରାସିଂହାରେ ପଦଯାତ୍ରାରେ ବାହାରିଥିବା ସନ୍ଥଙ୍କୁ ସ୍ୱାଗତ କରାଯାଉଛି।

ବଲାଙ୍ଗୀରରେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

ସାମାଜିକ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଲାଙ୍ଗୀର ଅଫିସ, ୨୯।୧୦

ବଲାଙ୍ଗୀର ଟାଉନହଲଠାରେ ବଲାଙ୍ଗୀର ଜିଲା ପ୍ରଶାସନ ଆନୁକୂଲ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୧୮ ସୋମବାର ପାଳନ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଇନ୍ଦିରା ନାୟକ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାନ୍ତି, ସହକାରୀ ଅଗ୍ନିଶମ ଅଧିକାରୀ ଶ୍ୟାମ ସୁନ୍ଦର ସିଂ, ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ, ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ତଥା ଜିଲା ରେଡକ୍ରସ ସୋସାଇଟି ଉପସଭାପତି ବିଷ୍ଣୁପ୍ରସାଦ କେଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ସାମାଜିକ ଗଣମାଧ୍ୟମର ଭୂମିକା ଓ ଏହାର ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା । ସଚେତନତା ଓ ସାବଧାନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ସଚେତନତା ସଭାରେ ଲିଟିଲ ଫ୍ଲାୱାର ସ୍କୁଲର ଛାତ୍ରୀ ଅନୁଷ୍କା ଜେନା ଓ ଛାତ୍ର ଅରମାନ୍ ଷାଣ୍ଡ ସାମାଜିକ ଗଣମାଧ୍ୟମ ଓ ବିପର୍ଯ୍ୟୟ ମୁକାବିଲା ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ବିଷୟବସ୍ତୁକୁ ନେଇ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫିଦେଇ ପୁରସ୍କୃତ କରିଥିଲେ। ଏହି ସଭାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ। ସକାଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିପର୍ଯ୍ୟୟ ପ୍ରଶମନ ଉପରେ ଏକ ସଚେତନତା ରାଲିରେ ସହର ପରିକ୍ରମା କରିଥିଲେ। ଏହି ରାଲିକୁ ଅତିରିକ୍ତ ଜିଲାପାଳ ପ୍ରଧାନ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ସଭା ଶେଷରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ଧନ୍ୟବାଦ ଦେଇଥିଲେ।

ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ସଭାରେ ଅତିଥିଙ୍କ ଗହଣରେ ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି।

୨୦୦୪ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ

ଦେଓଗାଁ,୨୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା କନ୍ଧକେଲ ଗାଁ ବାପୁଜୀ ହାଇସ୍କୁଲ ୨୦୦୪ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମସ୍ତେ ଏକତ୍ରିତ ହୋଇ ଗୁଡଭେଲା ବ୍ଲକ ଜାମୁଟ ପଞ୍ଚାୟତ ଅନ୍ତର୍ଗତ ଗଦଗଦାଠାରେ ସାମୂହିକ ବନ୍ଧୁମିଳନ ଓ ବଣଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ କାର୍ଯ୍ୟକ୍ରମକୁ ରାମ ବର୍ଗର୍ତ୍ତି, ନିହାର ରଞ୍ଜନ କୁମ୍ଭାର, ଶିବଶଙ୍କର ମେହେର, ନିର୍ମଳ ସାମଲ, ଗୋପାଳ ପ୍ରଧାନ, ବୁଲୁ ଭୋଇ, ସୁରେଶ ସାହୁ, ସୁଶାନ୍ତ ମେହେର ପ୍ରମୁଖ ଆୟୋଜନ କରିଥିଲେ।

ମା'ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ଢାପ ନୃତ୍ୟରେ କମ୍ପିଲା ସହର

ସଇଁତଲା,୨୯।୧୦(ଡି.ଏନ.ଏ.)

ସଇଁତଲା ବ୍ଲକ ଛକଠାରେ ୨୪ତମ ମା'ଗଜଲକ୍ଷ୍ମୀଙ୍କ ପୂଜୋନେ୍ାବ ମହା ସମାରୋହରେ ପାଳିତ ହୋଇଯାଇଛି। ରବିବାର ଏହି ପୂଜୋନ୍ସବର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଗତ ୫ଦିନ ଧରି ଚାଲିଥିବା ଏହି ପୂଜାରେ କର୍ତ୍ତା ଭାବେ ସୁରେନ୍ଦ୍ର ସିଂ ଭୋଇ, ମୋନିକା ସିଂ ଭୋଇ, ତପନ ଦାସ, ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ ଥିବାବେଳେ କିରଣ ମିଶ୍ର, ମାନସ ମିଶ୍ର, ଶଙ୍କର ପାଣିଗ୍ରାହୀ, ସୁରେନ୍ଦ୍ର ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ । ପ୍ରତ୍ୟେହ ସନ୍ଧ୍ୟା ସମୟରେ ଆଳତୀ ସହ ରାମଜୀ ଘଣ୍ଟ ବାଦ୍ୟ ପରିବେଷଣ ମୁଖ୍ୟ ଆକର୍ଷଣ ହୋଇଥିଲା । ମା'ଙ୍କ ଦର୍ଶନ ପାଇଁ ଜିଲା ପ୍ରାଥମିକ ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ଭାଜାପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ, ବିଧାୟିକାଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ର ବଦନ ପୁରୋହିତଙ୍କ ଅଞ୍ଚଳର ବହୁ ଜନସାଧାରଣ ମଣ୍ଡପଠାରେ ଭିଡ଼ ଜମାଇଥିଲେ । ଗତ ୨୬ତାରିଖ ମା'ଙ୍କଠାରେ ଛପନ ପ୍ରକାରର ଭୋଗ ଲାଗି ହୋଇଥିଲା। ଭସାଣୀ ସମୟରେ ଘୁନସରର ଘୁମୁରା, କୁମ୍ଭାରୀର ଢ଼ାପ, ଲିମଗାଁର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ । ମା'ଙ୍କ ମେଢ଼ ବ୍ଲକ ଛକଠାରୁ ବାହାରି ସଇଁତଲା ହାଟପଦା ଦେଇ କରେଲଧୁଆଠାରେ ବିସର୍ଜନ କରାଯାଇଥିଲା। ଏହି ପୂଜୋନ୍ସବ ସମୟରେ କମିଟିର ସଭାପତି ପରମେଶ୍ୱର କର୍ମୀ, ଉପ ସଭାପତି ରଶ୍ମି ରଞ୍ଜନ ମାଝି, ସମ୍ପାଦକ ବିକ୍ରମ ବଗର୍ତ୍ତୀ, ସହ ସମ୍ପାଦକ ପୂର୍ଣ୍ଣ ଦଳେଇ, କୋଷାଧ୍ୟକ୍ଷ ହିମାଂଶୁ ଶେଖର ଦାସ, ତରୁଣ ବେହେରା, ଇଶ୍ୱର କର୍ମୀ, ବାବୁଲାଲ କର୍ମୀ, ବାମଦେବ କର୍ମୀ, ଯୁଗେଶ୍ୱର କର୍ମୀ, ଆଦିତ୍ୟ ରଣା, ସୁରେନ୍ଦ୍ର ପଧାନ, ବିଜୟ ସାହୁ, ରାଜକିଶୋର ବାଗ, ଅକ୍ଷୟ ସାହୁ, ସନ୍ତୋଷ ଗୁପ୍ତା, ମୋତିଲାଲ ଖମାରୀ, ବିଜୟ ସାହୁ, ରାଖାଲ ପ୍ରସାଦ ଶତପଥିଙ୍କ ସହ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଲୋଇସିଂହା,୨୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜନୈକ ଯୁବତୀ ରବିବାର ସନ୍ଧ୍ୟାରେ ପଦାକୁ ଶୌଚ କରିବାକୁ ଯାଇଥିବାବେଳେ କେତକ ଯୁବକ ତାଙ୍କୁ ଅସଦାଚରଣ କରିଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି । ଯୁବତୀଙ୍କ ଅଭିଯୋଗ ପାଇ ପୋଲିସ ଘଟଣାର ଛାନଭିନ୍ ଆରମ୍ଭ କରି ସମ୍ପୃକ୍ତ ଯୁବକମାନଙ୍କୁ ଥାନାକୁ ଡକା ଯାଇଥିବା ସୂଚନା ମିଳିଛି। ଲୋଇସିଂହା ଥାନା ଅନ୍ତର୍ଗତ ଏକ ଗ୍ରାମର ବସ୍ତିସ୍ଥାଣ ଅଞ୍ଚଳରେ ରହୁଥିବା ଯୁବତୀ ଜଣଙ୍କ ତାଙ୍କ ସମ୍ପର୍କୀୟ ବଡ ଭଉଣୀଙ୍କ ସହ ରବିବାର ସନ୍ଧ୍ୟାରେ ଶୌଚ କରିବାକୁ ଯାଇଥିଲେ। ଏହି ସମୟରେ ଗ୍ରାମର ପ୍ରାୟ ୬ଜଣ ଯୁବକ ଯୁବତୀଙ୍କୁ ଛୁରୀ ଦେଖାଇ ଭୟଭିତ କରି ଟଣା ଓଟରା କରି ବଳାତ୍କାର ପାଇଁ ଟେକି ନେଇଥିଲେ। ଯୁବତୀ ଓ ସାଙ୍ଗରେ ଥିବା ତାଙ୍କ ବଡ ଭଉଣୀ ପ୍ରତିବାଦ କରି ଚିତ୍କାର କରିବାରୁ ଯୁବକମାନେ ତାଙ୍କୁ ଛାଡି କେଉଁଆଡେ ଚାଲି ଯାଇଥିଲେ। ଯୁବତୀ ଦ୍ୱୟ ଘରକୁ ଆସି ଘଟଣା ସମ୍ପର୍କରେ ଘରେ ଜଣାଇବା ପରେ ଲୋଇସିଂହା ଥାନାକୁ ଯାଇ ଅଭିଯୋଗ କରିଥିଲେ । ଖବରପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳକୁ ଆସି ଯୁବତୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ । ଅଭିଯୋଗ କରିଥିବା ସମ୍ପୃକ୍ତ ଯୁବକମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରିଥିବାବେଳେ ସେମାନେ ଗାଁରୁ ଫେରାର ହୋଇଯାଇଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କ ମଧ୍ୟରେ ଜଣେ ପଞ୍ଚାୟତ ପ୍ରତିନିଧିଙ୍କ ଅନୁଗତ ଓ ଅନ୍ୟ ଜଣେ ସ୍ୱାମୀ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଆଇଆଇସି ଏଲ.ଏଲ ବାର୍ଲା କହିଛନ୍ତି, ଯୁବତୀଙ୍କଠାରୁ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲୁ । ଅଭିଯୋଗ ହୋଇଥିବା ଯୁବକମାନଙ୍କୁ ଥାନାକୁ ଡକାଯାଇଥିବା କହିଥିଲେ।

୭ଦଫା ଦାବିରେ ବ୍ଲକ ଅଫିସ ଘେରାଉ

ମୁରିବାହାଲ, ୨୯।୧୦(ଡି.ଏନ.ଏ.)

ରାଜ୍ୟ ସରକାର ବିଭିନ୍ନ ଦୁର୍ନୀତିରେ ବୁଡି ରହିଛନ୍ତି। କୃଷି ଓ କୃଷକର ସ୍ୱାର୍ଥ ପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେଇଛନ୍ତି ବିଜେଡି ସରକାର। ଏହି ସବୁ ଅଭିଯୋଗ ଆଣିଛି ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଭାଜପା। ସୋମବାର ଦଳ ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ନେତୃବର୍ଗ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଜିଲା ଭାଜପା ଉପସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଓଡିଶା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ୧୯ବର୍ଷର ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର କୃଷକ ବିରୋଧୀ ବୋଲି ଅଭିହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ହୁତାଶନ ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାଷ୍ଟ୍ରପତି ବେହେରା, ଜିଲା ଉପସଭାପତି ଲକ୍ଷ୍ମଣ ବାଗ, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଶୈଳବାଳା ବାଗ, ହଳଦୀ ମଣ୍ଡଳୀ ପ୍ରଭାରୀ ତଥା ଆଇନଜୀବୀ ଅଶୋକ ଦାସ, ବିସ୍ତାରକ ମଧୁବନ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁରିବାହାଲ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି, କୃଷିବୀମା ରାଶି ପ୍ରଦାନ କରା ନ ଯିବା, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରା ନ ଯିବା, ବୃଦ୍ଧା, ବିଧବାଙ୍କୁ ଭତ୍ତା ପ୍ରଦାନ କରାଯାଇ ନଥିବାର ତୀବ୍ର ସମାଲୋଚନା କରାଯାଇଥିଲା। ଏହାପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ର ବିଡିଓ ଦାଶରଥି ଶରଭୋଇଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ଯଥାଶୀଘ୍ର ଓଡିଶାରେ ଲାଗୁ କରିବା, ବ୍ଲକ ଅଧୀନ ୨୨ପଞ୍ଚାୟତର ଚାଷୀଙ୍କୁ ୨୦୧୭ବର୍ଷର କୃଷିବୀମା ଅବିଳମ୍ବେ ପ୍ରଦାନ, ମୁରିବାହାଲ ବ୍ଲକକୁ ମରୁଡି ଘୋଷଣା ଓ ଇନପୁଟ ସବ୍‌ସିଡି ପ୍ରଦାନ, ବ୍ଲକରେ ବଣ୍ଟନ କରାଯାଉଥିବା ଖାଉଟି କାର୍ଡ ପ୍ରଦାନରେ ଦୁର୍ନୀତିର ତଦନ୍ତ କରାଯିବା ଅନ୍ୟତମ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ନାରାୟଣ ସାହୁ, ଟୁନୁ ସରାଫ, ପ୍ରଦୀପ ବନ୍ତା, ବାଳକୃଷ୍ଣ ପୁଟେଲ, ରାମୁ କୁମ୍ଭାର, ରାଜୀବ କୁଅଁର, ଦିଲୀପ କୁମାର ପୃଷ୍ଟି, ହରେକୃଷ୍ଣ ସାହୁ, ହରିଦାସ ଛୁରା, ପଦ୍ମନାଭ ସାହୁ, ସୁରେଶ ପୁଟେଲ, ଲାଲ ବାହାଦୁର ପୁଟେଲ, ଗିରୀଧାରୀ କମ୍ପ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥିପୂର୍ବରୁ ଶହଶହ ଭାଜପା କର୍ମୀ ସ୍ଥାନୀୟ ଯାଦବ ଭବନଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ରାଲି ଯୋଗେ ସେମାନେ ବ୍ଲକ ଅଫିସ ସମ୍ମୁଖରେ ନାନା ସ୍ଲୋଗାନମାନ ଦେଇ ପହଞ୍ଚିଥିଲେ।

ଭାଜପା ନେତୃବୃନ୍ଦ ଏକ ରାଲିରେ ବ୍ଲକ ଅଫିସ ନିକଟକୁ ଯାଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮

କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।
- ଚାଣକ୍ୟ

ସଂକ୍ଷେପରେ

ଫସଲ କ୍ଷତିପୂରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ସିନାପାଲି,୨୯।୧୦(ଡି.ଏନ୍.ଏ.)
ଅଦିନିଆ ବର୍ଷା ଓ ରୋଗପୋକ ଯୋଗୁ ଗତ ଖରିଫ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଏହାର କ୍ଷତିପୂରଣ ପ୍ରଦାନ ପାଇଁ ନୂଆପଡ଼ା ଜିଲା ସିନାପାଲି ଆର୍‌ଆଇ ସର୍କଲର ବିଭିନ୍ନ ଗ୍ରାମର ଚାଷୀମାନେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ଆର୍‌ଆଇ ସର୍କଲ ଅଧୀନ ଖରସେଲ, ନିଲଜୀ, ଗୋର୍ଲା, ଟିମନପୁର ଓ ରାଣୀମୁଣ୍ଡା ପଞ୍ଚାୟତର କେତେଜଣ ଚାଷୀଙ୍କ ଜମାଖାତାରେ କ୍ଷତିପୂରଣ ରାଶି ଜମା ହୋଇଥିଲା। କିନ୍ତୁ ଆର୍‌ଆଇଙ୍କ ଉଦାସୀନତା ଓ ଅପାରଗତା ଯୋଗୁ ଅନେକ ଚାଷୀ କ୍ଷତିପୂରଣ ପାଇବାରୁ ଏପର୍ଯ୍ୟନ୍ତ ବଞ୍ଚିତ ରହିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଆଗାମୀ ୨ ସପ୍ତାହ ମଧ୍ୟରେ ବିଭାଗୀୟ କର୍ତ୍ତୃପକ୍ଷ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନ ନେହେ ଚାଷୀମାନେ ଆର୍‌ଆଇଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଟିମନପୁର ଗ୍ରାମଠାରେ ସିନାପାଲି-ବୋଡ଼େନ ରାସ୍ତା ଅବରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଚାଷୀଙ୍କ ଆନ୍ଦୋଳନକୁ ଭାଜପା ସମର୍ଥନ କରିବ ବୋଲି ଦଳର ଜିଲା ସାଧାରଣ ସମ୍ପାଦକ ସୁବ୍ରତ କୁମାର ଠାକୁର ଓ ମଣ୍ଡଳ ସଭାପତି ଉଜ୍ଜ୍ୱଳ ହଂସ ପ୍ରକାଶ କରିଛନ୍ତି।

ଚାଷୀ ସମସ୍ୟା ନେଇ ବ୍ଲକ ଘେରିଲା ଭାଜପା

ନୂଆପଡ଼ା ଅଫିସ/କୋମନା, ୨୯।୧୦ (ଡି.ଏନ୍.ଏ.)

ନୂଆପଡ଼ା ଜିଲା କୋମନା ବ୍ଲକରେ ବର୍ଷାଭାବ ଯୋଗୁ ଚାଷୀଙ୍କ ସମସ୍ୟା ଉତ୍କଟ ହୋଇଛି। ଚାଷ ଏବଂ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଭାଜପା ନେତୃତ୍ୱରେ ଶତାଧିକ ଚାଷୀ ସୋମବାର କୋମନା ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ବିଡିଓଙ୍କୁ ନଜରବନ୍ଦୀ କରି ରଖିଥିଲେ। ଏହି ଘେରାଉ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥିବାବେଳେ ବିଡିଓଙ୍କୁ କାର୍ଯ୍ୟାଳୟ ବାହାରକୁ ଆସିବାକୁ ଦେବେ ନାହିଁ ବୋଲି ଚାଷୀମାନେ ଅଡ଼ିବସିଥିଲେ। ଶେଷରେ ପୋଲିସ ଶତାଧିକ ଭାଜପା କର୍ମକର୍ତ୍ତା ଏବଂ ଚାଷୀଙ୍କୁ ଗିରଫ କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଜିଲା ପ୍ରଶାସନ ତଥା ରାଜ୍ୟ ସରକାର ଜାଣିଶୁଣି ଜିଲାବାସୀଙ୍କୁ ହଇରାଣ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ପୂର୍ବାହ୍ନ ୧୧ଟାରେ କୋମନା ବ୍ଲକ ଛକଠାରେ ଭାଜପା କର୍ମକର୍ତ୍ତା ଓ ଶତାଧିକ ଚାଷୀ ରୁଣ୍ଡ ହୋଇଥିଲେ। ଏଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ପରେ ଚାଷୀ ଓ ଭାଜପା କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ଛକ ନିକଟରେ ଏକ ପ୍ରତିବାଦ ସଭା କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ତଥା ଭାଜପା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଅତୀନ୍ଦ୍ରଜିତ ସିଂ ମଲ୍ଲିକ, ଈଶ୍ୱର ପଟେଲ, କରୁଣାକର ହୋତା ପ୍ରମୁଖ ଯୋଗଦେଇ ପ୍ରଶାସନ ବିରୋଧରେ ବିଷୋଦ୍‌ଗାର କରିଥିଲେ। ସେଠାରୁ ପୁଣି ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟାଳୟକୁ ଦୀର୍ଘ ସମୟ ଘେରାଉ କରାଯିବା ସହ ଧାରଣା ଦିଆଯାଇଥିଲା। କୋମନା ବ୍ଲକରେ ବର୍ତ୍ତମାନ ଭୟାବହ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ହେଲେ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ। ଏଠାରେ ରାସ୍ତା ସମସ୍ୟା, ଲୋୟର ଇନ୍ଦ୍ରରେ ବୁଡ଼ି ପରିବାର, ସୁନାବେଡ଼ାରେ ରାସ୍ତା ସମସ୍ୟା ଦିନକୁ ଦିନ ଗମ୍ଭୀର ହୋଇପଡ଼ିଥିଲେ ହେଁ ପ୍ରଶାସନ ଜାଣିଶୁଣି କୌଣସି ସମାଧାନ ରାସ୍ତା ବାହାର କରୁନାହିଁ। ରାଜ୍ୟ ବିଜେଡି ସରକାର ବିଜୁ ଯୁବବାହିନୀ ନାଁରେ ଏକ ଗୁଣ୍ଡା ଦଳ ଗଠନ କରିଛି। ସବୁ ସରକାରୀ କାର୍ଯ୍ୟକୁ ରାଜନୀତିକରଣ କରାଯାଉଛି। ବ୍ଲକ ଏବଂ ରାଜ୍ୟ ପ୍ରଶାସନ ବିଜେଡି ନିର୍ଦ୍ଦେଶରେ କାମ କରୁଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବିଡିଓଙ୍କୁ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ତାଲା ଦେଇ ପୋଲିସ ଜଗି ରହିଥିଲା। ଅପରାହ୍ନ ୩ଟା ଯାଏ ଆନ୍ଦୋଳନକାରୀ ବ୍ଲକ କାର୍ଯ୍ୟାଳୟ ଘେରି ରହିବା ସହ ବ୍ଲକ ପ୍ରଶାସନକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଶେଷରେ ପୋଲିସ ଶତାଧିକ ଦଳୀୟ କର୍ମକର୍ତ୍ତା ଏବଂ ଚାଷୀଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ, ଗୋଲଡି ଅଗ୍ରୱାଲ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅର୍ଜୁନ ଜଗତ, ବିକ୍ରମ ଆଡ଼ବଙ୍ଗ ପ୍ରମୁଖ ସାମିଲ ଥିଲେ।

ଭାଜପା କର୍ମକର୍ତ୍ତା ଏବଂ ଚାଷୀମାନେ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ବାହାରିଛନ୍ତି।

କୋମନା ବ୍ଲକ
- ଗିରଫ ହେଲେ ଶତାଧିକ ଚାଷୀ
- ମରୁଡ଼ି ଘୋଷଣା ଦାବି ତେଜିଲା
- ଶାସକ ଦଳକୁ ଟାର୍ଗେଟ

୧୦୬ ୟୁନିଟ୍ ରକ୍ତ ସଂଗ୍ରହ

ଭବାନୀପାଟଣା,୨୯।୧୦ (ଡି.ଏନ.ଏ.)

ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରରେ ଜିଲାପାଳ ଗାଭାଲି ପରାଗ ହର୍ଷଦ ମୁଖ୍ୟଅତିଥି ଏବଂ ସିଡିଏମ୍‌ଓ ସରୋଜ କୁମାର ତିହାଡ଼ି, ଡା. ସିଦ୍ଧେଶ୍ୱର ମାରାଣ୍ଡି ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଉପଦେଷ୍ଟା ରୁପ୍‌କେଶରୀ ଦଲେଇ, ସମ୍ପାଦକ ଅଭିମନ୍ୟୁ ମହାନନ୍ଦ, ଉପସଭାପତି ଭାବଗ୍ରାହୀ ନାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସମ୍ପାଦକ ଶୁକଦେବ ମାଝି, ସହ ସମ୍ପାଦକ ଉମ୍ମରୁଧର ଗଉଡ, ଉପସଭାପତି ବିଶ୍ୱନାଥ ବାଗ, ଉପଦେଷ୍ଟା ଅଶୋକ କୁମାର ନାଏକ, କୋଷାଧ୍ୟକ୍ଷ ବିଶ୍ୱନାଥ ମୁଣ୍ଡ, ଅମଲା ସଂଘ ସଭାପତି ସୁକାନ୍ତ ମହାପାତ୍ର, ସମ୍ପାଦକ ସୁନୀଲ କୁମାର କାନୁନ୍‌ଗୋ, ଉପଦେଷ୍ଟା କେଦାରନାଥ ସେଠୀ, ବନ କର୍ମଚାରୀ ସଂଘ ସଭାପତି ପ୍ରଦୀପ କୁମାର ବିଶି, ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ ସଭାପତି ଅଶୋକ କୁମାର ପଟ୍ଟନାୟକ, ରାଜସ୍ୱ ଅମଲା ସଂଘ ସଭାପତି ପ୍ରଦୀପ ମହାପାତ୍ର, ପ୍ରସାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।

ମୁଣ୍ଡରାଗୁଡାରେ ନୂଆଁଖାଇ ଭେଟ୍‌ଘାଟ୍

କୁନାଗଡ,୨୯।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡାଠାରେ ପ୍ରଫେସର ଭୁବନେଶ୍ୱର ବେହେରା ସ୍ମାରକୀ ଯୁବ ସଂଗଠନ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଏମ୍‌ପି ଅର୍କ କେଶରୀ ଦେଓ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସୁଧାଇଶୁ ଶେଖର ନେଗୀ, ମହିଚଲା ସରପଞ୍ଚ ଅଜୟ ବେହେରା, ଶିକ୍ଷାବିତ ଶ୍ରୀବସ୍ତ ମେହେର, ସଞ୍ଜୀବ ଦାଶ, ସୁନ୍ଦର ମୋହନ ଛତ୍ରିଆ, ବସନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ପାଠାଗାର ମଧ୍ୟରେ ଏମ୍‌ପି ପାଣ୍ଠିରୁ ନିର୍ମିତ ଦୁଇ ଲକ୍ଷ ଟଙ୍କାର ଶୌଚାଳୟ ଓ ପରିମଳ ପାଇଖାନା ଉଦଘାଟନ କରିଥିଲେ। ଏଥିରେ ମୁଣ୍ଡାଗୁଡା, ଚିଲକପୁର, ପଣ୍ଡାପଲା, କଣ୍ଡିପଦର, କୋଟେନ ଗାଁ, ଗୁର୍ଜି ଗୁଡାର ୬୦ରୁ ଊର୍ଦ୍ଧ୍ୱ ୫୦ଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ, ଶାଢୀ, ଲୁଙ୍ଗି ଓ ଗାମୁଛା ପ୍ରଦାନ କରାଯାଇଥିଲା। ସଂଘ ସଭାପତି ବିମଳ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ସଂଗଠନ ପ୍ରତିଷ୍ଠାତା ସଭାପତି ଲିଙ୍ଗରାଜ ମିଶ୍ର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ଚନ୍ଦ୍ରହାସ୍ୟ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

ଏମ୍‌ପି ଅର୍କ କେଶରୀ ଦେଓ ନୂଆଁଖାଇ ଭେଟ୍‌ଘାଟ୍‌ରେ ଉଦ୍‌ବୋଧନ ଦେଉଛନ୍ତି ।

ଆଜି କ'ଣ କେଉଁଠି

ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ
ସ୍ଥାନ- ମିର୍ନି ଷ୍ଟାଡିୟମ
ସମୟ-ପୂର୍ବାହ୍ନ ୧୦ଟା

ବିଶ୍ୱ ମିତବ୍ୟୟିତା ଦିବସ
ସ୍ଥାନ-ନୂଆପଡ଼ା କଲେକ୍ଟୋରେଟ
ସମୟ-ପୂର୍ବାହ୍ନ ୧୦ଟା

ଅନୁସୂଚିତ ଜାତି, ଜନଜାତି ସମାଜର ବାର୍ଷିକ ସମ୍ମିଳନୀ

ଶିକ୍ଷା, ସଙ୍ଗଠନକୁ ମଜଭୁତ କରାଯିବ

ଅନୁସୂଚିତ ଜାତି ଓ ଜନଜାତି ସଂଘ ବାର୍ଷିକ ସମ୍ମିଳନୀରେ ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି।

ନୂଆପଡ଼ା ଅଫିସ,୨୯।୧୦

ସ୍ଥାନୀୟ ଲଖନା ଗାଁ ହାଇସ୍କୁଲ ପଡ଼ିଆରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ବିଦ୍ୟାଧର ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ଭୁଜବଳ ମାଝି ମୁଖ୍ୟଅତିଥି, ଫକୀର ମୋହନ ଜଗତ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଖାମସିଂ ମାଝି, ପୂର୍ବତନ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଖୋଲାରାଜ ଗୋଣ୍ଡ ସମାଜ ସଭାପତି ଘାସିରାମ ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଦଳିତ ଉନ୍ନୟନ ସମିତି ଅଧ୍ୟକ୍ଷ ହରିକେଶ ଜାଲ, ଜିଲା ୱାର୍ଡ ସଭ୍ୟ ସଂଘ ଅଧ୍ୟକ୍ଷ ସୋମନାଥ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଲଖନା ବସ୍ତି ପରିକ୍ରମା କରିଥିଲା। ସମାଜର ସବୁ ସ୍ତରର ମହିଳା. ପୁରୁଷ ଏଥିରେ ଭାଗ ନେଇଥିଲେ। ବର୍ତ୍ତମାନ ରାଜ୍ୟ ତଥା ଜାତୀୟ ସ୍ତରରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକମାନେ କିପରି ସମସ୍ୟାରେ ଛନ୍ଦି ହୋଇଛନ୍ତି ସେ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ସରକାର ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ସେ ସବୁର ସିଂହଭାଗ ସମାଜର ବଡ଼ପଣ୍ଡାମାନେ ହରିଲୁଟ କରିନେଉଛନ୍ତି। ପେଟ ପାଇଁ ଦାନା ଯୋଗାଡ଼ କରିବା ଏହି ବର୍ଗର ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏପରିସ୍ଥଳେ ସରକାରୀ କଳ ଏବଂ ରାଜନୈତିକ ସ୍ତରରେ ଶୋଷଣ କରାଯାଉଛି ବୋଲି ଅତିଥିମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ ସ୍ତରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ କେତେଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସଫଳ ବ୍ୟବସାୟୀ ଦାଶରଥୀ ସୁନାନୀ, ଚମରେନ ମାଝି, ଭୋଳାନାଥ ମାଝି, ମହେଶ କୁମାର ନିଆଲ, ସୋନପରି ଜୈନ, ଯଶୋଦା ମାଝି, ନରେଶ ମାଝିଙ୍କୁ ସମ୍ମାନିତ କରାଯାଇଥିଲା। ସମାଜକୁ କିପରି ଶିକ୍ଷା କ୍ଷେତ୍ରରେ ଆଗକୁ ନିଆଯାଇ ପାରିବ ଏବଂ ସାମାଜିକ ସଂଗଠନକୁ ଆଗାମୀ ଦିନରେ ସୁଦୃଢ଼ କରାଯାଇ ପାରିବ ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହଦେବ ମହାନନ୍ଦ ମଞ୍ଚ ପରିଚାଳନା କରିଥିବାବେଳେ ସଂଗଠନର ସମ୍ପାଦକ ପୁରୋହିତ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।

କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଭବାନୀପାଟଣା,୨୯।୧୦(ଡି.ଏନ.ଏ.)

ଭବାନୀପାଟଣା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣାଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ବାପୁଜୀକ୍ଲଷ୍ଟରସ୍ତରୀୟ ସୁରଭି ୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନାହେଦା ସାହିନ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ନମିତା ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ଜଗନ୍ନାଥ ପୁରୋହିତ, ସମ୍ମାନିତ ଅତିଥି ଭାବେ ବିଏମ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗୀତ ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ୍ ଆଦି ପ୍ରତିଯୋଗୀତା ହୋଇଥିଲା । ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଲିନା ଦାସ, ପଲ୍ଲଭି ସୁକ୍ଳା, ଚିତ୍ରଲେଖା ଦେବୀ, କମଳିନି ସାହୁ, ସୁରଭିବାଳା ଦେବୀ, ଜ୍ୟୋର୍ତମୟୀ ମହାରଣା, ବିଦ୍ୟୁଲତା ଦାସ, ମିନତି ପ୍ରଧାନ, ସୂର୍ଯ୍ୟକାନ୍ତି ଜାଲ ପ୍ରମୁଖ ସହଯୋଗ କରିଥିଲେ।

ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୁନାଗଡ,୨୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଚିଟୈଗୁଡା ଜୁନିୟର ମହାବିଦ୍ୟାଳୟରେ ସୋମବାର ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ତାଲିମ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ସମୁଦାୟ ୬୦ ଜଣ ଛାତ୍ରୀ ଭାଗ ନେଉଛନ୍ତି। ଏଥିପାଇଁ କୁନାଗଡ ପ୍ରିୟଦର୍ଶନୀ ଇନ୍ଦିରା ମହାବିଦ୍ୟାଳୟ ପ୍ରଶିକ୍ଷିକା ସ୍ମୃତିମୟୀ ପଟ୍ଟନାୟକ ଓ ଲିପିକା ପଟେଲ ଯୋଗଦେଇ ସେମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରିବେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରକିଶୋର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କୁଞ୍ଜ ବିହାରୀ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଶୋକ ମେହେର, ପ୍ରଭାକର ତ୍ରିପାଠୀ, ଖେଳ ଶିକ୍ଷକ (ପି.ଟି) ସୁଶାନ୍ତ କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ କାଳୀ ଚରଣ ଖାଡେଙ୍ଗା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଶୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ଏଠାରୁ ତାଲିମ ନେଇ ଭବିଷ୍ୟତରେ ଶତ୍ରୁ କବଳରୁ ନିଜକୁ ରକ୍ଷା କରିବା ସହ ଅନ୍ୟକୁ ସାହାଯ୍ୟ କରିପାରି ବେ ସେ ନେଇ ଏହି ତାଲିମ କାର୍ଯ୍ୟକ୍ରମ କରାଯାଉଛି। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ସିନାପାଲିରେ ପହଞ୍ଚିଲା ଗାୟତ୍ରୀ ଶକ୍ତି କଳସ

ସିନାପାଲି,୨୯।୧୦(ଡି.ଏନ୍.ଏ.)

ନୂଆପଡ଼ା ଜିଲା ସିନାପାଲିଠାରେ ଆସନ୍ତା ଡିସେମ୍ବର ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସକାଶେ ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ଶକ୍ତି କଳସ ରବିବାର ଏଠାରେ ପହଞ୍ଚିଛି। କାପସିଠାରେ କଳସକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂକୀର୍ତ୍ତନ, ଘଣ୍ଟବାଦ୍ୟ, ଭଜନ ମଣ୍ଡଳୀ ସହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇ ବିରାଟ ଶୋଭାଯାତ୍ରାରେ କଳସକୁ ସିନାପାଲି ସହର ପରିକ୍ରମା କରାଇଥିଲେ। ପରେ କଳସକୁ ସ୍ଥାନୀୟ ଗାୟତ୍ରୀ ପ୍ରଜ୍ଞାପୀଠକୁ ନିଆଯାଇଥିଲା। ସୂଚନାଯୋଗ୍ୟ, ୨୦୧୯ରେ ହେବାକୁ ଥିବା ୨୫୧କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସଫଳତା ସକାଶେ ଆୟୋଜିତ ହେଉଥିବା ଏହି ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଶକ୍ତି କଳସ ଆଣିବାକୁ ଗତ ୨୦ ତାରିଖରେ ଅଞ୍ଚଳର ୧୫୦ ଶ୍ରଦ୍ଧାଳୁ ହରିଦ୍ୱାର ଯାତ୍ରା କରିଥିଲେ। ଡିସେମ୍ବର ୨୫ରୁ ୨୮ ତାରିଖ ଯାଏ ସିନାପାଲି ଶାନ୍ତିନଗରରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ସିନାପାଲି ଗାୟତ୍ରୀ ପ୍ରଜ୍ଞାପୀଠ ସୂତ୍ରରୁ ସୂଚନା ଦିଆଯାଇଛି। ଏହି ମହାଯଜ୍ଞର ଆୟୋଜନ ପାଇଁ ଆସନ୍ତା ନଭେମ୍ବର ୧୧ ତାରିଖରେ ଶାନ୍ତିନଗରଠାରେ ଭୂମିପୂଜନ ତଥା ୧୦୦୮ ଦେବଦମ୍ପତି ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଶକ୍ତି କଳସକୁ ମହିଳା ଶ୍ରଦ୍ଧାଳୁମାନେ ବୋହି ନେଉଛନ୍ତି।

ଜାତିର ବିକାଶରେ ସମାଜର ବିକାଶ ସମ୍ଭବ

- ମାଳି ସମାଜର ଜିଲାସ୍ତରୀୟ ସମାବେଶ
- ଗଠନ ହେଲା ଜିଲା ଯୁବ ସଂଗଠନ

ନୂଆପଡ଼ା ଅଫିସ,୨୯।୧୦

ପ୍ରତ୍ୟେକ ଜାତିର ଉନ୍ନତି ହେଲେ ସମାଜ ତଥା ଦେଶର ବିକାଶ ସମ୍ଭବ ହୋଇଥାଏ। ଏଥିପାଇଁ ସମସ୍ତେ ଅଣ୍ଟା ଭିଡ଼ିବା ଆବଶ୍ୟକ। ବିଶେଷକରି ଯୁବସମାଜ ଆଗକୁ ଆସି କାମ କରିବା ଦରକାର। ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭାଲୁଡୁଙ୍ଗୁରୀରେ ଆୟୋଜିତ କୋଶଲେଶ୍ୱର ମାଳି ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ଏହା କହିଛନ୍ତି। ଓଡ଼ିଶା ରାଜ୍ୟ ମାଳି ସମାଜ ବିକାଶ ପରିଷଦ ଉପସଭାପତି ସେବତୀ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ପୂର୍ଣ୍ଣାନନ୍ଦ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ସଂଗଠନର ସମାଜ ପ୍ରତି ଭୂମିକା ଏବଂ ଶିକ୍ଷା କ୍ଷେତ୍ରରେ କିପରି ଉନ୍ନତି କରାଯାଇପାରିବ ସେ ଉପରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ତଥା ସୁବର୍ଣ୍ଣପୁର ଜିଲା ମାଳି ସମାଜ ସଭାପତି ଡ. ଅନିରୁଦ୍ଧ କୁରୁକୁରିଆ ଯୋଗଦେଇ ମାଳି ଜାତିର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ମାଳି ସମାଜର ବହୁ ଗାରିମାମୟ ଇତିହାସ ରହିଛି। ମାଳି ଜାତିର ସଂସ୍କୃତି ଏବଂ ପରମ୍ପରାକୁ ଆମକୁ ଉତ୍ଥାନ କରିବାକୁ ପଡ଼ିବ। ଏଥିପାଇଁ ଶିକ୍ଷା, ନାରୀ ଶିକ୍ଷା, ଯୁବ ସଂଗଠନକୁ ମଜବୁତ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ବୈଠକରେ ଜିଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମାଳି ସମାଜର ନେତୃବୃନ୍ଦ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତେ ନିଜ ଅନୁଭୂତି ସହ ସମାଜର ଉନ୍ନତି ସକାଶେ କ'ଣ କରାଯିବାର ଆବଶ୍ୟକତା ରହିଛି, ସେ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଜିଲା ଯୁବ ସଂଗଠନର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଯୁଧିଷ୍ଠିର ପଟେଲ ସଭାପତି, ଗଜାନନ ପଟେଲ ଉପସଭାପତି, ରଞ୍ଜିତ ପଟେଲ ସମ୍ପାଦକ, ନିମାଇଁ ପଟେଲ ସହସମ୍ପାଦକ, ଦଶମୁ ପଟେଲ କୋଷାଧ୍ୟକ୍ଷ, ପୂର୍ବାନନ୍ଦ ପଟେଲ ଏବଂ ମୋହିତେନ୍ଦ୍ର ପଟେଲଙ୍କୁ ସମୀକ୍ଷକ ଭାବେ ମନୋନୀତ କରାଯାଇଛି। ମାଲ୍ୟବନ୍ତ, ଆକାଶ, ବିକାଶ, ରାଜକୁମାର, ଲାଲ, ସୁନୀଲ, ଟିଙ୍କୁ, ଚମ୍ପେଶ୍ୱରଙ୍କ ସମେତ ଭାଲୁଡୁଙ୍ଗୁରୀ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମାଳି ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତା।

ସଂକ୍ଷେପରେ

ପୁତୁରାଙ୍କୁ ପଥରରେ କଚାଡିଲେ ସମ୍ପର୍କୀୟ କକା

କଲମପୁର,୨୯।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଧନପୁର ଗ୍ରାମରେ ସୋମବାର ଅପରାହ୍ନରେ କୌଣସି କାରଣରୁ ସମ୍ପର୍କୀୟ କକା ପୁତୁରାଙ୍କ ମଧ୍ୟରେ ବଚସାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଛି । ଏଥିରେ ଉତ୍‌କ୍ଷିପ୍ତ ହୋଇ କକା ପୁତୁରାଙ୍କୁ ଏକ ପଥରରେ କଚାଡି ଦେବାରୁ ପୁତୁରା ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ସୂଚନା ଅନୁଯାୟୀ, କଲମପୁର ବ୍ଲକ ଧନପୁର ଗ୍ରାମର ରୁଷି ରଣା (୩୮) ଏବଂ ତାଙ୍କ ସମ୍ପର୍କୀୟ କକା ରଘୁ ରଣାଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରଥମେ ବଚସା ଓ ପରେ କଥାକଟାକଟି ହୋଇଥିଲା। ଏଥିରେ କକା ରଘୁ ରାଗି ଯାଇ ପୁତୁରା ରୁଷିଙ୍କୁ ଏକ ପଥରରେ କଚାଡି ଦେଇଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସେ ସେଠାରେ ସଂଜ୍ଞାହିନ ହୋଇ ପଡିଥିଲେ। ସମ୍ପର୍କୀୟମାନେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡା. ଶିବାଶିଷ ସ୍ୱାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ। ଖବର ଲେଖା ହେବା ଯାଏ ପୋଲିସ ପହଞ୍ଚି ନ ଥିବାରୁ ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି ।

ଭାଜପାର ଜୁନାଗଡ ବ୍ଲକ କାର୍ଯ୍ୟାଳୟ ଘେରାଉ

ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ

- ମୁଖ୍ୟ ଫାଟକ ସହ ବିଡିଓଙ୍କ ନାମ ଫଳକ ଭାଙ୍ଗିଲେ ଦଳୀୟ କର୍ମୀ
- ଆୟତ୍ତକୁ କରିବାକୁ ଆସି ପୋଲିସ ନାକେଦମ୍

ଜୁନାଗଡ,୨୯।୧୦(ଡି.ଏନ.ଏ.)

ଦୀର୍ଘ ୧୮ବର୍ଷ କ୍ଷମତାସୀନ ବିଜେଡି ସରକାର ପିସି ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡି ରହିଥିବା ଓ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ରଖିଥିବା ନେଇ ସୋମବାର ଭାଜପା ପକ୍ଷରୁ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଦଳୀୟ କର୍ମୀମାନେ ଲଙ୍କେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପରିସରକୁ ଆସିଥିଲେ। ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ବନ୍ଦ ରହିଥିବାରୁ ଦଳୀୟ କର୍ମୀ ଉତ୍ତ୍ୟକ୍ତ ହୋଇ ପଛପଟୁ ଜୋରରେ ଷ୍ଟିଲ କବାଟକୁ ଠେଲିବାରୁ ତାହା ଭାଙ୍ଗିଯାଇଥିଲା। ପରେ ଦଳୀୟ କର୍ମୀ ବ୍ଲକ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। କାର୍ଯ୍ୟାଳୟରେ ବିଡିଓ ଉପସ୍ଥିତ ନ ଥିବାରୁ କିଛି କର୍ମୀ ଉତ୍ତ୍ୟକ୍ତ ହୋଇ ବିଡିଓଙ୍କ ନାମଫଳକ ମଧ୍ୟ ଭାଙ୍ଗି ଦେଇଥିଲେ। ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିବାରୁ ସେମାନଙ୍କୁ ଆୟତ୍ତ କରିବାକୁ ଯାଇ ଜୁନାଗଡ ପୋଲିସ ନାକେଦମ୍ ହେବାକୁ ପଡିଥିଲା।

ସେଠାରେ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜିଲା ସାଧାରଣ ସମ୍ପାଦକ ଅଜୟ ପାଣିଗ୍ରାହୀ, ଜୁନାଗଡ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ମେହେର, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ମାଝି, ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା

ଜୁନାଗଡ ବ୍ଲକ କାର୍ଯ୍ୟାଳୟକୁ ଭାଜପା କର୍ମୀ ଘେରାଉ କରିଛନ୍ତି।

ସମ୍ପାଦକ ତଥା ଯୁବମୋର୍ଚ୍ଚା ପ୍ରଭାରୀ ରୁପେଶ କୁମାର ଜୈନ, ରାଜ୍ୟ ସମବାୟ ସେଲ ସଂଯୋଜକ କାଳି ପ୍ରସାଦ ରାୟଗୁରୁ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଅଜୟ ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭବେନ୍ଦ୍ର ପଣ୍ଡା, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, କାଞ୍ଚନ ବାଗ, ଯାଜ୍ଞସିନୀ ମହାନନ୍ଦ, ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ଅନିଲ କୁମାର ସିଂଦେଓ, ସତ୍ୟ ନାରାୟଣ ପଣ୍ଡା, ଲକ୍ଷ୍ମୀ ନାରାୟଣ ବାଣୁଆ ପ୍ରମୁଖ ଯୋଗଦେଇ କଳାହାଣ୍ଡି ଜିଲା ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ରଖିଥିବା ଯୋଗୁ ବିକାଶରେ ଜିଲା ପଛକୁ ଚାଲିଯାଇଛି ବୋଲି ସମାଲୋଚନା କରି ବର୍ଷିଥିଲେ। ସେହିପରି ରାଜ୍ୟ ସରକାର ପ୍ରକଳ୍ପ ଖୋଲିବା ନାଁରେ କେବଳ ପ୍ରଚାର, ପ୍ରସାର ଓ ଶିଳାନ୍ୟାସ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ତେଣୁ ଏହି ସରକାର କେବଳ ପ୍ରଚାର ପ୍ରସାର ସରକାର, ଯାହାର ଉଚିତ ଜବାବ ଲୋକମାନେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡିକୁ ଦେବେ ବୋଲି କହିଥିଲେ। ଏହା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୨ଦଫା ଦାବିପତ୍ର ଜୁନାଗଡ ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଜୁନାଗଡ ବିଡିଓ ଉପସ୍ଥିତ ନ ଥିବାରୁ ଦାବିପତ୍ରକୁ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିଦ୍ଧେଶ୍ୱର ମେହେର ଗ୍ରହଣ କରିଥିଲେ। ଏଥିରେ ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଟେଣ୍ଡର ହୋଇ ଦୀର୍ଘ ୪ବର୍ଷ ହେଲା ପିସି କାରବାରକୁ ନେଇ ବାରମ୍ବାର ବାତିଲ ହେଉଛି, ଜୁନାଗଡ ବ୍ଲକ ଅଞ୍ଚଳର ଚାଷୀଙ୍କୁ ଚାଷ ପାଇଁ ପାଣି ନ ଦେଇ ଚାଷୀ ମାରଣା ନିତୀ କେତେଦୂର ଯୁକ୍ତିଯୁକ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ, ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ଜାରିଙ୍ଗ ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ ନ କରିବା ତଥା ଲୋକଙ୍କୁ ଭୁଆଁ ବୁଲାଇ ଭଙ୍ଗାବାରିଠାରେ ମେଡିକାଲ କଲେଜର ଶିଳାନ୍ୟାସ କରିବା ଏକ ପ୍ରହସନ। ତେଣୁ ଜାରିଙ୍ଗ ମେଡିକାଲ କଲେଜକୁ ସରକାରୀ ମେଡିକାଲ କଲେଜ ଭାବରେ ପୁର୍ନଜୀବିତ କରାଯାଉ, ଚାଷୀମାନଙ୍କ ଧାନ କଟଣି ବନ୍ଦ ହେଉ ତଥା ସ୍ଥାନୀୟ ମିଲ୍‌ର୍ସଙ୍କ ନିଜ ବ୍ଲକରୁ ଧାନ ଉଠାଣ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି କରନ୍ତୁ, ଜୁନାଗଡ ବ୍ଲକର ଚକଡା ପୋକ (ବିପିଏଚ୍)ରେ ଆକ୍ରାନ୍ତ ସମସ୍ତ ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବା ତଥା ଜୁନାଗଡ ବ୍ଲକକୁ ମରୁଡି ଘୋଷଣା କରାଯାଉ, ଖାଦ୍ୟ ସୁରକ୍ଷା ଯୋଜନାରେ ବଞ୍ଚିତ ସମସ୍ତ ଲୋକଙ୍କୁ ତୁରନ୍ତ ରାଶନ କାର୍ଡ ପ୍ରଦାନ, ବିଜୁ ପକ୍କାଘର ଉପଯୁକ୍ତ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯିବା, ଆଟିଗାଁରୁ ତଳମଲାକୁ ଯଥାଶୀଘ୍ର କେନାଲ ମାଧ୍ୟମରେ ପାଣି ଛଡାଯାଉ, କରଚଲା ବ୍ରିଜ ଓ ଟିଙ୍ଗୁଡିସର ବ୍ରିଜକୁ ଶୀଘ୍ର ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବା, ଜୁନାଗଡ ନଗରରେ ବେଆଇନ ମଦକୋଠିଗୁଡିକୁ ଯଥାଶୀଘ୍ର ବନ୍ଦ କରିବା, ଜୁନାଗଡ ନଗରର ସମସ୍ତ ୱାର୍ଡର ନାଳ, ନର୍ଦ୍ଦମାଗୁଡିକ ସଫା କରିବା, ଜୁନାଗଡ ନଗରରେ ବ୍ଲକ ପକ୍ଷରୁ ହୋଇଥିବା ଉନ୍ନତି ଯୋଜନାର କାର୍ଯ୍ୟଗୁଡିକ ଅତି ନିମ୍ନମାନର ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନିଆଯାଉ ଆଦି ଦାବିଗୁଡିକ ଉଲ୍ଲେଖ କରାଯାଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଦଳୀୟ ନେତାଙ୍କଠୁ ଜଣାପଡିଛି।

ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସମାବେଶ

ଭବାନୀପାଟଣା,୨୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଏସ୍‌ଏନ୍ କନ୍‌ଫରେନ୍ସ ହଲ୍‌ଠାରେ ରବିବାର ଓଡିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ କଳାହାଣ୍ଡି ଜିଲା ଶାଖାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବିଧାୟକ ଅନାମ ନାଏକ ମୁଖ୍ୟଅତିଥି, ସିଡିଏମ୍‌ଓ ଡା. ସରୋଜ କୁମାର ତିହାଡି ଓ ସାମାଜିକ କର୍ମୀ ଶୁଭଲକ୍ଷ୍ମୀ ନାଏକ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । କଳାହାଣ୍ଡି ଜିଲା ଶାଖା ସଭାପତି ତ୍ରିବେଣୀ ପାଣିଗ୍ରାହୀ ଜିଲାରେ କାର୍ଯ୍ୟରତ ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସଂଘ ଜିଲା ସମ୍ପାଦିକା ମିନତୀ ସାହୁ ବିବରଣୀ ପାଠ କରିଥିଲେ। କେଡର ପୁର୍ନଗଠନ, ପଦୋନ୍ନତୀ ପାଇଁ ନୂତନ ପଦବୀ ସୃଷ୍ଟି, ଦରମା ସମିକରଣ ଓ.ଆର୍‌ଏସ୍‌ପି ନିୟମ ଅନୁଯାୟୀ ଘରଭଡା ପ୍ରଦାନ, ଡ୍ରେସ୍ କୋଡ୍ ଏଲାଉନସ୍, ଚୁକ୍ତି ଭିତ୍ତିକ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦବୀ ବନ୍ଦ କରି ନିୟମିତ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦବୀ ସୃଷ୍ଟି କରିବା, ପଦୋନ୍ନତୀ ହାରରେ ବେସିକ୍ ପେ ଏବଂ ଗ୍ରେଡ୍ ପେ ପରିବର୍ତ୍ତନ କରିବା ଆଦି ୯ଟି ଦାବି ସମ୍ପର୍କରେ ଆଲୋଚନା କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସମାବେଶ ସ୍ଥିର କରାଯାଇଛି। ଏହି ଦାବୀଗୁଡିକୁ ପୂରଣ କରିବାରେ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କଲେ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ନଭେମ୍ବର ପହିଲାରୁ କଳାବ୍ୟାଜ୍ ଧାରଣ କରି ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ସ୍ଥିର କରାଯାଇଛି। ବିଜୟଲକ୍ଷ୍ମୀ ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସମାବେଶରେ ଉପସ୍ଥିତ ଅତିଥି ।

ସର୍ଗିଗୁଡା, ତଳାଗାଁଠାରେ ବାଆଦୀ ଠାକୁରଙ୍କ ବାର୍ଷିକ ଦଶରା ଉତ୍ସବ

ଲଦୁଗାଁ/କୋକସରା,୨୯।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମପଞ୍ଚାୟତ ଆରାଧ୍ୟ ଦେବତା ବାଆଦୀ ଠାକୁରଙ୍କ ବାର୍ଷିକ ଦଶ୍‌ରା ସର୍ଗିଗୁଡା ଓ ତଳାଗାଁଠାରେ ରବିବାର ପ୍ରତିବର୍ଷ ଭଳି ମହାସମାରୋହରେ ପାଳିତ ହେଇଯାଇଛି। ପୂର୍ବାହ୍ନ ୧୦ଟାରେ ବଡପୋଡାଗୁଡା ଗ୍ରାମର ପୂଝାରୀଙ୍କ ଘରୁ ବାଆଦୀ ଠାକୁରଙ୍କ ଲାଠି ସର୍ଗିଗୁଡା ମନ୍ଦିର ଅଭିମୁଖେ ବିଜେ ହେଇଥିଲା । ସେହିପରି ଅନ୍ୟ ସ୍ଥାନରୁ ଆସିଥିବା ବିଭିନ୍ନ ଦେବଦେବୀଙ୍କ ଲାଠି ଏକତ୍ରିତ ହେବା ପରେ ଗ୍ରାମର ପୂଝାରୀଙ୍କ ଘରୁ ମନ୍ଦିର ପାଖକୁ ହଜାର ହଜାର ଶ୍ରଦ୍ଧାଳୁ ଲାଠି ଯାତ୍ରରେ ଯୋଗଦେଇ ମନ୍ଦିରରେ ପହଞ୍ଚିଥିଲେ। ପରେ ବାଆଦୀ ଠାକୁର ପାଖରେ ନଡିଆ, କୁକୁଡା ଓ ବୋଦା, ପାରା ବଳି ଦିଆଯାଇଥିଲା। ଶତାଧିକ ମାନସିକଧାରୀ ଭକ୍ତ ବାଆଦୀ ଠାକୁରଙ୍କ ଶିରାଠାରେ ଆର୍ଶିବାଦ ଭିକ୍ଷା କରିଥିବା

ବାର୍ଷିକ ଦଶ୍‌ରା ଉତ୍ସବରେ ମଞ୍ଚାସୀନ ଅତିଥି ।

ବେଳେ ଶହ ଶହ ସଂଖ୍ୟାରେ ବୋଦା ବଳି ଦେଇ ଭକ୍ତମାନେ ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରିଛନ୍ତି । ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କଳାହାଣ୍ଡିର ଲୋକ ନୃତ୍ୟ ଘୁମୁରା, ରେକଡ ଡ୍ୟାନ୍ସ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘୁମୁରା ପ୍ରତିଯୋଗିତାରେ ରଙ୍ଗିନ ଘୁମୁରା ଦଳ ରାବନଗୁଡା ପ୍ରଥମ ସ୍ଥାନ ଅଧିଗ୍ରହଣ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ସାନକେନ୍ଦୁଗୁଡା, ତୃତୀୟ ମୋଟେର ଗାଁର ବିରବାଦ୍ୟ ଘୁମୁରା ଦଳକୁ ପୁରୁସ୍କାର କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆଇନଜୀବୀ ତଥା ଯୁବ କଂଗ୍ରେସ ନେତା ଦୀଗାମ୍ବର ଦୁରିଆ, ସମ୍ମାନିତ ଅତିଥି ପୁରୁଷୋତ୍ତମ ଗୁପ୍ତା, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ବିଜୟ ପଣ୍ଡା, ଜଳନ୍ଧର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭାପତି ଧନବଳ ମାଝି, ସମ୍ପାଦକ ଶିବ ମାଝି, ସହସମ୍ପାଦକ ମଧୁ ବେଶ୍ରା, କୋଷାଧ୍ୟକ୍ଷ ରୁତୁରାଜ ମାଝି, ପୂଝାରୀ ଦେବ ପୂଝାରୀ, ଶିରା ଭରତ ରାଉତ, ଲଳିତ ନାଏକଙ୍କ ସମେତ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ତଳାଗାଁଠାରେ ମଧ ସ୍ୱତନ୍ତ୍ର ଭାବରେ ପ୍ରଭୁ ବାଆଦୀ ଠାକୁରଙ୍କ ଦଶରା ଉତ୍ସବ କରାଯାଇଥାଏ। ଏହି ଅବସରରେ ଏଠାରେ ଘୁମୁରା ଓ ରେକଡ ଡ୍ୟାନ୍ସ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଭିରାମ ପୂଝାରୀ, ମୁଖ୍ୟବକ୍ତା କଂଗ୍ରେସ ନେତା ପୁରୁଷୋତ୍ତମ ଗୁପ୍ତା, ସମ୍ମାନିତ ଅତିଥି ରୁତୁରାଜ ମାଝି, ସାମାଜିକ କର୍ମୀ ଜିତେନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜିତ ଘୁମୁରା ପ୍ରତିଯୋଗିତାରେ ବାନେର ଘୁମୁରା ଦାଳ ପ୍ରଥମ, ଦ୍ୱିତୀୟ ରାବନଗୁଡା, ତୃତୀୟ ସ୍ଥାନ ସାନକେନ୍ଦୁଗୁଡାକୁ ପୁରସ୍କୃତ କରାଯାଇଥିଲା। ତଳାଗାଁ ଦଶରା କମିଟି ସଭାପତି ଧର୍ମାନନ୍ଦ ନାଏକ, ସମ୍ପାଦକ ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ଶିବରାମ ନାଏକ, ଭଜମନ ନାଏକ, ଲାଲସିଂ ବାଗ, ଜୟ ଶଙ୍କର ମାଝି, ଜଗଦୀଶ ନାଏକଙ୍କ ସମେତ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

ମଦ, ସଟ୍ଟାଖେଳ ବନ୍ଦ କରିବା ଦାବି ଜୋର ଧରିଲା

ମହିଳା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କୋକସରା,୨୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ କାଉଡୋଳା ଗ୍ରାମରେ ଦୀର୍ଘ ଦିନରୁ ଅବାଧରେ ମଦକୋଠି ସହ ସଟ୍ଟା ଖେଳ ଚାଲି ଆସୁଛି । ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ପରେ ମଧ ସ୍ଥାନୀୟ ପ୍ରଶାସନ ଅଣଦେଖା କରୁଛି । ଶେଷରେ ଗ୍ରାମ୍ୟ କମିଟି ପକ୍ଷରୁ ମହିଳାମାନେ ଏକତ୍ର ହୋଇ ସୋମବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚ ଜମ୍ବୁବତୀ ସାହୁଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ। ଏହା ପୂର୍ବରୁ ମହିଳାମାନେ ଏକତ୍ର ହୋଇ ମଦକୋଠି ଓ ସଟ୍ଟାଖେଳ ଉଚ୍ଛେଦ ଦାବିରେ ହାତରେ ପ୍ଲାକାର୍ଡ ଧରି ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ସରପଞ୍ଚଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ । ସଟ୍ଟାଖେଳ ଓ ମଦକୋଠି ଯୋଗୁ କୁଲି ମଜୁରି କରି

ମଦ, ସଟ୍ଟାଖେଳ ବନ୍ଦ କରିବା ଦାବିରେ ମହିଳା ସଙ୍ଗଠନର ବିକ୍ଷୋଭ ।

ପରିବାର ପ୍ରତିପୋଷଣ କରୁଥିବା ଶ୍ରମିକ ଶ୍ରେଣୀ ମଜୁରିଆମାନେ ଯାହା ରୋଜିଗାର କରୁଛନ୍ତି ତାହା ଜୁଆ ଓ ମଦରେ ଖର୍ଚ୍ଚ କରୁଛନ୍ତି। ଫଳରେ ପରିବାରରେ ଅଶାନ୍ତି ଦେଖାଦେଇଛି। ସରପଞ୍ଚ ଜମ୍ବୁବତୀ ସାହୁ ମଧ ମହିଳାମାନଙ୍କ ଦାବିକୁ ସ୍ୱାଗତ କରିବା ସହ ପଞ୍ଚାୟତ ତରଫରୁ ସଟ୍ଟା ଓ ମଦକୋଠି ଚଳାଉଥିବା ବ୍ୟକ୍ତିମାନଙ୍କୁ ବନ୍ଦ କରିବା ପାଇଁ ତାଗିତ କରାଯିବ । ଯଦି ସେମାନେ ଏହି ଧନ୍ଦାକୁ ବନ୍ଦ ନ କରିବେ ତାହା ହେଲେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। କାଉଡୋଳା ଗ୍ରାମ୍ୟ କମିଟି ସଭାପତି ଚନ୍ଦ୍ରମଣୀ ମାଜୀ ଓ ସମ୍ପାଦକ ହୃଷିକେଶ ବେଶ୍ରାଙ୍କ ନେତୃତ୍ୱରେ ପଞ୍ଚମୀ ବେଶ୍ରା, ଦୁର ମାଝି, ରାମାବତୀ ସରାବୁ, ଦୁତିକା ରାଉତ, ନୁଆଦି ସରାବୁ, ରାମା ସରାବୁ, ମୁଙ୍ଗେ ମାଝି, ଯଶୋଦା ଦଳପତି, ଗୁହେରୁ ବେଗମ ସହ ସାନ ସରାବୁ, ବସନ୍ତ ସରାବୁ, ତୋଫାନ ନାଏକ, ଯଦୁମଣି ସରାବୁ ପ୍ରମୁଖ ସାମିଲ ଥିଲେ ।

ମରୁଡ଼ି ଘୋଷଣା, ଅନ୍ୟାନ୍ୟ ଦାବି ପୂରଣ

ବ୍ଲକ କଂଗ୍ରେସର ଧାରଣା, ଦାବିପତ୍ର ପ୍ରଦାନ

କୋକସରା,୨୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଚଳିତବର୍ଷ ସେପ୍ଟେମ୍ବର ପରେ ବର୍ଷାର ଅଭାବକୁ ନେଇ ସମ୍ଭାବ୍ୟ ମରୁଡି ପରିସ୍ଥିତି ଦେଖାଦେଇଛି । ଇତି ମଧ୍ୟରେ ଫସଲ ନଷ୍ଟ ଯୋଗୁ ବ୍ଲକର ଦୁଇଜଣ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଏପରି ସ୍ଥଳେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପଡିଛି। ବ୍ଲକରେ ମରୁଡି ପରିସ୍ଥିତି ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ସୋମବାର କୋକସରା ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ସହ ଦାବିପତ୍ର ପ୍ରଦାନ କରାଯାଇଛି ।

ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ବ୍ଲକ ଗାନ୍ଧୀଭବନଠାରୁ ଏକ ବିଶାଳ ଜନ ସମାବେଶରେ ଏକତ୍ର ହୋଇ ରାଜ୍ୟ ସରକାରଙ୍କ ଚାଷୀମାରଣା ନିତୀ ଉପରେ ନାରାବାଜି କରି ସହର ପରିକ୍ରଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ଧାରଣା ଦିଆଯାଇ ପ୍ରତିବାଦ ସଭାର କରାଯାଇଛି। ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କୃଷି ଋଣଛାଡ, ଧାନର ସର୍ବନିମ୍ନ ମୂଲ୍ୟ ୩୦୦୦ ଟଙ୍କାକୁ ବୃଦ୍ଧି, ଚାଷୀଙ୍କୁ ବୋନସ ଓ ବୀମା ରାଶି ପ୍ରଦାନ, ଅଣ ଜଳସେଚିତ ଚାଷ ଜମିକୁ ପାଣି ଯୋଗାଣ, ଚାଷୀଙ୍କୁ ସବସିଡି ଦରରେ କିଟନାଶକ ବିହନ, ସାର ଯୋଗାଣ, ବେହେରା କ୍ଷୁଦ୍ର ଜଳ ସେଚନ ଡ୍ୟାମର ପୁନରୁଦ୍ଧାର, ଯୋତାଖଲିଆ ଡ୍ୟାମର ମରାମତି, ଚାଷୀଙ୍କୁ ପେନସନ, ଛାତ୍ରଛାତ୍ରୀମାନଙ୍କ ସ୍କୁଲ, କଲେଜ ଫି ଛାଡ, ପ୍ରତ୍ୟେକ ପରିବାରକୁ ରାଶନ କାର୍ଡ ପ୍ରଦାନ, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି, ବ୍ଲକର ୪ଟି ପଞ୍ଚାୟତକୁ ଭୂ-ବନ୍ଦୋବସ୍ତରେ ସାମିଲ, ବ୍ଲକରେ ଟ୍ରେଜରି ଅଫିସ ପ୍ରତିଷ୍ଠା, ଜେଏମଏଫସି କୋର୍ଟ କାର୍ଯ୍ୟକ୍ଷମ ଭଳି ପ୍ରମୁଖ ଦାବି ନେଇ ସ୍ଥାନୀୟ ଗୋଷ୍ଠି ଉନୟନ ଅଧିକାରୀ ବସନ୍ତ କୁମାର ସେଠିଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିବାଦ ସଭାବରେ କଳାହାଣ୍ଡି ଜିଲା କ୍ଷେତ ମଜଦୁର ସଂଘ ସଭାପତି ସଚ୍ଚିଦାନନ୍ଦ ମହାକୁଡ, ଜିଲା ଯୁବ କଂଗ୍ରେସ ସଭାପତି ସୋଏବ ମହମ୍ମଦ, ସାଗାର ପଟ୍ଟନାୟକ, କୋକସରା ବରିଷ୍ଠ କଂଗ୍ରେସ ନେତା ପରୁଷୋତ୍ତମ ଗୁପ୍ତା, ନିମାଇ ଧଙ୍ଗଡା ମାଝି, ଚାଷୀନେତା ଶିବ ପ୍ରସାଦ ପ୍ରଧାନି, ପିସିସି ସଦସ୍ୟ ଦିଗାମ୍ବର ଦୁରିଆ, ଗନଶ୍ୟାମ ନାଏକ, ମହେନ୍ଦ୍ର ଧରୁଆ, ନବିନ ନାଏକ, ଯୋଗା ନାଏକ, ପରମେଶ୍ୱର ପୂଝାରୀ, ଲାଲସାଏବାଗ, ବିଜୟ ବାଣୁଆ, ଦେବାରାଜ ମାଜୀ, ପରମେଶ୍ୱରତ ଶଗଡିଆଙ୍କ ସମେତ ମହିଳା ନେତ୍ରୀ ପୂର୍ବତନ ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ପ୍ରଧାନି, ଫୁଲତୋଳା ଖମାରୀ, ରେଙ୍ଗଲପାଲି ସମିତି ସଭ୍ୟା ମାଧୁରୀ ନିଆଲ ସାମିଲ ଥିଲେ। ଆଗମୀ ଦିନରେ ସରକାର ଦାବି ଉପରେ ପଦକ୍ଷପେ ଗ୍ରହଣ ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି ।

ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି ।

ବ୍ୟାପୁଛି ମାଟିଆଗୁଣ୍ଡି ପୋକ

୨ ହଜାର ହେକ୍ଟର ଜମିରେ ବ୍ୟାପକ କ୍ଷୟକ୍ଷତି

କେସିଙ୍ଗା,୨୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ମାଟିଆଗୁଣ୍ଡି ପୋକ ବ୍ୟାପକ ଭାବେ ବ୍ୟାପୁଛି । ଏଥିଯୋଗୁ ବ୍ଲକର ୨ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ ନଷ୍ଟ ହୋଇଛି । ଚାଷୀମାନେ ମାଟିଆଗୁଣ୍ଡି ପୋକ ଲାଗିଥିବା ଧାନ ଗଛଧରି କେସିଙ୍ଗା ସହକାରୀ କୃଷି କାର୍ଯ୍ୟାଳୟରେ ସୋମବାର ଅଭିଯୋଗ କରିଥିବା ଜଣାପଡିଛି । କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ଚଳିତ ଖରିଫ ଋତୁରେ ୧୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଛି । ଏହି ବର୍ଷ ଭଲ ବର୍ଷା ହୋଇଥିବାରୁ ଚାଷୀମାନେ ଧାନ, କପା ଭଲ ଭାବେ ଅମଳ କରିବା ଆଶା ରଖିଥିଲେ । କିନ୍ତୁ କେସିଙ୍ଗା ବ୍ଲକର ବାଲସି, ପରଲସିଙ୍ଗା, କନ୍ତେଶିର, ତହାଁର, ଗୋକୁଳେଶ୍ୱର, ଲଇତରା, ଫଟକାମାଲ, ଅଧମୁଣ୍ଡା, ଦେଓଗାଁ, ବେଲଖଣ୍ଡି, ଦୁର୍ଲାଖମନ, ତୁଣ୍ଡଲା, ବେଲଖଣ୍ଡି ଆଦି ୨୬ଟି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ମାଟିଆ ଗୁଣ୍ଡିପୋକ ଧାନରେ ବ୍ୟାପକ ଭାବରେ ଲାଗି ଧାନ ନଷ୍ଟ ହେବାରେ ଲାଗିଛି । କେସିଙ୍ଗା ବ୍ଲକ ତହସିର ଗ୍ରାମପଞ୍ଚାୟତ କୁର୍ଲୁପଡା ଗ୍ରାମର ଆର୍ତ୍ତ ହରିଜନ (୬୦)ଙ୍କ ଏକ ଏକର, ନାରଦ ସାଗର (୫୦)ଙ୍କ ୨ ଏକର, ପରଲସିଙ୍ଗା ଗ୍ରାମ ପଞ୍ଚାୟତ ଉମରମାଲ ଗ୍ରାମର କ୍ଷୀରସିନ୍ଧୁ ସାହୁ (୪୨)ଙ୍କ ଦେଢ଼ ଏକର, ବାଲସି ଗ୍ରାମର କାର୍ମୁ ମାଝି(୭୫)ଙ୍କ ୨

କେସିଙ୍ଗା ସହକାରୀ କୃଷି କାର୍ଯ୍ୟାଳୟରେ ମାଟିଆଗୁଣ୍ଡି ପୋକ ଲାଗିଥିବା ଧାନ ଧରି ଚାଷୀମାନେ ଅଭିଯୋଗ କରିବାକୁ ଆସିଛନ୍ତି ।

ଏକର, ଗୋକୁଲେଶ୍ୱର ଗ୍ରାମପଞ୍ଚାୟତର ବୈଦ୍ୟ ସିଂହଙ୍କର ଏକ ଏକର, ନିଳି ବାଗ (୪୨)ଙ୍କ ଏକ ଏକର, ସୁନିଲ ସାହୁ (୩୯) ଏକ ଏକର ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେହିପରି କେସିଙ୍ଗା ବ୍ଲକ ବିଭିନ୍ନ ଗ୍ରାମର ଜମିରେ ମାଟିଆଗୁଣ୍ଡି ପୋକ ବ୍ୟାପକ ଭାବେ ବଢ଼ି ଧାନ ଚାଷ ନଷ୍ଟ କରି ଚାଲିଛି । କେସିଙ୍ଗା ସହକାରୀ କୃଷି କାର୍ଯ୍ୟାଳୟରେ ଚାଷୀମାନେ ଆସି ମାଟିଆଗୁଣ୍ଡି ପୋକର ପ୍ରତିକାର ପାଇଁ ସହକାରୀ କୃଷି ଅଧିକାରୀଙ୍କୁ ସାକ୍ଷାତ କରିପାରୁନାହାନ୍ତି । ସହକାରୀ କୃଷି ଅଧିକାରୀ ମାସକୁ ୪ରୁ ୫ଥର ମାସିକିଆ ବୈଠକରେ ଯୋଗଦେଇଥାନ୍ତି । ବାକି ଦିନ ଅଧିକାରୀ ଜଣଙ୍କ ଚାଷୀଙ୍କୁ ଦେଖା ଦେଇ ନ ଥାନ୍ତି । ଚାଷୀମାନେ ଏଥିରେ କ୍ଷୁବ୍ଧ ହୋଇ ନିରାଶରେ ଘରକୁ ଫେରି ଯାଇଥାନ୍ତି । ସହକାରୀ କୃଷି କାର୍ଯ୍ୟାଳୟରେ ଜଣେ ଦୁଇ ଜଣ କୃଷକ ସାଥିଙ୍କୁ ଦେଖିବାକୁ ମଳିଥାଏ । ମାଟିଆ ଗୁଣ୍ଡିପୋକର ପ୍ରତିକାର ପାଇଁ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନେଉ ନାହାନ୍ତି । ଉକ୍ତ କାର୍ଯ୍ୟାଳୟକୁ ଚାଷୀମାନେ ଅଭିଯୋଗ କରିବାକୁ ଆସିଲେ ମାଟିଆ ଗୁଣ୍ଡିପୋକର ପ୍ରତିକାର ପାଇଁ ସବସିଡିରେ ମିଳୁଥିବା ତାପଜ, ବିପ୍ରୋ ଫିଉଜିନ୍, ନିମ ଔଷଧ ଲେଖି ଦେଇଥାନ୍ତି । ଚାଷୀଙ୍କୁ ମାଗଣାରେ କିଛି ବି ଔଷଧ କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉ ନାହିଁ । କୃଷି ଓଭରସିୟର ତନୁଚରଣ ନାଏକଙ୍କୁ ପଚାରିବାରୁ ଉପ କୃଷି ନିର୍ଦ୍ଦେଶକ ଭବାନୀପାଟଣାକୁ ରିପୋର୍ଟ ଦାଖଲ କରିଛୁ ବୋଲି ପ୍ରକାଶ କରିଥିଲେ ।

କେସିଙ୍ଗା ବ୍ଲକ
- ଚାଷୀଙ୍କ ଅଭିଯୋଗ ସତ୍ତ୍ୱେ କୃଷି ବିଭାଗ ନୀରବ
- ୧୦ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮

ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ

ସଂକ୍ଷେପରେ

ବରିଷ୍ଠ ନାଗରିକଙ୍କୁ ଆନ୍ଦୋଳନରେ ଯୋଡ଼ାଯିବ

ବଲାଙ୍ଗୀର ଅଫିସ,୨୯।୧୦: କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ସ୍ଥାନୀୟ ରୁଗୁଡିପଡାସ୍ଥିତ କୋସଲ ଫାଉଣ୍ଡେସନ କାର୍ଯ୍ୟାଳୟଠାରେ ସୋମବାର କୋସଲ କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ଷ୍ଟିୟରିଂ କମିଟି ଆବାହକ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଆଲୋଚନାରେ ଗୋପଭୂଷଣ ନାଥ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ସୈନିକ ସଂଘ ସଭାପତି ଶଶିକାନ୍ତ ନାୟକ ମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଯୋଗଦେଇ କୋସଲ ଆନ୍ଦୋଳନରେ ଗ୍ରାମାଞ୍ଚଳରୁ ବରିଷ୍ଠ ନାଗରିକମାନଙ୍କୁ ଯୋଡିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନାଗରିକମାନେ ଆନ୍ଦୋଳନରେ ଅଭିଭାବକ ଭୂମିକା ଗ୍ରହଣ କରିବା ଉପରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ରାଜନୈତିକ ଚିନ୍ତାଧାରା ଊର୍ଦ୍ଧ୍ୱରେ ରହି ବରିଷ୍ଠ ନାଗରିକମାନେ କୋସଲ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପ୍ରସ୍ତୁତ ରହନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପଞ୍ଚାୟତସ୍ତରରୁ ବରିଷ୍ଠ ନାଗରିକମାନଙ୍କୁ ସମ୍ପୃକ୍ତ କରାଯାଇ କୋସଲ ଆନ୍ଦୋଳନ ସମ୍ପ୍ରସାରଣ କରିବାକୁ ବୈଠକରେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ଆଗାମୀ ନଭେମ୍ବର ତୃତୀୟ ସପ୍ତାହରେ କୋସଲ ଲାଗି ବରିଷ୍ଠ ନାଗରିକ ଶୀର୍ଷକ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସଭା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଷ୍ଟିୟରିଂ କମିଟିର ଅନ୍ୟତମ ସଦସ୍ୟ ନରେଶ ଦାଶ, ଶରତ ଚନ୍ଦ୍ର ହୋତା ଓ କପିଳେଶ୍ୱର ଖମାରୀ ରାଜ୍ୟସୂଚୀ ପ୍ରତି ସହମତି ପ୍ରଦାନ କରିଥିଲେ।

ଯାତ୍ରୀବାହୀ ବସ୍ ଓଲଟିଲା, ୭ଆହତ

ସିଂଘିଯୁବା, ୨୯।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ରାମପୁର-ବରପାଳି ମୁଖ୍ୟରାସ୍ତା ମଧ୍ୟବର୍ତ୍ତୀ ସାରସମାଲ ଛକ୍ ମଧ୍ୟରେ ସୋମବାର ଅପରାହ୍ଣ ପ୍ରାୟ ୧ଟାରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଧାନବିଲକୁ ଓଲଟି ପଡିଥିଲା। ଏଥିରେ ୭ଯାତ୍ରୀ ଆହତ ହୋଇଛନ୍ତି।

ସହର ଭିତରକୁ ପଶିଲା ଭାରୀଯାନ

ଆକ୍ସନ କମିଟିର ବିକ୍ଷୋଭ

ବଲାଙ୍ଗୀର ଅଫିସ, ୨୯।୧୦

ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନ ଥିବାରୁ ଦୁର୍ଘଟଣା ଏଡାଇବା ପାଇଁ ସକାଳ ୮ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ଭିତରେ ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଯାଇଛି। ଏହି ନିର୍ଦ୍ଧାରିତ ସମୟରେ କୌଣସି ପରିସ୍ଥିତିରେ ସହର ଭିତରକୁ ଯେଭଳି ଭାରୀଯାନ ପ୍ରବେଶ କରିବ ନାହିଁ ସେ ନେଇ ଦୃଷ୍ଟି ଦେବାକୁ ଟ୍ରାଫିକ୍ ପୋଲିସ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ତେବେ ଏହି ନିୟମ ଉଲଂଘନ କରି ସୋମବାର ଏକ ଭାରୀଯାନ(ବିସ୍କୁଟ ବୋଝେଇ ଟ୍ରକ୍) ସହର ମଧ୍ୟକୁ ପଶି ଆସିଥିଲା । ଶନିବାର ରାତିରେ ଭାରୀଯାନ ଧକ୍କାରେ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା । ପୋଲିସ ଟ୍ରାଫିକ୍ ଅବହେଳା କାରଣରୁ ଦୁର୍ଘଟଣା ବଢ଼ିବା ସହ ଜୀବନହାନୀ ଘଟଣା ଘଟୁଥିବା ଅଭିଯୋଗ ହୋଇଥିଲା । ବଲାଙ୍ଗୀର ଆକ୍ସନ କମିଟି ସଦସ୍ୟମାନେ ରବିବାର ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ସହରରେ ଟ୍ରାଫିକ୍ ଅବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ଦାବି କରାଯାଇଥିଲା । ତେବେ ଏହି ଘଟଣା ଘଟିବାର ୨୪ଘଣ୍ଟା ନ ପୂରଣୁ ସୋମବାର ଅପରାହ୍ଣରେ ସହର ମୁଖ୍ୟ ରାସ୍ତାକୁ ଏକ ଟ୍ରକ୍ ପଶି ଆସିବାରୁ ଏହାକୁ ଆକ୍ସନ କମିଟି ସଦସ୍ୟମାନେ ବିରୋଧ କରିଥିଲେ । ଟାଉନ୍ ଥାନା କଚେରୀ ଛକ ନିକଟରେ ଉକ୍ତ ଟ୍ରକ୍‌କୁ ଅଟକାଇ ପ୍ରତିବାଦ ଜଣାଇଥିଲେ । ଏହା ପରେ ପୋଲିସକୁ ଡାକି କିଭଳି ପରିସ୍ଥିତିରେ ଏହି ଟ୍ରକ୍ ସହରର ଦୁଇଟି ଟ୍ରାଫିକ୍ ପୋଷ୍ଟ ଅତିକ୍ରମ କରି ସହର ଭିତରକୁ ପଶି ଆସିଲା ଜବାବ ଦେବାକୁ କହିଥିଲେ । ଟ୍ରାଫିକ୍ ପୋଲିସ ସେମାନଙ୍କ କର୍ତ୍ତବ୍ୟରେ ଅବହେଳା କରିବା ସହ ଲାଞ୍ଚ କାରବାରରେ ଲିପ୍ତ ରହୁଥିବା ସେମାନେ ଅଭିଯୋଗ କରିଥିଲେ । ଏହି ଘଟଣାରେ ଦାୟୀ ଟ୍ରାଫିକ୍ ପୋଲିସ ବିରୋଧରେ କଡା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ । ପରେ ଟାଉନ୍ ପୋଲିସ ଟିମ୍ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବା ଜଣାପଡିଥିଲା । ଆକ୍ସନ କମିଟି ପକ୍ଷରୁ ଉପସଭାପତି ମୁନା ପଟ୍ଟନାୟକ, ବିନୋଦ କାଲସାଏ, ରିଲୁ ରଥ, ଗିରିଶ ସିଂଦେଓ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କଲିକତାରୁ ପାଟଣାଗଡ ଯାଉଥିବା ଉକ୍ତ ଟ୍ରକ୍‌ର ଡ୍ରାଇଭର ନିୟମ ଜାଣି ନ ପାରି ସହର ଭିତରକୁ ପଶି ଆସିଥିବା କହିଥିଲେ । ପରେ ଟ୍ରକ୍ ଡ୍ରାଇଭରଙ୍କୁ ଫାଇନ୍ ପକାଇ ଛାଡି ଦିଆଯାଇଥିବା ଜଣାପଡିଥିଲା ।

ନିୟମ ଉଲଂଘନକାରୀ ଟ୍ରକ୍ ସମ୍ମୁଖରେ ଆକ୍ସନ କମିଟି ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଜିଲାସ୍ତରୀୟ କୁଣ୍ଢ଼ାଁ ସମାଜର ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଗଣ ।

ଜିଲାସ୍ତରୀୟ କୁଣ୍ଢ଼ାଁ ସମାଜର ସମ୍ମିଳନୀ

ବେଲପଡା,୨୯।୧୦(ଡି.ଏନ.ଏ.)

ବେଲପଡା ବ୍ଲକ କପାଣି ସର୍କଲ ବାଲିଖମାର ଗ୍ରାମଠାରେ ଜିଲାସ୍ତରୀୟ କୁଣ୍ଢ଼ାଁ ସମାଜର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୯ଟି ସର୍କଲର ଜାତିଭାଇମାନେ ଯୋଗଦେଇଥିଲେ । କୁଣ୍ଢ଼ାଁ ସମାଜର ଇଷ୍ଟ ଦେବତା ବୁଢାରଜାଙ୍କୁ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରାଯାଇଥିଲା । ଜିଲା ସଭାପତି ବିବସ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା ଆଦୀବାସୀ କଲ୍ୟାଣ ମହାସଂଘର ମହା ସଚିବ ନିରଞ୍ଜନ ବିଶି ଯୋଗଦେଇ କୁଣ୍ଢ଼ାଁ ସମାଜର ସାମାଜିକ ଚଳଣୀ, ସଂସ୍କୃତି ପରମ୍ପରା, ଶିକ୍ଷା, ବିକାଶ ଉପରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜୟ ପ୍ରଧାନୀ ମଧ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାରେ କୁଲି କୁଲିଶମାନଙ୍କୁ ସୁପ୍ରିମକୋର୍ଟ ଆଦିବାସୀର ମାନ୍ୟତା ଦେଇଥିବାରୁ ତାକୁ ବିରୋଧ କରି ସୁପ୍ରିମକୋର୍ଟର ସ୍ପେଶାଲ ବ୍ରାଞ୍ଚରେ ଅପିଲ ପାଇଁ ଦାବି କରାଯାଇଥିଲା । ଜିଲାର ବିଭିନ୍ନ ଅଞ୍ଚଳର ସଭାପତି କୃଷ୍ଣ ଚନ୍ଦ୍ର ମିର୍ଦ୍ଧା, ପ୍ରଦୀପ ମିର୍ଦ୍ଧା, ଜୟନ୍ତ ମିର୍ଦ୍ଧା, ଜୈବନ ମିର୍ଦ୍ଧା, ଗଣ୍ଡାରାମ ପଧାନ, ନୀଳକଣ୍ଠ ମିର୍ଦ୍ଧା, ମଙ୍ଗଳ ମିର୍ଦ୍ଧା, ସ୍ୱୟଂମ୍ବର ମିର୍ଦ୍ଧା, ଗଣେଷ ପଧାନ, ଗୋପାଳ ପଧାନ, ରବୀନ୍ଦ୍ର ମିର୍ଦ୍ଧା, ବିଷିକେଷନ ମିର୍ଦ୍ଧା, ମୁରଲୀଧର ମିର୍ଦ୍ଧା, ନାରାୟଣ କିଶାନ ପ୍ରମୁଖ ଯୋଗଦେଇ କୁଣ୍ଢ଼ାଁ ସମାଜର ସମାଜ ପ୍ରତି କର୍ତ୍ତବ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ସମାଜର ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁବଳ ମିର୍ଦ୍ଧା ପରିଚାଳନା କରିଥିବାବେଳେ ଇଶ୍ୱର ମିର୍ଦ୍ଧା ଓ ଅନ୍ୟାନ୍ୟ ସଭ୍ୟ ସହଯୋଗ କରିଥିଲେ ।

ଗୋଳାବାରୁଦ କାରଖାନାର ୩୫ତମ ପ୍ରତିଷ୍ଠା ଦିବସ

ଭାରତର ପ୍ରତିରକ୍ଷା କ୍ଷେତ୍ରରେ ବଡ଼ମାଳ ଭୂମିକା ଗୁରୁତ୍ୱ

ସଇଁତଲା,୨୯।୧୦(ଡି.ଏନ.ଏ.)

ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଳଠାରେ ଅବସ୍ଥାପିତ ଗୋଳାବାରୁଦ କାରଖାନାର ୩୫ତମ ପ୍ରତିଷ୍ଠା ଦିବସ ଶନିବାର ଇନ୍ଦିରାଗାନ୍ଧୀ ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀ ୩୫ବର୍ଷ ତଳେ ପଶ୍ଚିମ ଓଡ଼ିଶାରେ ଏହି ପଛୁଆ ଅଞ୍ଚଳର ଅର୍ଥନୈତିକ, ସାମାଜିକ ଜୀବନ ଶୈଳୀ ତଥା ଅଞ୍ଚଳର ସାମଗ୍ରିକ ବିକାଶ ଉଦ୍ଦେଶ୍ୟରେ ପ୍ରତିରକ୍ଷା ମନ୍ତ୍ରାଳୟ ଅଧିନ ଓ ଏହି କାରଖାନାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ଦିନକୁ ସ୍ମରଣ କରି ପ୍ରତିବର୍ଷ ଏହି ସ୍ଥାପନା ଦିବସ କାରଖାନା ପରିସରରେ ପାଳିତ ହୋଇଆସୁଛି । ଚଳିତ ବର୍ଷ ଏହି ଉତ୍ସବରେ କାରଖାନାର ନବ ଅବସ୍ଥାପିତ ମହା ପ୍ରବନ୍ଧକ ରାଜେଶ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଅଞ୍ଚଳର ବିକାଶ ପ୍ରତି ଥିବା କାରଖାନାର ଅବଦାନ ଉପରେ ଆଲୋକପାତ କରିବା ସହ କାରଖାନାର ଉଦ୍ଦେଶ୍ୟ ଓ ପ୍ରତିବଦ୍ଧତା ଦୋହରାଇଥିଲେ । ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଗୋଳାବାରୁଦ କାରଖାନା ବଡ଼ମାଳର ପ୍ରମୁଖ ଭୂମିକା ସହିତ ଚଳିତ ବର୍ଷର ଉତ୍ପାଦନ ଲକ୍ଷ ପ୍ରାପ୍ତି ସହିତ ଆଗାମୀ ବର୍ଷମାନଙ୍କରେ ମଧ ଉତ୍ପାଦନକୁ ବଳବତର ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । କାରଖାନାର ପ୍ରଶାସନିକ ଅଧିକାରୀ ଡ଼ି ରାଜୀବଙ୍କ ଆୟୋଜିତ ଏହି ସମାରୋହରେ କାରଖାନାର ସମସ୍ତ ଅଧିକାରୀଗଣ ଉପସ୍ଥିତ ଥିଲେ ।

ମହାପ୍ରବନ୍ଧକ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ଡିସେମ୍ବର ୨୪ରୁ ଉଲୁଣ୍ଡା ଧନୁଯାତ୍ରା

ଉଲୁଣ୍ଡା, ୨୯।୧୦(ଡି.ଏନ.ଏ.)

ଡିସେମ୍ବର ୨୪ତାରିଖରୁ ୧୧ଦିନ ଧରି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡରେ ଦ୍ୱାଦଶତମ ବିରାଟ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ହିମାଂଶୁ ଶେଖର ତ୍ରିପାଠୀଙ୍କ ଆବାହକତ୍ୱ କ୍ରମେ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆୟୋଜକ ଶ୍ରୀକୃଷ୍ଣ କଳା ପରିଷଦ ସଭାପତି ରଷିକୁମାର ପଟେଲ, ଉପସଭାପତି କୈଳାସ ପୁରୋହିତ ଏବଂ ଗୁରୁରାମ ମହାକୁର, ସମ୍ପାଦକ ବସୁଦେବ ଭୋଇ, କୋଷାଧ୍ୟକ୍ଷ ଦାମୋଦର ମେହେର, ଧର୍ମନିରଞ୍ଜନ ପଣ୍ଡା, ଦିଲିପ କୁମାର ପୁରୋହିତ ପ୍ରମୁଖ ଏକ ବୈଠକରେ ଆୟୋଜନ ଉପରେ ଆଲୋଚନା କରିଥିଲେ। ଏଥର ପଶ୍ଚିମ ଓଡିଶାର ଅନ୍ୟତମ ବିଶିଷ୍ଟ ମଞ୍ଚ କଳାକାର ସୁଶୀଲ କୁମାର ମେହେରଙ୍କୁ କଂସ ଭାବରେ ମନୋନୀତ କରାଯାଇଥିଲା। ଏଥିସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତଥା ମନୋରଞ୍ଜନ ପାଇଁ ଆନସଙ୍ଗିକ ବିଭାଗ ଉପରେ ଯୋଗାଯୋଗ ପାଇଁ ମତପ୍ରକାଶ ପାଇଥିଲା। ଲକ୍ଷ୍ମଣ ବାରିକ, ଗୋବିନ୍ଦ ଦାସ ତରାଇ, ଗୋପାଳ ଚନ୍ଦ୍ର ପଣ୍ଡା, ସନ୍ତୋଷ ଭୁକ୍ତା ପ୍ରମୁଖ ଯୋଗ ଦେଇଥିଲେ।

ଭାଜପାର କର୍ମୀ ସମ୍ମିଳନୀ

ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ ପାଇ ଆହ୍ୱାନ

ଖପ୍ରାଖୋଲ,୨୯।୧୦(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ କନଗାଁ ଆମ୍ବ ବଗିଚାଠାରେ ପଞ୍ଚାୟତସ୍ତରୀୟ କର୍ମୀସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ରଘୁନାଥ ସିଂ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ସମାବେଶ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଜିଲା ସାଧାରଣ ସମ୍ପାଦକ କର୍ଣ୍ଣ ସିଂ ଠାକୁର, ବିଧାୟକଙ୍କ ପ୍ରତିନିଧି ଫକୀର ପ୍ରଧାନ, ଜିଲା କାର୍ଯ୍ୟକାରୀ ସଦସ୍ୟ ରବି ସାହୁ, ପଡିଆବାହାଲ ସରପଞ୍ଚ ରାଧିକା ପ୍ରଧାନ, ଜୋନ ସଭାପତି ଭରତ ସାହୁ, ଆଇନଜିବୀ ଦେବକାନ୍ତ ପାଣିଗ୍ରାହୀ, ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଶାନ୍ତ ମେହେର ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ୪ବର୍ଷର ସଫଳତା ସହ ଲୋକ ହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। ଆଗାମୀ ନିର୍ବାଚନ ପାଇଁ ସଂଗଠନକୁ ତୃଣମୁଳସ୍ତରରୁ ମଜଭୁତ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ଶତପଥି, ମଧୁ ବରିହା, ଗଙ୍ଗାଧର ବେହେରା, ବିନୋଦ ପଧାନ, ଭଗବାନ ପଧାନ, ଶ୍ରୀକର ବେହେରା, ସୁଦାମ ପଧାନଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ।

ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ବ୍ଲକ ଘେରାଉ

ଲୋଇସିଂହା,୨୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାରତୀୟ ଜନତାପାର୍ଟି ପକ୍ଷରୁ ବିଭିନ୍ନ ମୌଳିକ ସମସ୍ୟା ନେଇ ସୋମବାର ବ୍ଲକ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦଳୀୟ କର୍ମୀ ବ୍ଲକରେ ପିସି କାରବାରଚାଲିଥିବା ଅଭିଯୋଗ ଉଠାଇଥିଲେ । ସ୍ଥାନୀୟ ବିଧାୟକ ଓ ରାଜ୍ୟ ସରକାରଙ୍କ ଉପରେ ବିଷୋଦଗାର କରି ଗର୍ଜି ଥିଲେ । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୬ଦଫାର ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୋଇସିଂହା ନିର୍ବାଚନମଣ୍ଡଳୀ ପ୍ରଭାରୀ ସରୋଜ ତ୍ରିପାଠୀ ଏବଂ ଯୁବମୋର୍ଚ୍ଚା ସଦସ୍ୟ ସୁଦୀପ ସା, ଉତ୍ତମ କବାଟ ଓ ଟିଙ୍କୁସାହୁଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଅଗ୍ରେସନ ଭବନଠାରୁ ବ୍ଲକ ପର୍ଯ୍ୟନ୍ତ ବିଭିନ୍ନ ନାରାବାଜି ଦେଇ ଏକ ରାଲିରେ ଯାଇଥିଲେ । ସେଠାରେ ପ୍ରଭାରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲାସଭାପତି ଭକ୍ତବନ୍ଧୁ ନାଏକ, ମଣ୍ଡଳ ସଭାପତି ଜ୍ୟୋତିର୍ମୟ ରାଉତ, ଏସସିସେଲ ଅଧ୍ୟକ୍ଷ ଆନନ୍ଦ ନାଏକ, ବଳରାମ ସା, ଭୂତନାଥ ନାଏକ, ଗଜେନ୍ଦ୍ର ଦଣ୍ଡସେନା, ଲେକୁ ତ୍ରିପାଠୀ, ମକାରୁ ଧରୁଆ, ସୁରୁ ବିଶ୍ୱାଳ ପ୍ରମୁଖ ବ୍ଲକରେ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟଚାର ଓ ଉନ୍ନୟନ କାମରେ ପ୍ରିୟାପ୍ରୀତିକୁ ନେଇ ବିଷୋଦଗାର କରିଥିଲେ । ଏଥିପାଇଁ ସିଧାସଳଖ ବିଧାୟକ ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଗାଦି ଛାଡିବାକୁ ଆହ୍ୱାନ ଜଣାଇଥିଲେ । ଭାଜପାର ୬ଦଫା ଦାବି ମଧ୍ୟରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରିବା, ସରକାରୀ ନିର୍ଦ୍ଦେଶନାମାକୁ ଉପେକ୍ଷା କରି ବିଜେଡି କର୍ମୀମାନଙ୍କୁ ବିଜୁ ଯୁବବାହିନୀରେ ସାମିଲ କରି ସରକାରୀ ଟଙ୍କାକୁ ଦଳୀୟ କାର୍ଯ୍ୟରେ ବିନିଯୋଗ କରୁଥିବାରୁ ଏହି ପାଣ୍ଠି ବନ୍ଦ କରିବାକୁ ଦାବି ହୋଇଛି । ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ପ୍ରକଳ୍ପ ପାଇଁ ହେଉଥିବା ପଲ୍ଲୀସଭାରେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଉପେକ୍ଷା କରାଯାଉଛି । ବିଜେଡି ଦଳୀୟ କର୍ମୀଙ୍କ ଇଙ୍ଗିତରେ ପଲ୍ଲୀସଭା କରାଯାଉଥିବାରୁ ତାହା ବନ୍ଦ କରିବା । କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ବ୍ଲକ ମାନଙ୍କରେ ନିର୍ମାଣ ଚାଲିଥିବା ପାଇଖନା ଠିକା ଦେଇ ନିମ୍ନମାନର କରାଯାଉଥିବାରୁ ଏହାର ତଦନ୍ତ ଦାବି କରାଯାଇଛି । ବର୍ଷାଭାବରୁ ଚଳିତ ବର୍ଷ ପୁଣି ମରୁଡି ସ୍ଥିତି ଦେଖାଗଲାଣି । କିନ୍ତୁ ଗତ ଖରିଦ ଇନପୁଟ ସବସିଡି ଓ ରୋଗପୋକ ସହାୟତା, ଉପଯୁକ୍ତ ବୀମା ଟଙ୍କା ସହାୟତା ପାଇବାରୁ ବଞ୍ଚିତ ଚାଷୀମାନଙ୍କୁ ଶୀଘ୍ର ଦେବାକୁ ଦାବି କରାଯାଇଛି ।

ଭାଜପା କର୍ମୀ ବିଭିନ୍ନ ଦାବି ନେଇ ଏକ ରାଲିରେ ବ୍ଲକକୁ ଯାଉଛନ୍ତି ।

ଫଟୋରେ ଖବର

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ବାର୍ଷିକ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି (ବାମ) । ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ୍ରାମା ''ମାନ୍ ଗୟେ ମୁଗଲେ ଆଜମ୍'' ଛାତ୍ରୀଛାତ୍ର ମଞ୍ଚସ୍ଥ କରିଥିଲେ । (ଫଟୋ-ସୁନୀଲ)

ଭାଜପା ମହିଳା ମୋର୍ଚ୍ଚାର ମଣ୍ଡଳଚାଲ ଅଭିଯାନ ନେଇ ପ୍ରସ୍ତୁତି

ଅମରପାଲି, ୨୯।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିଠାରେ ଭାରତୀୟ ଜନତାପାର୍ଟି ମହିଳା ମୋର୍ଚ୍ଚାର ବିଧାନସଭା ସ୍ତରୀୟ ମଣ୍ଡଳଚାଲ ଅଭିଯାନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଜୋନ-୨ ଜିଲା ପରିଷଦ ସଦସ୍ୟ ତଥା ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଉକ୍ତ ସଭାରେ ଆଲୋଚନା ହୋଇଥିଲା। ଭୂମିହୀନ ମାନଙ୍କୁ ଘରଡିହ ପ୍ରଦାନ କରାଯାଇ ନଥିବା, ଚାଷ ପାଇଁ ଜଳ ସେଚନର ବ୍ୟବସ୍ଥା କରିବା, ଗତ ବର୍ଷାରେ ଘରଭଙ୍ଗା ସହାୟତା ପ୍ରଦାନ ନକରିବା, ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣ ହୋଇନଥିବା, ଏପରିକି ବିପିଏଲ ହିତାଧିକାରୀଙ୍କୁ ରାଶନ କାର୍ଡରୁ ବାଦ ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନରେ ପାତରଅନ୍ତର ହେଉଥିବା ନେଇ ଉଭୟ ନେତ୍ରୀ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସବୁ ଦାବି ନେଇ ଭାଜପା ମହିଳା ମୋର୍ଚ୍ଚା ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି। ଦଳର ଅଶୋକ ସାହୁ ଓ ସୁମନ୍ତ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ।

ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

ସଂକ୍ଷେପରେ

କେଜେଡି ପକ୍ଷରୁ କୋଶଲ ଯଜ୍ଞ

ରାଉରକେଲା ଅଫିସ,୨୯।

୧୦- ଛେଞ୍ଚ କଲୋନୀରେ ଥିବା କୋଶଲ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ କୋଶଲ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କୋଶଲ ମୁକ୍ତି ରଥର ଦ୍ୱିତୀୟ ପର୍ଯ୍ୟାୟ ପଶ୍ଚିମ ଓଡିଶା ପରିକ୍ରମା ପୂର୍ବରୁ ଏହାକୁ ସମ୍ପନ୍ନ କରାଯାଇଛି। ଯଜ୍ଞ କର୍ମରେ କଳସ ପୂଜା, ଦୀପାରାଧନା ଓ ଘୃତାହୁତି ସହ ପୂଜାପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ସୁରମା ମିଶ୍ର ପରିଚାଳନା କରିଥିଲେ। କୋଶଳ ମୁକ୍ତିରଥ ୨ୟ ପର୍ଯ୍ୟାୟରେ ଦେବଗଡ଼ ଜିଲା ସହ ସୁନ୍ଦରଗଡ଼ ଜିଲାର ବଣାଇଁ ଉପଖଣ୍ଡ ପରିକ୍ରମା କରିବ ବୋଲି ଦଳ ପକ୍ଷରୁ ସାଧାରଣ ସମ୍ପାଦକ ଚକ୍ରାନ୍ତ ଜେନା ସୂଚନା ପ୍ରଦାନ କରିଛନ୍ତି। ଆୟୋଜିତ ଯଜ୍ଞାଦି ପୂଜାପାଠ କାର୍ଯ୍ୟକ୍ରମରେ ରଞ୍ଜନ ଲେଙ୍କା, ସମ୍ପାଦକ ସ୍ୱରୂପ ମିଶ୍ର, ସରୋଜ ପରିଡା, ସୁରଜ ନାୟକ, ଶୁଭେନ୍ଦୁ ମହାନ୍ତି, ସୁବ୍ରତ ରଜକ, ମଳୟ ଜେନା, ଛଗନଲାଲ ଜୈନ ପ୍ରମୁଖ ଯୋଗ ଦେଇଥିଲେ। ଦଳର ସଦସ୍ୟତା ଗ୍ରହଣ କରିଥିବା ଧୀରେନ୍ଦ୍ର ପଣ୍ଡା, ନରେନ୍ଦ୍ର ପାତ୍ର ଓ ଦାନେଶ ଜୈନଙ୍କୁ ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ସ୍ୱାଗତ କରିଥିଲେ।

୬ ଦିନରେ ପହଞ୍ଚିଲା ବିଏମ୍‌ଏସ୍‌ର ଆନ୍ଦୋଳନ

ବଢୁଛି ଜନ ସମର୍ଥନ, କର୍ତ୍ତୃପକ୍ଷ ଚିନ୍ତାରେ

ରାଉରକେଲା ଅଫିସ,୨୯।୧୦

୪ଦଫା ଦାବି ନେଇ ରାଉରକେଲା ବିଶ୍ରାଟ୍ଟକରେ ବିଏମ୍‌ଏସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଇସ୍ପାତ୍ ଶ୍ରମିକଙ୍କ ୪ ଦଫା ଦାବି ନେଇ ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ଅନୁବନ୍ଧିତ ରାଉରକେଲା ଇସ୍ପାତ୍ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ୍)ର ଆନ୍ଦୋଳନ ୬ଷ୍ଠ ଦିନରେ ପହଞ୍ଚିଛି। ଏହି କ୍ରମରେ ବିଶ୍ରା ଛକରେ ପ୍ରତିଦିନ ସକାଳେ ନୀରବ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏଥିରେ ଦିନକୁ ଦିନ ସ୍ଥାୟୀ ଓ ଠିକା ଶ୍ରମିକ ସଂଖ୍ୟା ବଢିବାରେ ଲାଗିଛି। ଏପରି ଆନ୍ଦୋଳନ ପ୍ରତି ସ୍ୱତଜନ ସମର୍ଥନ ବଢିବା ନେଇ କର୍ତ୍ତୃପକ୍ଷ ଚିନ୍ତାରେ ପଡିଛନ୍ତି। ଅପରପକ୍ଷେ ଆନ୍ଦୋଳନକୁ ଭଣ୍ଡୁର କରିବା ନେଇ ବିପକ୍ଷ ୟୁନିୟନ ମିଥ୍ୟା ପ୍ରଚାର ଚଳାଇଛନ୍ତି ବୋଲି ବିଏମ୍‌ଏସ୍ କହିଛି। ଯେଉଁମାନେ କହୁଥିଲେ ନଭେମ୍ବର ୫ରେ ଏନ୍‌ଜେସିଏସ୍ ବୈଠକ ହେବ ସେମାନେ ଏବେ ମୁହଁ ଲୁଚାଉଛନ୍ତି। ବିଏମ୍‌ଏସ ପକ୍ଷରୁ ଏହି ଆନ୍ଦୋଳନ ଆସନ୍ତା ନଭେମ୍ବର ୫ ପର୍ଯ୍ୟନ୍ତ ଜାରି ରହିବ। କେବଳ ରାଉରକୋଲା ନୁହେଁ ସେଲର ଅନ୍ୟ ୟୁନିଟ ବୋକାରୋ, ବର୍ଣ୍ଣପୁର, ଦୁର୍ଗାପୁର, ଆଲୟ ଷ୍ଟିଲ, ଆରଆଇଏନଏଲ ସହ ସମସ୍ତ ମାଇନ୍ସରେ ଏଭଳି ଆନ୍ଦୋଳନ ସମାନ୍ତରାଳ ଭାବେ ଜାରି ରହିଛି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ସୋମବାର ବିଏମ୍‌ଏସ୍‌ର ଅଖିଳ ଭାରତୀୟ ସମ୍ପାଦକ ଦେବେନ୍ଦ୍ର ପାଣ୍ଡେ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ଏନଜେସିଏସ ସଦସ୍ୟ ପାଣ୍ଡେ ଏକ ବିବୃତିରେ କେନ୍ଦ୍ର ଇସ୍ପାତ୍ କର୍ତ୍ତୃପକ୍ଷ ଓ ସରକାରଙ୍କ ନିଦ ଭାଙ୍ଗିବା ପାଇଁ ଏହି ଆନ୍ଦୋଳନ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଛନ୍ତି। ଦୀର୍ଘ ୧୨ ଦିନର ଆନ୍ଦୋଳନ ପରେ ଯଦି କର୍ତ୍ତୃପକ୍ଷ ସଜାଗ ନ ହୁଅନ୍ତି ତା'ହେଲେ ଏହାକୁ ଆଗାମୀ ଦିନରେ ତୀବ୍ରତର କରାଯିବ। ଆବଶ୍ୟକ ହେଲେ ସାମୂହିକ ଆନ୍ଦୋଳନର ବାଟ ଆପଣାଇବ ବୋଲି ବିଏମ୍‌ଏସ୍ ପକ୍ଷରୁ କୁହାଯାଇଛି। ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୁବ ଶ୍ରମିକଙ୍କ ଯୋଗଦାନ ଆମକୁ ଉତ୍ସାହିତ କରିଛି ବୋଲି ୟୁନିୟନ ସାଧାରଣ ସମ୍ପାଦକ ହିମାଂଶୁ ବଳ ଏଥିରେ ମତ ପ୍ରକାଶ କରିଥିଲେ। ଏଥିରେ ରୀତାରାଣୀ ସ୍ୱାଇଁ, ମହୁଆ ଗୋସ୍ୱାମୀ, ବି ଶର୍ମା, ଚନ୍ଦ୍ରିକା ଲାକ୍ରାଙ୍କ ସମେତ ଶ୍ରୀମନ୍ତ ନନ୍ଦ, ସୁଶୀଲ ସେଠୀ, ମାନସ ନାୟକ, ଶ୍ରୀକନ୍ତ ମହାନ୍ତି, ବିନୋଦ ସେଠୀ, ମୁରଲୀ ମଥାନ, ଗୋବିନ୍ଦ ପଟେଲ, ଅଶୋକ ସ୍ୱାଇଁ, ନିରଞ୍ଜନ ପାଲ, ଅରୁଣ ଜେନା, ବିଭୂତି ସେଠୀ, ଗଙ୍ଗା ବେହେରା, ଗଣେଶ ସ୍ୱାଇଁ, ଦେବକାନ୍ତ ଧଳ, ରମେଶ ସାମନ୍ତ, ସଞ୍ଜୟ ସ୍ୱାଇଁ, ଶୈଳେନ୍ଦ୍ର ମହାନ୍ତି, ସୂର୍ଯ୍ୟ ସେଠୀ, ଚନ୍ଦ୍ରମୋହନ ଖୁଣ୍ଟିଆ ଓ କାର୍ତ୍ତିକ ବେହେରା ପ୍ରମୁଖ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ଗଜଲକ୍ଷ୍ମୀ ଭସାଣି ଉତ୍ସବ

କୁଆଁରମୁଣ୍ଡା,୨୯।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଧୀନ କୁମଝରିଆ ପଞ୍ଚାୟତ ଲାସେଠାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ରବିବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ୧୪୩ ନମ୍ବର ଜାତୀୟ ରାଜପଥର ଲାସେ ଛକରୁ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ସନ୍ଧ୍ୟାରେ ବିଭିନ୍ନ ବାଜା ବଜାଇ ଶୋଭାଯାତ୍ରାରେ ନିକଟସ୍ଥ ବଘିଆଯୋର ପୋଖରୀକୁ ନିଆଯାଇଥିଲା। ସେଠାରେ ପାରମ୍ପରିକ ନୀତିରେ ବିସର୍ଜନ କରାଯାଇଥିଲା। ଜୟ ମା'ଲକ୍ଷ୍ମୀ ପୂଜା କମିଟି ସଭାପତି ଗୋକୁଳ ଚନ୍ଦ୍ର ରାଏ, ଉପସଭାପତି ଯାଗେଶ୍ୱର ରାଏ, ସମ୍ପାଦକ ଭୋଳେଶ୍ୱର ରାଏ, କୋଷାଧ୍ୟକ୍ଷ ନୀଳମଣି ରାଏଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୫ ଦିନ ଧରି ପୂଜା କାର୍ଯ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା। ସୂଚନାଥାଉକି, ଆଦିବାସୀ ବହୁଳ କୁମଝରିଆ ପଞ୍ଚାୟତ ଲାସେଠାରେ ଦୀର୍ଘ ୧୧ ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ଯଥାରୀତିରେ ପାଳିତ ହୋଇଆସୁଛି।

ରାଉରକେଲା ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

ରାଉରକେଲା ଅଫିସ,୨୯। ୧୦

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଓ ଅନ୍ୟ କେତେକ ଦାବି ନେଇ ମାସର ଶେଷ ୩ ଦିନ ନିୟମିତ ଆନ୍ଦୋଳନ ଜାରି ରଖିଛି ରାଉରକେଲା ଓକିଲ ସଂଘ। ସେହି ନ୍ୟାୟରେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛି ସଂଘ। ରାଉରକେଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ସତ୍ତ୍ୱେ ସରକାର କର୍ଣ୍ଣପାତ କରୁ ନାହାଁନ୍ତି। ଏନେଇ ରାଜ୍ୟପାଳଙ୍କୁ ଭେଟି ସଂଘ କର୍ମକର୍ତ୍ତା ଦାବି ପତ୍ର ପ୍ରଦାନ କରି ସାରିଛନ୍ତି। ରାଉରକେଲା ପରି ଏକ ଜନବହୁଳ ସହରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସହ ଭିଜିଲାନ୍ସ ଓ ସିବିଆଇ କୋର୍ଟ, ରାଉରକେଲାକୁ ବିଚାର ବଭାଗୀୟ ଜିଲା ଘୋଷଣା, ରେକର୍ଡ ରୁମ ସ୍ଥାପନା ସହ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲକୁ କେନ୍ଦ୍ରୀୟ ମାନ୍ୟତା ଦାବି ନେଇ ସାଧାରଣ ଜନତାଙ୍କ ସହଯୋଗରେ ଏପରି ଆନ୍ଦୋଳନ ଜାରି ରହିଥିବା ସଂଘ ପକ୍ଷରୁ କୁହାଯାଇଛି। ଯୋଗୁ କୋର୍ଟ କାର୍ଯ୍ୟ ବନ୍ଦ ହୋଇଯାଇଛି। ବିଭିନ୍ନ ମାମଲା ନେଇ କୋର୍ଟରେ ଉପସ୍ଥିତ ଲୋକେ ନିରାଶ ହୋଇ ଫେରିଛନ୍ତି। ଉକ୍ତ ଆନ୍ଦୋଳନରେ ସଭାପତି ସତ୍ୟ ଶର୍ମା, ସମ୍ପାଦକ ଅକ୍ଷୟ ସାହୁ, ମାନସ ପଣ୍ଡା, ସୁଶାନ୍ତ ଦାସ, ଧୀରେନ ଗଡ଼ନାୟକ, ଗିରିଶ ମହାପାତ୍ର, ପଞ୍ଚାନନ ଶତପଥୀ, ରମେଶ ବଳ, ନୟନ ଦାସ, ଚର୍ତ୍ତୁଭୁଜ ନାୟକ, ଡିଡି ସାହୁ, ସନ୍ତୋଷ ଭଦ୍ର, ପ୍ରଶାନ୍ତ ସେନାପତି, ୱାଇ.ନବି, ପ୍ରମୋଦ ସାହୁ, ଗୁରୁଚରଣ ଖୁଣ୍ଟିଆ, ପ୍ରଶାନ୍ତ ମହାରଣା, ପ୍ରଫୁଲ୍ଲ ପାତ୍ରୀ ଓ ପବିତ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

ଓକିଲମାନେ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବିରକେରାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ରାଉରକେଲା ଅଫିସ/ବେଦବ୍ୟାସ (ଡି.ଏନ.ଏ.)୨୯। ୧୦

କୃଷକ ସମ୍ପର୍କ ମେଳାରେ ବିଧାୟକ ମଙ୍ଗଳା କିଷାନ ଓ ଅନ୍ୟମାନେ।

ଲାଠିକଟା ବ୍ଲକ ବିରକେରା ଗ୍ରାମ ପଞ୍ଚାୟତ ବଙ୍ଗଳା ଛକରେ ସୋମବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜଗାଙ୍গପୁର ବିଧାୟକ ମଙ୍ଗଳା କିଷାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଲାଠିକଟା ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଖାଲକୋ, ଜିଲା ପରିଷଦ ସଭ୍ୟ ମହେଶ ନାଗ, ପ୍ରତିମା ରାଉତ ଓ ଗୀତା ମିଞ୍ଜଙ୍କ ସମେତ ବିଧାୟକ ପ୍ରତିନିଧି ଜିତୁ ଦାସ, ଉପକୃଷି ନିର୍ଦ୍ଦେଶକ ରବିନାରାୟଣ ଶତପଥୀ, ଜିଲା କୃଷି ଅଧିକାରୀ ହିରଞ୍ଜନ ମହନ୍ତ, ଲାଠିକଟା ଲ୍ୟାମ୍ପସ ଅଧକ୍ଷ ଗୋପୀନାଥ ଖାଲକୋ, ଲାଠିକଟା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧକ୍ଷ ବିଶ୍ୱମ୍ଭର ସିଂ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ଏହି ମେଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ ଆଲୋଚନା କରିଥିଲେ। ଏଥିରେ ଉପସ୍ଥିତ ଚାଷୀ ନିଜ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିବାବେଳେ ବିଭାଗୀୟ ଅଧିକାର ଏହାର ସମୁଚିତ ଉତ୍ତର ପ୍ରଦାନ କରିଥିଲେ। କୃଷି ସମ୍ପର୍କିତ ସରକାରଙ୍କ ଯୋଜନା ଓ ଉନ୍ନୟନ କାର୍ଯ୍ୟ ନେଇ ଚାଷୀଙ୍କୁ ଅବଗତ କରାଯାଇଥିଲା। ଉପକୃଷି ନିର୍ଦ୍ଦେଶକ ନିଜ ବକ୍ତବ୍ୟରେ ଧାନ ଚାଷ ସହ ଅଣଧାନ ଚାଷ ପ୍ରତି ଚାଷୀମାନେ ଦୃଷ୍ଟି ଦେବାକୁ ପରାମର୍ଶ ପ୍ରଦାନ କରିଥିଲେ। ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ଚାଷୀ ଧୈର୍ଯ୍ୟହରା ନ ହୋଇ ସମସ୍ୟାର ଦୃଢ ମୁକାବିଲା କରିବା ଉଚିତ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଶେଷରେ ଜିଲା କୃଷି ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ।

ଆଇଟିଆଇ ଟ୍ରେଡଧାରୀଙ୍କ ପ୍ରତି ଅବିଚାର

ଷ୍ଟାରର ଚେତାବନୀ,ଅନ୍ୟାୟକୁ ବରଦାସ୍ତ କରାଯିବନି

ରାଉରକେଲା ଅଫିସ,୨୯।୧୦

ଷ୍ଟିଲ ଟ୍ରେଡ ଆପ୍ରେଣ୍ଟିସ ଆସୋସିଏଶନ ଅଫ୍ ରାଉରକେଲା(ଷ୍ଟାର)ର ସାଧାରଣ ପରିଷଦ ବୈଠକ ସଙ୍ଗଠନ ସଭାପତି ସନ୍ତୋଷ ବେହେରାଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବେହେରା ରାଉରକେଲା ଇସ୍ପାତ କାରଖାନା ସମେତ ସେଲର ଅନ୍ୟ ୟୁନିଟରେ ଆଇଟିଆଇ ଗ୍ରେଡ କର୍ମଚାରୀଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ୨୦୦୭ ମସିହା ପୂର୍ବରୁ ଆଟିଆଇ ପାଶ କରିଥିବା ଜଣେ ଆଶାୟୀ ଲିଖିତ, ମୌଖିକ ପରୀକ୍ଷା ସହ ମେଡିକାଲ ଟେଷ୍ଟର ସମ୍ମୁଖୀନ ହେବା ପରେ ଏସ-୩ ଗ୍ରେଡରେ ଟେକନିସିଆନ କମ ଅପରେଟର ପଦବୀରେ ନିଯୁକ୍ତି ପାଉଥିଲେ। ୧ ବର୍ଷ ଟ୍ରେନିଂ ପରେ ତାଙ୍କୁ ସ୍ଥାୟୀ କରାଯାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ନିଯୁକ୍ତି ନେଇ ନାନା କଟକଣା ଜାରି କରାଗଲା। ସେମାନଙ୍କୁ ଏସ୍-୧ ଗ୍ରେଡରେ ଟେକନିସିଆନ କମ୍ ଆଟେଣ୍ଟାଣ୍ଟ ନିଯୁକ୍ତି ମିଳିଲା। ଏଥିସହ ଟ୍ରେନିଂ ଅବଧିକୁ ବଢାଇ ୨ବର୍ଷ କରି ଦିଆଗଲା। ଜଣେ ସାଧାରଣ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତାଧାରୀ ଏସ୍-୧ ଗ୍ରେଡରେ ନିଯୁକ୍ତି ପାଉଥିବା ବେଳେ ମାଟ୍ରିକ ପରେ ଆଇଟିଆଇ ୨ବର୍ଷ ପାଠ ପଢି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ସତ୍ତ୍ୱେ ଏସ୍-୧ ଗ୍ରେଡରେ ନିଯୁକ୍ତି ପାଇବା ସଂପୂର୍ଣ୍ଣ ଅନ୍ୟାୟ ଓ ଅସାମ୍ବିଧାନିକ ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଏହି ବ୍ୟବସ୍ଥା ଦ୍ୱାରା କୁଶଳୀ କର୍ମଚାରୀଙ୍କୁ ଅପମାନିତ କରାଯାଉଛି। ସେମାନଙ୍କ ନ୍ୟାଯ୍ୟ ଦାବି ଛଡାଇ ନିଆଯାଉଛି। କେବଳ ଏତିକି ନୁହେଁ ଶ୍ରମର ମର୍ଯ୍ୟାଦା ହାନି ହେବାରେ ଲାଗିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ମାନବ ସମ୍ବଳ ଓ ଦକ୍ଷତାର ଏପରି ଦୁରୁପଯୋଗକୁ କେବେ ବରଦାସ୍ତ କରାଯିବନି ବୋଲି ବେହେରା ଦୃଢୋକ୍ତି ପ୍ରକାଶ କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଦାସ କହିଥିଲେ ଜଣେ ଆଇଟିଆଇ ପାସ୍ ଯୁବତୀ ବା ଯୁବକ ଏନସିଟିଭିଟି ସାର୍ଟିଫିକେଟ ସହ ଆପ୍ରେଣ୍ଟିସ ସମୟରେ ଅଲ ଇଣ୍ଡିଆ ଟ୍ରେଡ ଟେଷ୍ଟର ସମ୍ମୁଖୀନ ପରେ ଉତ୍ତୀର୍ଣ୍ଣ ହୋଇଥାଏ। ଦେଶ ବିଦେଶର ଅନେକ କଳକାରଖାନା ଓ ଘରୋଇ ଉଦ୍ୟୋଗରେ ଜଣେ ଆଇଟିଆଇ ଗ୍ରେଡ କର୍ମଚାରୀଙ୍କୁ ଅତି କୁଶଳୀ ମାନ୍ୟତା ପ୍ରଦାନ କରାଯାଉଛି। ଏମାନେ ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧି ନେଇ ଅପରେଶନ, ମେଣ୍ଟେନାନ୍ସ, ହାଉସ କିପିଂ, ସୁରକ୍ଷା ଆଦି କ୍ଷେତ୍ରରେ ଗୁରୁ ଦାୟିତ୍ୱ ତୁଲାଉଛନ୍ତି। ଦୁଃଖର ବିଷୟ ଏହା ଯେ କର୍ମକ୍ଷେତ୍ରରେ ଏମାନେ ସବୁବେଳେ ନିର୍ଯାତନାର ଶିକାର ହେଉଛନ୍ତି। ବିଭାଗୀୟ ଅଧିକାରୀ ଏହି ଗ୍ରେଡର କର୍ମଚାରୀଙ୍କୁ ଅକାରଣେ ଦୁର୍ବ୍ୟବହାର କରିବା ଅଭିଯୋଗ ହୋଇ ଆସୁଛି। ଏହି ଗ୍ରେଡର କର୍ମଚାରୀଙ୍କୁ ଜୁନିୟର ଅଫିସର ପ୍ରମୋଶନ କ୍ଷେତ୍ରରେ ମାତ୍ର ୧୦ ପ୍ରତିଶତ ସୁଯୋଗ ମିଳୁଛି। ଯାହା ଅତ୍ୟନ୍ତ ନଗଣ୍ୟ ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଆଗାମୀ ଦିନରେ ଏହି ପ୍ରଥାର ବିଲୋପ ନେଇ ସଂଗ୍ରାମ ଜାରି ରହିବ ବୋଲି ବେହେରାଙ୍କ ସମେତ ଅନ୍ୟମାନେ ସହମତ ହୋଇଛନ୍ତି। ଏନେଇ ୫ଦଫା ସମ୍ବଳିତ ଦାବି ପତ୍ର କେନ୍ଦ୍ର ଇସ୍ପାତ ମନ୍ତ୍ରୀ, କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ, ସେଲ ଅଧକ୍ଷ, ଆରଏସପି ସିଇଓଙ୍କ ସମେତ ଅନ୍ୟ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଏଥିସହ ଏନଜେସିଏସରେ ଭାଗ ନେଉଥିବା ସମସ୍ତ ଟ୍ରେଡ ୟୁନିୟନ ନେତାଙ୍କୁ ସାକ୍ଷାତ କରାଯାଇ ନିଜ ନ୍ୟାଯ୍ୟ ଦାବି ହାସଲ ନେଇ ବୈଠକରେ ଉପସ୍ଥିତ ଶ୍ରମିକ କର୍ମଚାରୀ ବକ୍ତ୍ର ଶପଥ ନେଇଥିବା ଏକ ବିବୃତ୍ତିରେ ଏହାର କର୍ମକର୍ତ୍ତା ସୂଚନା ପ୍ରଦାନ କରିଛନ୍ତି।

ଫଟୋରେ ଖବର

ଇସ୍ପାତ୍ ବିଦ୍ୟାଳୟର ବନ୍ଧୁ ମିଳନ ଅବସରରେ ରାଉରକେଲା ଇଣ୍ଡୋ-ଜର୍ମାନ କ୍ଲବ ପରିସରରେ ବାଲୁକା ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ କଳାକୃତୀ।



ରାଉରକେଲା କୋଣାର୍କ ସିନେମା ହଲ ନିକଟରେ ଶୀତ ବସ୍ତ୍ର ବଜାରରେ ଗ୍ରାହକଙ୍କ ଭିଡ଼।

ଆସୁଛି ଦୀପାବଳି, ରାଉରକେଲାର କୁମ୍ଭାକାରମାନେ ମାଟି ଦୀପ ତିଆରିରେ ବ୍ୟସ୍ତ।

ଧରିତ୍ରୀ
DHARITRI

ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ

ସଂକ୍ଷେପରେ

ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଫେରାର

ବଡଗାଁ,୨୯।୧୦ (ଡି.ଏନ.ଏ.)- ବଡଗାଁ ଥାନା ଅଞ୍ଚଳରେ ରହୁଥିବା ଜଣେ ରୋଗଗ୍ରସ୍ତ ମାଉସୀଙ୍କୁ ସେବା କରିବାକୁ ଆସିଥିବା ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ଦିଅର ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନାନୁଯାଇ, ପୀଡିତା ଜଣକ ମାଉସୀଙ୍କ ଘରକୁ ଆସିଥିଲେ। ୨୪ ତାରିଖ ଅପରାହ୍ନ ୧ଟାରେ ସମ୍ପର୍କୀୟ ଦିଅର ମହିଳାଙ୍କୁ ତାଙ୍କ ଘରେ ଖାଇବାକୁ କହି ଡାକି ନେଇଥିଲେ। ମହିଳା ଜଣକ ଘରକୁ ଗଲାପରେ ଦିଅର କବାଟ ବନ୍ଦ କରି ବଳାତ୍କାର କରିଥିଲେ। ଘଟଣା ସଂକ୍ରାନ୍ତରେ ପୀଡିତା ତାଙ୍କ ସମ୍ପର୍କୀୟା ଯାଙ୍କୁ କହିଥିଲେ। ପରେ ମହିଳାଙ୍କ ସ୍ୱାମୀ ଘଟଣା ସଂକ୍ରାନ୍ତରେ ଜାଣି ବଡଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ସୋମବାର ମହିଳାଙ୍କ ଡାକ୍ତରୀମାଇନା କରାଇଛି। ଅଭିଯୁକ୍ତଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଚଳାଇଛି।

ଚୋରା କୋଇଲା କାରବାର, ପୋଲିସର ଚଢ଼ାଉ

କୋଇଲା ବୋଝେଇ ଟ୍ରକ ଜବତ, ୬ ଗିରଫ

ସୁନ୍ଦରଗଡ଼,୨୯।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଥିବା କଳାହୀରା ବର୍ତ୍ତମାନ କୋଇଲା ବ୍ୟବସାୟୀଙ୍କ କବ୍‌ଜାରେ। ରାଜ୍ୟ ତଥା ପଡୋଶୀ ଛତିଶଗଡ଼ ଓ ବିହାର ଅଞ୍ଚଳର ବ୍ୟବସାୟୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଲକ୍ଷାଧିକ ଟଙ୍କା ମୂଲ୍ୟର କୋଇଲା ଚୋରା ଚାଲାଣ କରୁଥିବା ବେଳେ ଏଦିଗରେ ପୋଲିସ ପ୍ରଶାସନ ଓ ଖଣିବିଭାଗ ଅଧିକାରୀମାନଙ୍କ ଉଦାସୀନତା ମନୋଭାବକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ହେମଗିର ବ୍ଲକରେ ଏମ୍‌ସିଏଲର କୋଇଲା ଖଣି ରହିଥିବା ବେଳେ ଏହାର ପାର୍ଶ୍ୱବର୍ତ୍ତୀ ଜଙ୍ଗଲଗୁଡିକରୁ ବ୍ୟବସାୟୀମାନେ ବେଆଇନ ଭାବେ କୋଇଲା ଉତ୍ତୋଳନ କରି ଅବାଧରେ ରାଜ୍ୟ ତଥା ରାଜ୍ୟ ବାହାରକୁ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରାଙ୍କ ନିର୍ଦ୍ଦେଶକ୍ରମେ ହେମଗିର ଥାନା ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ବଲିଙ୍ଗାଫାଣ୍ଡି ଅଧିକାରୀ ପ୍ରଜ୍ଞାପ୍ରୀତମ ଜେନା ପୋଲିସ ଟିମ୍ ସହ ରବିବାର ବିଳମ୍ବିତ ରାତ୍ରିର ମୁଣ୍ଡେରଖେତ ପଞ୍ଚାୟତ ଘୋଘର ପାଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚାଲୁଥିବା ଚୋରା କୋଇଲା ଖଣି ଉପରେ ଚଢାଉ କରିଥିଲେ। ଚଢାଉ ବେଳେ ସୋମବାର ଭୋର ସମୟରେ ପୋଲିସ ଅଧିକାରୀମାନେ ୬ଜଣଙ୍କୁ ଗିରଫ କରିଥିବାବେଳେ ଚୋରାଚାଲାଣ ହେଉଥିବା କୋଇଲା ବୋଝେଇ ଏକ ୧୪ଚକିଆ ଟ୍ରକକୁ ଜବତ କରିଥିଲେ। ଜବତ ଟ୍ରକ(ନଂ.ଓଡି୧୬ଇ ୬୩୪୧) ମାଲିକ ସୁନ୍ଦରଗଡର ସରଫରାଜ ଆଲାମଙ୍କ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ପୋଲିସ ଘଟଣାସ୍ଥଳରୁ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ଅଞ୍ଚଳର ଟ୍ରକ ଡ୍ରାଇଭର ସେରୁ ଖାନ୍(୨୯), ହେକପର୍ ଏମ୍‌ଡି ଫୟାଜ୍, ଘୋଗରପାଲିର ସନ୍ତୋଷ ଖମାରୀ(୩୧), ଭଗବତିଆ ମଲ୍ଲିକ(୬୬), ଗଣପତି ଚିଟିକ(୪୦), ନରେଶ ମଲ୍ଲିକ(୨୦)। କାରବାରରେ ସମ୍ପୃକ୍ତ ମୁଖ୍ୟଙ୍କ ସମେତ ଅନ୍ୟ କେତେଜଣ ଫେରାର ହୋଇଯାଇଥିବା ପୋଲିସ କହିଛି। ଏନେଇ ହେମଗିର ଥାନା ପୋଲିସ ଏକ ମାମଲା(ନଂ.୧୩୮/୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ଗିରଫ ଅଭିଯୁକ୍ତମାନେ।(ଉପର) ଜବତ କୋଇଲା ବୋଝେଇ ଟ୍ରକ।

କୁକୁଡ଼ା ଚାଷ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

ଉନ୍ନତ କୁକୁଡ଼ା ଚାଷ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଜଗାଙ୍ଗପୁର,୨୯।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପ୍ରାଣି ଚିକିତ୍ସା କେନ୍ଦ୍ରଠାରେ ଚାଲିଥିବା ୫ ଦିନିଆ ଉନ୍ନତ କୁକୁଡ଼ା ଚାଷ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବ ରାଜଗାଙ୍ଗପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚିତ୍ତରଞ୍ଜନ ପୃଷ୍ଟେଠଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ରାଜଗାଙ୍ଗପୁର ଡାଲମିଆ ଫାଉଣ୍ଡେଶନର ଆସିଷ୍ଟାଣ୍ଟ ମ୍ୟାନେଜର ଦେବଦାସ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ବଡଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶୁକୁରାମ ମୁଣ୍ଡା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ନେବାକୁ ଆସିଥିବା ୧୬ଜଣ ମହିଳା ଏବଂ ୪ଜଣ ପୁରୁଷ ଚାଷୀଙ୍କୁ ଉନ୍ନତ କୁକୁଡା ଚାଷର ଉପକାରିତା, ବିଭିନ୍ନ ପ୍ରକାରର ରୋଗ ଓ ନିରାକରଣ, ଟିକାକରଣର ଉପାଦୟତା ସମ୍ପର୍କରେ ବୁଝାଇଥିଲେ। ପ୍ରଶିକ୍ଷଣର ତୃତୀୟ ଦିନରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରତାପ କୁମାର ଖମାରୀ ଯୋଗଦେଇ କୁକୁଡା ଚାଷ କରି ଲାଭବାନ ହେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଡା. କାର୍ତ୍ତିକ ସାହୁ, ଡା. ହିମାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ଉନ୍ନତ କୁକୁଡା ଚାଷର ଉପକାରିତା ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ପାନପୋଷଠାରେ ଥିବା ଶଶିକାନ୍ତ ସାହୁଙ୍କ କୁକୁଡା ଫାର୍ମ ପରିଦର୍ଶନ କରାଯାଇଥିବା ରାଜଗାଙ୍ଗପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଚିତ୍ତରଞ୍ଜନ ପୃଷ୍ଟେଠ ପ୍ରକାଶ କରିଥିଲେ । ରାଜଗାଙ୍ଗପୁର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଶିଳ୍ପିପ୍ରିୟା ବାର ଏବଂ କାଂସବାହାଲ ପ୍ରାଣି ଚିକିତ୍ସକ ହିତେଶ କୁମାର ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ସୁନ୍ଦରଗଡ଼ ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ

ସୁନ୍ଦରଗଡ଼ ୨୯।୧୦ (ଡି.ଏନ୍.ଏ.)

ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଜିଲା ସଂସ୍କୃତି ଅଧିକାରୀ ଅନିଲ କେରକେଟା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ସୋମବାର ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ଜୟଦୁର୍ଗା କ୍ଲବ ରଙ୍ଗାଡିପା ଓ ଏସ୍‌ଏସ୍ କ୍ଲବ ଗମାରିଡିହି ମଧ୍ୟରେ ହୋଇଥିଲା। ୧-୧ଗୋଲରେ ମ୍ୟାଚ ଡ୍ର' ହେବାରୁ ପେନାଲଟୀ ସୁଟ୍ ଆଉଟ ମାଧ୍ୟମରେ ଜୟଦୁର୍ଗା କ୍ଲବ ୩-୨ରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ମର୍ଣ୍ଣିଂଷ୍ଟାର ସୁନ୍ଦରଗଡ଼ ଏବଂ ମହୁଲପାଲି ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ ଡ୍ର' ହେବାରୁ ପେନାଲିଟୀ ସୁଟ୍ ଆଉଟ ମାଧ୍ୟମରେ ୪-୩ ଗୋଲରେ ମର୍ଣ୍ଣିଂଷ୍ଟାର ସୁନ୍ଦରଗଡ଼ ବିଜୟୀ ହୋଇଥିଲା। ସେହିପରି ତୃତୀୟ ମ୍ୟାଚରେ ଆକ୍ସନ କ୍ଲବ ସୁନ୍ଦରଗଡ଼ ୩-୦ ଗୋଲରେ ବସୁନ୍ଧରା ୟୁଥ୍ କ୍ଲବ ଡୁଡୁକାଠାରୁ ବିଜୟୀ ହୋଇଛି। ଆକ୍ସନ କ୍ଲବର ରାଜୁ ଦଣ୍ଡସେନା, ମହେଶ ପ୍ରଧାନ ଓ ସ୍ୱାଧୀନ ବଡେଇ ଗୋଲ କରିଥିଲେ। ଖେଳକୁ ରେଫରି ସୁଶାନ୍ତ ଷଣ୍ଡ, କ୍ଷେତ୍ରମଣି ଦେହେରୀ, ସୁଶୀଲ ପଟେଲ, ସନ୍ୟାସୀ ମୁଣ୍ଡା, ଦେବେନ୍ଦ୍ର କିଷାନ, ନିତ୍ୟାନନ୍ଦ ମେହେର, ଚିତ୍ତରଞ୍ଜନ ସେଠ, ପ୍ରଦୀପ ପ୍ରଧାନ ପରିଚାଳନା କରିଥିଲେ। ଜାତୀୟ ରେଫରି ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

ଭାଜପାର ବିକ୍ଷୋଭ, ଦାବିପତ୍ର ପ୍ରଦାନ

ସୁନ୍ଦରଗଡ଼,୨୯।୧୦ (ଡି.ଏନ୍.ଏ.)

ମରୁଡ଼ି ଘୋଷଣା ଦାବି

ସୁନ୍ଦରଗଡ଼ ସଦର ବ୍ଲକ ଓ ପୌରାଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣ ସହ ନବୀନ ସରକାରଙ୍କ ବହିଷ୍କାର ଦାବିରେ ଭାଜପା ପକ୍ଷରୁ ସ୍ଥାନୀୟ ଡିଆର୍‌ଡିଏ ଛକଠାରେ ଆନ୍ଦୋଳନ କରାଯାଇଥିଲା । ପରେ ସଦର ବ୍ଲକ ବିଡିଓ ଏବଂ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଡିଆରଡିଏ ଛକଠାରେ ଅନୁଷ୍ଠିତ ସଭାରେ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର, ଅନୁସୂଚିତ ଜାତି ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ୍ ତନ୍ତୀ, ଜିଲାପରିଷଦ ସଭ୍ୟ କାର୍ତ୍ତିକ ମାଝି, ମଣ୍ଡଳ ସଭାପତି ଯଶୋବନ୍ତ ନାଏକ, ସିମେଶ୍ୱର ଲରିଆ, ହେମନ୍ତ କିଷାନ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, କାଉନସିଲର ହିମାଂଶୁ ଶେଖର ଷଡଙ୍ଗୀ, ମିନା ନାଏକ, ପ୍ରଦ୍ୟୁତ ନାଏକ, ଆରତି ପଟେଲ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗଦେଇ ବର୍ତ୍ତମାନ ଦେଖାଦେଇଥିବା ମରୁଡି ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଦାବି କରିଥିଲେ। ଏଥିସହ ନବୀନ ସରକାର ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରି ବହିଷ୍କାର ଦାବି କରିଥିଲେ। ଦାବିପତ୍ରରେ ସୁନ୍ଦରଗଡ଼ ସଦର ବ୍ଲକ ଓ ପୌରାଞ୍ଚଳକୁ ମରୁଡି ଘୋଷଣା, କୃଷିରଣ ଛାଡ, ଚାଷୀମାନଙ୍କୁ ବୀମାଭୁକ୍ତ ଓ ଆଗାମୀ ଖରିଫ ଓ ରବିଚାଷ ପାଇଁ ପର୍ଯ୍ୟାପ୍ତ ପରିମାଣରେ ସାର, ବିହନ ଓ କୀଟନାଶକ ଔଷଧ ଯୋଗାଇଦେବା, ଜଳସେଚନ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଯୋଗାଇ ଦେବା ସହ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ବିଫଳ ବିଜେଡି ସରକାର ବର୍ତ୍ତମାନ ବିଭିନ୍ନ ପିସି କାରବାରରେ ଲିପ୍ତ ହୋଇ ସୁଶାସନ ଦେବାରେ ବିଫଳ ହୋଇଥିବା ଦର୍ଶାଯାଇଛି। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ପ୍ରସ୍ତାବିତ ଭେଡାବାହାଲ ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ କାର୍ଯ୍ୟକାରୀ କରିବା, ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଆଦି ଦାବି କରାଯାଇଛି।

ସୁନ୍ଦରଗଡ଼ ଜିଲା ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ବଣାଇଁ,୨୯।୧୦ (ସ୍ୱ.ପ୍ର.)

ବିଜେଡି ପକ୍ଷରୁ ସୋମବାର ବଣାଇଁ ସଦର ମହକୁମାଠାରେ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଦଯାତ୍ରାରେ ବିଜେଡି କର୍ମୀ ଯୋଗଦେଇଥିଲେ। ବଣାଇଁ ରାଜାଧରଣୀଧର ବହୁମୁଖୀ ଖେଳ ପଡ଼ିଆରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ବଣାଇଁ ବିଜେଡି ବ୍ଲକ ସଭାପତି ରଘୁନାଥ ସାହୁ, ସ୍ୱତନ୍ତ୍ର ବିକାଶ ପରିଷଦ ସଭ୍ୟ ରଞ୍ଜିତ କିଷାନ, ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ନିର୍ବାଚନ ମଣ୍ଡଳୀ ସଭାନେତ୍ରୀ ସରସ୍ୱତୀ ନାଏକ, ବିଜେଡି ମୁଖପାତ୍ର ସୁନ୍ଦରମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନହିତକର କାର୍ଯ୍ୟ ଆଲୋକପାତ କରିଥିଲେ।

କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର

ଲେଫ୍ରିପଡ଼ା,୨୯।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ପ୍ରାଣୀ ଚିକିତ୍ସାଳୟଠାରେ କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମରୁ ଆସିଥିବା ଚାଷୀମାନଙ୍କୁ କୁକୁଡା ଚାଷ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଦର୍ଲିପାଲି ପ୍ରାଣୀଚିକିତ୍ସା କେନ୍ଦ୍ର ପ୍ରାଣୀ ଚିକିତ୍ସକ ଡା.ହୃଷୀକେଶ ମହାଳିକ ଉପସ୍ଥିତ ରହି କୁକୁଡା ଚାଷ ଏବଂ ଏହାର ଲାଭ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିଥିଲେ। ଡା.ହରିହର ଧୂଆ ପରିଚାଳନା କରିଥିଲେ।

ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

ମରୁଡ଼ି ଘୋଷଣା ଦାବିରେ ଚାଷୀ ସମାବେଶ

■ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଡଗାଁ,୨୯।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଭାଜପା ପକ୍ଷରୁ ଚାଷୀ ସମାବେଶ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଚାଷୀମାନେ ଡାକ ବଙ୍ଗଳା ପରିସରରେ ସମବେତ ହୋଇଥିଲେ। ଏହି ଅବସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ବାଗ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଞ୍ଚଳରେ ମରୁଡି ପରିସ୍ଥିତି ଉପୁଜିଥିବା କହିଥିଲେ। ଏନେଇ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାର ଚାଷୀଙ୍କୁ ସବୁବେଳେ ଅବହେଳା କରୁଥିବା ଅଭିଯୋଗ କରିଥିଲେ। ଶତାଧିକ ଚାଷୀ ପାଳ (ପୁଆଳ) ହୋଇଯାଇଥିବା ଧାନ କେଣ୍ଡା ଧରି ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା ପରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ତହସିଲଦାର ସୋନାଲି ଚାନ୍ଦ ଓ ଏବିଡିଓ ଚୋକା ଓରାମଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କୃଷକ ନେତା ପ୍ରଫୁଲ୍ଲ ବିଶି, ଗଣେଶ ରାମ ସିଂ ଠାକୁର ଚଳିତ ବର୍ଷ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରି ଚାଷୀଙ୍କୁ ବୀମା ଅର୍ଥ ଦେବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଭାଜପା କର୍ମକର୍ତ୍ତା ଭଗବାନ ବାରିକ, ଶିଶିର ରାଉତରାୟ, ବସନ୍ତ ସାହୁ, ଦିଲୀପ ସେନାପତି, ସତ୍ୟବାନ ବିଶି, ପ୍ରତାପ ମହାପାତ୍ର, ପ୍ରଫୁଲ୍ଲ ବାରିକ, ଟିକାନନ୍ଦ ଜୟପୁରିଆ, ଅଖିଳ ବେହେରା, ଶିବଶଙ୍କର ସେଠ, ପିଣ୍ଟୁ ହୋତା, ବାବୁଲି କର୍ସେଲ ପ୍ରମୁଖ ଯୋଗଦେଇଥିଲେ।

ରାଜଗାଙ୍ଗପୁରକୁ ମରୁଡ଼ି ଘୋଷଣା ଦାବିରେ ସ୍ମାରକପତ୍ର

ରାଜଗାଙ୍ଗପୁର,୨୯।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳ ସମେତ ବ୍ଲକ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହ ଅନ୍ୟାନ୍ୟ ୭ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଜଗାଙ୍ଗପୁର ତହସିଲଦାର ଦାୟିତ୍ୱରେ ଥିବା ବିଡିଓଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଭାଜପା ପକ୍ଷରୁ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଗିରିସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସୋମବାର ଭାଜପା କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି କୃଷକଙ୍କ ପ୍ରତି ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରିଥିଲେ। ଅଞ୍ଚଳକୁ ମରୁଡି ଘୋଷଣା ଦାବି କରିବା ସହ କୃଷି ଋଣ ଛାଡ, ଆଗାମୀ ଖରିଫ ଚାଷ ପାଇଁ ଚାଷୀଙ୍କୁ ମାଗଣାରେ ସାର, ବିହନ, କୀଟନାଶକ ପ୍ରଦାନ, ଜଳସେଚନ ଓ ପାନୀୟ ଜଳ ଯୋଗାଣ, ଖାଲି ପଡିଥିବା ଶିକ୍ଷକ, ଡାକ୍ତର ପଦବୀ ପୂରଣ, ରାସ୍ତା ମରାମତି, ପିସି କାରବାରର ବନ୍ଦ କରିବା, ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଦାବି ନେଇ ରାଜଗାଙ୍ଗପୁର ବିଡିଓ ତଥା ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଭାଜପାର ମହେନ୍ଦ୍ର ମାଝି, ଉପେନ୍ଦ୍ର ପ୍ରଧାନ, ଶ୍ରୀଧର ସ୍ୱାଇଁ, କୁଲଦୀପ ସିଂ, ନରସିଂହ ମିଞ୍ଜ, ସୁରେନ୍ଦ୍ର ଦେହୁରି, ସୁଭଦ୍ରା ରାଉତ, ମିନା ଠାକୁର, ମାଖୁ ଟପ୍ପୋ, ସତ୍ୟନାରାୟଣ ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୧୮

ସୁନ୍ଦରଗଡ଼,୨୯।୧୦ (ଡି.ଏନ୍.ଏ.)

ଜିଲାସ୍ତରୀୟ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୧୮ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ତଥା ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭାସ୍କର ଚନ୍ଦ୍ର ଡୁରୁକ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଗତ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଜନସାଧାରଣଙ୍କ ପ୍ରତି ସମବେଦନା ଜଣାଇ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିରିକ୍ତ ଜିଲାପାଳ ଡୁରୁକ ବକ୍ତ୍ୟବରେ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ଜନସାଧାରଣଙ୍କୁ ସତର୍କ ରହିବାକୁ କହିବା ସହ ବିଭିନ୍ନ ସୂଚନା ପାଇଁ ଗଣମାଧ୍ୟମର ସହାୟତା ନେବାକୁ କହିଥିଲେ। ସଭାରେ ଉପଜିଲାପାଳ ସଦର ବିରସେନ ପ୍ରଧାନ ଯୋଗଦେଇ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିପର୍ଯ୍ୟୟ ସହାୟତା ପହଞ୍ଚାଇବା ପାଇଁ କଲେଜ ଛାତ୍ରୀଛାତ୍ରମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ସହାୟତା କରିପାରିବା ସେ ସମ୍ପର୍କରେ ଏକ ଗୋଷ୍ଠୀସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଓଡ୍ରାଫ୍‌ର ଏକ ୧୫ ଜଣିଆ ଟିମ୍ (ଓଏସ୍‌ଏପି ୪ର୍ଥ ବାଟାଲିୟନ) ରାଉରକେଲା ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ପ୍ରାଥମିକ ଚିକିତ୍ସା ସହାୟତା ଓ ଉଦ୍ଧାର କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ଏପରି କି ସରକାରଙ୍କ ଦ୍ୱାରା ଦିଆଯାଇଥିବା ଅତ୍ୟାଧୁନିକ ଉଦ୍ଧାର ସରଞ୍ଜାମ ସମ୍ବନ୍ଧରେ ଏକ ପ୍ରଦର୍ଶନ ରଖାଯାଇଥିଲା। ଓଡ୍ରାଫ୍ ହାବିଲଦାର ବିଜୟ କୁମାର ସାହୁ ଏହାର ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଇନ୍ଦିରା ନାଏକଙ୍କ ସହ କଲେଜର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ, ଜିଲା ଜରୁରୀ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ସମ୍ପାଦିତ ହୋଇଥିଲା।

ଜିଲାସ୍ତରୀୟ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

ଏକାଠି ହେଲେ ୪ ପଞ୍ଚାୟତର ଚାଷୀ

ଲଖନପୁର,୨୯।୧୦(ଡି.ଏନ୍.ଏ.)

ଚଳିତବର୍ଷ ଝାରସୁଗୁଡ଼ା ଜିଲାରେ ଅଳ୍ପ ବର୍ଷା ଯୋଗୁ ଲଖନପୁର ବ୍ଲକ୍ ଅଞ୍ଚଳରେ ମରୁଡ଼ିର ପଦଧ୍ୱନି ଦେଖାଦେଇଛି । ଫଳରେ ଶତାଧିକ ଏକର ଧାନଫସଲ କ୍ଷତିଗ୍ରସ୍ତ ହୋଇଛି । ଏନେଇ କ୍ଷତିଗ୍ରସ୍ତ ଚାଷୀ ମୁଣ୍ଡରେ ହାତଦେଇ ବସିଛି । ଚାଷ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଚାଷୀ ସେବା ସମବାୟ ସମିତି ମାଧ୍ୟମରେ ଶସ୍ୟବୀମା କରିଛନ୍ତି । ଆଶା ରଖିଛନ୍ତି ମରୁଡି କ୍ଷୟକ୍ଷତି ବୀମାରାଶି ସାଙ୍ଗକୁ ବିଭିନ୍ନ ସରକାରୀ ସହାୟତା ପାଇବା ପାଇଁ । କିନ୍ତୁ ସରକାର ମରୁଡ଼ି ଆକଳନ ବ୍ୟବସ୍ଥାରେ ସ୍ୱଚ୍ଛତା ନ ରଖି କ୍ଷତିଗ୍ରସ୍ତ ଚାଷୀଙ୍କୁ ଶୋଷଣ ପାଇଁ ବୀମା କମ୍ପାନୀ ସହିତ ସାଲିସ୍ କରିଛନ୍ତି ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି । ଏନେଇ ଚାଷୀମାନେ ଜିଲା ପ୍ରଶାସନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏନେଇ ଚାଷୀମାନେ ତହସିଲ, ବ୍ଲକ୍, ଆର୍ଆଇ ଅଫିସ୍ ସମ୍ମୁଖରେ ଧାରଣାଦେବା ସହିତ ରାସ୍ତା ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି ।

ଏଭଳି ସ୍ଥିତିରେ ସରକାରଙ୍କ ମରୁଡ଼ି ଆକଳନ ବ୍ୟବସ୍ଥାକୁ କଡା ବିରୋଧକରି ଲଖନପୁର ବ୍ଲକ୍ କୁଡାଲୋଇ ପଞ୍ଚାୟତ ରାଜୀବ ଭବନ ପରିସରରେ ସୋମବାର ଚାଷୀ ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲଖନପୁର,ପିପିଲିମାଲ,ବଞ୍ଜାରୀ ଓ କୁଡାଲୋଇ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇଥିଲେ । ଏଥିମଧ୍ୟରେ ବିରଞ୍ଚି ସାହୁ, ଗୋପୀନାଥ ମାଝି, ଯୋଗେନ୍ଦ୍ର ମାଝି, ବେଣୁଧର ଭୋଇ, ଲାଲ୍‌ବାହାଦୂର ବାଇପାଇ, ସରପଞ୍ଚ କିଶୋରୀ ଦଳେଇ, ସମିତି ସଭ୍ୟ ଗୁଣନିଧି ଡନସନା, ଦୟାସାଗର ପ୍ରଧାନ, ଫକୀର ଖାନ୍, ବିନୋଦ ବିହାରୀ ମାଝି, ଟିକେଶ୍ୱର ପ୍ରଧାନ,ଅକ୍ଷୟ ସା, ରାଧାକାନ୍ତ ବିଶ୍ୱାଳ, ତୋଫାନ ପ୍ରଧାନ, ଅଲେଖଚନ୍ଦ୍ର ସାହୁ ଓ ଥାନେଶ୍ୱର ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏସବୁ ପଞ୍ଚାୟତରେ ଦେଖାଦେଇଥିବା ମରୁଡ଼ିକୁ ନେଇ କ୍ଷତିଗ୍ରସ୍ତ ଚାଷୀମାନଙ୍କ ତରଫରୁ

କୁଡାଲୋଇ ପଞ୍ଚାୟତ ରାଜୀବ ଭବନରେ ଚାଷୀମାନେ ଏକତ୍ରିତ ହୋଇଛନ୍ତି ।

- **ସେଟ୍‌ଲାଇଟ୍ ବ୍ୟବସ୍ଥାକୁ ବିରୋଧ**
- **ଅର୍ଥନୈତିକ ଅବରୋଧ ପାଇଁ ଚେତାବନୀ**
- **ବୀମା କମ୍ପାନୀ ସହିତ ସରକାରଙ୍କ ସାଲିସ**

ଗତ ୧୫ତାରିଖରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି । ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ସେଟ୍‌ଲାଇଟ୍ ମାଧ୍ୟମରେ ମରୁଡ଼ି କ୍ଷତିଗ୍ରସ୍ତ ଧାନଫସଲ କ୍ଷେତ ଚିହ୍ନଟ କରାଯାଉଛି । ଏଥିମଧ୍ୟରେ ଯେଉଁ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ରହିଛି ସେହି ଧାନକ୍ଷେତକୁ ସେଟ୍‌ଲାଇଟ୍ ମାଧ୍ୟମରେ ଚିହ୍ନଟ କରାଯାଉଛି । ଫଳରେ ମରୁଡ଼ି କ୍ଷୟକ୍ଷତି ଆକଳନରେ ସ୍ୱଚ୍ଛତା ରହୁନାହିଁ । ଏଥିପାଇଁ ଆଖପାଖ ଅଞ୍ଚଳର ଚାଷୀ ବୀମାରାଶି ଓ ବିଭିନ୍ନ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାର ଉଦାହରଣ ବଞ୍ଜାରୀ ପଞ୍ଚାୟତ ଗ୍ରୀଣ୍ଡୋଲା ଗ୍ରାମର ଚାଷୀ ସତ୍ୟାନନ୍ଦ ସା(ଖାତା ନଂ.୯୯ ଓ ୬୫୬ପ୍ଲଟ୍) ମାହାଲ କିସମ ଜମିରେ ଧାନଫସଲ କରିଛନ୍ତି । ଏହି ଜମି ମାହାଲ ଜମି ହୋଇଥିଲେ ମଧ୍ୟ ଏହା ଗ୍ରାମର ବାର୍‌ହାମୁଡା ଜଳାଶୟ ନିକଟରେ ରହିଥିବାରୁ ପମ୍ପରେ ପାଣି ଉଠାଇ ଚାଷୀ ସତ୍ୟାନନ୍ଦ ଧାନ ଫସଲକୁ ମରୁଡିରୁ ବଞ୍ଚାଇଛନ୍ତି । ଏହି ଧାନ କ୍ଷେତକୁ ଲାଗି ଶତାଧିକ ଏକର ଧାନ ଫସଲ ପାଣି ଅଭାବରୁ ମରି ଯାଇଛି । ସେଟ୍‌ଲାଇଟ୍ ହିସାବରେ ସତ୍ୟାନନ୍ଦଙ୍କ ଚାଷଜମିକୁ ମରୁଡ଼ି ଆକଳନ ପାଇଁ ଚିହ୍ନଟ କରାଯାଇଛି। ସରକାରଙ୍କ ଏହି ସେଟ୍‌ଲାଇଟ୍ ବ୍ୟବସ୍ଥାକୁ ଚାଷୀ କଡା ବିରୋଧ କରିଛନ୍ତି । ଏନେଇ ଅସନ୍ତୋଷ ଚାଷୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ବୀମାକମ୍ପାନୀ ଓ ସରକାରଙ୍କ ମଧ୍ୟରେ ସଲାସୁତୁରା ରହିଛି। ଯାହାଫଳରେ ଚାଷୀ ଶୋଷଣ ହୋଇ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଚାଷୀ ବିରୋଧକରି ଦାବି ହାସଲ କରିବା ପାଇଁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ନିର୍ଦ୍ଦଳୀୟ ଭାବେ ଚାଷୀ ସମାଜ ଲଢେଇ କରିବ । ଏହାକୁ ଆଗକୁ ନେବା ପାଇଁ ୪ ପଞ୍ଚାୟତର ଚାଷୀମାନଙ୍କ ମଧ୍ୟରୁ ୪୨ଜଣ ଚାଷୀଙ୍କୁ ନେଇ ଏକ କମିଟି ଚୟନ କରାଯାଇଛି । ଆସନ୍ତା ୯ ତାରିଖ ମଧ୍ୟରେ ଜିଲାପ୍ରଶାସନ ଏଦିଗରେ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତା'ହେଲେ ଆଗାମୀ ଦିନରେ ଚାଷୀମାନେ ୪୯ନଂ. ଜାତୀୟ ରାଜପଥ ଉପରକୁ ଆସି ଅର୍ଥନୈତିକ ଅବରୋଧ କରିବେ। ଏନେଇ ଯଦି କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ତା'ହେଲେ ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଚାଷୀ କମିଟି ଚେତାବନୀ ଦେଇଛି ।

ସଂକ୍ଷେପରେ

ବଢେଇମୁଣ୍ଡା ସ୍ୱାର୍ଥ ପାଇଁ ଲଢ଼ିବ ଆଞ୍ଚଳିକ ସୁରକ୍ଷା ସମିତି

ଝାରସୁଗୁଡ଼ା ଅଫିସ,୨୯।୧୦- ଝାରସୁଗୁଡ଼ା ସହରାଞ୍ଚଳ ବଢେଇମୁଣ୍ଡା ଦେଇ ଭାରିଯାନ ଚଳାଚଳକୁ ବିରୋଧ କରିବା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇଦେବା ଭଳି ଦାବିକୁ ପ୍ରଶାସନ ନିକଟରେ ପହଞ୍ଚାଇବା ଲାଗି ସୋମବାର ବଢେଇମୁଣ୍ଡା ଆଞ୍ଚଳିକ ସୁରକ୍ଷା ସମିତି ଗଠନ କରାଯାଇଛି। ଏହି ସମିତି ପ୍ରଶାସନ ନିକଟରେ ଭାରିଯାନ ଚଳାଚଳ ପାଇଁ ବିକଳ୍ପ ରାସ୍ତା, ଯାନବାହାନର ଗତି ହ୍ରାସ, ସକାଳ ୬.୩୦ରୁ ୮.୩୦ ଏବଂ ମଧ୍ୟାହ୍ନ ୧ରୁ ୩ ଗାଡି ଚଳାଚଳ ବନ୍ଦ, ଗାଡି ଚଳାଚଳ ରାସ୍ତାରେ ପାଣି ସିଞ୍ଚନ, ବଢେଇମୁଣ୍ଡା ଛକର ଟ୍ରାଫିକ୍ ପୋଷ୍ଟ ନିର୍ମାଣ, ରାସ୍ତା ସମ୍ପ୍ରସାରଣ, ଷ୍ଟ୍ରିଟ୍ ଲାଇଟ୍, ସୁରକ୍ଷାକର୍ମୀ ମୁତୟନ ଭଳି ଦାବି ଉପସ୍ଥାପନ କରିଛି। ଏନେଇ ଏକ ସ୍ମାରକପତ୍ର ଜିଲା ପ୍ରଶାସନକୁ ଦିଆଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସମିତି ସଭାପତି ଶୈଳେନ୍ଦୁ ଭୂଷଣ ମହାନ୍ତି, ଉପସଭାପତି ସୁଶିଲ ପ୍ରଧାନ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦେହେରିଆ, ବେଣୁଗୋପାଳ ପାଣିଗ୍ରାହୀ, ରବିନ୍ ପାଣ୍ଡେ, ମଦନ ହାତୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

ହୀରାକୁଦ ବିସ୍ଥାପିତଙ୍କୁ କ୍ଷତିପୂରଣ ଅର୍ଥ ବିତରଣ

ଝାରସୁଗୁଡ଼ା ଅଫିସ,୨୯।୧୦

ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଲୋକଙ୍କୁ ସୋମବାର କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଛି। ଦୀର୍ଘ ୬୦ ବର୍ଷ ପରେ ଏହି କ୍ଷତିପୂରଣ ପ୍ରଦାନ କରାଯାଇଛି। କ୍ଷତିପୂରଣ ବାବଦରେ ସିଂହାବଗା ଗାଁର ୫ ପରିବାରର ୩୮ ଜଣ ସଦସ୍ୟଙ୍କୁ ୫୫୯୮୦ ଟଙ୍କା ପ୍ରଦାନ କରାଯାଇଛି। ତହସିଲ କର୍ମଚାରୀ କ୍ଷତିଗ୍ରସ୍ତ ପରିବାରଙ୍କ ଘର ଘର ବୁଲି କ୍ଷତିପୂରଣ ପ୍ରଦାନ କରିଥିଲେ। ଝାରସୁଗୁଡ଼ା ତହସିଲଦାର ଦିଲୀପ ପ୍ରଧାନ, ଅତିରିକ୍ତ ତହସିଲଦାର ଗୋଲକ ବିହାରୀ ମଙ୍ଗରାଜ, ଅକ୍ଷୟ ବାଗ୍, କ୍ୟାଶିୟର ବ୍ରଜମୋହନ ପ୍ରଧାନ, ରାଜସ୍ୱ ନିରୀକ୍ଷକ ଅନିମା ପଟେଲ, ଶମ୍ଭୁ ଗୋଚ୍ଛାୟତ, ଶେଖର ସାହୁ, ଭୂବନ ପ୍ରଧାନ ପ୍ରମୁଖ ଚେକ୍ ପ୍ରଦାନ କରିଥିଲେ।

ଗଣ୍ଡଘୋରା ରାସ୍ତାରେ ଡକାୟତି

ବ୍ରଜରାଜନଗର, ୨୯।୧୦ (ଡି.ଏନ.ଏ.)

ଝାରସୁଗୁଡ଼ା ବ୍ରଜରାଜନଗର ଥାନା ଖଲିଆକାନୀ ଗଣ୍ଡଘୋରା ରାସ୍ତାରୁ ଡକାୟତି ହୋଇଥିବା ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି । ଥାନା (କେଶ ନଂ. ୨୩୮) ମାମଲା ରୁଜୁ କରି ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ଆଶୁତୋଷ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ରବିବାର ରାତ୍ରି ୯ଟା ସମୟରେ ଉକ୍ତ ରାସ୍ତାରେ ଆସୁଥିବା ସମୟରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ୫ ହଜାର ଟଙ୍କା ସହ ଜିନିଷ ପତ୍ର ଛଡାଇ ନେଇ ଫେରାର ହୋଇଯାଇଥିଲେ।

ଅତିଥିଙ୍କ ଦ୍ୱାରା ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ

ଲହୁଣୀପଡ଼ା,୨୯।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅଧୀନ ହଳଦୀକୁଦରଠାରେ ରବିବାର କହ୍ନେଇ ସ୍ମୃତିପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହଳଦୀକୁଦର ସରପଞ୍ଚ ପୂର୍ଣ୍ଣିମା ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଡା.କମଳାକାନ୍ତ ମାହାନ୍ତ, ଅନାଦୀ ମାହାନ୍ତ, ମୁଖ୍ୟବକ୍ତା ଭାବେ ରତ୍ନାକର ଧଳ ଯୋଗ ଦେଇଥିବାବେଳେ ବିରଞ୍ଚି ନାରାୟଣ ବେହେରା ଅଧକ୍ଷତା କରିଥିଲେ। ଦୁବରାଜ ମାହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । କହ୍ନେଇ ସ୍ମୃତି ପାଠାଗାର ଆୟୋଜନରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ବିଭିନ୍ନ ଜିଲାର କବି, କଳାକାର ଯୋଗ ଦେଇଥିଲେ। ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସାହିତ୍ୟ ସଂସଦ, ପାଠାଗାର ପ୍ରତିଷ୍ଠା କରାଯାଇ ସାହିତ୍ୟ ସଂସ୍କୃତିର ସୁରକ୍ଷା କରାଯିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କହ୍ନେଇ ସ୍ମୃତିପାଠାଗାର ମୁଖପତ୍ର 'ସୃଷ୍ଟି' ଏବଂ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ରଚିତ କବିତା ସଂକଳନ 'ମହକ' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୦ଜଣ ସାହିତ୍ୟିକ, କଳାକାରଙ୍କୁ କହ୍ନେଇ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ନେହଲତା ରଣା ଓ ଦୁବରାଜ କିଷାନଙ୍କ ସଂଯୋଜନାରେ କବିତା ପାଠଉତ୍ସବ ଅନୁଷ୍ଠିତ ହୋଇଥିଲା । ଗୋପନା ଶିଶୁ ସଂସ୍କାର ମନ୍ଦିର ଓ ହଳଦିକୁଦର ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ତ୍ରିଲୋଚନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ପଞ୍ଚାୟତସ୍ତରୀୟ ଶିଶୁମେଳା କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୯।୧୦(ଡି.ଏନ୍.ଏ.)

ସାମାଜିକ ଅନୁଷ୍ଠାନ ସିଆଇଆର୍‌ଟିଡି ସୁନ୍ଦରଗଡ଼ ଆନୁକୂଲ୍ୟରେ ବେହେରାଡିହି ପଞ୍ଚାୟତ ବ୍ରାହ୍ମଣମୋରା ଓ କୁଶୁମୁରା ପଞ୍ଚାୟତର ଝାରେନମାଲରେ ଶିଶୁମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କ ମଧରେ ଚିତ୍ରାଙ୍କନ, ଚୌକିବସା, ବସ୍ତାଡିଆଁ, ସ୍ଲୋ ସାଇକେଲ ରେସ୍, ୨୦୦ମିଟର ଦୌଡ, ଅଣଚାଷ ଖାଦ୍ୟ ସମ୍ବନ୍ଧରେ ରଚନା ଲିଖନ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ମୁଖିଆ, ୱାର୍ଡମେମ୍ବର, ଆଠକୋଶିଆ ଜନସଂଗଠନ ସଭ୍ୟା,ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବ୍ରାହ୍ମଣମରାଠାରେ କେନ୍ଦାଯୋର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦଶରୁ ମୁଣ୍ଡା, ଝରେନମାଲଠାରେ ଗ୍ରାମ ଲିଡର ଭିନସେଣ୍ଟ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

ସାନ୍ତାଳ ସମାଜର ସାହିତ୍ୟ, ସଂସ୍କୃତି ଉପରେ ଗୁରୁତ୍ୱ

ରାଉରକେଲା ଅଫିସ,୨୯।୧୦

ମାଝି ପାରଗାନା ପକ୍ଷରୁ ବୈଠକ

ରାଉରକେଲା ମାଝି ପାରଗାନା ମାଡୱା ଆନୁକୂଲ୍ୟରେ ଟାଙ୍ଗରପାଲି ସ୍କୁଲ ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଲଖୁ ମାଝି ଅଧକ୍ଷତା କରିଥିଲେ। ଡ. ସିଦ୍ଧେଶ୍ୱର କିସ୍କୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାନ୍ତାଳ ସମାଜର ସ୍ୱଶାସନ, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ନେଇ ଏଥିରେ ଆଲୋଚନା କରାଯାଇଥିଲା। ଅନ୍ଧ ବିଶ୍ୱାସ ଛାଡି ବୈଜ୍ଞାନିକ ମନୋଭାବ, ଚେତନାକୁ ଅଗ୍ରାଧିକାର ଦେବା ଓ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବା ନେଇ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଶେଷକରି ମହିଳାଙ୍କୁ ତାଙ୍କ ଅଧିକାର ଓ ଉପଯୁକ୍ତ ସମ୍ମାନ ଦେବା ନେଇ ଉପସ୍ଥିତ ମାଝି(ଗ୍ରାମ ପ୍ରଧାନ)ମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ହୁଦାରାମ ଟୁଡୁଙ୍କୁ ରାଉରକେଲା ପୀଡ ପାରଗାନା ଭାବେ ମନୋନୀତ କରାଯାଇଥିଲା। ରାଉରକେଲା ଘାଟ ପାରଗାନା ସାଲଖୁ ମାଝି ହୁଦାରାମଙ୍କୁ ପାରମ୍ପରିକ ପଗଡି ପିନ୍ଧାଇ ସ୍ୱାଗତ କରିଥିଲେ। ଏଥିସହ ଯୁଗ୍ମ ପାରଗାନା ବୁଡାନ ମାର୍ଣ୍ଡି ଓ ଗଡେତ ଫୁରମାଲ ହାଁସଦାଙ୍କୁ ଆଗାମୀ ୩ ବର୍ଷ ପାଇଁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ସିଦ୍ଧେଶ୍ୱର କିସ୍କୁ, ଡ. ଦେବରାଜ ହାଁସଦା, ଡ. ଏମ ମୁର୍ମୁ, ଇଂ. ସୁନାରାମ ସୋରେନ, ପୀତାମ୍ବର ହାଁସଦା, ରାମଚନ୍ଦ୍ର ଟୁଡୁ, ଦୁଖିଆ ମାର୍ଣ୍ଡି, ନରେନ୍ଦ୍ର ହେମ୍ବ୍ରମ, ରତିକାନ୍ତ ହେମ୍ବ୍ରମ, ଅର୍ଜୁନ ମୁର୍ମୁ, ଅନ୍ତ ହାଁସଦା ଓ ସାଲଖୁ ମାଝିଙ୍କୁ ମନୋନୀତ କରାଯାଇଛି। ବୈଠକରେ ମାଝି ଗମକେ ଶ୍ୟାମ ହେମ୍ବ୍ରମ, ପିତାମ୍ବର ମୁର୍ମୁ, ସୁରାଇ ମୁର୍ମୁ, ମଙ୍ଗଳ ଟୁଡୁ, ସାଇବା ମାର୍ଣ୍ଡି, ପୀଥନାଥ ଟୁଡୁ, ରବିଶଙ୍କର ମାଝି, ଜିତରାଇ ମୁର୍ମୁଙ୍କ ସମେତ ବାଇଧର ସୋରେନ, ଚାନ୍ଦୁରାମ ମୁର୍ମୁ, ଗୁମନା ମୁର୍ମୁ, ଶଙ୍କର ଟୁଡୁ, ନରସିଂ ମୁର୍ମୁ, ଚମ୍ପାଇ ଟୁଡୁ ଓ ବୁଧରାଇ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା ଉପକାରାଗାରରେ କ୍ୟାମ୍ପ କୋର୍ଟ

ଜାମିନରେ ଗଲେ ୬୨ ବିଚାରାଧୀନ ବନ୍ଦୀ

ଝାରସୁଗୁଡ଼ା ଅଫିସ,୨୯।୧୦

ଓକିଲ ଆନ୍ଦୋଳନ ଯୋଗୁ ରାଜ୍ୟର ବିଭିନ୍ନ ଜେଲ ଏବଂ ସବ୍-ଜେଲ ଭର୍ତ୍ତି ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକ୍ରମେ ସୋମବାର ଝାରସୁଗୁଡ଼ା ଉପକାରାଗାରରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ଏସ୍‌ଡିଜେଏମ୍ ବିଶେଷ କୁମାର ସାହୁ, ଏଡିଜେ ସୌମେନ୍ଦ୍ର କୁମାର ରାଜଗୁରୁ, ଜେଏମ୍‌ଏଫ୍‌ସି ବିଶ୍ୱଜିତ ମହାପାତ୍ର, ସିଜେଏମ୍ ମମିତା ଦାଶ, ଲଖନପୁର ଜେଏମ୍‌ଏଫ୍‌ସି ଜଜ ସୁଦୀପା ପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ଗୋପବନ୍ଧୁ ଗଡ଼ନାୟକ, ଲିଗାଲସେଲ ସେକ୍ରେଟାରୀ ଜାନକୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜାମିନ୍ ଆବେଦନର ଶୁଣାଣି କରିଥିଲେ। ଆବେଦନର ସମୀକ୍ଷା ଏବଂ ତର୍ଜମା କରାଯାଇ ସୋମବାର ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ୪୩ଟି ମାମଲାରେ ସମ୍ପୃକ୍ତ ମୋଟ ୬୨ ଜଣଙ୍କୁ ଜାମିନ୍ ପ୍ରଦାନ କରାଯାଇଛି ବୋଲି ସବ୍-ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜ୍ କହିଛନ୍ତି।

ଗୋପାଳନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଲହୁଣୀପଡ଼ା,୨୯।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ପ୍ରାଣୀ ଚିକିତ୍ସାଳୟ ପରିସରରେ ପାଞ୍ଚ ଦିନ ଧରି ଚାଲିଥିବା ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବିଭିନ୍ନ ଗ୍ରାମରୁ ଆସିଥିବା ୨୦ଜଣ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ଲହୁଣୀପଡ଼ା ବିଭିଓ ଡା. ସନ୍ତୋଷ କୁମାର ବରିହାଙ୍କ ତତ୍ତ୍ୱାବଧାନରେ ତାଲିମ ପ୍ରଦାନ କରାଯାଇଥିଲା। ବଣେଇ ଉପଖଣ୍ଡ ପ୍ରାଣି ଚିକିତ୍ସାଅଧିକାରୀ ଡା. କଳ୍ପତରୁ ସ୍ୱାଇଁ, ଜର୍ଡା ଭିଏସ୍ ଡା. ସୁବାଷ ଚନ୍ଦ୍ର ସାହୁ, ଖୁଣ୍ଟଗାଁ ଭିଏସ୍ ଡା. ଅବିନାଶ କୁମାର ପ୍ରଧାନ, ଲହୁଣୀପଡା ପ୍ରାଣୀ ଚିକିତ୍ସକ ଡା. ସୁଧାକର ବେହେରା ପ୍ରମୁଖ ଚାଷୀମାନଙ୍କୁ ଗୋପାଳନର ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ତାଲିମ ନେଇଥିବା ଚାଷୀମାନଙ୍କୁ ରାଜଗାଙ୍ଗପୁରସ୍ଥିତ ଏକ ଗାଈ ଫାର୍ମ ପରିଦର୍ଶନ କରାଯାଇଥିଲା। ତାଲିମ ପ୍ରଦାନରେ ଦୁଃଖବନ୍ଧୁ ନାଏକ, ଜଗନ୍ନାଥ ମାହାନ୍ତ, ସୁଦର୍ଶନ ମାହାନ୍ତ, ସୁବାଷ ଓରାମ, ମାନସ ମାହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

ଗୋପାଳନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଭାଜପା ପକ୍ଷରୁ ଲାଠିକଟା ବ୍ଲକ ଅଫିସ୍ ଘେରାଉ

ରାଉରକେଲା ଅଫିସ,୨୯।୧୦

ରାଜ୍ୟରେ ଦୁର୍ନୀତି ଭୟଙ୍କର ରୂପ ନେଲାଣି

ପୂର୍ବ ଘୋଷଣା ଅନୁଯାୟୀ ସୋମବାର ଲାଠିକଟା ବ୍ଲକ କାର୍ଯ୍ୟାଳୟ ଘେରିଥିଲେ ଭାଜପା କର୍ମୀ। ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଭାଜପା କର୍ମୀମାନେ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ । ବିଜେଡି ସରକାର ଦ୍ୱାରା ପିସି କାରବାର ଚାଲିଛି। ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣରେ ଏହି ସରକାର ବୁଡି ରହିଛି। ବିକାଶ ନାଁରେ ରାଜ୍ୟରେ ହରିଲୁଟ ଚାଲିଛି। ଯୋଜନା ଆଳରେ ଗରିବଙ୍କୁ ଶୋଷଣା କରାଯାଉଛି। ଲୋକେ ଆଉ ଏଭଳି ଦୁର୍ନୀତିକୁ ବରଦାସ୍ତ କରିବା ଅବସ୍ଥାରେ ନାହାନ୍ତି ବୋଲି କହିଥିଲେ ମୁଖ୍ୟ ଅତିଥି ତଥା ପୂର୍ବତନ ନଗରପାଳ ନିହାର ରାୟ। ସମ୍ମାନିତ ଅତିଥି ଦିଲୀପ ଦାସ କହିଲେ ବିଜେଡି ଏବେ ପ୍ରଚାର ସର୍ବସ୍ୱ ହୋଇପଡିଛି। ସରକାରୀ ପାଣ୍ଠିର ତୋଷରପାତ କରି କର୍ମୀ ପୋଷା ଯାଉଛି। ଗାଁ ଗହଳରେ ଦୁର୍ନୀତିର ଚେର ବହୁ ତଳକୁ ମାଡି ସାରିଲାଣି। ଏହାକୁ ନ ଉପାଡିଲେ ସାଧାରଣ ଲୋକେ ଶାନ୍ତିରେ ବଞ୍ଚି ପାରିବେ ନାହିଁ ବୋଲି ଦାସ କହିଥିଲେ। ଦଳୀୟ ମୁଖପାତ୍ର ତଥା ସମ୍ମାନୀତ ଅତିଥି ଭଗବାନ ରାଉତ କହିଲେ, ସରକାରଙ୍କ ଗାଲୁଆମୀ ଓ ବାସ୍ତବ ବିକାଶକୁ ତୁଳନା କଲେ ଦୁର୍ନୀତି କେତେ ଭୟଙ୍କର ରୂପ ନେଲାଣି ତାହା ଜଣା ପଡି ଯାଉଛି। ବିଜେଡିର ଅସାଧୁ ମନ୍ତ୍ରୀ, ଏମ୍‌ପି, ବିଧାୟକ, ନେତା, ଦାଦା ଓ ଦଲାଲାମାନେ ଚିଟ୍‌ଫଣ୍ଡ ଠାରୁ ନେଇ ଖଣି, ପାଣି, ଡାଲି ଓ ବାଲି ଦୁର୍ନିତିରେ ଛନ୍ଦିହୋଇ ପଡିଛନ୍ତି। ଗାଁ ବିକାଶ ଯୋଜନା ପାଣ୍ଠିକୁ ବିଜେଡି ଠିକାଦାର, ନେତା ଓ ସରକାରୀ କର୍ମଚାରୀମାନେ ଲୁଟିବାରେ ଲାଗିଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାରେ ରାଜ୍ୟ ହାତ ଚିକ୍‌ଣ କରୁଛି। ପ୍ରଧାନମନ୍ତ୍ରୀ ଆବାସ୍, ସ୍ୱଚ୍ଛ ଭାରତ ଅଭିଯାନ, ଗ୍ରାମ୍ୟ ସଡ଼କ ଯୋଜନା ଅର୍ଥକୁ ଦଳୀୟ ଠିକାଦାର ହାତେଇଛନ୍ତି। ବିନା ଲାଞ୍ଚରେ କାମ ହେଉନି। ସବୁ କାର୍ଯ୍ୟାଳୟରେ ଦଲାଲ ରାଜ ଚାଲିଛି। ମହିଳା ସଶକ୍ତିକରଣ ଆଜି ପ୍ରହସନରେ ପରିଣତ ହୋଇଛି ବୋଲି ରାଉତ କହିଥିଲେ। କେନ୍ଦ୍ରୀୟ ଯୋଜନା ଅର୍ଥକୁ ବାଟମାରଣା କରି ଏହାକୁ ନବୀନ ସରକାର ଦାନ ବୋଲି ଲୋକଙ୍କୁ ଭୁଆଁ ବୁଲାଯାଉଛି। ଏଭଳି ଅନୈତିକ କାର୍ଯ୍ୟରେ ବ୍ଲକର ଅସାଧୁ କର୍ମଚାରୀ ସମ୍ପୃକ୍ତ ବୋଲି ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି । ନିରୀହ ଲୋକଙ୍କ କାମ କରାଇବାରେ ବି ପିସି ଛଡା ଯାଉନି। ମୁଖ୍ୟମନ୍ତ୍ରୀ ସବୁ ଜାଣି ଚୁପ ରହିବା ରାଜ୍ୟବାସୀଙ୍କୁ ଚକିତ କରିଛି। ଦୁର୍ନୀତିରେ ହାତବାରିଶୀ ସାଜିଥିବା ବ୍ଲକ କର୍ମଚାରୀଙ୍କୁ ଉପସ୍ଥିତ ଭାଜପା ନେତା ସତର୍କ କରାଇ ଦେଇଥିଲେ। ଭବିଷ୍ୟତରେ ଏହି ପିସି ଓ ଦୁର୍ନୀତି କାରବାର ଜାରି ରହିଲେ ଆନ୍ଦୋଳନର ନିଆଁ ତେଜି ଉଠିବ ବୋଲି ଉପସ୍ଥିତ ଭାଜପା ସଭାପତି ବେହେରା କହିଥିଲେ। ପ୍ରାରମ୍ଭରେ ଦଳର ସହସ୍ରାଧିକ କର୍ମୀ ଜାତୀୟ ରାଜପଥ ନିକଟରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ବିଭିନ୍ନ ପ୍ଲା କାର୍ଡ ପ୍ରଦର୍ଶନ କରାଯାଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାଗର ତନ୍ତି, କମଳେଶ ସାହା, ଅମୃତ ଓରାମ, ସଞ୍ଜୀବ ସାହୁ, ଚମ୍ପା ମିଞ୍ଜ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅମରେଶ ଶର୍ମା ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରେଶ ମିଶ୍ର, ଝରଣା ମହାରଣା, ମନୋଜ ମହାତୋ, ଆସିଫ୍ ଇକବାଲ, ଜଗନ୍ନାଥ ବର୍ମା, ସୁନୀତା ମୋହିନୀ, ବୈକୁଣ୍ଠ ପାତ୍ର, ବିଶ୍ୱଜିତ ସାମାନ୍ତ ରାୟ, ସଞ୍ଜୟ ଭୂମିଜ, ବିମଳ ବିନ୍ଧାଣୀ ଓ ଦାମୁ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପା କର୍ମୀମାନେ ବ୍ଲକ ଅଫିସ ଘେରାଉ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮

“ ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ

ସଂକ୍ଷେପରେ

ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

ପଦ୍ମପୁର, ୨୯।୧୦ (ଡି.ଏନ.ଏ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍‌ରେ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦୌଲତ ଚନ୍ଦ୍ରକାର ଅଫିସ୍‌ର ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କରାଇଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଏହାର ଆଭିମୁଖ୍ୟ ଉପରେ ମତାମତ ରଖିଥିଲେ ।

ବିପଦସଙ୍କୁଳ ବିଦ୍ୟୁତ୍ ତାର

ଅତାବିରା, ୨୯।୧୦ (ଡି.ଏନ.ଏ): ବିଦ୍ୟୁତ ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହିନତା ପାଇଁ ବିଭିନ୍ନ ସମୟରେ ଧନଜୀବନ ନଷ୍ଟ ହେଉଛି । ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ତାର, ଟ୍ରାନ୍ସଫର୍ମର, ଖମ୍ବ ରହି ଚାରିପଟେ ଅନାବନା ଘାସଲଟାରେ ପରିପୂର୍ଣ୍ଣ ହୋଇଯାଇଥିଲେ ମଧ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ । ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଦେଶଭଟିଲି ଓ ଦେଶପର୍ଥଲା ନିକଟରେ ଥିବା ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାରକୁ ଅନାବନା ଲଟା ମାଡି ଗଲାଣି । ଖମ୍ବର ୨୨ ଫୁଟରୁ ଉର୍ଦ୍ଧ୍ୱକୁ ବିଦ୍ୟୁତ୍ ତାର ପର୍ଯ୍ୟନ୍ତ ଲଟା ମାଡିଗଲାଣି। କିନ୍ତୁ ବିଭାଗୀୟ କର୍ମଚାରୀମାନେ ସଫେଇ କରୁନାହାନ୍ତି। ବିପଦ ଆଶଙ୍କା ଥିବାରୁ ତୁରନ୍ତ ଏହାକୁ ସଫେଇ କରିବାକୁ ଦାବି ହେଉଛି ।

ଭାଗବତ ପାରାୟଣ ସପ୍ତାହ

ପଦ୍ମପୁର, ୨୯।୧୦ (ଡି.ଏନ.ଏ): ପଦ୍ମପୁର ହନୁମାନ ମନ୍ଦିରପଡା ମହିଳା ଭାଗବତ କମିଟିର ଆୟୋଜନରେ ହନୁମାନ ମନ୍ଦିରରେ ଗତ ୨୫ ତାରିଖରୁ ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଛି । ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି ପାରାୟଣ ଚାଲିବ । ଗଙ୍ଗାଧର ଉଦ୍‌ଗାତା ଭାଗବତ ଗାନ କରୁଛନ୍ତି । ପ୍ରତ୍ୟହ ଅନେକ ଶ୍ରଦ୍ଧାଳୁ ପାରାୟଣ ପୀଠରେ ଉପସ୍ଥିତ ହୋଇ ଭାଗବତ ଶୁଣୁଛନ୍ତି । ମହିଳା କମିଟି ସଦସ୍ୟା ସହଯୋଗ କରୁଛନ୍ତି ।

ଜିଲାପାଳ ଅଫିସ ଆଗରେ ଧାରଣା

ବରଗଡ଼ ଅଫିସ୍,୨୯।୧୦

ଶ୍ରମିକଙ୍କୁ ଶୋଷଣ ଅଭିଯୋଗ

ଜିଲା ଶ୍ରମ ଅଧିକାରୀଙ୍କ ସହିତ ଶ୍ରମିକମାନେ ଆଲୋଚନା କରୁଛନ୍ତି ।

- ଚର୍ଚ୍ଚାରେ ବଉଲସିଂହା ଇଥାନଲ ପ୍ଲାଣ୍ଟ
- ନିର୍ମାଣ ଆରମ୍ଭରୁ ଶ୍ରମିକ ଅସନ୍ତୋଷ
- ଠିକାସଂସ୍ଥା ବିରୋଧରେ ସ୍ମାରକପତ୍ର
- ସ୍ଥାନୀୟ ଶ୍ରମିକଙ୍କୁ ଦିଆଯାଉଛି କମ୍ ପାରିଶ୍ରମିକ
- ଶ୍ରମିକଙ୍କୁ ମିଳୁନି ପିଏଫ୍, ଇଏସ୍ଆଇ ସୁବିଧା
- ଜିଲାପାଳ କହିଲେ ସମାଧାନ ହେବ

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବଉଲସିଂହାଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟରେ ନିୟୋଜିତ ଶ୍ରମିକଙ୍କୁ ସମ୍ପୃକ୍ତ ଠିକାସଂସ୍ଥା ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ସୋମବାର ବରଗଡ଼ ଜିଲା ନିର୍ମାଣ ଶ୍ରମିକ ସଂଘ ନେତୃତ୍ୱରେ ଇଥାନଲ ପ୍ଲାଣ୍ଟରେ କାର୍ଯ୍ୟରତ ସ୍ଥାନୀୟ ଶ୍ରମିକମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହିତ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଇଥାନଲ ପ୍ଲାଣ୍ଟ ନିର୍ମାଣ ଦାୟିତ୍ୱରେ ରହିଥିବା ଠିକାସଂସ୍ଥା ଏଠାରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦେବାରେ ପାତରଅନ୍ତର ନୀତି ଅବଲମ୍ବନ କରୁଛି । ରାଜ୍ୟ ବାହାରୁ ଆସି ଏଠାରେ କାମ କରୁଥିବା ଶ୍ରମିକଙ୍କୁ ଦୈନିକ ୩୫୦ ଟଙ୍କା ପାରିଶ୍ରମିକ ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ୨୯୦ ଟଙ୍କା ପ୍ରଦାନ କରୁଛି । ସେହିପରି ମହିଳା ଓ ପୁରୁଷ ଶ୍ରମିକଙ୍କ କ୍ଷେତ୍ରରେ ମଧ୍ୟ ପାରିଶ୍ରମିକ ପ୍ରଦାନରେ ପ୍ରଭେଦ ରଖାଯାଉଛି । ସ୍ଥାନୀୟ ପୁରୁଷ ଶ୍ରମିକଙ୍କୁ ଦୈନିକ ୨୯୦ ଟଙ୍କା ଦେଉଥିବାବେଳେ ମହିଳା ଶ୍ରମିକଙ୍କୁ ୨୫୦ ଟଙ୍କା ପ୍ରଦାନ କରାଯାଉଛି ।

ଭାରତ ସରକାରଙ୍କ ନିୟମାନୁଯାୟୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଦୈନିକ ୩୭୩ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଉକ୍ତ ଠିକାସଂସ୍ଥା ତାକୁ ଉଲ୍ଲଂଘନ କରୁଛି ବୋଲି ଜିଲା ନିର୍ମାଣ ଶ୍ରମିକ ସଂଘର ଆବାହକ ଇଂ ଦେବବ୍ରତ ମିଶ୍ର ଅଭିଯୋଗ କରିଛନ୍ତି। ସେହିପରି ଶ୍ରମିକଙ୍କ ସୁରକ୍ଷା ପାଇଁ ଠିକାସଂସ୍ଥା ସୁରକ୍ଷା ଉପକରଣ ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଛି । ସେହି ସୁରକ୍ଷା ଉପକରଣ ତଥା ଟୋପି, ଜୋତା ଆଦି ବାବଦକୁ ଠିକାସଂସ୍ଥା କର୍ତ୍ତୃପକ୍ଷ ଶ୍ରମିକଙ୍କ ପାଉଣାରୁ ୬ରୁ ୭ ଶହ ଟଙ୍କା କାଟି ରଖୁଥିବା ଅଭିଯୋଗ ହୋଇଛି । ସେହିପରି କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ପିଏଫ, ଇଏସଆଇ ତଥା ନିୟମାନୁସାରେ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉନାହିଁ ବୋଲି ଜିଲା ନିର୍ମାଣ ଶ୍ରମିକ ସଂଘ ଅଭିଯୋଗ କରିଛି ।

ଉଲ୍ଲେଖନୀୟ, ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ଜିଲାପାଳ ଅଫିସରେ ଆନ୍ଦୋଳନ ଚଳାଇଥିବା ବେଳେ ସ୍ଥାନୀୟ ଶ୍ରମ ଅଧିକାରୀ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ । ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା । ପରେ ଜିଲାପାଳ ତ୍ରିପାଠୀ ସେଠାକୁ ଆସି ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ ଏବଂ ଅଭିଯୋଗ ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହାପରେ ଧାରଣାରୁ ଶ୍ରମିକମାନେ ଓହରିଥିଲେ । ଆସନ୍ତା ୭ଦିନ ମଧ୍ୟରେ ସେମାନଙ୍କ ଅଭିଯୋଗ ଏବଂ ଦାବି ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜିଲା ନିର୍ମାଣ ଶ୍ରମିକ ସଂଘ ନେତୃତ୍ୱରେ ଶ୍ରମିକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଜିଲା ନିର୍ମାଣ ଶ୍ରମିକ ସଂଘର ଆବାହକ ଇଂ ମିଶ୍ରଙ୍କ ନେତୃତ୍ୱରେ ସଂଘର ଅନ୍ୟ କର୍ମକର୍ତ୍ତା, ଶତାଧିକ ଶ୍ରମିକ ଏଥିରେ ସାମିଲ ହୋଇଥିଲେ ।

ବାଳିକା ୟୁଜିଏମଇ ସ୍କୁଲରେ ଜିଲାପାଳ ଜଣେ ଯୁବକଙ୍କୁ ଭୋଟର କାର୍ଡ ବଣ୍ଟନ କରୁଛନ୍ତି ।

ନୂତନ ଭୋଟରଙ୍କୁ କାର୍ଡ ବାଣ୍ଟିଲେ ଜିଲାପାଳ

ବିଜେପୁର, ୨୯।୧୦ (ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକର ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟର ତାଲିକା ସଂଶୋଧନ ଓ ନୂତନ ଭୋଟର କାର୍ଡ ବଣ୍ଟନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବିଜେପୁର ବାଳିକା ୟୁଜିଏମ୍ଇ ସ୍କୁଲରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ନୂତନ ଭାବେ ନାମ ପଞ୍ଜୀକରଣ କରିଥିବା ଭୋଟର ମାନଙ୍କୁ କାର୍ଡ ବଣ୍ଟନ କରିଥିଲେ । ଜିଲାପାଳ ଭୋଟର ତାଲିକା ସଂଶୋଧନରେ ଶିକ୍ଷକ ତଥା ନାଗରିକମାନଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ବିଜେପୁର ବିଡିଓ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ ।

■ ସୁରଭି କାର୍ଯ୍ୟକ୍ରମ କଲେନି

ସିଆରସିସି, ୧୧ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ସୋହେଲା,୨୯।୧୦(ଡି.ଏନ.ଏ)

ସୋହେଲା ବ୍ଲକରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରିବାରେ ଡୁମେରପାଲି କ୍ଲଷ୍ଟରର ସିଆରସିସି ଓ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ଅବହେଳା କରିଥିବାରୁ ସୋହେଲା ବିଇଓ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସମସ୍ତଙ୍କୁ ତିନି ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ଦେବାକୁ ବିଇଓ ମହାନନ୍ଦ ନିର୍ଦ୍ଦେଶ ଜାରି କରିଛନ୍ତି । କାରଣ ଦର୍ଶାଅ ନୋଟିସ୍‌ର ଜବାବ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଏହାସହ ସିଆରସିସି ପ୍ରଦୀପ କୁମାର ନାୟକଙ୍କ ଅକ୍ଟୋବର ମାସର ଦରମାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଅନୁସାରେ, ଗତ ୨୭ ତାରିଖରେ ସୋହେଲା ବ୍ଲକରେ ଥିବା ୧୬ଟି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେହିଦିନ ଡୁମେରପାଲି କ୍ଲଷ୍ଟର ବ୍ୟତୀତ ଅନ୍ୟ କ୍ଲଷ୍ଟରମାନଙ୍କରେ ସୁରଭି କାର୍ଯ୍ୟକ୍ରମ ହୋଇଥିଲା । କିନ୍ତୁ ଡୁମେରପାଲି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ କରାଯାଇ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହା ଉପରେ ବିଇଓ ହେମସାଗର ମହାନନ୍ଦ ଘଟଣାର ଅନୁଧ୍ୟାନ କରି ପତ୍ର ସଂଖ୍ୟା ୩୧୭୪ ଅନୁସାରେ ଡୁମେରପାଲି କ୍ଲଷ୍ଟରରେ କାର୍ଯ୍ୟରତ ସିଆରସିସି ଓ ସମ୍ପୃକ୍ତ ସ୍କୁଲମାନଙ୍କର ପ୍ରଧାନ ଶିକ୍ଷକମାନଙ୍କୁ ନୋଟିସ୍ ଜାରି କରିଛନ୍ତି ।

ସୋହେଲା ବ୍ଲକର ସମସ୍ତ କ୍ଲଷ୍ଟରରେ ୨୬ ତାରିଖରେ ସୁରଭି କାର୍ଯ୍ୟକ୍ରମ ସୁଚାରୁ ରୂପେ କରିବା ପାଇଁ ଦୁଇଟି ବୈଠକ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମସ୍ତ ସିଆରସିସିଙ୍କ ଆକାଉଣ୍ଟକୁ ୩ହଜାର ଟଙ୍କା ଟ୍ରାନ୍ସଫର କରାଯାଇଥିଲା। କିନ୍ତୁ ଡୁମେରପାଲି ସିଆରସିସି କାର୍ଯ୍ୟକ୍ରମ ଆୟୋଜନ କି ନ ଥିଲା। ଏପରିକି ଏହି କ୍ଲଷ୍ଟର ଅଧୀନରେ ଥିବା ୧୧ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଧ୍ୟ କୌଣସି ଅଭିଯୋଗ କରି ନ ଥିଲେ କି ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇ ନାହାନ୍ତି ।

■ ବିଜେପୁର ସରକାରୀ ବାଳିକା ହାଇସ୍କୁଲରେ ଅବ୍ୟବସ୍ଥା

ଶିକ୍ଷୟିତ୍ରୀଙ୍କୁ ଅଟକ, ଧାରଣାରେ ଅଭିଭାବକ

ବିଜେପୁର, ୨୯।୧୦ (ଡି.ଏନ.ଏ)

ବିଜେପୁର ଏନଏସି ସଦର ମହକୁମାରେ ଥିବା ବ୍ଲକର ଏକମାତ୍ର ନୂତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୀର୍ଘଦିନ ଧରି ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ଏହାର ସମାଧାନ ଦିଗରେ ଅଭିଭାବକ ପ୍ରଶାସନକୁ ଜଣାଇଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ତେଣୁ ଅଭିଭାବକମାନେ ଶିକ୍ଷୟିତ୍ରୀମାନଙ୍କୁ ପୂର୍ବାହ୍ନ ୧୦ଟାରେ ଏକ କୋଠରୀରେ ଭର୍ତ୍ତି କରି ତାଲା ପକାଇ ଧାରଣାରେ ବସିଥିଲେ । ଖବର ପାଇ ଥାନାଧିକାରୀ ରାଜେନ୍ଦ୍ର ଶିଆଳ ସେଠାକୁ ପହଞ୍ଚି ଆନ୍ଦୋଳନରତ ଅଭିଭାବକମାନଙ୍କୁ ବୁଝାସୁଝା କରି ଶିକ୍ଷୟିତ୍ରୀମାନଙ୍କୁ ବନ୍ଦ କୋଠରୀରୁ ମୁକ୍ତ କରିଥିଲେ। ବିଦ୍ୟାଳୟର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଶିକ୍ଷୟତ୍ରୀମାନେ ଶିକ୍ଷାଦାନ ନ କରିବାକୁ ସେମାନେ ଅଡି ବସିଥିଲେ । ଫଳରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଖବର ଲେଖାହେବା ସୁଦ୍ଧା (ଅପରାହ୍ନ ୫ଟା ପର୍ଯ୍ୟନ୍ତ) କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ଆସି ନ ଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ମୁତାବକ, ବ୍ଲକର ଏକମାତ୍ର ବାଳିକା ଶିକ୍ଷା ପାଇଁ ରହିଥିବା ଏହି ହାଇସ୍କୁଲରେ ଦୀର୍ଘଦିନରୁ ବିଜ୍ଞାନ ଓ କ୍ଲାସିକାଲ ଶିକ୍ଷକ ପଦବୀ ଖାଲି ରହିଛି । ଉକ୍ତ ସ୍କୁଲର କିରାଣୀ ଏଠାରୁ ଦରମା ପାଉଥିବା ବେଳେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାମ କରୁଛନ୍ତି । ଶିକ୍ଷାର୍ଥୀମାନଙ୍କ ପାଇଁ କୋଠରି ଅଭାବ ରହିଥିବା ବେଳେ ଯେଉଁ କୋଠରି ରହିଛି ସେଥିରୁ ବର୍ଷା ହେଲେ ପାଣି ଗଳୁଥିବା ଅଭିଯୋଗ ହେଉଛି । ପାନୀୟ ଜଳର ସୁବିଧା ନ ଥିବାରୁ ମଧ୍ୟାହ୍ନ ଭୋଜନ ବେଳେ ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ରବୀନ୍ଦ୍ର ପ୍ରଧାନ, ବିଜୟ ବେଶ୍ରା, ସାଧୁ ମେହେର, ଲୋଚନ କୁଦେଇ, ଦିଲୀପ ମାହାଣା ପ୍ରମୁଖ ଅଭିଭାବକ ଚେତାବନୀ ଦେଇଛନ୍ତି । ତେବେ ଏହି ହାଇସ୍କୁଲରେ ବିଜ୍ଞାନ ଓ କ୍ଲାସିକାଲ ଶିକ୍ଷୟିତ୍ରୀ ନିଯୁକ୍ତ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ପତ୍ର ମାଧ୍ୟମରେ ସୋମବାର ଜଣାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଯୋଶୀ ସୂଚନା ଦେଇଛନ୍ତି ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗେଟ୍ ସାମ୍ନାରେ ଅଭିଭାବକମାନେ ଧାରଣାରେ ବସିଛନ୍ତି ।

ରକ୍ତଦାନ କରି ଉଦାହରଣ ସୃଷ୍ଟି କଲେ ଦିବ୍ୟାଙ୍ଗ

ହାତ ନାହିଁ, କିନ୍ତୁ ମନୋବଳ ଅଛି

ଝାରସୁଗୁଡ଼ା ଅଫିସ,୨୯।୧୦

ନିଜର ଦୈନନ୍ଦିନ କାମ କରିବା ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଜଣେ ଯୁବକ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ। ଏପରି କାମ କରିଛନ୍ତି ଯେ, ଯିଏ ଶୁଣୁଛି ସାବାସି ଦେଉଛନ୍ତି। ଦୁର୍ଘଟଣାରେ ନିଜର ଦୁଇଟି ହାତ ହରାଇଥିଲେ ମଧ ସୋମବାର ଦିନ ଏକ ଜରୁରୀ ପରିସ୍ଥିତିରେ ହସ୍ପିଟାଲରେ ଉପସ୍ଥିତ ହୋଇ ଜଣେ ରୋଗୀଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଛନ୍ତି। ଯୁବକ ଜଣକ ହେଲେ ଝାରସୁଗୁଡ଼ା ଜିଲା ବାଗଡିହି ବରପାଏନର ନରୋତ୍ତମ ସାହୁ। ନରୋତ୍ତମ ଗତ ୬-୭ ବର୍ଷ ପୂର୍ବରୁ ଜେସିବି ଚଳାଉଥିଲେ। କାମ କରୁଥିବା ସମୟରେ ୧୧ କେ.ଭି. ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତ ଦୁଇଟି ହରାଇଥିଲେ। ହେଲେ ମନୋବଳ ହରାଇ ନ ଥିଲେ। ସୋମବାର ନିଜ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଝାରସୁଗୁଡ଼ା ଆସିଥିବାବେଳେ ଅନ୍ୟ ଜଣେ ରୋଗୀଙ୍କ ରକ୍ତ ଆବଶ୍ୟକ ସମ୍ପର୍କରେ ସ୍ୱେଚ୍ଛାସେବୀ ଦେବାନନ୍ଦ ବାରିକଙ୍କ ଠାରୁ ଖବର ପାଇଥିଲେ। ଖବର ପାଇବା ମାତ୍ରେ ନରୋତ୍ତମ ରକ୍ତ ଦେବାକୁ ଆଗଭର ହୋଇଥିଲେ ଏବଂ ଜିଲା ଚିକିତ୍ସାଳୟ ବ୍ଲଡବ୍ୟାଙ୍କରେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ।

ନରୋତ୍ତମ ରକ୍ତ ଭଣ୍ଡାରରେ ରକ୍ତଦାନ କରୁଛନ୍ତି।

କବିତା ଆସରରେ ଉପସ୍ଥିତ ଅତିଥି।

ସାହିତ୍ୟ ସଂସଦର ପାର୍ବଣ କବିତା ଆସର

ଝାରସୁଗୁଡ଼ା ଅଫିସ,୨୯।୧୦

ଶ୍ୟାମସୁନ୍ଦର ସାହିତ୍ୟ ସଂସଦ ତରଫରୁ ରବିବାର ଝାରସୁଗୁଡ଼ା କାଳୀମନ୍ଦିରସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ ଭବନରେ ପାର୍ବଣ କବିତା ଆସର ହୋଇଯାଇଛି। ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଜୟ ନାରାୟଣ ତ୍ରିପାଠୀ, ଶିକ୍ଷାବିତ୍ ଲଳିତ ମୋହନ ଦାଶ, ସାହିତ୍ୟ ଏକାଡେମୀ ସଦସ୍ୟ ମନ୍ଦାକିନୀ ଶତପଥୀ, ଲଳିତ ମୋହନ ଖମାରୀ, ଭୋଜରାଜ ପରୁଆ ପ୍ରମୁଖ ଯୋଗଦେଇ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି ଦିଗରେ ମନୋନିବେଶ କରିବାକୁ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି ଭଗବତୀ ଜୟପୁରିଆ, ଗୋପୀନାଥ ସେଠ୍, ଅରୁଣ କୁମାର ଜୟପୁରିଆ, ଲଳିନ୍ଦ୍ର ଗୋଖରା, ବୈକୁଣ୍ଠ ନାଏକ ସଚୀନ୍ଦ୍ର ପଟେଲ, ରୋମାଞ୍ଚ ସୁନାନୀ, ଟଙ୍କଧର କୁଆ, ସଞ୍ଜୟ କୁମାର ସାହୁ, ବିରଞ୍ଚି ନାରାୟଣ ଜେନା, ସରୋଜ କୁମାର ପରୁଆ, ନିତ୍ୟାନନ୍ଦ ଜଗତ, ବିଳାସିନୀ ଦଣ୍ଡପାଟ, କବିତା ପଟେଲ, ଜଗଦୀଶ ପୃଷ୍ଠେଠ୍, ଚିଦାନନ୍ଦ ସାହୁ, ମୀରା ନାଏକ, ପ୍ରମୋଦ ନାଏକ, ପଦ୍ମିନୀ କରାଲି, ସୁଶୀଲ କୁମାର ବାଗ୍ ପ୍ରମୁଖ କବିତା ପାଠ କରିଥିଲେ।

ଜିଲାସ୍ତରୀୟ ଚକ୍ଷୁ ସ୍ୱାସ୍ଥ୍ୟ ସୁନେତ୍ର ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୯।୧୦(ଡି.ଏନ୍.ଏ.)

ଜିଲାସ୍ତରୀୟ ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ ସୁନେତ୍ର ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲୀପ କୁମାର ଷଡଙ୍ଗୀ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ସମ୍ମିଳନୀକକ୍ଷଠାରେ ମୁଖ୍ୟ ଚିକିତ୍ସା ଅଧିକାରୀ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ପଙ୍କଜ କୁମାର ପଟେଲ ଅଭିଯାନଲୁ ସଫଳ କରିବାରେ ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲା ଅନ୍ଧତ୍ୱ ଦୂରିକରଣ ପ୍ରୋଗ୍ରାମ ଅଫିସର ଡା.ପୂର୍ଣ୍ଣଚନ୍ଦ୍ର ସାହୁ ସୁନେତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଡା. ଶଶାଙ୍କ ଶେଖର ଚୌଧୁରୀ, ମହେନ୍ଦ୍ର ବାଗ, ଦୀପକ କୁମାର ମହାନ୍ତି, ଅଶ୍ୱିନୀ କୁମାର ମିଶ୍ର, ଦିଲୀପ ସାହୁ, ସନ୍ତୋଷ ପାଣ୍ଡେ, ସତ୍ୟସୁନ୍ଦର ଦାସମହାପାତ୍ର, ହୀରାଲାଲ ସାହୁ, ଶକ୍ତି ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଚକ୍ଷୁସ୍ୱାସ୍ଥ୍ୟ ସୁନେତ୍ର ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀ ଓ ଅନ୍ୟମାନେ।